# ବସନ୍ତର ନିଛକ ଜିଲ୍ଲାରେ...

ସମ୍ପାଦନା
ମନୁ ଦାଶ
ଡ. ଅଶୋକ କୁମାର ଚୌଧୁରୀ
ସୁମନ୍ୟୁ ଶତପଥୀ

Digitized by PPRACHIN, SOA

# ବସନ୍ତର ନିଚ୍ଛକ ଜିଲ୍ଲାରେ...

ସଂପାଦନା

ମନୁ ଦାଶ
ଅଶୋକ କୁମାର ଚୌଧୁରୀ
ସୁମନ୍ୟୁ ଶତପଥୀ

ଏଥେନା ବୁକସ୍
ଭୁବନେଶ୍ୱର

Digitized by PPRACHIN, SOA

**ବସନ୍ତର ନିଛକ ଜିଲ୍ଲାରେ...**

ସଂପାଦନା : ମନୁ ଦାଶ
ଅଶୋକ କୁମାର ଚୌଧୁରୀ
ସୁମନ୍ୟୁ ଶତପଥୀ

ପ୍ରକାଶକ : ଏଥେନା ବୁକ୍ସ, ଭୁବନେଶ୍ୱର-୨
ପ୍ରଚ୍ଛଦ : ତନୁଜ ମଲ୍ଲିକ୍
ଅକ୍ଷର : ରଞ୍ଜନା, ଗୌରୀନଗର, ଭୁବନେଶ୍ୱର
ମୁଦ୍ରଣ : ଏଥେନା ବୁକ୍ସ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ : ୨୦୦୮
ପୃଷ୍ଠା : ୧୪୪
ମୂଲ୍ୟ : ୮୦/-

**Basantara Nichhaka Jillare...**

Edited by : Manu Das,
Ashok Kumar Choudhury
Sumanyu Satpathy

Published by : Athena Books, Bhubaneswar-2
Cover Design : Tanuj Mallick
Type : Ranjana, Gouri Nagar, Bhubaneswar
Printed by : Athena Books, Bhubaneswar
1st Edition : 2008
Page : 144

**Price : 80/-**

ISBN-13 978-81-89593-46-9

Digitized by PPRACHIN, SOA

# ଆମର କହିବା କଥା

ଓଡ଼ିଆ ଗଳ୍ପ ସାହିତ୍ୟ ପାଇଁ ସାରା ଜୀବନ ସମର୍ପି ଦେଇଥିବା ଗାଳ୍ପିକ ବସନ୍ତ କୁମାର ଶତପଥୀ ଓ ତାଙ୍କ କୃତିର ମୂଲ୍ୟାୟନ ଏଯାବତ୍ କରିବା ଲାଗି ପ୍ରଚେଷ୍ଟା ମଧ୍ୟ ହୋଇନାହିଁ । କେବଳ ଫକୀରମୋହନ ମାଟିର ନୁହେଁ, ତାଙ୍କର ଜଣେ ସୁଯୋଗ୍ୟ ଉତ୍ତରାଧିକାରୀ ଭାବେ ବସନ୍ତବାବୁ ଯେଉଁ ସବୁ ଗଳ୍ପରେ ଆମ ସାହିତ୍ୟଜଗତକୁ ସମୃଦ୍ଧ କରିଛନ୍ତି ତା'ର ପଟାନ୍ତର ନାହିଁ ।

ଉତ୍ତର ସ୍ୱାଧୀନତା କାଳରେ ଯେଉଁ ତିନିଜଣ ଗାଳ୍ପିକ ନିଜ ସୃଷ୍ଟିରେ ବ୍ୟଙ୍ଗର ଛଟାକୁ ଆମନ୍ତ୍ରଣ କରିଥିଲେ, ସେମାନେ ହେଲେ ବସନ୍ତ କୁମାର ଶତପଥୀ, ଚୌଧୁରୀ ହେମକାନ୍ତ ମିଶ୍ର ଓ ଫତୁରାନନ୍ଦ । ବସନ୍ତବାବୁଙ୍କ ଗଳ୍ପଶୈଳୀରେ ଫକୀରମୋହନଙ୍କ ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ । ତା' ଛଡ଼ା ଇଂରେଜୀ ସାହିତ୍ୟର ଲ୍ୟାମ୍ବ, ଡିକେନ୍ସ୍ ଏବଂ ସମରସେଟ୍ ମମ୍‌ଙ୍କ ଦ୍ୱାରା ସେ ଗଭୀର ଭାବେ ପ୍ରଭାବିତ ।

ଏକଥା କହିବା ଅପ୍ରାସଂଗିକ ହେବ ନାହିଁ ଯେ, ପ୍ରତି ଲେଖକର ଜୀବନ ତା'ର ସୃଷ୍ଟି କର୍ମକୁ ଊଣାଅଧିକେ ପ୍ରଭାବିତ କରିଥାଏ । ବସନ୍ତବାବୁ ଏହାର ବ୍ୟତିକ୍ରମ ନୁହଁନ୍ତି । ଖୁବ୍ କମ୍ ବୟସରେ ବସନ୍ତବାବୁଙ୍କ ଜୀବନରେ ଦୁଃଖ ଆସେ ଯେତେବେଳେ ଗାଳ୍ପିକଙ୍କର ପତ୍ନୀ ବିୟୋଗ ଘଟେ ଏବଂ ୧୯୬୭ ମସିହାରେ ସବା ସାନପୁଅ ପାଣିରେ ବୁଡ଼ି ପ୍ରାଣ ଦିଏ ।

ଜୀବନ ଆଉ ମୃତ୍ୟୁକୁ ବୁଝିବା ଓ ହେଜିବା ପାଇଁ ଏ ସବୁ ଅଘଟଣ ଖୋରାକ୍ ଯୋଗାଏ ତାଙ୍କୁ । ହୁଏତ ସେଇ କାରଣରୁ ତାଙ୍କ ଗଳ୍ପରେ ଦୁଃଖ ଓ ଯନ୍ତ୍ରଣାର ରଂଗ ବେଶ୍ ଗାଢ଼ । ଦାରିଦ୍ର୍ୟର କଷଣ, ବାସ୍ତୁହରା, ଭିକାରି, କାଠୁରିଆ ତଥା ରିକ୍ସା ଚାଳକର ଜୀବନ ଚିତ୍ରଣରେ ତାଙ୍କ ଗଳ୍ପ ବେଶ୍ ମୁଖର । 'ସଂବେଦନା' ତାଙ୍କ ଗଳ୍ପର ଏକ ବୃହତ୍ ବିଭବ । ଦୁଃଖର ପାହାଡ଼କୁ ଅନାୟସରେ ଅତିକ୍ରମ କରିବା ପାଇଁ ସେ ସାହାରା ନେଇଛନ୍ତି ବିଦ୍ରୂପ ଏବଂ ବିମଳ ହାସ୍ୟରସର ।

ବସନ୍ତବାବୁଙ୍କ ଅଧିକାଂଶ ଗଳ୍ପରେ 'ମୁଁ'ଟିଏ ଥାଏ । ଅଧିକାଂଶ ମନେକରି ନିଅନ୍ତି ଯେ ସେ 'ମୁଁ' ହେଉଛନ୍ତି ଖୋଦ୍ ବସନ୍ତବାବୁ ଏବଂ ସେଇ କାରଣରୁ ତାଙ୍କ ଗଳ୍ପଗୁଡ଼ିକ ଆତ୍ମଜୀବନୀମୂଳକ ବୋଲି ଧାରଣା କରିନିଅନ୍ତି ପାଠକ ଓ ସମାଲୋଚକ । ମାତ୍ର ଗଳ୍ପର ଚରିତ୍ର 'ମୁଁ' ଏବଂ ବସନ୍ତବାବୁଙ୍କ 'ମୁଁ' (ଅର୍ଥାତ୍ ଗାଳ୍ପିକ ନିଜେ) ଏକା ନୁହଁନ୍ତି । ଦୁହେଁ

Digitized by PPRACHIN, SOA

ଅଲଗା ଅଲଗା ପୃଥିବୀର ବାସିନ୍ଦା । ଯଦିଓ ବସନ୍ତବାବୁଙ୍କ 'ମୁଁ' ଗଳ୍ପରେ ଅବତାରଣା କରାଯାଇଥିବା 'ମୁଁ'କୁ କେତେବେଳେ ଗଳ୍ପର ମୁଖ୍ୟନାୟକ କରି ଚିତ୍ରଣ କରିଥାଏ । ଗଳ୍ପର 'ମୁଁ' ହେଇପାରେ ଶିକ୍ଷିତ, ଅଶିକ୍ଷିତ, ବେକାର ଅଥବା ଜମିଦାର । ମାତ୍ର ଗାଳ୍ପିକଙ୍କ ଧାରୁଆ ନଖର କବଳରୁ ମୁକ୍ତି ମିଳେନା ସେ 'ମୁଁ'କୁ ସହଜରେ । ମଣିଷର ଛଳନା ଓ ନିଷ୍ଠୁରତାକୁ ରାମ୍ପି ବିଦାରି ପାଠକ ସାମ୍ନାରେ ରଖି ଦିଅନ୍ତି ସେ । ଯେଉଁମାନେ ଗାଳ୍ପିକ ବସନ୍ତ ଶତପଥୀଙ୍କ ଗଳ୍ପର 'ମୁଁ'କୁ ତାଙ୍କ ନିଜ ଜୀବନ ବା ଅଭିଜ୍ଞତାର ସୂତ୍ରଧର ବୋଲି ଧରି ନେଇଥାନ୍ତି ସେମାନେ ଏଥିରୁ ନିବୃତ୍ତ ରହିବେ ବୋଲି ଆଶା କରିବା ସ୍ୱାଭାବିକ୍ ।

ଅନେକ ବର୍ଷ ପରେ ବସନ୍ତବାବୁଙ୍କ ଗଳ୍ପ ସଂପର୍କରେ ନିଜର ସୁଚିନ୍ତିତ ଲେଖାମାନ ଦେଇଥିବାରୁ ଏଥିରେ ସନ୍ନିବେଶିତ ସମସ୍ତ ଲେଖକଙ୍କ ପାଖରେ ସଂପାଦନାମଣ୍ଡଳୀ ଗଭୀର କୃତଜ୍ଞ । ବସନ୍ତବାବୁଙ୍କ କୃତିର ମୂଲ୍ୟାଙ୍କନକୁ ଏକତ୍ର କରି ପ୍ରକାଶନ ପାଇଁ ନିଜ ତରଫରୁ ଉତ୍ସାହ ଦେଖାଇଥିବା ପ୍ରକାଶକ ବନ୍ଧୁ ଶ୍ରୀ ରାଜକିଶୋର ଦାସଙ୍କୁ ମଧ୍ୟ କୃତଜ୍ଞତା ଜଣାଉଛୁ ଏଇଥି ପାଇଁ ଯେ ବସନ୍ତପ୍ରେମୀଙ୍କ ପାଇଁ ସେ ଏକ ସୁଯୋଗ ସୃଷ୍ଟି କରିଛନ୍ତି ।

ସଂପାଦନାମଣ୍ଡଳୀ

Digitized by PPRACHIN, SOA

# ସୂଚୀ


| | | | |
|---|---|---|---|
| ୧. | ଶୁଆ ନିଜ ତୁଣ୍ଡରେ କହିବ | ଚିନ୍ତାମଣି ବେହେରା | ୭ |
| ୨. | ପ୍ରଳୟ ସମୁଦ୍ରରୁ ଜୀବନବେଦର ସନ୍ଧାନୀ | ବ୍ରଜନାଥ ରଥ | ୧୨ |
| ୩. | କଥାକାର ବସନ୍ତକୁମାର ଶତପଥୀଙ୍କ ଗଳ୍ପରେ | | |
| ବିରାଜ ମୋହନ ଦାସ | | ୨୬ | |
| | ମୟୂରଭଞ୍ଜର ଆଦିବାସୀ ସଂପ୍ରଦାୟ | | |
| ୪. | କଥାକାର ବସନ୍ତଙ୍କ ଭାବଭୂମିର ଭୂୟୋଦର୍ଶନ | ଗଣେଶ ପ୍ରସାଦ ଦାସ | ୩୩ |
| ୫. | ବସନ୍ତାୟନ | ଗିରିବାଳା ମହାନ୍ତି | ୪୧ |
| ୬. | ମିଡ଼ାସର ଗଳ୍ପ | କଇଳାଶ ପଟ୍ଟନାୟକ | ୫୦ |
| ୭. | କ୍ଷୁଦ୍ରଗଳ୍ପ, କ୍ଷୁଦ୍ରତା ଏବଂ ବସନ୍ତ ଶତପଥୀଙ୍କ ଗଳ୍ପକଳା | ହିମାଂଶୁ ଶେଖର ମହାପାତ୍ର | ୫୬ |
| ୮. | ଜୀବନବାଦୀ କଥାକାର ବସନ୍ତ ଶତପଥୀ | ବିରାଜ ମୋହନ ଦାସ | ୫୯ |
| ୯. | ଗାଳ୍ପିକ ବସନ୍ତ ଶତପଥୀଙ୍କ ଗଳ୍ପ ମାନସ | ବାଞ୍ଛାନିଧି ଦାସ | ୬୭ |
| ୧୦. | ବସନ୍ତ ଶତପଥୀଙ୍କ ଗଳ୍ପରେ ଜଗନ୍ନାଥ-ଚେତନା | ବିରାଜ ମୋହନ ଦାସ | ୭୭ |
| ୧୧. | ବିଷଣ୍ଣ ବିଦୂଷକ, ଜୀବନ ପ୍ରେମିକ : ବସନ୍ତ କୁମାର ଶତପଥୀ | ବିଭୂତି ପଟ୍ଟନାୟକ | ୮୫ |
| ୧୨. | ପୁଅ ପାଇଁ ଝିଅ | କୁଞ୍ଜ ରାଏ | ୮୯ |
| ୧୩. | ଏଣ୍ଟି-ରୋମାଣ୍ଟିକ୍ ଗାଳ୍ପିକଙ୍କର ରୋମାଣ୍ଟିକ୍ ସ୍ୱର | ବିରାଜ ମୋହନ ଦାସ | ୯୧ |
| ୧୪. | ଛ'ମାଣ ଆଠଗୁଣ୍ଠ ଓ ଚମ୍ପା | ସଂଘମିତ୍ରା ମିଶ୍ର | ୧୦୩ |
| ୧୫. | ବସନ୍ତ କୁମାର ଶତପଥୀ : ଜୀବନୀ ଓ ସାହିତ୍ୟ | ଦୁର୍ଗାପ୍ରସନ୍ନ ପଣ୍ଡା | ୧୧୨ |
| ୧୬. | ଭାରତୀୟ ରେଳବାଇ ଓ ମକା | ମନୁ ଦାଶ | ୧୩୦ |
| ୧୭. | ବସନ୍ତ ଶତପଥୀ ଓ ସମକାଳୀନ କେତେକ ଗାଳ୍ପିକ | ବିଚିତ୍ରନାଥ ସାହୁ | ୧୩୩ |


Digitized by PPRACHIN, SOA

Digitized by PPRACHIN, SOA

# ଶୁଆ ନିଜ ତୁଣ୍ଡରେ କହିବ

ଚିନ୍ତାମଣି ବେହେରା

''ଶୁଆ ମୂଲ ଶୁଆ ନିଜ ତୁଣ୍ଡରେ କହିବ'' କଥାଟି ଆମ ଦେଶରେ ଏକ ପ୍ରବଚନ ରୂପେ ପ୍ରଚଳିତ । ଏହି କଥାଟିର ଜନ୍ମ ପୁଣି କାହାଣୀ କଳାର ଗର୍ଭରୁ । କେବଳ ଶୁଆପ୍ରତି ନୁହେଁ, କାହାଣୀ କଳାପ୍ରତି ଯେପରି ଏକଥାଟି ପ୍ରଯୁଜ୍ୟ ସମସ୍ତ କଳା ସୃଷ୍ଟିପ୍ରତି ଏହାର ତାତ୍ପର୍ଯ୍ୟ ସେହିପରି ସମ ଭାବରେ ପରିମାପର ଏକ କଷଟି । ସୃଷ୍ଟିର ମୂଲ୍ୟବୋଧ ଓ ଗୌରବ ତା'ରି ଅଭିବ୍ୟକ୍ତିର ଅନ୍ତରାଳରେ ନିହିତ । ସେ ମୂଲ୍ୟବୋଧ ଓ ଗୌରବ ପରିଚୟ ଲାଭ କରେ ଯଥାର୍ଥ ବିଦଗ୍ଧ ଓ ବିବେକୀ ଗ୍ରାହକ ମୋର ବନ୍ଧୁ ଅଧ୍ୟାପକ ଶ୍ରୀ ଶତପଥୀଙ୍କର ଗୁଡ଼ିଏ ଗଳ୍ପର ସଙ୍କଳନ 'ଏଣ୍ଟିରୋମାଣ୍ଟିକ୍' ନାମରେ ପ୍ରକାଶିତ ହେବାକୁ ଯାଉଛି । ବନ୍ଧୁଙ୍କର ଇଚ୍ଛା, ପାଠକମାନଙ୍କ ପାଇଁ ଏହି ଗ୍ରନ୍ଥଟିର ଗୋଟିଏ କ୍ଷୁଦ୍ର ତୋରଣ ପଥ ମୁଁ ନିର୍ମାଣ କରିବି । ବନ୍ଧୁତ୍ୱର ଅନୁରୋଧ ଏଡ଼ିବା ଯେକୌଣସି ବ୍ୟକ୍ତି ପକ୍ଷରେ ଦୁଃସାଧ । ବିଶେଷତଃ ବସନ୍ତବାବୁ ସ୍ରଷ୍ଟା ଏବଂ ବୟସରେ ପୁଣି ମୋଠୁଁ ବୟୋଜ୍ୟେଷ୍ଠ । ମାତ୍ର ବନ୍ଧୁତ୍ୱ ଏପରି ଏକ ଆତ୍ମସମ୍ପଦ ଯାହା ଅବସର-ବ୍ୟବଧାନ ବା ସୀମାସରହଦ୍‌କୁ ଅସ୍ୱୀକାର କରିଥାଏ ଏବଂ ଏ କ୍ଷେତ୍ରରେ ତାହାହିଁ ଘଟିଛି ମଧ । ତେଣୁ ତାଙ୍କର ପ୍ରସ୍ତାବ ଓ ଅନୁରୋଧରେ ମୁଁ ସମ୍ମତ ହେଲି । ସମ୍ମତ ହେବାର ଅନ୍ୟ ଏକ କାରଣ ହେଉଛି ପ୍ରକାଶମୁଖୀ ଗ୍ରନ୍ଥର ସମସ୍ତ ଗଳ୍ପ ସମ୍ଭାର ବାଲେଶ୍ୱରରେ ଆମର ଏକତ୍ର ଅବସ୍ଥାନ କାଳରେ ଲିଖିତ । ତେଣୁ ବିବାହ ପୂର୍ବରୁ ବଧୂଦର୍ଶନ ଏ ଗଳ୍ପଗୁଡ଼ିକର ପ୍ରକାଶ ପୂର୍ବରୁ କେବଳ ଦର୍ଶନ ନୁହେଁ, ସେ ସ୍ପର୍ଶନ ଓ ଉପଭୋଗର ସୌଭାଗ୍ୟ ମଧ ମୁଁ ପାଇଛି । ତଥାପି ଗଳ୍ପଗୁଡ଼ିକର ଅନ୍ତର୍ନିହିତ ରସଚେତନା, ଜୀବନବୋଧ ଓ କଳାମୂଲ୍ୟ ସମ୍ପର୍କରେ ମୁଁ ବିଶେଷ କିଛି କହିବି ନାହିଁ । ପ୍ରତ୍ୟେକ ପାଠକ ନିଜର ବିଚାରଶୀଳତା, ସହୃଦୟତା ଓ ବୈଦଗ୍ଧ୍ୟ ଦୃଷ୍ଟିରୁ ସେଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରିବେ । ମୁଁ କେବଳ ବସନ୍ତବାବୁଙ୍କ ଜୀବନ ଓ ସାଧନା ସମ୍ପର୍କରେ ଯେତିକି ଜାଣେ ସେତକ କହିବି ।

ବସନ୍ତବାବୁଙ୍କ ସହିତ ମୋର ବନ୍ଧୁ ସମ୍ପର୍କ ସ୍ଥାପିତ ହେବା ପୂର୍ବରୁ (୧୯୬୨) ମୁଁ ତାଙ୍କ ସହିତ ସାରସ୍ୱତ ସମ୍ପର୍କ ସ୍ଥାପନ କରି ସାରିଥିଲି । ଏହା ସମ୍ଭବ ହୋଇଥିଲା ତାଙ୍କର ସମୀକ୍ଷା ମୂଳକ କେତୋଟି ପ୍ରବନ୍ଧ ସାହାଯ୍ୟରେ । ତା'ପୂର୍ବରୁ ତାଙ୍କର ଯେଉଁ ଦୁଇଟି ସମାଲୋଚନା 'ଭଞ୍ଜପ୍ରଦୀପ'ରେ ପଢ଼ିବାର ସୁଯୋଗ ମୁଁ ପାଇଥିଲି ତା' ମଧ୍ୟରୁ ତାଙ୍କର 'ଫକୀରମୋହନ ସେନାପତି' ଶୀର୍ଷକ ସମୀକ୍ଷାଟି ମୋତେ ଆକୃଷ୍ଟ କରିଥିଲା । ଏହି ଆଲୋଚନାଟିର ଅନ୍ତର୍ନିହିତ ରସ ଚେତନା, ଆଲୋକ ଓ ବିଶ୍ଲେଷଣୀ ପ୍ରତିଭା ଫକୀରମୋହନ ପ୍ରତିଭା ସମ୍ବନ୍ଧୀୟ ବହୁ ପୁସ୍ତକ ଓ ପ୍ରବନ୍ଧ ମଧ୍ୟରେ ଏହା ଉଲ୍ଲେଖଯୋଗ୍ୟ ସ୍ଥାନର ଅଧିକାରୀ (ଦୁର୍ଭାଗ୍ୟବଶତଃ ତା' ପୁଣି ଅସଂପୂର୍ଣ୍ଣ) ଏହା ପ୍ରକାଶିତ ୧୫ଶ ଓ ୧୬ଶ ଭାଗ ଭଞ୍ଜ ପ୍ରଦୀପ'ରେ ହୋଇଥିଲା ।



Digitized by PPRACHIN, SOA

ତାଙ୍କର 'ଜଳକ୍ରୀଡ଼ା', 'ସାଧବ ଝିଅ' ଓ 'ସ୍ୱର୍ଣ୍ଣରେଣୁ' ଶୀର୍ଷକ ତିନୋଟି ରସଧର୍ମୀ ଆଲୋଚନା ମଧ୍ୟ ଏଇ 'ଭଞ୍ଜ ପ୍ରଦୀପ'ରେ ପ୍ରକାଶିତ । ତାଙ୍କର ସମାଲୋଚନା ପଢ଼ି ମୁଁ ଅନୁଭବ କରିଥିଲି ଯେ, ସେ ନିଶ୍ଚୟ ସ୍ୱଷ୍ଟବାଦୀ ଓ ରସବନ୍ତ ହୋଇଥିବେ । ବ୍ୟକ୍ତି ସମ୍ପର୍କରେ ଆସିବା ଦିନଠୁଁ ମୋର ଏ ପ୍ରାଥମିକ ଧାରଣା ବଦ୍ଧମୂଳ ହୋଇଛି ସିନା, କମିନାହିଁ ।

ଗୋଟିଏ ମାତ୍ର ସ୍ଥାନାନ୍ତରିତ ହୋଇ ଆସି ଫକୀରମୋହନ କଲେଜରେ ମୁଁ ଯେତେବେଳେ ଯୋଗଦିଏ ଏବଂ ବସନ୍ତବାବୁଙ୍କ ପ୍ରତ୍ୟକ୍ଷ ପରିଚୟ ଲାଭକରେ ସେତେବେଳେ ଲକ୍ଷ୍ୟକଲି ଯେ, ତାଙ୍କର ବୌଦ୍ଧିକ ରସଚେତନା ଓ ସ୍ୱଷ୍ଟବାଦିତା କେତେକାଂଶରେ ଲୌକିକ ଓ ସଙ୍କୁଚିତ ବିଦୂଷକ ପ୍ରବୃତ୍ତି ମଧ୍ୟରେ ଆକ୍ରାନ୍ତ ଓ ଆଚ୍ଛନ୍ନ । ଆପାତଃ ପ୍ରିୟତା ବୋଲି ସେ ଯାହାକୁ ମନେ କରୁଥିଲେ ତାହାଥିଲା ତାଙ୍କର କ୍ଷୁବ୍‌ଧ ଓ ମୁମୂର୍ଷୁ ପ୍ରତିଭାର ମରୀଚିକା ଜଳସ୍ନାନ ସଦୃଶ ଅସାର ଆତ୍ମ- ସନ୍ତୋଷ ଓ ବିକଳଆତ୍ମ ଅନ୍ୱେଷା । ନିଜେ କସ୍ତୁରୀ ଧାରଣକରି ମଧ୍ୟ ଇତର ଗନ୍ଧର ସନ୍ଧାନରେ ସେ ଥିଲେ ବିଭୋର । ତାଙ୍କ ସହିତ ମୋର ବନ୍ଧୁତ୍ୱ କ୍ରମେ ଯେତିକି ଘନିଷ୍ଠ ଓ ଅନ୍ତରଙ୍ଗ ହେବାକୁ ଲାଗିଲା, ତାଙ୍କର ବ୍ୟକ୍ତି ଜୀବନର ନେପଥ୍ୟରେ ଏକ ନିଃସଂଗ ଓ ଯନ୍ତ୍ରଣା ଜର୍ଜର ଆତ୍ମାର ପରିଚୟ ମୁଁ ସେତିକି ଗଭୀର ଭାବରେ ଲାଭ କଲି । ଏଥିପୂର୍ବରୁ ତାଙ୍କ ଜୀବନମଞ୍ଚରୁ ତାଙ୍କର ପ୍ରିୟତମା ପତ୍ନୀ ତ ସବୁକାଳ ସକାଶେ କୃନ୍ଦାଇ (କନ୍ଦାଇ ଅତି) କରୁଣ ଓ ଶୋଚନୀୟ ଭାବରେ, ବିଦାୟ ନେଇଯାଇଛନ୍ତି । ତାଙ୍କର ଜୀବନ ବେଦିରୁ ଗାୟତ୍ରୀ ମନ୍ତ୍ର ଯେପରି ନିଶ୍ଚିହ୍ନ । ଯେଉଁ ଅବସ୍ଥା ବା ପରିସ୍ଥିତିରେ ମନୁଷ୍ୟ ସଂସାର ବା ଈଶ୍ୱରଙ୍କ ପ୍ରତି ଅବିଶ୍ୱାସୀ ବା ପ୍ରତିଶୋଧ ପରାୟଣ ହୁଏ ଏବଂ ଯେତେବେଳେ ସେମାନଙ୍କର ଅସ୍ତିତ୍ୱରେ ମଧ୍ୟ ସେ ଆସ୍ଥାହୀନ ହୁଏ ଓ ନିଜ ଦୁଃଖରେ ନିଜକୁ ବିଦୀର୍ଣ୍ଣ କରିବାକୁ ପ୍ରୟାସୀ ହୁଏ, ସେହିପରି ଏକ ମାନସିକ ଅବସ୍ଥା ଓ ଆତ୍ମସଙ୍କଟ ବସନ୍ତବାବୁଙ୍କର ଆସିଥିଲା । ମାତ୍ର ବସନ୍ତବାବୁଙ୍କୁତ ପୁଣି ବଞ୍ଚିବାକୁ ପଡ଼ିବ । ତାଙ୍କୁ ସଂସାର ବା ସହଜରେ ଛାଡ଼ିଦେବ କାହିଁକି ? ସେ ନାନା ରୂପରେ ନିଜର ଶୁଳ୍‌କ ମୁନଷ୍ୟଠୁ ଆଦାୟ କରିବ । ତେଣୁ ଏ ପ୍ରଳୟ ସମୁଦ୍ରରୁ ନିଜର ଜୀବନ ଦାରୁକୁ ବସନ୍ତବାବୁ କିପରି ଉଦ୍ଧାର କରିବେ ।

ବାଲେଶ୍ୱରକୁ ଆସିବା ପୂର୍ବରୁ ଆଉ ଖଣ୍ଡିଏ ପୁସ୍ତକ ତାଙ୍କର ଆତ୍ମପ୍ରକାଶ କରିଥିଲା । ବହିଟିର ନାମ 'ନବ ନାଟିକା' ଏହା କେତେକ ଏକାଙ୍କିକାର ସମାହାର । ପ୍ରତ୍ୟେକଟି ଏକାଙ୍କିକାର କଥାବସ୍ତୁ ନାଟ୍ୟକାରଙ୍କ' ଭାବର ଆଧାର ଉପରେ ପର୍ଯ୍ୟବସିତ । ମାତ୍ର ସମ୍ପୂର୍ଣ୍ଣ ମୌଳିକ ଓ ସ୍ୱଦେଶ । ପୁଣି କେନ୍ଦ୍ର ସରକାରଙ୍କର ସାହିତ୍ୟ ଏକାଡେମୀ ଦ୍ୱାରା ଭାରପ୍ରାପ୍ତ ହୋଇ ଓଡ଼ିଆ କାବ୍ୟ-କବିତାର ଏକ ପ୍ରତିନିଧିମୂଳକ ସଂକଳନର କାର୍ଯ୍ୟ ଏହା ପୂର୍ବରୁ ସେ ସମ୍ପନ୍ନ କରିଥିଲେ ଏବଂ ବର୍ତ୍ତମାନ ତାହା ପ୍ରକାଶମୁଖୀ ଅବସ୍ଥାରେ ମୁଦ୍ରାଯନ୍ତ୍ର ଗର୍ଭରେ ନିହିତ । ପୁଣି ଚାର୍ଲସ ଲେମ୍ବଙ୍କ ଲିଖିତ ସେକ୍‌ସପିୟାରଙ୍କ ନାଟ୍ୟ କାହାଣୀମାଳାକୁ ସେ ସ୍ୱକୀୟ ସ୍ପର୍ଶ ଦେଇ ଓଡ଼ିଆରେ ପୂର୍ବରୁ ଅନୁବାଦ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ବର୍ତ୍ତମାନ ତାହା ପ୍ରାୟ ସମ୍ପୂର୍ଣ୍ଣ । ଏହା ପୂର୍ଣ୍ଣାଙ୍ଗ ହେଲେ ଓଡ଼ିଆ ସାହିତ୍ୟରେ ଏକ ଅନୁକରଣୀୟ ଗ୍ରନ୍ଥ ହୋଇ ରହିବ । କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ରବୀନ୍ଦ୍ରନାଥଙ୍କ 'ରାଜା' ନାଟକର ଅନୁବାଦ ସେ କରିଛନ୍ତି ଏବଂ ସ୍ୱର୍ଗୀୟ ଚନ୍ଦ୍ରମଣି ଦାସଙ୍କ 'ମାକ୍‌ବେଥ୍'ର ସଂଶୋଧନ କାର୍ଯ୍ୟ ମଧ୍ୟ ତାଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ସେ



Digitized by PPRACHIN, SOA

ଯାହାହେଉ, ଏଇ ସମସ୍ତ ସୃଷ୍ଟିର ପୃଷ୍ଠଭୂମିରେ ତାଙ୍କ ବୈଦଗ୍ଧ୍ୟ ଓ ବୌଦ୍ଧିକତାର ଶୋଚନୀୟ ପରାଜୟ ଯେ କୌଣସି ବନ୍ଧୁଙ୍କୁ ମର୍ମାହତ କରିବା ସ୍ୱାଭାବିକ । ତେଣୁ ବାରମ୍ବାର ମୋର ପ୍ରଶ୍ନ ''ବସନ୍ତବାବୁ ଆପଣ ପୁଣି ଲେଖୁନାହାନ୍ତି କାହିଁକି ?'' ଏ ପ୍ରଶ୍ନକୁ ନିଜର ସହଜ ରସିକତା ଓ ବଚନ ଚାତୁରିରେ ସେ ଅବଶ୍ୟ ଉଡ଼ାଇ ଦିଅନ୍ତି । କିନ୍ତୁ ମୁଁ କେବେ ଧୈର୍ଯ୍ୟଚ୍ୟୁତ ହୋଇ ନଥାଏ । ସୃଷ୍ଟି-ପ୍ରସ୍ତୁତିର ପ୍ରାଥମିକ କାର୍ଯ୍ୟ ଭାବରେ ବିଭିନ୍ନ ସଭା ମଞ୍ଚରେ ହୁଏ ତାଙ୍କର ଆବିର୍ଭାବ କେତେବେଳେ ବକ୍ତା କେତେବେଳେ ବା ସଭାପତି ଭାବରେ । ନିଜ ଅନ୍ତର୍ନିହିତ କସ୍ତୁରୀର ପରିଚୟ ସେ ଲାଭ କରନ୍ତି । ଜୀବନକୁ ସେ ବିଭିନ୍ନ ସ୍ଥାନ ଓ ପରିବେଶରେ କିପରି ଦେଖିଛନ୍ତି, କିପରି ଅନୁଭବ ଓ ଆସ୍ୱାଦନ କରିଛନ୍ତି, ସେ ସମ୍ପର୍କରେ ତାଙ୍କ ମୁହଁରୁ ବହୁତ କଥା ମୁଁ ଶୁଣେ । ତାକୁ ପୁଣି ସେ କହନ୍ତି ଅତି ସରସ, ଜୀବନ୍ତ ଓ ପ୍ରାଣସ୍ପର୍ଶୀ ଭଙ୍ଗୀରେ । ମୁଁ କହେ, ''ଏଇ ସମସ୍ତ ଅନୁଭୂତି ଓ ଅଭିଜ୍ଞତାକୁ ଆପଣ ମୌଖିକ ଗପରେ କେବଳ ଉଡ଼ାଇ ଦିଅନ୍ତୁ ନାହିଁ । ଏ ସବୁରେ ପ୍ରଚୁର ସତ୍ୟ ଓ ଗଳ୍ପର ଉପାଦାନ ରହିଛି । ଆପଣଙ୍କର ଶକ୍ତି ପୁଣି ରହିଛି । ତେଣୁ ଏ ସବୁକୁ ନିଜ ମନର ମାଧୁରୀ ଦେଇ କଳା ସୃଷ୍ଟିରେ ରୂପାୟିତ କରନ୍ତୁ । ଫକୀରମୋହନ ତ ପୁଣି ନିଜର ଯଥାର୍ଥ ସ୍ରଷ୍ଟାଜୀବନ ଦୀର୍ଘ ଅଣଚାଶ ବର୍ଷ ବୟସରେ ଆରମ୍ଭ କରିଥିଲେ (ପୂର୍ବରୁ ପାଠ୍ୟପୁସ୍ତକ ଓ ଅନୁବାଦ ଗ୍ରନ୍ଥମାଳା ଅବଶ୍ୟ ପ୍ରକାଶିତ) । ଆପଣ ନିରାଶ ହେଉଛନ୍ତି କାହିଁକି ?'' ସତକୁସତ ହଠାତ୍ ସେ ଦିନେ ଗପ ଲେଖିବାକୁ ଆରମ୍ଭ କରିଦେଲେ । ତାଙ୍କର ଆନନ୍ଦ ସହିତ ଆମର ଆନନ୍ଦ ଓ ଧୈର୍ଯ୍ୟର ପୁରସ୍କାର କହିଲେ ନ ସରେ । ଆମେ ଭାବିଲୁ ସେ ଯେପରି ପୁଣିଥରେ ନିଜର ବିବେକ ବୁଦ୍ଧି ଓ ସୃଷ୍ଟି ମାନସୀର ମମତା ତପ୍ତ ସାନ୍ନିଧ ଓ ସହଯୋଗ ଲାଭ କଲେ । ତା'ପରେ ସେଇ ଗଳ୍ପ ଉପରେ କେତେ ଆଲୋଚନା ଓ ସମାଲୋଚନା । ଗଳ୍ପର ଶ୍ରୋତା ମୁଁ ଏବଂ ଅନ୍ୟ କେତେଜଣ ବନ୍ଧୁ । ଏହି ସମଧର୍ମୀ ଶ୍ରୋତାମାନଙ୍କ ମଧ୍ୟରେ କବି ଶ୍ରୀ ବ୍ରଜନାଥ ରଥ, ଶ୍ରୀ ଶୁଭେନ୍ଦୁ ମୋହନ ଦାସ, ଶ୍ରୀ ଚଣ୍ଡୀଚରଣ କର, ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ସମସ୍ତଙ୍କର ଅଭିମତ ଓ ପରାମର୍ଶ ସେ ଶୁଣନ୍ତି । ଯେଉଁଠି ଦରକାର ପଡ଼େ ଗୋଟିଏ ଗୋଟିଏ ଗପକୁ ସେ ଦୁଇ ତିନିଥର ମଧ୍ୟ ଲେଖନ୍ତି । ବସ୍ତୁତଃ ପ୍ରତ୍ୟେକଟି ଗଳ୍ପ ପତ୍ରିକାରେ ପ୍ରକାଶିତ ହେବା ପୂର୍ବରୁ ବିଭିନ୍ନ ମତ ଓ ପରାମର୍ଶର କଷଟିରେ ବାରମ୍ବାର କଷାହୋଇ, ଆବଶ୍ୟକତା ସ୍ଥଳରେ ପରିମାର୍ଜିତ ଓ ପୁନର୍ଲିଖିତ ହୋଇ ପ୍ରେସକୁ ପ୍ରାୟ ଯାଇଛି । ସେଇ ସମସ୍ତ ଗଳ୍ପରୁ ଅଧିକାଂଶ ବର୍ତ୍ତମାନ ବସନ୍ତବାବୁଙ୍କର ପ୍ରଥମ ଗଳ୍ପ ଗୁଚ୍ଛରୂପେ 'ଏଣ୍ଟି ରୋମାଣ୍ଟିକ୍' ନାମରେ ପ୍ରକାଶିତ ହେବାକୁ ଯାଉଛି । ଏବେ କଥା ପ୍ରସଙ୍ଗରେ ଜାଣିଲିଯେ, 'ଛାୟା ଓ କାୟା' ନାମରେ ପ୍ରଥମେ ଗଳ୍ପଟିଏ ସେ ଲେଖିଥିଲେ ଏବଂ 'ଭଞ୍ଜ ପ୍ରଦୀପ'ରେ ତାହା ପ୍ରକାଶିତ ।' ତାଙ୍କ ସୃଷ୍ଟି ପ୍ରତିଭାର ଏହି ଗଳ୍ପଟି ବୋଧହୁଏ ଆଦି ଜାତକ । ତେଣୁ ବର୍ତ୍ତମାନ ଏହା ଲେଖିବା ସମୟରେ ମୁଁ ଭାବୁଛି ଯେ ଗଳ୍ପ-ପ୍ରତିଭାର ବୀଜ ତାଙ୍କର ସୃଷ୍ଟିର ଯେପରି ମୌଳିକ ଭିତ୍ତି । (ପ୍ରଥମ ଗଳ୍ପଟିର ପଢ଼ିବାର ସୁଯୋଗ ମୁଁ ପାଇନାହିଁ) । ମୋର ବିଶ୍ୱାସ, 'ଏଣ୍ଟିରୋମାଣ୍ଟିକ୍'ର ଗଳ୍ପଗୁଡ଼ିକ ମଧ୍ୟରେ ବ୍ୟାପକ ଓ ଗଭୀର ଜୀବନବୋଧ ଏବଂ ସତ୍ୟ ଓ ବାସ୍ତବ ଚେତନା ବାକ୍‌ଭଙ୍ଗୀର ବୈଦଗ୍ଧ୍ୟ ଓ ବୌଦ୍ଧିକତା ମଧ୍ୟରେ ଏପରି ତୀକ୍ଷ୍ଣ ଓ ସରସ ଭାବରେ ଉତ୍କୀର୍ଣ୍ଣ ହୋଇଛି ଯେ ମୁଷ୍ଟିମେୟ କେତେକ ପ୍ରବୀଣ କଥାଶିଳ୍ପୀ ଓ ପ୍ରତିଶ୍ରୁତିସମ୍ପନ୍ନ ଅଳ୍ପ କେତେଜଣ ତରୁଣ ଗଳ୍ପ ପ୍ରତିଭାଙ୍କୁ ବାଦ୍‌ଦେଲେ ଜୀବନର ଏପରି



Digitized by PPRACHIN, SOA

ମାର୍ମିକ ରୂପାୟନ ଓ ସୃଷ୍ଟିସୁଲଭ ରୂପରସର ରମ୍ୟଣ ଓଡ଼ିଆ କଥା ସାହିତ୍ୟରେ ବିରଳ । ପୁଣି କଥା ଶୈଳୀ ମଧ୍ୟରେ ଏପରି ଶ୍ଳେଷାଶ୍ରୟୀ ବୁଦ୍ଧିଦୀପ୍ତି ନିର୍ମଳ ହାସ୍ୟର ଅବତାରଣା ସେ ସ୍ଥଳବିଶେଷରେ କରିଛନ୍ତି ଯାହାକି ଶ୍ରୋତା ବା ପାଠକକୁ ଚିନ୍ତା ଓ ସମ୍ଭୋଗର ଉପାଦାନ ଯୋଗାଇଥାଏ । ଏପରି ଶୈଳୀ ଫକୀରମୋହନ ଓ ପ୍ରହରାଜଙ୍କ ସୃଷ୍ଟି ମଧ୍ୟରେ ଆମେ ପୂର୍ବରୁ ଲକ୍ଷ୍ୟ କରିଥିଲୁ । ବସନ୍ତବାବୁଙ୍କ ସଂଳାପ ଓ ଆଚରଣରେ ଏହି କଥା ଶୈଳୀର ଛଟା ଓ ଛବିଳତା ଲକ୍ଷଣୀୟ । ଯେଉଁଠି ସେ ଉପସ୍ଥିତ, ସେ ସ୍ଥାନଟି ଯେତେ ନୀରସ ହୋଇ ଥାଉନା କାହିଁକି, ତାଙ୍କର ଉପସ୍ଥିତି ତାକୁ ସରସ, ଜୀବନ୍ତ ଓ ଛନ୍ଦ ମୁଖର କରିଥାଏ । ସଂସ୍କୃତ ଓ ଇଂରାଜୀ ଉଭୟ ସାହିତ୍ୟରେ ତାଙ୍କର ଅବଗାହନ ଗଭୀରତା ଓ ବୌଦ୍ଧିକତାର ପରିଚାୟକ । ଏହି ଗଳ୍ପ ଗୁଚ୍ଛର ନାମକରଣ 'ଏଣ୍ଟିରୋମାଣ୍ଟିକ୍' ହେଲେ ବି ଜୀବନର ରୋମାଣ୍ଟିକ୍ ଓ ବାସ୍ତବ ଚେତନାର ମିଶ୍ର ରାଗ ଓ ମିଳିତ ସ୍ୱର ଗଳ୍ପଗୁଡ଼ିକରେ ଦୃଷ୍ଟି ଓ ଶ୍ରୁତିଗୋଚର । ଜୀବନକୁ ଦରଦ ଓ ସହାନୁଭୂତି ଦେଇ ବସନ୍ତବାବୁ ଦେଖିଛନ୍ତି ଓ ତାର ସୂକ୍ଷ୍ମରହସ୍ୟ ଉଦ୍‌ଘାଟନ କରିଛନ୍ତି । ସୃଷ୍ଟିରେ କୌଣସି ପ୍ରଚାର ଧର୍ମୀ ମନୋବୃତ୍ତି ବା 'ପାଦ୍ରୀସୁଲଭ ମନୋଭାବ' ତାଙ୍କର ନାହିଁ । ସୃଷ୍ଟିକଳା ସମ୍ପର୍କରେ ବିଶ୍ୱବିଶ୍ରୁତ ଗାଳ୍ପିକ ଶେଖଫ୍ ମନ୍ତବ୍ୟ ଦେଇ ତେଣୁ କହିଛନ୍ତି- ''କଳା ସମ୍ପର୍କରେ ସବୁଠୁଁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଏଇ ଯେ ସେ ତୁମକୁ ମିଥ୍ୟା କହିବାକୁ ଦିଏ ନାହିଁ । ତୁମେ ପ୍ରଣୟ, ରାଜନୀତି ବା ଔଷଧ ବ୍ୟବସାୟରେ ମିଥ୍ୟା କହିପାର, ତୁମେ ଜନତାକୁ ଏବଂ ଏପରିକି ଈଶ୍ୱରଙ୍କୁ ମଧ୍ୟ ଭଣ୍ଡିପାର ଏହାର ଦୃଷ୍ଟାନ୍ତ ମଧ୍ୟ ରହିଛି, ମାତ୍ର କଳାରେ ତୁମେ କେବେ ପ୍ରତାରଣା କରିପାରିବ ନାହିଁ ।'' ଆମର ଓଡ଼ିଆ ସାହିତ୍ୟର ପ୍ରତିଭାବନ୍ତ ପ୍ରବୀଣ ଗଳ୍ପସ୍ରଷ୍ଟା ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଠିକ୍ ଏଇ ମର୍ମରେ ମଧ୍ୟ କହିଛନ୍ତି- ''ଜୀବନ ପରି ସାହିତ୍ୟରେ ମଧ୍ୟ ସତ୍ୟାନୁସନ୍ଧିତ୍ସାର ପଥ ବଡ଼ ଗହନ ଓ କଣ୍ଟକାକୀର୍ଣ୍ଣ । ଭୟକରି ସେ ବାଟରେ ନଗଲେ ଯେପରି ଜୀବନର ସନ୍ଧାନ ମିଳେ ନାହିଁ, ସାହିତ୍ୟରେ ମଧ୍ୟ ସେହିପରି ସୁନ୍ଦର ଓ ଶାଶ୍ୱତର ସ୍ୱାକ୍ଷର ଫୁଟେ ନାହିଁ ।'' ବସ୍ତୁତଃ ଆମର ଅଧିକାଂଶ ଗଳ୍ପ ସୃଷ୍ଟି ଜୀବନର ସହଜ ଓ ଅଗଭୀର ଅଧ୍ୟୟନରୁ ସଂଜାତ, ତାହା ଆତ୍ମପ୍ରତାରଣାମୂଳକ, ରୁଚି ଓ ଶୁଚିଜ୍ଞାନ ବର୍ଜିତ ଏବଂ ବିଜ୍ଞାପନ ସର୍ବସ୍ୱ । ମାତ୍ର ବସନ୍ତବାବୁ ଦୁର୍ଗମ ହେଲେହେଁ ଜୀବନର ସତ୍ୟାନୁସନ୍ଧିତ୍ସାର ସରଣୀରେ ଗତି କରିଛନ୍ତି ଓ କରୁଛନ୍ତି ଏବଂ ସେ ସତ୍ୟଚେତନା ଓ ସତ୍ୟ ସାଧନାର ସ୍ୱାକ୍ଷର ତାଙ୍କର ଗଳ୍ପଗୁଡ଼ିକରେ ସ୍ପଷ୍ଟ । ତାଙ୍କର କଳାସୃଷ୍ଟି ଜୀବନଧର୍ମୀ ଓ ଜୀବନବୋଧ କଳାଧର୍ମୀ । କଳା ଓ ଜୀବନ କ୍ରମ ପରିଣାମ ପଥରେ 'ଏଣ୍ଟିରୋମାଣ୍ଟିକ୍' ଏକ ଉଲ୍ଲେଖଯୋଗ୍ୟ ସ୍ଥାନର ଅଧିକାର ହୋଇ ରହିବ ।

ବସନ୍ତବାବୁଙ୍କର ଏଇ କଳାସୃଷ୍ଟି ଓ କଳାଦୃଷ୍ଟିର ଆଭିମୁଖ୍ୟ ତାଙ୍କର ଏଇ ଗୋଟାଏ ଦୁଇଟି ବର୍ଷରେ ଲିଖିତ ରମ୍ୟ ରଚନାଗୁଡ଼ିକ ମଧ୍ୟରେ ବି ଲକ୍ଷଣୀୟ । ରମ୍ୟ ରଚନା ଓଡ଼ିଆ ସାହିତ୍ୟରେ ଏକ-ଅଭାବଗ୍ରସ୍ତ ସମ୍ପଦ ଓ ଅବହେଳିତ ବିଭାଗ । ବସନ୍ତବାବୁଙ୍କ ଲେଖନୀ ଏହି ବିଭାଗ ଓ ବିଭବକୁ ଦିନେ ବଳିଷ୍ଠ ଓ ବିଭବବନ୍ତ କରିବ ବୋଲି ମୋର ଆଶା । ସେନାପତିଙ୍କ ସାରସ୍ୱତ ସାଧନାର ବିବରଣୀ ଦେଇ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଲେଖିଥିଲେ, ''ଭାରତବର୍ଷର ଇତିହାସ ଓ ଉତ୍କଳ ଭ୍ରମଣ ପହିଲାଗସ୍ତ ଏ ଦୁଇଟି ମଧ୍ୟରେ ଓଡ଼ିଆ ପାଠକ ସାଧାରଣ



Digitized by PPRACHIN, SOA

ଫକୀରମୋହନଙ୍କର ସାକ୍ଷାତ ପ୍ରାୟ ପାଇନାହାନ୍ତି । ଏଇ ପହିଲା ଗସ୍ତଠାରୁ ସାହିତ୍ୟ ରାଜ୍ୟରେ ତାଙ୍କର ଯେଉଁ ଗସ୍ତ ଆରବ୍‌ଧ ହେଲା ଅନ୍ତିମକାଳ ପର୍ଯ୍ୟନ୍ତ ତାର ବିଭାଗ ହୋଇନାହିଁ ।'' ତେଣୁ ବନ୍ଧୁ ହିସାବରେ ମୋର ଆନ୍ତରିକ ଅଭିଳାଷ ୨ ତାଙ୍କର ଲେଖନୀ ଅଧିକତର ସ୍ଫୁଲିଙ୍ଗ ଓ ସୌରଭର ଅଧିକାରୀ ହେଉ, ତାଙ୍କର ଜୀବନ ସାଧନା ସୃଷ୍ଟିଜଗତରେ ତାଙ୍କୁ ଜଣେ ସିଦ୍ଧ-ସତ୍ୟ ସାଧକର ସମ୍ମାନ ଦେଉ ଏବଂ ସାହିତ୍ୟଜଗତରେ ତାଙ୍କର ଏ ଆରବ୍‌ଧ ଗସ୍ତ ଅନ୍ତିମକାଳ ପର୍ଯ୍ୟନ୍ତ ବିରତି ନ ହେଉ ।

ଅଧିକ କିଛି ତାଙ୍କ ସମ୍ପର୍କରେ ମୁଁ କହିବି ନାହିଁ । କହିଲେ ତାହା ବ୍ୟକ୍ତି ବା ଅତିରଞ୍ଜିତ ହୋଇପାରେ । ମାତ୍ର ତାଙ୍କର ସୃଷ୍ଟି ତାଙ୍କ ସମ୍ପର୍କରେ ଯଥାର୍ଥ ଧାରଣା ଦେବ ବୋଲି ମୋର ବିଶ୍ୱାସ ଅର୍ଥାତ୍ 'ଶୁଆ ମୂଳ ଶୁଆ ନିଜ ତୁଣ୍ଡରେ କହିବ ।'

ତା.୧.୧.୧୯୬୬ରିଖ

**ସଙ୍କେତ ସୂଚୀ**

* ପ୍ରାଚୀନ ଓଡ଼ିଆ ପତ୍ରିକା ମଧ୍ୟରେ ମୟୂରଭଞ୍ଜରୁ ପ୍ରକାଶିତ 'ଉତ୍କଳପ୍ରଭା' ଯେପରି ଏକ ସମ୍ମାନିତ ଆସନର ଅଧିକାରୀ, ସମକାଳୀନ ବହୁ ମୃତ ଓ ଜୀବିତ ପତ୍ରିକା ମଧ୍ୟରେ 'ଭଞ୍ଜପ୍ରଦୀପ' ରୁଚି ଓ ଶୁଚି ଦୃଷ୍ଟିରୁ ସେହିପରି ଏକ ବରଣୀୟ ସ୍ଥାନର ଅଧିକାରୀ । ମାତ୍ର ପତ୍ର-ପତ୍ରିକାର ଇତିହାସ-ଲେଖକଗଣ ଏହାକୁ ଏ ପର୍ଯ୍ୟନ୍ତ ଯଥାଯୋଗ୍ୟ ସ୍ମୃତି-ସମ୍ମାନ ଦେଇ ନାହାନ୍ତି । ଶ୍ରୀଯୁକ୍ତ ଶତପଥୀ ଦୀର୍ଘ ୧୨ ବର୍ଷ କାଳ ଏହି ପତ୍ରିକାର ସମ୍ପାଦନା ଦାୟିତ୍ୱରେ ମଧ ରହିଥିଲେ ।

❑



Digitized by PPRACHIN, SOA

# ପ୍ରଳୟ ସମୁଦ୍ରରୁ ଜୀବନବେଦର ସନ୍ଧାନୀ

ବ୍ରଜନାଥ ରଥ

କଥାଶିଳ୍ପୀ ବସନ୍ତ ଶତପଥୀଙ୍କୁ ସାମଗ୍ରିକ ଭାବେ ଆକଳନ କଲାବେଳେ ମନେରଖିବା ଆବଶ୍ୟକ ଯେ, ସେ ଫକୀରମୋହନଙ୍କ ପରି ଜୀବନର ଉତ୍ତରାର୍ଦ୍ଧ, ଅର୍ଥାତ୍ ପଚାଶବର୍ଷ ପରେ ପ୍ରକୃତ ସାହିତ୍ୟସ୍ରଷ୍ଟାର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେଏବଂ ଅସାମାନ୍ୟ ସଫଳତା ମଧ ହାସଲ କରିଥିଲେ । ତା' ପୂର୍ବରୁ ତାଙ୍କର ସାହିତ୍ୟ ପ୍ରତି ଅନୁରାଗ ହୁଏତ ଥିଲା; 'ଛାୟା ଓ କାୟା' ଭଳି ଗୋଟାଏ ଗପ ଓ ଦୁଇ-ତିନୋଟି ପ୍ରବନ୍ଧ ହୁଏତ ସେ ଲେଖିଥିଲେ ଏବଂ ମୟୂରଭଞ୍ଜ ରାଜ୍ୟର ଏକ ସାହିତ୍ୟପତ୍ର 'ଭଞ୍ଜ ପ୍ରଦୀପ'ର ସଂପାଦକ ହୁଏତ ଥିଲେ, କିନ୍ତୁ ସ୍ରଷ୍ଟା ଭାବରେ ଏସବୁ ବସନ୍ତବାବୁଙ୍କ ପ୍ରକୃତ ପରିଚୟ ନୁହେଁ । ଗତ ଶତାବ୍ଦୀର ଉତ୍ତର ଷାଠିଏରେ ହିଁ ସେ ଓହ୍ଲାଇଥିଲେ ଜଣେ ସମର୍ଥ ସ୍ରଷ୍ଟା ଭାବରେ ସାହିତ୍ୟର ରଙ୍ଗମଞ୍ଚକୁ ଏବଂ ସଫଳ ଭାବରେ ଅଭିନୟ କରି ଶତଶତ ମୁଗ୍ଧ ପାଠକଙ୍କୁ ଅଭିଭୂତ କରିଥିଲେ ପ୍ରାୟ ତିରିଶ ବର୍ଷ ଧରି । ପରିଣତ ବୟସରେ ଲେଖନୀ ଧରି ଏତେ ସଫଳତା ଲାଭ କରିବା ଖୁବ୍ କମ୍ ସ୍ରଷ୍ଟାଙ୍କ ପକ୍ଷରେ ସମ୍ଭବ ହୋଇଛି । ପ୍ରାୟ ଅଧିକାଂଶ ସ୍ରଷ୍ଟା କିଶୋର ବା ଯୁବକ ବୟସରୁହିଁ ଲେଖନୀଚାଳନା କରି କ୍ରମବିକାଶ ପଥରେ ପରିଣତି ଆଡ଼କୁ ଆଗେଇ ଯାଇଥାନ୍ତି, କିନ୍ତୁ ବସନ୍ତବାବୁ ଥିଲେ ପ୍ରକୃତରେ ଏହାର ଏକ ଅଦ୍‌ଭୁତ ବ୍ୟତିକ୍ରମ ।

ସେ ନିଜ ସଂପର୍କରେ ଲେଖିଛନ୍ତି- ''ମୁଁ ଲେଖକ ହେଲି (ଯଦି ଏତେବଡ଼ ପଦବୀ ଆପଣ ଦେଉଛନ୍ତି) ବଞ୍ଚିବା ପାଇଁ । ମୋର କିଛି ଲେଖିବାର ଶକ୍ତି ହୁଏତ ରକ୍ତରେ ଥିଲା, ସେ ସବୁ ଲେଖିଦେଇ ପ୍ରକାଶ କରି ଆପଣମାନଙ୍କୁ ଆପଣାର କରିପାରିଲି ଏବଂ ଜୀବନର ଖୁବ୍ ଦୁଃସମୟରେ ଲେଖା ମାଧମରେ ବେଦନା ପ୍ରକାଶ କରି ବଞ୍ଚିଗଲି । ମାକଲେ କହି ନଥିଲେ- "Literature has saved my life and my reason." ଜୀବନର ଜ୍ଞାତ ଅଜ୍ଞାତ ସୁଖ-ଶୋକରୁ ଅଧିକାଂଶ ବଡ଼ ଲେଖକ ଓ ଲେଖାର ଜନ୍ମ ।'' (ମୁଁ କାହିଁକି ଲେଖେ)

ସତକଥା, ବସନ୍ତବାବୁଙ୍କ ଜୀବନରେ ସୁଖ ଥିଲା, କିନ୍ତୁ ତା'ଠୁଁ ଅଧିକ ଥିଲା ଶୋକ ଓ ଦୁଃଖ । ସୁଖ ଅପେକ୍ଷା ଦୁଃଖହିଁ ଜଣେ ସମ୍ବେଦନଶୀଳ ବ୍ୟକ୍ତିକୁ ଅଧିକ ପ୍ରଚୋଦିତ କରିଥାଏ ସ୍ରଷ୍ଟାଟିଏ ହେବା ପାଇଁ । ସେଥିପାଇଁ ବାଲ୍ମୀକି ହୁଅନ୍ତୁ କି ଫକୀରମୋହନ ହୁଅନ୍ତୁ ଏମାନଙ୍କ ସୃଜନଶୀଳତାର ମୂଳଭିତ୍ତି ହେଉଛି ଶୋକ ଓ ଦୁଃଖ । ବସନ୍ତବାବୁ ଲେଖିଛନ୍ତି- ''ଆଜି ମୋତେ ସ୍ୱୀକାର କରିବାକୁ ପଡୁଛି ଯେ (କେଡ଼େ ମର୍ମନ୍ତୁଦ ଏ ସ୍ୱୀକାରୋକ୍ତି !) ଯେଉଁ ପରିସ୍ଥିତିରେ ମୁଁ ଲେଖକ ହେଲି (ଅନ୍ତତଃ ଆପଣମାନେ ମୋତେ ଯେଉଥିପାଇଁ ଲେଖକ କହନ୍ତି) ତାହାହୋଇ ନଥା'ନ୍ତି, ଯଦି କେବଳ ପତ୍ନୀଭ୍ରଷ୍ଟ (ମୋର ୪୯କୁ ତାର ୩୯) ନୁହେଁ,



Digitized by PPRACHIN, SOA

ପରେ ପରେ ଅତୀବ ସୁନ୍ଦର ଅଷ୍ଟବର୍ଷୀୟ ମାତୃହୀନ ପୁତ୍ରକୁ ଆକସ୍ମିକ ଦୁର୍ଘଟଣାରେ ହରାଇ ନଥାନ୍ତି । 'ହଜିନାହିଁ କେବେ ଯା'ର କିଛି ହିଁ ରତନ' ସେ କାହିଁକି ଲେଖାଲେଖି କରିବ ? ତାର ଲେଖା ହେବ 'ଦୀନ ଅକିଞ୍ଚନ'- ପ୍ରାଣହୀନ । 'କିଂ କରୋମି, କ୍ୱଯାମି' ଅବସ୍ଥାରେ ଯେତେବେଳେ ରାତି ପରେ ରାତି ସିନେମାଘରକୁ ଧାଉଁଥିଲି, ଆଶ୍ୱାସନା, ସହାନୁଭୂତି ଟିକକର ଅନୁସନ୍ଧାନରେ ଯେତେବେଳେ କୁକୁର, ବିରାଡ଼ି ସାଙ୍ଗରେ ଅର୍ଥହୀନ କଥାବାର୍ତ୍ତା କରୁଥିଲି ବା ଏ'ଠିସେ'ଠି ଛିଡ଼ା ହୋଇ ଈଶ୍ୱରଙ୍କ ବିରୋଧରେ ଅଭିଯୋଗମାନ କରି ନିରୀଶ୍ୱରବାଦର ଅଭିଯାନ ଆରମ୍ଭ କରି ଦେଇଥିଲି ବା ପାଗଳଙ୍କ ପରି କେତେବେଳେ ଠୋ' ଠୋ' ହସି ହସି, କେତେବେଳେ ଠସ୍ ଠସ୍ ଲୁହ ଝରାଇ କାଳ କଟାଉଥିଲି, ସେତେବେଳେ ମୋର ବନ୍ଧୁ (ବଂଧୁ ନୁହନ୍ତି କଣ ? ଶ୍ମଶାନେ ଚ ଯଃ ତିଷ୍ଠତି) ଚିନ୍ତାମଣିବାବୁ (ଯେକି ମୋର ସ୍ୱରୂପ ଜାଣିଥିଲେ) ମୋତେ ଭର୍ତ୍ସନା କରି 'ବିଦୂଷକ' କହିଲେ ଏବଂ ପରେ ସେଇ କଥା ଗୋଟାଏ ଜାଗାରେ ଲେଖିଦେଲେ ମଧ୍ୟ । ଏଇ ଗାଳିରୁ ଗଳ୍ପର ଉଦ୍ଭବ ହେଲା । 'କାଣୀଚିଆ' ଗଳ୍ପଟି ଲେଖିଲି, 'ଝଂକାର'ରେ ଛପାହେଲା ଏବଂ ସଂପାଦକ (ସତ୍ୟାନନ୍ଦ ଚମ୍ପତିରାୟ) ଲେଖିଲେ କାର୍ଡଖଣ୍ଡକରେ- 'ମୋର ଅପରେସନ୍ କଷ୍ଟ ବି ଭଲ ହୋଇଗଲା ଆପଣଙ୍କ ଗଳ୍ପ ପଢ଼ି ।' ମୁଁ ଲେଖକ ହେଲି, ପାଠକମାନେ ମୋତେ ଲେଖକ ବୋଲି କହିଲେ- ମାନିଲେ ଏବଂ ପଢ଼ିଲେ ।'' (ମୁଁ କାହିଁକି ଲେଖେ)

ଏଇ ସ୍ୱୀକାରୋକ୍ତିରୁ କେଉଁ ପରିସ୍ଥିତିରେ ସେ କଲମ ଧରିଲେ ଏବଂ ଲେଖକ ହେଲେ ତାହା ସ୍ପଷ୍ଟ ହୋଇଯାଏ । ତାଙ୍କ ସଂପର୍କରେ ତାଙ୍କ ବଂଧୁ ଯଶସ୍ୱୀ କବି ଓ ସମାଲୋଚକ ଚିନ୍ତାମଣି ବେହେରା ଯାହା କହିଛନ୍ତି ତାହା ମଧ୍ୟ ଖୁବ ତାତ୍ପର୍ଯ୍ୟପୂର୍ଣ୍ଣ । ସେ ଲେଖିଛନ୍ତି ''୧୯୬୨ରେ ସ୍ଥାନାନ୍ତରିତ ହୋଇ ଆସି ଫକୀରମୋହନ କଲେଜରେ ମୁଁ ଯେତେବେଳେ ଯୋଗଦିଏ ଏବଂ ବସନ୍ତବାବୁଙ୍କ ପ୍ରତ୍ୟକ୍ଷ ପରିଚୟ ଲାଭକରେ, ସେତେବେଳେ ଲକ୍ଷ୍ୟ କଲି ଯେ ତାଙ୍କ ବୌଦ୍ଧିକ ସଚେତନତା ଓ ସ୍ପଷ୍ଟବାଦିତା କେତେକାଂଶରେ ଲୌକିକ ଓ ସଙ୍କୁଚିତ ବିଦୂଷକ ପ୍ରବୃତ୍ତି ମଧ୍ୟରେ ଆକ୍ରାନ୍ତ ଓ ଆଚ୍ଛନ୍ନ । ନିଜେ କସ୍ତୁରୀ ଧାରଣ କରି ମଧ୍ୟ ଇତର ଗନ୍ଧର ସନ୍ଧାନରେ ସେ ଥିଲେ ବିଭୋର ଓ ବହିର୍ମୁଖୀ । ତାଙ୍କ ସହିତ ମୋର ବନ୍ଧୁତ୍ୱକ୍ରମେ ଯେତେ ଘନିଷ୍ଠ ଓ ଅନ୍ତରଂଗ ହେବାକୁ ଲାଗିଲା, ତାଙ୍କ ବ୍ୟକ୍ତିଜୀବନର ନେପଥ୍ୟରେ ଏକ ନିଃସଙ୍ଗ ଓ ଯନ୍ତ୍ରଣାଜର୍ଜର ଆତ୍ମାର ପରିଚୟ ମୁଁ ସେତିକି ଗଭୀର ଭାବରେ ଲାଭକଲି । ଯେଉଁ ଅବସ୍ଥା ବା ପରିସ୍ଥିତିରେ ମନୁଷ୍ୟ ସଂସାର ବା ଈଶ୍ୱରଙ୍କ ପ୍ରତି ଅବିଶ୍ୱାସୀ ଓ ପ୍ରତିଶୋଧପରାୟଣ ହୁଏ ଏବଂ ଯେତେବେଳେ ସେମାନଙ୍କର ଅସ୍ତିତ୍ୱରେ ମଧ୍ୟ ସେ ଆସ୍ଥାହୀନ ହୁଏ ଓ ନିଜ ଦୁଃଖରେ ନିଜକୁ ବିଦୀର୍ଣ୍ଣ କରିବାକୁ ପ୍ରୟାସୀ ହୁଏ, ସେହିପରି ଏକ ମାନସିକ ଅବସ୍ଥା ଓ ଆତ୍ମସଂକଟ ବସନ୍ତବାବୁଙ୍କର ଆସିଥିଲା । ମାତ୍ର ବସନ୍ତବାବୁଙ୍କୁ ତ ପୁଣି ବଞ୍ଚିବାକୁ ପଡ଼ିବ, ତାଙ୍କୁ ବା ସଂସାର ସହଜରେ ଛାଡ଼ିଦେବ କାହିଁକି ? ସେ ନାନା ରୂପରେ ନିଜର ଶୁଳ୍କ ମନୁଷ୍ୟଠୁ ଆଦାୟ କରିବ । ତେଣୁ ଏ ପ୍ରଳୟ-ସମୁଦ୍ରରୁ ନିଜର ଜୀବନ-ବେଦକୁ ବସନ୍ତବାବୁ କିପରି ଉଦ୍ଧାର କରିବେ, ତାହାହିଁ ଥିଲା ସମସ୍ୟା । ଜୀବନକୁ ସେ ବିଭିନ୍ନ ସ୍ଥାନ ଓ ପରିବେଶରେ କିପରି ଦେଖିଛନ୍ତି, କିପରି ଅନୁଭବ ଓ ଆସ୍ୱାଦନ କରିଛନ୍ତି, ସେ ସଂପର୍କରେ ତାଙ୍କ ମୁହଁରୁ ବହୁତ କଥା ମୁଁ ଶୁଣେ । ତାକୁ ସେ କହନ୍ତି ଅତି ସରସ, ଜୀବନ୍ତ ଓ ପ୍ରାଣସ୍ପର୍ଶୀ ଭଂଗୀରେ । ମୁଁ କହେ- 'ଏଇ ସମସ୍ତ ଅନୁଭୂତି ଓ ଅଭିଜ୍ଞତାକୁ ଆପଣ ମୌଖିକ ଗଳ୍ପରେ କେବଳ ଉଡ଼ାଇ



Digitized by PPRACHIN, SOA

ଦିଅନ୍ତୁ ନାହିଁ, ଏସବୁକୁ ନିଜ ମନର ମାଧୁରୀ ଦେଇ କଳା-ସୃଷ୍ଟିରେ ରୂପାୟିତ କରନ୍ତୁ । ଆପଣ ନିରାଶ ହେଉଛନ୍ତି କାହିଁକି ?

ସତକୁସତ ହଠାତ୍ ସେ ଦିନେ ଗପ ଲେଖିବାକୁ ଆରମ୍ଭ କରିଦେଲେ । ତାଙ୍କ ଆନନ୍ଦ ସହିତ ଆମର ଆନନ୍ଦ ଓ ଧୈର୍ଯ୍ୟର ପୁରସ୍କାର କହିଲେ ନସରେ । ତାପରେ ସେଇ ଗଳ୍ପ ଉପରେ କେତେ ଚର୍ଚ୍ଚା ଓ ଆଲୋଚନା । ଗଳ୍ପର ଶ୍ରୋତା ମୁଁ ଏବଂ ଅନ୍ୟ କେତେଜଣ ସାରସ୍ୱତ ବଂଧୁ । ଏଇ ସମଧର୍ମା ଶ୍ରୋତାମାନଙ୍କ ମଧ୍ୟରେ କବି ବ୍ରଜନାଥ ରଥ, ଶୁଭେନ୍ଦୁମୋହନ ଦାସ, ଚଣ୍ଡୀଚରଣ କର, ପ୍ରହରାଜ ସତ୍ୟନାରାୟଣ ନନ୍ଦ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।''

(ଶୁଆ ନିଜ ତୁଣ୍ଡରେ କହିବ)

ହଁ, ଠିକ୍‌କଥା ଲେଖିଛନ୍ତି ଚିନ୍ତାମଣିବାବୁ । ମୁଁ ମଧ୍ୟ ଦୀର୍ଘ ୩୦ବର୍ଷ ଧରି ବସନ୍ତବାବୁଙ୍କ ସହ ମୋର ପ୍ରତ୍ୟକ୍ଷ ଓ ଆତ୍ମିକସଂପର୍କ ଭିତରେ ଏକଥା ଭଲଭାବେ ଜାଣିଛି । ବାଲେଶ୍ୱରରେ ଅବସ୍ଥାନ କାଳ ହିଁ ଥିଲା ତାଙ୍କ ଜୀବନର ସ୍ୱର୍ଣ୍ଣଯୁଗ । ଏଇଠି ତାଙ୍କ ସୃଜନଶୀଳ ପ୍ରତିଭା ପୁନରୁଜ୍ଜୀବିତ ହୋଇ ବିକାଶ ଲାଭ କରିବା ସଂଗେସଂଗେ ପୂର୍ଣ୍ଣତା ଲାଭ କରିଛି । ତାଙ୍କର ପ୍ରାୟ ସମସ୍ତ ପୁସ୍ତକ ବାଲେଶ୍ୱର ରହଣିକାଳରେ ଲିଖିତ ଓ ପ୍ରକାଶିତ ହୋଇଛି । ଜଣେ ଛାତ୍ରବତ୍ସଳ ଆଦର୍ଶ ଅଧ୍ୟାପକରୁ ସେ ଜଣେ ଜୀବନଦରଦୀ ଦକ୍ଷ କଥାଶିଳ୍ପୀରେ ରୂପାନ୍ତରିତ ହୋଇଛନ୍ତି । ସାହିତ୍ୟ ତାଙ୍କ ଯନ୍ତ୍ରଣାକାତର ଜୀବନର ମରୁଭୂମିରେ ଓୟେସିସ୍‌ର ସନ୍ଧାନ ଦେଇଛି ।

ଜୀବନର ନାନା ଦୁଃଖ, ଶୋକ, ଯନ୍ତ୍ରଣା ଓ ହତାଶା ଭିତରୁ କଥାଶିଳ୍ପୀ ବସନ୍ତ ଶତପଥୀଙ୍କ ସୃଜନଶୀଳତା ଜନ୍ମଲାଭ କରିଥିବାରୁ ବୋଧହୁଏ ତାଙ୍କ ସୃଷ୍ଟିରେ ହାସ୍ୟ-ବ୍ୟଙ୍ଗ ଓ କରୁଣରସର ଅଦ୍ଭୁତ ସମନ୍ୱୟ ଘଟିଛି । ଏଭଳି ସମନ୍ୱୟ ଓଡ଼ିଆ ସାହିତ୍ୟରେ ବ୍ୟାସକବି ଫକୀରମୋହନ, କାନ୍ତକବି ଲକ୍ଷ୍ମୀକାନ୍ତ ଓ ରସସ୍ରଷ୍ଟା ଫତୁରାନନ୍ଦ ଇତ୍ୟାଦିଙ୍କ କ୍ଷେତ୍ରରେ ମଧ୍ୟ ସମ୍ଭବ ହୋଇଛି । ଯୁଗପତ୍ ହାସ୍ୟ ଓ କାରୁଣ୍ୟକୁ ନିଜ ସୃଷ୍ଟିରେ ଅତି ସଫଳ ଭାବେ ଫୁଟାଇବା ଏତେ ସହଜ କଥା ନୁହେଁ । ବସନ୍ତବାବୁ ଏଭଳି କଳାସୃଷ୍ଟିର ଜଣେ ନିପୁଣ ବିନ୍ଧାଣୀ । ରସିକତା ତାଙ୍କର ଏକ ସ୍ୱଭାବ ସୁଲଭ ଗୁଣ ଭାବରେ ସ୍ୱତଃ ଆତ୍ମପ୍ରକାଶ କରେ । ସେ ଟାଣିଓଟାରି ବା ଜୋରଜବରଦସ୍ତି ଏହାକୁ ନିଜ କଥା ଓ ଲେଖାରେ ପ୍ରକାଶ କରନ୍ତି ନାହିଁ । ତେଣୁ ଶ୍ରୋତା ବା ପାଠକ ଏଥିରେ ମୁଗ୍ଧ ଓ ବିମୋହିତ ହେବା ସ୍ୱାଭାବିକ । ତାଙ୍କର ହାସ୍ୟରସିକତା କେତେବେଳେ ନିର୍ମଳ ଆନନ୍ଦରେ ପ୍ଳାବିତ କରେ ତ କେତେବେଳେ ତାଙ୍କ ଶାଣିତ ବ୍ୟଙ୍ଗବାଣ ବିଦ୍ଧକରେ ନିର୍ମମ ଭାବରେ । ପୁଣି କେତେବେଳେ ଲଘୁହାସ୍ୟ ଭିତରେ ବ୍ୟଙ୍ଗ ଓ ବ୍ୟଙ୍ଗ ଭିତରେ ଲଘୁହାସ୍ୟ ଅନ୍ତରାଳରେ ଲୁଚି ରହିଥାଏ । ପୁଣି ଏହି ହାସ୍ୟବ୍ୟଙ୍ଗର ଛାୟା-ଚନ୍ଦ୍ରିକା ଭିତରେ ପ୍ରଚ୍ଛନ୍ନ କାରୁଣ୍ୟ ସମ୍ବେଦନଶୀଳ ପାଠକର ମର୍ମସ୍ଥଳୀକୁ ଚହଲାଇ ଦିଏ ଅତି ଅଦ୍ଭୁତ ଭାବରେ । ବ୍ୟକ୍ତି, ଗୋଷ୍ଠୀ ବା ସମାଜ ଜୀବନରେ ଯେଉଁ ଛଳନା, ପ୍ରବଞ୍ଚନା, ଶଠତା, ନିର୍ମମତା ଓ ସ୍ୱାର୍ଥପରତା ଦେଖାଦେଇଛି, ତାକୁ ସେ ତାଙ୍କ ବ୍ୟଙ୍ଗବାଣରେ ଜର୍ଜରିତ କରିବାକୁ ପଛେଇ ନାହାନ୍ତି । ହାସ୍ୟ ଓ ବ୍ୟଙ୍ଗକୁ ସେ ତାଙ୍କ ସାହିତ୍ୟରେ ପ୍ରମୁଖ ସ୍ଥାନ ଦେଇଥିଲେ



Digitized by PPRACHIN, SOA

ମଧ୍ୟ ତାହା ନିମ୍ନଶ୍ରେଣୀର ଆଦୌ ନୁହେଁ- ଯାହାକୁ ଇଂରାଜୀରେ କୁହାଯାଏ, Vulgar, ବରଂ ତାହା ଅତ୍ୟନ୍ତ ମାର୍ଜିତ, ଶାଳୀନ ଓ ଭଦ୍ର । ହାସ୍ୟ-କୌତୁକ ଭିତରେ ସେ ନିଜ ଜୀବନର ଯାବତୀୟ ଦୁଃଖକୁ ତୁଳାଭଳି ଉଡ଼ାଇଦେବାକୁ ଚେଷ୍ଟା କରିଛନ୍ତି- ପୁଣି ବ୍ୟଙ୍ଗକୁ ବ୍ୟବହାର କରିଛନ୍ତି ଅସ୍ତ୍ରଭାବରେ । ଏକ ସାକ୍ଷାତ୍‌କାରରେ ସେ କହିଥିଲେ- ''ହସ ଓ କାନ୍ଦଟା ଗୋଟାଏ ମୁଦ୍ରାର ଏ ପାଖ ସେପାଖ ଭଳି । ଆପଣ ଯଦି ଖାଲି ହସ ପାଖଟିକୁ ନେବେ, ତାହେଲେ ଜୋକର ଭଳି ଲାଗିବ, କିନ୍ତୁ ତା' ଭିତରେ ଯେତେବେଳେ କରୁଣ ରସକୁ ଅନୁଭବ କରିପାରିବେ, ସେତେବେଳେ ଯାଇ ଆପଣଙ୍କର ଉପଯୁକ୍ତ ଉପଲବ୍ଧି ହୋଇଛି ବୋଲି କୁହାଯିବ । ଇଂରାଜୀରେ ଏହାକୁ କୁହାଯାଏ "Sunshine and Rain at once." ଯୁଗପତ୍ ସୂର୍ଯ୍ୟକିରଣ ଓ ବର୍ଷା । ସୂର୍ଯ୍ୟକିରଣର ପ୍ରଖରତା ଓ ବର୍ଷାବିନ୍ଦୁର ଶୀତଳତା ଭଳି ବସନ୍ତବାବୁଙ୍କ ସୃଷ୍ଟିରେ ଏ ଉଭୟର ମଧୁର ସମନ୍ୱୟ ପାଠକଙ୍କୁ ଅଭିଭୂତ କରେ ।

ନାନା ଅଭିଜ୍ଞତା ଓ ଅନୁଭୂତିରେ ଅଭିଜ୍ଞ ବସନ୍ତବାବୁ ମୁଖ୍ୟତଃ ଥିଲେ କଥାଶିଳ୍ପୀ । ଅବଶ୍ୟ ପ୍ରଥମ ଜୀବନରେ ଅଳ୍ପ କେତୋଟି ଇଂରାଜୀ କବିତା ସେ ଅନୁବାଦ କରିଥିଲେ । ଏ ସଂପର୍କରେ ସେ କହନ୍ତି- ''ସାହିତ୍ୟିକ ଜୀବନର ପ୍ରଥମ ପୃଷ୍ଠର ପ୍ରଥମ ଲେଖାଟି ହେଲା Piper କବିତାର ଅନୁବାଦ ଏବଂ ତାହା କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରେରଣାରେ ୧୯୨୯ ସାଲରେ ନବମ ଶ୍ରେଣୀରେ ପଢୁଥିଲାବେଳେ ବାରିପଦା ପ୍ରେଜର ହଷ୍ଟେଲରେ ହାତଲେଖା 'ଜାଗରଣ'ରେ ବାହାରିଥିଲା । ଜୀବନରେ ସର୍ବମୋଟ ଚାରୋଟି କବିତା ଲେଖିଛି- ତିନୋଟି ଅନୁବାଦ, ଗୋଟିଏ ନିଜସ୍ୱ, ମୌଳିକ ।'' (ମୁଁ କାହିଁକି ଲେଖେ)

ସେହି କଞ୍ଚାବୟସରେ ଅନୁବାଦ କରିଥିବା 'I remember, I remember' କବିତାର ଗୋଟିଏ ପଦକୁ ଅନୁଧ୍ୟାନ କଲେ ତାଙ୍କ ଅନୁବାଦ ଦକ୍ଷତାର ପରିଚୟ ମିଳେ । ସେହି ପଦଟି ହେଲା-

''ମନେପଡ଼େ ମୋର ବାଉଁଶ ଝାଡ଼ଲୋ
    କେଡ଼େ ଉଚ୍ଚ ପୁଣି କେଡ଼େ ଅନ୍ଧାର,
ମଣୁଥିଲି ତା'ର ସରୁଆ ଅଗଟି
    ଛୁଇଁଥିବ ପରା ସରଗ ପାର ।
ମାତ୍ର ସେହି ସବୁ ଶିଶୁ କଳପନା
    ଏବେ ଜାଣିଲି ମୁଁ ଦୁଃଖ ଅନ୍ତରେ
ପ୍ରଭୁଙ୍କଠୁଁ ମୁହିଁ ବାଲ୍ୟକାଳୁ ଏବେ
    ପଡ଼ିରହିଲିଣି ବହୁ ଦୂରରେ ।।''

ଖାଲି ଅନୁବାଦ ଦକ୍ଷତା ନୁହେଁ, ତାଙ୍କ ଭିତରେ ଏକ ପ୍ରଚ୍ଛନ୍ନ କବିଆତ୍ମା ମଧ୍ୟ ରହିଥିଲା । ମୋର ଯାହା ମନେହୁଏ ସେ ଚାହିଁଥିଲେ ଭଲ କବିତା ମଧ୍ୟ ଲେଖିପାରିଥାନ୍ତେ । କିନ୍ତୁ ସେଥି ପ୍ରତି ସେ ଆଗ୍ରହ ପ୍ରକାଶ କରି ନାହାନ୍ତି ବା ଚେଷ୍ଟା କରିନାହାନ୍ତି ।



Digitized by PPRACHIN, SOA

'ମୁଁ କାହିଁକି ଲେଖେ'ରେ ସେ ସ୍ୱୀକାର କରିଛନ୍ତି- ''ନାନା ପରୀକ୍ଷା-ନିରୀକ୍ଷା ସବୁ ବିଭାଗରେ କରିସାରି ଜାଣିଛି ମୋ ଦେଇ ଗଳ୍ପହେବ, ଉପନ୍ୟାସ ହୋଇପାରେ । x x x ମୋତେ ଲୋକେ ମୁଖ୍ୟତଃ ଗାଳ୍ପିକ ଓ ଲଳିତନିବନ୍ଧ ଲେଖକ ବୋଲି ଜାଣନ୍ତି । ମୋର ବିଶ୍ୱାସ ମୁଁ କିଛିଦିନ ମଲାପରେ ବଞ୍ଚିବି ମୋର ରମ୍ୟ-ରଚନା 'ବୁଢ଼ାବାବୁ' ପାଇଁ, ସମାଲୋଚନା ଚମ୍ପା ଓ ସେନାପତିଙ୍କ କତିପୟ ଚରିତ୍ର ଅଧ୍ୟୟନ ଏବଂ ଆଠଦଶଟି ଗଳ୍ପ ପାଇଁ ।'' (ମୁଁ କାହିଁକି ଲେଖେ?)

ତେଣୁ କଥକତା ହିଁ ତାଙ୍କ ସୃଜନଶୀଳତାର ମୂଳକଥା- କବିତା ନୁହେଁ । ସେ ଯେମିତି କହନ୍ତି, ସେମିତି ଲେଖନ୍ତି । ତାଙ୍କ କଥା ଓ ଲେଖାର ଭାଷା ଭିତରେ କିଛି ତଫାତ୍ ନଥାଏ । ସେଥିପାଇଁ ତାହା ଖୁବ୍ ଆପଣାର ଲାଗେ- ଫକୀରମୋହନଙ୍କ ଗପଭଳି । ଏକ ସାକ୍ଷାତକାରରେ ସେ କହିଛନ୍ତି- ''ଫକୀରମୋହନଙ୍କ ସଙ୍ଗେ ମୁଁ ବରାବର ଯୋଡ଼ିଥାଏ ଡିକେନ୍ସଙ୍କୁ, ଚାର୍ଲସ ଲ୍ୟାମ୍ବଙ୍କୁ । ମୋତେ ପ୍ରେମଚାନ୍ଦ, ବଙ୍କିମଚନ୍ଦ୍ର ଆଦି ପ୍ରଭାବିତ କରିନାହାନ୍ତି । ଫକୀରମୋହନଙ୍କ ଲେଖା ପଢ଼ିଲେ ମୋତେ ଏକଦମ ମୌଳିକ ଲାଗେ, ଓଡ଼ିଶାର ଯଥାଯଥ ରୂପ ଦିଆଯାଇଛି ବୋଲି ଅନୁଭବ କରିହୁଏ ।'' ବାସ୍ତବିକ୍ ଫକୀରମୋହନ ହିଁ ଥିଲେ ତାଙ୍କ ଗାଳ୍ପିକ ଜୀବନର ଗୁରୁ, ଯେଉଁ ଫକୀରମୋହନ ୧୯୧୪-୧୫ ସାଲରେ 'ଉତ୍କଳ ସାହିତ୍ୟ'ର ପ୍ରବୀଣ ସଂପାଦକ ବିଶ୍ୱନାଥ କରଙ୍କୁ ପତ୍ରଲେଖି ଜଣାଇଥିଲେ- ''ଗଳ୍ପ ଲେଖିବା କିଛି ଗୁରୁତର କାର୍ଯ୍ୟନୁହେଁ । ପୃଥିବୀ ଗଳ୍ପମୟ, ଅଭାବ-ଚିନ୍ତା ଆଉ ଦେହର ।'' x x ''ଗଳ୍ପ ଲେଖିବାକୁ ଚେଷ୍ଟା କରୁଥିଲି । x x ଉଦ୍ଦେଶ୍ୟ ମୋ ଲେଖା ଦେଖି ଅନ୍ୟ ଲୋକେ ଲେଖିବାକୁ ଚେଷ୍ଟା କରିବେ ।'' 'ପୃଥିବୀ ଗଳ୍ପମୟ'- ଏ ଉକ୍ତିକୁ ସାର୍ଥକ କରିଛନ୍ତି ତାଙ୍କ ପରେ ବହୁ ଓଡ଼ିଆ ଗାଳ୍ପିକ ପ୍ରାୟ ଶହେବର୍ଷ ଧରି; କିନ୍ତୁ ସତକହିବାକୁ ଗଲେ ବିଷୟବସ୍ତୁର ଆହରଣ, ଉପସ୍ଥାପନ ଓ ଭାଷାଶୈଳୀ ଦୃଷ୍ଟିରୁ ବସନ୍ତବାବୁ ତାଙ୍କର ସଫଳ ଉତ୍ତରଦାୟାଦ । ସେ ସ୍ପଷ୍ଟଭାବରେ କହିଛନ୍ତି- ''ଯେଉଁ ଲୋକ କବି ବା ଲେଖକ ହେବ, ତା'ର ଯୋଡ଼ାଏ କଥା ରହିବା ନିହାତି ଦରକାର He must have eyes to see and ears to hear. xx ଆଖିଟା trend ହୋଇଥିବା ଦରକାର । ସେଥିପାଇଁ ପ୍ରସ୍ତୁତି ଦରକାର ।'' ''ମୁଁ Hypocracyକୁ ଭଲ ପାଏନାହିଁ, vanity ଭଲପାଏ ନାହିଁ, ବା ଛୋଟଲୋକି ବା ଫୁଟାଣି ଭଲପାଏ ନାହିଁ । ମୁଁ ଯେ ଖୁବ୍ ପବିତ୍ର ଲୋକ ସେ କଥା ନୁହେଁ; Moralist ନୁହେଁ, କାହାକୁ କେବେ Moral lesson ଦିଏନାହିଁ । ଯେଉଁଠି କିଏ ଦେବାପାଇଁ ବାହାରିଲା- ଗଳ୍ପ ହେଉ ବା ଅନ୍ୟକିଛି ଲେଖା ହେଉ, ସେଇ ଲେଖାଟା ସାହିତ୍ୟ ପଦବାଚ୍ୟ ହେବାରେ ଅସୁବିଧା ରହିଗଲା ବୋଲି ମୁଁ ଭାବେ । x x ମାନବ ଜାତିକୁ ମଣିଷ ହୋଇ ବଞ୍ଚରହିବାକୁ ହେଲେ ଏହି ତିନୋଟିକୁ ପରିହାର କରିବା ଉଚିତ । ଏ ଗୁଡ଼ିକ ଆମକୁ ଅମଣିଷ କରିଦିଏ । ସାହିତ୍ୟିକମାନେ ଏଇ ତିନୋଟି ଉପରେ ହିଁ ଗୁରୁତ୍ୱ ଆରୋପ କରୁଛନ୍ତି । ମାନବିକତା ମୋର ଧର୍ମ । ମାନବ ଜାତିକୁ ମୁଁ ସେହିଭଳି ଦେଖିବି ଓ ଚାହିଁବି ଯେ, ସେମାନେ ମଣିଷ ହୋଇ ରହନ୍ତୁ, ପଶୁ ଆଡ଼କୁ ନ ଯାଆନ୍ତୁ । ବିରାଡ଼ି, କୁକୁରକୁ ମୁଁ ଭଲପାଏ, କାରଣ ସେମାନଙ୍କ ଠାରେ ମୁଁ ଦେବତ୍ୱ ଉପଲବ୍ଧି କରେ । ମୁଁ ଭାବେ ମଣିଷଠାରୁ ଏଇ ଜୀବଜନ୍ତୁମାନେ ଭଲ ।'' ବୋଧହୁଏ ସେଥିପାଇଁ ବସନ୍ତବାବୁ ଚାରିପାଖର ମଣିଷମାନଙ୍କ ସହିତ କୁକୁର, ବିଲେଇ, ଘରଚଟିଆ, ନେଉଳ, ମାଙ୍କଡ଼, ମାଛ ଇତ୍ୟାଦି ଇତର ପ୍ରାଣୀମାନଙ୍କୁ ବି ତାଙ୍କ ଗଳ୍ପର ଉପଜୀବ୍ୟ କରିଛନ୍ତି। ତାଙ୍କ ମତରେ 'ମୋଡ଼ ବୁଲିଲେ ଗପଟିଏ'- 'ସାମାନ୍ୟତମ



Digitized by PPRACHIN, SOA

ବିଷୟବସ୍ତୁ ଗପ ପାଇଁ ଯଥେଷ୍ଟ ।' କେବଳ ଇତରପ୍ରାଣୀ ନୁହନ୍ତି, ଇତର ମଣିଷ ଓ ଇତର ପଦାର୍ଥ ମଧ୍ୟ ତାଙ୍କ ପ୍ରାୟ ସବୁ ଗଳ୍ପର ମୂଳପିଣ୍ଡ । ଏଇ ଯେମିତି ଭଂଗାକାଚ ଗୋଟାଳି, ଆଇବୁଢ଼ୀ, ରୁଟିବାଲୀ, ସରସ୍ୱତୀ କୁଣ୍ଡୁ, କୁଳିଗାଁର ସରୋଜିନୀ ମହାନ୍ତି, ଅନ୍ଧୁଣୀ କୁଷ୍ଠରୋଗୀ, ଘୁଷୁରି ସାହିର ଅଲୋଡ଼ା ମଣିଷ ପ୍ରଭୃତି । ସେମିତି ଚା, ଚାଉଳ, ଆଳୁ, ବରା, ଗୁଲୁଗୁଲା, ମାଂସ, ଅଙ୍ଗୁର, ବେଲା, କାଠ, କାଠଚମ୍ପା, ପଦ୍ମଫୁଲ, କୃଷ୍ଣଚୂଡ଼ା ଇତ୍ୟାଦି ଇତର ପଦାର୍ଥ ମଧ୍ୟ ତାଙ୍କ ସୃଷ୍ଟିର ଗୋଟିଏ ଗୋଟିଏ କେନ୍ଦ୍ରବିନ୍ଦୁ ବା ଉତ୍ସ । ଏସବୁକୁ ନେଇ ସେ ତାଙ୍କ ଅନୁଭୂତି ଓ କଳ୍ପନାକୁ ମିଶାଇ ସୃଷ୍ଟି କରିଛନ୍ତି ଚମତ୍କାର ଗଳ୍ପ ସବୁ । ତାଙ୍କୁ ଏକ ପ୍ରଶ୍ନ କରାଯାଇଥିଲା- ମାନବେତର ଚରିତ୍ର କୁଆ, ନେଉଳ, କୁକୁର, ଛେଳି ପୁଣି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଚା, ଚାଉଳ ଆଦିକୁ ନେଇ ଆପଣ ଗଳ୍ପ ଲେଖନ୍ତି କାହିଁକି ? ଏହାର ଉତ୍ତରରେ ସେ କହିଥିଲେ- ''କାମରେ ଘାରଇ ଯେ ଅନଙ୍ଗବାଣ/ ଚେତନ, ଅଚେତନ ତା'ର ସମାନ ।'' ପ୍ରେମରେ ଯିଏ ମଜ୍ଜିଯାଇଛି, ସେ ଚେତନ ଅଚେତନର ତଫାତ୍ ଜାଣିପାରିବନି । କାମରେ ମଜ୍ଜିଯାଇଛି ମାନେ love ରେ ପଡ଼ିଯାଇଛି, ଅର୍ଥାତ୍ ନିବିଡ଼ ଭାବରେ ଭଲ ପାଇ ବସିଛି । (ବ୍ଲାକି) କୁକୁର ବିଷୟରେ ଯେଉଁ ଲେଖିଛି, ତା' ସ୍ନେହରେ ଏତେ ମଜ୍ଜିଯାଇଛି ଯେ, ତା'ରି ସଂପର୍କରେ ଲେଖିଛି । x x ଗଛଗୁଡ଼ିକର ଜୀବନ ଅଛି, ଲତାମାନଙ୍କର ଜୀବନ ଅଛି । ତାକୁ ଭାଙ୍ଗିଦେଲେ କି ଚୁଙ୍କିଦେଲେ ରସ ବାହାରୁଛି, ଅର୍ଥାତ୍ ସେମାନେ କାନ୍ଦି ପକାଉଛନ୍ତି । ଏତକ ନହେଲେ ଅର୍ଥାତ୍ ଉପଲବ୍ଧି ହେବନାହିଁ ।'' (ସାକ୍ଷାତ୍କାର- ଚିରବସନ୍ତ- ପୃ : ୧୨)

ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଚେତନ ହେଉ ବା ଅଚେତନ ହେଉ, ଯାହାକୁ ସେ ନିବିଡ଼ ଭାବରେ ଭଲ ପାଇଛନ୍ତି ତାକୁ ସେ ସ୍ଥାନ ଦେଇଛନ୍ତି ନିଜ ଗଳ୍ପରେ, ନିଜ ରଚନାରେ । ଯଶସ୍ୱୀ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି- ୧୭-୨-୧୯୮୭ତାରିଖରେ ତାଙ୍କୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପତ୍ର ଲେଖି ତାଙ୍କ ଗଳ୍ପ ସଂପର୍କରେ ଯେଉଁ ପ୍ରଶଂସାସୂଚକ ମତ ପ୍ରଦାନ କରିଥିଲେ ତାହା ଖୁବ ଗୁରୁତ୍ୱପୂର୍ଣ୍ଣ । ସେ ଲେଖିଥିଲେ- ''କିଛିଦିନ ତଳେ ଆପଣଙ୍କର 'ଭାଲୁଶିକାର' ଗଳ୍ପ ମୋତେ ମଧ୍ୟ ଭାରି ଭଲ ଲାଗିଥିଲା । x x ଆପଣ ସାଂପ୍ରତିକ ଗଳ୍ପଲେଖକମାନଙ୍କ ମଧ୍ୟରେ ମୋତେ ଆପିଲ କରନ୍ତି ବେଶି । ଆପଣଙ୍କ ଗଳ୍ପମାନଙ୍କରେ ମୁଁ ଦୁଇଟି ଜିନିଷ ଲକ୍ଷ୍ୟ କରିଥାଏ- ଶୁଦ୍ଧ ହାସ୍ୟରସ, ସିଏ ପୁଣି ନିଜକୁ କେନ୍ଦ୍ରକରି ଓ ଅବଜରଭେସନ୍‌ର ତୀକ୍ଷ୍ଣତା । ଏ ଦୁଇଟିଯାକ ବସ୍ତୁ ଆଜି ଓଡ଼ିଆ ସାହିତ୍ୟରେ ବିରଳ । ଆପଣଙ୍କ ହାସ୍ୟରେ ମୁଁ ପାଇଥାଏ Jerome K.Jerome ଓ P.G. W. Hood houseଙ୍କ ହାସ୍ୟର ସ୍ପର୍ଶ । x x ଆପଣ ଏଇ ପରିଣତ ବୟସରେ ଯେ ତଥାପି ଲେଖିପାରୁଛନ୍ତି ଆଉ ଭଲ ଲେଖୁଛନ୍ତି, ଏଇ ବଡ଼କଥା ।'' ସୁରେନ୍ଦ୍ର ମହାନ୍ତି ତାଙ୍କ ସମ୍ପର୍କରେ ଠିକ୍ କଥାହିଁ କହିଥିଲେ । ଆଜିକାଲି ଅନେକ ଗାଳ୍ପିକଙ୍କ ଲେଖାରେ ଅବଜରଭେସନର ତୀକ୍ଷ୍ଣତା ଓ ନିର୍ଦ୍ଦିଷ୍ଟତା ରହୁନାହିଁ, ଯାହା ଥିଲା ବସନ୍ତବାବୁଙ୍କ ପ୍ରତିଟି ଗଳ୍ପରେ । କେବଳ ଅବଜରଭେସନ୍‌ର ତୀକ୍ଷ୍ଣତା ନୁହେଁ, ତାପରେ ଗଳ୍ପର ପ୍ଲଟ୍‌କୁ ନେଇ କାହାଣୀ ସୃଷ୍ଟି କରିବା ଏବଂ ନିଖୁଣ ଚରିତ୍ରଚିତ୍ରଣ କରିବା ବସନ୍ତବାବୁଙ୍କ ସ୍ରଷ୍ଟା-ମାନସର ମୂଳପିଣ୍ଡ । ସେଇଥିରେ ହିଁ ସେ ନିଜ ଅପୂର୍ବ ସର୍ଜନ ଦକ୍ଷତାର ପ୍ରମାଣ ଦେଇ ପାରିଛନ୍ତି ।

ସେ ତାଙ୍କ ଜୀବନକାଳ ମଧ୍ୟରେ ପ୍ରାୟ ୧୨୦ଟି ଗଳ୍ପ ଲେଖିଛନ୍ତି, ଯାହା ଅଦ୍ୟାବଧି ପ୍ରକାଶିତ ତାଙ୍କର ୧୦ଟି ଗଳ୍ପ ସଂକଳନରେ ସନ୍ନିବିଷ୍ଟ । ତାଙ୍କ ଗଳ୍ପ ଲେଖନର ପ୍ରସ୍ତୁତି-ପ୍ରଣାଳୀ ଓ ସର୍ଜନ-କୌଶଳ ଅନ୍ୟ ଲେଖକମାନଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲା । ସେ ଗୋଟିଏ



Digitized by PPRACHIN, SOA

ଗଳ୍ପର ପ୍ଲଟ୍ ବା ବିଷୟବସ୍ତୁ ଠିକ୍ କରି ସାରିଲା ପରେ ପ୍ରଥମେ କିଛି ନିକଟତମ ଲୋକଙ୍କୁ କହି ଶୁଣାନ୍ତି । ତାପରେ ଲିଖିତ ରୂପ ଦେବା ପରେ ପୁଣି ସେମାନଙ୍କୁ ତଥା ଆଉ କିଛି 'ପ୍ରତିନିଧି ସ୍ଥାନୀୟ ପାଠକଙ୍କୁ ଏହା ପଢ଼ାଇ ସେମାନଙ୍କ ମତାମତ ନିଅନ୍ତି । ଏହାପରେ ସେହି ପ୍ରଥମ ପାଣ୍ଡୁଲିପିଟିକୁ କଟାକଟି ଓ ଆବଶ୍ୟକ ପରିବର୍ତ୍ତନ ପରେ ଚୂଡ଼ାନ୍ତରୂପ ଦେଇ ପ୍ରକାଶ ପାଇଁ ପଠାନ୍ତି । ଛପାହେଲାପରେ- ''ଅନ୍ୟ ଜଣକର ଗଳ୍ପ ପଢୁଚି ଭାବି'' ପଢ଼ନ୍ତି ଏବଂ ଆନନ୍ଦ ଲାଭ କରନ୍ତି । ଅଧିକାଂଶ ଗାଳ୍ପିକ କିନ୍ତୁ ଏଭଳି ପଦ୍ଧତି ଅବଲମ୍ବନ କରନ୍ତି ନାହିଁ । ଗଳ୍ପଟିଏ ଲେଖିସାରି ପ୍ରକାଶ କରିବା ପର୍ଯ୍ୟନ୍ତ ତାହା ଥାଏ ପାଠକମାନଙ୍କ ସଂପୂର୍ଣ୍ଣ ଅଗୋଚରରେ । ବସନ୍ତବାବୁଙ୍କ ଗଳ୍ପଲେଖନ ପ୍ରଣାଳୀରୁ ଗୋଟିଏ କଥା ପ୍ରମାଣିତ ହୁଏ ଯେ, ସେ ଅନ୍ୟମାନଙ୍କ ମତାମତକୁ କେତେ ସମ୍ମାନ ଦେଉଥିଲେ । ସେଥିରେ ତାଙ୍କ ଲେଖକୀୟ ସମ୍ମାନ ହାନି ହେଉଥିଲା ବୋଲି ଭାବୁନଥିଲେ । ବରଂ ଏହା ତାଙ୍କ ଗଳ୍ପକୁ ଅଧିକ ମାର୍ଜିତ କରିବା ସଂଗେସଂଗେ ଦିଗ୍‌ଦର୍ଶନ ଦେବାରେ ସହାୟକ ହେଉଥିଲା । ଶ୍ରୋତା ଓ ପାଠକମାନଙ୍କ ମତାମତକୁ ସେ ଅତି ଆନନ୍ଦରେ ଉଦାରତାର ସହ ଗ୍ରହଣ କରୁଥିଲେ । ମୁଁ ଓ ମୋର ବଂଧୁମାନେ ତାଙ୍କ ବହୁ ଗଳ୍ପର ପ୍ରଥମ ଶ୍ରୋତା ବା ପାଠକ ଭାବରେ ଦୀର୍ଘବର୍ଷ ଧରି ଏହା ଉପଲବ୍ଧ କରିଆସିଛୁ ।

ତାଙ୍କ ଗଳ୍ପ ଓ ରମ୍ୟରଚନା କେହି କାହାଠାରୁ ଭିନ୍ନ ନୁହନ୍ତି, ବରଂ ପରସ୍ପରର ଖୁବ୍ ନିକଟତର । ଗଳ୍ପରେ ରମ୍ୟରଚନା ଓ ରମ୍ୟରଚନାରେ ଗଳ୍ପ-ଶୈଳୀର ପ୍ରଭାବ ଅନୁଭୂତ ହୁଏ । ଉଭୟେ ଯେପରି ଉଭୟର ପରିପୂରକ । ତାଙ୍କର ଏକ ବହୁ ଆଦୃତ ଲେଖା 'ବୁଢ଼ାବାବୁ' ଗଳ୍ପ କି ରମ୍ୟରଚନା, କେଉଁ ଶ୍ରେଣୀର ଅନ୍ତର୍ଭୁକ୍ତ, ତାହା ନିର୍ଣ୍ଣୟ କରିବା କଠିନ ହୁଏ ପାଠକ ଓ ସମାଲୋଚକଙ୍କ ପକ୍ଷରେ । ଏହାହିଁ ତାଙ୍କ ରଚନାର ଏକ ବିଶେଷତ୍ୱ ।

ସେ ଗଳ୍ପରେ ଦାର୍ଶନିକତା, ନୈତିକତା, ତତ୍ତ୍ୱ ବା ଆଦର୍ଶ ବଖାଣନ୍ତି ନାହିଁ । ଏହା ତାଙ୍କ ଲେଖକୀୟ ଆଭିମୁଖ୍ୟ ଓ ଆଦର୍ଶର ବାହାରେ । ସକଳ ପ୍ରକାର ପ୍ରଚାରଧର୍ମିତାକୁ ସେ ବର୍ଜନ କରିଛନ୍ତି ନିଜ ଲେଖାରେ । କୌଣସି ଏକ ଘଟଣା, ବିଷୟ ଓ ଚରିତ୍ରକୁ ନିଜସ୍ୱ ଭଂଗୀରେ ଶିଳ୍ପସଂଗତ ରୂପଦେବା ପାଇଁ ସେ ଅଧିକ ଆଗ୍ରହୀ । ଏହାସତ୍ତ୍ୱେ ତାଙ୍କ ଅନେକ ଗଳ୍ପରେ ପ୍ରଚ୍ଛନ୍ନ ଭାବରେ ଥାଏ କିଛି କିଛି ବାର୍ତ୍ତା, କିଛିକିଛି ମାନବିକ ଚେତନାର କଥା, କିଛିକିଛି ଉଚ୍ଚ ମୂଲ୍ୟବୋଧର ଆଦର୍ଶ । ଆଗ୍ରହୀ ପାଠକ ଓ ଅନୁସନ୍ଧିତ୍ସୁ ସମୀକ୍ଷକଙ୍କ ଆଖିରୁ ଏହା ଲୁଚି ରହିପାରେ ନାହିଁ । ଉଦାହରଣସ୍ୱରୂପ ତାଙ୍କ ଦୁଇଟି ବିଖ୍ୟାତ ଗଳ୍ପ 'କାଠ' ଓ 'ବାପା'କୁ ନିଆଯାଉ । 'କାଠ' ଗଳ୍ପରେ ଜଣେ ସାନ୍ତାଳ ଆଦିବାସୀର ସରଳ ବିଶ୍ୱାସ ଓ ତା'ର ଆର୍ଥିକ ଦୁସ୍ଥିତିର ସୁଯୋଗ ନେଇ ତାକୁ ଠକେଇବା ଓ ଶୋଷଣ କରିବାର ସ୍ୱାର୍ଥ-ଜଡ଼ିତ ମନୋବୃତ୍ତି ଓ ପ୍ରଚେଷ୍ଟା-ସହିତ ତା'ଠାରୁ ମାତ୍ର ଚାରିଅଣା ପଇସା ଫେରସ୍ତ ପାଇବା ପାଇଁ ତା' ଉପରେ ଆସ୍ଥା ସ୍ଥାପନ କରି ନପାରିବାର ସନ୍ଦେହୀ ଭାବ ଏବଂ ଶେଷରେ ଏହାର ପ୍ରତିକ୍ରିୟା ସ୍ୱରୂପ ସେଇ ନିରୀହ-ସରଳ-ଶାନ୍ତ ଆଦିବାସୀଟିର ସ୍ୱତଃସ୍ଫୂର୍ତ୍ତ ପ୍ରଚଣ୍ଡ ପ୍ରତିକ୍ରିୟା ସହିତ ରୁଦ୍ରମୂର୍ତ୍ତି ଧାରଣର ଚିତ୍ରକୁ ଲେଖକ ଏତେ ଜୀବନ୍ତ ଭାବରେ ରୂପ ଦେଇଛନ୍ତି ଯେ, ଏହା ଯେକୌଣସି ସଚେତନ ପାଠକକୁ ମୁଗ୍ଧ-ଚକିତ କରିବ । ମହାନ୍ ସାମ୍ୟବାଦୀ କଥାଶିଳ୍ପୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ପ୍ରସିଦ୍ଧ ଗଳ୍ପ 'ଶିକାର' ପରେ ମୋ ବିଚାରରେ ବସନ୍ତ ଶତପଥୀଙ୍କ ଏହି 'କାଠ' ଗଳ୍ପ ହିଁ ଆଦିବାସୀ ଜୀବନ-ବିଶ୍ୱାସ ଓ ଚରିତ୍ରର ବୈଶିଷ୍ଟ୍ୟ ଉପରେ ଲିଖିତ ଏପରି ଏକ



Digitized by PPRACHIN, SOA

ଗଳ୍ପ, ଯାହା ଓଡ଼ିଆ ସାହିତ୍ୟରେ ଅନ୍ୟ ଏକ ମାଇଲ ଫ୍ଟୋନ ବୋଲି କୁହାଯାଇପାରେ । ଏହାର ପଟାନ୍ତର ନାହିଁ । 'ଶିକାର' ଗଳ୍ପରେ ସରଳ ଆଦିବାସୀ 'ଘିନୁଆ' ବାଘରୂପୀ ମହାଜନର ମୁଣ୍ଡକାଟି ନିଜର ପ୍ରତିବାଦ ଜଣାଇଥିଲା ବେଳେ, 'କାଠ' ଗଳ୍ପରେ ସରଳ ଆଦିବାସୀଟି ନିଜ ସ୍ୱାଭିମାନର ପରିଚୟ ଦେଇ କହିଛି- 'କି କହିଲୁ ବାବୁ ! କି ବିଶ୍ୱାସ ! ଏତେବେଳ ଯାଏ ମୋତେ ଟେକାଟେକି କରି, ଭୁଲେଇ ଚୁକେଇ ତର ସବୁ କାମ ଆଦାୟ କରିନେଲୁ । ମର ଜମିଜାଇଗା ବି ସବୁ ତୁମରମାନେ ନେଲ । ମର ନକରିବା କାମବି କରିଦେଲି । ଦୁଇଟା ଶୁଖିଲା ରୁଟିଦେଲୁ ଯେ ଭାବିଛୁ ଢ଼େର ଦେଲୁ ? କହୁଛି, କି ବିଶ୍ୱାସ ! ଆମର କି ମଣିଷ ନାଇଁ, ବଣର ଭାଲୁ ହେଇଛି ? ପଇସାରେ ବଡ଼ନୁକି ଦେଖେଇ ହେଉଚୁ ? ମୁଁ ତର ଚାଲାକି ସବୁ ବୁଝିଛି । ନେ ତର ପଇସା ।'' ସ୍ୱାଭିମାନୀ ଆଦିବାସୀଟିର ଏଇ ଉକ୍ତି ଭିତରେ ଗାଳ୍ପିକ ବସନ୍ତ ଶତପଥୀ ଯେମିତି ଦୀର୍ଘକାଳ ଧରି ଅଣଆଦିବାସୀମାନଙ୍କ ଦ୍ୱାରା ଶୋଷିତ, ଅତ୍ୟାଚାରିତ ଓ ନିର୍ଯାତିତ କୋଟିକୋଟି ଆଦିବାସୀଙ୍କ ଅବରୁଦ୍ଧ ଅନ୍ତରର ଅଗ୍ନିବର୍ଷି ପ୍ରତିବାଦର ବାଣୀକୁ ରୂପଦେଇଛନ୍ତି, ଏବଂ ତା'ର ଅନ୍ତିମ ପରିଣତିକୁ ଚିନ୍ତାକରି, ସ୍ୱଗତୋକ୍ତି କରିଛନ୍ତି- ''ତା'ର ରୁଦ୍ରମୂର୍ତ୍ତି ଦେଖି ସେଇ ମୁହୂର୍ତ୍ତରେ ମୁଁ ଉପଲବ୍ଧି କଲି, ଏ ଲୋକଟାକୁ ସଜାଗ, ସଚେତନ କରି, ଚାଳି-ଉସୁକାଇ ମୁଁ ବଡ଼ ଭୁଲ୍ କରିଛି । ଯଦି ସେ ବୁଝିବ, ଏଯାବତ୍ ତା' ପ୍ରତି ମୋର ଆଚରଣ ଓ ବ୍ୟବହାରରେ ଆତ୍ମୀୟତା ବା ଆନ୍ତରିକତା ନଥିଲା, ଥିଲା ଖାଲି ସ୍ୱାର୍ଥ ଓ ପ୍ରତାରଣା, ତେବେ ସେ ହୁଏତ ଉତ୍ୟକ୍ତ ଓ ଉତ୍କ୍ଷିପ୍ତ ହୋଇ ବୁଲି ପଡ଼ିବ, ଆଉ ଗୋଟିଏ ଧଅ କାଠଗଡ଼ ରହିଗଲା ଭାବି ଦୁଇ କେଜିଆ କୁରାଢ଼ିରେ ହୁଏତ ମୋର ଛାତି-ମୁଣ୍ଡକୁ ଚିରି ଦୁଇଫାଳ କରିଦେବ ।'' (କାଠ, ହାଇଦ୍ରାବାଦ ଅଙ୍କୁର)

ଆଜି ଯାଜପୁରର 'କଳିଙ୍ଗନଗର'ରେ ଶିଳ୍ପ ବିକାଶ ନାମରେ ବାସଚ୍ୟୁତ ଓ ପ୍ରତାରିତ ଦରିଦ୍ର ଆଦିବାସୀମାନଙ୍କ ପ୍ରଚଣ୍ଡ ରୋଷ ଓ ବିଦ୍ରୋହର ପ୍ରେକ୍ଷାପଟରେ ବିଚାରକଲେ ଆଜକୁ ପ୍ରାୟ ତିରିଶ ବର୍ଷ ତଳେ ରଚିତ ଏହି ଗଳ୍ପର ନାୟକ ଗରିବ ଆଦିବାସୀଟିର ସ୍ୱର ଭିତରେ ଲେଖକଙ୍କ ଅବଜର୍‌ଭେସନ୍ ଓ ଦୂରଦୃଷ୍ଟିକୁ ତାରିଫ ନକରି ରହିହୁଏ ନାହିଁ । ଆଦିବାସୀଙ୍କ ଜାଗୃତି, ଆତ୍ମସଚେତନତା ଓ ସ୍ୱତଃସ୍ଫୂର୍ତ୍ତ ବିଦ୍ରୋହର ସ୍ୱର ଭଗବତୀଙ୍କ 'ଶିକାର' ଗଳ୍ପରୁ ଆରମ୍ଭ ହୋଇ ଗୋପୀନାଥ ମହାନ୍ତିଙ୍କ 'ପରଜା' ଉପନ୍ୟାସ ମଧ୍ୟଦେଇ ବସନ୍ତ ଶତପଥୀଙ୍କ 'କାଠ' ଗଳ୍ପରେ ଏକ ନିର୍ଣ୍ଣାୟକ ଭୂମିକା ନେଇଛି, ଯାହା ଆଜି ପ୍ରମାଣିତ ।

ସେହିପରି 'ବାପା' ଗଳ୍ପରେ ଗାଳ୍ପିକ ଶତପଥୀ ତିନୋଟି ପ୍ରଜନ୍ମର ବ୍ୟବଧାନ (Generation Gap)କୁ ରୂପଦେଇଛନ୍ତି ଅତି ଚମତ୍କାର ଓ ସାର୍ଥକ ଭାବରେ । ଗୋଟାଏ କୋଠରିରେ ଆସନ୍ନ ମୃତ୍ୟୁକୁ ଅପେକ୍ଷାରତ ଜରାଜୀର୍ଣ୍ଣ ରୁଗ୍‌ଣ ପିତା ଏବଂ ଅନ୍ୟ ଏକ ପାଖ କୋଠରିରେ ଉଚ୍ଚକଣ୍ଠରେ ହାସ୍ୟାଳାପରତ ଯୁବକପୁତ୍ର ଓ ତା'ର ବଂଧୁଗଣ । ଏ ଉଭୟଙ୍କ ମଧ୍ୟରୁ ଏକ ନିରବ ସୂତ୍ରଧରର ଭୂମିକାରେ ଠିଆ ହୋଇ ଲେଖକ ତଉଲିଛନ୍ତି ଅତୀତ ସହ ଭବିଷ୍ୟତକୁ ବର୍ତ୍ତମାନର ତୁଳାଦଣ୍ଡରେ । ଆଜି ଯେ ପୁଅ, କାଲି ପୁଣି ସେ ବାପା ହେବ । ବାପା ହେବାପରେ ସେ ପୁଅକୁ ଦେଖିବ ଭିନ୍ନ ରୂପରେ । ଦୁହିଁଙ୍କ ଭିତରେ ରକ୍ତର ନିବିଡ଼ ସଂପର୍କ, ଅଥଚ ପ୍ରଜନ୍ମଗତ ବିରାଟ ବ୍ୟବଧାନ । ଏହି ସର୍ବଜନୀନ ଓ ସର୍ବକାଳୀନ ସତ୍ୟ ଲେଖକଙ୍କ ଶକ୍ତିଶାଳୀ ଲେଖନୀରେ କିଭଳି ପ୍ରମୂର୍ତ୍ତ ହୋଇ ଉଠିଛି, ନିମ୍ନୋକ୍ତ କେତୋଟି ଉଦ୍ଧୃତିରୁ ଏହାକୁ ବେଶ୍ ହୃଦୟଙ୍ଗମ କରିହେବ-



Digitized by PPRACHIN, SOA

''ଜଣେ ଆରମ୍ଭ କଲା । 'Oh these Fathers !' ଆଉ ଜଣେ କହିଲା- 'What an excape !' ବୁଢ଼ା ଘରକୁ ପଶିଲାତ ଶ୍ମଶାନ । ଗୋଟାଏ ରାକ୍ଷସ । କିଏ ଯେ କୁଆଡ଼େ ପଳାନ୍ତି !''

''ଏଣେ ବାପାଙ୍କ ଉଁ- ଉଁ ଶବ୍ଦ, ତେଣେ ଗର୍ଜନ- 'ବେ ଶଳା ! ୟାଡ଼କୁ ଗୋଟେ ବଢ଼ା । ଶଳା, ପୂରା ଗୋଟେ ପାକିଟ ରଖିଛି । କିବେ ! ତୋ ବାପାପରି ଏବେଠୁ ହେଲୁଣି, ଢେର ରଖିବୁବେ ଜୀବନରେ ।' x x ଶେଷରେ ମୋ ପୁଅର ଗଳା ଶୁଭିଲା । ସେ କହିଲା- 'the sins of the fathers will descend upon the children'- ବାପାଙ୍କ ସବୁ ପାପ ପୁଅ ମୁଣ୍ଡକୁ ଆସିବ ।''

''ବୁଢ଼ାର ପ୍ରକୃତି ଛାଡ଼ିଲାଣି । ଥଳିଟିଏ ଧରାଇଦେଇ କହିଲା- 'ଯା କଣ୍ଟ୍ରୋଲ ଆଣିବୁ' । ମୋତେ ଗଧ ଭାବିଛି, ଦଶ କେଜି ଗହମ ବୋହି ଦାଣ୍ଡରେ ପେରେଡ଼ କରିବି !''

''ଯାହା କହ ଭାଇ ସବୁ ମେଣ୍ଡେଲଙ୍କ ଆଇନ । ଜୀବନଯାକ ଆମକୁ ଏଇ ବାପା ନାମକ ଜାନୁଆର ବିରୋଧରେ ସଂଗ୍ରାମ କରିବାକୁ ପଡ଼ିବ ।''

''ନାଇଁମ ! ହେରିଡିଟି କହ, ପରମ୍ପରା କହ-ସେଇ ହେଲା ରାକ୍ଷସ । ସେ ଆମକୁ ଖାଇବ । ବାପାତ ତା'ର ପ୍ରତୀକ । ସବୁ ମାରି ହବ, ତାକୁ ମାରି ହବନି ।''

''ଭାବୁଥାଏଁ, ଯୁଗେଯୁଗେ ଏଇ ପୁଅମାନେ ବାପାଙ୍କ ବିରୋଧରେ ଲଢ଼ିଛନ୍ତି । ରାମଚନ୍ଦ୍ରଙ୍କର ସହ ଲବ-କୁଶ, ଅର୍ଜୁନ ସହ ବବ୍ରୁବାହନ; ସୋରାବ-ରୁସ୍ତମ, ଏପରିକି ବିଶୁ-ଧରମା ସମସ୍ତେ ବାପାମାନଙ୍କ ସଂଗରେ ଟକ୍କର ଦେଇଛନ୍ତି ଏବଂ ସବୁକ୍ଷେତ୍ରରେ ବାପାଙ୍କୁ ପରାସ୍ତ କରିଛନ୍ତି । ଏ ଯୁଗରେ ଆମ ପୁଅମାନେ କ'ଣ କହୁଛନ୍ତି ଶୁଣନ୍ତୁନା-

ମୋର ବେଳେବେଳେ ଇଚ୍ଛାହୁଏ ଏ ବୁଢ଼ାଙ୍କୁ ସଫାକରି ଦିଅନ୍ତି । ଏମାନେ ପ୍ରଗତି, ସଭ୍ୟତା ସବୁର ଅନ୍ତରାୟ । ୟାଙ୍କ ରାଜତ୍ୱ ନସରିଲେ ଆମର ଗତି-ମୁକ୍ତି ନାହିଁ ।''

କିନ୍ତୁ ଏତେ ସତ୍ତ୍ୱେ 'ବାପା' ଚିରକାଳ ବାପା । ପୁଅ ପାଇଁ ବାପାର ହୃଦୟ ସବୁବେଳେ କାନ୍ଦୁଥାଏ- ସବୁବେଳେ ଜାଗ୍ରତଥାଏ । ଲେଖକଙ୍କ ଭାଷାରେ- ''ଦୟା ହୁଏ । ଏଇ ଲୋକଟି ଦିନେ ନିଜେ ନଖାଇ ତା' ପେଟରୁ କାଟି ମୋତେ ଖୁଆଇଥିଲା, ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ, ଏପରିକି ସ୍ୱାସ୍ଥ୍ୟକୁ ଜଳାଞ୍ଜଳି ଦେଇ ମୋ ଦିହକୁ ମାସମାସ, ବର୍ଷବର୍ଷ ଜଗି ରହିଥିଲା । ଖରା-ବର୍ଷା-ଶୀତରେ ମାଇଲ ମାଇଲ ଯାଇ ମୋ ପାଇଁ ଦୁଧ ଆଣୁଥିଲା । କାଖ-କାନ୍ଧକରି ତା'ର ଅଝଟ ଅମାନିଆ ମୂର୍ଖ ପୁଅକୁ ଚାଟଶାଳୀ ସ୍ଥଳକୁ ନେଉଥିଲା । ଗୋରୁ-ଗାଈ ବିକି ପୁଅର ବଦ୍‌ଖର୍ଚ୍ଚ ମେଣ୍ଟାଉଥିଲା କଲେଜରେ । ଖୋଜାଖୋଜି କରି ଗୋଟିଏ ଚାଉଳରେ ଗଢ଼ା କନ୍ୟା ବିଭା କରାଇଥିଲା । ଅନ୍ଧର ଲଉଡ଼ି- ଦରିଦ୍ରପସରା କରି ମୋତେ ବଞ୍ଚାଇ ରଖିବାକୁ ଦିଅଁ-ଦେବତା ଆଗରେ ପୂଜାପାଠ କରୁଥିଲା । ଯଦି ଦରକାର ପଡ଼ିଥାନ୍ତା ବାବର ପରି ପୁଅର ରୋଗ ନିଜ ଦେହକୁ ନେଇ ମୃତ୍ୟୁବରଣ କରିଥାନ୍ତା ।'' କାରୁଣ୍ୟ ଓ କ୍ରୋଧ, ଶ୍ରଦ୍ଧା ଓ ବିତୃଷ୍ଣା, ସ୍ନେହ ଓ ବିଦ୍ରୋହର ଯୁଗପଦ୍ ମିଶ୍ରଣରେ 'ବାପା' ପ୍ରଜନ୍ମଗତ ବ୍ୟବଧାନର ବୈଶିଷ୍ଟ୍ୟ ପ୍ରତିପାଦନ କରିବା ଦିଗରେ ଏକ ସାର୍ଥକ ଗଳ୍ପ ଓଡ଼ିଆ ସାହିତ୍ୟରେ ।



Digitized by PPRACHIN, SOA

ଅଧାବୟସରେ ବସନ୍ତବାବୁଙ୍କ ସ୍ତ୍ରୀ ବିୟୋଗ ଘଟିଥିଲା । ଏକ Biological ଅଭାବବୋଧ ତାଙ୍କୁ ସର୍ବଦା ସନ୍ତୁଳିତ କରୁଥିଲା । ଏହି ଅଭାବବୋଧ ତାଙ୍କୁ ବଞ୍ଚିବାପାଇଁ ବେଳେବେଳେ ଅଧିକ ରୋମାଣ୍ଟିକ୍ ହେବାକୁ ସତେ ଯେମିତି ଖୋରାକ ଯୋଗାଉଥିଲା, ଯାହାର ପରିପ୍ରକାଶ ତାଙ୍କର କେତେକ ଗଳ୍ପରେ ସ୍ଥଳବିଶେଷରେ ଦେଖିବାକୁ ମିଳେ । ଦୃଷ୍ଟାନ୍ତ ସ୍ୱରୂପ ଅବାଞ୍ଛିତ ଗଳ୍ପରୁ ନିମ୍ନୋକ୍ତ କେତୋଟି ପଙ୍‌କ୍ତି ଉଦ୍ଧାର କରୁଛି-

"ମୁଁ ଯାଉଁଯାଉଁ ଦେଖିଲି ଗୋଟିଏ ସ୍ଥାନରେ ବୋଧହୁଏ ହନିମୁନ୍ ପାଇଁ ଆସିଥିବା ସ୍ୱାମୀ-ସ୍ତ୍ରୀଙ୍କି । ସ୍ତ୍ରୀଟି ସ୍ୱାମୀକାନ୍ଧରେ ମୁଣ୍ଡ ଆଉଜାଇ ବସିଥିଲା; ତା'ର ଶୁଭ୍ର ପାଦର ଅଳତା ବି ମୁଁ ଦେଖିପାରୁଥିଲି । ଆଣ୍ଠୁ ପର୍ଯ୍ୟନ୍ତ ଲୁଗା ଟେକିଦେଇ, ଗୋଡ଼ ଦୁଇଟାକୁ ସମୁଦ୍ରର କୁନିକୁନି ଢ଼େଉ ଆଡ଼କୁ ଲମ୍ବାଇ ଦେଇଥାଏ । ସମୁଦ୍ରପାଣି ଆସି ତା' ପାଦକୁ ସଲସଲ କରି ଦେଇ ଫେରି ଯାଉଥାଏ । ସେ ଗୋଡ଼ ଟେକି ଆଣେ, ପୁଣି ଲମ୍ବାଇଦିଏ । ସେ ହସେ, ତା'ର ସ୍ୱାମୀ ହସେ, ଦୁହେଁ ହସନ୍ତି । ମୋତେ ଦେଖିଲାରୁ ତାଙ୍କ ନିର୍ମଳ ହସ ବନ୍ଦ ହୋଇଗଲା ।" କେବଳ ପୁରୀ କାହିଁକି ଯେକୌଣସି ସମୁଦ୍ରକୂଳରେ ନବବିବାହିତା ଦମ୍ପତିଙ୍କର ଏଭଳି ଯୁଗଳ ଦୃଶ୍ୟ ଅତି ସ୍ୱାଭାବିକ, ଯାହା ଗାଳ୍ପିକଙ୍କ ନଜରକୁ ଏଡ଼ାଇଯାଇନାହିଁ, ବରଂ ତାହା ତାଙ୍କ ସ୍ତ୍ରୀବିୟୋଗ ଜନିତ ଅଭାବବୋଧ ଭିତରୁ ଏକ ରୋମାଣ୍ଟିକ୍ ଭାବାବେଗ ସୃଷ୍ଟିକରି ତାଙ୍କୁ ପୁଲକତି କରିଛି ।

ବସନ୍ତବାବୁ ନିଜ ଗଳ୍ପରେ ନାରୀ ଚରିତ୍ର ପ୍ରାୟ ଆଣି ନାହାନ୍ତି, ଯଦିବା କେଉଁଠି ଆଣିଛନ୍ତି, ତାହା ଏକାନ୍ତ ଗୌଣ । ସେ ସଂପର୍କରେ ତାଙ୍କର ବକ୍ତବ୍ୟ- "ମୋର ସବୁ ଗଳ୍ପ ପୁରୁଷ ଚରିତ୍ର ଆଧାରିତ । x x ଅଧାବୟସରେ ମୋ ସ୍ତ୍ରୀ ଚାଲିଗଲେ । ମାତ୍ର କୋଡ଼ିଏ ବର୍ଷ ଜଣେ ସ୍ତ୍ରୀଲୋକ ପାଖରେ ରହିଲେ ତା' ସଂପର୍କରେ କିଛି ଜାଣିହେବ ନା ଲେଖିହେବ ? ପ୍ରକୃତ ପ୍ରେମଟା ଆସେ ଅଶିବର୍ଷ ପରେ । ଏଗୁଡ଼ା ସବୁ ଫେଚକାମି । x x ଅନ୍ତଃସତ୍ତ୍ୱା, ବୃଦ୍ଧା, ବିଧବାମାନଙ୍କ କଥା ଲେଖିବାକୁ ମୋତେ ଆଗ୍ରହ ଲାଗେ । ଏଗୁଡ଼ାକ ନାରୀଚରିତ୍ର ପଦବାଚ୍ୟ ନୁହନ୍ତି ।" (ସାକ୍ଷାତ୍‌କାର-ଚିରବସନ୍ତ- ପୃ. ୧୨୪) ତେଣୁ ନାରୀକୁ କେଉଁଠି ପ୍ରେମିକା, ନାୟିକା, ପ୍ରଣୟିନୀ ଭାବରେ ସେ ଚିତ୍ରଣ କରିନାହାନ୍ତି, ଯେଉଁଠି ଆଣିଛନ୍ତି ସେମାନେ ସମସ୍ତେ ସମାଜର ଅବହେଳିତ ନାରୀ ଚରିତ୍ର । ସେ'ଠି ପ୍ରେମ ଓ ପ୍ରଣୟ ଅପେକ୍ଷା, ସେମାନଙ୍କ ଜୀବନ-ସଂଗ୍ରାମହିଁ ହୋଇଛି ବଡ଼ କଥା । ତା'ରି ଭିତରେ ଯଦି କେଉଁଠି ଫଟାକାନ୍ଥ ଭିତରେ ଘାସଫୁଲଟିଏ ଭଳି ଅନ୍ଧୁଣୀ ଓ କୁଷ୍ଠରୋଗୀର ପ୍ରେମ ସଂପର୍କ ଫୁଟି ଉଠିଛି, ତାହା ତାଙ୍କ ଦରଦୀ ହୃଦୟର ମରମୀ ଅଭିବ୍ୟକ୍ତି ସିନା, ସଭ୍ୟମଣିଷ ଆଖିରେ କିନ୍ତୁ ତାହା ଏକାନ୍ତ ଅପାଙ୍‌କ୍ତେୟ ।

ବସନ୍ତବାବୁ ଥିଲେ ଇଂରାଜୀ ଭାଷା-ସାହିତ୍ୟର ଜଣେ ପ୍ରବୀଣ ଓ ଧୂରୀଣ ଅଧ୍ୟାପକ । ସେକ୍ସପିଅର ଓ ଡିକେନ୍ସ ଥିଲେ ତାଙ୍କର ପ୍ରିୟ ଲେଖକ କିନ୍ତୁ ସେ ଇଂରାଜୀରେ ନଲେଖି କାହିଁକି ଓଡ଼ିଆରେ ଲେଖିଲେ ସେ ସଂପର୍କରେ ତାଙ୍କର ବକ୍ତବ୍ୟ ହେଲା- "ଓଡ଼ିଆରେ ଲେଖିଛି, ଓଡ଼ିଆରେ ଲେଖିବି, ମାତୃଭାଷାରେ ଲେଖିବି । ମା' ସାଙ୍ଗରେ କଥାହେଲାବେଳେ 'Mother, Mother give me rice' ନକହି 'ମା, ମା', ଭାତ ଦେ' କହିଲେ ହିଁ ଭାତଦେବ । ତେଣୁ ଅନ୍ୟ କୌଣସି ଭାଷାଠାରୁ ମାତୃଭାଷାରେ ଲେଖିବାଟା ଅଧିକ ଠିକ୍ ହେବ ।" (ସାକ୍ଷାତ୍‌କାର-ଚିରବସନ୍ତ-ପୃ.୧୩୫-



Digitized by PPRACHIN, SOA

୧୩୬) । ଏଇ ଗୋଟିଏ ସ୍ୱୀକାରୋକ୍ତିରୁ ହିଁ ବୁଝିହେବ ତାଙ୍କ ମାତୃଭାଷା ପ୍ରତି ଶ୍ରଦ୍ଧା,ଅନୁରାଗ ଓ ମମତା, ଯାହା ଆଜି ଖୁବ୍ କମ୍ ଉଚ୍ଚଶିକ୍ଷିତ ଓଡ଼ିଆଙ୍କଠାରେ ଦେଖିବାକୁ ମିଳୁଛି ।

ଅନ୍ୟ ଲେଖକମାନଙ୍କ ସଂପର୍କରେ ତଥା ନିଜ ସଂପର୍କରେ ତାଙ୍କ ବକ୍ତବ୍ୟ ଖୁବ ସ୍ପଷ୍ଟ । ତାଙ୍କ ମତରେ- ''ସାହିତ୍ୟ କ୍ଷେତ୍ରରେ ନାଁ ଅର୍ଜିବା ବଡ଼ କଷ୍ଟ । ଆଗରୁ ପଦେଅଧେ ଯେ ଲେଖିଲା, ସେ ହେଉଥିଲା ସାହିତ୍ୟିକ । ଏବେ ଅଜସ୍ର ଲେଖକ ଲେଖୁଛନ୍ତି । ଦଳବଦଳ ରାଜନୀତି ଜରିଆରେ ସାହିତ୍ୟିକ ସୃଷ୍ଟି ହେଉଛନ୍ତି । ସାହିତ୍ୟରେ ଭଲ-ଭେଲ ବିଚାର କରିବ କିଏ ? ଆମ ଜୀବଦ୍ଦଶାରେ ବାର୍ଣ୍ଣାଡଶ ଏବଂ ଟି.ଏସ୍. ଇଲିଅଟ୍ ଦ୍ୱିତୀୟ ଶ୍ରେଣୀକୁ ଚାଲିଗଲେଣି । ମୁଁ ଲେଖୁଛି, କାଳେ ଲେଖୁଁ ଲେଖୁଁ ଏମିତି ଗୋଟିଏ (କେବଳ ଗୋଟିଏ) ଗଳ୍ପ ଜଗନ୍ନାଥଙ୍କ ଦୟାରୁ ଲେଖିଦେବି, ଯାହା କାଳୋତ୍ତୀର୍ଣ୍ଣ ହେବ, ସ୍କୁଲ-କଲେଜର ପାଠ୍ୟ ସଂକଳନରେ ସ୍ଥାନ ପାଉ, ନପାଉ । x x x

ଈଶ୍ୱରଦତ୍ତ ଶକ୍ତି ଅପେକ୍ଷା ପିତୃଦତ୍ତ ଓ ପରିସରଦତ୍ତ ଶକ୍ତି, ଅର୍ଥାତ୍ ବଂଶପରମ୍ପରା ଓ ପରିବେଶ ବ୍ୟକ୍ତିବିଶେଷକୁ ଲେଖକ କରିଥାଏ । ମୁଁ ଲେଖକ ହେବା ମୂଳରେ ଅଛନ୍ତି ମୋର ଜେଜେବାପା ଓ ବାପା । ନଅଙ୍କ ଦୁର୍ଭିକ୍ଷର ଦାଉ ସମ୍ଭାଳିଥିବା ଛେଉଣ୍ଡ ଜେଜେବାପା ଶହେମାଣ ନିଷ୍କର ଲାଖରାଜର ଅଧିକାରୀ ହୋଇ ମଧ୍ୟ ଦରିଦ୍ର ଭିକାରି ରୂପେ ଦିନ କାଟୁଥିଲେ, କାରଣ ଚାଷବାସ ଅପେକ୍ଷା, ସାରଳା, ଜଗନ୍ନାଥ, ବଳରାମ, ଚରକ, ଶୁଶ୍ରୁତ, କର୍ମକାଣ୍ଡ, ଅମରକୋଷ, ବେତାଳ ପଞ୍ଚବିଂଶତି ଆଦି ଲେଖନମୁନରେ ଉତାରିବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା । ତାଙ୍କ ଉତୁରା ପୋଥି ଆମ ଘରେ ପଢ଼ା ଯାଉଥିଲା ଗାଁ ମାଇପିଙ୍କ ଆଗରେ । ବାପା ଆଗର ପ୍ରାଇମେରୀ ପାସ୍ କରିଥିଲେ ମଧ୍ୟ 'ପଣ୍ଡିତ ଭୋଳାନାଥ' ବୋଲାଉଥିଲେ ଏବଂ ସବାଇ ଖଟରେ ଶୋଇ 'ବୈଦେହୀଶ ବିଳାସ' ସୁରଧରି ଗାଉଥିଲେ ଏବଂ ଶ୍ରୋତାଙ୍କୁ ଯଥାଶକ୍ତି ବୁଝାଉଥିଲେ । ମୋତେ ସାଙ୍ଗରେ ଧରି ଦୂର ସ୍ଥାନକୁ ଯାଇ, ରାତିରାତି ଉଜାଗର ରହି ପାଲା-ସୁଆଙ୍ଗ-ଲୀଳା ଉପଭୋଗ କରୁଥିଲେ । ମୋର ମନେହୁଏ, ସେମାନଙ୍କ କାରୁଣ୍ୟମୟ ଜୀବନ, ହାସ୍ୟ-କରୁଣ ରସାପ୍ଲୁତ ରକ୍ତ ଓ ସଂସ୍କୃତି-ପ୍ରୀତି ମୋ ଶିରା-ପ୍ରଶିରାକୁ କ୍ଷରି ଆସିଛି, ଏବଂ ସେମାନଙ୍କ ପରି ମୁଁ ଦାରିଦ୍ର୍ୟ, ଶୋକ, ଜରା, ଏପରିକି ମୃତ୍ୟୁ ବିରୋଧରେ ସଂଗ୍ରାମ କରି ସାହିତ୍ୟସେବା କରିଛି । ଅର୍ଥଲିପ୍ସୁ ହୋଇନାହିଁ ।'' (ମୁଁ କାହିଁକି ଲେଖେ)

ବସନ୍ତବାବୁ ଜୀବନ-ସନ୍ଧାନୀ । ଜୀବନର ଗଭୀର ରହସ୍ୟ ସନ୍ଧାନ କରିବା ଅପେକ୍ଷା ସେ ନିତିଦିନିଆ ଜୀବନର ସମସ୍ୟା ଓ ଯନ୍ତ୍ରଣାକୁ ଖୋଜି ରୂପଦିଅନ୍ତି ନିଜ ଢ଼ଙ୍ଗରେ, ନିଜ ରଂଗରେ । ଆଦୌ ବୌଦ୍ଧିକ ନୁହେଁ ତାଙ୍କ ଗଳ୍ପର ଆବେଦନ । କଥା କହିବା ଢ଼ଙ୍ଗରେ ଗଡ଼ିଚାଲେ ତାଙ୍କର ଗଳ୍ପର ଶଗଡ଼ ପାଠକଙ୍କ ମନ-ସଡ଼କରେ । ସେ ଯେଉଁ କଥା ବା କାହାଣୀଟି କହନ୍ତି, ତାହା ତାଙ୍କ ଅଙ୍ଗେନିଭା କଥା ବା ତାଙ୍କ ଅନ୍ୱେଷୀ ଦୃଷ୍ଟିର ପରିଧି ଭିତରକୁ ଚାଲିଆସିଥିବା ଅବହେଳିତ ବସ୍ତୁ, ଚରିତ୍ର ଓ ପ୍ରାଣୀମାନଙ୍କ କଥା । ସେଥିରେ ଥାଏ ସମ୍ବେଦନା ସହ ବ୍ୟଙ୍ଗ, ବିଦ୍ରୂପ ଓ କୌତୁକ । ଏହାହିଁ ତାଙ୍କ ସୃଜନକଳାର ସ୍ୱାଭାବିକ ରୀତି । ଏହା ବ୍ୟତୀତ ତାଙ୍କ ଗଳ୍ପ ରମ୍ୟରଚନାର ସବୁଠୁଁ ବଡ଼କଥା ହେଲା ତା'ର ଭାଷା । ଏହା ଆଦୌ ତତ୍ସମ ଶବ୍ଦସମୃଦ୍ଧ ରାଜକୀୟ ଭାଷା ନୁହେଁ, ଫକୀରମୋହନୀୟ ଭାଷା ପରି ଗ୍ରାମ୍ୟ ଓ ସରଳ । ଖୁବ୍ ସ୍ୱଚ୍ଛନ୍ଦ,



Digitized by PPRACHIN, SOA

ସାବଲୀଳ, ଛବିଳ ଓ ମନଛୁଆଁ ତା'ର ଆବେଦନ । ସଂଳାପଧର୍ମୀ ଓ ଚରିତ୍ରୋପଯୋଗୀ ଭାଷା ପ୍ରୟୋଗ ତାଙ୍କର ବୈଶିଷ୍ଟ୍ୟ । ଉତ୍ତର-ପୂର୍ବ ସୀମାନ୍ତ ଓଡ଼ିଶାର, ବିଶେଷ କରି ମୟୂରଭଞ୍ଜର କଥିତ ଭାଷାର ବିଶେଷ ପ୍ରଭାବ ତାଙ୍କ ଗଳ୍ପ ଓ ରମ୍ୟରଚନାମାନଙ୍କରେ ଅନୁଭୂତ ହୁଏ । ଆଦିବାସୀ-ବହୁଳ ମୟୂରଭଞ୍ଜର ଏକ ନିପଟ ମଫସଲ ଗାଁ 'ପାଣ୍ଡଡ଼ା' ରେ ତାଙ୍କ ଜନ୍ମ । ତେଣୁ ସାନ୍ତାଳୀ ଭାଷାଭାଷୀ ଦରିଦ୍ର ଆଦିବାସୀ ଲୋକଟିଏ ଯେଉଁ ଭଂଗୀରେ ଓଡ଼ିଆ କଥା କହେ, ସେ ତାକୁ ଅବିକଳ ଆଣି ଥୋଇଛନ୍ତି ତାଙ୍କ 'କାଠ' ଗଳ୍ପରେ । ଏହା ତାଙ୍କର ଏକ ସଫଳ ପରୀକ୍ଷା । ଉଦାହରଣ ସ୍ୱରୂପ ନିମ୍ନ କେତୋଟି ପଙ୍‌କ୍ତି ଉଦ୍ଧାର କରୁଛି-

''ତୁକି ବାବୁ ଏମିତି କାଠୁଆ ହବୁତ ଆମର ଗୁରିବ ନୁକ ବଞ୍ଚିବ କିମିତି ? ଚାରଣା ଆଠଣା ନାଗି ଆମର ସଙ୍ଗରେ ଝଗଡ଼ା କରିବୁ ? ତତେ ଭଗବାନ୍ ବଡ଼ନୁକ କରିଛି । କେତେ ପଇସା ତର କେଁଆଡ଼େ ଚାଲିଯାଉଛି । ଆମର ଗରିବ ନୁକର ପେଟରୁ କାଟିନେ ତର ପେଟ୍ ପୂରିବ ?''

''ମୟୂରଭଞ୍ଜରେ ଦେଢ଼େ ଡାହାଣୀ ଦେବତା କଞ୍ଚାଖାଇଦେବେ । ମର ଡଗର-ଡାଗର ପୁଅ ଦୁଇଟା, ଆର ତିର୍ଲାଟା ଏକା ଦିନରେ ମରିଗଲୋ ଜମିଜାଇଗା ଖୋଳିତାଡ଼ି ଯାହା କରିଥିଲା, ସବୁ ତୁମର ହାଟୁଆମାନେ ନେଇଗଲା ।''

''ହେଁ ବାବୁ ! ଆମର ମୟୂରଭଞ୍ଜର ମହାରାଜା ଗେଲାଠୁଁ ଆଉତ ରଜା ନାଇଁ । ଖାଲି ମନ୍ତ୍ରୀ ଆସୁଛନ୍ ଯଉଛନ୍ । ନାଇଁ ?''

''କହୁଛୁ, କି ବିଶ୍ୱାସ ! ଆମର କି ମଣିଷ ନାଇଁ, ବଣର ଭାଲୁ ହେଇଛି ? ପଇସାରେ ବଡ଼ନୁକି ଦେଖେଇ ହେଉଛୁ ? ମୁଁ ତର ଚାଲାକି ସବୁ ବୁଝିଚି । ନେ ତର ପଇସା ।''

ତାଙ୍କ କଥା-ସାହିତ୍ୟର ଅନ୍ୟ ଏକ ବିଶେଷତ୍ୱ ହେଉଛି ବିଷୟାନୁଯାୟୀ ପରିବେଶ ସୃଷ୍ଟି । ଏଥିରେ ଅତ୍ୟନ୍ତ ଧୂରୀଣ କଥାଶିଳ୍ପୀ ବସନ୍ତବାବୁ । ସେ ଗଳ୍ପରେ ପରିବେଶକୁ ଏଭଳି ଚିତ୍ରଣ କରନ୍ତି ଯେ, ପାଠକ ତାକୁ ପାଠ କଲାବେଳେ ମାନସରାଜ୍ୟରେ ସେହି ଭଳି ପରିବେଶ ମଧ୍ୟରେ ନିଜକୁ ହଜାଇଦେଇଥିବାର ମନେ କରନ୍ତି । ଦୃଷ୍ଟାନ୍ତ ସ୍ୱରୂପ 'ରାଜା : ଘୁଷୁରିସାହିର' ଗଳ୍ପକୁ ନିଆଯାଇପାରେ । ଏ ଗଳ୍ପରେ ପାଠକ ଘୁଷୁରିସାହିର ଏକ ଅପରିଚ୍ଛନ୍ନ, ଦୁର୍ଗନ୍ଧମୟ ଘୃଣ୍ୟ ପରିବେଶକୁ ଅନୁଭବ କରେ ନିଜ ମନୋରାଜ୍ୟର ଜୀବନ୍ତ ଭାବରେ । ଏମିତି ଅନେକ ଗଳ୍ପରେ ପରିବେଶର ଯଥାର୍ଥ ଚିତ୍ରଣ କରି ଲେଖକ ନିଜ କଲମର ସାର୍ଥକତା ପ୍ରତିପାଦନ କରିବାକୁ ସମର୍ଥ ହୋଇଛନ୍ତି ।

ବସନ୍ତବାବୁଙ୍କ କଥାବାର୍ତ୍ତା, ଚାଲି-ଚଳଣ ଓ ସମଗ୍ର ଜୀବନ ଥିଲା ନାଟକୀୟ । ସେ ଅନେକ ନାଟକର ନିର୍ଦ୍ଦେଶନା ଦେଇଛନ୍ତି, ଅଭିନୟ ମଧ୍ୟ କରିଛନ୍ତି । ଫକୀରମୋହନଙ୍କ 'ଛ' ମାଣ ଆଠଗୁଣ୍ଠ'ର ପ୍ରଧାନ ଖଳନାୟିକା 'ଚମ୍ପା'କୁ କେନ୍ଦ୍ରବିନ୍ଦୁ କରି 'ଚମ୍ପା' ନାଟକ ରଚନା କରିବା ସହିତ ଫକୀରମୋହନ କଲେଜରେ ଏକଦା ୧୯୬୯ ମସିହାରେ ସଫଳ ନିର୍ଦ୍ଦେଶନା ଦେଇ ଏହାକୁ ମଞ୍ଚସ୍ଥ କରାଇଥିଲେ । ଏହା ସେତେବେଳେ ବହୁ ଦର୍ଶକଙ୍କୁ ମୁଗ୍ଧ ଓ ତଟସ୍ଥ କରିପାରିଥିଲା । ଏହା ବ୍ୟତୀତ ସେ ନଅଟି ଇଂରାଜୀ ଏକାଙ୍କିକାକୁ ଅନୁସୃଜନ କରି 'ନବନାଟିକା' ନାମରେ ପ୍ରକାଶ କରିଥିଲେ । ତହିଁରେ ଅନ୍ତର୍ଭୁକ୍ତ ନରମେନଙ୍କ 'Bishops candle-stick'ର



Digitized by PPRACHIN, SOA

ଓଡ଼ିଆ ରୂପାନ୍ତର 'ପିଲିସଜ'କୁ ମଧ୍ୟ ସେ ନିର୍ଦ୍ଦେଶନା ଦେଇ ମଞ୍ଚସ୍ଥ କରାଇଥିଲେ ଫକୀରମୋହନ କଲେଜରେ ଅଧ୍ୟାପନା କାଳରେ । ତାଙ୍କର ଏହି ନାଟକ-ପ୍ରୀତି ଜୀବନ-ନାଟକ ସହ ଓତପ୍ରୋତ ଭାବରେ ଜଡ଼ିତ ହୋଇ ତାଙ୍କ ଗଳ୍ପଗୁଡ଼ିକୁ ମଧ୍ୟ ନାଟକୀୟ କରିଛି ଅନେକ କ୍ଷେତ୍ରରେ ।

ରମ୍ୟରଚନାକାର ଭାବରେ ବସନ୍ତବାବୁଙ୍କ ସୃଷ୍ଟି ଅନନ୍ୟ ଓ ଅନବଦ୍ୟ । ଅନ୍ୟମାନଙ୍କଠାରୁ ସେ ବାରି ହୋଇପଡ଼ନ୍ତି ତା'ର ବିଷୟବସ୍ତୁ ଚୟନ ଓ ପରିବେଷଣ ଶୈଳୀରେ । ଅତି ସାଧାରଣ କଥାଟିଏକୁ ସେ ବ୍ୟଙ୍ଗରସରେ ରସାଣିତ କରି ଲଘୁ ଅଥଚ ବକ୍ରଭାବରେ କହନ୍ତି, ଯାହାର ଅନ୍ତର୍ନିହିତ ଭାବସତ୍ତା ଗୁରୁଗମ୍ଭୀର । ଆଜିକାଲି ବିବାହ, ବ୍ରତ, ଜନ୍ମଦିନ ଇତ୍ୟାଦିରେ ପ୍ରୀତ୍ୟୁପହାର ପ୍ରଦାନ ଏକ ସାମାଜିକ ଚଳଣିରେ ପରିଣତ ହୋଇଗଲାଣି । ନିମନ୍ତ୍ରିତ ହୋଇ ଉପହାର ନନେଇ ଯିବାଟା ଏକପ୍ରକାର ଅଭଦ୍ରତା ବା ଅସୌଜନ୍ୟର ଲକ୍ଷଣ ବୋଲି ବିବେଚିତ ହେଉଛି । ପୁଣି ପ୍ରୀତ୍ୟୁପହାରର ମୂଲ୍ୟ ଆକଳନ କରାଯାଇ ଦାତାର ପଦମର୍ଯ୍ୟାଦା ଓ ସମ୍ମାନ ମଧ୍ୟ ପରିମାପ କରାଯାଉଛି ଆଜିକାଲି । ବିଜାତୀୟ ସଭ୍ୟତାରୁ ଆମ ସମାଜକୁ ସଦ୍ୟ ଆମଦାନୀ କରାଯାଇଥିବା ଏହି ଲୌକିକତାକୁ ସେ ତୀବ୍ର କଟାକ୍ଷ କରିଛନ୍ତି ତାଙ୍କର ଏକ ରମ୍ୟରଚନା 'ପ୍ରୀତ୍ୟୁପହାର'ରେ । ଶ୍ରଦ୍ଧା, ସଂପ୍ରୀତି ଓ ଆନ୍ତରିକତାହୀନ ଉପହାର ପ୍ରଦାନ ଯେ ଏକ ଛଳନା, ଏକ ବାଧ୍ୟବାଧକତା ସେ ଏହା କହିବାକୁ ଚାହିଁଛନ୍ତି ତାଙ୍କର ଏହି ଲେଖାରେ । 'ବୁଢ଼ାବାବୁ' ତାଙ୍କର ଆଉ ଏକ ସାର୍ଥକ ରମ୍ୟରଚନା, ଯାହା ରଚିତ ହୋଇଥିଲା ତାଙ୍କର ନିଜସ୍ୱ ଏକ ଅନୁଭୂତିରୁ । ପରିବାହାଟରେ ଶାଗବିକାଳୀ ଝିଅଟିଏ ଦିନେ ତାଙ୍କୁ 'ବୁଢ଼ାବାବୁ' ବୋଲି ସମ୍ବୋଧନ କଲା । ଖାଲି ଶାଗବିକାଳି ଝିଅଟି ନୁହେଁ, ମାଂସବିକାଳିଟିଏ ମଧ୍ୟ ତାଙ୍କୁ ଠିକ୍ ସେହି ସମ୍ବୋଧନ କରିବା ପରେପରେ ତାଙ୍କ ମନ ବିଦ୍ରୋହ କରିଉଠିଛି । ଏହି ବିଦ୍ରୋହୀ ମାନସିକତାରୁ ସୃଷ୍ଟି ହୋଇଛି ଉକ୍ତ ରମ୍ୟରଚନା । 'ବୁଢ଼ା'ର ସଂଜ୍ଞା ଖୋଜୁଖୋଜୁ ତାଙ୍କ ଲେଖକୀୟ ଭାବନାର ସୂତାଖିଅ ଲମ୍ବିଲମ୍ବି ଯାଇଛି କାହିଁ କେତେ ଦୂରକୁ । କେତେକେତେ କଥାର ଲତା ମାଡ଼ିମାଡ଼ି ଯାଇଛି ସ୍ୱଚ୍ଛନ୍ଦ ଗତିରେ- ସାବଲୀଳ ରୀତିରେ । ଯୁଗେଯୁଗେ ବୁଢ଼ାମାନଙ୍କ ପ୍ରତି ଯେଉଁ ବ୍ୟଙ୍ଗ-ବିଦ୍ରୂପ, ଯେଉଁ ଥଟ୍ଟା-ପରିହାସ ତାକୁ ସେ ସୁନ୍ଦରଭାବେ ବର୍ଣ୍ଣନା କରିବା ସଂଗେସଂଗେ ବୁଢ଼ାହେବାଟା ଯେ ପୋଖତପଣିଆ, ଆଉ ବୁଢ଼ା ହେବା ନହେବାଟା ଯେ ଜଣକର ମାନସିକତା ଉପରେ ନିର୍ଭର କରେ, ଏହାକୁ ରୂପ ଦେଇଛନ୍ତି । ଶେଷରେ ତାଙ୍କ ସିଦ୍ଧାନ୍ତ ହେଲା- ''ଯେ ହସି ନ ଜାଣେ, ହସ ଭଲ ନପାଏ, ସେ ନିଶ୍ଚିତ ରୂପେ ବୃଦ୍ଧ ।'' ରାଧାନାଥ, ଫକୀରମୋହନଙ୍କଠାରୁ ଆରମ୍ଭ କରି ଗୋପାଳଚନ୍ଦ୍ର ପ୍ରହରାଜ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କୃଷ୍ଣପ୍ରସାଦ ବସୁ, ଗୋବିନ୍ଦ ତ୍ରିପାଠୀ, ନିତ୍ୟାନନ୍ଦ ମହାପାତ୍ର, ମହାପାତ୍ର ନୀଳମଣି ସାହୁ, ମନୋଜ ଦାସ, ସୁନୀଲ ମିଶ୍ର ବା ଚୌଧୁରୀ ହେମକାନ୍ତଙ୍କ ପର୍ଯ୍ୟନ୍ତ ଓଡ଼ିଆ ରମ୍ୟରଚନା ସୃଷ୍ଟିର ଯେଉଁ ଅଖଣ୍ଡଧାରା ଗଡ଼ିଆସିଛି, ସେହି ଧାରାର ଆଉ ଜଣେ ସାର୍ଥକ ସାଧକ ହେଉଛନ୍ତି କଥାଶିଳ୍ପୀ ଓ ରସସ୍ରଷ୍ଟା ବସନ୍ତ ଶତପଥୀ । ଖାଲି 'ପ୍ରୀତ୍ୟୁପହାର' ବା 'ବୁଢ଼ାବାବୁ' ଭଳି ରମ୍ୟରଚନାରେ ନୁହେଁ, ତାଙ୍କ ରଚିତ ପ୍ରତିଟି ରମ୍ୟରଚନାରେ ରମ୍ୟହାତର ସୁରମ୍ୟ ସ୍ୱାକ୍ଷର ଯେକେହି ବିଦଗ୍ଧ ପାଠକ ଓ ସମାଲୋଚକ ସ୍ପଷ୍ଟ ବାରିପାରିବେ ।

ଶେଷ ଜୀବନରେ ସେ ରଚନା କରିଥିଲେ ନିଜର ଆତ୍ମଜୀବନ-ଚରିତ- 'ମନେପଡ଼େ' । ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟାୟ ସୁଦ୍ଧା ଯାହା ତାଙ୍କର ମନେପଡ଼ିଛି, ତାକୁ ସ୍ମୃତିରୁ ସାଉଁଟି ସେ ଏହାକୁ ଲେଖିଛନ୍ତି ତାଙ୍କ ସ୍ୱଭାବସିଦ୍ଧ ସରଳ ଭଙ୍ଗୀରେ । ଏହାର ପ୍ରଥମ



Digitized by PPRACHIN, SOA

କିଛି ଅଂଶ 'ନବଲିପି' ସାହିତ୍ୟ ମାସିକରେ କ୍ରମାନ୍ୱୟରେ ପ୍ରକାଶ ପାଇ ପାଠକମାନଙ୍କ ମୁଗ୍ଧଦୃଷ୍ଟି ଆକର୍ଷଣ କରିପାରିଥିଲା । କିନ୍ତୁ ହଠାତ୍ ସଂପାଦକ ମହୋଦୟ ଅନ୍ୟ ଜଣେ ସ୍ୱନାମଧନ୍ୟ ଲେଖକଙ୍କ ଆତ୍ମଜୀବନୀ ପ୍ରକାଶ କରିବାର ସିଦ୍ଧାନ୍ତ ଗ୍ରହଣ କରି ବସନ୍ତବାବୁଙ୍କ 'ମନେପଡ଼େ'କୁ ବନ୍ଦ କରିଦେଲେ । ଏଥିରେ ସେ ଅତ୍ୟନ୍ତ ବ୍ୟଥିତ ହୋଇ ଅଭିମାନ ସହିତ କହିଥିଲେ- ''ଯେହେତୁ ମୋ'ଠାରୁ ସେମାନେ ପଦ-ପଦବୀରେ ପ୍ରତିଷ୍ଠାରେ ବହୁତ ବଡ଼ ତେଣୁ ସେମାନଙ୍କୁ ସ୍ଥାନ ଦିଆଗଲା । ମୁଁ ଅସ୍ଥାନିତ, ଅପଦସ୍ଥ ହେଲି । ଫଳରେ କିଛିଦିନ ମୁଁ ଲେଖିପାରି ନଥିଲି ।'' (ସାକ୍ଷାତ୍‌କାର -ଚିରବସନ୍ତ- ପୃ :୧୩) । ଯା'ହେଉ ଶେଷରେ ବଂଧୁମାନଙ୍କ ଅନୁରୋଧକ୍ରମେ ସେ ପୁଣି ଲେଖିବାକୁ ଆରମ୍ଭ କରିଥିଲେ । କିନ୍ତୁ ବାଲେଶ୍ୱରରୁ ଯାଇ ବାରିପଦାରେ ନିଜ ବାସଭବନରେ ଫକୀରମୋହନଙ୍କ ଭଳି ଶେଷଜୀବନ ନିଃସଙ୍ଗରେ ଅତିବାହିତ କରୁଥିବାବେଳେ ଅସୁସ୍ଥତାବଶତଃ ଏହାକୁ ଆଉ ନିଜେ ଲେଖି ନପାରି ଅନ୍ୟଜଣଙ୍କ ସାହାଯ୍ୟରେ ଶ୍ରୁତଲିଖନ ମାଧ୍ୟମରେ ଲେଖାଇ ଶେଷକରିଥିଲେ । ଏହାଫଳରେ ଲେଖାର ସ୍ୱଚ୍ଛନ୍ଦଗତି, ସାବଲୀଳତା ଓ ଧାରାବାହିକତା କେତେକାଂଶରେ ବ୍ୟାହତ ହୋଇଥିଲା । ଅଦ୍ୟାବଧି ପୂର୍ଣ୍ଣାଙ୍ଗ ଆତ୍ମଜୀବନୀଟି ପ୍ରକାଶ ପାଇପାରିନାହିଁ । ପ୍ରକାଶ ପାଇଲେ ଫକୀରମୋହନଙ୍କ ଆତ୍ମଜୀବନ ଚରିତ ଭଳି ଏହା କେବଳ ସରସ- ସୁଖପାଠ୍ୟ ହେବନାହିଁ ବରଂ, ଗୋଟାଏ ସମୟଖଣ୍ଡର ସଶବ୍ଦ ପଦଚିହ୍ନକୁ ଚିହ୍ନିତ କରାଇବାରେ ସମର୍ଥହେବ । ଓଡ଼ିଶାର ସର୍ବବୃହତ୍ ଦେଶୀୟ ରାଜ୍ୟ ମୟୂରଭଞ୍ଜର ଜନଜୀବନ, ଶିକ୍ଷା, ସଂସ୍କୃତି, ସାମାଜିକ ବିଧି-ବ୍ୟବସ୍ଥା, ରାଜନୀତି ଏବଂ ସ୍ୱାଧୀନତା ପ୍ରାପ୍ତିପରେ ଓଡ଼ିଶା ସହ ଏହାର ମିଶ୍ରଣ ସଂପର୍କରେ ନାନା କଥା ବସନ୍ତବାବୁଙ୍କ ଆତ୍ମଜୀବନୀ 'ମନେପଡ଼େ'ରୁ ମିଳିପାରିବ । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏହାର ପ୍ରକାଶନ ଦାୟିତ୍ୱ ବହନ କଲେ ଏକ ଐତିହାସିକ କର୍ତ୍ତବ୍ୟ ସଂପନ୍ନ କରିପାରିବେ ।

ଇତିମଧ୍ୟରେ ସେହି ଯଶସ୍ୱୀ କଥାଶିଳ୍ପୀଙ୍କ ମୃତ୍ୟୁର ୧୨ ବର୍ଷ ହୋଇଗଲାଣି । ଏବେ ବି ତାଙ୍କର କିଛି ଲେଖା ପାଣ୍ଡୁଲିପି ଆକାରରେ ପଡ଼ିରହିଛି । ପ୍ରକାଶିତ ପୁସ୍ତକଗୁଡ଼ିକର ପୁନର୍ମୁଦ୍ରଣ, ବା ଗ୍ରନ୍ଥାବଳୀ ଆକାରରେ ପ୍ରକାଶର କୌଣସି ଉଦ୍ୟମ ମଧ୍ୟ ହୋଇନାହିଁ । ଅଧିକାଂଶ ଲେଖକଙ୍କ ଭାଗ୍ୟରେ ଯାହା ଘଟିଥାଏ, ତାହାହିଁ ଘଟିଛି ବସନ୍ତବାବୁଙ୍କ କ୍ଷେତ୍ରରେ । କିନ୍ତୁ ଏହା କୌଣସି ସଂସ୍କୃତି ସଚେତନ, ସ୍ୱାଭିମାନୀ ଓ ସୁସଭ୍ୟ ଜାତିର ଲକ୍ଷଣ ନୁହେଁ । ଏ ଦିଗରେ ସାହିତ୍ୟ ଏକାଡେମୀ, ବିଶ୍ୱବିଦ୍ୟାଳୟ, ସାହିତ୍ୟାନୁଷ୍ଠାନ, ପ୍ରକାଶକ ଓ ସୁଧୀ-ସଜ୍ଜନମାନେ ଆନ୍ତରିକ ଉଦ୍ୟମ କରିବେ ବୋଲି ଆଶା । ଲେଖକଟିଏ ତା'ର ସାରସ୍ୱତ କୃତିରେ ବଞ୍ଚେ, ମୂର୍ତ୍ତିରେ ନୁହେଁ । କୃତିହିଁ ତାର କୀର୍ତ୍ତି । ସେହି ଦୃଷ୍ଟିରୁ କଥାଶିଳ୍ପୀ ବସନ୍ତ ଶତପଥୀଙ୍କ ସାରସ୍ୱତ କୃତିସବୁର ପ୍ରକାଶ, ପ୍ରଚାର ଓ ପ୍ରସାର ଦିଗରେ ଧ୍ୟାନ ଦିଆଗଲେ ତାଙ୍କର ପ୍ରକୃତ ସ୍ମୃତିରକ୍ଷା ହୋଇପାରିବ ।

(୦୧-୦୪-୨୦୦୬ ତାରିଖରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା ପକ୍ଷରୁ ଆୟୋଜିତ ବସନ୍ତ କୁମାର ଶତପଥୀ ସ୍ମାରକୀ ବକ୍ତୃତାରେ ପ୍ରଦତ୍ତ ଅଭିଭାଷଣର ଲିଖିତ ରୂପ)

❑



Digitized by PPRACHIN, SOA

# କଥାକାର ବସନ୍ତକୁମାର ଶତପଥୀଙ୍କ ଗଳ୍ପରେ ମୟୂରଭଞ୍ଜର ଆଦିବାସୀ ସଂପ୍ରଦାୟ

**ବିରାଜ ମୋହନ ଦାସ**

ଓଡ଼ିଶାର ବଣପାହାଡ଼ ଘେରା ଅଞ୍ଚଳମାନଙ୍କରେ ବସବାସ କରୁଥିବା ଆଦିବାସୀ ମାନଙ୍କର ଉନ୍ନତି ନିମିତ୍ତ ସରକାରୀସ୍ତରରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଉଛି । ସେଠାକାର ଅଧିବାସୀମାନଙ୍କୁ ତଥାକଥିତ ସଭ୍ୟ ସମାଜର ଲୋକଙ୍କ ଚଳଣିରେ ଯାହାକୁ ସୁଖ, ସମୃଦ୍ଧି ବୋଲି କୁହାଯାଉଛି ତାହା ପ୍ରଦାନ କରାଯିବା ପାଇଁ ନାନାଭାବରେ ଚେଷ୍ଟା କରାଯାଉଛି । ଶିକ୍ଷାଦାନର ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ- ମାନଙ୍କରେ ସେମାନଙ୍କ ପାଇଁ ରିହାତି, ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଆଦି ଦ୍ୱାରା ସେମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି । କିନ୍ତୁ ପ୍ରକୃତରେ ଏଇ ଯୋଜନା ମାଧ୍ୟମରେ ସେମାନେ କିଭଳି ଭାବରେ ଉପକୃତ ହେଉଛନ୍ତି, ଆମ ସମାଜର ମାନରେ ମୂଲ୍ୟାୟନ କରାଯାଉଥିବା ସୁଖ ସମୃଦ୍ଧି ସେମାନଙ୍କୁ ପ୍ରକୃତରେ ସୁଖୀ କରାଇବାରେ ସହାୟକ ହେଉଛି କି ନାହିଁ, ତା'ଛଡ଼ା ଏ ସଭ୍ୟ ସମାଜଦ୍ୱାରା ସେମାନେ କିପରି ଶୋଷିତ ନିର୍ଯାତିତ ହେଉଛନ୍ତି ଏସବୁର ବର୍ଣ୍ଣନା ଖୁବ୍ କମ୍ ସଂଖ୍ୟାରେ ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେ । ଯେଉଁ କେତେଜଣ ପ୍ରଖ୍ୟାତଯଶା ଲେଖକଙ୍କ ଲେଖନୀ ମୁନରେ ଏସବୁ ସାର୍ଥକ ରୂପ ନେଇଛି କଥାକାର ବସନ୍ତ କୁମାର ଶତପଥୀ ସେମାନଙ୍କ ମଧ୍ୟରେ ଅନ୍ୟତମ ।

ଦୈନନ୍ଦିନ ଜୀବନରେ ଚତୁଃପାର୍ଶ୍ୱରେ ଘଟିଯାଉଥିବା ଘଟଣା, ସମସ୍ୟା ଆଦିକୁ ଶ୍ଳେଷ ସାହାଯ୍ୟରେ ନିର୍ମଳ ହାସ୍ୟରସ ମାଧ୍ୟମରେ କଥାଶୈଳୀରେ ରୂପାୟିତ କରି ଓଡ଼ିଆ ପାଠକମାନଙ୍କ ମନରେ ବେଶ ପ୍ରଭାବ ପକାଇପାରିଛନ୍ତି ଶ୍ରୀଯୁକ୍ତ ଶତପଥୀ । ତାଙ୍କ ରଚିତ ବହୁ କ୍ଷୁଦ୍ରଗଳ୍ପ ଓ ରମ୍ୟରଚନା ଓଡ଼ିଶାର ପ୍ରତିଷ୍ଠିତ ପତ୍ରପତ୍ରିକାରେ ସ୍ଥାନ ପାଇ ଆସୁଛି । ସେ ଆଣ୍ଟି-ରୋମାଣ୍ଟିକ୍, ଗଙ୍ଗା ଓ ଗାଙ୍ଗୀ, ଗୋଟାଏ ଆଳୁ, ହାଇଦ୍ରାବାଦ ଅଙ୍ଗୁର, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ, ଆକାଶୀଫୁଲ, ନୀଡାଶ୍ରୟୀ, ଅଜାଗା ଘା' ଆଦି ଦଶଟି କ୍ଷୁଦ୍ରଗଳ୍ପ ସଙ୍କଳନର ରଚୟିତା । ଏତଦ୍‌ବ୍ୟତୀତ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଅନେକ ଗଳ୍ପ ସହ ସେ ଲାମ୍ବଙ୍କ 'ସେକ୍‌ସପିଅର କାହାଣୀମାଳା', ରବୀନ୍ଦ୍ରନାଥଙ୍କ 'ରାଜା' ନାଟକ ଆଦିର ମଧ୍ୟ ଅନୁବାଦକ । ସେ ଆଣ୍ଟି-ରୋମାଣ୍ଟିକ୍' କ୍ଷୁଦ୍ରଗଳ୍ପ ସଙ୍କଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ସାହିତ୍ୟସାଧନା ନିମିତ୍ତ ଅନ୍ୟବହୁ ସାହିତ୍ୟାନୁଷ୍ଠାନ ଦ୍ୱାରା ମଧ୍ୟ ସମ୍ମାନିତ । ତାଙ୍କ ସୃଷ୍ଟିରେ ସତ୍ୟାନୁସନ୍ଧାନର ସ୍ୱରୂପ ବେଶ୍ ନିଛକ । ନିଜକୁ ଆଣ୍ଟିରୋମାଣ୍ଟିକ ଭାବରେ ଅଭିହିତ କରୁଥିଲେ ବି ନେତି ନେତି ନ୍ୟାୟରେ ତାଙ୍କର ସମସ୍ତ ରୋମାଣ୍ଟିକ୍ ଚେତନା ରୂପାୟିତ ହୋଇପାରିଛି ତାଙ୍କ ରଚନାଗୁଡ଼ିକରେ । ସାହିତ୍ୟ ସମାଜର ପରିପୂରକ ଏହାହିଁ ତାଙ୍କ ସୃଷ୍ଟିର ନିୟାମକ । ମୟୂରଭଞ୍ଜର ବଣପାହାଡ଼ରେ ବସବାସ କରୁଥିବା ଓ ସହରତଳି ଅଞ୍ଚଳରେ ଏବେ ଆସି ରହୁଥିବା କେତେକ ଆଦିବାସୀମାନଙ୍କର ଜୀବନଯାତ୍ରା, ପ୍ରକୃତି ସହ ଲଢ଼େଇ ଓ ସନ୍ଧି,



Digitized by PPRACHIN, SOA

ସେମାନଙ୍କର ସମସ୍ୟା ଏବଂ ସଭ୍ୟଜଗତପ୍ରତି ସେମାନଙ୍କର ଦୃଷ୍ଟିଭଙ୍ଗୀ, ତଥାକଥିତ ସଭ୍ୟ ସମାଜଦ୍ୱାରା ଶୋଷଣ ରୂପନେଇଥିବା ତାଙ୍କର ଗଳ୍ପଗୁଡ଼ିକ ଗଭୀର ଅନ୍ତର୍ଦୃଷ୍ଟିର ପରିଚୟ ପ୍ରଦାନ କରେ ।

ଆଦିବାସୀମାନେ ବଣ ଜଙ୍ଗଲରେ ବାସ କରନ୍ତି । ସେମାନଙ୍କର ଜୀବନ ସୁଖଭରା । ସେମାନଙ୍କର ଆବଶ୍ୟକତା କମ୍ ହୋଇଥିବାରୁ ଅଭାବ କମ୍ । ବଣ ଜଙ୍ଗଲର ଫଳ, ଫୁଲୁରି, ଆଳୁ, କନ୍ଦା, ଉତ୍ପାଦିତ ଶସ୍ୟ ସେମାନଙ୍କର ଖାଦ୍ୟ । ସେମାନଙ୍କର ଖାଦ୍ୟପଦାର୍ଥ ପ୍ରକୃତିର ଦାନରୁ ସଂଗୃହୀତ ହେଇଥାଏ । ସଭ୍ୟ ସମାଜର କଳ କାରଖାନାରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥକୁ ସେମାନେ ସେପରି ଲୋଡ଼ନ୍ତି ନାହିଁ । କଥାକାରଙ୍କ ଭାଷାରେ, ''ଗାଁର ଲୋକଙ୍କୁ ଦେଖିଲେ ଜଣାଯିବ ସୃଷ୍ଟିର ପ୍ରାକ୍‌କାଳରୁ ସେମାନେ ସେଇଠି ଅଛନ୍ତି, ସମୟ ଓ ସଭ୍ୟତା ତାଙ୍କ ଜୀବନରେ କିଛି ପରିବର୍ତ୍ତନ ଆଣିପାରି ନାହିଁ । ଚନ୍ଦ୍ର, ସୂର୍ଯ୍ୟ, ଖରାବର୍ଷାରୁ ସେମାନେ ବେଳକାଳ ଜାଣନ୍ତି । ଆବଶ୍ୟକତା କମ୍, ତେଣୁ ଅଭାବ କମ୍ । ପ୍ରକୃତି ସହ ଯୁଝି ମୁଠେ ଖାଇବାର ଆଦାୟ କରନ୍ତି । ଯୁଝୁଯୁଝୁ ମରଣ ବି ଆସିଯାଏ । କୁକୁରଗୁଡ଼ାଙ୍କୁ ଆଖି ଆଗରେ କଲରାପତରିଆ ଉଠାଇନିଏ, ମକା, ଧାନ, ହାତୀ ଦିନଦିପହରରେ ମାଡ଼ି ଦଳି ଦିଏ । ତଥାପି ଧୂମୁଷା, ମାଦଳ, ହାଣ୍ଡିଆରେ ଦୁଃଖ ଶେଷ ।'' ଅଳ୍ପରେ ସନ୍ତୁଷ୍ଟ ହେଉଥିବା ସେହି ଆଦିବାସୀମାନେ ନିଜର ନ୍ୟୂନତମ ଆବଶ୍ୟକତା ଖାଦ୍ୟ ପାଇଁ ଛତୁ, ପିତାଆଳୁ, ସଂଗ୍ରହ କରୁ କରୁ ବନ୍ୟଜନ୍ତୁଙ୍କ ହାବୁଡ଼ରେ ପଡ଼ନ୍ତି । ସେମାନେ ଓ ସେମାନଙ୍କର ଗୃହପାଳିତ ପଶୁମାନେ ମଧ୍ୟ ବନ୍ୟଜନ୍ତୁଙ୍କର ଶିକାର ହୋଉଥାନ୍ତି । ସମୟକ୍ରମେ ସେମାନେ ଆତ୍ମୀୟସ୍ୱଜନ ଓ ଗୃହପାଳିତ ପଶୁଙ୍କୁ ହରାଇବାର ଦୁଃଖକୁ ଭୁଲି ନାଚ ଗୀତରେ ମଜ୍ଜି ଯାଆନ୍ତି । ଏଇ ବର୍ଣ୍ଣନାରେ ଆଦିବାସୀମାନଙ୍କର ଜୀବନ ଦର୍ଶନ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣିତ ।

ଯେଉଁ ସମୟରେ ସହର ବଜାରରେ ଚାଉଳ ମିଳେ ନାହିଁ ସେତେବେଳେ ମଧ୍ୟ ସେମାନେ ଖାଦ୍ୟ ପାଇଁ ଅସୁବିଧାରେ ସମ୍ମୁଖୀନ ହୁଅନ୍ତି ନାହିଁ । ବଣରୁ ସଂଗୃହୀତ ବିଭିନ୍ନ ପ୍ରକାରର କନ୍ଦ, ଛତୁ, ଆଳୁ, ମହୁଲ ଆଦି ଖାଦ୍ୟାଭାବ ଦୂର କରିଥାଏ । ''ଟାଣଟୁଣ ଦିନ, ନୂଆ ସୁଆଁ'' ବିଲରେ ଉଠିନି । ଯାହାଘରେ କେନ୍ଦୁମୁଣ୍ଡା, ମହୁଲନେଠା ଥିଲା ସେ ସବୁ ସଇଲାଣି । ମକାବାଡ଼ି କୁଆ, ଶିଆଳ ମୁହଁରେ ଗଲା । ବଣରେ ଛତୁ ଫୁଟୁଥିବ, ପିତାଆଳୁ ମିଳିବ ସିଝାସିଝି କରି ଖାଇବା ପାଇଁ ।'' କିନ୍ତୁ ସେତେବେଳେ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଲୋକମାନେ ମାତିଥିବା ବାଘ ଭୟରେ ବଣ ଭିତରକୁ ଆଳୁ ଖୋଳିବାକୁ ବା ଛତୁ ତୋଳିବାକୁ ଯାଉ ନଥିଲେ । ବଣରେ ଖାଦ୍ୟପଦାର୍ଥ ଥିଲେ ବି ବାଘକୁ ଭୟକରି ସେମାନେ ଉପାସ ଭୋକରେ ରହିବାକୁ ବାଧ୍ୟ ହେଉଥିଲେ । ସ୍ତ୍ରୀ ବାଘ ଦ୍ୱାରା ମୃତ୍ୟୁବରଣ କରିବାର ଛଅଦିନପରେ ସେଙ୍ଗେଲ ଭୋକ ସହିନପାରି ନିଜଝିଅ ସହ ଖାଦ୍ୟ ସଂଗ୍ରହରେ ଯାଇଛି । ଶେଷରେ ବାଘର ଶିକାର ହୋଇଛି, ଅନ୍ୟ ସତର ଜଣଙ୍କ ପରି । ସେମାନଙ୍କର ବିପଦସଙ୍କୁଳ ଜୀବନଯାତ୍ରା ଏଥିରେ ରୂପ ନେଇଛି ।

''ଡବ୍ଲିଂ/ଦୋହରି'' ଗଳ୍ପରେ ସୁମି ଓ ସେଙ୍ଗେଲ ନାମକ ଦୁଇଜଣ ଆଦିବାସୀ ଯୁବକ ଯୁବତୀ ପ୍ରସଙ୍ଗରେ ସେମାନଙ୍କ ଜୀବନଯାତ୍ରା, ପ୍ରେମ ବିବାହ ଏବଂ ଏଇ ସଭ୍ୟସମାଜର ଶିକାର ହୋଇ ସେମାନେ ଭୋଗୁଥିବା ଦୁର୍ଦ୍ଦଶାର ଚିତ୍ର ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣିତ । ସୁମି



Digitized by PPRACHIN, SOA

ଜଣେ ଆଦିବାସୀ ଯୁବତୀ । ତା'ର ସା'ନ୍ତବାପା ଟାଟାରେ ଜଣେ କୁଲି ସର୍ଦ୍ଦାର ଓ ଜାତୀୟ ନେତା ମଧ୍ୟ । ସୁମିର ପିଲାବେଳ କଟିଛି ଟାଟାରେ କିନ୍ତୁ ଏବେ ନିଜ ପୈତୃକ ଗାଁ ତିରିଙ୍ଗ ନାମକ ମୟୂରଭଞ୍ଜର ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ରହିଛି ସେ । ଆମ ଏଇ ସମାଜରେ ଜଣେ ଯୁବତୀକନ୍ୟା ଏକାକିନୀ ରହିବା ଏତେ ସହଜସାଧ୍ୟ ନୁହେଁ । କିନ୍ତୁ ତା'ର ଏକା ରହିବାରେ ସେମିତି ବିପଦର ଆଶଙ୍କା ନାହିଁ । ''ଯେଉଁଠି ବିନା ଘେରବାଡ଼ରେ ଫସଲ ହୁଏ, ଗୋରୁ ଛେଳି ପାଖ ପଶନ୍ତି ନାହିଁ, ସେ'ଠି ବଢ଼ିଲା ଝିଅର ବା କି ବିପଦ, ବିଶେଷତଃ ରାମ ମିର୍ଦ୍ଧାର ନାତୁଣୀ ସୁମିର ? ରାମ ମିର୍ଦ୍ଧା ଏକା ଶରକେ ବାଘ ମାରିଥିଲା, ଏକା ମୁଥରେ ଭାଲୁ ମାରିଥିଲା ।''

ସୁମି ମକରମେଳା ଦେଖିବାକୁ ଯାଇଥିଲା ପଣ୍ଡୁପାଣିକୁ । ବାପା ଟାଟାନଗରରୁ ଆଣିଥିବା ନୂଆଶାଢ଼ି ଆଦି ପିନ୍ଧି ମକର ପୂର୍ବଦିନ ରାତିରେ ସେ ଯାଇଥିଲା । ଆଦିବାସୀମାନେ ବର୍ଷକରେ ଗୋଟିଏ ଦୁଇଟାପର୍ବ ବେଶ୍ ଧୁମ୍‌ଧାମ୍‌ରେ ମନାନ୍ତି । ସେହି ଉତ୍ସବକୁ ମେଳାମାନଙ୍କରେ ମନଭରି ଉପଭୋଗ କରନ୍ତି । ବାରମାସରେ ତେରପର୍ବ ମନାଇବା ପାଇଁ ସେମାନଙ୍କର ସମ୍ବଳ ଓ ଅବକାଶ ନଥାଏ । ''ମୟୂରଭଞ୍ଜରେ ମକର କହିଲେ ସଭ୍ୟ ଦୁନିଆ ଆଖିରେ ଗୋଟାଏ ରକମର ପାଗଳାମି ବଢ଼ାଏ । ହାଣ୍ଡିଆ, ହଳଦିଆ ଲୁଗା, ଖାସି, ମେଣ୍ଢା, ଛେଳି, ଘୁଷୁରି, ମାଙ୍କଡ଼ କେତେ କ'ଣ । ସଭ୍ୟ ଦୁନିଆର ଟୋକାଟୋକୀ ପ୍ରାଚୁର୍ଯ୍ୟ ଓ ପରିତୃପ୍ତିରେ ବୁଡ଼ିରହି ଖାଲି ଜୀବନ ଯନ୍ତ୍ରଣା, ମୃତ୍ୟୁ ଚେତନାର ସଙ୍ଗୀତ ଗାଆନ୍ତି । କିନ୍ତୁ ଉନ୍ନତ ଦୁନିଆର ଦୂରରେ ମୟୂରଭଞ୍ଜର ମକରରେ ଖାଲି ଆନନ୍ଦର ଦୁନିଆ ଦାରିଦ୍ର୍ୟ ଅନଟନ ସତ୍ତ୍ୱେ । ଯେଉଁ ଆଡ଼େ ଶୁଣିବ ଧୂମୁଷା, ମାଦଳ, ବଂଶୀ, କେନ୍ଦେରା ବାଦ୍ୟ ସୁରରେ 'ଗୁରୁନାଳାରେ ତିରଂ ଅରଂ ହୋ' (ତୋର ମୋର ସେଇ ଯେଉଁ ପାହାଡ଼ିଆ ଝରଣା କୂଳର ପାଣି ଘାଟରେ ପ୍ରଥମ ଭେଟଘାଟ ହୋଇଥିଲା) । ପାଖ ବ୍ଲକ୍ ଅଫିସ୍‌ରେ ମନ୍ତ୍ରୀ ଆସିବା ଯିବା ସମ୍ବାଦ, ଚୋରି ବଟପାରି, ଡକାୟତି, ଗଣଧର୍ଷଣ ସମ୍ବାଦ । ଏ ଇଲାକାରେ ମରୁଡ଼ି ଆସୁ, ବନ୍ୟା ଆସୁ, ମକରମେଳାର ଧୁମ୍‌ଧାମ୍ ସର୍ବବ୍ୟାପୀ । ଦୁଃଖ ଓ ମୃତ୍ୟୁର ସ୍ଥାନ କାହିଁ ନାହିଁ ।'' ଉତ୍ସବ ପାଳନ ସମୟରେ ମଣିଷର ଜୀବନଦର୍ଶନର ଏକ ସୂକ୍ଷ୍ମ ରୂପ ଏଥିରେ ରୂପାୟିତ । ମେଳାରେ ଅନେକ ଲୋକ ଉପଭୋଗ କରୁଥିବା କୁକୁଡ଼ା ଲଢ଼େଇ, ଫୁଟ୍‌ବଲ୍ ଖେଳ ଆଦି ସୁମିକୁ ଭଲ ଲାଗି ନାହିଁ । ଶେଷରେ ସେ ଯାଇ ଦଣ୍ଡା ଓ ଧାଙ୍ଗଡ଼ା ଧାଙ୍ଗଡ଼ୀ ନାଚକୁ ଉପଭୋଗ କରିଛି । ସେଇ ନାଚରେ ସେଙ୍ଗେଲ ନାମକ ଯୁବକ ତାକୁ ବେଶ୍ ଭଲ ଲାଗିଛି । ସେଙ୍ଗେଲ୍‌କୁ ମଧ୍ୟ ସୁମି ଭଲ ଲାଗିଛି । ତାପରେ ସେମାନେ ଦୁଇଜଣ ସାଙ୍ଗ ହୋଇ ସୁମିର ଘରକୁ ଯାଇଛନ୍ତି । ସୁମିର ବାପା ସୋନାରାମ ଏ ଦୁଇଜଣଙ୍କର ମନକଥା ବୁଝି ଦୁଇ ରାତି ଧୂମୁଷା, ମାଦଳ, ହାଣ୍ଡିଆର ଆୟୋଜନ କରି ଏମାନଙ୍କୁ ସ୍ୱୀକୃତି ଦେଇଛି ।

ଗଡ଼ ଶିମିଳିପାଳରେ ଥିବା ସେଙ୍ଗେଲର ସେହି ଅଧାଗୁମ୍ଫା ଆଉ ଅଧାଚାଳଘରେ ଯାଇ ରହିଲେ ସୁମି ଓ ସେଙ୍ଗେଲ । ''ସେଇଠି ରହିଲେ ସେଙ୍ଗେଲ ଓ ସୁମି ପାଗଳ ଅସନ୍ତୁଷ୍ଟ ଦୁନିଆର ବହୁଦୂରରେ, ଏକ ଇଡେନ୍ ଗାର୍ଡ଼ନ୍‌ରେ, ଯେଉଁଠି ଥିଲା ସରଳତା, ସତ୍ୟ ଓ ବିଶ୍ୱାସ । ଆଦାମ୍ ଆଉ ଇଭ୍ ! ଗଳ୍ପର ଟିପାଟିପି ପରି । ସେମାନଙ୍କ ସରଳ ଜୀବନଯାତ୍ରାକୁ ଗୋଟିଏ ଓଡ଼ିଆ ଲୋକକଥା ଓ ଆଉ ଗୋଟିଏ ପାଶ୍ଚାତ୍ୟର ସୃଷ୍ଟି ତତ୍ତ୍ୱ ଉପରେ ଆଧାରିତ ଗଳ୍ପର ଉଦାହରଣ ଦ୍ୱାରା ବର୍ଣ୍ଣନା କରିଛନ୍ତି କଥାକାର । ଚିତ୍ରକଳ୍ପର ସୁନ୍ଦର ପ୍ରୟୋଗ ଏଠାରେ ପରିଲକ୍ଷିତ ।



Digitized by PPRACHIN, SOA

ତାଙ୍କ ସୃଷ୍ଟିରେ ଆଦିବାସୀମାନେ ରହୁଥିବା ସେଇ ବଣ ପାହାଡ଼ର ଦୃଶ୍ୟ ଅତୀବ ମନୋରମ । ''ଏ ଦେଶ ବାଘମାମୁଁ, ଭାଲୁ, ସମ୍ବର, ହରିଣ, କୁତ୍ରା, ବାର୍‌ହା, ହେଟାବାଘ ଏବଂ ହାତୀପଲର ଦେଶ । ଏ ଦେଶ ମୟୂର, ଶୁଆଶାରୀ, କପୋତକପୋତୀର ଦେଶ । ଏ'ଠି ମିଳେ ଝରଣା, ଆମ୍ବ, କାଙ୍କଡ଼, ବଣକୁନ୍ଦୁରୀ, ପଣସ, ଭୁରୁଡ୍ରୁ, ଚାର, କେନ୍ଦୁ, ଆଦିଫଳ । ପାଳୁଅ ଓ କେତେ କେତେ ଚେରମୂଳ । ଏ'ଠି ମିଳେ କେତେ କେତେ ଫୁଲ, ପତର, ଛାଲିର ମହକ ଓ ରଙ୍ଗ ଅତାଣ୍ଡି ଶାଳେଇ, ସୁନ୍ଦାରୀ, ପଳାଶ, ଚମ୍ପା ଆହୁରି କେତେ କ'ଣ । ଗଛରୁ ପତରରୁ ତ ମହୁ ଝରୁଛି । ଭୂଇଁ ଫୁଟାଇ ଛତୁ ଉଠୁଛି । ସୁମି ଓ ସେଙ୍ଗେଲର ଦୁନିଆ ହିଁ ପୁରୁଷ ପ୍ରକୃତିର ଦୁନିଆଁ । ଖାଅ ଖୁଆଅ, ପିଅ ପିଆଅ । ଅସରନ୍ତି ଦୁନିଆ ।''

ସୁଖଭରା ସେମାନଙ୍କର ଏ ଜୀବନ ନାଟକରେ ପ୍ରବେଶ କରିଛି ସଭ୍ୟସମାଜର ପ୍ରତିନିଧି କାଠ କଣ୍ଟ୍ରାକ୍ଟର ଖଳନାୟକ ମକୁ । ସଭ୍ୟ ଲୋକେ ସେମାନଙ୍କୁ ମନାଇ ଆତ୍ମୀୟତାର ଛଳନା କରି ନିଜ କାମ ହାସଲ କରନ୍ତି । ''ଗଛ କାଟିବା, ମାଟି କୋଡ଼ିବା, ପଥର ଟେକିବା, ରୋଲର ଚଳାଇବା ଆଦି ଯେତେ ଦୁଃସାଧ୍ୟ ଶ୍ରମସାପେକ୍ଷ କାର୍ଯ୍ୟ ଏମାନେ କୁଆଡ଼େ ଆନନ୍ଦରେ ଗୀତ ଗାଇ ଗାଇ ଅଳ୍ପ ପଇସାରେ କରନ୍ତି ।'' ମକୁ ସହରିଚାଲ ଖେଳାଇ ଯେମିତି ସେଇ ସରଳ ବିଶ୍ୱାସୀ ଲୋକମାନଙ୍କୁ ଚା, ସିଗାରେଟ୍ ଆଦି ମଧ୍ୟମରେ ଆତ୍ମୀୟତାର ଛାପ ପକାଇ ବଶ କରାଯାଏ ସେପରି ଚେଷ୍ଟାକରିଛି । କାରଣ ସେମାନେ ବଶୀଭୂତ ହେବାପରେ ସହରର ମାୟା ଦେଖାଇ ସହରକୁ ନେଇ ଶୋଷଣ କରିବା ହେଉଛି ଉଦ୍ଦେଶ୍ୟ । କିନ୍ତୁ ପ୍ରଥମେ ସଫଳ କାମ ହୋଇପାରିନି । ''ବଣ ଜଙ୍ଗଲର ସୁମି, ସେଙ୍ଗେଲ ପରି ଜାନୁଅର୍‌କୁ ସଭ୍ୟ କରିବାପାଇଁ ସେ ସହରକୁ ନେଇ ଯାଉଛି ।'' ହାତୀଦେବି ଘୋଡ଼ାଦେବି ମୋ ପେଁକାଳିବାଛ ।'' ସେଥିରେ ସଫଳକାମ ହୋଇ ନପାରି ସୁମିପାଖକୁ ଯାଇ ତାକୁ ମଦ ପିଆଇଛି । ସହରକୁ ଯିବା ପାଇଁ ପ୍ରଲୋଭିତ କରିଛି । ଏକ ସୁନ୍ଦର ଚିତ୍ରକଳ୍ପରେ ରୂପାୟିତ ହୋଇଛି ଏ ଘଟଣା । ସୁମି ଓ ସେଙ୍ଗେଲ ଆଦି ପୁରୁଷ ଓ ସ୍ତ୍ରୀ, ଆଦାମ୍ ଏବଂ ଇଭ୍ ଓ ମକୁ ସାପବେଶରେ ପ୍ରବେଶ କରିଥିବା ଖଳ, ଯିଏ ନିଷିଦ୍ଧ ଫଳକୁ ଖାଇବାକୁ ପ୍ରଲୋଭିତ କରିଛି । ଶେଷରେ ସେମାନେ ସହରକୁ ଯାଇଛନ୍ତି ।

ସହରରେ କୁଲି କାମରେ ନିୟୋଜିତ ହୋଇଛନ୍ତି ସେ ଦୁଇଜଣ । ସଭ୍ୟ ଲୋକମାନଙ୍କର ରାଜନୀତିର ଅସ୍ତ୍ର ହୋଇଛି ସେଙ୍ଗେଲ୍ । ''ସେଙ୍ଗେଲ୍ ଅର୍ଥ ନିଆଁ ଏବଂ ଯଥାର୍ଥରେ ସେ ନିଆଁ ହୁଳା । ଯେଉଁ କାମରେ ଲଗାଇ ଦବ ସେଥିରେ ସେ ପାଦେ ଜାଗାରେ ଦୁଇପାଦ ଯିବ । xxx ନେତାମାନେ ନିଜକାର୍ଯ୍ୟ ହାସଲ ପାଇଁ ଠିକ୍ ଯିମିତି ଲୋକ ଖୋଜୁଥାନ୍ତି ଏବଂ ନିଜେ କିଛି ନକରି ସେମାନଙ୍କୁ ଲଗାଇ ଦୁରୂହ କାର୍ଯ୍ୟ ସାଧନକରି ବାହାଦୁରି ନିଅନ୍ତି । ସେଙ୍ଗେଲ୍ ସେଇ କିସମର ଲୋକ । ଏହି ବାକ୍ୟଗୁଡ଼ିକରେ ବର୍ତ୍ତମାନ ପରଶିଙ୍ଗରେ ମାଟି ତାଡୁଥିବା ନେତୃବର୍ଗଙ୍କର ସ୍ୱରୂପ ଓ ସରଳ ହୃଦୟ ଲୋକମାନେ କିପରି ନେତାମାନଙ୍କର ନେତୃତ୍ୱ ପାଇଁ ବଳି ପଡ଼ିଥାନ୍ତି ତା'ର ନଗ୍ନରୂପ ଦେଖିବାକୁ ମିଳେ । ସେଙ୍ଗେଲ ସେମାନଙ୍କର ଶିକାର ହୋଇଛି । ସେମାନେ କରୁଥିବା କାମ ବନ୍ଦ ହୋଇଗଲାପରେ ଅସ୍ଥାୟୀ ଲୋକଙ୍କୁ ଛଟେଇ କରାଯାଇଛି । ତାର ପ୍ରତିବାଦରେ ରାଜନେତାମାନେ; ଯେଉଁମାନେ ଲୋକଙ୍କୁ ମତାଇ ଧର୍ମଘଟ ଆଦି ଚଳାଇ ଚାନ୍ଦାଅସୁଲ କରନ୍ତି ସେମାନଙ୍କ ଆହ୍ୱାନରେ ସେଙ୍ଗେଲ, ତାପରି ଅନ୍ୟ ସରଳପ୍ରାଣ ମଜୁରିଆମାନଙ୍କ ସହ ବିକ୍ଷୋଭ ପ୍ରଦର୍ଶନ କରିଛି । ଦିନେ ବିକ୍ଷୋଭ ପ୍ରଦର୍ଶନ ସମୟରେ



Digitized by PPRACHIN, SOA

ଟ୍ରେନ୍ ଅଟକାଇବା ବେଳେ ପୋଲିସର ନିର୍ଯାତନା ସେମାନେ ଭୋଗ କରିଛନ୍ତି । ଗୋଟିଏ ଟିଅରଗ୍ୟାସ୍ ସେଲ୍ ଆସି ବାଜିଛି ସେଙ୍ଗେଲର କପାଳରେ । ତାପରେ ବିକ୍ଷୋଭକାରୀମାନେ ବନ୍ଧା ହୋଇ ଯାଇଛନ୍ତି ଜେଲ୍‌କୁ । ସୁମି ଏକାକିନୀ ହୋଇଯାଇଛି । ମେଲା ମୁହଁ ବେଲାଟେ ପିତାଲାଉ ଡଙ୍କା ଦ୍ୱାରା ବଢ଼ା ହେଉଥିବା ପଖାଳ, ସଜନାଶାଗ, ଲୁଣ, ଲଙ୍କା, ଗେଣ୍ଡା, କଙ୍କଡ଼ା ବା ଶୁଖୁଆ ପୋଡ଼ାର ଖାଇବା ଆଉ ଦିପହରେ ବିଶ୍ରାମବେଳେ ସେଙ୍ଗେଲର କେନ୍ଦେରା ବା ବଇଁଶୀରେ ସେଇ 'ବୁରୁନାଲାରେ ତିରଂ... ... ...' ଗୀତ ଶୁଣିବା ଭିତରେ କଟିଯାଉଥିବା ସୁଖର ଦିନ ସରିଯାଇଛି । ସୁନାର ସଂସାର କଟିଯାଇଛି ।

ଅନନ୍ୟୋପାୟ ହୋଇ ଶିବଲାଲ ନାମକ ଜଣେ ଅଟାକଳ ମାଲିକର ଆଶ୍ରିତା ହୋଇଛି ସୁମି । ଶିବଲାଲର ସନ୍ତାନକୁ ଜନ୍ମ ଦେଇଛି । କିନ୍ତୁ ପୁଣି ଯେତେବେଳେ ସେଙ୍ଗେଲ ସହ ଦେଖାହୋଇଛି ସୁମିର ସେତେବେଳେ ସେଙ୍ଗେଲ ନିର୍ବିବାଦରେ ନିଃସଙ୍କୋଚରେ ଗ୍ରହଣ କରିଛି ଶିବଲାଲର ପୁଅସହ ତାକୁ । ପିଲାଟିକୁ ଛାଡ଼ି ଦେଇ ଯିବକି ବୋଲି ସୁମି ପଚାରିବାରୁ ସେଙ୍ଗେଲ କହିଛି- ''ନେଇ ଯିବା ନାହିଁ ଆର୍ କି କର୍‌ବା ? ବଜାରକୁ ଆସିଥିଲୁ ଗୁଟେ ଚିହ୍ନ ନ ନେଇଗଲେ ଆମର ଗାଁ ସାଇ ନୁକ୍‌ଗା (ଲୋକମାନେ) କିମ୍‌ତି ଜାଣ୍‌ବେ ? ଏ'ଟା ବଜାରିଆ ଫଲ୍‌ଟାପରା ।' ନିଜ କପାଳର ଟିଅରଗେସ୍ ଶେଲର ଚିହ୍ନକୁ ଆଙ୍ଗୁଳିରେ ଦେଖାଇ ପୁଣି କହିଲା, 'ହେଇ ଦେଖ୍ ମୁଁ ବି ତ ଗୁଟେ ଚିହ୍ନ ନେଇଯାଉଛି ।'' ସେମାନଙ୍କର ପ୍ରେମ ଓ ଭଲ ପାଇବାର ରୂପ ଏଠାରେ ଦିଆଯାଇଛି । ଆବିଳତାହୀନ ସେମାନଙ୍କର ପ୍ରେମ ଯେ ଦୈହିକ ସମ୍ପର୍କଠାରୁ ବହୁ ଉର୍ଦ୍ଧ୍ୱରେ ତାହା ଦେଖାଇଛନ୍ତି ଗାଳ୍ପିକ ଶ୍ରୀ ଶତପଥୀ ।

ସେଇ ଆଦିବାସୀମାନଙ୍କର ସରଳତା ଓ ସଭ୍ୟ ସମାଜ ଦ୍ୱାରା ଶୋଷଣ ବେଶ୍ ଭଲଭାବରେ ରୂପାୟିତ ହୋଇଛି 'କାଠ' ଗଳ୍ପରେ । କଥାକାର ନିଜେ ଏଇ ଗଳ୍ପରେ ଏ ଶିକ୍ଷିତ ସମାଜର ପ୍ରତିନିଧି । ଗୋଟାଏ କାଠଗଡ଼ ଦୀର୍ଘ ଦିନ ଧରି ଚିରା ହୋଇ ନପାରି ପଡ଼ିଥିଲା । ଏହା ଅପେକ୍ଷାକୃତ ଶକ୍ତ ହୋଇଥିବାରୁ କାଠକଟାଳିମାନେ ତାକୁ ଚିରିବାକୁ ରାଜି ହେଉ ନଥିଲେ । ଶେଷରେ ଦିନେ ସାନ୍ତାଳ କାଠ କଟାଳିଟିଏ ତାକୁ ଚିରିବାକୁ ରାଜି ହୋଇଛି । ତା' ସହ ମୂଲଚାଲ କରି କାଠ ଚିରାଇଛନ୍ତି କଥାକାର । ସେ ସାନ୍ତାଳ ଲୋକଟି କାଠ ଚିରୁଥିବାବେଳେ ତାର ଘର କେଉଁଠି, ସରକାରୀ ସାହାଯ୍ୟରୁ ଜମି ଜାଗା ପାଇଛି କି ନାହିଁ, କ'ଣ ଖାଇଛି ଆଦି ଆତ୍ମୀୟତାଭରା କଥାମାନ କହି ନିଜର କାର୍ଯ୍ୟ ସେ ହାସଲ କରିଛନ୍ତି । ନିଜକୁ ଦୟାର ଅବତାର, ଦୁଃଖୀ ରଙ୍କୀଙ୍କ ପେଟ ଚିହ୍ନୁଥିବା ଲୋକ ବୋଲି ଦେଖାଇ, ଅସରପା ଶୁଙ୍ଘିଥିବାରୁ କୁକୁର ଖାଇନଥିବା ବାସି ରୁଟି ଦୁଇପଟ, ପାଇଖାନା- ଲୋଟାରେ ପାଣି ସହ ତାକୁ ଦେଇଛନ୍ତି । ସେ ଲୋକଟି ଯେତିକି କାମ କରିବା କଥା ତା'ଠାରୁ ଅଧିକ କାମ ଆଦାୟ କରିଛନ୍ତି । ଶେଷରେ ଖୁଚୁରା ପଇସା ନଥିବାରୁ ଓ ସେଦିନ ରବିବାର ଯୋଗୁଁ ଦୋକାନସବୁ ବନ୍ଦ ଥିବାରୁ ଖୁଚୁରା କରିବା ସମ୍ଭବ ହୋଇନାହିଁ । ସେ ତା' ଉପରେ ରହୁଥିବା ଚାରଣା ପଇସା ଫେରାଇ ଦେଇଯିବ ବା ଆସନ୍ତାମାସ କାଠ ଚିରାରେ ଶୁଝିଦେବ କହିଛି । କିନ୍ତୁ କଥାକାର ତାକୁ ଅବିଶ୍ୱାସ କରିଛନ୍ତି । ଉତ୍‌କ୍ଷିପ୍ତ ହୋଇ ଉଠିଛି ସେ । ମଣିଷପଣିଆ ତାର ଚେଇଁ ଉଠିଛି । ସେମାନେ ଯେ ଏଇ ତଥାକଥିତ ସଭ୍ୟ ସମାଜର ଲୋକଙ୍କଠାରୁ ବହୁ ଉର୍ଦ୍ଧ୍ୱରେ ସେକଥା ସେ କହିଛି । ''ହାଣ୍ଡିଆ ଖାଇଲେ ଆଖି ଯେମିତି ଲାଲ୍ ହୁଏ ସେମିତି ଆଖିରେ ମୋ ଆଡ଼କୁ ଚାହିଁ



Digitized by PPRACHIN, SOA

ଯୁଗ ଯୁଗର ସଞ୍ଚିତ ଚାପାକ୍ରୋଧକୁ ବିସ୍ଫୋରଣ କରି ସେ କହିଗଲା, 'କି କହିଲୁ ! କି ବିଶ୍ୱାସ ! ଏତେବେଳଯାଏଁ ମତେ ଟେକାଟେକି କରି ଭୁଲେଇ- ଚୁକେଇ ତର ସବୁ କାମ ଆଦାୟ କରିନେଲୁ । ମରଜମି ଛାଇଗା ବି ସବୁ ତୁମର ମାନେ ନେଲା । ମର୍ ନ କରିବା କାମ ବି କରିଦେଲି । ଦୁଇଟା ଶୁଖିଲା ରୁଟି ଦେଲୁ ଯେ ଭାବିଛୁ ଢେର୍ ଦେଲୁ । କହୁଛୁ 'କି ବିଶ୍ୱାସ୍ !' ଆମର କି ମଣିଷ ନାଇଁ ବଣର ଭାଲୁ ହେଇଛି ? ପଇସାର ବଡ଼ନୁକି ଦେଖେଇ ହେଇଛୁ । ମୁଁ ତର ଚାଲାକି ସବୁ ବୁଝିଛି । ନେ ତର ପଇସା ।'' ଭୟ କରି ଯାଇଛନ୍ତି ଏଇ ସଭ୍ୟ ସମାଜର ପ୍ରତିନିଧି ତା'ର ବ୍ୟକ୍ତିତ୍ୱକୁ ଦେଖି । ''ତା'ର ରୁଦ୍ର ମୂର୍ତ୍ତି ଦେଖି ସେଇ ମୁହୂର୍ତ୍ତରେ ମୁଁ ଉପଲବ୍ଧି କଲି ସେ ଲୋକଟାକୁ ସଜାଗ ସଚେତନ କରି ଚାଲି ଉସୁକାଇ ମୁଁ ବଡ଼ ଭୁଲ୍ କରିଛି । ଯଦି ସେ ବୁଝିପାରିବ ଏ ଯାବତ୍ ତା' ପ୍ରତି ମୋର ଆଚରଣ ବ୍ୟବହାରରେ ଆତ୍ମୀୟତା ବା ଆନ୍ତରିକତା ନଥାଇ ଥିଲା ଖାଲି ସ୍ୱାର୍ଥ ଓ ପ୍ରତାରଣା ତେବେ ସେ ହୁଏତ ଉତ୍ତ୍ୟକ୍ତ ଓ ଉଦ୍‌କ୍ଷିପ୍ତ ହୋଇ ବୁଲି ପଡ଼ିବ । ଆଉ ଗୋଟିଏ ଧଅକାଠ ଗଡ଼ ରହିଗଲା ଭାବି ଦୁଇକେଜିଆ କୁରାଢ଼ିରେ ହୁଏତ ମୋର ଛାତି ମୁଣ୍ଡକୁ ଦୁଇଫାଳ କରିଦେବ ।''

ଠିକ୍ ସେମିତି ସେମାନଙ୍କ ମଣିଷପଣିଆର ଆଉ ଏକ ରୂପ 'ଶ୍ୱେତପଦ୍ମ' ଗଳ୍ପରେ ରୂପାୟିତ । ସେଦିନ ସକାଳବେଳା କାଠ ଚିରିବା କାମରୁ ଫେରି ସାନ୍ତାଳ ଲୋକଟିଏ ଘରେ ପହଞ୍ଚି ଦେଖିଛି ଯେ ତା'ର ପୁଅ ଦୁଇଜଣ ଜୋକ, ପଦ୍ମକଣ୍ଟାରେ କ୍ଷତ ବିକ୍ଷତ ହୋଇ କିଛି ଧଳା ପଦ୍ମକଢ଼ ଓ ଗୋଟିଏ ଫୁଲ ସଂଗ୍ରହ କରିଛନ୍ତି । ଜୀବନକୁ ବିପନ୍ନ କରି ସେମାନେ ଫୁଲ ସଂଗ୍ରହ କରିଛନ୍ତି, ଗୋଟାଏ ପୁଅ ଫୁଲ ତୋଳୁ ତୋଳୁ ପାଣି ପିଇ ଯାଇଛି । ସେଇ କଢ଼ ଓ ଫୁଲଗୁଡ଼ିକୁ ଧରି ସେ ସହରକୁ ଆସିଛି । ସେଦିନ କୁମାର ପୂର୍ଣ୍ଣମୀ ହୋଇଥିବାରୁ ଫୁଲଗୁଡ଼ିକ ବିକ୍ରି ହୋଇଯିବ ଏଇ ଆଶାରେ ସେ ଆସିଛି । ବାଟରେ ହାବୁଡ଼ିଛି ସଭ୍ୟ ଲୋକଙ୍କର ପ୍ରତିନିଧି ଗାଳ୍ପିକଙ୍କୁ । ଯିଏ ସେମାନଙ୍କ ପାଇଁ ବଜାରିଆ ଲୋକଙ୍କ ମଧ୍ୟରେ ଅନ୍ୟତମ । ଗାଳ୍ପିକଙ୍କ ସହ କଥାବାର୍ତ୍ତା ମଧ୍ୟରେ ଫୁଲ ବିକ୍ରି ପ୍ରସଙ୍ଗରେ ସେ ଏଇ ସହରିଆ ଲୋକମାନଙ୍କ ବିଷୟରେ ତା'ର ଅଭିଜ୍ଞତାକୁ ପ୍ରକାଶ କରିଛି । ''ତୁମର ସବୁ ଯେତେ ବଜାରିଆ ନୁକ ଏକାରକମ୍ । ତୁମର କଥା ଗୁଟେ ବାଟେ, କାମ ଆଉ ଗୁଟେ ବାଟେ । ତର କଥାରୁ ମୁଁ ଜାଣିଛି ତୁ ଫୁଲ ନବୁନି .... ।'' ସେଦିନ ସହରର ବିଭିନ୍ନ ସ୍ଥାନରେ ପୂଜାମଣ୍ଡପରେ ଲକ୍ଷ୍ମୀପୂଜାର ଆୟୋଜନ ହେଉଥାଏ । ପୂଜାମଣ୍ଡପମାନଙ୍କରେ ଥିବା ଲୋକମାନେ ତା'ର ଫୁଲରୁ କମ୍ ଦାମରେ ବିକିବାକୁ ବାଧ କରିଛନ୍ତି ଓ ଧମକାଇଛନ୍ତି । ତା'ର ପ୍ରତିକ୍ରିୟାରେ ସେ କହିଛି, ''ବାବୁ ଆମର ମୁରୁଖନୁକ । ତର ବଡ଼ ବଡ଼ କଥା ମୁଁ ବୁଝିବି ନାହିଁ । ତୁମର ବଜାରିଆଗା ଏଡ଼େ ଛୁଟ୍ ନୁକ୍ । ପାଞ୍ଚଟା ଦଶଟା ପଇସାତ ଦବୁନି, ପାଟିକୁ ଯାହା ତାହା ଆସିଲା କହିଯିବୁ, ମାରିବୁ, ପିଟିବୁ, କହିବୁ । ନ ନେ ଫୁଲ କିଏ ଜୋର୍ କରୁଛି ? ନମ୍ବା ନମ୍ବା ଫରଦରେ ଚାନ୍ଦା କରୁଛୁ, ଉଠଉଛୁ, ଗଞ୍ଜେଇ, ଭାଙ୍ଗ, ମଦ ଖାଇ ପଇସା ଉଡ଼ଉଛୁ । କହୁଛୁ କି ନା ପୂଜା କରୁଛୁ ?''

ଏକ ନିର୍ଦ୍ଦିଷ୍ଟ ଦାମ୍‌ରେ ଫୁଲଗୁଡ଼ିକୁ ବିକ୍ରି କରିବାର ପ୍ରତିଶ୍ରୁତି ତା'ଠାରୁ ଗାଳ୍ପିକ ଆଦାୟ କରିଛନ୍ତି । ସେହି ଦାମ୍ ନହେଲେ ବିକ୍ରି କରିବ ନାହିଁ ବୋଲି ସେ ଅଙ୍ଗୀକାର କରିଛି । କିନ୍ତୁ ସେହି ମୂଲ୍ୟରେ କେହି ନ କିଣିବାରୁ ଫୁଲ ସହ ଫେରୁଥିବାବେଳେ ପୁଣି ଦେଖିଛନ୍ତି ଗାଳ୍ପିକ । ଗାଳ୍ପିକ ଲକ୍ଷ୍ୟକରି ଦେଖିଲେ ଯେ, ସେ ଫୁଲଟିକୁ ଗୋଟିଏ ପୂଜାମଣ୍ଡପରେ ଲକ୍ଷ୍ମୀଙ୍କ ଉପରକୁ ଓ



Digitized by PPRACHIN, SOA

କଢ଼ଗୁଡ଼ିକୁ ମଣ୍ଡପର ବିଭିନ୍ନ ଦିଗରୁ ଫୋପାଡ଼ିଛି । ସେ ପୂଜାସ୍ଥଳୀ ଛାଡ଼ି ଯାଉଥିବା ବେଳେ ଗାଳ୍ପିକ ତାକୁ ଅନୁସରଣ କରି ପାଞ୍ଚଟଙ୍କିଆ ନୋଟ୍‌ଟାଏ ଯାଚିଛନ୍ତି । ସେ ଗ୍ରହଣ କରିନାହିଁ । ସେମାନଙ୍କର ସାଧୁତା ଓ ମହନୀୟତାକୁ ଖୋଲି ଦେଇଛି । ''ବାବୁ ! ଆମର ସାନ୍ତାଳ ଜାତିରେ ମାଗିକରି କିଏ ବଞ୍ଚୁଛି ଜାଣୁ ? ଆମର କାମ କରୁଁ ପଇସା ନଉଁ, ଜିନିଷ ଦଉ ପଇସା ଆଣୁ । ମାଗଣାରେ ଟାଉଟରିରେ ଆମର ଜାତିରେ ଯିଏ ବଞ୍ଚେ ତାକୁ ସହରକୁ ପଠାଇ ଦଉଁ, ଏକଘରିଆ କରୁଁ । ତୁ ପଇସା ଦେଇ ବଡ଼ଲୋକୀ ଦେଖେଇ ହବୁ ? ଦେଖ୍ ତତେ ଜବାବ୍ ଦେଇଥିଲି ଜବାବ୍ ରଖିଛି । ସାନ୍ତାଳ କେବେ ଜବାବ ଭାଙ୍ଗେ ନାହିଁ, ଭୁକ ଉପାସରେ ମରିବ ପଛେ ଅସଲ ସାନ୍ତାଳ ଗୁଳି ଖାଇମରିବ ଲୋକ୍‌କେ ହାଣିକରି କଇଦୀ ଖଟିବ ପଛେ ଚୋରି ଟାଉଟରି କରି ଜେଲ୍‌ଖାନା ଯିବନି ।''

ନିର୍ଭୀକତା, ସାଧୁତା, ସରଳତା ଆଦି ଯେଉଁ ମାନବୀୟ ସୁଗୁଣର ଅଧିକାରୀ ହୋଇ ମଣିଷ ଦେବତୁଲ୍ୟ ହୋଇଥାଏ ସେହି ସବୁ ସୁଗୁଣର ଅଧିକାରୀ ସେଇ ସରଳ ଆଦିବାସୀମାନେ । ତାଙ୍କୁ ଶିକ୍ଷିତ କରାଇବା, ସଭ୍ୟ କରାଇବା ନାଁରେ ଆମେ ଶୋଷଣ ହିଁ କରିଥାଉଁ ।

ନାନାପ୍ରକାର ଯୋଜନା ମାଧ୍ୟମରେ ସେମାନଙ୍କୁ ଘର, ଜମି, ଯୋଗାଇବାର ଯେଉଁ ଉଦ୍ୟମ ହେଉଛି, ତାହା ସଫଳ ହେଉ ନାହିଁ । ସେମାନେ ପ୍ରକୃତରେ ତାହା ପାଉ ନାହାଁନ୍ତି । 'କାଠ' ଗଳ୍ପରେ ସେ କାଠକଟାଳି ସାନ୍ତାଳଟି କହିଛି, ''ଦେନା ବାବୁ ଘର ଦୁଆର ଜମି ଜାଇଗା କରେଇଦେ । ଦେଖେଁ କେଡ଼େ ଅଣ୍ଠିଆ ଦେଖେଇ ହେଇଛୁ । ଆମର ଯେତେ ନୁକର ଘର, ଜମି ନାଇଁ ସମସ୍ତଙ୍କୁ ଦେଲେ ତୁମରମାନେ କିକରିବ, କାହିଁରହିବ ?

ମୟୂରଭଞ୍ଜରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀ ସାନ୍ତାଳମାନଙ୍କର ଜୀବନଯାତ୍ରା, ସମସ୍ୟା ଆଦିକୁ ସେମାନେ ଓଡ଼ିଆ ଭାଷାକୁ ଉଚ୍ଚାରଣ କରୁଥିବା ଶବ୍ଦମାନଙ୍କ ସାହାଯ୍ୟରେ ବେଶ୍ ନିଛକ ଢଙ୍ଗରେ ସେମାନଙ୍କ ମୁହଁରେ ଫୁଟାଇଛନ୍ତି ଗାଳ୍ପିକ ଶ୍ରୀଯୁକ୍ତ ଶତପଥୀ । ସେମାନଙ୍କ ଚରିତ୍ରର ମହନୀୟତା, ସରଳତା ଆଦି ବେଶ୍ ନିଖୁଣ ରୂପ ନେଇଛି ତାଙ୍କ ଗଳ୍ପଗୁଡ଼ିକରେ । ସମଗ୍ର ଆଦିବାସୀ ସମାଜର, ପ୍ରତିନିଧି ରୂପେ ଏମାନଙ୍କୁ ନେଇ ସଭ୍ୟ ଶିକ୍ଷିତ ଲୋକମାନଙ୍କର ଦୟା ଅନୁକମ୍ପାର ପାତ୍ର ରୂପେ ବିଦିତ ଏଇ ଲୋକମାନଙ୍କର ଜୀବନର ମୂଲ୍ୟବୋଧ, ଜୀବନଦର୍ଶନ ଆଦିର ଏକ ଉଚ୍ଚମାନର ସ୍ୱାତନ୍ତ୍ର୍ୟ ଯେ ରହିଛି ତା'ର ଇଲାକା ନିର୍ଣ୍ଣୟ କରି ସେ ପାଠକମାନଙ୍କ ମନରେ ଗଭୀର ଛାପ ପକାଇ ପାରିଛନ୍ତି । ଶୈଳୀ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ଫକୀରମୋହନ ଓ ପ୍ରହରାଜଙ୍କ ଦ୍ୱାରା ପ୍ରଭାବିତ କଥାକାର ବସନ୍ତ କୁମାର ଶତପଥୀ କେବଳ ହାସ୍ୟରସ ନୁହେଁ, 'ଓଇଛେଲେଟା', 'ଏକ ଲାଲ ସ୍ମୃତି, ଗୋଟିଏ କାଠ ଚମ୍ପାର' ଆଦି ଗଭୀର କରୁଣ ରସରେ ରସାଣିତ କ୍ଷୁଦ୍ରଗଳ୍ପ ରଚନା କରି ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇପାରିଛନ୍ତି । ଆଦିବାସୀମାନଙ୍କ ଜୀବନଧାରା ସମ୍ବଳିତ କ୍ଷୁଦ୍ରଗଳ୍ପ ରଚନା କରି ସମଗ୍ର ବିଦଗ୍ଧ ଓଡ଼ିଆ ପାଠକ ସମାଜକୁ ସେମାନଙ୍କ ବିଷୟରେ ଉଦ୍‌ଜୀବିତ କରିବାକୁ ସମର୍ଥ ହୋଇଥିବାରୁ ତାଙ୍କର ସାଧୁ ଉଦ୍ୟମ ପାଇଁ ସେ ଅଭିନନ୍ଦନୀୟ ।

❑



Digitized by PPRACHIN, SOA

# କଥାକାର ବସନ୍ତଙ୍କ ଭାବଭୂମିର ଭୂୟୋଦର୍ଶନ

**ଗଣେଶ ପ୍ରସାଦ ଦାସ**

କଥାକାର ବସନ୍ତ କୁମାର ଶତପଥୀଙ୍କ ଗଳ୍ପ ସତୁରୀଦଶକରେ ପଢ଼ିବାର ସୁଯୋଗ ପାଇଥିଲି । ଅଶୀ ଦଶକରେ ତାଙ୍କ ସହିତ ସାକ୍ଷାତ ପରିଚୟ ହୋଇଥିଲା । ନବେଦଶକରେ ବିରାଜମୋହନ ଓ ମୁଁ ତାଙ୍କର ଏକ ସାକ୍ଷାତ୍‌କାର ଲିପିବଦ୍ଧ କରିଥିଲୁ ଓ ମୁଁ 'ବସନ୍ତ-ଗଳ୍ପ- ପରିକ୍ରମା' ଶୀର୍ଷକରେ ଏକ ମୂଲ୍ୟାୟନଭିତ୍ତିକ ଲେଖା 'ଚିରବସନ୍ତ' ପାଇଁ ଲେଖିଥିଲି ଯାହା ବିରାଜମୋହନ ଦାସଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିଲା । ସଂପ୍ରତି ବାସନ୍ତୀ ସ୍ମୃତି ପର୍ଯ୍ୟଟନ କଲାବେଳେ ଯେଉଁ କେତୋଟି କଥା ମନକୁ ଆସୁଛି ତାହା ଏଠାରେ ଉପସ୍ଥାପନ କରିବାକୁ ଚାହୁଁଛି ।

E.M. Forster କହିଥିଲେ "Only connect"- ''ଯୋଡ଼ି ଚାଲ'' । 'ପ୍ରଜାତନ୍ତ୍ର ସାପ୍ତାହିକୀ' ପୃଷ୍ଠାରେ ବାହାରେ ''ବିନ୍ଦୁ ଯୋଡ଼ି ଦେଖ କିଏ ?'' ଏହି ଶୀର୍ଷକରେ ମୁଁ ଥରେ ଗୋଟିଏ କବିତା ଲେଖିଥିଲି ଯାହା ପ୍ରକାଶିତ ହୋଇ ପାଠକୀୟ ପ୍ରଶଂସା ଲାଭ କରିଛି । ସେଥିରେ ମୁଁ ଦେଖାଇବାକୁ ଚାହିଁଛି ଯେ, ଆମ ଚତୁଃପାର୍ଶ୍ୱରେ ଆମେ ଯାହା ସବୁ ଦେଖୁଛୁ- ଦ୍ରବ୍ୟ, ଦ୍ରବ୍ୟ ସଂଘାତ ବା ତଥ୍ୟ- ସେସବୁ ଗୋଟିଏ ଗୋଟିଏ ବିନ୍ଦୁ, ତାକୁ ସବୁ ଯୋଡ଼ି ଯୋଡ଼ି ଚାଲିଲେ ଯାହା ହେବ, ତାହା ଭୂମାଦର୍ଶନ । ବସନ୍ତ ଶତପଥୀଙ୍କ ଯେତେ ଗଳ୍ପ ପଢ଼ିଛି ସବୁଥିରେ ମୁଁ ଦେଖିଛି ତାଙ୍କର ଏହି ବିନ୍ଦୁ ଯୋଡ଼ି ଭୂମାଦର୍ଶନ କରାଇବାର ଚେଷ୍ଟା । ସାଧାରଣ ଦ୍ରବ୍ୟ, ଘଟଣା ସବୁବେଳେ ସମସ୍ତଙ୍କର ଦୃଷ୍ଟି ପଥାରୂଢ଼ ହୁଏ । କିନ୍ତୁ ସଚରାଚର ତାକୁ ଗୋଟିଏ ଗୋଟିଏ ଅ-ସମ୍ପର୍କିତ ଦ୍ରବ୍ୟ ଭାବରେ ଜ୍ଞାନ କରିଥାଉ । କିନ୍ତୁ ବସନ୍ତ ଶତପଥୀଙ୍କ ଦୃଷ୍ଟିରେ ପ୍ରତ୍ୟେକ୍ ବସ୍ତୁ ଏକ ଏକ ବିଶ୍ୱ, ଯାହା କହନ୍ତି microcosm in a microcosm ସାଗର ମେଁ ସାଗର । ତାଙ୍କ 'କାଣିଚିଆଁ', 'ଚାଉଳ', 'ପାତାଳ ପ୍ରବେଶ', 'ମେଜର ଅପରେସନ୍', 'ପୁଅ ପାଇଁ ଝିଅ' ଆଦି ଗଳ୍ପ ପଢ଼ିଲେ ଏକଥାର ସତ୍ୟତା ଉପଲବ୍ଧି କରି ହୁଏ । 'ପାତାଳ ପ୍ରବେଶ' ଗଳ୍ପଟିକୁ ମନେପକାନ୍ତୁ । ଏବେ ମୁଁ ବାଟରେ ଯାଉ ଯାଉ ୧୯୫୫ ମସିହାଠାରୁ କୁହାଯାଉଥିବା କିନ୍ତୁ ବର୍ତ୍ତମାନ ପ୍ରଚଳିତ ନଥିବା 'ଦୋ ପଇସି'ଟିଏ ପାଇଲି । ଏମିତି କେତୋଟି ସାଇତି ରଖିଥିଲେ ମଧ ତା'ର ସଂରକ୍ଷଣୀୟ ମୂଲ୍ୟ ଅଛି ବୋଲି ଭାବି ପକେଟରେ ପୂରାଇ ଦେଲି । କିନ୍ତୁ ସେଦିନ ଗଳ୍ପ-ପୁରୁଷ ପାଇଲେ ଏକପଇସିଟିଏ- ଏପରି ନିକେଲର ନୁହେଁ, ତାହା ଥିଲା ତମ୍ବାର । (ଯାହା ମୋ ପାଖରେ ବି ଥିଲା, ବର୍ତ୍ତମାନ ମିଳୁନାହିଁ ।) ଏହାର ସେତେବେଳକାର ବଜାର ମୂଲ୍ୟ ବର୍ତ୍ତମାନ ଏକଟଙ୍କା ହେବ । (୬ପଇସାରେ ୪ବିଡ଼ା ଶାଳକାଠି) ଆପଣଙ୍କର ବା କାହାର ପକେଟରୁ ଟଙ୍କାଟିଏ ପଡ଼ିଯିବାର ଜାଣିଲେ, ରାସ୍ତାରୁ ତାହା ଗୋଟାଇ ନେବେ ନା



Digitized by PPRACHIN, SOA

ନାହିଁ ? ମୁଁ ନେବି । ମୋର ନ ହୋଇଥିଲେ ନେଇକରି ଦାନ କରିଦେବି ମୋ ବିଚାରରେ ସତ୍‌ପାତ୍ରକୁ । ମୋର ହୋଇଥିଲେ ଆଉ କିଏ ନେଇଯିବାକୁ ଦେବିନି । କାରଣ ମୁଁ ଜାଣିଛି ଗୋଟିଏ ଗୋଟିଏ ଟଙ୍କାରେ ଶହେ ଟଙ୍କା, ଶହକୁ ନେଇ ହଜାର । ଏକକୁ ଆଦର କରିଥିଲେ ସିନା ହଜାର ଲୋଡ଼ା ହେଲାବେଳେ ତାକୁ ପାଇବି । କିନ୍ତୁ ମୁଁ ଜାଣିଛି ଯେ ଅନ୍ୟ ଲୋକମାନେ ରାସ୍ତାରେ ଗଲାବେଳେ ତାଙ୍କ ପକେଟରୁ ଟଙ୍କା ଖସିଗଲେ ସେମାନେ ଗୋଟାନ୍ତି ନାହିଁ, ଚାଲିଯାନ୍ତି । ହୁଏତ ଚାଲି ନଗଲେ ଆଗକୁ ଆହୁରି ବେଶୀ ହରାଇବାକୁ ପଡ଼ିବ ଅବା- ଆପେକ୍ଷିକ ଲାଭ କ୍ଷତିର ହିସାବ । ମୋ ଭଳି ସାଧାରଣଲୋକ ପାଇଁ 'ଲାଭକ୍ଷତି', 'ଦାନଧର୍ମ'ର ହିସାବ ଆପଣ ଦେଖିଲେ । କିନ୍ତୁ ବସନ୍ତ ଶତପଥୀ ଗୋଟିଏ ପଇସାକୁ ନେଇ ଯେଉଁ ଭାବଭୂମିରେ ପାଦ ଦେଇଛନ୍ତି ସେଠାରୁ ଏ ବିଷୟମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କଲେ ପ୍ରଭେଦ ହୃଦୟଙ୍ଗମ କରିହେବ ।

''ମୋର କ'ଣ ଟିକି ପଇସାର ଅଭାବ ଅଛି, ନା ଗରଜ ଅଛି ? ଶୋଇ ରହିଲେ ତ ଦୈନିକ ଏମିତି ଦୁଇ ହଜାରରୁ ବେଶୀ ରୂପରଙ୍ଗ ନେଇ ମୋ ଘର ଦେଇ ଯା' ଆସ କରୁଛନ୍ତି ।''
''ପୁରୁଣା ପଇସା । ମୋ ଦୁନିଆ ସିନା ମିନିଟ୍‌କୁ ହଜାର ହଜାର ମିଟର୍ ଗତିରେ ଚାଲିଛି । ମୋ ପାଇଁ ହୀରାକୁଦ ପାଣି ମିନିଟ୍‌କୁ ଲକ୍ଷଲକ୍ଷ କ୍ୟୁସେକ୍‌ରେ ବୋହିଚାଲିଛି, କିନ୍ତୁ ବୁଢ଼ୀର (ଶାଳ ଦାନ୍ତକାଠି ବିକୁଥିବା ବୁଢ଼ୀ) ରଜାମୁଣ୍ଡ ଟଙ୍କା ବା ହନୁମାନୀ ପଇସାର ଯୁଗ କ'ଣ ଗଲାଣି ?'' (ହନୁମାନ ପଇସା ବର୍ତ୍ତମାନ ଅମୂଲ ମୂଲ- ତା'ପାଇଁ ରକ୍ତପାତ ହେଉଛି)......

''ଅନ୍ଧାରୁଆ ଶାଳ ଜଙ୍ଗଲରୁ ବାଘ ଭାଲୁ ମୁହଁରୁ ଯେଉଁ କାଠପତ୍ର ଆସେ ତା'ର ଦାମରୁ ପଇସାଟିଏ କମ୍ ହେଲେ କାହାକୁ ବା ନ ବାଧିବ ?'' ପାଇଥିବା ପଇସାଟିକୁ ବିଭିନ୍ନ ଭାବରେ ଦେଇ ସେ ଦାୟମୁକ୍ତ ହେବାକୁ ଚାହିଁଲେ ସିନା, ଅସଫଳ ହେଲେ । ପାର୍ଥିବ ସ୍ତରର ଅସଫଳତା ଦୈବୀସ୍ତରରେ ସଫଳତାରେ ରୂପାନ୍ତର ହେବ ଭାବି ମହାଦେବ ମନ୍ଦିରକୁ ଗଲେ । ମହାଦେବଙ୍କ ମହିମା ବିଷୟରେ ତାଙ୍କର ଭାବନା 'ଶିବ ମହିମା ସ୍ତୋତ୍ର'ର ଭାବନାଠାରୁ ବଳିଯିବ !

''ୟା'ଠୁ ବଡ଼ କିଏ ? ଘର ନାହିଁ, ଦ୍ୱାର ନାହିଁ, ମଶାଣିରେ ରହେ, ଦେହଟା ଯାକ ପାଉଁଶ ବୋଳିହୁଏ, ଧୁତୁରା, ଚାକୁଣ୍ଡାଫୁଲ ଭଲ ପାଏ, ବିଷ ବି ପିଏ ଦରକାର ପଡ଼ିଲେ । କେହି ନ ଦେବା ଚିଜ ବି ନିଏ ।''

କିନ୍ତୁ ତାଙ୍କ ମନରେ 'ପାପ', ତାଙ୍କୁ ଲାଗିଲା 'ଶିବ' (ଅ-ପାପ, ମଙ୍ଗଳ) କହୁଛନ୍ତି : ''ଭଣ୍ଡ ମାନବ ! ଔଦ୍ଧତ୍ୟର ଗୋଟାଏ ସୀମା ଅଛି । ତ୍ୟାଗ ଓ ସେବାର ଆଦର୍ଶ ଦେଖାଇବା ପାଇଁ ବିଳାସବ୍ୟସନ, ଭୋଗ ସମ୍ଭୋଗ ବା ସବୁଛାଡ଼ି ହୀନ, ତୁଚ୍ଛ ପଦାର୍ଥକୁ ବରିନେଇଛି ବୋଲି ଧାଇଁ ଆସିଛୁ ମୋ ପାଖକୁ ? ଟିକି ପଇସା ଦେଇ ଭୁଲାଇବାକୁ ? ଯା, ଯା, ଦୂରହ ।''

ତୁଳନା କରି ଦେଖନ୍ତୁ ବର୍ତ୍ତମାନର ସ୍ଥିତି । ଏଥର ଅମରନାଥ ଗୁମ୍ଫାରେ ବରଫର ଶିବଲିଙ୍ଗ ଆବିର୍ଭାବ ହୋଇନାହାନ୍ତି । ଭଣ୍ଡ ମଣିଷ ଶୋଲରେ ଶିବଲିଙ୍ଗ ତିଆରି କରି ଶ୍ରଦ୍ଧାଳୁଙ୍କୁ ଠକୁଛି । ପଇସାବାଲା ମଣିଷ ମାଟି ପଥର ଉପରେ ଘଟୁଥିବା ଘଟଣ ଅଘଟଣକୁ ଏଡ଼ାଇବା ପାଇଁ ହେଲିକପ୍ଟରରେ ଲୋକଙ୍କ ମୁଣ୍ଡ ଉପର ଦେଇ ତଦ୍ଦଣ୍ଡେ ଠାକୁରଙ୍କ ପାଖରେ ପହଞ୍ଚି ଯାଇ କେତେକେତେ 'ଦାନ' ଦେଇ ପୁଣି ତଦ୍ଦଣ୍ଡେ ଫେରି ଆସୁଛି ମୁଣ୍ଡ ଉପର ଦେଇ । କଥାରେ



Digitized by PPRACHIN, SOA

ଅଛି, ''ତମେ ସିନା ଠାକୁରଙ୍କୁ ଦେଖିଲ, ଠାକୁର ତମକୁ ଦେଖିଲେ ତ ?'' 'ପାତାଳ ପ୍ରବେଶ' ଗଳ୍ପରେ ଆମ ଅନୁଭବକୁ ଆସେ ଯେ ଲେଖକ, ଭକ୍ତ ଓ ଭଗବାନ ସାମନାସାମନି- କିଏ କାହାଠାରୁ ବଡ଼ ? ଅଂଶ-ଅଂଶୀ, ବିମ୍ବ-ପ୍ରତିବିମ୍ବ ନା ଏକ ଓ ଅଭିନ୍ନ ? ଭକ୍ତ ଭଗବାନଙ୍କ ସମ୍ପର୍କ ନେଇ ଏ ତିନିଟି ତତ୍ତ୍ୱ । କିନ୍ତୁ ଲେଖକଙ୍କ ପାଇଁ ଏ ତତ୍ତ୍ୱଫତ୍ତ୍ୱର କିଛି ପ୍ରୟୋଜନ ନାହିଁ, ତାଙ୍କ ପାଇଁ, କେବଳ ଉପଲବ୍‌ଧି । ଧର୍ମ ତାଙ୍କର ମାନବିକତା । ଦେବତା -ନାଦେବତ୍ୱ ସର୍ବତ୍ର ପ୍ରତିଭାତ ବିରାଡ଼ି କୁକୁରଙ୍କ ଠାରେ ମଧ୍ୟ ।

''ମାନବିକତା ମୋର ଧର୍ମ, ମାନବ ଜାତିକୁ ମୁଁ ସେହିଭଳି ଦେଖିବି ଓ ଚାହିଁବି ଯେ ସେମାନେ ମଣିଷ ହୋଇ ରହନ୍ତୁ, ପଶୁଆଡ଼କୁ ନ ଯାଆନ୍ତୁ । ବିରାଡ଼ି କୁକୁରକୁ ଭଲପାଏ କାରଣ ସେମାନଙ୍କଠାରେ ମୁଁ ଦେବତ୍ୱ ଉପଲବ୍‌ଧି କରେ । ମୁଁ ଭାବେ ମଣିଷଠାରୁ ଏଇ ଜୀବଜନ୍ତୁମାନେ ଭଲ । ଯିଏ ଯାହା ଭାବୁ ପଛେ ଏହାହିଁ ଜଣେ ସ୍ୱାଭାବିକ ମଣିଷର ଉପଲବ୍ଧି ।'' (ଚିରବସନ୍ତ, ପୃ. ୧୨୭)

ଏହି ଉପଲବ୍‌ଧି ବିନା ମାନବ ରୂପରେ ବିଚରଣ କରୁଥିବା ଜୀବଟି ସ୍ୱାଭାବିକ ମଣିଷ ନୁହେଁ ବୋଲି ଲେଖକର ଭବ୍ୟ ସନ୍ଦେଶ ସର୍ବଦା ସ୍ମରଣୀୟ । ବ୍ଲାକି କୁକୁର ଓ କାଣିଚିଆଁ ବିଷୟରେ ତାଙ୍କର ଏକାତ୍ମବୋଧ ପାଠକର ଦୃଷ୍ଟି ଏଡ଼ି ଦେଇପାରିବ ନାହିଁ । 'କାଣିଚିଆଁ' ଶୀର୍ଷକ ଗଳ୍ପଟି ତାଙ୍କର ଆଉ ଏକ ସଫଳ ସୃଷ୍ଟି ।

Yahoo ଭୂଜାଲ (www) ରେ ପ୍ରଶ୍ନୋତ୍ତର ଇଲାକାରେ ନିକଟରେ ଗୋଟିଏ ପ୍ରଶ୍ନ ପଚରା ଯାଇଥିଲା, "Do you marry the one you can live with or the one you cannot live without ?" ମୁଁ ଏ ପ୍ରଶ୍ନର ଗୋଟିଏ ଉତ୍ତର ଦେଇଥିଲି, "You love somebody truely for the take of your own self. Because you cannot live without yourself, you love and marry the one you cannot live without." ଏଥିରେ ଉପନୀଷଦୀୟ ଋଷି ଯାଜ୍ଞବଲ୍‌କ୍ୟଙ୍କ ଦୃଷ୍ଟି ପ୍ରତିଫଳିତ ହୋଇଛି । ଠିକ୍ ଯେମିତି ଆମକୁ ମିଳେ ବସନ୍ତ ଶତପଥୀଙ୍କ ଗଳ୍ପର ଛତ୍ରେ ଛତ୍ରେ- 'କାଣିଚିଆଁ'ରେ ଅତି ପ୍ରଚଣ୍ଡ ଭାବରେ । ସେ ବିରହ ବିଚ୍ଛେଦର ପୀଡ଼ାକୁ ହାସ୍ୟରସର ପ୍ରଲେପ ଦେଇ ପରଷି ଦେଇଛନ୍ତି ଓ ଆମ ମନରେ ତଦ୍ରୂପ ଅନୁଭବର ସଞ୍ଚାର ଓ ସଞ୍ଚରଣ କରାଇବାରେ ସଫଳ ହୋଇଛନ୍ତି । ମୁଁ ନିଜେ ଆମର ପୋଷା ବିଲେଇ ମୋର ଦାଦାପୁଅ ଭାଇର airgunର ଗୁଳିରେ କଣା ହୋଇଥିବାର ଓ ଆମର ପୋଷା କୁକୁରର ମୃତ୍ୟୁପୀଡ଼ା ଅଙ୍ଗେ ଲିଭାଇଛି । ଏ ନେଇ ଲୁହ ଝରାଇଛି ସିନା, ମୋ ଆବେଗକୁ ଏପରି ସଂଯତ, ସୂକ୍ଷ୍ମ, ପ୍ରାଣବନ୍ତଭାବେ ପ୍ରକାଶକରି ତାହାକୁ ସାର୍ବଜନୀନ ପୀଡ଼ାରେ ପରିଣତ କରିପାରିନାହିଁ । ସମସ୍ତେ କରିପାରିବେ ନାହିଁ । 'ଆତ୍ମବତ୍ ସର୍ବଭୂତେଷୁ' ସ୍ତରରେ ଚେତନା ଅବସ୍ଥାପିତ ନହେଲେ ଅଢ଼େଇ ଦିନର ଆଠଣା ପଇସା ଦାମର କୁକୁଡ଼ାଛୁଆର ଆଖିକୁ ଚିଲଖୁମ୍ପି କଣା କରିଦେଲେ ଗଳ୍ପ ପୁରୁଷର ଆଖି ଓଦା ହେବନି । ହେଲେ ଚିଲପ୍ରତି କଣ ତାଙ୍କର ପ୍ରତିହିଂସା ଭାବ ଅଛି ? ଦେଖନ୍ତୁ ଚିଲଙ୍କ ବିଚିତ୍ର ବସା ନିର୍ମାଣ କୌଶଳକୁ କିପରି ବିସ୍ମୟ ବିମଗ୍ନ ହୋଇ ପ୍ରଚ୍ଛନ୍ନଭାବେ ପ୍ରଶଂସା କରିଛନ୍ତି ।



Digitized by PPRACHIN, SOA

"ମହାରାଜାଙ୍କ ପ୍ରାସାଦଠାରୁ ଦଶବାରଫୁଟ ବେଶୀ ଉଚ୍ଚରେ ସେମାନଙ୍କ ଆକାଶୀ ପ୍ରାସାଦ ।"

ଯେଉଁ ଶିମୁଳିଗଛରେ ସେମାନେ ବସା ନିର୍ମାଣ କରିଛନ୍ତି ସେ ଗଛର ମହିମା ମଧ୍ୟ ଅନେକ । ଜାଣିବାପାଇଁ ଲେଖକଙ୍କ ସ୍ୱମତରେ, "They must have eyes to see and ears to hear." (ଚିରବସନ୍ତ, ପୃ-୧୩୬)

ଯେମିତି ଶାନ୍ତି ମନ୍ତ୍ରରେ ସର୍ବଶାନ୍ତି କାମନା କରି ସାରି ଶାନ୍ତି ପାଇଁ ଶାନ୍ତି କାମନା କରାଯାଏ ସେମିତି ଲେଖକ ପ୍ରତିହିଂସାର ବି ପ୍ରଶଂସା କରିଛନ୍ତି । ଗାଁର ଶିନି ମଣ୍ଡଳଙ୍କୁ ଏ ସମ୍ପର୍କରେ ମନେ ପକାଇଛନ୍ତି ଓ ତା' ବିଷୟରେ କହିଛନ୍ତି, "କେତେ ଚମତ୍କାର ତା'ର ପ୍ରତିହିଂସା ।" କ୍ରୋଧ ଭୀମ, କ୍ରୋଧ ପୁଣି କାନ୍ତ । ସନ୍ତାନବିହୀନ ଚିଲଦମ୍ପତିଙ୍କ ଭାବଭୂମି ଲେଖକଙ୍କ କଲମରେ ଏହିପରି ଫୁଟିଅଛି,

"ଦେଖିଲି ଦୁଇପ୍ରାଣୀ ବସିଛନ୍ତି ମୁହାଁମୁହିଁ ହୋଇ; ଯେପରି ଏକ ପାଖରେ ସାକ୍ଷାତ କାଳ

ଅନ୍ୟ ପାଖରେ କାଳୀ । ଚଷମାଟା ଖୋଲି ଆଖି ପୋଛି ପୋଛି ପୁଣି ଚାହିଁ ଦେଖିଲି,

ଦିଶୁଛନ୍ତି ସେମାନେ ଯେପରି ଏକ ପାକିସ୍ତାନୀ ବାସ୍ତୁହରା ଦମ୍ପତି ଯାହାଙ୍କର ନିରାପତ୍ତା

ଓ ଆତ୍ମପ୍ରସାଦ ମୁହୂର୍ତ୍ତକେ ଅପ୍ରତ୍ୟାଶିତ ରୂପେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି ।"

ହିଂସା (ଚିଲ ଚିଆଁକୁ ଖୁମ୍ପିବା) ଅପେକ୍ଷା ପ୍ରତିହିଂସା (ଚିଲଘରକୁ ଜାଳି ତାଙ୍କ ଛୁଆଙ୍କୁ ଅଗ୍ନି ସମାଧି ଦେବା) ଯେ କେତେଗୁଣ ଭୟଙ୍କର ଏ ଗଳ୍ପରେ ଲେଖକ ତାହା ଦର୍ଶାଇଛନ୍ତି ଓ କ୍ରୋଧ ଶାନ୍ତ କରିବା ନିମିତ୍ତ ପ୍ରଚୋଦନା ଦେଇଛନ୍ତି- "କ୍ରୋଧ ପ୍ରଭୁ ସମ୍ବର ସମ୍ବର ।"

ବ୍ୟକ୍ତିତ୍ୱକୁ ନେଇ କବିତ୍ୱ ଓ କବିତ୍ୱକୁ ନେଇ ବ୍ୟକ୍ତିତ୍ୱ । ଏ ଉଭୟ ବିଷୟରେ ସେ ଆମକୁ ଦେଇଥିବା ସାକ୍ଷାତ୍‌କାରରେ ସମ୍ୟକ୍ ସୂଚନା ଦେଇଛନ୍ତି । ସେ moralist ନୁହଁନ୍ତି; ସେ moral lesson ଦିଅନ୍ତି ନାହିଁ ଏବଂ moral lesson ଦେବା ଦ୍ୱାରା ଲେଖକ ବା କବିର ସୃଷ୍ଟି ପରାକାଷ୍ଠା ଲାଭକରେ ନାହିଁ ବୋଲି ତାଙ୍କର ମତ । ସେ କିନ୍ତୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି ଯେ ଲୋକମାନଙ୍କର ଆଚାର ବ୍ୟବହାରରେ ସେ ତିନୋଟି କଥା ଆଦୌ ପସନ୍ଦ କରନ୍ତି ନାହିଁ । ଯଥା : (୧) Hypocracy ଶଠତା (୨) Vanity ଅହଙ୍କାର ଏବଂ (୩) Show ଫୁଟାଣି

"ମାନବ ଜାତିକୁ ମଣିଷ ହୋଇ ବଞ୍ଚି ରହିବାକୁ ହେଲେ ଏହି ତିନୋଟିକୁ ପରିହାର କରିବା ଉଚିତ । ଏଗୁଡ଼ିକ ଆମକୁ ଅମଣିଷ କରିଦିଏ ।" (ଚିରବସନ୍ତ, ପୃ.୧୨୭)

ଅମଣିଷ ପଣିଆକୁ ଆମଆଗରେ ସ୍ପଷ୍ଟ ଭାବରେ ଦେଖାଇ ଆମେ ତହିଁରୁ ଦୂରେଇ ରହିବାପାଇଁ ପ୍ରେରଣା ଦେବା ତାଙ୍କର ସମସ୍ତ ଲେଖାର ଉଦ୍ଦେଶ୍ୟ ।

ବସନ୍ତ ଶତପଥୀ ଗଳ୍ପର ଯାଦୁକର ସମ୍ରାଟ । ଯାଦୁକର ଯେପରି ଟୋପିରୁ କୁକୁଡ଼ାଛୁଆ, ରୁମାଲରୁ ଫୁଲମାଳ ବାହାର କରିଥାଏ ସେହିପରି ସାଧାରଣ ବିଷୟବସ୍ତୁକୁ ନେଇ ତା'ର



Digitized by PPRACHIN, SOA

ଭାବଭୂମିକୁ ପରସ୍ତ ପରସ୍ତ ଖୋଲି ସେ କାହାଣୀ କୋଣାର୍କ ଗଢ଼ି ତୋଳିଛନ୍ତି, ଯାହା ପାଠକକୁ ଆନନ୍ଦ ଦେବା ସଙ୍ଗେସଙ୍ଗେ ସଫାସୁତୁରା ଜୀବନ ବଞ୍ଚିବାପାଇଁ ଅନୁପ୍ରେରିତ କରି ଦିବ୍ୟ ଭାବଭୂମି ସହିତ ନିବିଡ଼ଭାବେ ପରିଚୟ କରାଇଦିଏ । ପାଠକକୁ ଅନ୍ତର୍ମୁଖୀ କରାଇ ତା' ଚିନ୍ତା ଚରିତ୍ରର ଆତ୍ମସମୀକ୍ଷା କରିବା ନିମିତ୍ତ ପ୍ରବର୍ତ୍ତନା ଦିଏ । ପାଠକଟି ମଣିଷ ପଣିଆର ଏକ ଠାରୁ ଦଶ ମାପଦଣ୍ଡରେ କେଉଁଠି ତା'ର ସ୍ଥିତି ତାହା ସ୍ଥିର କରିବାପାଇଁ ପ୍ରେରିତ କରେ ।

ସମାଲୋଚକମାନେ ତାଙ୍କ ଗଳ୍ପର ଯଥାଯଥ ମୂଲ୍ୟାୟନ କରିଛନ୍ତି ବୋଲି ସେ ନିଜେ ସ୍ୱୀକାର କରିଛନ୍ତି । (ଚିରବସନ୍ତ ପୃ.୧୩୩) ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ଦ୍ୱାରା ପ୍ରଣୀତ ଓ ପ୍ରକାଶିତ "History of Oriya Literature" ରେ ବସନ୍ତ କୁମାର ଶତପଥୀଙ୍କ ଏକ ଯଥାର୍ଥ ମୂଲ୍ୟାୟନ କରାଯାଇଛି ବୋଲି ମୋର ମନେହୁଏ । ଲେଖକ ବଞ୍ଚିଥିଲେ ଏହା ପଢ଼ି ଖୁସି ହୋଇଥାଆନ୍ତେ । ଇଂରାଜୀରେ ଲିଖିତ ମହାନ୍ତିଙ୍କ ବକ୍ତବ୍ୟର ଉତ୍କଳ ଅନୁବାଦ ହେଲା, ''ତାଙ୍କର ଗଳ୍ପସବୁ ସାମାଜିକ ବ୍ୟଙ୍ଗାତ୍ମକ । ସାମାଜିକ ସଙ୍କଟମାନଙ୍କୁ ବ୍ୟଙ୍ଗାତ୍ମକ ଭାବେ ପ୍ରକାଶ କରିବାପାଇଁ ଉଦ୍ଦିଷ୍ଟ । ଏହି ବ୍ୟଙ୍ଗ ଦୃଷ୍ଟି ନିଷ୍ପକ୍ଷ; ଏହା ଅନ୍ୟ ବିଷୟରେ ତଥା ନିଜ ବିଷୟରେ ସମାନ ଭାବରେ ଶାଣିତ । ଅନେକ ସମୟରେ ବ୍ୟକ୍ତିର ସାମାଜିକ ସଙ୍କଟ ମଧ୍ୟରେ ନିକ୍ଷେପଣ ଗଳ୍ପ ରଚନା ପାଇଁ ବଳିଷ୍ଠ ଆଙ୍ଗିକ ସ୍ୱାଧୀନତା ସୃଷ୍ଟି କରିଥାଏ । ଅଧିକନ୍ତୁ ଶତପଥୀ ହାସ୍ୟରସ ସହିତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଚିନ୍ତାର ମିଶ୍ରଣ କରିଛନ୍ତି । ଗଳ୍ପସ୍ଥ ଚରିତ୍ରମାନଙ୍କର ଗଭୀର ମନର ଭାବନାକୁ ଅଧ୍ୟୟନ କରିଛନ୍ତି । ଅଧିକାଂଶ ସମୟରେ ତାଙ୍କ ଗଳ୍ପମାନ ରମ୍ୟରଚନାର ଆକାର ଧାରଣ କରିଥାନ୍ତି ଏବଂ ଫକୀରମୋହନ ସେନାପତିଙ୍କ ଭଳି ହାସ୍ୟରସ ଓ ବ୍ୟାଜ ସ୍ତୁତି ପ୍ରୟୋଗରେ ଲେଖାକୁ ପ୍ରଭାବଶାଳୀ କରିଛନ୍ତି ।'' (ପୃ-୫୯୬)

ତଥାପି ମୁଁ କହିବି ଯେ ସାଧାରଣ ଭାବରେ ଦେଖିଲେ, ତାଙ୍କର ଉପଯୁକ୍ତ ମୂଲ୍ୟାୟନ ଅପର୍ଯ୍ୟାପ୍ତ । ସେ ନିଜେ ନିଜକୁ O Henery ଓ Saki ଙ୍କ ସହିତ ସମକକ୍ଷ ବୋଲି ଭାବିଛନ୍ତି । (ଚିରବସନ୍ତ, ପୃ. ୧୨୬) ତେଣୁ ଜାତୀୟ ସ୍ତରରେ ଓ ଅନ୍ତର୍ଜାତୀୟସ୍ତରରେ ତାଙ୍କୁ ପରିଚୟ କରାଇବା ପାଇଁ ଚେଷ୍ଟାର ଅଭାବ ରହିଛି । ତାଙ୍କର ସମସ୍ତ ଗଳ୍ପ କେତୋଟି ଭାଗରେ ସୁନ୍ଦର ମୁଦ୍ରଣରେ ପ୍ରକାଶିତ ହେଉ । ନିର୍ବାଚିତ ଗଳ୍ପର ଇଂରାଜୀ ଅନୁବାଦ ମଧ୍ୟ ଗୋଟିଏ ଦୁଇଟି ଭାଗରେ ପ୍ରକାଶିତ ହେଉ । ତାଙ୍କ କୃତିକୁ ନେଇ ସମାଲୋଚନାମୂଳକ ଲେଖା ସ୍ୱତନ୍ତ୍ର ଭାବେ ଓଡ଼ିଆରେ ତଥା ଇଂରାଜୀରେ ପ୍ରକାଶିତ ହେଉ । ଅତିକମ୍‌ରେ ଏତକ ହୋଇପାରିଲେ ଓଡ଼ିଶାର ଏହି ପ୍ରଥିତଯଶା ଗାଳ୍ପିକଙ୍କ ଜନସମାଜକୁ ଅବଦାନ ସାରାଜଗତ ଜାଣିପାରିବ ।

'ନୀଡ଼ାଶ୍ରୟୀ' ଗଳ୍ପ ସଙ୍କଳନର ମୁଖବନ୍ଧ ପ୍ରାୟ 'ହସ' ଶିରୋନାମାରେ ଋଷୀୟକବି Yevgeny Yevtushenkoଙ୍କ 'Humour' ଶୀର୍ଷକ କବିତାର ଏକ ଅନୁବାଦ ସେ ସ୍ଥାନିତ କରିଛନ୍ତି । ଋଷୀୟ କବିଙ୍କ ଅନୁଭବ ହେଲା ଯେ ହସ,

ଦ୍ରୁତ ଓ ଚଞ୍ଚଳ

ଭେଦିଯାଏ ସବୁଥିରେ

ସବୁରି ଭିତରେ ।



Digitized by PPRACHIN, SOA

[ Nimble and quick,

he'll slip through anything

through everyone. (Tr.) George Reavey]

ପୁଣି, ଭ୍ରୂଭେଦରେ ଅଭ୍ୟସ୍ତ ସେ

ସେଥିରେ ଅନିଷ୍ଟ କିଛି ହୁଏ ନାହିଁ ତା'ର

ବେଳେବେଳେ ହସ ହସି

ନିଜକୁ ସେ ନିଜେ ନିଜେ ହସେ

ସେ ଯେ ଚିର ଓ ଶାଶ୍ୱତ

ଚିରନ୍ତନ

[He is accostomed to frowning looks,

but they do him no harm;

and humour at times with humour

glances at himself.

He's everpresent.]

ଏହା ମଧ୍ୟ ଗାଳ୍ପିକ ଶତପଥୀଙ୍କ ନିଜସ୍ୱ ଅନୁଭବ । Yevtushenଙ୍କ କବିତାମାନ ଅତ୍ୟନ୍ତ ଭାବ ଗମ୍ଭୀର ଏବଂ ଦାର୍ଶନିକ ଦୃଷ୍ଟିଭଙ୍ଗୀ ସମ୍ବଳିତ । ତାଙ୍କର ଅନ୍ୟତମ କବିତା 'The last Memmothry'ରେ ସେ କହିଛନ୍ତି :

I am suffering from tears,

laughter, shortage and excess,

all is paintful, it appears,

fame, obscurity, success....

But my sufferings and torments,

do they have any importance

When the world turns out to be

Like a sea of pains and sorrows

Lying right in front of me ?

It is suffering, huge and hopeless,



Digitized by PPRACHIN, SOA

From the light and night-dark tortures,
Wishing it would not be homeless,
Wishing joy and bread and salt.
In its torments there's some weakness,
In its torments there's some sweetness,
And some sanctity I witness
In the torments of their world. (Tr. Alec Vagapor)

(ମୁଁ ଲୁହ ହେତୁ ପୀଡ଼ିତ
ହସ ହେତୁବି ପୀଡ଼ିତ
ଉଭୟର ଅଭାବର ଆଧିକ୍ୟରୁ
ମନେହୁଏ ସବୁକିଛି ପୀଡ଼ାଦାୟକ
ଯଶ, ବିସ୍ମୃତି, ପଦୋନ୍ନତି, ସବୁ
କିନ୍ତୁ, ମୋ ପୀଡ଼ା, ମୋ ଯନ୍ତ୍ରଣା
କି ଅଛି ଗୁରୁତ୍ୱ ତା'ର ଯେତେବେଳେ
ମୋ ଆଗରେ ଜଗତଟା
ଏକ ପୀଡ଼ା ଯନ୍ତ୍ରଣାର ଜଳଧି
ନିରାଶା ଜର୍ଜରିତ
ସେ ପୀଡ଼ା ବିରାଟ
ଆଲୋକର, ଅନ୍ଧାରର କଷାଘାତ
ଆଶା ଅଛି ହେବିନାହିଁ ବାସହୀନ
ଆଶା ଅଛି ରୁଟି ଖଣ୍ଡେ, ଲୁଣଟିପେ ମିଳିଯିବ
ଯନ୍ତ୍ରଣାରେ ଅଛି ଦୁର୍ବଳତା
ଅଛି ପୁଣି ତହିଁ ମଧୁରତା
ଜଗତ ଯନ୍ତ୍ରଣାରେ ମୁଁ ଦେଖୁଛି
ଧାରେ ପବିତ୍ରତା ।)

ଏହି ଜୀବନାଦର୍ଶରେ ଲେଖକ ଅନୁପ୍ରାଣିତ ହୋଇଛନ୍ତି ନିଶ୍ଚୟ । 'ଏକ ସାକ୍ଷାତ୍କାର'ରେ ସେ ସ୍ପଷ୍ଟ କରିଦେଇଛନ୍ତି ଯେ ତାଙ୍କର ''ହାସ୍ୟରସ ମଧ୍ୟରେ ଅନ୍ତଃ ସଲିଳା ଫଲ୍‌ଗୁ ପରି ପ୍ରବାହିତ ହୋଇ ରହିଛି ଏକ କାରୁଣ୍ୟର ଧାରା । ଦୁଃଖ, ଯନ୍ତ୍ରଣା, ବେଦନାବୋଧ ଓ କାରୁଣ୍ୟକୁ ଆଧାରିତ କରି ଉଠିଛି ହାସ୍ୟରସର ଜୁଆର ।'' କାରୁଣ୍ୟ ରଞ୍ଜିତ, ବେଦନାବୋଧଯୁକ୍ତ ତାଙ୍କର ଅନୁଭବ ଜଗତକୁ ନ ପରଶି ପାଠକକୁ ତହିଁରେ ସଂଯୁକ୍ତ ନକରି ସୃଷ୍ଟିର ଆନନ୍ଦ ପ୍ରବାହ ବିକୃତ କରିବାପାଇଁ ବା ତହିଁରେ ବାଧକ ହେବା ପାଇଁ ସେ ଚାହିଁ



Digitized by PPRACHIN, SOA

ନାହାନ୍ତି । ହା[illegible] ସାହାଯ୍ୟରେ ଅନ୍ତସ୍ଥ ଯାତନାକୁ ପ୍ରଖ୍ୟାଳନ କରି, ମାର୍ଜିତ କରି ଗଳ୍ପରୂପ ଦେଇଛନ୍ତି ଯେପରି ଜଗତର ଯନ୍ତ୍ରଣା ପ୍ରଶମିତ ହେବ, ଅପସୃତ ହୋଇଯିବ । ଲେଖକଙ୍କର 'କାଣିଚିଆଁ' ନାମରେ ପ୍ରକାଶିତ ଏକ ଗଳ୍ପକୁ ସତ୍ୟାନନ୍ଦ ଚମ୍ପତିରାୟ ରୋଗଶଯ୍ୟାରେ ପଢ଼ି ତାଙ୍କ ପାଖକୁ ଲେଖିଥିଲେ, 'ମୁଁ ହସ୍ପିଟାଲରେ ପଡ଼ିଥିଲି । ଆପଣଙ୍କ ଗଳ୍ପଟି ପଢ଼ି ମୋର ସବୁ ଯନ୍ତ୍ରଣା ଯେପରି ଚାଲିଗଲା ।'

ଦୁଃଖ ନିଜର ଅଛି ଦୁଃଖ ଅପରର ଅଛି । ଜଗତରେ ଦୁଃଖ ଭରି ରହିଛି । ତା'ର ଅପନୋଦନ ଆବଶ୍ୟକ । ଲେଖକ ଦୃଢ଼ଭାବରେ ଜାଣିଛନ୍ତି ଯେ ''ନିଛକ କାରୁଣ୍ୟରସର ପୃଷ୍ଠଭୂମିରେ ଯଦି ହାସ୍ୟ-ବ୍ୟଙ୍ଗଧର୍ମୀ ରଚନା ରଚିତ ହୁଏ, ତେବେ ତାହା ଗାଳି ଗୁଲଜରେ ପରିଣତ ହୋଇଯିବ । ବଙ୍କାବଙ୍କା (ତୀର୍ଯ୍ୟକ୍) କହିଲେ ତାହାକୁ ଲୋକେ ଅଧିକ ଭାବରେ ଗ୍ରହଣ କରିଥାନ୍ତି ।'' ଅବଶ୍ୟ ପ୍ରଥମେ ଗଳ୍ପ ଲେଖାରେ ଆତ୍ମିକ ଦିଗ ସ୍ଥିର ହେବା ଆବଶ୍ୟକ । ତାପରେ ହିଁ ତା'ର ଆଙ୍ଗିକଦିଗ ବିଚାର୍ଯ୍ୟ । ଗଳ୍ପର ଆତ୍ମିକ ଦିଗ ବିଚାର କଲେ ମଣିଷର ଆତ୍ମରୂପ ଦର୍ଶନ କରିବା ଆବଶ୍ୟକ । ଗାଳ୍ପିକ ଶତପଥୀ ଅନୁଭବ କରିଛନ୍ତି ଯେ 'Man is a laughing animal.' (ମଣିଷ ଏକ ହସନ୍ତ ପ୍ରାଣୀ) ମଣିଷର ଅନ୍ୟାନ୍ୟ ସଂଜ୍ଞା ମଧ୍ୟରେ ଏହା ଏକ ଅନ୍ୟତମ ସଂଜ୍ଞା ହେଉ କି ନହେଉ, ଏହା ଅବଶ୍ୟ ସତ୍ୟ ଯେ, ''ମଣିଷ ପକ୍ଷରେ 'ଆନନ୍ଦ'ଟା ହିଁ ତା'ର ସ୍ୱକୀୟ ଜିନିଷ ।'' ଆନନ୍ଦ ମଣିଷର ସ୍ୱକୀୟ ଅର୍ଥାତ୍ ଆନନ୍ଦ ତାର ସ୍ୱଭାବ । ଉପନିଷଦର ଆର୍ଷବାଣୀ ହେଲା ''ମଣିଷ ଆନନ୍ଦରୁ ସଂଜାତ, ଆନନ୍ଦରେ ପ୍ରତିପାଳିତ ଏବଂ ଆନନ୍ଦରେ ସମାପ୍ତ ।'' ମଣିଷ ଆନନ୍ଦମୟ । ନିରାନନ୍ଦର ପରିବେଶ ସୃଷ୍ଟି କରି ତାକୁ ଆବିଳ କରିବା ଅବାଞ୍ଛନୀୟ । ଏହି ଭାବରେ ଉଦ୍‌ବୁଦ୍ଧ ହୋଇ ସେ ଯୁବଲେଖକମାନଙ୍କ ଉଦ୍ଦେଶ୍ୟରେ ଯେଉଁ ବାର୍ତ୍ତା ପ୍ରଦାନ କରିଛନ୍ତି, ତାହା ସମଗ୍ର ମାନବ ସମାଜ ପାଇଁ ମହାର୍ଘ ବାର୍ତ୍ତା ବୋଲି ବିଚାର କରିବାକୁ ହେବ । ''ସବୁବେଳେ ଜୀବନ ମୋତେ ବୋଝ ବୋଲି ଚିନ୍ତା କରନ୍ତୁ ନାହିଁ ।... ଜୀବନର ଦୁଃଖ, ଯନ୍ତ୍ରଣା, କଷ୍ଟ, କାରୁଣ୍ୟ ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ । ତାକୁ ସବୁ ଗୁଲୁରି ମାରି ଉଡ଼େଇ ଦିଅନ୍ତୁ ।''

ଲେଖକ ତାଙ୍କର ଏ ରୂପ ଦୃଷ୍ଟି ପ୍ରତି କେତେ ସଚେତନ ତାହା ନିଜ ମତରେ ତାଙ୍କର ଅନ୍ୟତମ ଶ୍ରେଷ୍ଠ ଗଳ୍ପ 'ରିଡର'ର ଉପକ୍ରମଣିକାରୁ ଜଣାପଡ଼େ । ''... ସର୍ବୋପରି ଯେଉଁ ଈର୍ଷା ଓ ଆତ୍ମଶ୍ଳାଘାରୁ ଏ ଗଳ୍ପ ବା ଫାର୍ଶ ଉଦ୍‌ଭୂତ ତା'ର ଧ୍ୱଂସ କାମନା କରି'' ଉପରୋକ୍ତ ଗଳ୍ପରେ ଗାଳ୍ପିକ ନିଜକୁ, ନିଜ କୃତିକୁ ବ୍ୟଙ୍ଗ ବିଦ୍ରୂପ କରିଛନ୍ତି ଏବଂ ସେହି ବ୍ୟଙ୍ଗ ବିଦ୍ରୂପ ମାଧ୍ୟମରେ ସେ ନିଜର ଦୟନୀୟ ଅବସ୍ଥାରୁ ଉତ୍ତରିତ ହୋଇଛନ୍ତି ।

❑



Digitized by PPRACHIN, SOA

# ବସନ୍ତାୟନ

**ଗିରିବାଳା ମହାନ୍ତି**

'ଲେଖକର ପ୍ରକୃତି ତାହାର ଲେଖାରେ ପ୍ରକାଶ ଯାଏ । ଯିଏ ଯେଉଁ ପ୍ରକୃତିର ଲୋକ, ତାହାର ପ୍ରକାଶ ଘଟେ ତା'ର ରଚନା କୃତିରେ । xxx ମଣିଷ ଯେତେବେଳେ ଛଳନା କରେ, ସେତେବେଳେ ହୁଏତ ନିଜର ଅସଲ ପ୍ରକୃତି ପ୍ରକାଶପାଇପାରେ ନାହିଁ ତା'ର ଲେଖାରେ । କିନ୍ତୁ ଯେତେବେଳେ ସେ ଛଳନା କରେ ନାହିଁ, ସେତେବେଳେ ତା'ର ଅଲକ୍ଷ୍ୟରେ ନିଜେ ସେ ପ୍ରକାଶ ପାଇଯାଏ ତା'ର ରଚନାକୃତଗୁଡ଼ିକରେ । ବୋଧହୁଏ ଏଇଥି ପାଇଁ ମୋ ପରି ମୋର ରଚନାଗୁଡ଼ିକ ପାଠକମାନଙ୍କୁ ହସେଇ ରସେଇପାରୁଛି । xxx ମଣିଷ ପରା ଏକମାତ୍ର ହସିପାରେ । ତା' ହେଲେ ଏବେ ବଡ଼ ଅମୋଘ ଅସ୍ତ୍ରପାଇ ତାକୁ ଆମେ ବ୍ୟବହାର ନକରିବା କାହିଁକି ?' (୧)

ଗାଳ୍ପିକ ବସନ୍ତ କୁମାର ଶତପଥୀଙ୍କର ଏହାହିଁ ସାହିତ୍ୟ-ସୃଷ୍ଟି ସମ୍ପର୍କରେ ନିଜସ୍ୱ ଦୃଷ୍ଟିଭଙ୍ଗୀ । ଛଳନାହୀନ ଭାବରେ ପାଠକମାନଙ୍କୁ ହସେଇରସେଇପାରିବା ହିଁ ତାଙ୍କ ସୃଷ୍ଟିର ମୁଖ୍ୟ ବୈଶିଷ୍ଟ୍ୟ । ସେଥିପାଇଁ ତାଙ୍କର ଗଳ୍ପ ସମୂହରେ ଜୀବନ ଓ ସାହିତ୍ୟ ଏପରି ଓତପ୍ରୋତ ଯେ, ସେମାନଙ୍କୁ ଅଲଗା ଅଲଗା ବିଚାର ନକରି ସାମଗ୍ରିକ ଭାବରେ ବିଚାର କରିବାକୁ ପଡ଼ିବ ।

ବସନ୍ତଙ୍କ ବ୍ୟକ୍ତିଗତ ଜୀବନ ଅତୀବ କରୁଣ । ତାଙ୍କ ନିଜ ଭାଷାରେ, 'ତିନିପୁରୁଷର ଦାରିଦ୍ର୍ୟ ଓ ଦୁଃଖମୟ ଜୀବନ'ର 'ଅଭାବ, ଅନଟନ, ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ହସିବା ପାଇଁ ।'(୨) ଉପାୟ ଖୋଜିଛନ୍ତି ସେ । ଅକାଳରେ ପତ୍ନୀ ଓ ପୁତ୍ର ବିୟୋଗ ଜନିତ ବେଦନା ତାଙ୍କୁ କିୟଦ୍‌କାଳ ପାଇଁ ସମ୍ପୂର୍ଣ୍ଣ ମ୍ରିୟମାଣ, ସ୍ତବ୍ଧ ଓ ମୂକ କରି ପକାଇ ଥିଲା । ମାତ୍ର ବସନ୍ତ ହୃଦୟଙ୍ଗମ କରିଥିଲେ ଯେ ମରି ନଗଲା ପର୍ଯ୍ୟନ୍ତ ଜିଇଁ ଯିବାକୁ ହେବ, ଜିଇଁବାକୁ ହେଲେ ବୀର ପରି ଜିଇଁବାକୁ ପଡ଼ିବ, ଭୀରୁ ପରି ମୁହୁର୍ମୁହୁ ମରିମରି କାତର ହୋଇ ନୁହେଁ । ଛାତିବାନ୍ଧି ଜୀଇଁବା ପରି ଜୀଇଁଯିବାର ଚିନ୍ତାରୁ ତାଙ୍କର ଦ୍ୱିତୀୟ ପର୍ଯ୍ୟାୟର ଲେଖକ ଜୀବନର ଅୟମାରମ୍ଭ ।

ବଞ୍ଚିବାର ବଦ୍ଧପରିକରତା ତାଙ୍କୁ ଜୀବନର ବୈଚିତ୍ର୍ୟ ପ୍ରତି ଆକର୍ଷଣ କରିଥିଲା । ସଂସାର ତାଙ୍କର ସେସବୁ ଆକର୍ଷଣକୁ ବୁଝିନପାରି 'ବ୍ୟଙ୍ଗଶ୍ଳେଷ ରଖି ପ୍ରଶ୍ନ' ପଚାରିଛି- ପିଲାଏଁ କହିଛନ୍ତି, 'ମାଆ ମରି ଯିବାପରେ ବାପା ଆଉ କେଉଁ ଛବି ବାଦ୍ ଦେଉ ନାହାନ୍ତି । ବାପା ବଦଳି ଗଲେଣି । xx ।' ସାଙ୍ଗସାଥୀ ବନ୍ଧୁବାନ୍ଧବ ପ୍ରଶ୍ନ କରିଛନ୍ତି 'କାଲିକା ଛବି କେମିତି ଲାଗିଲା ? 'କାଲି କ'ଣ ନୂଆଛବି ପଡ଼ିବ ?' ମନେମନେ ବସନ୍ତ ସଂସାରକୁ ଏସବୁର ଉତ୍ତର ଦେଇଛନ୍ତି- 'ଆରେ ପିଲେ ! ତୁମ ମା'ତ ଗଲା, ତାହାରି କଥା ଭାବିଭାବି ମୁଁ ଯଦି ମରେ, ତୁମେ ବି ମରିଯିବ ଯେ !' ଅଥବା କହିଛନ୍ତି, 'ବନ୍ଧୁଗଣ, କରୋନେରୀ ଥ୍ରମ୍ବୋସିସ୍ ବୋଲି ଏକ ରୋଗ ଆସିଛି । ଯାହା ଚିନ୍ତାଗ୍ରସ୍ତଙ୍କୁ ଅତର୍କିତରେ ଆକ୍ରମଣ କରେ ଓ ନିଶ୍ଚିତ ରୂପେ ଠାଏଁ



Digitized by PPRACHIN, SOA

ମାରେ ।' ଭାଇକୁ କହିଛନ୍ତି, 'ନାଚ, ଗୀତ, ହୁରିପାଟିରେ ମୋ ମୁଣ୍ଡର କଳକବ୍‌ଜାଗୁଡ଼ିକୁ ମୁଁ ମାଡ଼ିମକଚି ଦବାକୁ ଚାହୁଁଛି । ମୋର ତ ଫେର ବଞ୍ଚିବା ଦରକାର ।' (୩) 'ଗୋଟାଏ ଆଳୁ' ସଂକଳନର ଆରବ୍‌ଧରେ ଯେଉଁ କେତୋଟି ମହତ୍ ବାକ୍ୟ ସେ ଉଦ୍ଧାର କରିଛନ୍ତି, ତନ୍ମଧ୍ୟରୁ ନିମ୍ନବାଣୀ ଦୁଇଟି ଏ ସମ୍ପର୍କରେ ପ୍ରଣିଧାନଯୋଗ୍ୟ-

"Literature has saved my life and my reason. Even now I dare not in the intervals of business remain alone without a book."- (Macaulay's confession on the death of his sister.) There are moments in life when the transience and sadness of existance are made bearable only by poetry. (F.L.Lucas.)

ବସନ୍ତଙ୍କର ସାହିତ୍ୟ ସୃଷ୍ଟି-ମଗ୍ନତା ମୂଳରେ ଉପରୋକ୍ତ ଆଦର୍ଶ ସର୍ବଥା ଓ ସର୍ବଦା ପରିଲକ୍ଷିତ । ଜୀବନର ବିଷାଦକୁ ଝାଡ଼ିପକାଇବା ପାଇଁ ତାଙ୍କର ସାହିତ୍ୟ-ସାଧନା ଓ ବିଷାଦକୁ ମୁହାଁମୁହିଁ ହେଲାବେଳେ ଭାଙ୍ଗି ନପଡ଼ିବା ପାଇଁ ସାହିତ୍ୟ-ମଗ୍ନତା । 'ମେଜର ଅପରେସନ୍' ଗଳ୍ପରେ ଅପରେସନ୍ ଟେବୁଲ୍‌କୁ ଯିବା ପୂର୍ବରୁ ନିଶ୍ଚିତ ମୃତ୍ୟୁବରଣ କରିବାକୁ ଯାଉଥିବା ଜାଣିସୁଦ୍ଧା ମୁଖ୍ୟ ଚରିତ୍ର ବୁଢ଼ାଟି 'Maneaters of Sovo' ରେ ମଝିରେ ମଝିରେ ସମ୍ଭବତଃ ଏଇ କାରଣରୁ ନିଜକୁ ହଜାଇ ଦେଇପାରିଛି ।

ଗାଳ୍ପିକ ବସନ୍ତକୁମାର ଶତପଥୀ ଯଥାର୍ଥରେ କଥାକାର ଫକୀରମୋହନ ସେନାପତିଙ୍କର ସାହିତ୍ୟିକ ଦାୟାଦ । ଉଭୟ ଲେଖକ ଦାରିଦ୍ର୍ୟକୁ ଅଙ୍ଗେ ନିଭାଇଛନ୍ତି। ଉଭୟେ ବିପତ୍ନୀକ । ପରିଣତ ବୟସରେ ଉଭୟେ ଏକାକୀ ଏବଂ ସାହିତ୍ୟ ସାଧନା-ମଗ୍ନ । ଫକୀରମୋହନ ତୁଲ୍ୟ ବସନ୍ତ ମଧ ନାନା ଅଙ୍ଗେନିଭା ଘଟଣାକୁ ସାହିତ୍ୟିକ ପୁଟ ଦେଇ ଗଳ୍ପକୁ ଜୀବନାନୁମୋଦୀ ବାସ୍ତବାଶ୍ରୟୀ କରିପାରିଛନ୍ତି । ପ୍ରତ୍ୟେକଟି ଗଳ୍ପର କଥାବସ୍ତୁ ଦୈନନ୍ଦିନ ଜୀବନରୁ ସଂଗୃହୀତ ତଥା ଶ୍ଳେଷାଶ୍ରୟୀ, ହାସ୍ୟମଣ୍ଡିତ ଭଙ୍ଗୀରେ ପରିବେଷିତ । ବସନ୍ତଙ୍କ ଜୀବନର ଅଧିକାଂଶ ସମୟ ଯେଉଁ ପରିବେଶରେ ବିତିଛି, ସେଇ ପରିବେଶ, ତା'ର ପରିସ୍ଥିତି, ସେ ପରିବେଶର ବ୍ୟକ୍ତିମାନଙ୍କ ସହ ବସନ୍ତଙ୍କର ସଂପୃକ୍ତି ଗଳ୍ପରେ ସର୍ବଦା ଲକ୍ଷଣୀୟ । ଗଳ୍ପଗୁଡ଼ିକର କଥାବସ୍ତୁର ପୃଷ୍ଠଭୂମି ରୂପେ ବାରିପଦା, ମୁଖ୍ୟତଃ ବାଲେଶ୍ୱରକୁ ଗ୍ରହଣ କରାଯାଇଛି । ଯେଉଁ ପାଠକ ବାଲେଶ୍ୱର ଓ ବାରିପଦାର ମାନଚିତ୍ର ସହ ପରିଚିତ, ସେ ବସନ୍ତଙ୍କ ଗଳ୍ପର ପରିବେଶରେ ନିଜକୁ ସୁଦ୍ଧା ଚିହ୍ନିପାରିବ । ବାଲେଶ୍ୱର ସହରର ନୂଆବଜାର, ପରିବା ବଜାର, ହୀରାଲାଲର ଡେଇରାଡି ଦୋକାନ, କଚେରି, ପାଖଦେଇ ବିଶ୍ୱେଶ୍ୱର (ଝାଡ଼େଶ୍ୱର) ମନ୍ଦିରକୁ, ମସ୍‌ଜିଦ୍ ଦେଇ ଡାକ୍ତରଖାନାକୁ ଓ ଗୀର୍ଜାଦେଇ ଷ୍ଟେସନକୁ ରାସ୍ତା, ଫ୍ଲାଏ ଓଭର, ଆନନ୍ଦ ବଜାର, ସକାଳ ଓ ସଞ୍ଜର ପାସେଞ୍ଜର ଟ୍ରେନ୍- ଫାଇଭ୍ ଡାଉନ୍, ସିକ୍‌ସ ଅପ୍, ବାଲେଶ୍ୱର ଷ୍ଟାଡିୟମ୍, ଷ୍ଟାଡିୟମ୍ ପାଖରେ ବଙ୍ଗାଳୀ 'ସରକାର' ଘର, ପାଖକୁ କାଳୀମନ୍ଦିର, ଷ୍ଟାଡିୟମ୍ ପାଖରେ ସ୍କୁଲ (ଜିଲ୍ଲା ସ୍କୁଲ), ତୁରୁଡ଼ା (କୁରୁଡ଼ା) ଛକ, ତାମୁଡ଼ିଆ ଫାଟକ, ମୋତିଗଞ୍ଜ ବଜାର, ଭାଗବତ ମହାନ୍ତି ବାବୁ ଓକିଲ, ଅଧ୍ୟାପକ ପ୍ରଦୀପ, ନିଜପିଲାଏ- ଟୁନ୍ନୁ, ମୁନ୍ନୁ, ସଂଜୟ, ଝିଅ ଇତ୍ୟାଦି, ବ୍ରଜମୋହନ (ଫକୀରମୋହନ) ମହାବିଦ୍ୟାଳୟ, ଦର୍ଶନ ଅଧ୍ୟାପକ ଡାଃ ରମଣୀରଞ୍ଜନ (ମୋହିନୀମୋହନ ସେନାପତି ?), ଅଧ୍ୟାପକଙ୍କ ବାପା, କାବ୍ୟକବିତା, ଗଳ୍ପ, ଉପନ୍ୟାସର



Digitized by PPRACHIN, SOA

ରଥୀଙ୍କର ଶାନ୍ତିକାନନରେ ନିର୍ମିତ ସର୍ବଧର୍ମର ଐକ୍ୟ ଓ ସମନ୍ୱୟର ସ୍ତମ୍ଭ (ଫକୀରମୋହନ ?) ଇତ୍ୟାଦି ସହ ମୟୂରଭଞ୍ଜର ରାଜବାଟୀ, ରାସ୍ତାଘାଟ, ରାଜାସାହେବ, ମଝିଆ ସାହେବ, ବାଲ୍‌ଡିହା, ବାରିପଦା ସହର, ବାଘଭାଲୁ ଶିକାର ଆଦିର ପ୍ରାଧାନ୍ୟ ଲକ୍ଷଣୀୟ ।

ଗଳ୍ପଗୁଡ଼ିକର କାହାଣୀ ବା ଘଟଣାକୁ ପ୍ରାୟତଃ ମୁଖ୍ୟଚରିତ୍ର ପ୍ରଥମ ପୁରୁଷରେ ପରିବେଷଣ କରିଛି । ସେ ସବୁ ଘଟଣା ଅତିଶୟ ବିଚିତ୍ର- ଆଳୁକୁ ନେଇ, ଅନ୍ଧକୋଢ଼ୀ ଭିକାରି ମକୁରିଆକୁ ନେଇ, କୁନିପଇସାକୁ ନେଇ, କାଣୀଚିଆଁକୁ ନେଇ, ରିକ୍‌ସାବାଲାକୁ ନେଇ, ନିଜର ପୁଅଝିଅଙ୍କୁ ନେଇ, ମୃତବତ୍ସା ଗାଭୀତୁଲ୍ୟ ଶ୍ରୀମତୀ ସରକାରଙ୍କୁ ନେଇ, ବିଧବା କମଳିନୀକୁ ନେଇ, ପିଲା ବଞ୍ଚାଇବା ପାଇଁ ଚାଉଳ ଖୋଜିଯାଇଥିବା ଲକ୍ଷ୍ମୀ ବା ସେଇପରି ଅନ୍ୟ ଅନେକଙ୍କୁ ନେଇ । ପୂର୍ବକଥିତ ପୃଷ୍ଠଭୂମିରେ ସେସବୁ ଘଟଣା ଗଳ୍ପ ନାୟକର ଆଖି ଆଗରେ ଘଟୁଥିବାର ଅବା ନାୟକ ନିଜେ ଘଟଣା ସହ ସଂପୃକ୍ତ ହେବାର କାହାଣୀ ।

ଗଳ୍ପର ଉପାଦାନ ସଂଗ୍ରହ କଲାବେଳେ ବସନ୍ତ କୌଣସି ବିରାଟ ଦର୍ଶନ, ଗୂଢ଼ ତତ୍ତ୍ୱ ବା ତଥ୍ୟ ଦିଗରେ ଆକର୍ଷିତ ହୋଇ ନାହାନ୍ତି । ଆଳୁ ଦୋକାନର ନୈନୀତାଲ ଆଳୁ (ଗୋଟାଏ ଆଳୁ), କଚେରି ଛକରେ ବସାବାନ୍ଧିଥିବା ଅନ୍ଧ-କୋଢ଼ୀ ଭିକମଗା ସମାଜ (ଏଣ୍ଟି-ରୋମାଣ୍ଟିକ୍), ରାସ୍ତାରୁ ଗୋଟାଇ ପାଇଥିବା ମୂଲ୍ୟହୀନ ନୂଆପଇସି (ପାତାଳପ୍ରବେଶ), ଚାଉଳ ମୁଠେପାଇଁ ଘରୁ ଗୋଡ଼କାଢ଼ି ସନ୍ତାନ ହରାଇଥିବା ଗୃହଲକ୍ଷ୍ମୀ (ଚାଉଳ), ମାଛବଜାରରେ ଅପମାନିତ ହୋଇଥିବା ନିରୀହ ଅଧ୍ୟାପକ (ମାଛ), ବର୍ଷା ବିପର୍ଯ୍ୟୟ ମଧ୍ୟରେ ମା'କି ସ୍ତ୍ରୀର ସ୍ନେହ ଫେଣ୍ଟି ଚା' କପେ ଟେକି ଧରିଥିବା ସ୍ତ୍ରୀଲୋକ (ଚା), ଗୋଡ଼ଭଙ୍ଗା, କାଣୀକୁକୁଡ଼ା ଚିଆଁ, ଦୟନୀୟ ଭଡ଼ାଟିଆ (ଭଡ଼ା), ଖୁଚୁରା, କୁକୁର, କି ଜନ୍ମଦିନରେ ମୃତ୍ୟୁ ଦିବସ ପାଳନର ବିଷାଦ ଓ ବିପର୍ଯ୍ୟୟ ଇତ୍ୟାଦି ବସନ୍ତଙ୍କର ଗଳ୍ପ ଉପାଦାନ । ସଂସାରୀ ହିସାବୀ-ଆଖିରେ ଏସବୁ ଘଟଣା ନିତ୍ୟ ନୈମିତ୍ତିକ, ତେଣୁ ଚାଞ୍ଚଲ୍ୟହୀନ, ରସ କି ଆନନ୍ଦର ଅଧାର ନୁହଁ । ମାତ୍ର ଦୟାମୟ ରାମଚନ୍ଦ୍ରଙ୍କ ସ୍ପର୍ଶ ପାଇ ପଥର ପ୍ରାଣ ଲାଭ କଲାପରି ଏଇସବୁ ଘଟଣା ବସନ୍ତଙ୍କ ସ୍ପର୍ଶରେ କଳାର ଜୀବନ୍ତ ଉପାଦାନ, ରସ ଓ ଆନନ୍ଦର ଅଧାର ହୋଇ ଉଠିଛନ୍ତି ।

ଜୀବନ ଓ ଜଗତ୍‌ର ଏଇ ସବୁ ନଗଣ୍ୟ ଘଟଣାକୁ ନେଇ ନାନାବିଧ ନଗଣ୍ୟ ଚରିତ୍ରର ସମାବେଶରେ ବସନ୍ତ କଥାଜଗତ୍‌ର ପରିମଣ୍ଡଳ ସୃଷ୍ଟି କରିଛନ୍ତି । ଘଟଣା ପରି ପରିସୃଷ୍ଟ ଚରିତ୍ରମାନେ ମଧ୍ୟ ଅନାମଧେୟ, ଅପ୍ରତିଷ୍ଠିତ । କ୍ୱଚିତ୍ କେଉଁଠି ମହାରାଜା, ରାଜପୁରୁଷ, ଅଧ୍ୟାପକ ଇତ୍ୟାଦି ସ୍ୱନାମଧନ୍ୟ ଚରିତ୍ରଙ୍କୁ ବାଦ୍ ଦେଲେ ବାକିସବୁ ପରିଚୟହୀନ । ସେମାନେ ଦାନ୍ତକାଠି ବିକାଳି ବୁଢ଼ୀ, ଆଳୁ ବେପାରୀ କୃଷ୍ଣ, ଚିଲବସାରେ ନିଆଁ ଲଗାଉଥିବା ଶିନିମଣ୍ଡଳ, ଚିଡ଼ିଆଖାନାର ଜୀବପରି ଦିଶୁଥିବା ନବା, ଛେଠମଲ ହୀରାଲାଲର ପୁଅ, ହୀରାଲାଲ ତେଜରାତି ଦୋକାନୀ, କଚେରିଛକରେ ଭିକମାଗୁଥିବା ଅନ୍ଧପ୍ରାଣୀ, ତା'ର ଝିଅ ପଦୁଅଁ, ଭାଇକୁ ବାଘ ମୁହଁରେ ହରାଇ ଥିବା ବାଲ୍‌ଡିହାର ଟୁଇଲୁ ମାଝୀ, କୁଳି ଗାଁର ଶ୍ରୀମତୀ ସରୋଜିନୀ ମହାନ୍ତି ନାମ୍ନୀ ଝିଅଟି, ଫ୍ଲାଇଓଭ୍ରର ଉପର ଖରକି ପଇଡ଼ ଖୋଳପା ଶୁଖାଉଥିବା ଆଦୌ ଫଟ୍ କରୁ ନଥିବା ଫ୍ରକ୍ ପିନ୍ଧା ଝିଅ, ପୋଷାକୁକୁର ବ୍ଲାକି, ତୋରାଣି ପେଟେ ପିଇ ପେଟକୁ ଛୋଟ ହାଣ୍ଡି ପରି ଫୁଲେଇ ଟିକିପାଦ ଦୁଇଟା ବଙ୍କେଇ ବଙ୍କେଇ ଅନ୍ଧୁଣୀର ହାତଧରି ଆଣୁଥିବା ପାଞ୍ଚଛଅ ବର୍ଷର କାଳୀ ଲଙ୍ଗୁଳୀ ଝିଅଟି,



Digitized by PPRACHIN, SOA

ଯାହାର କଖାରୁଆ ଦେହରେ ଓଠରୁ ତୋରାଣି ଧାରଟିଏ ଝରି ଛାତି ପେଟକୁ ସମାନ ଦୁଇଫାଳ କରି ଦେଇଥାଏ, ସ୍ପ୍ରେ ପେଣ୍ଟିଂ ଶିଖିଥିବା ଗୋପୀ ଇତ୍ୟାଦି । ବେଳେବେଳେ ଏମାନଙ୍କର ନାମବହନ କରିବାର ଯୋଗ୍ୟତା ମଧ୍ୟ ନଥାଏ । ତେଣୁ 'ଏଣ୍ଟିରୋମାଣ୍ଟିକ୍' ଗପର ଚରିତ୍ର 'ଅନ୍ଧପ୍ରାଣୀ' (ଅନ୍ଧୁଣୀ), 'ବିଷ୍ଣୁପ୍ରତିମା' (କୋଢ଼ିଆ), 'ଗରିବ ହଟାଅ' ଗପର ଚରିତ୍ର 'ଇଏ' ଓ 'ସିଏ' ଇତ୍ୟାଦି ।

ଉପରୋକ୍ତ ଅଦ୍ଭୁତ ପରିବେଶ ମଧ୍ୟରେ ନାମଧାରୀ ବା ନାମହୀନ ନଗଣ୍ୟ ଚରିତ୍ରମାନଙ୍କ ସଂଯୋଗରେ ବସନ୍ତ ଗଳ୍ପର ପରିମଣ୍ଡଳକୁ ବର୍ଣ୍ଣନାର ଅଦ୍ଭୁତ ସ୍ପର୍ଶରେ ଜୀବନ୍ତ କରିଛନ୍ତି । ଘଟଣା ବର୍ଣ୍ଣନାର ପରିପାଟୀ ତଥା ପରିବେଶ ଓ ଚରିତ୍ରର ଚିକିନିଖି ବର୍ଣ୍ଣନା ଦୃଷ୍ଟିରୁ ବସନ୍ତଙ୍କୁ ଫକୀରମୋହନ ଓ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସହଧର୍ମୀ ରୂପେ ଗ୍ରହଣ କରାଯାଇପାରେ । ବର୍ଣ୍ଣନା କାଳରେ ଆବଶ୍ୟକ ସ୍ଥଳେ ସଂସ୍କୃତ ମହାଭାରତ, ରାମାୟଣ, ଇଂରାଜୀ, ଗ୍ରୀକ୍, ଦେଶୀୟ ରାଧାନାଥ, ମଧୁସୂଦନ, ଗୋପୀନାଥ ମହାନ୍ତି ଆଦିଙ୍କ ସାହିତ୍ୟରୁ ପ୍ରଚୁର ଉଦାହରଣ ଉପମା ଛଳରେ ଗ୍ରହଣ କରାଯାଇଛି । ଅନ୍ଧୁଣୀର ସୂର୍ଯ୍ୟଙ୍କ ଆଡ଼କୁ ଅନାଇବା ଦୃଶ୍ୟ ସହ ପଞ୍ଚତପୀ ପାର୍ବତୀଙ୍କ ସାଦୃଶ୍ୟ ବା 'ଲେସାରତୀର' ଆସିବାର କଳ୍ପନା, ଭଡ଼ାଘର ଖୋଜିବାବେଳେ ଗୋପୀନାଥ ମହାନ୍ତିଙ୍କ 'ଘର' ଗଳ୍ପର ସ୍ମରଣ, ବିଜୁଳି ଝଟକିବାକୁ ରାଧାନାଥଙ୍କ 'ଉଷା' କାବ୍ୟର ବର୍ଣ୍ଣନା ଇତ୍ୟାଦି ବସନ୍ତଙ୍କର ବହୁପାଠିତା, ତୀକ୍ଷ୍ଣ ଅନୁଧ୍ୟାନ ଶକ୍ତି ଓ ବୌଦ୍ଧିକତାର ପରିଚୟ ହିଁ ବହନ କରିଥାଏ । ଏସବୁ ବର୍ଣ୍ଣନା ମଧ୍ୟରେ ସ୍ୱାଭାବିକ ରୂପେ ପ୍ରଚ୍ଛନ୍ନ ବ୍ୟଙ୍ଗ, ଶ୍ଳେଷ ଓ ହାସ୍ୟର ସମାହାର ଘଟିଥାଏ ।

ବସନ୍ତ ନିଜେ ସ୍ୱୀକାର କରିଛନ୍ତି ଯେ, ତାଙ୍କ ଭିତରେ ଡିକେନ୍‌ସ, ଚାର୍ଲସ ଲାମ୍ବ, ଚେଷ୍ଟରଟନ୍, ଫକୀରମୋହନ ପ୍ରଭୃତି ଯେମିତି ପଶିଯାଇଛନ୍ତି । କାରଣ ତାଙ୍କ 'ପ୍ରକୃତି' ସଙ୍ଗେ ସେମାନଙ୍କ ଲେଖାର ଶୈଳୀ ଖାପ୍ ଖୁଆଇଯାଏ । (୪) ଏତ୍‌ବ୍ୟତୀତ ପି.ଜି. ଓଡ୍‌ହାଉସଙ୍କ ସ୍ପର୍ଶ ମଧ୍ୟ ତାଙ୍କଠାରେ ଦୁର୍ଲକ୍ଷ୍ୟ ନୁହେଁ । କିନ୍ତୁ ଏ ସମସ୍ତ ଲେଖକଙ୍କ ମଧ୍ୟରୁ ଫକୀରମୋହନୀୟ ପ୍ରଭାବ ଯେ ସର୍ବାଧିକ କହିବା ବାହୁଲ୍ୟ । ଫକୀରମୋହନୀୟ ପ୍ରଭାବ ତାଙ୍କର ଗଳ୍ପର ବର୍ଣ୍ଣନା ଶୈଳୀକୁ କିପରି ପ୍ରଭାବିତ କରିଛି ତା'ର ଗୋଟିଏ ଯୋଡ଼ିଏ ନମୁନା ନିଆଯାଇପାରେ-

''ଚମ୍ପାନାନୀର କି ବୁଦ୍ଧି ! କେତେ ଗିଅନ ! କେତେ ଉଆଜୀବ କଥା, ଖାଣ୍ଟି କଥା କୁହେ !'' (୫)

''ଢୋକରି ଶବ୍ଦ ହେଲା କିକ୍‌ଟାର, ଚାନ୍ଦିପୁରରେ ଯେମିତି ବୋମାଟାଏ ଫୁଟି ଉଠିଲା ।'' (୬)

ଅଥବା

'ଛୋଟ ଚାଳିଆରେ ନିଆଁ କଲକତରା ବଡ଼ ଦମ୍‌କଳରେ ଟପ୍‌କରି ଯେମିତି ଲିଭିଯାଏ ବା ଖରାପ ଥାରମୋମିଟରରୁ ୧୧୦ ଡିଗ୍ରୀରୁ ୯୪ ଡିଗ୍ରୀକୁ ଉତ୍ତାପ ଖସି ଆସେ, କୃଷ୍ଣର ମୁଣ୍ଡର ଉତ୍ତାପଟା କୋଡ଼ିଏ କିଲୋ ଶବ୍ଦରେ ହଠାତ୍ ତଳକୁ ଆସିଲା ।'' (୭)



Digitized by PPRACHIN, SOA

ପ୍ରଣିଧାନଯୋଗ୍ୟ ଯେ, ଚରିତ୍ରମାନଙ୍କ ନାମକରଣରେ ମଧ୍ୟ ଅଲକ୍ଷ୍ୟ ଲକ୍ଷ୍ୟରେ ଯେ ଫକୀରମୋହନଙ୍କୁ ଏଡ଼ାଇପାରିନାହାନ୍ତି । ଚମ୍ପୀନାନୀ (ଚମ୍ପା), ମୁକୁନ୍ଦା ହଳିଆ, ଘୁଷୁରିଆ, ଉସ୍‌ମାନ ଇତ୍ୟାଦି ତାହାର ପ୍ରମାଣ । ଆହୁରି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପ୍ରଫେସର ରମଣୀରଞ୍ଜନ, ଯିଏକି ଫକୀରମୋହନ ପୁତ୍ର ମୋହିନୀମୋହନଙ୍କ ବ୍ୟତୀତ ଅନ୍ୟ କେହି ହୋଇ ନପାରେ ବୋଲି ଗଳ୍ପପାଠରୁ ମନେହୁଏ, ତାଙ୍କରି ଗାଁ ଘରେହିଁ ହଳିଆ ହୋଇଛି ମୁକୁନ୍ଦା । (୭)

ସ୍ଥଳବିଶେଷରେ ବର୍ଣ୍ଣନା ବାସ୍ତବଧର୍ମୀ ଓ ଉପମାଦି ସଂଯୋଗରେ ଜୀବନ୍ତ-

''ଥରେ ମୁଁ ଦୁଇଜଣ ପିଲାଙ୍କୁ ଦେଖିଥିଲି । ଝିଅଙ୍କପରି ଚୁଳ । କୁରାଢ଼ି ପରି କଲି । ଆଉ ଫୁଲ ପକା ସାର୍ଟ ।' (୮)

ବା 'କାଲିସକାଳ ଆଠଟାରେ ଫାଶିପାଇବା ଲୋକକୁ ଆଜି ଯଦି ସଞ୍ଜବେଳେ କେହି କହେ ଫାଶି ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚିଗଲା ତେବେ ତା' ମନ ଯେମିତି ହବ ମୋତେ ସେମିତି ଲାଗିଲା ।' (୯)

ସ୍ଥଳବିଶେଷରେ ବର୍ଣ୍ଣନାକ୍ରମେ ସାକ୍ଷାତ୍ ସୌନ୍ଦର୍ଯ୍ୟ ରୂପ ପରିଗ୍ରହ କରିଛି- ଅଗଣାରେ ଆଉ ଘର ଭିତରେ ଟିକିଟିକି ଲକ୍ଷ୍ମୀପାଦ ଏତେ ସୁନ୍ଦର କରି ଲେଖୁଥିଲା ଯେ, ଲକ୍ଷ୍ମୀଦେବୀ ପାଦକୁ ପାଦମିଳାଇ ଦାଣ୍ଡପଟୁ ବାରିପଟୁ ଅଧାରାତିରେ ବିଜେକରି ଆସୁଥିଲେ, ବର୍ଷଯାକ ନହେଲେ ବି ତିନି ଚାରିମାସ ରହୁଥିଲେ । (୧୦)

ବସ୍ତୁମାନଙ୍କର ଟିକିନିଖି ବର୍ଣ୍ଣନା, ତାଲିକା ପ୍ରଦାନ ବସନ୍ତଙ୍କର ଅନ୍ୟତମ ବିଶେଷତା । ଯେପରି 'ଚାଉଳ' ଗପରେ ପାଟେଣୀ, ମାଛକଣ୍ଟା, ଭୁତିଆ, କ୍ଷେପା ଇତ୍ୟାଦି ଚାଉଳର ବିସ୍ତାରିତ ପରିଚୟ ବା ସମୟ ନିର୍ଣ୍ଣୟ କଲାବେଳେ ଦଶଘଡ଼ି ବେଳ, ତିନିପହର ବେଳ ଇତ୍ୟାଦି । 'ମାଛ' ଗପରେ ଭାକୁର, ଇଲିଶି, ବାଗ୍‌ଦା, ଚିଙ୍ଗୁଡ଼ି, ଫିରିକି, ଗୋଳିକଡ଼ମା, ଗୁଣ୍ଡିଚିଙ୍ଗୁଡ଼ି, କଣ୍ଟିଆ, ପାଣିଆଖିଆ- ମାଛର ବିସ୍ତାରିତ ତାଲିକା ।

ଘଟଣା ବା ପରିବେଶର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା, ବର୍ଣ୍ଣନା ମଧ୍ୟରେ ହାସ୍ୟ, ହାସ୍ୟମଧ୍ୟରେ ଅନ୍ତଃସଲିଳା ଫଲ୍‌ଗୁପରି ବ୍ୟଙ୍ଗ ଓ କାରୁଣ୍ୟର ପ୍ରବାହ ବସନ୍ତଙ୍କ ଗଳ୍ପଶୈଳୀର ଅନ୍ୟତମ ଦିଗ । ମେଜର ଅପରେସନ ପାତାଳପ୍ରବେଶ, ଆଣ୍ଟିରୋମାଣ୍ଟିକ୍, ବେଲା, କୁଳିଗାଁର ଶ୍ରୀମତୀ ସରୋଜିନୀ ମହାନ୍ତି..., ଚା, ଚାଉଳ, ମାଛ, ଓଇଛେଲେଟା ଆଦି ଅସଂଖ୍ୟ ଗଳ୍ପକୁ ଏକ୍ଷେତ୍ରରେ ଉଦାହରଣ ସ୍ୱରୂପ ଗ୍ରହଣ କରାଯାଇପାରେ । ବସନ୍ତଙ୍କ ନିଜ 'ଭାଷାରେ ସେ ସାରାଜୀବନ ଯାହା ଲେଖିଛନ୍ତି ସେ ସବୁଥିରେ ହାସ୍ୟ, ବ୍ୟଙ୍ଗ ଓ କାରୁଣ୍ୟ ଅବଶ୍ୟାମ୍ଭାବୀ ରୂପେ ପ୍ରମୂର୍ତ୍ତ । (୧୧) 'ସାଙ୍ଗସାଥୀ ପିଲାପିଲିଙ୍କ ସହ କଥାବାର୍ତ୍ତା କରି, କ୍ଲାସ୍‌ରେ ପାଠ ପଢ଼ାଇ, ଲେଖାଲେଖି କରି, ସର୍ବୋପରି Sense of humour ଉଜ୍ଜୀବିତ କରି ବଞ୍ଚିବା କଥା । ଅନ୍ୟଥା ଜୀବନ ମୂଲ୍ୟହୀନ, ଯନ୍ତ୍ରଣା ଦାୟକ, ଅନୁଭବୀ କେହିନାହିଁ ସେ ଆଶ୍ୱାସନା ଦେବ ।' (୧୨) ତେଣୁ ତାଙ୍କର ବକ୍ତବ୍ୟ ସ୍ଥଳବିଶେଷରେ ଗଭୀର ଶ୍ଳେଷ ମଣ୍ଡିତ-



Digitized by PPRACHIN, SOA

ଠେଙ୍ଗାଧରି ଛିଡ଼ା ହୋଇଥିବା ବୁଢ଼ାଟାର ଫଟୋ ସେଇ କାନ୍ଥରେ ଝୁଲୁଛି । ସେ କାହିଁକି ଓହ୍ଲାଇ ଆସି ଏଗୁଡ଼ାଙ୍କୁ ଲାଠିଚାର୍ଯ୍ୟ କରୁନି ? ସେ ପରା ଚିର ଜାଗ୍ରତ ପ୍ରହରୀ !

ଅଥବା

କବି ଶିନ୍ନାକୁ ଉନ୍ମତ୍ତ ରୋମୀୟ ଜନତା ଯେମିତି ଟୁକୁରା ଟୁକୁରା କରି ଦେଇଥିଲେ, ଯେମିତି ଆଖିବୁଜି ମୋତେ ବାଡ଼େଇ ଚାଲିଯିବେ । (୧୪)

'ଏଣ୍ଟିରୋମାଣ୍ଟିକ୍' ବା 'ଓଇ ଛେଲେଟା' ଅଥବା 'ଟା' ଗପରେ ବାତ୍ସଲ୍ୟ ରସର ଯେଉଁ ସ୍ଫୁରଣ ଘଟିଛି ତାହାର ନମୁନା ଅନ୍ୟତ୍ର ବିରଳ । 'ଏଣ୍ଟିରୋମାଣ୍ଟିକ୍‌ର ଭିକାରି କୋଢ଼ୀ ହେଲେହେଁ ପିତା ଯେ ସର୍ବଦା ପିତା ତାହାର ପ୍ରମାଣ ବହନ କରେ-

ବିଷ୍ଣୁପ୍ରତିମା ଚାହିଁଥାନ୍ତି । ସେ ଦୁହେଁ ଯେତିକି ଦୂରକୁ ଦୂରକୁ ଯାଉଥାନ୍ତି, ତାଙ୍କର ହୃଦୟତନ୍ତ୍ରୀ ସେତିକି ଲମ୍ବିଲମ୍ବି ଯାଉଥାଏ । କିନ୍ତୁ ବାଉଁଶବଣରେ ସେମାନେ ଯେତେବେଳେ ଲୁଚିଗଲେ ସେତେବେଳେ ସେ ବୁଝିଲେ ବିକଳାଙ୍ଗ ଓ ଅକର୍ମଣ୍ୟ ହେଲେ ବି ପ୍ରିୟଜନର ସାନ୍ନିଧ କେତେ ମୂଲ୍ୟବାନ, କେତେ ସନ୍ତାପହାରୀ । (୧୫)

କାରୁଣ୍ୟର ଏପରି ଉଚ୍ଚାଣି ଗପଗୁଡ଼ିକରେ ପ୍ରବାହିତ ଯେ ପାଠକ ହୃଦୟ ପଠନମାତ୍ରେ ଦ୍ରବୀଭୂତ ହୋଇଯାଏ । ଉଦାହରଣସ୍ୱରୂପ-

ଦରାଣ୍ଡି ଦରାଣ୍ଡି ଅନ୍ଧପ୍ରାଣୀ ଓ କୁନିଝିଅ ପହୁଞ୍ଚିଲେ ସିଂହାସନ ପାଖରେ । ଛିଣ୍ଡାକନାରୁ ଭାତ ପୁଟୁଳି ବାହାର କରି ପ୍ରତିମା ଆଗରେ ନୈବେଦ୍ୟ ଥୋଇଦେଲେ । ପ୍ରତିମା ଚକୁକରୁ ନାହାନ୍ତି କାହିଁକି ? କୁନିଝିଅ ପିଣ୍ଡଟିଏ ମୁହଁ ପାଖରେ ଧରି ଦେଲା, ତଥାପି ପାଟି ମେଲା କରୁନାହାନ୍ତି କାହିଁକି ? ଶୋଇଥିବେ ? ହାତ ଦେଇ ଝିଅଟି ହଲାଇଦେଲା । ଦେହ ଏକାବେଳକେ ତୁଳପରି ଥଣ୍ଡା । ଅନ୍ଧପ୍ରାଣୀ ହାତ ବୁଲାଇ ଜାଣିପାରିଲା ପ୍ରତିମାଙ୍କ ରଥ ମାଉସୀ ବାଡ଼ିରେ ଲାଗିଗଲା । X X X । ଅନ୍ଧୁଣୀ କାହାକୁ ଡାକିଲା ନାହିଁ । କାନ୍ଦିଲା ନାହିଁ । X X ସେଇଠି ବସିପଡ଼ି ମୁର୍ଦ୍ଦାରକୁ କୁଣ୍ଢାଇ ଧରିଲା ଯେମିତି ତା' ଦେହର ଉଷୁମ ଯାଇ ଥଣ୍ଡା ଦେହଟାକୁ ପୁଣି ଗରମ କରି ଦେବ । x x x। (୧୬)

ଉପରେ ସୂଚିତ ଯେ ହାସ୍ୟ ବସନ୍ତଙ୍କ କଥା ସୃଷ୍ଟିର ଏକ ସହଜାତ ପ୍ରବୃତ୍ତି । ହାସ୍ୟ ପରିବେଷଣ ତାଙ୍କ ପକ୍ଷେ ଏକ ଅନାୟାସ ଲୀଳା । ଯେପରି ନିମ୍ନ ପଂକ୍ତିଟି- ବିଜ୍ଞାପନ ଓ ସମ୍ବାଦଚିତ୍ରଗୁଡ଼ିକ ସରୋଜବାବୁଙ୍କୁ ମୂକଛବିଠୁ ଭଲ ଲାଗେ । X X X । ଦେଖୁଛନ୍ତି କିପରି ରୂପରାଣୀ ନନ୍ଦା 'ହମେସା' ଲକ୍ସ ଟଏଲେଟ୍ ସାବୁନ ବ୍ୟବହାର କରି ରୂପଲାବଣ୍ୟ ବଢ଼ାଇଛନ୍ତି । ସ୍ନେହମୟୀ ମା', 'ହମେସା', ସ୍ନେହଜାତ 'ଡାଲ୍‌ଡା' ବ୍ୟବହାର କରି ଛୁଆପିଲାଙ୍କ ସୁଖ ସ୍ୱାସ୍ଥ୍ୟ ବଢ଼ାଉଛନ୍ତି । କିପରି 'ଏନାସିନ୍'ର 'ଚାରଦବା' ଲକ୍ଷ ଲକ୍ଷ ଲୋକଙ୍କୁ ତାଜା ଓ ତନ୍ଦୁରୁସ୍ତ ରଖୁଛି ଏବଂ କିପରି ଏଷ୍ଟ୍ରେଲା ବେଟାରୀର ଜ୍ୟୋତି ଦେଖି ରାମଚନ୍ଦ୍ର ଓ ବଶିଷ୍ଠଙ୍କ ମଧ ଆଖିଢ଼ିମା ଓଲଟିଯାଇଛି । (୧୭)



Digitized by PPRACHIN, SOA

ଅଥବା ଆଲେକ୍‌ଜାଣ୍ଡାର ମରିଯିବା ପରେ କୁକୁଡ଼ା ରଖିବା ସଉକ୍ ମୋର ଚାଲିଯାଇ ଥିଲା । ଏକପାଖରେ ରକ୍ତାଭ ହେଲେନ୍, ଅନ୍ୟ ପାଖରେ ପଦ୍ମିନୀ ମନ୍ଦୋଦରୀଙ୍କୁ ଧରି ଗର୍ବରେ ସ୍ଫୀତ ହୋଇ ବେକକୁ ଲମ୍ବାଇ ଆଲେକ୍‌ଜାଣ୍ଡାର ଯେତେବେଳେ କେକେରେ କେ ଡାକ ଛାଡୁଥିଲା, ସେତେବେଳେ ପୁରୀର ହେରାଗୋହିରୀ ସାହିର ଶିବମନ୍ଦିରର ହରଗୌରୀଙ୍କୁ କହୁଥିଲେ, 'ଗୌରୀ ମନ୍ଦିର ଫାଟିଗଲା ନା' କ'ଣ ? ଏ'ଠି ଆଉ ରହି ହବ ନାଇଁ । (୧୮)

'ବେଲା' (*) ଗପରେ ପତ୍ନୀଙ୍କ ଭୋଜନ ଯଜ୍ଞର ବର୍ଣ୍ଣନା ଯେପରି ହାସ୍ୟୋଦ୍ଦୀପକ ସେହିପରି ଆକର୍ଷଣୀୟ । ଏ ବର୍ଣ୍ଣନା ସମ୍ପୂର୍ଣ୍ଣ ଫକୀରମୋହନ ଠାଣିରେ ପରିବେଷିତ-

ଖାଇବାବେଳେ ତାଙ୍କର କୌଣସି ବାଧାବିଘ୍ନ ହେବନି । ସବୁ ପାଇଟି ସାରି ଗାଧୋଇ ପାଧୋଇ, ପୂଜାଅର୍ଘ୍ୟ ସାରି ଚୁଲି ପାଖରେ ଚକାମାରି ପିଢ଼ାଉପରେ ବସିଯିବେ । ବାଁ ଜାନୁ ଜଳପୂର୍ଣ୍ଣ ନୋଟା ଉପରେ ଥିବ । ମୁଢ଼ିଟିଣ ହାତ ପହୁଞ୍ଚିଲେ, ବାଁ- ପାଖରେ । ଚୁଲିର ଜଳନ୍ତା ଅଙ୍ଗାରରେ ଡଙ୍କାଟିଏ ବସିଥିବ, ଦୁଇପଳା ଜେଲ୍‌ଖାନାର ଖାଣ୍ଟି ସୋରିଷତେଲରେ ମୁଠାଏ ଲଙ୍କା ଦରପୋଡ଼ା ହେଲା ଯାକେ ଭଜାଯିବ । ଦହି ମୁହାଁ ହୋଇ ସଦ୍ୟ ଲହୁଣି ମରା ଘିଅ ମୁଢ଼ିରେ ପଡ଼ିବ । ସାନ ପିଆଜ ଦୁଇମୁଠା ହାତ ପାଖରେ ଥୁଆ ହେବ । କେହି ପିଲାଝିଲା ପାଖରେ ନଥିବେ । ଏକନିଷ୍ଠ ହୋଇ ଯଜ୍ଞ ଆରମ୍ଭ ହେବ । ସମୀଧ ସରିଗଲେ ଟିଣରୁ ଡବାକୁ ଡବା ଆସୁଥିବ, ଜଠରାଗ୍ନି ବାରମ୍ବାର ପ୍ରଜ୍ୱଳିତ ଓ ଶାନ୍ତ ହେଉଥିବ ।

ବସନ୍ତଙ୍କ ଗଳ୍ପର ଚରିତ୍ରମାନେ ବିବିଧ ଶ୍ରେଣୀ ଓ ବୟସର । ଏମାନେ କେହି ଅପରିଚିତ ନୁହନ୍ତି । ନିତିପ୍ରତି ରାସ୍ତାଘାଟ, ବଜାରହାଟ, ସିନେମା, କୋର୍ଟକଚେରି ସ୍କୁଲ କଲେଜରେ ଏମାନଙ୍କ ସହ ଭେଟ ହୁଏ । ଏମାନେ ଆଳୁ-ମାଛ-ତେଜରାତି ଦୋକାନୀ, ପଇଡ଼ ଖୋଳପାକୁ ଶୁଖାଉଥିବା, ଭିକ ମାଗୁଥିବା, ରିକ୍‌ସା ଟାଣୁଥିବା, ଆନନ୍ଦ ବଜାରର ଆନନ୍ଦ ବଢ଼ାଉଥିବା, ଦାନ୍ତକାଠି ବିକୁଥିବା, ଖତଗଦାରୁ ଭଙ୍ଗାକାଚ କି କୋଇଲା ବାଛୁଥିବା ମଣିଷଠାରୁ ଆରମ୍ଭ କରି ସଭ୍ୟ ଶିକ୍ଷିତ, ସାମାଜିକ ମଣିଷ ପର୍ଯ୍ୟନ୍ତ ବିସ୍ତୃତ । ଏମାନେ କାହାରି ପ୍ରତିନିଧିତ୍ୱ କରନ୍ତି ନାହିଁ, ମଣିଷ ଜୀବନ, ସମାଜ ଓ ମଣିଷର ବିବିଧ ଆଚରଣର ଏମାନେ ଏକ ଏକ ସ୍ୱତଂନ୍ତ୍ର ନମୁନା । ଏମାନେ କେହି କାହାପରି ନୁହନ୍ତି । ଏମାନଙ୍କର ଠିକଣା ନାଇଁ, ତାଙ୍କ ପରିଚୟ ସେମାନେ ନିଜେ । ଏମାନଙ୍କର ମୁହାଁମୁହିଁ ହେଲେ ଜୀବନ ଓ ଜିଇଁ ରହିବାର ବୈବିଧ ଓ କାରୁଣ୍ୟ ସ୍ପଷ୍ଟତର ହୋଇ ଦିଶିଯାଏ ।

ଏଇସବୁ ଚରିତ୍ରଙ୍କ ମଧ୍ୟରୁ କିଛି ଚରିତ୍ର ଚତୁର, ସୁବିଧାବାଦୀ-ବ୍ୟବସାୟୀ, ଯେପରି ଘରବାଲା, ଆଳୁ ମାଛ କି ତେଜରାତି ଦୋକାନୀ । କିନ୍ତୁ ବେଶୀଭାଗ ଚରିତ୍ର ଦୁଃଖ- ଅନଟନ-ବୁଭୁକ୍ଷା-ଲାଳିତ । ମଣିଷ ତା'ର ନିଜ ଆଦର୍ଶରେ ଦେବତାଙ୍କୁ ଗଢ଼ିଲା ପରି, ବସନ୍ତ ନିଜ ତିନିପୁରୁଷର ଦୁଃଖ ଅନଟନାଦି'ର ଅନୁଭବ ମଧ୍ୟରୁ ଏ ଚରିତ୍ରମାନଙ୍କୁ ଗଢ଼ିଛନ୍ତି, ଚିହ୍ନି ଚିହ୍ନାଇଛନ୍ତି ।

ଚରିତ୍ରମାନଙ୍କୁ ମୋଟାମୋଟି ପୁରୁଷ ଓ ନାରୀ ଚରିତ୍ର ଭେଦରେ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଉଭୟ ଭାଗ ପୁଣି ତିନି ଶ୍ରେଣୀର-ବୟସ୍କ, ଯୁବକ/ଯୁବତୀ, ପିଲା । ଲେଖକ ନିଜେ ବୟସ୍କ ଶ୍ରେଣୀର ଏବଂ ଅଧିକାଂଶ ଗପର କେନ୍ଦ୍ରବିନ୍ଦୁ । ସେ ପ୍ରାୟତଃ ପ୍ରଥମ



Digitized by PPRACHIN, SOA

ପୁରୁଷରେ କଥାବାର୍ତ୍ତା କରନ୍ତି, ଚରିତ୍ର ଓ ଘଟଣାଦିର ଗତିବିଧି, ସ୍ଥିତି ଆଦିର ଅନୁଧ୍ୟାନ କରନ୍ତି । ଏଇ ଚରିତ୍ରଟି ଅଧିକାଂଶ କ୍ଷେତ୍ରରେ ଅଧ୍ୟାପକ, ବିଶେଷତଃ ଇଂରାଜୀ ଅଧ୍ୟାପକ । ତାଙ୍କଠି ଶିକ୍ଷାବିତ୍ ସୁଲଭ ଆଦର୍ଶ, ନୈତିକତା ସହ ଚତୁର ସଂସାର ସହ ଲଢ଼ିପାରୁନଥିବା ଏକ ପ୍ରକାର ଭୀରୁଭାବ ରହିଥାଏ । ସେ ପ୍ରାୟତଃ ମୃତଦାର । କିନ୍ତୁ ତାଙ୍କର ଦୃଷ୍ଟି ତୀକ୍ଷ୍ଣ, ଅନୁଭୂତି ତୀକ୍ଷ୍ଣ ବ୍ୟଙ୍ଗ ଶାଣିତ, କାରୁଣ୍ୟ ଓ ହାସ୍ୟ ମଣ୍ଡିତ ।

ଗପଗୁଡ଼ିକରେ ପୁରୁଷ ଚରିତ୍ର ଅପେକ୍ଷା ନାରୀ ଚରିତ୍ର ସଂଖ୍ୟାଧିକ ଓ ଗୁରୁତ୍ୱପୂର୍ଣ୍ଣ । ଏପରି ପ୍ରାୟ କୌଣସି ଗପ ନାହିଁ ଯେଉଁଠାରେ କୌଣସି ନା କୌଣସି ରୂପରେ ନାରୀର ଉପସ୍ଥିତି ଦୁର୍ଲ୍ଲଭ । ଗୁରୁ ବା ଲଘୁ ପଦପାତରେ ନାରୀ ବୟସ୍କା ବା ବାଳିକା ରୂପରେ ସର୍ବତ୍ର ସର୍ବଦା ବିଦ୍ୟମାନ । ଗପର ଶୈଳ୍ପିକ କର୍ମକୁ ଏଇ ତିନିଶ୍ରେଣୀର ନାରୀ ସମାନ ରୂପେ ପୁଷ୍ଟ କରିଛନ୍ତି । ଏମାନଙ୍କ ମଧ୍ୟରୁ କମ୍ ମହିଳା ସମାଜରେ ପ୍ରତିଷ୍ଠିତା, ସ୍ୱନାମଧନ୍ୟା । ଏମାନେ ବେଶୀ ଭାଗ ଅନାମଧେୟା । ପିଲା ବା ବୟସ୍କ ନିର୍ବିଶେଷରେ ଏମାନେ କ୍ୱଚିତ୍ କେଉଁଠି 'କାମିନୀ' ରୂପେ ବିଦ୍ୟମାନ, ନଚେତ ସର୍ବତ୍ର ମମତାମୟୀ 'କଲ୍ୟାଣୀ' । 'ଚାଉଳ'ର ଲକ୍ଷ୍ମୀ, 'ଏଣ୍ଟିରୋମାଣ୍ଟିକ୍'ର ଅନ୍ଧପ୍ରାଣୀ ଓ ତା' ଝିଅ, 'ଚା'ର ଚା'ବାଲୀ, କୁଳିଗାଁର ଶ୍ରୀମତୀ ସରୋଜିନୀ ମହାନ୍ତି, 'ଓଇ ଛେଲେଟାର' ଶ୍ରୀମତୀ ସରକାର, 'ଗରିବୀ ହଟାଓ'ରେ 'ଇୟେ' -ସଭିଏଁ ଆନନ୍ଦମୟୀ, ମାତୃମୂର୍ତ୍ତି, ପ୍ରକୃତି ବା ବସୁଧା ପରି ସନାତନୀ, ସର୍ବଂସହା ବୟସ ଓ ପରିବେଶ ନିର୍ବିଶେଷରେ । କଲ୍ୟାଣୀ ମୂର୍ତ୍ତିର ଏତେ ବିବିଧ ରୂପ ଥାଇପାରେ ବସନ୍ତଙ୍କ କଥା-ସାମ୍ରାଜ୍ୟ-ପରିକ୍ରମା ନକଲେ ହୃଦୟଙ୍ଗମ କରି-ହେବନାହିଁ !

ପରିକ୍ରମାର ପରିସମାପ୍ତିରେ ଏତିକି କହିବା ଯଥେଷ୍ଟ ହେବ ଯେ, ଏଇ ସମସ୍ତଙ୍କୁ ଘେନି ଗାଳ୍ପିକ ବସନ୍ତଙ୍କର କଥାର ସଂସାର ଓ ଏ ସଂସାରର ପ୍ରାଣୀମାନେ ବାଲେଶ୍ୱର ଓ ମୟୂରଭଞ୍ଜର କଥିତ ଭାଷାରେ ଭାବର ଆଦାନପ୍ରଦାନ ପ୍ରାୟତଃ କରିଥାନ୍ତି, ଯେଉଁ ଭାଷା ବସନ୍ତଙ୍କର ନିଜସ୍ୱ କଥିତ ଭାଷା ।

**ସଙ୍କେତସୂଚୀ**

୧.ବସନ୍ତ କୁମାର ଶତପଥୀ, ପରିଶିଷ୍ଟ, ଗଙ୍ଗା ଓ ଗାଙ୍ଗୀ, ପୃ.୧୭୯-୮୩ ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୦

୨. ଉପର ସୂଚିତ, ପୃ-୧୭୯

୩. ୩୭-୩୮, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୮୨

୪. ପରିଶିଷ୍ଟ, ଗଙ୍ଗା ଓ ଗାଙ୍ଗୀ, ପୃ-୧୮୦

୫. ଚାଉଳ, ଗଙ୍ଗା ଓ ଗାଙ୍ଗୀ ପୃ-୬୯

୬. ଶିଲ୍ଡ ଫାଇନାଲ, ଗୋଟିଏ ଆଳୁ, ପୃ-୩୨



Digitized by PPRACHIN, SOA

୭. ଗୋଟାଏ ଆଳୁ, ଗୋଟାଏ ଆଳୁ, ପୃ-୧୯

*. ନାସ୍ତିକ, ଗଙ୍ଗା ଓ ଗାଙ୍ଗୀ ।

୮. ଚାଉଳ, ଗଙ୍ଗା ଓ ଗାଙ୍ଗୀ, ପୃ-୬୯

୯. ମେଜର ଅପରେସନ, ପୃ-୪

୧୦. ଚାଉଳ, ଗଙ୍ଗା ଓ ଗାଙ୍ଗୀ ପୃ-୬୪

୧୧. ପରିଶିଷ୍ଟ, ଗଙ୍ଗା ଓ ଗାଙ୍ଗୀ, ପୃ-୧୮୨

୧୨. ମେଜର ଅପରେସନ, ପୃ-୯୦

୧୩. ଗଙ୍ଗା ଓ ଗାଙ୍ଗୀ, ପୃ-୬୪

୧୬. ଏଣ୍ଟିରୋମାଣ୍ଟିକ୍, ଗୋଟାଏ ଆଳୁ, ପୃ. ୭୨-୭୩

୧୭. ହୀରାକୁଦ କରେଣ୍ଟ, ଗୋଟାଏ ଆଳୁ, ପୃ-୧୪୧

୧୮. କାଣୀଚିଆଁ, ଗୋଟାଏ ଆଳୁ, ପୃ-୨

❑



Digitized by PPRACHIN, SOA

# ମିଡ଼ାସର ଗଳ୍ପ

କଇଳାଶ ପଟ୍ଟନାୟକ

ଥିଲେ ମିଡ଼ାସ ବୋଲି ଜଣେ ରାଜା । ସେ ଯାହା ଛୁଇଁ ଦେଉଥିଲେ ତାହା ପାଲଟି ଯାଉଥିଲା ସୁନା । ଓଡ଼ିଆ ଗଳ୍ପଧାରାରେ ବି ଥିଲେ ସେମିତି ଜଣେ ଗାଳ୍ପିକ । ତାଙ୍କ ଛୁଆଁରେ ମାଟି ହଉଥିଲା ସୁନା ।

ନିଜ ତେଲଲୁଣର ମାଟିର ସଂସାର ଭିତରର ସାଧାରଣତମ ଉପାଦାନ ଚା', ମାଛ, ଭଡ଼ାଘର, ଚାଉଳ, କୁକୁର, କାଣିଚିଆଁ, କାଠରୁ ଜୀବନର ସନ୍ଧାନ କରି ସେ ସାଧାରଣକୁ କରିଥିଲେ ଅସାଧାରଣ । ମାଟିକୁ କରିଥିଲେ ସୁନା । ଗଳ୍ପ ରାଜ୍ୟର ଏ ମିଡାସ ଜଣକ ଥିଲେ ବସନ୍ତ ଶତପଥୀ (୧୯୧୩-୧୯୯୪) । ଯାହା ସେ ଦେଖନ୍ତି, ଯାହା ଶୁଣନ୍ତି, ଯେଉଁଠି ଥାଆନ୍ତି, ଯାହା କିଣନ୍ତି, ଯୁଆଡ଼େ ଯାଆନ୍ତି ସବୁ ତାଙ୍କର କଲମ ଛୁଆଁରେ ପାଲଟିଯାଏ ଗଳ୍ପ । ବସନ୍ତଙ୍କ ଗଳ୍ପ ତେଣୁ ଚିହ୍ନାଚିହ୍ନା, ଆପଣାର ଆପଣାର । ହେଲେ ସେଇ ଆପଣାର ଆତ୍ମୀୟତାରେ ଭାସିଗଲେ ବସନ୍ତ୍ ତମଠୁ ଦୂରେଇ ଯିବେ, ଚିହ୍ନିପାରିବ ନାହିଁ ତାଙ୍କୁ । ତାଙ୍କୁ ଜାଣିବା, ଚିହ୍ନିବାକୁ ହେଲେ ଲୋଡ଼ା ତାଙ୍କ ଗଳ୍ପ, ଗଳ୍ପର ଚିହ୍ନା ପରିବେଶ, ଚିହ୍ନା ଚରିତ୍ରମାନଙ୍କଠାରୁ ନିଜର ଏକ ନାନ୍ଦନିକ ଦୂରତା । ସେ ଦୂରତାର ଲକ୍ଷ୍ମଣରେଖା ଭିତରେ ବ୍ୟକ୍ତି ବସନ୍ତ ପଶିପାରୁ ନଥିବେ, ଲେଖକ ବସନ୍ତ ମୁକୁଳି ଆସିପାରୁନଥିବେ । ଭେଟାଭେଟି ହବ ସେମିତି ହିଁ ।

ସେଇ ଭେଟାଭେଟିରେ ଜାଣିହବ ବସନ୍ତଙ୍କୁ । ସେଇ ବସନ୍ତଙ୍କୁ ଯାହାଙ୍କ ଅଭ୍ୟୁଦୟ ଘଟିଚି ତିରିଶି ବର୍ଷର କାଳସୀମାରେ । ଏକଦା ୧୯୪୨ ମସିହାରେ ଭଂଜପ୍ରଦୀପରେ ପ୍ରକାଶିତ ଦୁର୍ଲ୍ଲଭ ଗଳ୍ପ 'ଛାୟା ଓ କାୟା' ବ୍ୟତୀତ ତାଙ୍କୁ ପ୍ରକୃତ ଲୋକ ପରିଚିତି ଦେଇଥିବା ଗଳ୍ପ 'କାଣୀଚିଆଁ' ପ୍ରକାଶ ପାଇଥିଲା ୧୯୬୨ ମସିହାରେ । ପ୍ରଥମ ସଂକଳନ ଏଣ୍ଟିରୋମାଣ୍ଟିକ ୧୯୬୬ ମସିହାରେ ପ୍ରକାଶ ପାଇଥିଲା । ପରେ ପରେ ପ୍ରକାଶିତ ହୋଇଥିଲା ଗଙ୍ଗା ଓ ଗାଙ୍ଗୀ (୧୯୮୧), ଏଣ୍ଟିରୋମାଣ୍ଟିକର ଗଳ୍ପଗୁଡ଼ିକ ସହ ବାଲିଡିହା ବାଘ, ସ୍ପ୍ରେ ପେଇଣ୍ଟିଂ, ଡେମ୍ପବହି ଓ କି ବଢ଼ିଆ ପାଗର ସଂଯୁକ୍ତିରେ ପ୍ରକାଶ ପାଇଥିଲା ଗୋଟାଏ ଆଳୁ (୧୯୮୨) ହାଇଦ୍ରାବାଦ ଅଙ୍କୁର (୧୯୮୨), ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ (୧୯୮୨), ନୀଡ଼ାଶ୍ରୟୀ (୧୯୮୩), ଆକାଶୀଫୁଲ (୧୯୮୩), ଅଜାଗା ଘା (୧୯୮୩) ଓ ମେଜର ଅପରେସନ୍ (୧୯୯୨) । ଏଗୁଡ଼ିକ ହିଁ ତିରିଶ ବର୍ଷର ଏ ସୀମା ଚିହ୍ନଟର ଆଧାର । ଏହାରି ଭିତରେ ବସନ୍ତ ଆପଣା ପରିଚୟର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିପାରିଥିଲେ ।



Digitized by PPRACHIN, SOA

ନିଜଗଳ୍ପ ଭିତରେ ବସନ୍ତ ବଡ଼ ପ୍ରତ୍ୟକ୍ଷ ଉଭା ହୁଅନ୍ତି । ସେ ସାମାଜିକ ନୀତିନିୟମ ଓ ଚଳଣିର ଅନୁଶାସନ ବନ୍ଧା ସାମାଜିକ ପ୍ରାଣୀଟିଏ ସହ ଆପଣା ବ୍ୟକ୍ତିଗତ ସିଦ୍ଧାନ୍ତରେ ଗଭୀର ପ୍ରତ୍ୟୟ ଓ ଦୃଢ଼ତା ରଖିଥିବା ବ୍ୟକ୍ତିଟିଏ । ଆପଣା ବିଶ୍ୱାସ ଓ ସିଦ୍ଧାନ୍ତକୁ ରୂପ ଦେବାକୁ ସେ ହେଇଛନ୍ତି ଦୃଢ଼ମନ । କଳାକାରଟିଏ ଏମିତିହିଁ ତ ହୁଏ । ଆପଣା ସାରସ୍ୱତ ପୃଥିବୀରେ ବଞ୍ଚିବା ସହ ବାସ୍ତବ ପୃଥିବୀରେ ବଞ୍ଚିବା ଓ ତଦ୍‌ଜନିତ ଦ୍ୱନ୍ଦ୍ୱ ତାକୁ ବାରମ୍ବାର ଘାରେ । ସେଇ ଦହନ ଭିତରେ ଜନ୍ମ ନିଏ କଳା । ବାସ୍ତବ ପୃଥିବୀର ଜୀବନଯାପନରେ ଲୋଡ଼ାହୁଏ ଗୁଣ୍ଡଦୁଧ-ଚା' କରିବା ଲାଗି । ଯୁଦ୍ଧ ବଜାରରେ ଗୁଣ୍ଡଦୁଧ ବଡ଼ ଦୁର୍ଲ୍ଲଭ । ସେଇ ଦୁର୍ଲ୍ଲଭ ପଦାର୍ଥର ଲୋଭପାଇଁ ବସନ୍ତଙ୍କ 'ଅଶ୍ୱତ୍‌ଥାମା ହତ'ର କେନ୍ଦ୍ରୀୟ ଚରିତ 'ମୁଁ' ଟି ଦୋକାନୀର ମିଥ୍ୟାକଥା ସମର୍ଥନମୂଳକ ନୀରବ ରହିବା ଓ ମ୍ୟୁନିସିପାଲିଟି ଦାରୋଗା ମିଥ୍ୟାବାଦୀ ପ୍ରମାଣିତ ହେବା ଭିତରେ ଗୁଣ୍ଡଦୁଧତକ ହାସଲ କରିଚି ସତ ମାତ୍ର ସେଇଠୁ ଜନ୍ମନେଇଚି ଗଳ୍ପର ଅସଲ ମୋଡ଼ । 'ମୁଁ'ର ଆତ୍ମଦ୍ୱନ୍ଦ୍ୱ । କେଉଁ ଭୀରୁତା ତାକୁ କଲା ସତ କହିବାରୁ ନିଷେଧ ? ସାମାନ୍ୟ ଗୁଣ୍ଡଦୁଧର ପୁଡ଼ିଆଟିଏ ନପାଇବାର ଦୁର୍ବଳତା ! ସାମାଜିକ ଆବଶ୍ୟକତା ଓ ସାରସ୍ୱତ ଧିକ୍‌କାର ଭିତରେ 'ଅଶ୍ୱତ୍‌ଥାମା ହତ' ଦର୍ପଣ ହେଇଚି ସମକାଳର ଓ ତାରି ଭିତରେ ବ୍ୟଞ୍ଜିତ ବସନ୍ତଙ୍କ ସିଦ୍ଧାନ୍ତ !!

- ୨ -

ଓଡ଼ିଆ ଗଳ୍ପରେ ବସନ୍ତ ଯେଉଁଥିପାଇଁ ସ୍ୱତନ୍ତ୍ର, ତାହା ତାଙ୍କର କଥା ଉପାଦାନ । ଉପାଦାନସବୁ ଏତେ ନଗଣ୍ୟ ଯେ ହୁଏତ ବିସ୍ମୟ ହିଁ ଜାଗିବ । ଅପାଂକ୍ତେୟ ଓ ହେୟଯୋଗ୍ୟ କଥା ଉପାଦାନକୁ କେଉଁ ବିଶିଷ୍ଟତାରେ ଗଳ୍ପ କରି ଦିଆଯାଇପାରେ ତାହା ବସନ୍ତଙ୍କୁ ହିଁ ସଫଳଭାବେ ଜଣାଥିଲା । ଜଣାଥିଲା ବୋଲି ସେ ଲେଖିପାରିଥିଲେ ଶ୍ୱେତପଦ୍ମ କି ଚା' । ସାନ୍ତାଳଟିଏର ପଦ୍ମଫୁଲ ବିକିବା ଓ ସେଥିରୁ ଏକ ଗଳ୍ପ ଜନ୍ମନେବା ଯେପରି ମନେହେବ ଅବିଶ୍ୱାସ୍ୟ, ସେମିତି ବି ଅବିଶ୍ୱାସ୍ୟ ଲାଗିବ ବର୍ଷାରେ ଦି'ଜଣ ଯାତ୍ରୀ ଷ୍ଟେସନପାଖ ଚା' ଦୋକାନରେ ଚା' କପେ ପିଇବାକୁ କେନ୍ଦ୍ର କରି ଲେଖାଯାଇପାରିବ ଗଳ୍ପଟିଏ- ଚା' । କିଛି ନଥିବାର ପ୍ରତୀତି ଆଣୁଥିବା ଉପାଦାନରେ କେଡ଼େ ଆଶ୍ଚର୍ଯ୍ୟ ବିନ୍ଧାଣିପଣରେ ବସନ୍ତ ଗଳ୍ପଟିଏ କରିପାରନ୍ତି ତାହା ତାଙ୍କୁ ନ ପଢ଼ିଲେ ବିଶ୍ୱାସ କରିହବ ନାହିଁ । ଯାତ୍ରାକାଳୀନ ସାଧାରଣ ଅଭିଜ୍ଞତା ଓ ଚିତ୍ର ବି ତାଙ୍କ ପାଖରେ କି ଶକ୍ତିଶାଳୀ କଥା-ଉପାଦାନ ନହେଇଯାଇଚି ! ଅସଂପୂର୍ଣ୍ଣ କାବ୍ୟ, ଅନପଢ଼, ଧରିତ୍ରୀ, ଚାଉଳ, ଏକ ବୃତ୍ତାନ୍ତ : ସରସ୍ୱତୀ କୁଣ୍ଡୁର ଆଦିରେ ସେଇ ବିସ୍ମୟ ପାଠକ ଭେଟେ । କେଡ଼େ ସହଜରେ ବସ୍‌ର ଭିଡ଼, ଷ୍ଟେସନର ଗହଳି, ବୁଲାବିକାଳିର ଚିତ୍କାର, ସହଯାତ୍ରୀର ରୂପ ପରି ଆମ ଚାରିପାଖର ପୃଥିବୀକୁ ସେ ଗଳ୍ପର ମୁଣ୍ଡୁଳା ବୁଲାଇ ରଖିଦେଇପାରନ୍ତି ।

ଆମ ଚାରିପାଖର ପୃଥିବୀମାନେ ଆମର ପରିଚିତ ପୃଥିବୀ । ମାତ୍ର ବ୍ୟକ୍ତିର ପୃଥିବୀ ଓ କଳାକାରର ପୃଥିବୀ ନୁହେଁ ସେଇଥିଲାଗି ତ ତାଙ୍କର ମୁଣ୍ଡୁଳିବୁଲା ଭିତରେ ସେଇ ପରିଚିତ ପୃଥିବୀର ଅଲଗା ଧାସ ପାଠକ ଆଖିକୁ ଜଳକା କରିଦିଏ । ମାଟିମୁଠାକ ହେଇସାରିଥାଏ ସେତେବେଳକୁ ସୁନା । ଆଉ ତା'ପରେ ଚିହ୍ନା ଚିହ୍ନା ପୃଥିବୀ, ତା'ର ପରିଚିତ ଲୋକବାକ



Digitized by PPRACHIN, SOA

ତା'ରି ଆଖି ଆଗରେ ଗଳ୍ପର ପରିଣତି ବେଳକୁ ହିଁ ଅପରିଚିତ, ଅଚିହ୍ନା ଅଚିହ୍ନା ମନେହୁଅନ୍ତି । ଚିହ୍ନା ପୃଥିବୀକୁ କେଜାଣି କେଉଁ ଯାଦୁ ଦଣ୍ଡରେ ବସନ୍ତ ବଦଳେଇ ଦିଅନ୍ତି ମୁହୂର୍ତ୍ତକେ ।

'କାଣୀଚିଅାଁ' (୧୯୬୨) ଗଳ୍ପରୁ ହିଁ ଏ ଧାରାର ହୋଇଚି ସୂତ୍ରପାତ । ଯେଉଁ ଚିଲ ଦମ୍ପତି ଆକ୍ରୋଶର ଥିଲେ କେନ୍ଦ୍ରବିନ୍ଦୁ, ଯୋଉ ଦିହିଙ୍କ ପାଇଁ ଗଳ୍ପରେ ଗଳ୍ପରେ ସୃଷ୍ଟି ହୋଇଥିଲା ଏକ ସାର୍ବଜନୀନ ଜିଘାସା, ପରିଣତି ବେଳେ, 'ଦିଶୁଛନ୍ତି ସେମାନେ ଯେପରି ଏକ ପାକିସ୍ଥାନୀ ବସ୍ତୁହରା ଦମ୍ପତି, ଯାହାଙ୍କର ନିରାପତ୍ତା ଓ ଆତ୍ମପ୍ରସାଦ ମୁହୂର୍ତ୍ତକେ ଅପ୍ରତ୍ୟାଶିତ ରୂପେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି'- ବୋଲି ଚିତ୍ରଣ କରିବା ଭିତରେ ସେମାନଙ୍କର ଚରମ ଅସହାୟତା ହିଁ ଫୁଟାଇଚି ଯାହା ଜିଘାସାକୁ ରୂପାୟିତ କରିଦେଉଚି 'ଆହା' ପଦରେ । ଭୋକିଲା ପିଲା ଦି'ଟିଙ୍କୁ ନିଜଆଡୁ ଅଙ୍ଗୁର ଓ ଅର୍ଥଦେବା ଭିତରେ ଯୋଉ ମହନୀୟ ଉଦାରତାରେ 'ହାଇଦ୍ରାବାଦ ଅଙ୍ଗୁର'ର ପରିଣତି ସିକ୍ତ ହୋଇଚି ତାହା ସାଧାରଣ ଯାତ୍ରା କାହାଣୀକୁ କରିଦେଇଚି ଅପ୍ରତ୍ୟାଶିତ ଗୁରୁତ୍ୱପୂର୍ଣ୍ଣ । 'କାଠ' ଗଡ଼ଟାଏ କାଟିବାକୁ ଆସିଥିବା ସାନ୍ତାଳ ଯେତେବେଳେ ଆପଣା ସ୍ୱାଭିମାନରେ ଆଘାତ ଲାଗିବାରୁ ନିଜର ସମସ୍ତ ପାରିଶ୍ରମିକ 'ଦି'ଖଣ୍ଡି ଦି'ଟଙ୍କିଆ ନୋଟ' ଗୃହକର୍ତ୍ତା ଉପରେ ଫିଙ୍ଗିଦେଇ ଚାଲିଯାଉଚି ସେତେବେଳେ ଏକ ଅସାଧାରଣ ରୂପ ସେ ସାନ୍ତାଳର ଫୁଟି ଉଠିଚି । ଗଳ୍ପକୁ ଯିଏ ଦେଇଚି ଏକ ଆଶ୍ଚର୍ଯ୍ୟ ଅର୍ଥ ଗଭୀରତା । ସାଧାରଣତମ ଦୃଶ୍ୟରେ ଲେସିହେଇଯାଇଚି ଅସାଧାରଣତା-ପରିଚିତ ବ୍ୟକ୍ତି ଓ ଘଟଣାର ହେଇଚି ଘଟାନ୍ତର ।

ସେଇ ଘଟାନ୍ତରର ଅନ୍ୟ ଏକ ଆଶ୍ଚର୍ଯ୍ୟ ସୁନ୍ଦର ଉଦାହରଣଟିଏ 'ଡର୍ଲିଂ' । ଅଟାକଳ ମାଲିକର ଶିକାର ହୋଇଚି ସାନ୍ତାଳ ସ୍ତ୍ରୀଟିଏ । ଅଚାନକ ଜେଲ୍ ଫେରନ୍ତା ସ୍ୱାମୀ ସହ ତା'ର ଭେଟ ହେବାପରେ ସ୍ୱାମୀ ସ୍ତ୍ରୀ କୋଳରେ ପିଲାଟିକୁ ଦେଖି ପଚାରିଚି ଯାକୁ କେଉଁଠୁ ପାଇଲା ସେ । ସ୍ତ୍ରୀ ଉତ୍ତର ଦେଇଚି, 'ଅଟା୍କଲରୁ' । କେତେ କରୁଣ ଏ ପଦକ ଅଥଚ କି ଅସଂଭବ ବର୍ଣ୍ଣନା ମାଧୁରୀରେ ତାହା ଉପସ୍ଥାପିତ । ସେଇ ବ୍ୟଞ୍ଜନା ଅଧିକତର ଉତ୍ତରିତ ହେଇଚି ଯେତେବେଳେ ସ୍ୱାମୀକୁ ସ୍ତ୍ରୀ ପଚାରୁଚି, କଣ କହୁଚୁ ଫିଙ୍ଗିଦେଇ ଯିବି ଯାକୁ ? ସ୍ୱାମୀ ଉତ୍ତର ଦେଇଚି, 'ନେଇଯିବା ନାହିଁ ତ ଆର୍‌କି କର୍‌ବା ? ବଜାରକୁ ଆସିଥିଲୁ ଗୁଟେ ଚିହ୍ନ ନ ନେଇଗଲେ ଆମର ଗାଁ ସାଇର ନୁକ୍‌ଗା (ଲୋକମାନେ) କିମ୍‌ତି ଜାଣବେ ? ଏଟା ବଜାରିଆ ଫଲଟା ପରା !'... ସହର, ତା'ର ଆଡ଼ମ୍ବର, ତା'ର ମିଥ୍ୟାଚାର, ମିଥ୍ୟାଚାରରେ ତୃପ୍ତ ଧନୀ ଅଟାକଳର ମଣିଷମାନଙ୍କୁ କି ଶକ୍ତ ଆଘାତ ନଦେଇଚି ସେ ସାନ୍ତାଳ ଯୁବକଟି । ବ୍ୟଭିଚାରର ଫଳକୁ ସହଜଭାବେ ସ୍ୱୀକାର କରିନେଇ ସେ ହେଇଯାଇଚି ମହାନ୍ । ତା'ର ଭୁରିଦବ୍ୟକ୍ତିତ୍ୱ ତୁଳନାରେ ସାତତଳକୁ ରହିଯାଇଛନ୍ତି ସେ ସହର ମଣିଷମାନେ !

ଗଳ୍ପର ଏ ସହସା ରୂପାନ୍ତର ଘଟେ କାହିଁକି ? ସହଜ ଓ ସାଧାରଣ ପ୍ରତୀତ ଘଟଣା ବା ଚରିତ୍ରରେ କାହିଁକି ବା ଆସେ ପରିବର୍ତ୍ତନର ପ୍ରକ୍ରିୟା ? ଏହାର ସୂତ୍ରଟି ମିଳେ ଗୋଟାଏ ଆଳୁର 'ପଦେ'ରେ, 'ସାମାନ୍ୟରୁ ଅସାମାନ୍ୟ ମହାନ୍‌କୁ, ଇନ୍ଦ୍ରିୟରୁ ଇନ୍ଦ୍ରିୟାତୀତକୁ, ମେଣ୍ଟାଲରୁ ସୁପ୍ରାମେଣ୍ଟାଲକୁ, ଅନ୍ଧାରରୁ ଆଲୋକକୁ, ଅଜ୍ଞାନରୁ ଜ୍ଞାନକୁ, ବର୍ତ୍ତମାନରୁ ଭବିଷ୍ୟତକୁ ଏକ କଥାରେ 'ମରାମରା'ରୁ 'ରାମରାମ'କୁ ମୁଁ ଗଳ୍ପ ଜରିଆରେ ଯିବାକୁ ଚାହେଁ ।'



Digitized by PPRACHIN, SOA

ଲେଖକଙ୍କର ଏଇ ସ୍ୱୀକରୋକ୍ତି ହିଁ ଉପର୍ଯ୍ୟୁକ୍ତ ଘନାବର୍ତ୍ତର କାରଣ । ଏମିତି ହିଁ ଆସେ ତାଙ୍କର ଅମୋଘବାଣ । ହାସ ପରିହାସର ଲଘୁତା ଭିତରେ ଗଳ୍ପଟିକୁ ନିର୍ମାଣି ଥିବାବେଳେ ପରିଣତିରେ ଏକ ରହସ୍ୟମୟ ଗଭୀରତା ଉଜ୍ଜ୍ୱଳ ହୋଇଉଠେ ଗଳ୍ପରେ । ଏଇ ରହସ୍ୟମୟ ଗଭୀରତା ଭିତରେ ସେ ଗଳ୍ପର ସୀମାବଦ୍ଧ ଆୟତନରୁ ଅଚାନକ ହଜିଯାଆନ୍ତି ଆଉ ସେଇ ବିଦୂଷକୀୟ ପୃଥିବୀରେ ଛାଇଯାଏ ଘନଘୋର ରହସ୍ୟର କୃଷ୍ଣକାଳିମା । ଗଳ୍ପଟିଏ ଏମିତି ହିଁ ସଫଳ ଗଳ୍ପରେ ଉତ୍ତୀର୍ଣ୍ଣ ହୁଏ- ଯେତେବେଳେ ଚିହ୍ନାଚିହ୍ନା ବାସ୍ତବତା ବିବର୍ତ୍ତିତ ହେଇଯାଏ ଏକ ରହସ୍ୟାଲୋକରେ । ସେ ରହସ୍ୟାଲୋକରେ ସନ୍ଧାନ ମିଳେ ପୁରୁଣା ଭିତରେ ନୂଆର, ସାଧାରଣ ଭିତରେ ଅସାଧାରଣର, ଅନ୍ୟ ଭିତରେ ଅନନ୍ୟର ।

ବସନ୍ତ ଗଳ୍ପର ଲୋକପ୍ରିୟତା ଓ ମୌଳିକତାର ଆଧାର- ତାଙ୍କର ଏଇ 'ଚିହ୍ନାଚିହ୍ନା ଅଚିହ୍ନାପଣ' ।

- ୩ -

ଏଣ୍ଟିରୋମାଣ୍ଟିକ ଭିତ୍ତିରେ ସାଧାରଣତଃ ଛିଡ଼ା ହେଇଥାଏ ବସନ୍ତଙ୍କ ଗଳ୍ପଗୁଡ଼ିକ । ଘଟଣା, ଚରିତ୍ର, ପରିବେଶ ସବୁକିଛିରେ ଦୃଶ୍ୟ ହୁଏ ସେଇ ଚେତନା । ତାହା ବସନ୍ତଙ୍କୁ ଦେଇଚି ଏକ ଅଲଗା ପରିଚୟ, ଗଳ୍ପରେ ଦେଇଚି ସ୍ୱାତନ୍ତ୍ର୍ୟ । ଯେ ଚେତନା ଲେଖକର କୃତ୍ରିମ ପରିସ୍ଫୁଟନ ନୁହେଁ, ଆତ୍ମଜ ସ୍ୱତଃସ୍ଫୁର୍ତ୍ତତା । 'ଗୋଟାଏ ଆଳୁ'ର 'ପଦେ'ରେ ଅଛି ଏହାର ସୂଚନା : 'ମାନୁଷୀପ୍ରେମକୁ ମୁଁ ସଂପ୍ରସାରିତ କରିଛି ଜଡ଼ଜଗତକୁ । ମୋର ଗଳ୍ପର ନାଆଁ ହେଲା, ଚାଉଳ, କାଠ, ମାଛ, ମାଂସ, ବରା, ଗୁଲୁଗୁଲା, ଚା' ଏମିତି କେତେ କ'ଣ ନିତିଦିନିଆ ବ୍ୟବହାର୍ଯ୍ୟ ସୁଲଭ ପଦାର୍ଥ । କୁକୁଡ଼ା, ଘରଚଟିଆ, କୁତ୍ତୀ, ଘୁଷୁରି, ଆମ ଚାରିପଟେ ଘେରି ରହିଥିବା ଜୀବଜନ୍ତୁଙ୍କୁ ମଣିଷଠାରୁ ବଡ଼ ବୋଲି ଭାବେ । ମୋର ବିଶ୍ୱାସ ମୋଡ଼ ବୁଲିଲେ ଗପଟିଏ, ଶୂନ୍ୟରୁ ବି ସଂଖ୍ୟା ସଂଗ୍ରହ କରିହବ ଖାଲି ବାଆଁପଟେ ଏକ ଦୁଇ ବସାଇ ଚାଲିଲେ ।'

ସେଇ ଶୂନ୍ୟଗୁଡ଼ିକ ଆଉ କିଛି ନୁହେଁ, ଅପାଂକ୍ତେୟ, ଅବହେଳିତ, ଆଦର୍ଶନୀୟ କେହି କୁଷ୍ଠରୋଗୀ କି ଅନ୍ଧୁଣୀ (ଏଣ୍ଟିରୋମାଣ୍ଟିକ୍), ବର୍ଷିକିଆ ଷଣ୍ଢଛୁଆଟିଏ (ଗୋଟାଏ ଆଳୁ), କୌଣସି ମେହେନ୍ତର (ବାସନ୍ତୀ), କାଚ ଗୋଟାଉଥିବା ଝିଅ (ଗରିବୀ ହଟାଓ), ମାଂସକିଣା (ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ), କୁକୁରଟିଏ (କୁକୁର) କି ବେଲାଖଣ୍ଡେ (ବେଲା) । ଏଇମାନଙ୍କୁ ଘେରି ସୃଷ୍ଟି ହେଇଚି ସେ ଚେତନା । ଏଇ ଅଣରୋମାଣ୍ଟିକ୍ ବିଷୟ ଭିତରେ ଅଣରୋମାଣ୍ଟିକ୍ ମଧ୍ୟବୟସ୍କ, ପତ୍ନୀହରା, ବିଧୁର, ପ୍ରୌଢ଼ଟିଏ ହିଁ ପ୍ରୋଟାଗନିଷ୍ଟ-ଏଇ ଚେତନାକୁ ଅଧିକ ପ୍ରଖର କରିବାକୁ ହିଁ ଯେପରି ତା'ର ଉପସ୍ଥିତି ! 'ଚାରିଚକ୍ଷୁ'ର ନାୟକ ସେଇଥିଲାଗି ବନ୍ଧୁକୁ କହିଛି, 'ତୁ ଭଲକରି ଜାଣିଚୁ ମୁଁ କେମିତି ମଣିଷ । ପୂରାପୂରି ଏଣ୍ଟିରୋମାଣ୍ଟିକ ।' ଅତଏବ ଗଳ୍ପର ସର୍ବତ୍ର ଅଣକାବ୍ୟିକ, ଅଣସ୍ୱପ୍ନିଳ, ଅଣମଧୁର ବାତାବରଣ ସୃଷ୍ଟି ହେବାରେ ବିଚିତ୍ର ବା କ'ଣ ? କ'ଣ ବା ବିଚିତ୍ର ତେଣୁ ବସନ୍ତ ଅଲଗା ଧରଣର ଜଣେ ଗାଳ୍ପିକ ବୋଲି ପରିଚିତ ହେବାରେ !!



Digitized by PPRACHIN, SOA

ବସନ୍ତଙ୍କ ଗଳ୍ପର ଅପରତମ ସ୍ୱାତନ୍ତ୍ର୍ୟ- ଏହାର ସୁନିର୍ଦ୍ଦିଷ୍ଟ ଭୌଗୋଳିକତା । ବାଲେଶ୍ୱର ଟାଉନ, ବାରିପଦା, ବାଲେଶ୍ୱର-ଖଡ୍ଗପୁର ରେଳପଥ ମଧ୍ୟରେ ତାଙ୍କର ଗଳ୍ପଗୁଡ଼ିକ ପ୍ରାୟତଃ ପରିକଳ୍ପିତ । ଶ୍ୱେତପଦ୍ମ, ଚାଉଳ, ଶ୍ରୀମତୀ ସରୋଜିନୀ ମହାନ୍ତି କେଆର ଅଫ୍ ସୁଦାମ ଚରଣ ମହାନ୍ତି ଆଦି ତା'ର ଉତ୍କୃଷ୍ଟ ନମୁନା । ସଂପୃକ୍ତ କ୍ଷେତ୍ର ବିଶେଷର ରାସ୍ତାଘାଟ କେବଳ ନୁହେଁ ତା'ର ଅଧିବାସୀ, ଅନୁଷ୍ଠାନ ଆଦିର ମଧ ଉଲ୍ଲେଖଥାଏ ତାଙ୍କ ଗଳ୍ପରେ । ଏହି ସୁନିର୍ଦ୍ଦିଷ୍ଟତା ବସନ୍ତଙ୍କୁ ଚିହ୍ନିବାର ଅପରତମ ସୂତ୍ର । ସମକାଳର ଅନ୍ୟ କୌଣସି ଲେଖକ ଏକାଦିକ୍ରମେ ନିଜ ଗଳ୍ପର ଭୌଗୋଳିକତାକୁ ଏତେ ପରିଚ୍ଛନ୍ନ ଭାବେ ଉପସ୍ଥାପିତ କରି ନଥାନ୍ତି । ମାତ୍ର ଏଇ ସୀମାବଦ୍ଧ ଭୂଗୋଳ ଗଳ୍ପର ବକ୍ତବ୍ୟକୁ ସୀମିତ କରି ନଥାଏ । ବସନ୍ତଙ୍କ ଗଳ୍ପ ଯେକୌଣସି ସମଧର୍ମୀ ଅଞ୍ଚଳର ପୃଷ୍ଠଭୂମିରେ ପଢ଼ାଯାଇପାରେ- ମାନବିକତାର ଉଦାତ୍ତ ଜୟଗାନ ସେଥିରୁ ପୂର୍ବବତ୍ ପ୍ରକାଶ ପାଇବ । ବସନ୍ତଙ୍କ ଗଳ୍ପରେ ପ୍ରତିଫଳିତ ଭୌଗୋଳିକତାର ଆଗମନ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଓ ସ୍ୱାଭାବିକ । ଗଳ୍ପର ଅବବୋଧ ପାଇଁ ଏହାର ଏକ ବିଶିଷ୍ଟ ଭୂମିକାକୁ ଅସ୍ୱୀକାର କରାଯାଇ ନପାରେ ।

ଘଟଣା ବା ଚରିତ୍ରର ରୂପକାତ୍ମକ (Metaphorical) ବର୍ଣ୍ଣନା ଶୈଳୀରେ ବସନ୍ତ ଆଗ୍ରହୀ । ଏପରି ବର୍ଣ୍ଣନା ଶୈଳୀରେ ଦୁଇ ଭିନ୍ନ ସ୍ଥିତିର ଅଭେଦ କଳ୍ପିତ ହୋଇଥାଏ । କୁଷ୍ଠରୋଗୀଟିଏର ଜୀବନଚର୍ଯ୍ୟା ସହ ଜଗନ୍ନାଥଙ୍କ ଚଳଣିର ଅଭେଦ କଳ୍ପନା ଏପରି :

ଏ ରାଷ୍ଟ୍ରର ସର୍ବମୟକର୍ତ୍ତାଙ୍କ ଉଭୟ ହାତଗୋଡ଼ ନାହିଁ ।
କେବଳ ବଡ଼ ବଡ଼ ଆଖିଦି'ଟା ତାଙ୍କର ବିଶେଷତ୍ୱ । ଗୋଟାଏ
କିରାସିନି ବାକ୍ସକୁ ସିଂହାସନ କରି ଆମ୍ବଗଛର ବକଳ ରଙ୍ଗ
ସହିତ ଦେହ ରଙ୍ଗ ମିଶାଇ ଗଛଗଣ୍ଡିକୁ ଆଉଜି ସେ ବସିଥାନ୍ତି ।
ସୃଷ୍ଟି, ସ୍ଥିତି, ଲୟ ଏଇ ତିନି ରୂପରେ ତାଙ୍କରି ଇଙ୍ଗିତରେ
ଦୁନିଆ ଚାଲିଛି । ଯାଙ୍କର ଛେରାପହଁରା, ପହୁଣ୍ଡି ବିଜେ,
ମଣୋହି ସବୁ ଭାର ସେହି ଦେବଦାସୀ ଅନ୍ଧୁଣୀ ଉପରେ । (ଏଣ୍ଟିରୋମାଣ୍ଟିକ୍)

ପୁନଶ୍ଚ କାହାରି ଭୋଜନ ପ୍ରକ୍ରିୟାକୁ ଯଜ୍ଞକର୍ମ ସହ ଅଭେଦ କଳ୍ପନା ମଧ ବସନ୍ତଙ୍କ ପରି ସିଦ୍ଧ ଶିଳ୍ପୀଙ୍କ ପକ୍ଷରେ ସମ୍ଭବ :

ଖାଇବାବେଳେ ତାଙ୍କର କୌଣସି ବାଧାବିଘ୍ନ ହେବନି । ସବୁ ପାଇଟି ସାରି ଗାଧୋଇ-ପାଧୋଇ ପୂଜା ଅର୍ଘ୍ୟସାରି ଚୁଲି ପାଖରେ ଚକାମାରି ପିଢ଼ା ଉପରେ ବସିଯିବେ । ବାଁ ଜାନୁ ଜଳପୂର୍ଣ୍ଣ ନୋଟା ଉପରେ ଥିବ, ମୁଢ଼ିଟିଣ ହାତ ପହୁଞ୍ଚରେ ବାଁ ପାଖରେ । ଚୁଲିର ଜଳନ୍ତା



Digitized by PPRACHIN, SOA

ଅଙ୍ଗାରରେ ଡଙ୍କାଟିଏ ବସିବ, ଦୁଇପଳା ଜେଲଖାନାର ଖାଣ୍ଟି ସୋରିଷତେଲରେ ମୁଠାଏ ଲଙ୍କା ଦରପୋଡ଼ା ହେଲାଯାକେ ଭଜାଯିବ । ଦହିମୁହାଁ ହୋଇ ସଦ୍ୟ ଲହୁଣିମରା ଘିଅ ମୁଢ଼ିରେ ପଡ଼ିବ । ସାନପିଆଳ ଦୁଇମୁଠା ହାତ ପାଖରେ ଥୁଆହେବ । କେହି ପିଲାଝିଲା ପାଖରେ ନଥିବେ । ଏକନିଷ୍ଠ ହୋଇ ଯଜ୍ଞ ଆରମ୍ଭ ହେବ । ସମିଧ ସରିଗଲେ ଟିଣରୁ ଡବାକୁ ଡବା ଆସୁଥିବ, ଜଠରାଗ୍ନି ବାରମ୍ବାର ପ୍ରଜ୍ୱଳିତ ଓ ଶାନ୍ତ ହେଉଥିବେ । (ବେଳା)

❑



Digitized by PPRACHIN, SOA

# କ୍ଷୁଦ୍ରଗଳ୍ପ, କ୍ଷୁଦ୍ରତା ଏବଂ ବସନ୍ତ ଶତପଥୀଙ୍କ ଗଳ୍ପକଳା

ହିମାଂଶୁ ଶେଖର ମହାପାତ୍ର

ସାହିତ୍ୟରେ ଗଭୀର ରୁଚି ରଖିଥିବା ଏବଂ ଓଡ଼ିଆ ଗଳ୍ପ ସାହିତ୍ୟକୁ ନିଜ ଅବଦାନରେ ଋଦ୍ଧିମନ୍ତ କରିଥିବା ଗାଳ୍ପିକ ଏବଂ ନାଟ୍ୟକାର କୁଞ୍ଜ ରାଏ ଥରେ କଥା ଛଳରେ କହିଥିଲେ- ''ବସନ୍ତ ଶତପଥୀଙ୍କୁ ଛାଡ଼ି ଆଉ ବାଟ ନାହିଁ ।'' ଯେଉଁ ଗନ୍ତବ୍ୟସ୍ଥଳ କଥା ସେ ଉହ୍ୟ ରଖିଥିଲେ ତାହା ଅବଶ୍ୟ ଓଡ଼ିଆ କ୍ଷୁଦ୍ରଗଳ୍ପ, ଏହାର ସୃଜନ, ଅଧ୍ୟୟନ ଏବଂ ଗବେଷଣା ।

ସେତେବେଳେ ବସନ୍ତ ଶତପଥୀଙ୍କ ଲେଖା ସହିତ ମୋର ଆଦୌ ପରିଚୟ ନାହିଁ । ସେ କେବଳ ମୋ ପାଇଁ ମୋ ବାରିପଦା ପରିବାରର ବୟୋଜ୍ୟେଷ୍ଠ ସଦସ୍ୟଙ୍କର ଅକୁଣ୍ଠିତ ତାରିଫ୍ ଲାଭ କରିଥିବା ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ତେବେ ଶ୍ରୀ ରାଏଙ୍କ ସହିତ ଏହି ଆଳାପର ଦୀର୍ଘ ପାଞ୍ଚବର୍ଷପରେ ମୋର ଆଉ ଜଣେ ବନ୍ଧୁ ତଥା ଓଡ଼ିଆ ଗଳ୍ପ ସାହିତ୍ୟର ଜଣେ ବିଦଗ୍ଧ ପାଠକ, ବିରାଜ ମୋହନ ଦାସଙ୍କ ପ୍ରରୋଚନାରେ ମୋର ପ୍ରଥମ ପାଠକୀୟ ପରିଚୟ ହୁଏ ବସନ୍ତ ଶତପଥୀଙ୍କ କ୍ଷୁଦ୍ରଗଳ୍ପ ସହିତ । ଏଥିପାଇଁ ଅବଶ୍ୟ ଏପିଟାଇଜର୍ ଭାବରେ କାମକରେ, ବିରାଜବାବୁ କହିଥିବା ବସନ୍ତ ଶତପଥୀଙ୍କ ସମ୍ପର୍କିତ କେତେକ କୌତୂକିଆ କଥା, ଗୋଟାଏ ଆଳୁରେ ଚିନ୍ତାମଣି ବେହେରାଙ୍କ ଅଗ୍ରଲେଖ 'ଶୁଆ ନିଜ ତୁଣ୍ଡରେ କହିବ' ଏବଂ ବସନ୍ତ ଶତପଥୀଙ୍କ ରମ୍ୟରଚନାର ଜଣେ ଚରିତ୍ର ବୁଢ଼ାବାବୁଙ୍କ ଉଦ୍ଦେଶ୍ୟରେ ଲେଖାହୋଇଥିବା ଭୁବନେଶ୍ୱର ବେହେରାଙ୍କ 'ବୁଢ଼ାବାବୁଙ୍କୁ ପଦେ' । ତେଣୁ ଅନୁମାନ ଏବଂ ପ୍ରତ୍ୟାଶା ମୁତାବକ ମେନ୍ କୋର୍ସ ମଧ୍ୟ ସ୍ୱାଦିଷ୍ଟ ହୁଏ ଏବଂ ବିରାଜବାବୁ ଦେଇଥିବା ପ୍ରାୟ ଅଧଡ଼ଜନେ ଗଳ୍ପ ସଂକଳନ ମଧ୍ୟରୁ ପ୍ରଥମ ଭାଗରେ ପ୍ରକାଶିତ ସଂକଳନ 'ଗୋଟାଏ ଆଳୁ' କୁ ପଢ଼ି ମୁଁ ବାନ୍ଧି ହୋଇ ରହିଯାଏ । ଏହି ବନ୍ଧନ ଭିତରୁ କିଛି ସମୟପାଇଁ ନିଜକୁ ମୁକୁଳାଇ ବସନ୍ତ ଶତପଥୀଙ୍କ ଗଳ୍ପର ବାନ୍ଧିରଖିବା ଗୁଣ ବିଷୟରେ କିଛି କହିବାପାଇଁ ଚାହୁଁଛି ସେହି 'ଗୋଟାଏ ଆଳୁ'କୁ ଆଧାର କରି । ବର୍ତ୍ତମାନ କୁଞ୍ଜ ରାଏଙ୍କ ମନ୍ତବ୍ୟ- 'ବସନ୍ତ ଶତପଥୀଙ୍କୁ ଛାଡ଼ି ବାଟ ନାହିଁ'- ପାଖକୁ ଫେରିଆସିବି । ମୋ ପାଇଁ ଏହି ଉକ୍ତିଟିର ତାତ୍ପର୍ଯ୍ୟ ଏହିପରି : କ୍ଷୁଦ୍ରଗଳ୍ପର ମୂଳ ବିଶେଷଣକୁ ଧରି ବ୍ୟାଖ୍ୟା କଲେ, କ୍ଷୁଦ୍ରତାକୁ ପ୍ରତିନିଧିତ୍ୱ କରୁଥିବା ବସନ୍ତ ଶତପଥୀଙ୍କ ଗଳ୍ପକଳା ଯେ ଯଥାର୍ଥରେ କ୍ଷୁଦ୍ରଗଳ୍ପର ପଦବାଚ୍ୟ- ଏକଥା ନିଃସନ୍ଦେହରେ କୁହାଯାଇପାରେ । କିନ୍ତୁ ଏ କ୍ଷୁଦ୍ରତାର ସଂଜ୍ଞା କ'ଣ ? ଗତାନୁଗତିକ ଭାବରେ ବୁଝିଲେ କ୍ଷୁଦ୍ରତାର ଅର୍ଥ ନ୍ୟୂନତା ବା ସାମାଜିକ ଏବଂ ମାନସିକ ସଂକୀର୍ଣ୍ଣତା । କିନ୍ତୁ ବସନ୍ତ ଶତପଥୀଙ୍କ ଗଳ୍ପଗୁଡ଼ିକର ତଥା ତାଙ୍କ ଗଳ୍ପକଳାର ଆଧାରରେ ବୁଝିଲେ, କ୍ଷୁଦ୍ରତା ସାମାଜିକ ସାମ୍ୟ ଏବଂ ନ୍ୟାୟର ଏକ ପରିଭାଷା । ଶ୍ରୀ ଶତପଥୀଙ୍କ ଗଳ୍ପଗୁଡ଼ିକରେ ଯେଉଁ କ୍ଷୁଦ୍ରତ୍ୱର ଅବତାରଣା କରାଯାଇଛି ତାହା ସାମାଜିକ ବୈଷମ୍ୟ ବିରୋଧରେ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ ଏବଂ ଉପେକ୍ଷିତ ଓ ଅବାଞ୍ଛିତ ହେଇ ପଡ଼ିଥିବା ଛୋଟ



Digitized by PPRACHIN, SOA

ମଣିଷ, ଛୋଟ ଜାଗା, ଛୋଟ ବସ୍ତୁ ତଥା ଏକ ଛୋଟ ଦୁନିଆର ଜୟଗାନ । ଅର୍ଥାତ୍ ତାଙ୍କ ପାଇଁ Small is beautiful ।

ଶତପଥୀ ସେ କାଳର ପରିଭାଷା ବ୍ୟବହାର କରି ତାଙ୍କ ଗାଳ୍ପିକ ଆଦର୍ଶକୁ 'ଏଣ୍ଟିରୋମାଣ୍ଟିକ୍' ବୋଲି କହିଥିଲେ । ଏ କାଳର ପରିଭାଷାରେ ଏହାକୁ କ୍ଷୁଦ୍ର ପରମ୍ପରା (Little tradition) ବା ଦେଶି ପରମ୍ପରା (Country tradition) ବୋଲି କୁହାଯାଇପାରିବ । ବୃହତ୍ ପରମ୍ପରା (Great tradition) ବା ମାର୍ଗ ପରମ୍ପରା (Grand tradition) ଠାରୁ ଏହି କ୍ଷୁଦ୍ର ପରମ୍ପରା ଖାଲି ଭିନ୍ନ ନୁହେଁ, ଏହା ବୃହତ୍ୱର ବିପରୀତପନ୍ଥୀ ମଧ୍ୟ । ନିଜେ ଶତପଥୀ 'ଗୋଟାଏ ଆଳୁ'ର ମୁଖବନ୍ଧ ଆଳରେ ଯେଉଁ ପଦେ କହିଛନ୍ତି ତାହାର ମର୍ମବାଣୀ ହେଉଛି କ୍ଷୁଦ୍ରତ୍ୱର ଭିନ୍ନତା ଏବଂ ନିଜସ୍ୱ ବ୍ୟକ୍ତିସତ୍ତା । ଖାଲି ସେତିକି ନୁହେଁ । ବୃହତ୍ ବିରୋଧରେ ସ୍ୱର ଉତ୍ତୋଳନ ମଧ୍ୟ ଏହି ମୁଖବନ୍ଧର ଅନ୍ୟ ଏକ ଉଦ୍ଦେଶ୍ୟ ।

ଶ୍ରୀ ଶତପଥୀଙ୍କ ଗଳ୍ପାଦର୍ଶରେ ଏହି କ୍ଷୁଦ୍ର-ବୃହତ୍ ଦ୍ୱନ୍ଦ୍ୱକୁ ବୁଝିବାକୁ ହେଲେ ଆମକୁ ଉପକୂଳବର୍ତ୍ତୀ ଓଡ଼ିଶା ଓ ଉପାନ୍ତବର୍ତ୍ତୀ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ଭିତରେ ଥିବା ବୈଷମ୍ୟ ଏବଂ ଅସମାନତାକୁ ବୁଝିବାକୁ ପଡ଼ିବ । ଏହାକୁ ଅବଶ୍ୟ ଶତପଥୀଙ୍କ ତାଙ୍କ ମୁଖବନ୍ଧରେ ''ରୋମାଣ୍ଟିକ୍'' ଏବଂ 'ଏଣ୍ଟିରୋମାଣ୍ଟିକ୍' ଚିନ୍ତାଧାରାର ଦ୍ୱନ୍ଦ୍ୱ ହିସାବରେ ଦେଖାଇଛନ୍ତି । କିନ୍ତୁ ଏହି ଚିନ୍ତାଧାରାର ବାହକମାନଙ୍କର ଆତ୍ମପରିଚିତ ଏବଂ ସାମାଜିକ ଅବସ୍ଥିତିକୁ ବିଚାରକୁ ନେଲେ ସ୍ପଷ୍ଟ ବୁଝାପଡ଼ିଯିବ ଯେ, ଶ୍ରୀ ଶତପଥୀ ଉପକୂଳବର୍ତ୍ତୀ ଓଡ଼ିଶା ଏବଂ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକର ଅସମାନ କ୍ଷମତା ସମ୍ପର୍କ ବିଷୟରେ ହିଁ ସୂଚାଇଛନ୍ତି । ବିଶ୍ୱସ୍ତସୂତ୍ରରୁ ମୁଁ ଜାଣିବାକୁ ପାଇଛି ଯେ, ନାମିତ ନହୋଇଥିବା ଏହି 'ରୋମାଣ୍ଟିକ୍' ସାହିତ୍ୟଧାରାର ପ୍ରତିନିଧି ହେଉଛନ୍ତି ଶ୍ରୀ ରାଜକିଶୋର ରାୟ । କହିବା ବାହୁଲ୍ୟ ଯେ 'ଏଣ୍ଟିରୋମାଣ୍ଟିକ୍' ସାହିତ୍ୟ ଧାରା ମୟୂରଭଂଜ ଏବଂ ବାଲେଶ୍ୱର ଭଳି ଉପାନ୍ତବର୍ତ୍ତୀ ଅଞ୍ଚଳମାନଙ୍କର ଆତ୍ମପରିଚିତି ସହିତ ନିବିଡ଼ ଭାବରେ ସଂଶ୍ଳିଷ୍ଟ । ତେଣୁ ମୋ ମତରେ ଶତପଥୀଙ୍କ ଗଳ୍ପର ମୁଖ୍ୟ ଉପଜୀବ୍ୟ ତଥା ଅନୁପ୍ରେରଣା ହେଉଛି ଏହି ଉପାନ୍ତବର୍ତ୍ତୀ ଚେତନା, ଏହି ଉପାନ୍ତବର୍ତ୍ତୀ ଇଲାକାର ଭାଷା, ଭାବ, ବର୍ଣ୍ଣବୈଭବ ଏବଂ ରୂପଚର୍ଯ୍ୟାର ବୟାନ । ଶତପଥୀଙ୍କ ଭାଷାରେ କହିଲେ, ''ମୋର ଗଳ୍ପର ନାଆଁ ହେଲା ଚାଉଳ, କାଠ, ମାଛ, ମାଂସ, ବରା, ଗୁଲୁଗୁଲା, ଚା' ଏମିତି କେତେ କଣ ନିତିଦିନିଆ ବ୍ୟବହାର୍ଯ୍ୟ ସୁଲଭ ପଦାର୍ଥ । କୁକୁଡ଼ା, ଘରଚଟିଆ, କୁତ୍ତୀ, ଘୁଷୁରି ଆମ ଚାରିପଟେ ଘେରି ରହିଥିବା ଜୀବଜନ୍ତୁଙ୍କୁ ମଣିଷଠାରୁ ବଡ଼ ବୋଲି ଭାବେ । ମୋର ବିଶ୍ୱାସ, ମୋଡ଼ ବୁଲିଲେ ଗପଟିଏ, ଶୂନ୍ୟରୁ ବି ସଂଖ୍ୟା ସଂଗ୍ରହ କରିହବ ଖାଲି ବାଁଆ ପଟେ ଏକ ଦୁଇ ବସାଇ ଚାଲିଲେ ।'' (ପୃ. ଚ)

ଏଭଳି ଗଳ୍ପ ସତତଃ ଅନୁଭୂତି ସିଦ୍ଧ । ତେଣୁ 'ମୁଁ' ଏହି ଗଳ୍ପଗୁଡ଼ିକର ପ୍ରଟାଗୋନିଷ୍ଟ । ଅବଶ୍ୟ ଏହି 'ମୁଁ' ଲେଖକ ନିଜେ ନହେଲେ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱର ଏକ ପରିବର୍ଦ୍ଧିତ ରୂପ । 'ଗୋଟାଏ ଆଳୁ'ରେ ସ୍ଥାନିତ ଗଳ୍ପଗୁଡ଼ିକରେ ଲେଖକଙ୍କ ବ୍ୟକ୍ତିଗତ ଅନୁଭୂତି ଏବଂ ଅଭିଜ୍ଞତା କେତେବେଳେ ବ୍ୟକ୍ତିଗତ ସର୍ବନାମ 'ମୁଁ' ଜରିଆରେ ଫୁଟି ଉଠିଛି ତ କେତେବେଳେ ସରୋଜ ('ହୀରାକୁଦ କରେଣ୍ଟ୍'), ମହେଶ୍ୱର ('ଭଡ଼ାଟିଆ') ଭଳି ନାମବାଚକ ବିଶେଷ୍ୟମାନଙ୍କ ଜରିଆରେ ଫୁଟିଉଠିଛି । ଅନ୍ୟଗଳ୍ପଗୁଡ଼ିକରେ- ବିଶେଷକରି 'ଏଣ୍ଟିରୋମାଣ୍ଟିକ୍'ରେ ଯେଉଁଠାରେ ଅନ୍ଧପ୍ରାଣୀ ଭଳି ନାମହୀନ ମାନୁଷୀ ପ୍ରଟାଗୋନିଷ୍ଟ୍ ଅଛନ୍ତି- ଲେଖକ ଦୁନିଆକୁ ନିରୀକ୍ଷଣ



Digitized by PPRACHIN, SOA

କରିଛନ୍ତି କ୍ଷୁଦ୍ରତାର ଯବକାଚ ଦେଇ ଏବଂ ଦେଖୁଥିବା ଚିଜକୁ ତଉଲିଛନ୍ତି ମାନବବାଦୀ ଦୃଷ୍ଟିକୋଣର ମାପକାଠିରେ । ଏହି ଧାରାର ଆଉ ଏକ ବଳିଷ୍ଠ ଗଳ୍ପ ହେଉଛି 'ଚାଉଳ' ଯାହା ତାଙ୍କର ଅନ୍ୟ ଏକ ସଂକଳନ 'ଗଙ୍ଗା ଓ ଗାଙ୍ଗୀ'ରେ ସ୍ଥାନିତ ।

ଅବହେଳିତ ଜାତି, ସମ୍ପ୍ରଦାୟ ଏବଂ ସ୍ଥାନକୁ ପ୍ରତିଷ୍ଠିତ କରିବା ବା ସାମାଜିକ ସ୍ୱୀକୃତି ପ୍ରଦାନକରିବା ଶତପଥୀଙ୍କ କ୍ଷୁଦ୍ରଗଳ୍ପର ବୈଶିଷ୍ଟ୍ୟ । ଆଇରିସ୍ କ୍ଷୁଦ୍ରଗଳ୍ପ ରଚୟିତା ଫ୍ରାଙ୍କ ଅକେନରଙ୍କ ଉକ୍ତି ଶତପଥୀଙ୍କ ଗଳ୍ପପ୍ରତି ପ୍ରଯୁଜ୍ୟ- କ୍ଷୁଦ୍ରଗଳ୍ପ ଏକ ମାଧ୍ୟମ ଯାହାଦ୍ୱାରା ଏକ ନିଷ୍ପେସିତ ସମ୍ପ୍ରଦାୟ ଶାସକ ସମ୍ପ୍ରଦାୟକୁ ପ୍ରତ୍ୟୁତ୍ତର ଦେଇଥାଏ । (Short stories are a means for a submerged community to address a dominating community.) ଏହି ଲକ୍ଷ୍ୟ ନେଇ ଶତପଥୀ କ୍ଷୁଦ୍ରଗଳ୍ପ ଆଡ଼କୁ ପରିଣତ ବୟସରେ ମୁହାଁଇଥିଲେ । ଆତ୍ମପରିଚିତି ସମ୍ପର୍କରେ କ୍ରମଶଃ ସଚେତନ ହେଉଥିବା ଯେକୌଣସି ଲେଖକପରି ସେ ମଧ୍ୟ ଗୋଟେ ଗାଳ୍ପିକ ଆଇକନ୍ ଖୋଜୁଥିଲେ ଏବଂ ଉପାନ୍ତବର୍ତ୍ତୀ ଇଲାକାର ଜଣେ ପ୍ରତିନିଧି ସ୍ଥାନୀୟ ତାଙ୍କର ପୂର୍ବସୁରୀ, ଫକୀରମୋହନ ସେନାପତିଙ୍କୁ ଆଇକନ୍ ହିସାବରେ ବାଛି ନେଇଥିଲେ ।

ଆଜିର ଉତ୍ତର ଉପନିବେଶବାଦୀ ସାହିତ୍ୟ ଜଗତରେ 'ସ୍ଥାନୀୟ ସାଂସ୍କୃତିକ ମୌଳିକତା' ଏକ ଗୁରୁତ୍ୱପୂର୍ଣ୍ଣ ଶବ୍ଦ ବା ବାକ୍ୟାଂଶ ହୋଇ ଆମ ଆଗରେ ଉପସ୍ଥିତ । କିନ୍ତୁ କ୍ଷମତା ରାଜନୀତି ଦ୍ୱାରା ନିୟନ୍ତ୍ରିତ ସମାଲୋଚନା ସାହିତ୍ୟ ଉତ୍ତର ଉପନିବେଶବାଦର ଏକ ସଂକୀର୍ଣ୍ଣ ଅର୍ଥ ବାହାର କରିଥିବାରୁ ଏହି ବାକ୍ୟାଂଶ ଦ୍ୱାରା ସୂଚିତ ମୂଲ୍ୟବୋଧକୁ କେବଳ ଡାୟାସ୍ପୋରାନ୍ ସାହିତ୍ୟରେ ଖୋଜିବାକୁ ଆମେ ବାଧ୍ୟ ହେଉଛୁ । ଏଠାରେ ମାଇକେଲ୍ ଅଣ୍ଡାଚୀଙ୍କ 'ଅନିଲସ୍ ଘୋଷ୍ଟ' ଉପନ୍ୟାସଟି ଉଲ୍ଲେଖ କରିବା ଉଚିତ ହେବ । ଏହାର ନାୟକ (ବା ନାୟିକା) ଅନିଲ୍ ଡିସେରା ବିଦେଶରେ ଦୀର୍ଘଦିନ ରହିଥିବା ଜଣେ ସିଂହଳୀୟ ଅର୍ଥାତ୍ ଜଣେ ଡାୟାସ୍ପୋରାନ୍ । ଉପନ୍ୟାସଟି ଅନିଲ୍‌ର ସ୍ଥାନୀୟ ଚେତନା ଏବଂ ଆତ୍ମପରିଚିତିର ଅଭ୍ୟୁଦୟ ସମ୍ପର୍କରେ । କିନ୍ତୁ ବିଦେଶୀ ସଂସ୍କୃତିର ପ୍ରଭାବ ଫଳରେ ଏବଂ ସ୍ୱଦେଶର ପାଣିପାଗ ଓ ଆବହାଓ୍ୱା ସହିତ ବହୁ ଦିନ ଧରି ସମ୍ପର୍କ ଛିନ୍ନ ହେବାଫଳରେ ଅନିଲ୍‌ର ଦୃଷ୍ଟିଭଙ୍ଗୀ ଏକ ବ୍ୟଙ୍ଗାତ୍ମକ ଅନାସକ୍ତି (Ironic detachment)ର ରୂପ ନେଇଛି । ଉପନ୍ୟାସର ଅନ୍ୟତମ ଚରିତ୍ର ସିଂହଳୀ, ପ୍ରତ୍ନତତ୍ତ୍ୱବିଦ୍ ପାଲିପାନା ପାଇଁ କିନ୍ତୁ ଏହି ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣର ଆବଶ୍ୟକତା ନାହିଁ, କାରଣ ସେ ସ୍ଥାନୀୟ ଚେତନାର ବାହକ । ଉପନ୍ୟାସକାରଙ୍କ ଭାଷାରେ, "While the west saw Asian history as a faint horizon where Europe joined the East, Palipana saw his country in fathoms and colour and Europe simply is a landmass on the end of the peninsula of Asia" (Anils Ghost, p-79) ମୋର କହିବା କଥା ଏହି ଯେ ପାଲିପାନା ବିଷୟରେ ଯାହା କୁହାଯାଇଛି, ଶତପଥୀ ତାହା ନିଜେ କହିଛନ୍ତି । ତେଣୁ ତାଙ୍କ ଗଳ୍ପ ସ୍ଥାନୀୟ ଚେତନାର ମୁଖ୍ୟସ୍ରୋତରୁ ଓଟାରିଆଣି ଆଲୋକରେ ଉଦ୍‌ଭାସିତ । ଉତ୍ତର ଉପନିବେଶବାଦର ପରିସରକୁ ଉପାନ୍ତଯାଏଁ ମୁଖ୍ୟ ସ୍ରୋତରେ ସମ୍ପ୍ରସାରିତ କରିବାପାଇଁ ତାଙ୍କର ଗଳ୍ପ ଏକ ବଳିଷ୍ଠ ଆହ୍ୱାନ ।

❑



Digitized by PPRACHIN, SOA

# ଜୀବନବାଦୀ କଥାକାର ବସନ୍ତ ଶତପଥୀ

**ବିରାଜ ମୋହନ ଦାସ**

'ମରା', 'ମରା'ରୁ 'ରାମ', 'ରାମ'କୁ ଉତ୍ତରଣରେ ଯେଉଁ ସିଦ୍ଧି ପ୍ରାପ୍ତିର ଜ୍ଞାନ ଲାଭର ସନ୍ଦେଶ ଉଦ୍‌ଘୋଷିତ ତାହା ହେଉଛି କାବ୍ୟିକ ଆବେଗର ଆଦ୍ୟ ଓଁକାର ଧ୍ୱନି । ତାହାହିଁ ସନ୍ଧାନ ଦେଇଛି ମନଷାର ଏକ ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶର । ସ୍ୱତଃସ୍ଫୂର୍ତ୍ତ ଭାବରେ ଉଚ୍ଚାରିତ, ସେହି ଶ୍ଳୋକ ପ୍ରଥମ କାବ୍ୟ, ସୃଜନଶୀଳ ସ୍ରଷ୍ଟାମାନସର ଆଦ୍ୟସୃଷ୍ଟି ଭାବରେ ସ୍ୱୀକୃତ । ଗଳ୍ପ ସାହିତ୍ୟ ଜରିଆରେ ସେହି 'ମରା', 'ମରା'ରୁ 'ରାମ', 'ରାମ'କୁ ଯିବା ଧ୍ୟେୟ ହୋଇଛି ତାଙ୍କର, କଥାକାର ବସନ୍ତ ଶତପଥୀଙ୍କର । (ମୁଖବନ୍ଧ, ଗଳ୍ପ ସଂକଳନ, ଗୋଟାଏ ଆଳୁ) ହାସ୍ୟରସରେ ଭରପୂର ତାଙ୍କ ଗଳ୍ପ, ରମ୍ୟରଚନା, ପାଠକ ମନକୁ ଗଭୀର ଭାବରେ ଆଲୋଡ଼ିତ କରେ । ତାଙ୍କ ସାହିତ୍ୟ ସୃଷ୍ଟିର ମୂଳଉତ୍ସ ପୁଣି ଆଦ୍ୟଶ୍ଳୋକ ଯେଉଁ 'ଶୋକ'ରୁ ଜାତ ହୋଇଥିଲା ସେହି 'ଶୋକ' ସମ୍ଭୂତ । ସେଇଥିପାଇଁ ବୋଧହୁଏ ତାଙ୍କର ହାସ୍ୟରସ ଏତେ ହୃଦୟସ୍ପର୍ଶୀ । ହାସ୍ୟରସଭରା ତାଙ୍କ ଗଳ୍ପଗୁଡ଼ିକର ଭିତ୍ତି ବା ପରିଣତି କରୁଣ ରସାପ୍ଲୁତ ହୋଇଥିବାରୁ, ଗଭୀର ଜୀବନାନୁଭୂତିର ଅନୁଶୀଳନ ସମ୍ବଳିତ ହୋଇଥିବାରୁ ପାଠକକୁ ଖୁବ୍ ଛୁଇଁପାରେ, ବେଶ୍ ଆବିଷ୍ଟ କରି ରଖିପାରେ । ଉତ୍ତର ପଚାଶରେ ସେ ଗଳ୍ପ ଲେଖିବାକୁ ଆରମ୍ଭ କରିଛନ୍ତି ଯଦିଓ ସେଥିପାଇଁ ରହିଥିଲା ଏକ ସୁଦୀର୍ଘ ପୂର୍ବ ପ୍ରସ୍ତୁତି ।

ପ୍ରଥମେ ନବମ ଶ୍ରେଣୀରେ ପଢୁଥିବା ବେଳେ ବାରିପଦାର ଫ୍ରେଜାର ହଷ୍ଟେଲର ହାତଲେଖା ପତ୍ରିକା 'ଜାଗରଣ'ରୁ ଆରମ୍ଭ ହୋଇଛି ଲେଖାଲେଖି । ପରେ ସେ ସମ୍ପାଦନା କରିଛନ୍ତି 'ଭଞ୍ଜପ୍ରଦୀପ' ଓ 'Mayurbhanj Chronicle' । ସେହି 'ଭଞ୍ଜପ୍ରଦୀପ'ରେ ପ୍ରକାଶ ପାଇଛି ତାଙ୍କର ପ୍ରଥମ ଗଳ୍ପ 'ଛାୟା ଓ କାୟା' ୧୯୪୨ ମସିହାରେ । ସେତିକିବେଳେ ଫକୀରମୋହନଙ୍କ ଉପରେ ଏକ ଅସମ୍ପୂର୍ଣ୍ଣ ଆଲୋଚନା ମଧ୍ୟ ସ୍ଥାନିତ ହୋଇଥିଲା 'ଭଞ୍ଜପ୍ରଦୀପ'ରେ । 'ଗଜଡ଼ଧପ' ନାମକ ଏକ ନାଟକ ଲେଖି ଓ ସେଥିରେ ଅଭିନୟ କରି ସେ ପ୍ରଭାବିତ କରି ପାରିଥିଲେ ତତ୍କାଳୀନ ମୟୂରଭଞ୍ଜର ମହାରାଜାଙ୍କୁ । ତା'ପରେ ବିଂଶ ଶତାବ୍ଦୀର ନଅଟି ଶ୍ରେଷ୍ଠ ଇଂରାଜୀ ଏକାଙ୍କିକାର କରିଛନ୍ତି ମୁକ୍ତ ଅନୁବାଦ । ଏମିତିକା ସାମୟିକ ସାହିତ୍ୟ ସୃଷ୍ଟିରେ ନିଜକୁ ନିୟୋଜିତ କରିଥିଲେ ମଧ୍ୟ ତାଙ୍କୁ କଥାକାରର ପ୍ରତିଷ୍ଠା ଯେଉଁ ସବୁ ଗଳ୍ପ ଓ ରମ୍ୟରଚନା ଆଣିଦେଲା ସେସବୁ ସୃଷ୍ଟିର ଆରମ୍ଭ ହେଲା ଉତ୍ତର ପଚାଶରେ ଲିଖିତ 'କାଣିଚିଆଁ' ଗଳ୍ପଠାରୁ । ଯେଉଁ ଅନନ୍ୟଧାରାର ପ୍ରବର୍ତ୍ତନ କରିଥିଲେ ଫକୀରମୋହନ, ପ୍ରହରାଜ, ଲ୍ୟାମ୍ବ, ଡିକେନ୍‌ସ, ସେହି ମାର୍ଗର ଅନୁବର୍ତ୍ତୀ ହୋଇ କାଳିଦାସ, ଉପେନ୍ଦ୍ରଭଞ୍ଜଙ୍କଠାରୁ ଆରମ୍ଭ କରି ମାନସିଂଙ୍କ ପର୍ଯ୍ୟନ୍ତ କାବ୍ୟଧାରାକୁ ଅନୁଶୀଳନ କରି ସେ ତାଙ୍କ ଜୀବନର ଶେଷ କାଳ



Digitized by PPRACHIN, SOA

ପର୍ଯ୍ୟନ୍ତ ସୃଜନ କର୍ମରେ ନିୟୋଜିତ ଥିଲେ । ପୂଜାସଂଖ୍ୟା (୧୯୯୩-ଅକ୍ଟୋବର) 'ସମାବେଶ'ରେ ସ୍ଥାନିତ 'ଶୁଭବିବାହ' ରମ୍ୟରଚନା (ତାଙ୍କ ଜୀବନ କାଳ ମଧ୍ୟରେ ପତ୍ରିକାରେ ମୁଦ୍ରିତ ଶେଷ ଲେଖା) ଯାହା ତାଙ୍କ ଆତ୍ମଜୀବନୀ 'ମନେପଡ଼େ'ର କିୟଦଂଶ ତାହା ପଢ଼ିଥିବା କେଉଁ ପାଠକ ଉପଲବ୍ଧି କରିଥିଲା ଏହା ଅଶୀତିପର ଜଣେ କଥାକାରଙ୍କ ସୃଷ୍ଟି ବୋଲି । ତା'ଛଡ଼ା ଦ୍ୱିତୀୟ ଗଳ୍ପ 'କାଣିଚିଆଁ'ଠାରୁ ଯେଉଁ ଗଳ୍ପ ସବୁ ସୃଷ୍ଟି ହେଲା ସେଗୁଡ଼ିକ ଜଣେ ନିପୁଣ କଥାଶିଳ୍ପୀଙ୍କ ସୃଷ୍ଟି ଭାବରେ ସାବ୍ୟସ୍ତ ହୋଇଥାଏ । ସ୍ରଷ୍ଟାମାନଙ୍କ ପ୍ରାରମ୍ଭିକ ପର୍ଯ୍ୟାୟର ଗଳ୍ପରେ ପରିଲକ୍ଷିତ ଦୋଷ ଦୁର୍ବଳତାର କାଣିଚାଏ ଏଗୁଡ଼ିକରେ ପରିଦୃଷ୍ଟ ହୁଏ ନାହିଁ ।

ଏକ ଭିନ୍ନ ଧାରାର ପ୍ରବର୍ତ୍ତକ ଥିଲେ ସେ । ତାଙ୍କ ଲେଖା ପଢ଼ିଲେ ପାଠକ ଆପେ ଆପେ ହସେ, କେହି କୁତୁକୁତୁ କରି ହସାଉଥିବାର ଉପଲବ୍ଧି ହୁଏ ନାହିଁ । କିନ୍ତୁ ବାରି ହୋଇ ପଡ଼େ ସେହି ହାସ୍ୟରସ ଭିତରେ ଗଭୀର ବେଦନାବୋଧ, ଯାହା ଗଳ୍ପକୁ, ରମ୍ୟରଚନାକୁ ଅଧିକ ଭାବଦ୍ୟୋତକ କରେ । ତାଙ୍କ ଗଳ୍ପ ପଢ଼ି ଫକୀରମୋହନଙ୍କ ପରେ ଆମ କଥା ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କର ବ୍ଲଡ୍‌ପ୍ରେସର୍ କମିଯାଏ । ସେ ବଧାଇ ଜଣାନ୍ତି । (ସୁରେନ୍ଦ୍ର ମହାନ୍ତିଙ୍କ ଚିଠି କଥାକାରଙ୍କ ଅଶିତମ ଜୟନ୍ତୀ ଅବସରରେ ପ୍ରକାଶିତ 'ସ୍ମରଣିକା'ରେ ସ୍ଥାନିତ) ତେବେ ସେହି ଗଳ୍ପଗୁଡ଼ିକର, ରମ୍ୟରଚନା ସବୁର ନାୟକ ପ୍ରାୟ ସେ ନିଜେ । ତାଙ୍କ ସମେତ ତାଙ୍କ ଚତୁର୍ଦ୍ଦିଗରେ ଘୂରି ବୁଲୁଥିବା ସମାଜର ସବୁଶ୍ରେଣୀର ମଣିଷଙ୍କ ଜୀବନଚର୍ଯ୍ୟା ଏବଂ ଘଟଣା ସମୂହ ଏଥିରେ ପରିଦୃଷ୍ଟ । କୁଆ, ନେଉଳ, କୁଞ୍ଚି, କୁକୁର ଆଦି ଜୀବଜନ୍ତୁ ପୁରି, ଆଳୁ, ଅଙ୍ଗୁର, ଚା', ଚାଉଳ, ପାନିଆ, କାଠ, ଫୁଲଆଦି ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ହୋଇଛି ତାଙ୍କ ଗଳ୍ପର ଆଧାର । ଗଭୀର ଜୀବନାନୁଭୂତି ଏବଂ ନାଟକୀୟତାର ସ୍ପର୍ଶରେ ଏସବୁ ସାଜିଛନ୍ତି ରସ ପରିବେଷଣର ମାଧ୍ୟମ । 'ମରା', 'ମରା'ରୁ 'ରାମ' 'ରାମ'କୁ ଗଳ୍ପ ମାଧ୍ୟମରେ ଯିବାର ଯେଉଁ ଲକ୍ଷ୍ୟ ସେ ରଖିଥିଲେ ତାହା ସିଦ୍ଧି ବିମଣ୍ଡିତ ହୋଇଛି । ତା' ହୋଇ ନଥିଲେ- ମାଦଳ କୁଷ୍ଠରୋଗୀ ଓ ଅନ୍ଧୁଣୀଙ୍କୁ ତୋରାମଳୟର ସ୍ପର୍ଶ କଣ ଜୀବନର ନୂତନ ସ୍ୱାଦ ଚଖାଇବାକୁ କ୍ଷମ ହୋଇଥାନ୍ତା । ପୁଣି ଆଉ କେଉଁଠି ସେ ଦୁହିଁଙ୍କୁ ଦିବ୍ୟସତ୍ତାରେ ରୂପାନ୍ତରିତ କରାଯାଇପାରିଥାନ୍ତା ! ପୁଣି ସେହି ବଜାରିଆ ଷଣ୍ଢଟା ପାଇଁ ପାଠକଙ୍କ ଆଖିରେ ଲୁହ ଜକେଇ ଆସନ୍ତା ! ଅରୂପରେ ରୂପ ସଞ୍ଚାର କରିପାରିବାର ଅନନ୍ୟ ପ୍ରତିଭା ତାଙ୍କର ଥିଲା । 'ଛ ମାଣ ଆଠଗୁଣ୍ଠ'ର ସେଇ ଖଳ ନାୟିକା 'ଚମ୍ପା'କୁ ନାୟିକାର ସ୍ଥାନ ଦେଇ ତାହାରି ନାଁରେ ନାଟ୍ୟ ରୂପକୁ ନାମିତ କରିବାର ଦୁଃସାହସ କେବଳ ସିଏ ହିଁ କରିପାରନ୍ତି । 'ଧୂଳିଆବାବା'କୁ 'Dusty Fakir' ନାମକରଣ କରିବାର ସାମର୍ଥ୍ୟ ମଧ୍ୟ ତାଙ୍କର ଥିଲା । କାରଣ ସେ ଥିଲେ ସେନାପତି ସାହିତ୍ୟର ଅବଗାହୀ । ତାଙ୍କ ସାହିତ୍ୟର ଅକୁଣ୍ଠ ପ୍ରଶଂସକ ଏବଂ ଗବେଷକ କହିଥିଲେ ''ମୋ ଜୀବନର ଶେଷ ମୁହୂର୍ତ୍ତରେ ଗୀତାର ଶ୍ଲୋକ ନୁହେଁ ଫକୀରମୋହନଙ୍କ ସାହିତ୍ୟର ଯେକୌଣସି ଅଂଶ ବା ଚରିତ୍ରର ନାମୋଚ୍ଚାରଣ ମୋ କର୍ଣ୍ଣ କୁହରରେ ଅନୁରଣିତ ହେଲେ ମୁଁ ସିଧା ସ୍ୱର୍ଗ ଲାଭ କରିବି ।'' (କଥାକାରଙ୍କ ଦ୍ୱାରା ଫକୀରମୋହନ ମହାବିଦ୍ୟାଳୟଠାରେ ୧୯୯୨ ମସିହାରେ ଫକୀରମୋହନଙ୍କ ୧୫୦ତମ



Digitized by PPRACHIN, SOA

ଜୟନ୍ତୀ ଅବସରରେ ପ୍ରଦତ୍ତ ଅଭିଭାଷଣରୁ) ତାଙ୍କ ମୁଖ ନିଃସୃତ ଏହି କଥା ପରିଚୟ ପ୍ରଦାନ କରିଥାଏ ତାଙ୍କ ସାହିତ୍ୟାଦର୍ଶର, ମାତୃଭାଷା ପ୍ରୀତିର ।

ବଳଙ୍ଗ ଓ ସୁବର୍ଣ୍ଣରେଖାର ମଧ୍ୟବର୍ତ୍ତୀ ଅଞ୍ଚଳରେ ମୟୂରଭଞ୍ଜର ସୀମାନ୍ତବର୍ତ୍ତୀ ଗାଁ ପାନ୍ଦଡ଼ା । ଅଦୂରରେ ଶିମିଳିପାଳ ପର୍ବତମାଳା । ଅପୂର୍ବ ପ୍ରାକୃତିକ ପରିବେଶରେ ଭରା ଏହି ଗାଁରେ ଜନ୍ମଗ୍ରହଣ କରିଥିଲେ ଶିଶୁ ବସନ୍ତ କୁମାର ୧୯୧୩ ମସିହା ଜୁନ୍ ମାସ ୨୬ ତାରିଖରେ । ସେହି ଅନାମଧେୟ ପଲ୍ଲୀରେ ଆଦ୍ୟ କୁଆଁରବ ଶୁଣାଇଥିବା ଶିଶୁଟି ଜଣେ ମେଧାବୀ ତଥା ଉଚ୍ଚକୋଟୀର ଖେଳାଳି ରୂପେ ନିଜ ପ୍ରତିଭାର ପରିଚୟ ପ୍ରଦାନ କଲା ଛାତ୍ରାବସ୍ଥାରେ । ମେଟ୍ରିକ୍ ପରୀକ୍ଷାରେ ସମଗ୍ର ପାଟନା ବିଶ୍ୱବିଦ୍ୟାଳୟର ପଞ୍ଚମସ୍ଥାନ ଏବଂ ଆଇ.ଏ. ପରୀକ୍ଷାରେ ସେହି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସ୍ଥାନ ଲାଭ କରିବା ସଙ୍ଗେସଙ୍ଗେ କୃତିତ୍ୱର ସହ ଇଂରାଜୀରେ ଅନର୍ସ ରଖି ବି.ଏ.ପାସ୍ କରିବା ପରେ ଇଂରାଜୀରେ ଏମ୍.ଏ. ଡିଗ୍ରୀ ହାସଲ କଲା ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ । ପୁଣି ସେ ଥିଲା ଜଣେ ଭଲ ଖେଳାଳି । ରେଭେନ୍ସା କଲେଜର ଭଲିବଲ୍ ଟିମ୍‌କୁ ଦୀର୍ଘ ଛଅବର୍ଷ ଧରି ନେତୃତ୍ୱ ନେଇଥିଲା ସେ, ତା'ର କ୍ୟାପ୍‌ଟେନ୍ ଭାବରେ । ଏଇଥିପାଇଁ ସେ ୧୯୩୭ରେ ଲାଭକଲା ଅଲରାଉଣ୍ଡର ସ୍କଲାର ପାଇଁ 'ରାଏ ବାହାଦୁର ଜାନକୀନାଥ' ପୁରସ୍କାର ।

ଶିକ୍ଷକତାରେ ଆରମ୍ଭ ହୋଇଥିଲା ତାଙ୍କର କର୍ମମୟ ଜୀବନ । ପରେ ସେ ମୟୂରଭଞ୍ଜ ସେକ୍ରେଟାରିଏଟ୍‌ରେ ଯୋଗ ଦେଲେ ଏବଂ ଏତିକିବେଳେ ସାମ୍ବାଦିକତାରେ ତାଲିମ ନେଇଥିଲେ କଲିକତାରୁ । Mayurbhanj Chronicle' ଓ 'ଭଞ୍ଜପ୍ରଦୀପ'ର ସମ୍ପାଦନା ଦାୟିତ୍ୱ ତୁଲାଇଲେ । ବିଭିନ୍ନ ପଦପଦବୀରେ ଏହି ସେକ୍ରେଟାରିଏଟ୍‌ରେ ସୂଚାରୁରୂପେ ଦାୟିତ୍ୱ ନିର୍ବାହ କରିବା ଅବସରରେ ନିଜ ରାଜନୈତିକ ବିଚକ୍ଷଣତାର ପରିଚୟ ସେ ପ୍ରଦାନ କରିଥିଲେ । ଓଡ଼ିଶା ସହ ଦେଶୀୟ ରାଜ୍ୟ, ମୟୂରଭଞ୍ଜର ମିଶ୍ରଣ ସଂପର୍କରେ ଯେତେବେଳେ କଥାବାର୍ତ୍ତା ଚାଲିଥିଲା ସେତେବେଳେ ସେ ମୟୂରଭଞ୍ଜର ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସାଙ୍ଗରେ ହୋଇଥିବା କଥାବାର୍ତ୍ତାରେ ଭାଗନେବାକୁ ଦିଲ୍ଲୀ ଯାଇଥିଲେ । ମୟୂରଭଞ୍ଜ ଓଡ଼ିଶାରେ ମିଶିଯିବା ପରେ ସେ ଯୋଗଦେଲେ ଲୋକ ସଂପର୍କ ବିଭାଗରେ ପି.ଏ.ଭାବରେ । ପରେ ସେ ଅଧ୍ୟାପକ ଭାବରେ ନିଯୁକ୍ତ ହେଲେ ଓଡ଼ିଶା ସରକାରଙ୍କ ଅଧୀନରେ । କର୍ମମୟ ଜୀବନର ଆରମ୍ଭରେ ଗ୍ରହଣ କରିଥିବା ଶିକ୍ଷକତା ବୃତ୍ତିକୁ ହେଲା ପୁନରାଗମନ । ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିବା ପରେ ମଧ୍ୟ ସେ ତାଙ୍କୁ ପଚସ୍ତରି ବର୍ଷ ହେବା ପର୍ଯ୍ୟନ୍ତ କେତୋଟି ବେସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ । ଫଳରେ ଦୀର୍ଘଦିନ ଧରି ନିରବଚ୍ଛିନ୍ନ ଭାବରେ ଶିକ୍ଷାଦାନ କରିଗଲେ ଓଡ଼ିଶାର ଅଗଣିତ ଜ୍ଞାନଲିପ୍ସୁ ଛାତ୍ରଛାତ୍ରୀଙ୍କୁ ।

ସବୁ ଠିକ୍‌ଠାକ୍ ଚାଲିଥିଲା । ବୃତ୍ତିର ଧାରାରେ ପରିବର୍ତ୍ତନ ଯୋଗୁଁ ଭିନ୍ନ ଭିନ୍ନ ଜୀବନଧାରା ସହିତ ପରିଚିତ ହେବାର, ସଂଶ୍ଳିଷ୍ଟ ହେବାର ସୁଯୋଗ ଜୀବନଯାତ୍ରାକୁ ଅନୁଭୂତିଭରା କରିବାରେ ସହାୟକ ହୋଇଥିଲା । କିନ୍ତୁ ଓଡ଼ିଶାର ସାରସ୍ୱତ କ୍ଷେତ୍ରକୁ ପ୍ରବେଶ କରିବାର ପଥ ଉନ୍ମୁକ୍ତ ହୋଇ ନଥିଲା । ୧୯୬୧ ମସିହାରେ ପତ୍ନୀ ବିୟୋଗ ତାଙ୍କ ଜୀବନକୁ ବିପର୍ଯ୍ୟସ୍ତ କରିଦେଲା । ବଜ୍ରାଘାତସମ ଏହି ଦୁଃଖ ତାଙ୍କୁ ପ୍ରାଣାନ୍ତକ ଯନ୍ତ୍ରଣାରେ ଅସ୍ଥିର କଲା । ପ୍ରାଣପ୍ରିୟା ପତ୍ନୀ ଅନ୍ନପୂର୍ଣ୍ଣା ଦେବୀ ଛାଡ଼ିଯାଇଥିଲେ ଆଠଟି ସନ୍ତାନସନ୍ତତି । ସେମାନଙ୍କୁ ଲାଳନପାଳନ



Digitized by PPRACHIN, SOA

କରିବା ଭିତରେ ଜୀବନର ସେହି ଅବିସ୍ମରଣୀୟ ଦୁଃଖକୁ ସମ୍ଭାଳି ପୁଣିଥରେ ସ୍ୱଚ୍ଛନ୍ଦ ଜୀବନଯାପନ ନିମିତ୍ତ ପ୍ରସ୍ତୁତ ହେଉଥିବାବେଳେ ଆଉ ଏକ ଦୁର୍ଘଟଣା ତାଙ୍କୁ ଭୂପତିତ କରାଇଲା । ମା' ଛେଉଣ୍ଡ ଅଳିଅଳ ସାନପୁଅ, ଯାହାକୁ ସେ ଉଭୟ ମା ଓ ବାପାର ସ୍ନେହ ଦେଇ ଦେଢ଼ବର୍ଷ ବେଳୁ ଦୀର୍ଘ ଛଅବର୍ଷଧରି ପାଳି ଆଣିଥିଲେ ସେଇ ସାନପୁଅ ମୁନ୍ନ, ଜଳବୁଡ଼ିରେ ଗଲା । ପାଗଳ ପ୍ରାୟ ହୋଇ ବୁଲିଲେ ସେ । ପତ୍ନୀ ଛାଡ଼ି ଯାଇଥିବା ଛୋଟ ପୁଅଟିର ଉପଯୁକ୍ତ ଯତ୍ନ ସେ ନେଇ ପାରିଲେ ନାହିଁ- ଏହି କ୍ଷୋଭ ତାଙ୍କୁ ଅହରହ ବିବ୍ରତ, ଅସ୍ତବ୍ୟସ୍ତ କଲା । ଠିକ୍ ଆମ ଗଦ୍ୟସାହିତ୍ୟର ଜନକ ଫକୀରମୋହନଙ୍କୁ ପୁତ୍ର ମନମୋହନର ଶୋକ ଓ ପତ୍ନୀ କୃଷ୍ଣାକୁମାରୀଙ୍କ ଶୋକ ମୂହ୍ୟମାନ କରିଥିବା ଭଳି ତାଙ୍କ ଜୀବନରେ ଆସିଲା ପତ୍ନୀଶୋକ ଓ ପୁତ୍ରଶୋକ । ବସନ୍ତ କୁମାରଙ୍କ ଜୀବନରେ ଆସିଥିବା ଏହି ଶୋକରୁ ହିଁ ତାଙ୍କ ସାହିତ୍ୟିକ ଜୀବନ ନବଜନ୍ମ ଲାଭ କଲା । ସଭା ସମିତିରେ ଦେଉଥିବା ଅଭିଭାଷଣରେ, ବନ୍ଧୁ ମହଲରେ ଗପସପ କରିବା ସମୟରେ ପରିଲକ୍ଷିତ ହେଉଥିବା ଗାଳ୍ପିକ ଛଟାକୁ ଲକ୍ଷ୍ୟକରି ବନ୍ଧୁ, ବିଶିଷ୍ଟ ସମାଲୋଚକ ଚିନ୍ତାମଣି ବେହେରା ପ୍ରବର୍ତ୍ତାଇଲେ ଲେଖାଲେଖି କରିବାକୁ । ଚିନ୍ତାମଣିବାବୁଙ୍କର ଉଦ୍ୟମ ସାର୍ଥକ ହେଲା । (ଚିନ୍ତାମଣି ବେହେରା ଶୁଆ ନିଜ ତୁଣ୍ଡରେ କହିବ, ଚିରବସନ୍ତ, ସଂ. ଡ. ବିରାଜ ମୋହନ ଦାସ) ରୂପନେଲା ଦ୍ୱିତୀୟପ୍ରସ୍ଥ ସାହିତ୍ୟିକ ଜୀବନର ପ୍ରଥମ ଗଳ୍ପ 'କାଣିଚିଆ' । ତାହାକୁ ପଢ଼ି 'ଝଙ୍କାର'ର ତତ୍କାଳୀନ ସଂପାଦକ ସତ୍ୟାନନ୍ଦ ଚମ୍ପତିରାୟ ଭୁଲିଗଲେ ତାଙ୍କର ହୋଇଥିବା ଅସ୍ତ୍ରୋପଚାରର ଯନ୍ତ୍ରଣା । ପରେ ପରେ ସୃଷ୍ଟି ହେଲା ଅନେକ ଗଳ୍ପ, ରମ୍ୟରଚନା, ତାଙ୍କର ନାଟକୀୟ ପ୍ରତିଭାର ସ୍ୱାକ୍ଷର ବହନ କରି, ଯାହା ତାଙ୍କୁ ପ୍ରତିଷ୍ଠା ଆଣିଦେଲା ଓଡ଼ିଶାର ସାରସ୍ୱତ କ୍ଷେତ୍ରରେ । ଅନୁଭୂତି ଓ ଅନୁଶୀଳନରେ ଭରା ଜୀବନକାହାଣୀ ଗୁନ୍ଥିତ ଗଳ୍ପଗୁଡ଼ିକୁ ପାଠକ ହୃଦୟକୁ ବେଶ୍ ସ୍ପର୍ଶ କରିପାରିଲା ।

କୃଷ୍ଣାକୁମାରୀଙ୍କ ବିୟୋଗରେ ଯେମିତି ବିଳପି ଉଠିଛି ବ୍ୟାସକବିଙ୍କ କବିପ୍ରାଣ, 'ଗାଉଥିବି ବସି ତୁମ୍ଭ ନାମ ଚିରକାଳ/ଗୁନ୍ଥୁଥିବି ନିଷ୍କଳଙ୍କ ପ୍ରୀତି ପୁଷ୍ପମାଳ' । (ଫକୀରମୋହନ ସେନାପତି, ଉତ୍ସର୍ଗପତ୍ର, ଉତ୍କଳ ଭ୍ରମଣଂ) ଠିକ୍ ସେମିତି ଅନ୍ନପୂର୍ଣ୍ଣା ଦେବୀଙ୍କ ମୃତ୍ୟୁରେ ହାହାକାର କରି ଉଠିଛି ବସନ୍ତ କୁମାରଙ୍କ ପ୍ରାଣ । ସେହି ବେଦନାବୋଧର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ 'ଗୋଟାଏ ଆଳୁ' ଗଳ୍ପ ସଙ୍କଳନରେ ପଙ୍କ୍ତି "ତୋ ନାମ ଗାଇ ତୁଣ୍ଡରେ ପ୍ରୀତିନାଗରା ବଜାଇ ଦାଣ୍ଡରେ /ଭିକ୍ଷାମାଗୁଛି ମୁଁ ବ୍ରହ୍ମାଣ୍ଡରେ, ସଜନୀଗୋ" ବହନ କରିଛି । (ମୁଖବନ୍ଧ, ଗୋଟାଏ ଆଳୁ) ଆଧୁନିକ ଶିକ୍ଷାପ୍ରାପ୍ତ ଜଣେ ପ୍ରତିଷ୍ଠିତ ବ୍ୟକ୍ତିର ପ୍ରେମାଦର୍ଶ ଓ ପ୍ରେମର ଗଭୀରତା ଏତେ ସ୍ପଷ୍ଟ ଭାବରେ ବ୍ୟକ୍ତ ହୋଇଥିବାର ନମୁନା ଅନ୍ୟତ୍ର ବିରଳ । ପ୍ରେମର ଯେଉଁ ଶାଶ୍ୱତ ମୂଲ୍ୟ ତାହାକୁ ସ୍ୱର୍ଗୀୟ ପ୍ରେମରେ ପରିଣତ କରେ ସେହି ଭାବର ସଞ୍ଚାର ବିନା ଏତାଦୃଶ ଅଭିବ୍ୟକ୍ତି ସମ୍ଭବ ନୁହେଁ ।

ଜୀବନର ଶେଷ ମୁହୂର୍ତ୍ତ ଉପଗତ ବୋଲି ସେ ଧରି ନେଇଥିଲେ ତାଙ୍କର ଗୋଟାଏ ଅପରେସନ୍‌ର ଅବ୍ୟବହିତ ପୂର୍ବରୁ । ସେତିକିବେଳେ ମଧ ନିଜକୁ ବ୍ୟଙ୍ଗ କରିବାର, ଉପହାସ କରିବାର ଯେଉଁ ସ୍ୱତନ୍ତ୍ର ଧାରାର ପ୍ରବର୍ତ୍ତକ ସେ, ତାହା ପରିଲକ୍ଷିତ ହୋଇଥାଏ । ଯେଉଁଥିପାଇଁ



Digitized by PPRACHIN, SOA

ଅପରେସନ୍‌ର ଆବଶ୍ୟକତା ରହିଥିଲା ସେଇ ରୋଗଟିର କାଳେ ଗୋଟିଏ କାବ୍ୟିକ ନାଆଁ । 'Land of midnight sun' ପରି ରୋଗର ନାଆଁ 'Disease of the midnight pain' ଜୀବନ ପ୍ରତି ମଣିଷର ଯେଉଁ ଆସକ୍ତି, ମୋହ ତାକୁ ଅନୁଭବିବା ସଙ୍ଗେସଙ୍ଗେ ବେଶ୍ ସ୍ପଷ୍ଟ ଭାବରେ ତାହାକୁ ସ୍ୱୀକାର କରିଛନ୍ତି ସେ । ଆଉ ଛତିଶ ଘଣ୍ଟା । କାଉଣ୍ଟଡାଉନ ଆରମ୍ଭ କରିଦେଲି । ଶୁକ୍ରବାର ଆଠଟା । ଲଞ୍ଚିଙ୍ଗ୍ ସମୟ ଚନ୍ଦ୍ରାଲୋକକୁ । ଜୟ ଜଗନ୍ନାଥ । ମୋତେ ହସ ମାଡ଼ିଲା- ଯେଉଁ ଲୋକ ପ୍ରତି ମୁହୂର୍ତ୍ତରେ ଯନ୍ତ୍ରଣାବେଳେ ଭଗବାନଙ୍କୁ ଡାକୁଥିଲା, ମରଣ ବେଳ ନିକଟ ହେଲା ବେଳକୁ ଏମିତି ଛାନିଆଁ ହେଉଛି କାହିଁକି ? ଜୀବନର କି ମୋହ ! ପୁଣି "ଦାନ୍ତପତ୍ର ଘଷି ଖିଅର ହେବା କାମ ମଧ ସାରିଦେଲି । ହସ ମାଡୁଥାଏ କାହିଁକି କାହା ପାଇଁ ଖିଅର ହେଉଛି । କେଉଁଠି ଇଣ୍ଟର୍‌ଭିଉ ଅଛି ନା କେଉଁ କ୍ଲାସ୍‌ରେ ପଢ଼ାଇବାକୁ ଯିବି । ଖୁବ୍ ଭଲକରି ଘଷିମାଜି ହୋଇ ଗାଧୋଇଲି, ଖୁବ୍ ଗାଧୋଇଲି । ଯିମିତି ଏଇଟା ଶେଷ ଗାଧୁଆ । ପେଟରେ ଦାନା ନଥିଲେ ବି ଖୁବ୍ ଫ୍ରେସ୍ ତାଜା ଲାଗୁଥାଏ । କାଳୀପୂଜା ଦଶ-ଏଗାର ଦିନ ଅଛି, ହେମନ୍ତ ସକାଳ ଖୁବ୍ ରମଣୀୟ ଦିଶୁଥାଏ । ମୁଣ୍ଡ କୁଣ୍ଡାଇଲି, ଶୁଖିଲା ତଉଲିଆରେ ପାଣି ପୋଛିଲି । କାଠିରେ ତୁଳା ଟିକିଏ ନେଇ କାନ ସଲସଲ କରି ପାଣି କାଢ଼ିଲି । କାମଟି କରେ, ଭାବେ କାହିଁକି, କାହିଁପାଇଁ ଏ ପ୍ରସ୍ତୁତି ?" ନିଜ ମନର କି ନିଷ୍କପଟ ପରିପ୍ରକାଶ ! ମୃତ୍ୟୁ ଚେତନା ତାଙ୍କୁ ଘାରି ପାରିନଥିଲା, ମୃତ୍ୟୁ ସଚେତନ ଥିଲେ ସେ । ତେଣୁ ମୃତ୍ୟୁ ଚିନ୍ତାର ବିବଶତା ତାଙ୍କୁ ଆବୋରି ପାରି ନାହିଁ ବରଂ ଜୀବନବାଦର ବାର୍ତ୍ତା ଉତ୍‌କୀର୍ଣ୍ଣ କରିଛି । ସେହି ମୁହୂର୍ତ୍ତରେ ପୁଣି ନିଜକୁ ଏତାଦୃଶ ବ୍ୟଙ୍ଗ ବିଦ୍ରୂପ କରିବାର ଦୁଃସାହସ କାହାର ବା ଅଛି ଜୀବନରସିକ ଶିଳ୍ପୀ ବସନ୍ତ କୁମାରଙ୍କ ବ୍ୟତିରେକ ! ଅପରେସନ ପୂର୍ବଦିନ ରାତ୍ରିରେ କେବିନ୍ ଶୂନ୍‌ଶାନ୍ ହୋଇଯିବା ପରେ ମନେ ମନେ ଖୋଜିଛନ୍ତି ମୃତାପତ୍ନୀଙ୍କର ସାନ୍ନିଧ । ଝୁରିଛନ୍ତି ତାଙ୍କୁ । "ଏତିକି ବେଳେ ମୋତେ ଆଶ୍ୱାସନା ଦେବାପାଇଁ ଯେଉଁ ନାରୀଟିର ଉପସ୍ଥିତି ଚାହୁଁଥିଲି ସେ ସତର ଅଠର ବର୍ଷ ହେଲା ମତେ ଛାଡ଼ି ଚାଲିଯାଇଥିଲା । ପାଖରେ ବସି ସେ ଯଦି କହିଥାନ୍ତା, ତୁମେ ଡରୁଛ, କିଛି ହବନି । ଚାହଁ ତା'ଆଡ଼କୁ ସେଇ ରକ୍ଷାକରିବ ।" (ବସନ୍ତ ଶତପଥୀ, ମେଜର ଅପରେସନ, ମେଜର ଅପରେସନ ।)

ପତ୍ନୀଙ୍କ ମୃତ୍ୟୁପରେ ସେ ଛାଡ଼ି ଯାଇଥିବା ଅନ୍ୟ ସନ୍ତାନସନ୍ତତିଙ୍କ ସମେତ ଦେଢ଼ବର୍ଷର ଶିଶୁପୁତ୍ରର ଲାଳନପାଳନ ଭାରି ପଡ଼ିଛି ତାଙ୍କ ଉପରେ । ମା' ଛେଉଣ୍ଡ ପିଲାଟିର କୌଣସି ଅସୁବିଧା ହେବାକୁ ସେ ଦେଇନାହାନ୍ତି । ତା'ର ସବୁ ଅଳି ଅର୍ଦ୍ଦଳି ସହିଛନ୍ତି । ତା' ଡାକରେ ବାରମ୍ବାର ପଢ଼ା ଟେବୁଲ ପାଖରୁ ଉଠି ଆସି ତା' ଠାକୁରପୂଜା ଖେଳ ଦେଖିବା ସଙ୍ଗେସଙ୍ଗେ ସେଥିପାଇଁ ଫୁଲ ଆଦି ଯୋଗାଡ଼ କରି ଦିଅନ୍ତି । ସେଇ ମୁନୁ କିନ୍ତୁ ସକଳ ଯତ୍ନ ସତ୍ତ୍ୱେ ଚାଲିଯାଇଛି ସେହି ଅଜଣା ରାଇଜକୁ । ପୋଖରୀ ପାଣିରେ ପଡ଼ି ମୃତ୍ୟୁବରଣ କରିଛି । ଦଣ୍ଡେ କୁଆଡ଼େ ଆଖି ଆଗରୁ ଚାଲିଗଲେ ଯେଉଁ ବସନ୍ତବାବୁଙ୍କୁ ବାୟା ହେଇଗଲା ଭଳି ଲାଗୁଥିଲା, ସିଏ ସଂପୂର୍ଣ୍ଣ ବାୟା ହୋଇଯାଇଛନ୍ତି । ମୁନୁ ଖେଳିବା ବେଳେ ଟେନିସ୍‌ବଲ୍‌ରେ ଲାଗିଥିବା କାଦୁଅ ଲାଗି କାନ୍ଥରେ ଯେଉଁ ଚିହ୍ନ ସବୁ ସୃଷ୍ଟି ହୋଇଥିଲା ତାହାକୁ ବାହାଘର ପାଇଁ ଦିଆଯାଇଥିବା ଚୂନ ଲିଭାଇପାରିନାହିଁ । ଏ ଚିହ୍ନଗୁଡ଼ିକ ସତେ ଯେମିତି



Digitized by PPRACHIN, SOA

ଅଲିଭା ଦାଗ, ଯାହା ରହିଯାଇଛି ଲେଖକଙ୍କ ମନରେ । ଯାହାକୁ ଅନ୍ୟ କୌଣସି ପାର୍ଥିବ, ଅପାର୍ଥିବ ସୁଖର ପ୍ରଲେପ ବିଲୀନ କରିବାକୁ ସମର୍ଥ ନୁହେଁ । ସେଇ ମୁନୁ ଲଗାଇଥିବା ଫୁଲଭରା କାଠଚମ୍ପା ଗଛଟିକୁ ହାଣି ଦିଆଯାଇଛି ବାହାଘରର ରୋଷଶାଳ ପାଇଁ । ଦିନେ ଏମିତି ବୁଲୁବୁଲୁ କାଛରେ ମୁନୁ ଛାଡ଼ି ଯାଇଥିବା ଟେନିସ୍‌ବଲର ଦାଗ ଆଖିରେ ପଡ଼ିଛି । ସେହିଦିନ ବିଭାଘର ପାଇଁ ଚୂଲିଗାତ ପାଖରେ ପଡ଼ିଥିବା ଦରପୋଡ଼ା କାଠଗଡ଼ଟାକୁ ଗୋଡ଼ରେ ଠେଲି ଦେଇଛନ୍ତି । ଆଖିରେ ପଡ଼ିଛି ହଣାଯାଇଥିବା କାଠଚମ୍ପା ଗଛମୂଳରେ ଗଜୁରିଥିବା କଅଁଳିଆ ଡାଳଟିଏ ଓ ସେଥିରେ ଫୁଟିଥିବା ଲାଲ କାଠଚମ୍ପା ଫୁଲଟି । ପିତୃପ୍ରାଣ ତାଙ୍କର ଅସ୍ଥିର ହୋଇ ପଡ଼ିଛି । ''ବିହ୍ୱଳିତ ହୋଇ 'ମୁନୁ' 'ମୁନୁ' ଚିତ୍କାର କରି ସାଇକେଲ ଧରି ଧାଇଁଲି ଶ୍ମଶାନ ଆଡ଼କୁ । ମୋର ବଦ୍ଧମୂଳ ଧାରଣା ଯେ ମୁନୁକୁ ଯେଉଁଠି ପୋତା ଯାଇଥିଲା ସେଇଠି ସେ ପୁଣି ତା'ର କାଠଚମ୍ପା ପରି ଗଜୁରି ଫୁଲଟିଏ ହୋଇ ଫୁଟିଥିବ ।'' (ଏକ ଲାଲ ସ୍ମୃତି : ଗୋଟିଏ କାଠଚମ୍ପାର, ଆକାଶୀଫୁଲ) ବାତ୍ସଲ୍ୟ ମମତାରେ ଅନ୍ଧ ଶୋକବିହ୍ୱଳ ପିତୃପ୍ରାଣର କି ମର୍ମସ୍ପର୍ଶୀ ଚିତ୍ର !

ଘରେ ଅନୁଷ୍ଠିତ ହେଉଥିବା ଉତ୍ସବାନୁଷ୍ଠାନମାନଙ୍କରେ ମନେ ମନେ ସେ ଖୋଜନ୍ତି ମୁନୁକୁ । ବୁଲୁଥାନ୍ତା, ଖେଳୁଥାନ୍ତା, ଭଲମନ୍ଦ ଖାଉଥାନ୍ତା, କ'ଣ କ'ଣ ସବୁ ପଚାରି ବିରକ୍ତ କରୁଥାନ୍ତା । ସ୍ନେହ ରଙ୍କୁଣୀ ଆଉ ଜଣେ ସମଦଶାପନ୍ନ ମା' ହୃଦୟର ଅକୁହା କୋହ ମାଧ୍ୟମରେ ପିତୃ ହୃଦୟର ଶୋକୋଚ୍ଛ୍ୱାସ ମିଶି ଯେଉଁ କରୁଣ ରସ ସୃଷ୍ଟି ହୋଇଛି 'ଓଇ ଛେଲେଟା' ଗଳ୍ପରେ, ତା'କୁ ପାଠ କଲେ କିଏ କହିବ ବସନ୍ତବାବୁ ହାସ୍ୟରସର ପ୍ରବକ୍ତା ବୋଲି । ଝିଅ ବାହାଘର ବେଳେ ସେଇ ସାନପୁଅକୁ ଖୋଜି ବୁଲିଛି ଆଉ ଗୋଟିଏ ମାତୃ ହୃଦୟ । ତାଙ୍କର ସନ୍ତାନଟିଏ ବି ପାଣିରେ ବୁଡ଼ି ପ୍ରାଣ ହରାଇବା ପରେ ପାଗଳୀ ହେଇ ମା' ଜଣକ ଆସିଥିଲେ ସହରସ୍ଥ ନିଜ ଘରକୁ । ତାଙ୍କରି ଘରେ ଭଡାରେ ରହୁଥିଲେ ଗାଳ୍ପିକ । ସନ୍ତାନହରା ମା' ଜଣକର ଦୁଃଖ ପ୍ରଶମିତ ହୋଇଯାଏ ଗାଳ୍ପିକଙ୍କ ମାତୃହରା ସାନପୁଅର ଯତ୍ନନେବାରେ । 'ଓଇ ଛେଲେଟା' ପ୍ରତି ତାଙ୍କର ସମସ୍ତ ସ୍ନେହଶ୍ରଦ୍ଧା ସେ ଅଜାଡ଼ି ଦେଇଥିଲେ । ତାକୁ ସେ ହଳଦୀ ତେଲ କରି ଦେଇଛନ୍ତି । ଜାକି ମାଡ଼ି ସୁତୁରାଇ ଦୁଧ ଖୁଆଇଛନ୍ତି । ବଙ୍ଗଳାଗୀତ ଓ ଗପକୁ ଓଡ଼ିଆ କରି ଶୁଣାଇଛନ୍ତି । ଶେଷରେ ସେ ଜଳବୁଡ଼ିରେ ଚାଲିଯିବା ପରେ ତାଙ୍କୁ ସେ କଥା ଜଣାଇ ଦିଆଯାଇନାହିଁ । ସେ 'ମାମୁ ଘରେ', 'ଭଉଣୀ ଘରେ' ଅଛି ବୋଲି କୁହାଯାଇଛି । କିନ୍ତୁ ଭଉଣୀ ବାହାଘରକୁ ସିଏ ଯେଉଁଠି ଥାଉନା କାହିଁକି ନିଶ୍ଚୟ ଆସିବ ଏଇଧାରଣା ବଦ୍ଧମୂଳ ହୋଇଛି ତାଙ୍କର । ସେଇଥିପାଇଁ ସେ ପଚାରି ପଚାରି ସମସ୍ତଙ୍କୁ ବ୍ୟସ୍ତ କରି ପକାଇଛନ୍ତି । ରାତ୍ରୀର ବିଳମ୍ବିତ ପ୍ରହରରେ ତା'ଭଳି ଦେଖାଯାଉଥିବା ଗୋଟିଏ ପିଲାକୁ ନିଦରୁ ଉଠାଇ କୋଳକୁ ନେଇ ଗେଲ କରୁଥିବାବେଳେ ପିଲାଟିର ମା' ତାଙ୍କୁ ସତ କଥା କହିଦେବା ଫଳରେ ତାଙ୍କର ପାଗଳାମି ବଢ଼ିଯାଇଛି । ମାତୃପ୍ରାଣ ତାଙ୍କର ହାହାକାର କରି ଉଠିଛି । 'ଓଇ ଛେଲେଟା କୋଥାୟ' 'ଓତ ଏଲୋନା'ର ବିଳାପରେ ଗୁମୁରି ଉଠିଛି ରାତ୍ରିର ସେଇ ନିସ୍ତବ୍ଧ ପ୍ରହର ।

ପିତୃପ୍ରାଣରେ ପୁଣିଥରେ ଜାଗରିତ ହୋଇଛି କ୍ଷୋଭ । ''ମୋତେ ଜଣାଗଲା ଯିମିତି ସ୍ୱର୍ଗରେ ଥାଇ ମୋର ସ୍ୱର୍ଗତାପତ୍ନୀ କହୁଛି, 'କାହିଁ, ମୋର ମୁନୁ କାହିଁ ? ତାକୁ ଦେଇ



Digitized by PPRACHIN, SOA

ଆସିଥିଲି ବଞ୍ଚାଇ ରଖିପାରିଲି ନାହିଁ ।'' ବାତ୍ସଲ୍ୟ ମମତାସିକ୍ତ ପିତୃହୃଦୟ, ବରକନ୍ୟା ବିଦାୟକାଳୀନ ଅଶ୍ରୁବିସର୍ଜନକାରୀ ନାରୀମାନଙ୍କ ରୂପରେ, ସମ୍ବେଦନଶୀଳ ମାତୃ ହୃଦୟର ଭଗ୍ନୀ ହୃଦୟର ସନ୍ଧାନ ପାଇଛନ୍ତି । ''ଯେତେ ଯେତେ ନାରୀ ଅଶ୍ରୁବିସର୍ଜନ କରୁଥିଲେ ତାଙ୍କୁ ଦେଖି ଭାବିଲି ଦୁନିଆଯାକର ସନ୍ତାନହରା ମାତା, ଭ୍ରାତାହରା ଭଗିନୀ ଯିମିତି କାନ୍ଦି କାନ୍ଦି ଖୋଜୁଛନ୍ତି ମୁଁ ଓ ଶ୍ରୀମତୀ ସରକାର ହରାଇଥିବା, ମୋ ଛୁଆପିଲାଏ ହରାଇଥିବା ସେଇ ପିଲାଟିକୁ, ଶ୍ରୀମତୀ ସରକାର ହରାଇଥିବା 'ଓଇଛେଲେଟା'କୁ ।'' (ଓଇଛେଲେଟା, ଗଙ୍ଗା ଓ ଗାଙ୍ଗୀ)

ତାଙ୍କ ଜୀବନର ଯେଉଁ ଦୁଇଟି ବ୍ୟକ୍ତିଗତ ଦୁଃଖ ତାଙ୍କୁ ସାରସ୍ୱତ କ୍ଷେତ୍ରରେ ପ୍ରବେଶ ନିମିତ୍ତ ଅନୁପ୍ରାଣିତ କରିଛି ତାହା ଏହିପରି ଭାବରେ ସାର୍ବଜନିକ ହୋଇ ଗଳ୍ପରେ ରୂପାୟିତ । ତେବେ ତାଙ୍କ ସ୍ୱତନ୍ତ୍ରଧାରାର ଚମତ୍କାରିତା ଏହି କରୁଣରସର ଗଳ୍ପ 'ଓଇଛେଲେଟା'ରେ ମଧ୍ୟ ଲକ୍ଷଣୀୟ । ତାଙ୍କ ସ୍ୱଭାବ ସୁଲଭ ବ୍ୟଙ୍ଗ ଗଳ୍ପଟିରେ ଅମିଳ ନୁହେଁ । ଶ୍ରୀମତୀ ସରକାରଙ୍କ ସ୍ୱାମୀଙ୍କର ପରିଚୟ ଦେବାକୁ ଯାଇ କୁହାଯାଇଛି । ''କିନ୍ତୁ ତାଙ୍କ ସ୍ୱାମୀ ଏ ଦେଶର ପାଣି, ପବନ, ପିମ୍ପୁଡ଼ିବାସ ଚାଉଳ ଆଉ ଇଲିଶିମାଛରେ ତିନିପୁରୁଷ ଧରି ରହିଲେ ବି ଓଡ଼ିଆ କହନ୍ତି ନାହିଁ । କହି ଯେ ନପାରିବେ ତାହା ନୁହେଁ, କହନ୍ତି ନାହିଁ । କେବେ ବି ଚେଷ୍ଟା କରନ୍ତି ନାହିଁ । ପ୍ରତ୍ୟେକ ବଙ୍ଗଳା ଛବି ଦେଖନ୍ତି । ଗୋଟିଏ ହେଲେ ଓଡ଼ିଆ ଛବି ଦେଖି ନାହାନ୍ତି । କଟକ ଷ୍ଟେସନ କେତେ ମିଟରରେ ଧରେ ଜାଣନ୍ତି ନାହିଁ । କଲିକତା ତାଙ୍କର ମକ୍କା । ହୁଏତ ସେ ଆଡ଼କୁ ମୁହଁକରି ପ୍ରାର୍ଥନା କରୁଥିବେ । ''ଏମନ୍ ଦେଶଟି କୋଥାୟ ଖୋଜେ ପାବେନା ଗୋ ତୁମି ।'' (ଓଇ ଛେଲେଟା, ଗଙ୍ଗା ଓ ଗାଙ୍ଗୀ) ଏଧରଣର ଉଭୟ ବିପରୀତ ସମନ୍ୱୟରେ ସାହିତ୍ୟ ସୃଷ୍ଟି କରିବା ତାଙ୍କର ସ୍ୱତନ୍ତ୍ର୍ୟ । ରାମଚନ୍ଦ୍ର ବନବାସରୁ ଫେରି ଆସିବା ପରେ କୌଶଲ୍ୟାଙ୍କ ନୟନ ଯୁଗଳରୁ ଯେଉଁ ଆନନ୍ଦାଶ୍ରୁ ଏବଂ ଶୋକଜ ଲୋତକ ଝରିବାର ବର୍ଣ୍ଣନା ରହିଛି ତାହାହିଁ ଏହି ଧାରାର ଭିତ୍ତି । 'Both sunshine and rain at once'.

ଯେଉଁ କପଟାଚାର (ହିପୋକ୍ରେସି) ବେଳେବେଳେ ଏଇ ତଥାକଥିତ ଶିକ୍ଷିତମାନଙ୍କ ମନରେ, ସମ୍ଭ୍ରାନ୍ତମାନଙ୍କ ମନରେ ଆସିଥାଏ, ସମାଜର ଉଚ୍ଚନୀଚ ଭେଦ ଦ୍ୱାରା ପ୍ରଭାବିତ ହୋଇ, ସେଥିରୁ ନିବୃତ୍ତ ହୋଇ ସଂପ୍ରୀତି ଓ ସମ୍ବେଦନା ଲାଭ କରିବା ନିମିତ୍ତ ସେ ଆହ୍ୱାନ ଦେଇଛନ୍ତି କେତୋଟି ଗଳ୍ପରେ । ଗଳ୍ପପୁରୁଷ ଓ ତାଙ୍କ ଘର ନିକଟରେ ସାମୟିକ ଭାବରେ ମୂର୍ତ୍ତି ତିଆରି କରିବା ପାଇଁ କଲିକତାରୁ ଆସୁଥିବା କାରିଗରଙ୍କ ମଧ୍ୟରେ ସୃଷ୍ଟି ହୋଇଛି ମନାନ୍ତର । ପରିଶେଷରେ କିନ୍ତୁ ସ୍ଥାପିତ ହୋଇପାରିଛି ସୌହାର୍ଦ୍ଦ୍ୟ । ଏହି ସୌହାର୍ଦ୍ଦ୍ୟର ଚିହ୍ନ ସ୍ୱରୂପ ସେଇ କାରିଗରମାନଙ୍କ ତରଫରୁ ତାଙ୍କୁ ଦିଆଯାଇଥିବା ଛୋଟ ସରସ୍ୱତୀ ମୂର୍ତ୍ତିଟିକୁ ଉପହାର ସ୍ୱରୂପ ଲାଭ କରି ସେ ଅନୁଭବ କରିଛନ୍ତି ନୋବେଲ ଶାନ୍ତି ପୁରସ୍କାର ଲାଭର ଆତ୍ମତୃପ୍ତି । (ଶାନ୍ତି ପୁରସ୍କାର, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ) ଅନୁରୂପ ଆଚାର ଏବଂ ଭାବାନ୍ତରର ଚିତ୍ର ମଧ୍ୟ ପରିଲକ୍ଷିତ ହୋଇଥାଏ ଗଳ୍ପ ପୁରୁଷଙ୍କ ସହ ଟ୍ରେନ୍‌ରେ ଯାତ୍ରା କରୁଥିବା ଛୋଟ ଗରିବ ମଫସଲିଆ ଝିଅଟିଏ ମଧ୍ୟରେ । ଯାହାକୁ ଦେଖି ସେ ବିଲୋ ଷ୍ଟାଣ୍ଡାର୍ଡ ବୋଲି ମନେ କରୁଥିଲେ । ମିଛ କହି ତାଙ୍କଠାରୁ ପଇସା ଆଦାୟ



Digitized by PPRACHIN, SOA

କରିନେବା ପଦ୍ଧିରେ ସେ ଅଛି ବୋଲି ଧରି ନେଇଥିଲେ ତାକୁ ପରବର୍ତ୍ତୀ ଅବସ୍ଥାରେ ସିଏ ଯାହା ନବ ସେଇଆ ଦେବାକୁ ପ୍ରସ୍ତୁତ ହୋଇଯାଇଛନ୍ତି । (କୁଳିଗାଁର ସରୋଜିନୀ ମହାନ୍ତି, ମେଜର ଅପରେସନ) ।

କେବଳ ଆତ୍ମୀୟସ୍ୱଜନ ବା ଚାକରାଣୀ, ସାମୟିକ ପଡ଼ୋଶୀ ସାଜୁଥିବା ବ୍ୟକ୍ତିବିଶେଷ ବା ଟ୍ରେନ୍/ବସ୍‌ର ସହଯାତ୍ରୀ/ ସହଯାତ୍ରିଣୀମାନେ ନୁହନ୍ତି କୁଆ, କୁକୁର, ନେଉଳ, ଘୁଷୁରି ଆଦି ମାନବେତର ପ୍ରାଣୀ, ଚାଉଳ, ଚା, ଆଦି ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥକୁ ମଧ୍ୟ ସେ ଗଳ୍ପର ପରିସରଭୁକ୍ତ କରନ୍ତି । ସେଗୁଡ଼ିକୁ ଦେଖାନ୍ତି ଆତ୍ମୀୟତାଭରା ଦୃଷ୍ଟିରେ । କାରଣ, 'ମୁଁ ସେ ସବୁ ଭିତରେ ଦେଖିଛି, କାମରେ ଧାରଇ ଯେ ଅନଙ୍ଗକାଣ/ ଚେତନ ଅଚେତନ ତା'ର ସମାନ ।' ପ୍ରେମରେ ଯିଏ ମଜ୍ଜିଯାଇଛି ସେ ଚେତନ ଅଚେତନର ତଫାତ୍ ଜାଣିପାରିନି । କାମରେ ମଜ୍ଜି ଯାଇଛି ମାନେ loveରେ ପଡ଼ିଯାଇଛି । ଅର୍ଥାତ୍ ନିବିଡ଼ ଭାବରେ ଭଲ ପାଇ ବସିଛି । ବ୍ଲାକି (କୁକୁର) ବିଷୟରେ ଯେଉଁ ଲେଖିଛି, ତା'ର ସ୍ନେହ ଏତେ ମଜ୍ଜିଯାଇଛି ଯେ, ତା'ରି ସମ୍ପର୍କରେ ଲେଖିଛି । ଗୋଟାଏ ନାରୀକୁ ଏତେ ନିଖୁଣ ଓ ସୁନ୍ଦର ଭାବରେ କରିପାରିବି ନାହିଁ ଯେମିତି ତାକୁ କରିପାରିଛି । (ସାକ୍ଷାତ୍‌କାର, ଚିର ବସନ୍ତ)

ସାହିତ୍ୟ ପ୍ରତି, ନିଜର ସୃଷ୍ଟି ପ୍ରତି ତାଙ୍କର ଥିଲା ଅହେତୁକ ମୋହ, ଶ୍ରଦ୍ଧା । ଛପା ବହିଗୁଡ଼ିକୁ ଗଳ୍ପଗୁରୁଷ ଠାକୁରଙ୍କ ଆସ୍ଥାନରେ ରଖିଛନ୍ତି । (ସୋଽହମ୍ ମେଜର ଅପରେସନ) କେବଳ ସେତିକି ନୁହେଁ ଏହି ମାନସ କନ୍ୟାମାନଙ୍କୁ ସେ ନିଜ ଦେହଜା କନ୍ୟାଙ୍କଠାରୁ କୌଣସି ଗୁଣରେ ନ୍ୟୂନ କରି ଦେଖୁ ନଥିଲେ । ପାଠକମାନଙ୍କୁ ସେ ଗୋଟିଏ ବହିର ମୁଖବନ୍ଧରେ ନିବେଦନ କରିଛନ୍ତି । ''ଏହାର ଶତ ସହସ୍ର ଅବିଗୁଣ ନ ଧରି ସମ୍ବେଦନଶୀଳ ହୋଇ ରସଭୋଗ କରିବେ । ଆଚରଣ ଚରିତ୍ରଗତ ଦୋଷ ପାଇଁ ଭର୍ତ୍ସନା କରିବେ । ମୃଦୁ ଲାଠିଚାର୍ଜ୍ଜ କରିପାରନ୍ତି ମାତ୍ର କିରୋସିନିରେ ପୋଡ଼ିବେ ନାହିଁ, ଗଣ ଧର୍ଷଣ କରିବେ ନାହିଁ ବା ଯୌତୁକ ସ୍ୱରୂପ ଦରିଦ୍ର ପିତା ପାଞ୍ଚୋଟି ହରିତକୀ ଦେଲା ବୋଲି ଝିଅକୁ ତା'ର ନିର୍ଯାତନା ଦେଇ ଗଳା ଦଉଡ଼ିରେ ଝୁଲାଇବେ ନାହିଁ ।'' (ସମର୍ପଣ, ଅଜାଗାଘାଆ) ପୁଣି ସେ ଜଗନ୍ନାଥଙ୍କ ସମ୍ମୁଖରେ ବହିର ତମି କପି ଧରି ପ୍ରାର୍ଥନା କରନ୍ତି, ''ନିଜକୁ ଭଣ୍ଡେଇ ନାହିଁକି ଅନ୍ୟକୁ ଠକାଏ ନାହିଁ ଟେକାଟେକି କରି । ସେଥିପାଇଁ ଏ ଝିଅଙ୍କ ପୃଷ୍ଠପୋଷକ, ଅଭିଭାବକ ନଥିଲା ପରି ଗରାଖ ଜୁଟୁ ନାହାନ୍ତି । ତୋ ଦିହ ଛୁଇଁ କହୁଛି ଜଗା ଏଗୁଡ଼ାକ ଦୋଚାରୁଣୀ ନୁହଁନ୍ତି, କୁଳଟା ନୁହନ୍ତି । ଆଙ୍ଗିକ ସୌନ୍ଦର୍ଯ୍ୟ ନଥିଲେ ବି ଆତ୍ମିକ ପବିତ୍ରତା ଓ ସତୀତ୍ୱ ଅଛି ।'' (ଅଲୌକିକ, ଅଜାଗାଘାଆ) 'ସୋଽହମ୍' ଗଳ୍ପରେ ସ୍ରଷ୍ଟାର ଅନୁପମ ଆତ୍ମୋପଲବ୍ଧିର ବର୍ଣ୍ଣନା ରହିଛି । ନିଜ ଭିତରେ ଗଳ୍ପ ପୁରୁଷ ଅନୁଭବ କରିପାରିଛନ୍ତି ଦୈବୀସତ୍ତା, ମାନବୀୟ ସତ୍ତା ଏବଂ ମାନସସତ୍ତାକୁ । ଏହି ଉପଲବ୍ଧି, ଦିବ୍ୟାନୁଭୂତି ହୋଇ ସାରିଥିବା ଗଳ୍ପଗୁରୁଷଙ୍କର କ'ଣ ବା ଆଉ ଲୋଡ଼ା ଥିଲା । (ସୋଽହମ୍, ମେଜର ଅପରେସନ୍) କଥାକାର ନିଜ ଜୀବନର ହସକାନ୍ଦକୁ, ଜୀବନଚର୍ଯ୍ୟାକୁ ଗଳ୍ପ କରିଆରେ, ସ୍ୱଷ୍ଟ ଭାବରେ ବିନା କପଟାଚାରରେ, ସରଳ, ସାବଲୀଳ ଭାଷାରେ ପ୍ରକାଶ



Digitized by PPRACHIN, SOA

କରିଯାଇଥିଲେ ବି ସେଗୁଡ଼ିକ ଆତ୍ମଜୀବନୀର ଧାରା ଅନୁବର୍ତ୍ତୀ ହୋଇନାହିଁ । ନାଟକୀୟତାରେ ପୁଷ୍କଳ ଏହି ଜୀବନଧର୍ମୀ ସୃଷ୍ଟିଗୁଡ଼ିକ, ସତ୍ୟ ଚେତନା ଓ ସତ୍ୟସାଧନାର ସ୍ୱାକ୍ଷର ବହନ କରି ଗଳ୍ପକଳାର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି । ତାଙ୍କ ଗଳ୍ପଗୁଡ଼ିକରେ ଭାଷା ଓ ଶୈଳୀ ଭାବ ସହିତ ଏକାତ୍ମ ହୋଇ ସେଗୁଡ଼ିକୁ ବହୁମାତ୍ରିକତା ପ୍ରଦାନ କରିଛି । ନିଜ ଜୀବନଧାରା ସହିତ ସମାଜ ଜୀବନକୁ ଏକୀଭୂତ କରି ସେ କଥା ସାହିତ୍ୟ ସଂରଚନା କରିଥିଲେ ବି ସେଥିରେ ନିତ୍ୟୋପଦେଶ ପ୍ରଦାନର ଉଦ୍ୟମ ପରିଲକ୍ଷିତ ହୁଏ ନାହିଁ । ନିଜ ଜୀବନ ଦୁଃଖରେ ଭରା ହୋଇଥିବାରୁ ପାଠକମାନଙ୍କ ମୁହଁରେ ହସ ଫୁଟାଇବାରେ ବ୍ରତୀ ହୋଇ, ହାସ୍ୟରସର ନୂତନ ସ୍ୱକୀୟଧାରା ପ୍ରବର୍ତ୍ତନ କରି ସେ ଓଡ଼ିଶାର ସାରସ୍ୱତ କ୍ଷେତ୍ରରେ ନିଜର ସ୍ୱାତନ୍ତ୍ର୍ୟ ସାବ୍ୟସ୍ତ କରିଯାଇଛନ୍ତି । ମୟୂରଭଞ୍ଜର ଆଦିବାସୀ ସଂପ୍ରଦାୟ, ସହରତଳି ଅଞ୍ଚଳର ବାସିନ୍ଦା ଆଦିଙ୍କ ଚରିତ୍ରାୟନରେ ଯେଉଁ ନିଖୁଣତା ସେ ପ୍ରଦର୍ଶନ କରିଯାଇଛନ୍ତି ତାହା ଅନନ୍ୟ । କଥାକାର ବସନ୍ତ କୁମାର ଶତପଥୀ ଓଡ଼ିଶାର ପାଠକ ଏବଂ ସାହିତ୍ୟିକ ମହଲରେ 'ଚିରବସନ୍ତ' ରୂପରେ ଆଖ୍ୟାୟିତ ହୋଇ ଆସିଛନ୍ତି ଓ ରହିବେ ଏଥିରେ ଦ୍ୱିମତ ନାହିଁ ।

❑



Digitized by PPRACHIN, SOA

# ଗାଳ୍ପିକ ବସନ୍ତ ଶତପଥୀଙ୍କ ଗଳ୍ପ ମାନସ

ବାଞ୍ଛାନିଧି ଦାସ

ଗାଳ୍ପିକ ବସନ୍ତ ଶତପଥୀ ୧୯୧୩ ମସିହାରେ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରୀପୋଷି ଥାନାର ପାନ୍ଧଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ୧୯୯୪ ମସିହା ଫେବୃୟାରୀ ୨୦ ତାରିଖରେ ସେ ରାଉରକେଲାରେ ମୃତ୍ୟୁବରଣ କରିଥିଲେ । ମୟୂରଭଞ୍ଜ ରାଜାଙ୍କ ଠାରୁ କୃତୀ ଛାତ୍ର ରୂପେ ବୃତ୍ତି ପାଇ ସେ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ । ୧୯୪୦ ମସିହାରେ ସେ ମୟୂରଭଞ୍ଜ ରାଜ୍ୟରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା 'ଭଞ୍ଜପ୍ରଦୀପ' ଓ ' Mayurbhanja chronicle'ର ସଂପାଦନା କରିଥିଲେ ଓ ସେଇ ଦେଶୀୟ ରାଜ୍ୟର ପବ୍ଲିକ୍ ରିଲେସନ୍ ଅଫିସର ରୂପେ କାର୍ଯ୍ୟ କରିଥିଲେ । ମୟୂରଭଞ୍ଜ ରାଜ୍ୟ ଓଡ଼ିଶାରେ ୧୯୪୮ ମସିହାରେ ମିଶ୍ରଣ ବେଳେ ସେ ରାଜଦରବାରର ରାଷ୍ଟ୍ରଦୂତ ରୂପେ ଦିଲ୍ଲୀ ଦରବାରରେ ସର୍ଦ୍ଦାର ପଟେଲଙ୍କ ସାମ୍ନାରେ ନିଜ ରାଜ୍ୟର ପକ୍ଷ ରଖି ମିଶ୍ରଣ ପ୍ରକ୍ରିୟାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ୧୯୬୨ ମସିହାରେ ତାଙ୍କର ପତ୍ନୀଙ୍କର ଅକାଳ ବିୟୋଗ ଏବଂ ୧୯୭୪ ମସିହାରେ ତାଙ୍କ କନିଷ୍ଠପୁତ୍ର ମୁନୁର ଅକାଳ ବିୟୋଗ ହୁଏ ବସାପାଖ ଗଡ଼ିଆରେ ବୁଡ଼ିଯିବା ଯୋଗୁଁ । ଏଇ ଦୁଇ ମୃତ୍ୟୁଲୀଳା ଅଧ୍ୟାପକ ବସନ୍ତ ଶତପଥୀଙ୍କୁ ମାନସିକ ଭାବେ ଦୋହଲାଇ ଦିଏ ଏବଂ ସେ କଥା ସାହିତ୍ୟ ରଚନାରେ ବ୍ରତୀ ହୁଅନ୍ତି ।

ଅନେକ ଲେଖକ, କବି, ନାଟ୍ୟକାର ଓ ଶିଳ୍ପୀଙ୍କ ଜୀବନୀକୁ ଅନୁଧ୍ୟାନ କରି ଆମେ ଦେଖିଛୁ, ଆତ୍ମୀୟ ସ୍ୱଜନର ଅକାଳ ମୃତ୍ୟୁ ସ୍ରଷ୍ଟାଙ୍କୁ ଶୋକାଚ୍ଛନ୍ନ କରାଏ ଏବଂ ଏ ଦୁଃଖଦ ଘଟଣା ଏମିତି ମାନସିକ ଚାପ ସୃଷ୍ଟି କରେ ଯେ, ଲେଖକର ଲେଖନୀର ମୋଡ଼ ତାହାର ଗତିପଥ ବଦଳାଏ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଲେଖନୀର ମୋଡ଼ ପରିବର୍ତ୍ତନ ହୁଏ ତାଙ୍କ ଲେଖକୀୟ ଜୀବନର ସକଳ ପ୍ରେରଣାର ଉତ୍ସ ତାଙ୍କ ଭାଉଜ କାଦମ୍ବରୀ ଦେବୀଙ୍କ ଆତ୍ମହତ୍ୟା ଘଟଣା ପରେ । ଔପନ୍ୟାସିକ ଫକୀରମୋହନଙ୍କ ଲେଖନୀର ମୋଡ଼ ପରିବର୍ତ୍ତନ ହୁଏ ତାଙ୍କ ପ୍ରାଣପ୍ରିୟା ପତ୍ନୀ କୃଷ୍ଣାକୁମାରୀଙ୍କ ଅକାଳ ମୃତ୍ୟୁରେ । ସେଇପରି ଅନୁବାଦକ ବସନ୍ତ ଶତପଥୀ, ନାଟ୍ୟ ନିର୍ଦ୍ଦେଶକ ବସନ୍ତ ଶତପଥୀ, ସଫଳ କଥାକାର ପାଲଟନ୍ତି ତାଙ୍କର ଏଇ ଦୁଇଜଣ ପ୍ରାଣାଧିକ ପ୍ରିୟ ଆତ୍ମୀୟ ସ୍ୱଜନର ଅକାଳ ନିଧନ ଯୋଗୁଁ । ବସନ୍ତବାବୁ ତାଙ୍କ ପ୍ରଥମ ଗଳ୍ପ 'କାଣିଚିଆଁ'ରେ ଯେଉଁ ଶୋକର ଶ୍ଳୋକ ଆବୃତ୍ତି କରିଥିଲେ ସେତେବେଳେ ମୃତ୍ୟୁକୁ ପାଖରୁ ଦେଖି କାୟୋମନ ଆତ୍ମାରେ ଚହଲି ଯିବାର ଅବକାଶ ତାଙ୍କ ଜୀବନରେ ଆସିନଥିଲା । କିନ୍ତୁ 'ଓଇ ଛେଲେଟା' ଗଳ୍ପରେ ପୁତ୍ର ବିଚ୍ଛେଦରେ ଶୋକ ବାସ୍ତବରେ ମହାଶ୍ଳୋକରେ ପରିଣତ ହେଲା । 'ଓଇ ଛେଲେଟା'ରେ ଶ୍ରୀମତୀ ସରକାରଙ୍କ ପ୍ରୟାତପୁତ୍ର ନନୀ ଗୋପାଲ୍ ଓ ଲେଖକଙ୍କର



Digitized by PPRACHIN, SOA

ବୁଡ଼ି ମରିଥିବା ପୁତ୍ର 'ମୁନୁ' ଏକାକାର ହୋଇଯାଇଛନ୍ତି- ଗୋଟିଏ ସତ୍ତାରେ ରୂପାନ୍ତରିତ ହୋଇଛନ୍ତି । ବ୍ୟକ୍ତିଗତ ପରିବେଶକୁ କିପରି ସାର୍ବଜନୀନ ବେଦନାବୋଧରେ ପରିଣତ କରିବାକୁ ହୁଏ ଗଳ୍ପରେ ସେ କଳାକୌଶଳ ଗାଳ୍ପିକ ଦେଖାଇଛନ୍ତି । ଗଳ୍ପଟିରେ ଅଛି ଭରପୂର ନଷ୍ଟାଲଜିଆ, ଅଛି ଗଭୀର ମର୍ମଦାହ ଓ ଅଛି ସାର୍ବଜନୀନ ଦୁଃଖ- ଯେଉଁ ପ୍ରକାର ଦୁଃଖରେ ବିଚଳିତ ହୋଇ ନିର୍ଜନ ମାଳ ଅଞ୍ଚଳର ଏକ କୃଷିକ୍ଷେତ୍ରରେ ଏକାକିନୀ ଏକ ଯୁବତୀ ବା ସଲିଟାରୀ ରିପର୍ ଗାଉଥିଲା ଶୋକ ସଙ୍ଗୀତଟିଏ ।

ଗାଳ୍ପିକ ତାଙ୍କ ପ୍ରିୟ ପୁତ୍ର ମୁନୁର ବିୟୋଗର Saddest thoughtsକୁ ନିଜ କଥା ସାହିତ୍ୟରେ ପ୍ରସଙ୍ଗକ୍ରମେ ଉପସ୍ଥାପନ କରିଛନ୍ତି ବିଭିନ୍ନ ରଙ୍ଗରେ ଓ ବିଭିନ୍ନ ପ୍ରସଙ୍ଗରେ । 'ଓଇ ଛେଲେଟା'ରେ ଯାହା ଅକୁହା ରହିଯାଇଛି, ସେଇ ମର୍ମବେଦନା କୁହାଯାଇଛି ଅତି ସବ୍‌ଜେକ୍‌ଟିଭ୍ ମର୍ମରେ ଗଳ୍ପ 'ଏକ ଲାଲ୍ ସ୍ମୃତି : କାଠ ଚମ୍ପାର' । ଏଇ ଗଳ୍ପରେ ମୁନୁର ବ୍ୟବହୃତ ଟେନିସ୍ ବଲ୍, ଚୁଇଙ୍ଗମ୍ ଖୋଳ, ଟିଫିନ୍ ବକ୍ସ, ଚକ୍‌ଖଡ଼ି ଏବଂ ତା' ହାତରେ ରୋପିତ କାଠଚମ୍ପା ଗଛ ସବୁକିଛି ଅବଲୀଳାକ୍ରମେ ଆସି ଯାଇଛି । ଗାଳ୍ପିକଙ୍କ ବାକ୍‌ଚାତୁରୀ ଓ ଭାବାବେଗପୂର୍ଣ୍ଣ ବର୍ଣ୍ଣନା ଏ ଗଳ୍ପର ଶୋକୋଚ୍ଛ୍ୱାସକୁ ଦ୍ୱିଗୁଣିତ କରିଦେଇଛି ଓ ସାର୍ବଜନୀନ ଶୋକ ଆଡ଼କୁ ଏହାକୁ ଟାଣି ନେଇଛି ।

'ଚାଉଳ' ଗଳ୍ପରେ ଆମେ ପୁଣି ମୁନୁର ଉପସ୍ଥିତି ଦେଖୁଁ । ସେ'ଠି ମୁନୁ ଆସିଛି ବଙ୍ଗାଳୁଣୀ ତଥା ଓଡ଼ିଶାରୁ ଚୋରାରେ ଚାଉଳ ଚାଲାଣକାରିଣୀ ନାରୀ ଲକ୍ଷ୍ମୀପ୍ରିୟାର କୁନି ସନ୍ତାନ ବେଶରେ । 'ଚାଉଳ' ଗଳ୍ପରେ ଗାଳ୍ପିକ ଆଉ ଗୋଟିଏ ଚିରନ୍ତନ ସତ୍ୟର ଜୟ ଜୟକାର କରିଛନ୍ତି । ସିଏ ହେଲା ମଣିଷ ଓ ମଣିଷପଣିଆ । ଜାତୀୟ ଆନ୍ତର୍ଜାତିକ- ଏପରିକି ଆଞ୍ଚଳିକ ଭେଦଭାବ ସୃଷ୍ଟିକାରୀ ସମସ୍ତ ରାଜନୈତିକ ଓ ଆଦର୍ଶଗତ ସୀମାରେଖାକୁ ସେ ଏ ଗଳ୍ପରେ ଅସ୍ୱୀକାର କରିଛନ୍ତି । ମଣିଷକୁ ସେ ଏ ଗଳ୍ପରେ ଘୋଷଣା କରିଛନ୍ତି ଜଗତର ପରମ ସତ୍ୟ ଓ ସାର୍ବଭୌମ । 'ପିମ୍ପୁଡ଼ି' ଗଳ୍ପରେ ଏହିପରି ଗାଳ୍ପିକ ଗୋପୀନାଥ ମହାନ୍ତି ବୁଭୁକ୍ଷିତ ମଣିଷକୁ ପିମ୍ପୁଡ଼ି ବଂଶ ଅବିନାଶୀ ବୋଲି କହିଲେ । ଓଡ଼ିଶାର ଏକ ହାଟରୁ ଅଦୂର ସୀମା ଆରପାରି ଆନ୍ଧ୍ରର ଗାଁଗଣ୍ଡାକୁ ଚାଉଳ ନେଇ ଗଲାବେଳେ ଏ ପିମ୍ପୁଡ଼ି ପଲ ସମସ୍ତଙ୍କ ଅଲକ୍ଷ୍ୟରେ ମାତି ଯାଆନ୍ତି ଜୀବନ ସଂଗ୍ରାମରେ । ତାଙ୍କୁ ଦେଖି ତାଙ୍କୁ ଧରିବାକୁ ଛକିଥିବା ସପ୍ଲାଇ ଅଫିସରଙ୍କର ଦୟାଭାବ ଜାତ ହୁଏ । ସେମାନଙ୍କୁ ଚାଉଳ ଚାଲାଣ ଅପରାଧରେ ଧରିବା ପରିବର୍ତ୍ତେ ଅଫିସର ସେମାନଙ୍କୁ ଛାଡ଼ିଦେଲେ । 'ଚାଉଳ' ଗଳ୍ପରେ ଗାଳ୍ପିକ ବସନ୍ତ ଶତପଥୀ ସେହିପରି ବାଲେଶ୍ୱରରୁ ବଙ୍ଗଳାକୁ ଚାଉଳ ଚୋରା ଚାଲାଣକୁ ମାନବୀୟ ଗୁଣରେ କ୍ଷମା କରାଯାଇପାରେ ବୋଲି କହିଛନ୍ତି । ଓଡ଼ିଶାର ଚାଉଳ ଅନ୍ୟରାଜ୍ୟକୁ ଯାଇପାରିବ ନାହିଁ ବୋଲି ଯେଉଁମାନେ ଅଫିସିଆଲ ଅର୍ଡ଼ର କରିଛନ୍ତି ଓ ସୀମାନ୍ତବର୍ତ୍ତୀ ରେଳ ଷ୍ଟେସନ୍‌ଗୁଡ଼ିକରେ ଧରପଗଡ଼ କରୁଛନ୍ତି, ସେମାନଙ୍କ ଅମାନୁଷିକ କର୍ମ ଦେଖି ଗାଳ୍ପିକ ଏ ଗଳ୍ପରେ ବ୍ୟଙ୍ଗାତ୍ମକ ଭାବେ କହିଛନ୍ତି- ''ଜାତି ଓ ଜାତୀୟତା ଆଜି ଜାଗ୍ରତ ଅଭାବନୀୟ ଉଗ୍ରତାରେ ।'' ଗୋପୀନାଥ ମହାନ୍ତିଙ୍କ ସପ୍ଲାଇ ଇନିସ୍‌ପେକ୍ଟର ନିଜର ଭାବନା ରାଜ୍ୟରେ ହଜିଯିବାବେଳେ 'ଚାଉଳ' ଗଳ୍ପ ଶେଷ ହୋଇଛି ବଙ୍ଗାଳୀ ବଧୂ ଗରିବ ଲକ୍ଷ୍ମୀପ୍ରିୟା ତାହାର ନିଜ ମୃତ ଶିଶୁ ସନ୍ତାନକୁ ଓଡ଼ିଶା ଓ ବଙ୍ଗଳା ସୀମାନ୍ତରେ ମାଟି ଖୋଳି ପୋତିବାରେ । ପ୍ରକାଶ ଥାଉ କି ଜଳେଶ୍ୱର ରେଳ ଷ୍ଟେସନରେ ପିଲାଟି ପାଖରୁ ଚାଉଳ ଖାନତଲାସୀ କଲାବେଳେ ବ୍ୟାଟନ୍‌ରେ ତାକୁ ଖୁବ୍ ଜୋରରେ ଭୂଷି ଦେଇଥିଲା



Digitized by PPRACHIN, SOA

କନେଷ୍ଟବଲ୍‌ଟିଏ- ଏବଂ ପିଲାଟିର ସେଇ ଆଘାତରେ ମୃତ୍ୟୁ ହୋଇଥିଲା । ଏକ ଶୋକାବହ ପରିବେଶରେ 'ଚାଉଳ' ଗପଟି ଶେଷ ହୋଇଛି ଏହିପରି- ''ମାଛି ଅନ୍ଧାରରେ ଲକ୍ଷ୍ମୀପ୍ରିୟା ସେ ସୀମାଳି ପଥରଗୋଟାକ ମୁଣ୍ଡ କରି ଏମିତି ଶୁଆଇ ଦେଲା ଯେ ଯେମିତି ଦିହର ଅଧେ ଏ ରାଜ୍ୟରେ ଆଉ ଅଧେ ଅନ୍ୟ ରାଜ୍ୟରେ ରହିବ । ରୋହିତର ସତ୍କାର କରିବାକୁ ଶୈବ୍ୟା ସହିତ ହରିଶ୍ଚନ୍ଦ୍ର ଶ୍ମଶାନରେ ଥିଲେ । ଏ'ଠି ଲକ୍ଷ୍ମୀପ୍ରିୟା ଏକାକିନୀ । ମାଟି ଘୋଡ଼ାଇବା ଆଗରୁ ଲକ୍ଷ୍ମୀପ୍ରିୟା ଛୋଟ ସିଲଟଟି ଛିଣ୍ଡା ଜାମାପଟାକୁ ଏକାଠି କରି ଗୋଟାଏ ରକମ ତକିଆ କରି ମୁଣ୍ଡ ତଳେ ରଖିଲା । ଯେଉଁ ଛୋଟ ରବର ବଲ୍‌ଟିରେ ସେ ଖେଳୁଥିଲା ତାକୁ ହାତ ପାଖରେ ଥୋଇଦେଲା । ତାଳୁରୁ ତଳିପା ଯାଏଁ ଥରେ ଆଉଁଶି ଦେଲାବେଳେ ଦେଖିଲା, ପେଟରେ ବେଟନ୍ ବାଜିଥିବା ଜାଗାଟି ଫୁଲି ରହିଛି । ଗୋଟାଏ ଆଖି ସାମାନ୍ୟ ଫିଟାଇ ଦେଖିଦେଇ ଭୋ କରି କାନ୍ଦି ଉଠିଲା ଏବଂ ବାଷ୍ପଭରା କଣ୍ଠରେ କହିଲା, କିରେ ବାପା ! ଚାଲିଗଲୁ !''

ଏ ହେଉଛି ଗାଳ୍ପିକ ନିଜ ପୁତ୍ର ମୁନୁକୁ ମାଟିରେ ପୋତିବା ଦୃଶ୍ୟ ଏବଂ ଏ ଶୋକୋଚ୍ଛ୍ୱାସ ହେଉଛି ଜଣେ ବିଦଗ୍ଧ ପିତାର ।

ଗାଳ୍ପିକ ବସନ୍ତ ଶତପଥୀ ନିଜ କଥୋପକଥନ ବେଳେ ନିଜ ସମୟର ମୟୂରଭଞ୍ଜ ରାଜ୍ୟର ରାଜାଙ୍କର ପ୍ରଜାନୁରଞ୍ଜନ ଓ ଉଦାରଚେତନା ଭାବକୁ ପ୍ରଶଂସା କରୁଥିଲେ । ସେଇ ରାଜବଂଶର ଉତ୍କଳୀୟ ଜାତୀୟ ନବଜାଗରଣ ପର୍ବରେ ଦେଇଥିବା ଅବଦାନକୁ ସ୍ୱୀକାର କରୁଥିଲେ । ମାତ୍ର ମଣିଷ ହିସାବରେ ଏ ଗାଳ୍ପିକ ଥିଲେ ଉଦାର ମାନବବାଦୀ, ଜାତୀୟବାଦୀ ତଥା ଗାନ୍ଧିବାଦୀ । ମହାମତି ମାର୍କସ୍ ମଣିଷର ସଂଶୋଧନ ସମାଜବାଦୀ ଶାସନ ପର୍ବରେ ରାଷ୍ଟ୍ର ମାଧ୍ୟମରେ ହେଉ ବୋଲି କହିଥିଲେ । ସମାଜବାଦୀ ସୋପାନ ଅତିକ୍ରମ କରି କମ୍ୟୁନିଜିମ୍‌ର ଆଗମନ କାଳରେ ମଣିଷକୁ ସଂଶୋଧନ ବା ସୁସଂସ୍କୃତିସଂପନ୍ନ କରିବାରେ ସମାଜ ବା ସୋସାଇଟି ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ ମତ ଦେଇଥିଲେ । ମଣିଷକୁ ତାହାର ଅନ୍ତଃସ୍ୱର ସଂଶୋଧିତ ହେବାକୁ ବା ତାହାର ନୈତିକତା ବିକାଶ ପାଇଁ ମାର୍କସ୍ ବିଶେଷ ଗୁରୁତ୍ୱ ଦେଇ ନଥିଲେ । ଲେନିନ୍ କିନ୍ତୁ ସମାଜବାଦୀ ଆର୍ଥନୀତିକ ପଟ୍ଟଭୂମି ବା socialistic economic structure ଗଠନବେଳେ ମଣିଷ ମଧ୍ୟରେ କେତେକ ଚିରନ୍ତନ ମୂଲ୍ୟବୋଧ ସାଙ୍ଗକୁ କେତେକ ସମାଜବାଦୀ ନୈତିକତାର କର୍ଷଣ ହେଉ ବୋଲି ଚାହିଁଥିଲେ । ତେଣୁ ସୋଭିଏତ୍ ୟୁନିଅନ୍‌ରେ କ୍ଷମତାସୀନ ହେବାପରେ ସେ ସମାଜବାଦୀ ସମାଜରେ ନୈତିକତାର ସଂରଚନା କରିବା ନିମନ୍ତେ ଆରମ୍ଭ କରିଥିଲେ ସାଂସ୍କୃତିକ ବିପ୍ଳବ ।

ଗାନ୍ଧି କିନ୍ତୁ ବ୍ୟକ୍ତି ମୌଳିକ ଭାବେ ନିଜ ମଧ୍ୟରୁ ନିଜେ ସଂଶୋଧିତ ଓ ଶୋଧିତ ହେଉ ବୋଲି ମତ ଦେଉଥିଲେ । ବ୍ୟକ୍ତି ଯଦି ନିଜସ୍ୱ ଚେଷ୍ଟାରେ ନିଜ ମଧ୍ୟରୁ ନିଜେ ସୁଶୃଙ୍ଖଳିତ, ସୁବ୍ୟବସ୍ଥିତ, ସଂସ୍କୃତିସଂପନ୍ନ ନହୁଏ ତେବେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଗଠିତ ହୋଇପାରିବ ନାହିଁ । ଗାନ୍ଧି ନୈତିକତା ଉପରେ ତେଣୁ ବିଶେଷ ଗୁରୁତ୍ୱ ଆରୋପ କରୁଥିଲେ । ରାଷ୍ଟ୍ର ବ୍ୟକ୍ତିକୁ ଯେତେ ପ୍ରକାର ଆର୍ଥନୀତିକ ସୁବିଧା ଦେଉ ବା ଯେତେ ପ୍ରଜାମଙ୍ଗଳକାରୀ ଯୋଜନା ଚାଲୁ କରୁ, ସେଇ ରାଷ୍ଟ୍ରରେ ବସବାସ କରୁଥିବା ବ୍ୟକ୍ତି ଚରିତ୍ର ଯଦି କଳୁଷିତ ହୁଏ, ତେବେ ଯଥାର୍ଥ



Digitized by PPRACHIN, SOA

ବିକାଶ କ୍ଷେତ୍ରରେ କିଛି ସୁଫଳ ମିଳିବ ନାହିଁ । ଗାଳ୍ପିକ ବସନ୍ତ ଶତପଥୀ ଗାନ୍ଧି ଓ ନେହରୁଙ୍କ ଭକ୍ତ ଥିଲେ ଓ ସେ ଦୁହିଁଙ୍କ ଜୀବନ ଦର୍ଶନରେ ପ୍ରଭାବିତ ମଧ୍ୟ ହୋଇଥିଲେ । ୧୯୩୪ ମସିହାରେ ରେଭେନ୍‌ସା କଲେଜରେ ଛାତ୍ର ଥିବାବେଳେ ସେ ଗାନ୍ଧିଙ୍କୁ କଟକ ରେଲଷ୍ଟେ ପ୍ଲାଟଫର୍ମରେ ଦର୍ଶନ କରିବାର ସୁଯୋଗ ପାଇଥିଲେ । ଗାନ୍ଧିଙ୍କୁ ସେ ସ୍ୱରାଜ ପାଣ୍ଠି ପାଇଁ କିଛି ପଇସା ମଧ୍ୟ ଦାନ କରିଥିଲେ । ଗାନ୍ଧିଙ୍କ ଦର୍ଶନର ଅନୁଭୂତିକୁ କଥାମୟ କରି ଗାଳ୍ପିକ ଲେଖନ୍ତି- ‘‘ପ୍ଲାଟ୍‌ଫର୍ମ ଭିତରକୁ ପଶି ଦେଖିଲି ଭିଡ଼ ଆଉ ନାହିଁ । ତେଣେ ସବୁଜ ଆଲୁଅ ଦିଶିଲାଣି । ଗାଡ଼ି ଛାଡ଼ିବାକୁ ଅପେକ୍ଷା । ଗାନ୍ଧି କିନ୍ତୁ ସେମିତି ହାତ ପାତି ଛିଡ଼ା ରହିଛନ୍ତି । ଦଉଡ଼ି ଯାଇ ଯାହା ନେଇଥିଲି (ତିନୋଟି ବା ଚାରୋଟି ତମ୍ବା ପଇସା) ହାତରେ ଥୋଇ ଦେଲି । ତା’ପରେ ସାହସ ବାନ୍ଧି ପାପୁଲିରୁ ବାହୁ ପର୍ଯ୍ୟନ୍ତ ଆଉଁଶି ନେଇଗଲି । ବିରକ୍ତି, ଆପତ୍ତି, ଅଭିଯୋଗ ଲେସ୍‌ମାତ୍ରାରେ ନାହିଁ । ପୁଣ୍ୟାତ୍ମାଙ୍କ ଆଖି ମୁହଁରେ ଯେତେ ହାତ ଛୁଇଁ ବା ଆଉଁଶି ଲୋକେ ଆନନ୍ଦ ପାଉଛନ୍ତି, ତେବେ ବର୍ଷ ବର୍ଷ ଧରି ତାହା ଲମ୍ବାଇ ରଖିବାରେ ଯେମିତି ତାଙ୍କର କ୍ଳାନ୍ତି ନାହିଁ । କେତେମାସ ପୂର୍ବେ ପ୍ରଥମ କରି ଜଗନ୍ନାଥଙ୍କୁ ଦର୍ଶନ ଓ ସ୍ପର୍ଶ କଲାବେଳେ ମନରେ ଯେଉଁ ଅଲୌକିକ ଆନନ୍ଦ ଓ ପୁଲକ ପାଇଥିଲି ସେ ମୁହୂର୍ତ୍ତରେ ଅବିକଳ ମୋର ସେହି ଅନୁଭୂତି ହେଲା । ରୋମାଞ୍ଚକର, ଯାଦୁକରୀ ସେ ସ୍ପର୍ଶ । ସେହି ସ୍ପର୍ଶ ରୋଗୀକୁ ରୋଗମୁକ୍ତ କରେ, ପଥରକୁ ରୋଟି କରେ ।’’ (ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ-ସାକ୍ଷାତକାର- ପୃ.୧୨୪) । ସେହିପରି ଗାଳ୍ପିକ ନାରୁ ମହାନ୍ତିଙ୍କୁ ଏକ ସାକ୍ଷାତକାର ପ୍ରଦାନ ବେଳେ ଜୀବନର ସ୍ମରଣୀୟ ଘଟଣା ରୂପେ ସେ ନେହରୁଙ୍କୁ ଦର୍ଶନ କରିବା କଥା ଉଲ୍ଲେଖ କରିଥିଲେ । ସେ କହିଥିଲେ- ‘‘କଟକ ମ୍ୟୁନିସିପାଲିଟି ସାମ୍ନାରେ ଜବାହରଲାଲ ‘ସ୍ପେନୀୟ ଯୁଦ୍ଧ’ ବିଷୟରେ ପାଞ୍ଚ ମିନିଟିଆ ବକ୍ତୃତାଟିଏ ଦେଇଥିଲେ । ତାହା ମୁଁ ମୁଗ୍ଧଚିତ୍ତରେ ଶୁଣିଥିଲି ।’’ ଗାନ୍ଧିଙ୍କ ଦର୍ଶନ ଥିଲା ନୈତିକତାର ଦର୍ଶନ, ବ୍ୟକ୍ତି ଚରିତ୍ରକୁ ପରିବର୍ତ୍ତନ କରି ରାମରାଜ୍ୟ ଗଠନର ଜୀବନ ଦର୍ଶନ, ‘ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ’ର ଶାଶ୍ୱତ ଦର୍ଶନ । ନେହରୁଙ୍କ ଫିଲୋସଫି ଥିଲା ରାଷ୍ଟ୍ରଶାସନ କ୍ଷେତ୍ରରେ ଗାନ୍ଧିବାଦୀ ଦର୍ଶନର କାର୍ଯ୍ୟକାରୀ କରିବାକୁ ଯଦ୍‌ପରୋନାସ୍ତି ପ୍ରୟାସ । ସମାଜବାଦୀ ଆର୍ଥନୀତିକ ପ୍ରକଳ୍ପ ସହିତ ପୁଞ୍ଜିବାଦୀ ଘରୋଇ ପ୍ରକଳ୍ପର ସହାବସ୍ଥାନ ବା ମିଶ୍ର ଅର୍ଥନୀତିର ପ୍ରଚଳନ । ବ୍ୟକ୍ତିର ଚାରିତ୍ରିକ ବିକାଶ କ୍ଷେତ୍ରରେ ଉଭୟ ବ୍ୟକ୍ତି ନିଜର ତଥା ରାଷ୍ଟ୍ରର ଭୂମିକା ଅଛି ବୋଲି ନେହରୁ କହୁଥିଲେ । ଗାଳ୍ପିକ ବସନ୍ତ ଶତପଥୀ କିନ୍ତୁ ଏ ପ୍ରସଙ୍ଗରେ ବ୍ୟକ୍ତିର ବିକାଶ ନିମନ୍ତେ ସର୍ବାଗ୍ରେ ବ୍ୟକ୍ତିର ନିଜସ୍ୱ ପ୍ରଚେଷ୍ଟାକୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଭାବୁଥିଲେ । ‘ଗରିବୀ ହଟାଓ’ ଗଳ୍ପରେ ସେ ଏ ପ୍ରସଙ୍ଗକୁ ମୁଖ୍ୟ ବିଷୟ ରୂପେ ଉପସ୍ଥାପନ କରିଛନ୍ତି । ଗରିବ ଭଙ୍ଗାକାଚ ସାଉଁଟାଳିଟି ଅଧିକା କାଚ ବୋତଲ ଲେଖକଙ୍କଠାରୁ ସଂଗ୍ରହ କରିଛି । ତା’ର ବିକ୍ରୟ ଉପଲବ୍ଧ ପଇସାକୁ ସେ ଅନ୍ୟ କେଉଁ ବାଟରେ ବ୍ୟୟ କରିବା ପରିବର୍ତ୍ତେ ମଦ୍ୟପାନରେ ଖର୍ଚ୍ଚ କରିଛି ଓ ତା’ର ପତ୍ନୀକୁ ମଦନିଶାରେ ରାତିରେ ପିଟିଛି । ଭଙ୍ଗାକାଚ ସାଉଁଟାଳିର ସ୍ତ୍ରୀ ଲେଖକଙ୍କୁ ଆଉ ଅଧିକ କାଚ ବୋତଲ ମାଗଣାରେ ଦେବାକୁ ବାରଣ କରି କହୁଚି- ‘‘ଏ ବାବୁ ! ତୋତେ ଜୁହାର ହେଉଛି, ଆଉ ତାକୁ ଶିଶି ବୋତଲ ଦବୁ ନାହିଁ । ଫେର୍ ପିଇବ, ମୋତେ ମାରିବ, ମୁଁ ମରିଯିବି ।’’ (ଗଙ୍ଗା ଓ ଗାଙ୍ଗୀ, ପୃ-୬)



Digitized by PPRACHIN, SOA

ଅନ୍ୟପକ୍ଷରେ ଲେଖକଙ୍କ ମୂର୍ଖ ଚାକର ସେଇ କାଚ ବିକ୍ରି ପଇସାରୁ ଯାହା କିଛି ଭାଗ ପାଇଥିଲା, ସେ ଅର୍ଥକୁ ସିନେମା ଦେଖି ଓ ବାଦାମ ଖାଇ ଉଡ଼ାଇ ଦେଇଛି । ଅତି ଦାରିଦ୍ର୍ୟ ଓ ଅଶିକ୍ଷାରେ ସଢୁଥିବା ଲୋକଙ୍କୁ ରାଷ୍ଟ୍ର ବିଭିନ୍ନ ଯୋଜନା ସୂତ୍ରରେ ଅତ୍ୟଧିକ ଅର୍ଥ ଦେଲେ ତାହା ଅପବ୍ୟୟରେ ଯାଏ- କାରଣ ଗ୍ରହୀତା ସେ ଅର୍ଥକୁ ନିଜର ବିକାଶ ନିମନ୍ତେ ବ୍ୟୟ କରିବାର ମାନସିକତାରେ ନଥାଏ, ବ୍ୟକ୍ତି ଚରିତ୍ର ଠିକ୍ ହୋଇ ରହିଥିଲେ ରାଷ୍ଟ୍ରର ଆର୍ଥିକ ସହାୟତା ଠିକଣା ବାଟରେ ଯାଇଥାନ୍ତା । ତେଣୁ ରାଷ୍ଟ୍ର ଗରିବି ହଟାଇବା ନିମନ୍ତେ ଯେତେ ଯୋଜନା ଓ ଖର୍ଚ୍ଚ ବରାଦ କଲେ ବି ବ୍ୟକ୍ତିଚରିତ୍ର ଶୋଧିତ ନଥିଲେ ତାହା କେବଳ ଦରିଆରେ ଶଙ୍ଖେ ପାଣି ପରି ଢ଼ଳା ହେବାରେ ଯିବ ।

ଗାଳ୍ପିକ ବସନ୍ତ ଶତପଥୀ ଏହିପରି ଆତ୍ମ ପରିବର୍ତ୍ତନର ପ୍ରସଙ୍ଗ ଅନେକ ଗଳ୍ପରେ ଉଠାଇଛନ୍ତି । 'ଶାନ୍ତି ପୁରସ୍କାର' ତା ମଧ୍ୟରୁ ଏକ ଉଲ୍ଲେଖନୀୟ ଗଳ୍ପ । ଏ ଗଳ୍ପରେ ସେ ମଦର ଟେରେସାଙ୍କ ଉକ୍ତିର ସାହାଯ୍ୟ ନେଇଛନ୍ତି ଗାନ୍ଧିଙ୍କ ସେବା, ନୈତିକତା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ମାର୍ଗକୁ ସୁପ୍ରଶସ୍ତ ଓ ସୁବୃହତ୍ ଭାବେ ବ୍ୟାଖ୍ୟା କରିବାପାଇଁ । ଗାଳ୍ପିକଙ୍କ ବସାଘର ତଳେ ଥିବା ଗ୍ୟାରେଜ୍‌ରେ ସରସ୍ୱତୀ ମୂର୍ତ୍ତି ତିଆରି କରି ମୃତ୍‌ଶିଳ୍ପ ବ୍ୟବସାୟ କରିବାକୁ ନିରଞ୍ଜନ ନାମକ ଏକ ବଙ୍ଗାଳୀ ଯୁବକ ଶିଳ୍ପୀମାନଙ୍କୁ ଧରି ଭଡ଼ାରେ ରହେ । ଷ୍ଟେରିଓ ବଜାଇ ସେ ଲେଖକଙ୍କର ମାନସିକ ଶାନ୍ତି ଭଙ୍ଗ କରେ ଦିବାରାତ୍ର । ଲେଖକ ତାକୁ ଗାଳି ଦିଅନ୍ତି ଓ ଏ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହୁଏ । ଅଶାନ୍ତି ଓ ପ୍ରତିଯୋଗିତାମୂଳକ ଆଚରଣ ଦିନୁଦିନ ବଢ଼ିଚାଲେ । ସେଇ ଅଶାନ୍ତ ଦିନମାନଙ୍କରେ ମଦର ଟେରେସା ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଉଥିବାର ଖବର ପ୍ରଚାରିତ ହୁଏ । ଲେଖକଙ୍କୁ ଟେରେସାଙ୍କ ବାର୍ତ୍ତା ଭାରି ଭଲ ଲାଗେ । ଯଥା- ଲଭ୍ ଏଣ୍ଡ ବି ଲଭ୍‌ଡ୍ । ଅର୍ଥାତ, ପ୍ରେମ କର ପ୍ରେମିକ ହୁଅ । ପ୍ରେମ ଦିଅ ଓ ପ୍ରେମ ନିଅ । ମଦରଙ୍କର ଏହି ବାକ୍ୟକୁ କାର୍ଯ୍ୟକାରୀ କରିବାକୁ ଯାଇ ଲେଖକ ନିରଞ୍ଜନ ଓ ତା'ର ସାଥୀମାନଙ୍କୁ ଚା' ଯାଚନ୍ତି ଓ ସେମାନଙ୍କ ଶିଳ୍ପକଳାର ତାରିଫ୍ କରନ୍ତି । ହଠାତ୍ ସେହି ଅଶାନ୍ତ ବାତାବରଣ ଦୂରୀଭୂତ ହୁଏ ଏବଂ ଫେରିଆସେ ଶାନ୍ତି ଓ ସଂପ୍ରୀତି ।

ଗାଳ୍ପିକ ବସନ୍ତ ଶତପଥୀ ସତସତିକା ସାମାଜିକ ନ୍ୟାୟ ପ୍ରତିଷ୍ଠା ଦେଖିବାକୁ ବ୍ୟଗ୍ର ଥିଲେ । ଆଜିର ତଥାକଥିତ ସ୍ୱାଧୀନ ସମାଜରେ ସାଂପ୍ରଦାୟିକତାବାଦ, ଜାତିଆଣବାଦ, ଆଞ୍ଚଳିକବାଦ ଓ ଗୋଷ୍ଠୀ କନ୍ଦଳ କିପରି ଭୋଟ୍ ରାଜନୀତିର ଲାଞ୍ଜ ଧରି କ୍ୟାନ୍‌ସର ବ୍ୟାଧି ପରି ଭାରତର ମୂଳ ସମାଜକୁ ଖାଇଗଲାଣି, ବସନ୍ତ ଶତପଥୀ ତାହା ଚିତ୍ରଣ କରିଛନ୍ତି 'ଉନ୍ନୟନ' ଶୀର୍ଷକ ଗଳ୍ପରେ । ରାଜତନ୍ତ୍ର ଅମଳରେ ଗୋଟିଏ ଗାଁରେ ଡମ ଓ ବ୍ରାହ୍ମଣମାନେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ରୀତିରେ ବେଶ୍ ସୁଖ ଶାନ୍ତିରେ ଥିଲେ । ଡମମାନଙ୍କ ମୁଖିଆ ଥିଲା ବୃଦ୍ଧ ଲାଲମୋହନ । ବ୍ରାହ୍ମଣସାହିର କୂଅରୁ ପାଣି ଆଣିବାର ଅଧିକାର ଦେବା ନାମରେ ରାଜନୀତି କରୁଥିବା ଜଣେ ପୁରୁଖା ବ୍ରାହ୍ମଣ ଲାଲମୋହନ ଓ ତା'ର ଜାତିଭାଇକୁ ପ୍ରଲୁବ୍ଧ କରେ ଓ ପାଣି କାଢ଼ିବାବେଳେ ଡମମାନଙ୍କ ଉପରେ ବ୍ରାହ୍ମଣସାହିର ଯୁବକଙ୍କୁ ଲଗାଇ ନୃଶଂସ ଆକ୍ରମଣ କରାଏ । ଶେଷତଃ ଡମସାହିକୁ ବ୍ରାହ୍ମଣମାନେ ପୋଡ଼ି ଛାରଖାର କରିଦିଅନ୍ତି । ଏହିପରି ଗାଁରେ ଦଳିତ ଡମମାନଙ୍କର



Digitized by PPRACHIN, SOA

ସର୍ବାଙ୍ଗୀଣ ଉନ୍ନୟନ ସାଧିତ ହୁଏ । ଲାଲମୋହନ ଏ ନୂଆ ନୀତିର ନୀରବ ପ୍ରତିବାଦ ସ୍ୱରୂପ ସେ ଗାଁ ଓ ନିଜର ସାତ ପୁରୁଷର ଭିଟାମାଟି ଛାଡ଼ି ଅନ୍ୟତ୍ର ପ୍ରସ୍ଥାନ କରେ ।

ଗାଳ୍ପିକ ବସନ୍ତ ଶତପଥୀ ଏକ ପୁଞ୍ଜିବାଦୀ ସମାଜରେ ଲୁଚି ରହିଥିବା ବିଭିନ୍ନ ପ୍ରକାର ପାତରଅନ୍ତର ନୀତିକୁ ତାଙ୍କର ଅନେକ ଗଳ୍ପରେ ହାସ୍ୟମୟ ଭାଷାରେ ଉଦ୍‌ଘାଟନ କରିଛନ୍ତି । ହାସ୍ୟରସର ପ୍ରଚ୍ଛଦ ତଳେ ଶୋକର ଫଲଗୁଟିଏ ଅନ୍ତଃସଲିଳା ହୋଇ ବୋହୁଥାଏ । ତଥାକଥିତ ବିକଶିତ ନଗରୀ ଓ ମହାନଗରୀର ଉପାନ୍ତ ଖଣ୍ଡି ବଜାର ଓ ବସ୍ତିକୁ ନେଇ ତାଙ୍କର ରଚିତ ଦିଓଟି ଗଳ୍ପ 'ମକର : ଘୁଷୁରିସାହିର' ଓ 'ରଜା : ଘୁଷୁରିସାହିର' । ଗାଳ୍ପିକ ତଥାକଥିତ ଆର୍ଥନୀତିକ ତଥା ସାମାଜିକ ବିକାଶକୁ ଏ ଦୁଇ ଗଳ୍ପରେ ଦେଖିଛନ୍ତି ବାସ୍ତବରେ ଏକ ciritical realistic ଦୃଷ୍ଟିରେ । ବହୁ ପ୍ରତୀକ୍ଷିତ ମକରପର୍ବ ପାଳିବା ନିମନ୍ତେ ବେଙ୍ଗର ନୂଆ ଶାଢ଼ି ଓ ବ୍ଲାଉଜ୍ ସେ ବର୍ଷ କିଣା ହୋଇ ପାରିନଥାଏ । ସେ ପାଇଁ ଘୁଷୁରିସାଇର ଝୁମ୍ପୁଡ଼ିବାସିନୀ ବେଙ୍ଗମା'ର ସମ୍ବଳ ନଥାଏ । ବେଙ୍ଗର ମନ କଷ୍ଟ ଦେଖି ବେଙ୍ଗମା' ଯୁବତୀ ଝିଅକୁ ନେଇ କେତେଘଣ୍ଟା ପାଇଁ ଟେକି ଦେଇଛି ସାଇଛକରେ ଦେହବ୍ୟବସାୟର ମଧସ୍ଥି ନିମନ୍ତେ ନାଁକୁ ମାତ୍ର ପାନ କ୍ୟାବିନ୍ ଖୋଲି ବସିଥିବା ବେପାରୀ ହାତରେ । ଦେହ ବିକି ମକର ପାଳନ ଦୁଃସମ୍ବାଦ ଲେଖକ ଶୋକମୟ ଭାଷାରେ 'ମକର : ଘୁଷୁରିସାହିର'ରେ ବର୍ଣ୍ଣନା କରି ସତେ ଯେମିତି ଆହ୍ୱାନ ଦେଇଛନ୍ତି- ''ନା, ନା, ଏମିତି ବ୍ୟବସ୍ଥା ଆଉ ବେଶିଦିନ ଚଳିବାକୁ ଦେବୁ ନାହିଁ । ତୁରନ୍ତ ଏହାର ପରିବର୍ତ୍ତନ କର ।''

ଗାଳ୍ପିକ ବସନ୍ତ ଶତପଥୀ ଯଦିଓ ଉପରକୁ ଜଗନ୍ନାଥଙ୍କ ଭକ୍ତ ପରି ଜଣା ପଡ଼ନ୍ତି, କିନ୍ତୁ ଜଗତର ପ୍ରାଣୀଙ୍କ ଆରତ, ଶୋଷଣ, କଷଣ ଦେଖି ଅନ୍ତଃସ୍କରଣରେ ଜଗତର ସ୍ରଷ୍ଟା ବିଧାତାଙ୍କ ଲୀଳା ଖେଳା ପ୍ରତି ସନ୍ଦେହବାଦୀ ଦୃଷ୍ଟିଭଙ୍ଗୀ ପୋଷଣ କରୁଥିଲେ । ସେ ନା ଥିଲେ ଜଣେ କଟ୍ଟର ଆସ୍ତିକ, ନା ଥିଲେ ଜଣେ ନିରୀଶ୍ୱରବାଦୀ । ବରଂ ସେ ଥିଲେ ଜଣେ ଏଗ୍ନୋଷ୍ଟିକ- ବା ସନ୍ଦେହବାଦୀ । 'ବାସନ୍ତୀ' ଗଳ୍ପରେ ଲେଖକ ଏହି ମର୍ମରେ ନିଜର ଆତ୍ମବିଶ୍ଳେଷଣ ପେସ୍ କରିଛନ୍ତି- ''ପୁରୀରୁ ମୁଁ ଶହେ ଟଙ୍କା ଦେଇ ତିନିଠାକୁରଙ୍କ ମୂର୍ତ୍ତି କିଣି ଆଣି ଘରେ ରଖିଛି । ଗାଧୋଇପାଧୋଇ 'ନ ଜାନାମି ମନ୍ତ୍ରଂ' କହି ଫୁଲ କେତୁଟା ଦିଏଁ ଓ ଧୂପଦୀପ ଦିଏ । ଲୋକ ଦେଖାଣିଆ ମୋର ଦେବଭକ୍ତି ଅତି ବେଶି ହେଲେ ଦିହପା ଖରାପ ହେଲେ ଡାକ୍ତର ଆସିବା ପର୍ଯ୍ୟନ୍ତ ଠାକୁରମାନଙ୍କ ଉପରେ ନିର୍ଭର କରେ । ମୋଟ୍ ଉପରେ ସ୍ତ୍ରୀଙ୍କ ତାଗିଦା ଓ ଭୟରେ ଏ ଜଗନ୍ନାଥପ୍ରୀତି । ପୁଅବୋହୂଙ୍କ ଧର୍ମ କର୍ମ ପ୍ରତି ଆସ୍ଥା ଥାଉ ନଥାଉ, ଆଗ୍ରହ ନାହିଁ । ସେମାନେ ଏକ କଥାରେ ସ୍ଥିତିବାଦୀ ।'' (ଆକାଶୀଫୁଲ-ପୃ-୫୦) ।

କଳା ହେଉଛି ଏକ ସୂକ୍ଷ୍ମ ମାଧ୍ୟମ- ଯାହା ପାଠକଙ୍କୁ କର୍ମପ୍ରବଣ ହେବାକୁ ପ୍ରଚୋଦନା ସୃଷ୍ଟି କରେ- ଆଗ୍ରହାନ୍ୱିତ କରେ । କଥା ଓ ଶୈଳୀ ଭିତରେ ଲୁଚି ରହିଥାଏ କଳା ଏବଂ ସେ ପାଠକଙ୍କ ମନରେ ସଂବେଦନା ସୃଷ୍ଟି କରି ତାହାକୁ ଲେଖକ ଚାହୁଁଥିବା ପରିବର୍ତ୍ତନ ଆଡ଼କୁ ପ୍ରଧାବିତ କରାଏ । ମାନବବାଦୀ ସମ୍ବେଦନା ପାଠକ ମନରେ ପ୍ରତିକ୍ରିୟା ସୃଷ୍ଟି କରେ । ପାଠକର ମନ ଏତଦ୍ୱାରା ଗତିଶୀଳ ହେଲେ ତାହା ସ୍ଥିତାବସ୍ଥା ଭାଙ୍ଗିବା ପାଇଁ ଖୁବ୍ ବେଗରେ ଦଉଡ଼େ ।



Digitized by PPRACHIN, SOA

ଗିରୀଶଚନ୍ଦ୍ରଙ୍କର କଳାପାହାଡ଼ ଭୂମିକାରେ ସଫଳ ଅଭିନୟ ଦେଖି ଈଶ୍ୱରଚନ୍ଦ୍ର ଯେତେବେଳେ ମଞ୍ଚକୁ ଉଠିଯାଇ ଭାବଗଦ୍‌ଗଦ୍ ହୋଇ ଅଭିନେତାଙ୍କୁ ଚପଲ ଦ୍ୱାରା ଆକ୍ରମଣ କରନ୍ତି ବା ସିରାଜଉଁଦ୍ଦଲା ନାଟକ ଦେଖି କଲିକତାର ତତ୍କାଳୀନ ମେୟର ସୁଭାଷ ଚନ୍ଦ୍ର ବୋଷ ଯେତେବେଳେ ଭାରତମାତାକୀ ଜୟ ସ୍ଲୋଗାନ ଦେଇ ହଲରୁ ବାହାରି ଆସନ୍ତି, କଳା ତାହାର କାର୍ଯ୍ୟ ସଫଳ ଭାବରେ କରେ ବୋଲି ବୁଝିହୁଏ । ସବୁରି ମୂଳରେ ଅସଲ କଥା ହେଲା ମାନବିକ ସମ୍ବେଦନା ସୃଷ୍ଟି କରିବା ଦିଗରେ କଳାର ଭୂମିକା । ବସନ୍ତବାବୁ 'କାଠ' ଗଳ୍ପର ସାନ୍ତାଳ କାଠକଟାଳି ବୁଢ଼ାଟି ପ୍ରତି ମାଲିକ ନେଇଥିବା ଦୃଷ୍ଟିଭଙ୍ଗୀକୁ ଅନୁଧାନ କରି ପାଠକ ମନରେ ଯେଉଁ ସମ୍ବେଦନା ଜନ୍ମେ, ତାହା ହେଉଛି ଏକ ଶକ୍ତିଶାଳୀ ମାନବବାଦୀ ସମ୍ବେଦନା । ଏହି ମାନବବାଦୀ ସମ୍ବେଦନାର ରଚନା ଓଡ଼ିଆ ଗଳ୍ପ ସାହିତ୍ୟ ଆହରଣ କରିଛି ଆଧୁନିକ ୟୁରୋପୀୟ କଥାସାହିତ୍ୟରୁ । ଆଧୁନିକ ଗଳ୍ପ ସାହିତ୍ୟର ଦୁଇଜଣ ପିତା- ଜଣେ ହେଲେ ଫ୍ରାନ୍‌ସର ଗାଳ୍ପିକ ମୋପାଁସା ଓ ଆରଜଣକ ହେଲେ ରୁଷର ଯଶସ୍ୱୀ କଥାକାର ଆଣ୍ଟୋନ୍ ଚେକଭ୍ । ଚେକଭଙ୍କ ପ୍ରସିଦ୍ଧ ଗଳ୍ପ 'ଭିକ୍ଷୁକ'ରେ ବସନ୍ତ ଶତପଥୀଙ୍କ କାଠୁରିଆବୁଢ଼ା ପରି ଏକ ଅସହାୟ ଚରିତ୍ର 'ଲୁଶ୍‌କେଫ୍' ଆସିଛି । ଓକିଲବାବୁ ତାକୁ ମଧ୍ୟ କାଠକାଟିବାକୁ ବରାଦ କରିଛନ୍ତି ଓ ମୂଲ ମଜୁରିର ଦର କଷାକଷି କରିଛନ୍ତି । ଉଭୟ ଗାଳ୍ପିକଙ୍କ ନାୟକ କାଠକଟାଳି ଲୋକଟି ମଧ୍ୟ କାଠ କାଟିଛି । ମାତ୍ର ରୁଷୀୟ କାଠଚିରାଳି ଲୁଶ୍‌କେଫ୍‌ଙ୍କୁ ସାହାଯ୍ୟ କରିଛି ଓକିଲଙ୍କ ରୋଷେଇଆ ଓଲ୍‌ଗା । ସେ କାଠଗଣ୍ଡିଟିକୁ ଓକିଲଙ୍କ ଦୃଷ୍ଟିର ଉହାଡ଼କୁ ଗଡ଼ାଇନେଇ ଦୁର୍ବଳ ତଥା ମଦ୍ୟପ ଲୁଶ୍‌କେଫ୍‌ଙ୍କୁ ସାହାଯ୍ୟ କରିଛି । ଓଲଗାର ଅନୁନୟ ବିନୟ ଓ ଶେଷତଃ ଗାଳିରେ ଲୁଶ୍‌କେଫ୍ ମଦ୍ୟପାନ ଛାଡ଼ି ଦେବ ବୋଲି ପ୍ରତିଜ୍ଞା କରିଛି । ସେ ହୋଇଛି ଏକ ପରିବର୍ତ୍ତିତ ମଣିଷ ଓ ପରେପରେ ଧନ ଅର୍ଜନ କରିପାଇଲଟି ଯାଇଛି ଜଣେ ସଂଭ୍ରାନ୍ତ ପୁରୁଷ । ଚେକଭ୍ ଏ ଗଳ୍ପରେ ଜଣେ ଗରିବ ଲୋକର ଆତ୍ମିକ ବିକାଶର ଧାରାକୁ ପୂର୍ଣ୍ଣାଙ୍ଗ କରି ଛାଡ଼ିଛନ୍ତି । ମାତ୍ର ବସଂତ ଶତପଥୀ ତାଙ୍କ 'କାଠ' ଗଳ୍ପରେ କାଠକଟାଳିକୁ ଗାରଡେଇ କ୍ରୋଧପୂର୍ଣ୍ଣ ନେତ୍ରରେ ଚାହିଁବା ଅବସ୍ଥାରେ ରଖି ଗପଟିର ଉପସଂହାର ଟାଣିଛନ୍ତି । କାଠକଟାଳିକୁ ଶୋଷଣ କରିଥିବା ନାୟକ ବୁଢ଼ାର କ୍ରୋଧ ଦେଖି ଭୟଭୀତ ହୋଇଛି ନିଶ୍ଚିତ । କିନ୍ତୁ ଗଳ୍ପଟିରେ ଈପ୍‌ସିତ କ୍ରୋଧଟି ପାଠକ ମନରେ ହୃଦୟ ପରିବର୍ତ୍ତନର ବାଡ଼ବାଗ୍ନି ସୃଷ୍ଟି କଲା କି ନାହିଁ ତାହା ଆମର ଅନୁଧ୍ୟାନର ବିଷୟ ରହିଛି । ଏକଥା ସତ୍ୟ ଯେ, ଗପଟିରେ ସୃଷ୍ଟି କରାଯାଇଥିବା ଉତ୍‌ପ୍ରେକ୍ଷା ପାଠକର ହୃଦୟତନ୍ତ୍ରୀକୁ ସମ୍ବେଦନାରେ ଭିଜେଇ ଦିଏ ଏବଂ ତାପରେ ଏକ ପ୍ରତିକ୍ରିୟା ସୃଷ୍ଟିକରେ- ମାନବିକତା ସପକ୍ଷରେ, ମଣିଷପଣିଆ ସପକ୍ଷରେ ।

ଗାଳ୍ପିକ ବସଂତ ଶତପଥୀଙ୍କ 'କାଠ' ବ୍ୟାପାରଟି ପୂର୍ଣ୍ଣତା ଲଭିଛି ତାଙ୍କର ଅନ୍ୟ ଏକ ଗଳ୍ପ- 'ମୁଖାଗ୍ନି'ରେ । ଜଣେ ଲୋକ ଆର୍ଥିକ ଭାବେ ତଳିତଳାନ୍ତ ହୋଇଗଲେ, ସଂଗୀନ୍ ପରିସ୍ଥିତିରେ ପଡ଼ି ନାଚାର ହୋଇଗଲେ ଯାଇ ଶ୍ମଶାନର ଅଧାପୋଡ଼ା କାଠକୁ ଆଣି ନିଜ ଘରେ ରୋଷେଇରେ ବ୍ୟବହାର କରେ । ସାଧାରଣତଃ ଶ୍ମଶାନର ଦରପୋଡ଼ା କାଠକୁ ଆଣି ରୋଷେଇରେ ବ୍ୟବହାର କରିବା ଆମ ହିନ୍ଦୁ ସଂସ୍କାରରେ କେଉଁଠି ହେଲେ ଚଳେନା । ମଡ଼ାପୋଡ଼ାରେ ସାହାଯ୍ୟ କରୁଥିବା ଧୋବା ବଳକା କାଠକୁ ସେଇଠାରୁ ତାହାର ତୁଠକୁ ନେଇଯାଏ ଓ ସେଠାରେ ଲୁଗାସିଝା ପାଇଁ ତାହା ବ୍ୟବହାର କରିଥାଏ । କିନ୍ତୁ ଭୋଦୁଅ



Digitized by PPRACHIN, SOA

ମାସରେ ଏକ ବର୍ଷଣମୁଖର ଦିବସରେ ବାପାଙ୍କ ଶବ ପୋଡ଼ାପୋଡ଼ି ସାରି ଘରକୁ ଫେରି ପୁଅ ଦେଖିଛି ଘରେ ପିତାଭାତ ଖାଇବା ପାଇଁ ଚାଉଳ ନାହିଁ କି ରୋଷେଇ ନିମନ୍ତେ ଜାଳେଣି ନାହିଁ । ସ୍ତ୍ରୀ ବହୁ ଖୋଜାଖୋଜି କରି ଏକ ପୁରୁଣା ହାଣ୍ଡିରେ ରଖିଥିବା ମୁଠି ଚାଉଳ ପାଇଛି । ଜାଳେଣି ସଂଗ୍ରହ ପାଇଁ ପୁଅ ଯାଇଛି ଶ୍ମଶାନକୁ ବାପାଙ୍କ ଜୁଇରୁ ଅଧାପୋଡ଼ା କାଠ ଆଣିବାକୁ ଓ ତାହା ମଧ୍ୟ ଆଣିଛି । ଏ ଦୃଶ୍ୟ ପାଠକର ଚିତ୍ତବୃତ୍ତିକୁ ସଂବେଦନାରେ ଦୋହଲାଇ ଦିଏ । ତା' ପାଟିରୁ 'ଆହା' ଶବ୍ଦ ବାହାରିପଡ଼େ । କିନ୍ତୁ ଚେକଭ୍ ବ୍ୟକ୍ତି ବିକାଶର ଉଦ୍ଦେଶ୍ୟ ଏ ଗପରେ ମଧ୍ୟ ସାଧିତ ହୁଏନା । କେବଳ ସଂବେଦନା ସୃଷ୍ଟି କରିବାରେ ଅଟକି ଯାଏ ବସଂତ ଶତପଥୀଙ୍କ ନାୟକର କାଠ ସଂଗ୍ରହ ଅଭିଯାନ ।

ମାନବବାଦୀ ସଂବେଦନା ସହ ନଷ୍ଟାଲଜିକ୍ ପରିବେଶ ସୃଷ୍ଟି କରେ ବସଂତ ଶତପଥୀଙ୍କ ଅନେକ ଗଳ୍ପ । ପିତାମାତାଙ୍କର ପ୍ରଥମ ସଂତାନଙ୍କ ଶୁଭମନାସି ମାର୍ଗଶିର ମାସ ଅଷ୍ଟମୀ ତିଥିରେ ଓଡ଼ିଆ ପରିବାରରେ ପାଳନ କରାଯାଏ ପ୍ରଥମାଷ୍ଟମୀ । ବଡ଼ନାନୀର ବଡ଼ବୁଆକୁ ପଢୁଆଁ କରିବାପାଇଁ ଖନ୍ତାପଡ଼ାରୁ ଲୋକାଲ୍ ଟ୍ରେନ୍‌ରେ ବସ୍ତା ଯାଉଥାଏ ସରୋଜିନୀ ମହାନ୍ତି ନାମ୍ନୀ ଝିଅଟି ସହ ଦୋସ୍ତି ହୁଏ ଏବଂ ଲେଖକ ଝିଅଟିର ଅଜା ବନିଯାନ୍ତି । ଅଜା ବାପାମା'ଙ୍କ ପଢୁଆଁ ସନ୍ତାନ କିନ୍ତୁ ତାଙ୍କୁ ପଢୁଆଁ କରିବାକୁ ଏ ଦୁନିଆରେ କେହି ନାହାନ୍ତି । ସରୋଜିନୀ ସନ୍ଧ୍ୟାରେ ବସ୍ତାରେ କାମ ସାରି ଏ କାର୍ଯ୍ୟ ଫେରିବା ବାଟରେ ନିଜ ହାତରେ ସଂପାଦନ କରିବ ବୋଲି କହେ । କେମିତି ସେ ଅଜାଙ୍କୁ ପଢୁଆଁ କରିବ, ତାହାର ଏକ କଳ୍ପିତ ଚିତ୍ର ଝିଅଟି ଦେଲାବେଳେ ବର୍ଣ୍ଣନା କେତେକ ମାତ୍ରାରେ ନଷ୍ଟାଲଜିକ୍ ହୋଇ ଉଠିଛି - ଅନୁଧ୍ୟାନ କରାଯାଉ । ଆନନ୍ଦାତିଶଯ୍ୟରେ ସରୋଜିନୀ କହିଲା- ''ଅଜା, ମୋତେ ଭାରି ଖୁସି ଲାଗୁଛି । ତମକୁ କଂଚା ହଳଦୀ ମଖାଇବି, ସିନ୍ଦୂର ଚଂନ୍ଦନ ଦେବି, ମନ୍ଦିରକୁ ଯିବା- ଭୋଗ ଲଗାଇବା । କୁଞ୍ଚଛାଡ଼ି ନୂଆ ଲୁଗାପିନ୍ଧି ନୂଆ ଜାମା ଘୋଡ଼ି ତୁମେ ଯେତେବେଳେ ଚାଲିଥିବ କେତେ ସୁନ୍ଦର ନ ଦିଶିବ ! ମୁଁ ଶଂଖ ହୁଳହୁଳି ଦେଉଥିବି । ମୁଁ କହିଲି- ଆଉରି ଭଲ ଦିଶନ୍ତା । କନିଆଟିଏ ମୋ ଆଗରେ ଚାଲିଥିଲେ ।'' (କୁଳିଗାଁର ଶ୍ରୀମତୀ ସରୋଜିନୀ ମାହାନ୍ତି କେଆର ଅଫ୍ ସୁଦାମ୍ ମାହାନ୍ତି) । ଏ ଉଚ୍ଚାରଣ ଭିତରେ ଲେଖକଙ୍କ ପଛରେ ଛାଡ଼ିଆସିଥିବା ଦିନଗୁଡ଼ିକର ସ୍ମୃତି ପାଠକ ଆଗରେ ହଠାତ୍ ଚେଇଁ ଉଠେ ।

କଥାକାର ଫକୀରମୋହନଙ୍କ ଗଳ୍ପ ଶୈଳୀର ଦାୟାଦତ୍ୱ କରିବାପାଇଁ ଓଡ଼ିଶାରେ ଅନେକ କଥାକାର ନିଜ ଜ୍ଞାତସାରରେ ଅବା ଅବଚେତନରେ ପ୍ରୟାସ କରିଛନ୍ତି । ସୁରେନ୍ଦ୍ର ମହାନ୍ତି, ମନୋଜ ଦାସ ବା ବସଂତ ଶତପଥୀଙ୍କ ନାମ ଏ ପ୍ରସଂଗରେ ଉଲ୍ଲେଖ କରାଯାଇପାରେ । ବସଂତ ଶତପଥୀ ତାଙ୍କର ଅନେକ ସାହିତ୍ୟିକ ଅଭିଭାଷଣରେ ସେ ନିଜକୁ ଫକୀରମୋହନଙ୍କ ଦାୟାଦ ବୋଲି ଶ୍ରୋତାଙ୍କଠାରୁ ବା ତାଙ୍କ ଗଳ୍ପର ପାଠକଠାରୁ ଶୁଣିବାକୁ ସଶବ୍ଦ ଇଚ୍ଛା ପ୍ରକାଶ କରିଥାନ୍ତି । ଯେଉଁ ପାଠ ପଢ଼ିବା ପାଇଁ ଫକୀରମୋହନଙ୍କ ରେବତୀର ପରିବାର ନଷ୍ଟ ହୋଇଯାଇଥିଲା, ସେଇ ପାଠ ପଢ଼ି ଶିକ୍ଷିତା ହେବା ନିମନ୍ତେ ବସଂତ ବାବୁଙ୍କ ''ଅନ୍‌ପଢ଼'' ଗଳ୍ପର ନାୟିକା ଗ୍ରାମ୍ୟ ଝିଅ 'ବୁଢ଼ୀ' ଆଗେଇ ଯାଇଛି । ବୁଢ଼ୀ ଚାରିପଟର ପୁରୁଷ ଅଧ୍ୟୁଷିତ ସମାଜର ଦୃଷ୍ଟିରେ କିନ୍ତୁ ନାରୀ ପ୍ରତି ପ୍ରାଚୀନ ଦୃଷ୍ଟିଭଙ୍ଗୀ ବଦଳିନାହିଁ । ଏ ସମାଜର ଦୃଷ୍ଟିରେ ନାରୀ ହେଉଛି ଯୌନ ତୃପ୍ତି ସାଧନର ପଡ଼ିଆରେ ଏକ ଫୁଟ୍‌ବଲ୍ । ବୁଢ଼ୀ କିଶୋରୀ ଛାତ୍ରୀଟିଏ



Digitized by PPRACHIN, SOA

ଥିବାବେଳେ ଯେଉଁ ବସ୍‌ରେ ଯିବାବେଳେ ବସ୍‌ର ଷ୍ଟାଫ୍ ଓ ଯାତ୍ରୀଗଣ ତାକୁ ଆଦରରେ କେତେ ପ୍ରଶ୍ନ କରୁଥିଲେ, ମ୍ୟାଟ୍ରିକ୍ ଶେଷ ବର୍ଷରେ ପହଂଚିଲାବେଳକୁ ସେଇ ବସ୍‌ରେ ସମସ୍ତେ ତା' ଆଡ଼କୁ ଖାଇଯିବା ପରି ଅନେଇ ଦେଖୁଥିଲେ । ବସଂତ ଶତପଥୀ ବୁଢ଼ୀ ଚରିତ୍ରକୁ ଏଇପ୍ରକାର ସାମାନ୍ୟ ଅଡୁଆରେ ପକାଇ ଦେଇଛନ୍ତି- ମାତ୍ର ତାଙ୍କ ପରବର୍ତ୍ତୀ ଗାଳ୍ପିକ ତରୁଣକାଂତି ନିଜ 'ରେବତୀ' ଗଳ୍ପରେ ଓଡ଼ିଶାର ମାଳ ଅଂଚଳର କିଶୋରୀ ରେବତୀକୁ ଘଟଣାଚକ୍ରରେ ନେଇ ପହଞ୍ଚାଇ ଦେଇଛନ୍ତି କଲିକତାର ହାଡ଼କଟା ଗଳିରେ ଏକ ଦେହ ବ୍ୟବସାୟର କେନ୍ଦ୍ରରେ । ବୁଢ଼ୀକୁ ଅନ୍ତତଃ ଏ ଦୁର୍ଦ୍ଦଶାରେ ପଡ଼ିବାକୁ ଦେଇନାହାନ୍ତି ଗାଳ୍ପିକ ଶତପଥୀ । ସେ ବୁଢ଼ୀର ପଢ଼ା ଛଡ଼େଇ ଦେଇଛନ୍ତି ଓ ତାକୁ ଏକ ମଧ୍ୟବିତ୍ତ ପରିବାରରେ ବିବାହ କରାଇ ଦେଇଛନ୍ତି । ବାସୁମାଷ୍ଟ୍ରଙ୍କୁ ଦେଖି ରେବତୀ ମନରେ ଯେଉଁ ସାମାନ୍ୟ ପ୍ରେମୋଦୟ ହୋଇଥିଲା ତାହା ବୁଢ଼ୀର ବୈବାହିକ ଜୀବନ ଆରମ୍ଭରେ ସଂପୂର୍ଣ୍ଣ ହୋଇଛି । ମାତ୍ର ବୁଢ଼ୀର ଚରିତ୍ରକୁ ଚିତ୍ରଣ କଲାବେଳେ ଗାଳ୍ପିକ ଆଜିର ସଭ୍ୟତାର ନାରୀ ପ୍ରତି ପଣ୍ୟସୁଲଭ ଦୃଷ୍ଟିଭଙ୍ଗୀ ପ୍ରତି ଏକ ତୀର୍ଯ୍ୟକ୍ ଦୃଷ୍ଟିପାତ କରିଛନ୍ତି ।

ଗାଳ୍ପିକ ବସଂତ ଶତପଥୀଙ୍କ ଗଳ୍ପଗୁଡ଼ିକରେ ସାମଗ୍ରିକ ଚରିତ୍ର ଅନୁଧ୍ୟାନ କରି ସେଗୁଡ଼ିକୁ ଅଳ୍ପମାତ୍ରାରେ ସ୍ୱଭାବବାଦୀ (Naturalism) ଏବଂ ଅଧିକ ମାତ୍ରାରେ ବାସ୍ତବବାଦୀ (realist) ବୋଲି ଆମେ କହିପାରୁ । ତାଙ୍କ ରିଏଲିଷ୍ଟଧାରାର ବର୍ଣ୍ଣନାର ଶ୍ରେଷ୍ଠ ଉଦାହରଣ ଶୁଭେ 'ଆଇବୁଢ଼ୀ' ଗଳ୍ପରେ । 'ଆଇବୁଢ଼ୀ' ହେଉଛି ନାୟକଙ୍କ ଘରର ଜଣେ ବୁଢ଼ୀ ଚାକରାଣୀ । ମାଲିକଙ୍କ ଘରକୁ ସେ ନିଜର ବୋଲି ଭାବେ । ଥରେ ଛୁଟିନେଇ ବୁଢ଼ୀ ଘରକୁ ଯାଏ । ଆସି ଦେଖେ ମାଲିକର ଘର ଅନ୍ୟ ଉଠା ଚାକରାଣୀଙ୍କ ଅଦଉତିରେ ବିପର୍ଯ୍ୟସ୍ତ । ଗୋଟାଏ ଯୋଡ଼ାଏ ଉଦାହରଣରୁ ଆଇବୁଢ଼ୀର ସେ ଘରପ୍ରତି ଥିବା ଆପଣାର ପଣ ବେଶ୍ ମାପି ହେବ । ଗୋଟାଏ ପ୍ରସଂଗରେ ଆଇବୁଢ଼ୀ ପଚାରିଛି- ''ବାପାରେ ! ଯେଉଁ ବଡ଼ ବେଲାଟାରେ ତୁ ମୁଢ଼ି ବାଇଗଣ ପୋଡ଼ା ଖାଉଥିଲୁ, ସେଇଟା କାହିଁ ? ଲଖନଉରୁ ଯେଉଁ ଚା' ବାସନ ଆଣିଥିଲୁ, ତା'ର ପିଲେଟ୍ ଅଛି, କପ୍ କାହିଁ ? ଯେଉଁ ସାନ ଷ୍ଟିଲ୍ ଡାଟିଆରେ ଲେମ୍ବୁ ଆଚାର ଚକଟି ଖାଉଥିଲୁ, ସେଟା ବି ତ ଦେଖୁନି ।''

ନାୟକଙ୍କ ପୁଅ ବାହାଘରରେ ସମସ୍ତଙ୍କ ଅଇଁଠାପତ୍ର ଉଠାଇବା ପାଇଁ ଶୀତାର୍ତ୍ତ ଅର୍ଦ୍ଧରାତିରେ ଅନୁରୋଧ କରାଗଲା ବେଳେ ବୁଢ଼ୀର କରୁଣ ଅଥଚ ବାସ୍ତବବାଦୀ ପ୍ରତିକ୍ରିୟା : ''ବୁଢ଼ୀ ବିଶାଳ ନୟନରୁ ଛଳ ଛଳ ହୋଇ ବଡ଼ ବଡ଼ ଲୁହଟୋପା ଗାଲ ଦେଇ ଗଡ଼ିବାକୁ ଆରମ୍ଭ କଲା, ବାହୁ ଦୁଇଟାରୁ ପିନ୍ଧାଲୁଗା ଉଠାଇ କହିଲା- ଦେଖ୍ ବାପା, ପାଣି ଟାଣିଟାଣି ହାତ ଦୁଇଟା କିମିତି ଫୁଲିଯାଇଛି । ପାପୁଲିର ଫୋଟକା ବି ଫାଟିଗଲାଣି । ଏଇ ଦେଖ୍ ଆଂଗୁଳି ସଂଧିରେ ସରିଫ୍ ଆଉ ପାଉଁଶ ଲାଗି ବଡ଼ ରୋଗୀର ହାତ ପରି ଦିଶିଲାଣି । ମୋତେ ଅଇଁଠାପତର ଉଠାଇବାକୁ ସବାଶେଷରେ କହିଲୁ ନାଁ ? ଜାତି ଅଜାତିର ଲୋକଙ୍କୁ ଡାକିଛୁ ଓ ମୋ ପୁଅ ବୋହୂ ଏକଥା ଜାଣିଲେ ମତେ ପରାଶ୍ଚିତ ନକରି ଛାଡ଼ିବେ ।'' (ଆଇବୁଢ଼ୀ, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ- ପୃ-୬)

ବୁଢ଼ୀ ଶେଷତଃ କାମ ଛାଡ଼ି ଘରକୁ ଚାଲିଯାଏ । ବୁଢ଼ୀର ବାତ୍ସଲ୍ୟପ୍ରେମ, ଆପଣାରପଣ, ସୁଖଦୁଃଖିଆ ଚଳଣି ନାୟକଙ୍କୁ ଏତେ ଭାବ ଗଦ୍‌ଗଦ ଓ ଅଂଧ କରି ଦେଇଥାଏ



Digitized by PPRACHIN, SOA

ଯେ, ସେ ବୁଢ଼ୀର ଯିବା ବାଟକୁ ଚାହିଁ ସ୍ୱତଃ ଭାବେ- ''ମାଆ ମାଆ ଡାକି ଭେଁ ଭେଁ ରଡ଼ି ଛାଡ଼ି ବୁଢ଼ୀ ପଛରେ ଖଣ୍ଡେ ଦୂର ଯାଇଥିଲେ ହୁଏତ ମୋ ମନ ମାନିଥା'ନ୍ତା ।''

ଜଣେ ରିକ୍ସାବାଲା ସହିତ କିଛି ବାଟ ରିକ୍ସାରେ ଯାଇ ଓ ତା' ସହ କେତେକ ଅନ୍ତରଙ୍ଗ ବାକ୍ୟାଳାପ କରି ଲେଖକଙ୍କର ସେହିପରି ବାସ୍ତବବାଦୀ ପ୍ରତିକ୍ରିୟା ହୋଇଥାଏ ''ଭଡ଼ା'' ଗଳ୍ପରେ । ଗଳ୍ପର ଶେଷାଂଶରେ ଲେଖକଙ୍କ ଅନୁରୂପ ପ୍ରତିକ୍ରିୟା- ''ଷ୍ଟାଫ୍ କମନ୍‌ରୁମ୍‌ରେ ଏ ଘଟଣାକୁ ଯେତେବେଳେ ମୁଁ ବର୍ଣ୍ଣନା କରୁଥିଲି ସେତେବେଳେ ନାନା କଥା ସହିତ ମିଳାଇ ଅନୁଶୋଚନା କରୁଥିଲି, ମୁଁ କାହିଁକି ତାକୁ 'ବାପା' ବୋଲି ଥରେ ସମ୍ବୋଧନ କରିପାରିଲି ନାହିଁ । ଯଦିଓ ସେ ମୋତେ ସାର୍, ସାହେବ, ବାବୁ ବୋଲି ବାରଂବାର ସଂବୋଧନ କରୁଥିଲା ଏବଂ ମୋତେ ପୁଅ ବା ଛାତ୍ର ଭାବି କେତେ କଥା ପଢ଼ାଇ ପଢ଼ାଇ ପଚିଶ ତିରିଶ ମିନିଟ୍‌ର ବାଟରେ ଲମ୍ବାଲମ୍ବି ଜୀବନ ରାସ୍ତାକୁ ସୁଖମୟ ନିରାପଦମୟ କରିବାର ବାଟ ବତାଇ ଦେଲା । ବାପାଙ୍କ ପରି ତା' ମୁହଁଟା କ'ଣ ଦିଶୁନଥିଲା ?'' (ଗଂଗା ଓ ଗାଂଗୀ- ପୃ.୧୫୫)

ଲେଖକ ଉପରୋକ୍ତ ପରିବେଶମାନଙ୍କରେ ତାଙ୍କ ଦଳିତ ଶ୍ରେଣୀର ଚରିତ୍ର ସହିତ ଏକବାରେ ଏକାତ୍ମ ହୋଇ ଯାଇଛନ୍ତି । ମଧ୍ୟବିତ୍ତୀୟ ଅଭିମାନର ମୁଖା ତାଙ୍କର ଏଇସବୁ ସ୍ଥାନକାଳରେ ଖସିପଡ଼ିଛି । ଅନ୍ୟ ଭାଷାରେ କହିଲେ- ସେ ନିଜ ଶ୍ରେଣୀର ଉଚ୍ଚ ସିଂହାସନ ଛାଡ଼ି ଚରିତ୍ରମାନଙ୍କର ସମଭୂମିକୁ ଓହ୍ଲାଇ ଆସିଛନ୍ତି । ସେ ନିଜକୁ Declass କରିପାରିଛନ୍ତି । ଏଇ De-class ହେବାର ଅଭ୍ୟାସ ହିଁ ଲେଖକଙ୍କୁ realist ହେବାରେ ସର୍ଜନାତ୍ମକ ଭାବେ ସାହାଯ୍ୟ କରେ । ନିଜର ଅହମିକାର ଉଚ୍ଚ ପିଣ୍ଡା ଛାଡ଼ି ଯେଉଁ ଲେଖକ ଯେତେ commonerଙ୍କ ପାଖକୁ ଯାଇପାରିଛି, ସେମାନଙ୍କ ସହ ଅନ୍ତରଙ୍ଗ ହୋଇପାରିଛି, ସେ ନିଜର କଲମରେ ସେତେ ବାସ୍ତବବାଦୀ ସ୍ୟାହି ଭରିପାରିଛି । ସାଇବେରିଆ ସମତଳରେ ଜାଡ଼ କାକର ବରଫପାତ ଭିତରେ ଯାଯାବରଙ୍କ ସହ ମିଶି ଗୋର୍କୀ ଯେଉଁ ଭାଷା ଓ ଭାବ ସଂଗ୍ରହ କରି ତାଙ୍କର ବିଶ୍ୱପ୍ରସିଦ୍ଧ ଗଳ୍ପ Old Izargil ବା New born ବା 'ନବଜାତକ' ଲେଖି ପାରିଥିଲେ ତାହା realist ବର୍ଣ୍ଣନାରେ ତାଙ୍କୁ କଲା ବିଶ୍ୱବିଶ୍ରୁତ । ଗାଳ୍ପିକ ବସଂତ ଶତପଥୀ ନିଜସ୍ୱ ରାସ୍ତାରେ ନିଜସ୍ୱ ଶୈଳୀରେ ନିଜ ଜୀବନକୁ ନର୍କରେ ପକାଇ ବାସ୍ତବରେ ଦୁନିଆର ବୃହତ୍ତର ପାଠକଙ୍କୁ ମୁକ୍ତିର ଦିଶା ଦେଖାଇବାକୁ ତାଙ୍କ କଥା ସାହିତ୍ୟରେ ସାଧନା କରିଯାଇଛନ୍ତି । ଯେତେଦିନ ଯାଏଁ ସାଧାରଣ ମଣିଷର ଆତ୍ମାକୁ ଚିହ୍ନିବାକୁ ଲୋକଙ୍କ ଉଦ୍ୟମ ଜାରି ରହିଥିବ, ବସନ୍ତ ଶତପଥୀଙ୍କ କଥା ସାହିତ୍ୟ ସେଇ ରାସ୍ତାର ଧାରରେ ଆଲୋକବର୍ତ୍ତିକା ସାଜି ତାକୁ ସେ ଉଦ୍ୟମରେ ଆଗେଇ ଯିବା ପାଇଁ ନିରନ୍ତର ଉତ୍ସାହ ପ୍ରଦାନ କରୁଥିବ ।

❑



Digitized by PPRACHIN, SOA

# ବସନ୍ତ ଶତପଥୀଙ୍କ ଗଳ୍ପରେ ଜଗନ୍ନାଥ-ଚେତନା

**ବିରାଜ ମୋହନ ଦାସ**

ପ୍ରାଚୀନ ଓଡ଼ିଆ ସାହିତ୍ୟ ଆଧ୍ୟାତ୍ମବାଦର ଭିତ୍ତି ଉପରେ ପ୍ରତିଷ୍ଠା ଲାଭ କରିଥିଲା । ଏଥିରେ ପୌରାଣିକ ଆଖ୍ୟାନ ଏବଂ ଧର୍ମତତ୍ତ୍ୱଗୁଡ଼ିକ ରୂପାୟିତ ହେଉଥିଲା । ସାରଳା ଦାସଙ୍କ ମହାଭାରତରେ ଏହି ଆଧ୍ୟାତ୍ମିକ ଧାରା ସହିତ ଓଡ଼ିଶୀ ଜନଜୀବନ ସମନ୍ୱିତ ହେଲା । ସାରଳା ଦାସଙ୍କ ଦ୍ୱାରା ସଫଳ ଭାବରେ ପ୍ରୟୋଗ ହୋଇଥିବା କାବ୍ୟଧାରାର ଏହି ନୂତନଚେତନା ପଞ୍ଚସଖା ଯୁଗରେ ଅଧିକ ଫଳପ୍ରଦ ଭୂମିକା ଗ୍ରହଣ କଲା । ଫଳରେ ତାହା ସାମାଜିକ ଜୀବନଚର୍ଯ୍ୟାର ଅଧିକ ଅନୁବର୍ତ୍ତୀ ହୋଇପାରିଲା, କିନ୍ତୁ କାବ୍ୟ-ଯୁଗରେ କଳ୍ପନାବିଳାସକୁ ପ୍ରାଧାନ୍ୟ ଦିଆଗଲା । ତେବେ ଏହି କଳ୍ପନାବିଳାସ ମଧ୍ୟ ବହୁ କାବ୍ୟରେ ପୌରାଣିକ କଥାବସ୍ତୁକୁ ଆଧାର ରୂପେ ଗ୍ରହଣ କରିଥିଲା । ଆଧୁନିକ ସାହିତ୍ୟ, ବାସ୍ତବ ଜୀବନଚିତ୍ରର ରୂପାୟନକୁ ଗୁରୁତ୍ୱ ପ୍ରଦାନ କରିଛି । ମଣିଷର ମନସ୍ତତ୍ତ୍ୱର ବିଶ୍ଳେଷଣ ତଥା ଉନ୍ମୋଚନ ନିମିତ୍ତ ସୃଜନଶୀଳ ସ୍ରଷ୍ଟା ହୋଇଛି ସତତଃ ଚେଷ୍ଟିତ । ଅନୁରୂପ ଧାରା ଆଧୁନିକ ଓଡ଼ିଆ ସୃଜନଶୀଳ ସାହିତ୍ୟରେ ମଧ୍ୟ ପରିଲକ୍ଷିତ । କିନ୍ତୁ ଏହି ଆଧୁନିକ ଧାରା ମଧ୍ୟ ଅଧ୍ୟାତ୍ମବାଦର ନିଗଡ଼ରୁ ମୁକ୍ତ ନୁହେଁ । ଆଧୁନିକ ଗଳ୍ପ, କବିତା, ଉପନ୍ୟାସ ଆଦି ସୃଜନଶୀଳ କୃତିଗୁଡ଼ିକରେ ରୂପକ, ଚିତ୍ରକଳ୍ପ ସହ ମିଥ୍ ପ୍ରୟୋଗ ହିଁ ସାହିତ୍ୟିକ ଉତ୍କର୍ଷ ପ୍ରତିପାଦନ ନିମିତ୍ତ ଅନ୍ୟତମ ପ୍ରମୁଖ ମାନକ ରୂପେ ବ୍ୟବହୃତ ହୋଇଥାଏ । ମିଥ୍ ପୌରାଣିକ ଚରିତ୍ର ଆଖ୍ୟାନ ଆଧାରିତ ହୋଇଥିବା ସଙ୍ଗେସଙ୍ଗେ ତାହାରି ମାଧ୍ୟମରେ ପାଠକର ଚିତ୍ତବୃତ୍ତିକୁ ଉଦ୍‌କୀର୍ଣ୍ଣ କରି ଆଧୁନିକ ମଣିଷର ଜୀବନ ଜିଜ୍ଞାସା, ଯନ୍ତ୍ରଣା ଆଦି ସହିତ ପରିଚିତ କରାଇବା ପାଇଁ ସୃଜନଶୀଳ ସ୍ରଷ୍ଟା ଉଦ୍ୟମରତ । ପୁଣି ମାନବିକ ଚେତନାର ଉତ୍ତରଣ ନିମିତ୍ତ ଅଧ୍ୟାତ୍ମଚେତନାକୁ ଉଦ୍‌ଜୀବିତ କରିବାର ଆବଶ୍ୟକତା ବି ସାହିତ୍ୟିକର ଧ୍ୟେୟ ହୋଇଛି । ଆଧୁନିକ ଓଡ଼ିଆ ଗଳ୍ପରେ ଏତାଦୃଶ ଧାରାର ପ୍ରୟୋଗ ପରିଲକ୍ଷିତ ହୋଇଥାଏ । କେଉଁଠାରେ ଅତିକ୍ରାନ୍ତ ସମାଜବାଦ ପାଇଁ ଅତିମାନସ ସତ୍ତା ଅନିବାର୍ଯ୍ୟ ହୋଇପଡ଼ିଛି ତ ଆଉ କେଉଁଠାରେ ସବୁ ଧର୍ମ, ସବୁ ସଂସ୍କୃତିର ସମନ୍ୱୟ ସଂଘଟିତ ହୋଇଥିବା ଜଗନ୍ନାଥ ଚେତ୍‌ନା ଓ ସଂସ୍କୃତି ମାଧ୍ୟମରେ ମନଷ୍ୟର ଉତ୍ତରଣ ସମ୍ଭବ ହୋଇଛି । କଥାକାର ବସନ୍ତ ଶତପଥୀଙ୍କ ଗଳ୍ପରେ ପ୍ରତିଫଳିତ ଜଗନ୍ନାଥ ଚେତନାର ସ୍ୱରୂପ ଉଦ୍‌ଘାଟନ ନିମିତ୍ତ ଏହି ଆଲୋଚନା ଉଦ୍ଦିଷ୍ଟ ।

ମୂଳରୁ ଶିବୋପାସକ ଥିବା ଗଳ୍ପ-ପୁରୁଷ (ଗାଳ୍ପିକ) ଗୋଟିଏ ଶିବଚତୁର୍ଦ୍ଦଶୀରେ ହରାଇଛନ୍ତି ନିଜର ପ୍ରାଣପ୍ରିୟା ପତ୍ନୀଙ୍କୁ । ପୁଣି ତା'ର କିଛି ବର୍ଷ ପରେ ଆଉ ଗୋଟିଏ ଶିବଚତୁର୍ଦ୍ଦଶୀ ଦିନ ପତ୍ନୀ ଛାଡ଼ିଯାଇଥିବା କନିଷ୍ଠ ଶିଶୁ ପୁତ୍ରଟି ଜଳ-ବୁଡିରେ ପ୍ରାଣ ହରାଇଛି । ତେଣୁ ସେ ଶିବ-ବିମୁଖ ହେବା ସଙ୍ଗେସଙ୍ଗେ ସେତେବେଳେ ସବୁ ଦେବଦେବୀଙ୍କ ପ୍ରତି



Digitized by PPRACHIN, SOA

ବିମୁଖ ହୋଇପଡ଼ିଛନ୍ତି ଓ ପ୍ରଚାର କରିଛନ୍ତି ନିରୀଶ୍ୱରବାଦର ସନ୍ଦେଶ । ନିଜର ନାସ୍ତିକପଣିଆ ପାଇଁ ତାଙ୍କୁ ହରାଇବାକୁ ପଡ଼ିଛି କେତେଜଣ ବନ୍ଧୁ-ପରିଜନଙ୍କୁ ।

କିନ୍ତୁ ଏ ଦମ୍ଭ ତାଙ୍କର ବେଶୀଦିନ ରହିପାରିଲା ନାହିଁ । ସେ ପୁଣି ଆଶ୍ରା ଖୋଜି ବୁଲିଲେ । ବଞ୍ଚିଥିବା ଜୀବନକୁ ବିତାଇବା ପାଇଁ ଅବଲମ୍ବନଟିଏର ଆବଶ୍ୟକତା ଖୁବ୍ ଅନୁଭବ କଲେ । ଗୀତା, ଭାଗବତ ଆଦି ପାଠ କରି ଶିବଙ୍କ ଛଡ଼ା ଅନ୍ୟସବୁ ଦେବଦେବୀଙ୍କୁ ପରୀକ୍ଷା କରିବାକୁ ଲାଗିଲେ । ଶେଷରେ ସେ ଆଶ୍ରା ଖୋଜି ପାଇଲେ । ତାଙ୍କୁ ଅବଲମ୍ବନଟିଏ ମିଳିଗଲା । "ଅଲୌକିକ ଘଟଣା ଘଟିଲା ପରି ଅଥଳ ସମୁଦ୍ରରେ ବୁଡ଼ି ଯାଇଥିବା ମଣିଷଟିଏ ଭାସି ଆସୁଥିବା ଜ୍ୟୋତିଷ୍ମାନ୍ ଦାରୁଟିଏ ପାଇଲା । ପୁରୀରେ ସେ ଦାରୁଦେବତାକୁ ପାଇଲି । ଅରୂପ, ଅରେଖ ନୁହେଁ ବରଂ କୁରୂପ, ଅଦ୍ଭୁତ, ଉଦ୍ଭଟ ମୂର୍ତ୍ତି । ଆଖି ଦୁଇଟି ଅଜଗର ସାପର ଆଖିପରି ଶିକାରକୁ Mesmerise କଲାପରି ମୋତେ ଟାଣିନେଲା । ନା, ନା, ମୁଁ ଆପେ ଆପେ ଟାଣି ହୋଇଗଲି । ପୁଣି ସ୍ୱସ୍ଥାନକୁ ଆସିଲି । ପୁଣି ବିହ୍ୱଳତା ଆସିଲା ।" (ସୋଽହମ୍, ମେଜର ଅପାରେସନ୍, ପୃ.୮୭) ଜଗନ୍ନାଥଙ୍କ ଚରଣାଶ୍ରିତ ହେବାପରେ ସେ ପୁଲକିତ ହୋଇଛନ୍ତି । ସ୍ଥିତାବସ୍ଥା ଫେରିପାଇଛନ୍ତି । ତାକୁଇ ମାଧ୍ୟମ କରି ପରିଣତିରେ ତାଙ୍କର ହୋଇଛି 'ସୋଽହମ୍'ର ଅନୁପମ ଉପଲବ୍ଧି ।

ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ଦେବତା ରୂପେ ବରଣ କରିବା ପରେ ସେ ଉଭୟ ମନ ଓ ହୃଦୟରେ ଜଗନ୍ନାଥଗତ ହୋଇଯାଇଛନ୍ତି । ଦିନେ ସକାଳେ କୁଆ, କୁକୁଡ଼ା, କୁମ୍ଭାଟୁଆ, କୋଇଲି, କଜଳପାତିଙ୍କ ମହାସଙ୍ଗୀତର ମୂର୍ଚ୍ଛନା ଓ ସ୍ତୁତିଗାନରେ ବିହ୍ୱଳ ହୋଇଛନ୍ତି ସେ । ତାଙ୍କ କଣ୍ଠରୁ ନିଃସୃତ ହୋଇଛି ପଦ, 'ମୁଁ ତୀର୍ଥ ଯିବି' । 'ମୁଁ ତୀର୍ଥ ଯିବି' ନା 'କ୍ଷେତ୍ର ଯିବି' କେଉଁଟି ଠିକ୍ ମନେ ନ ପଡ଼ିବାରୁ ଯବନ କବି ସାଲବେଗଙ୍କ ଭଜନ 'କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ'- ବୋଲିଛନ୍ତି । ଭଜନଟି ତାଙ୍କୁ ଆତ୍ମତୃପ୍ତି ଦେବା ସଙ୍ଗେ ସଙ୍ଗେ ଜଗନ୍ନାଥ ଦର୍ଶନ ପାଇଁ ପ୍ରବର୍ତ୍ତାଇଛି । ପୂର୍ବଦିନ ଦି'ପହରେ ବୁଢ଼ାକୁ ସ୍ୱପ୍ନରେ ଦେଖିଥିବା କଥା ମନେପଡ଼ି ଏଥିପାଇଁ ଖୋରାକ୍ ଯୋଗାଇଛି । କିନ୍ତୁ ସେହି ମୁହୂର୍ତ୍ତରେ ତାଙ୍କ ମନରେ ଦେଖାଦେଇଛି ଦ୍ୱନ୍ଦ୍ୱ । ତାଙ୍କର ଧର୍ମବିଶ୍ୱାସ, ନିଷ୍ଠା, ଐକାନ୍ତିକତା, ଶୁଚିତା, ଜଗନ୍ନାଥୈକପ୍ରାଣତା ଅଛି କି ନାହିଁ, ସେ ବିଷୟରେ ସନ୍ଦେହ ଉପୁଜିଛି । କିନ୍ତୁ ସେ ଯେ ଜଣେ ଭକ୍ତ, ଜଗନ୍ନାଥପ୍ରେମୀ, ଏ ଧାରଣା ମନରେ ଦୃଢ଼ୀଭୂତ ହୋଇଛି । "ଯିବି ନ ଯିବି ଦୋ ଦୋ ପାଞ୍ଚ ହେଉଛି- ଏଇ ଅଣସାହସିଆ ମୁହୂର୍ତ୍ତରେ ମନେପଡ଼ିଗଲା ସେଇ ଦୁର୍ମୁଖପଣ୍ଡିତର କଥା ସେ ବାହୁରେ ହାତ ପିଟି କହୁଥିଲା, 'ମୁଁ ନିଶ ରଖିଲେ ବି ମୁଁ ବ୍ରାହ୍ମଣ । ଜଗନ୍ନାଥଙ୍କୁ ମୁଁ ଗୋଇଠା ମାଇଲେ ବି ମୁଁ ହିନ୍ଦୁ ।' ଶ୍ରୀବସ୍ତ ବ୍ରାହ୍ମଣର ଗୋଇଠା ଚିହ୍ନକୁ ସେ ମେଡାଲ କରିଛି ପରା । ତା'ଠୁ ବଳି ଉଦାର ସର୍ବଧର୍ମ ସମନ୍ୱୟୀ ଠାକୁର ବିଶ୍ୱରେ ଆଉ କେଉଁ ଧର୍ମରେ ଅଛି ? ସ୍ଥିର ନିଶ୍ଚିତ ହେଲି ତୀର୍ଥ ଯିବି ।" (ଅଲୌକିକ, ଅଢାଗା ଘାଆ, ପୃ.୩) ।

ତୀର୍ଥଯାତ୍ରାରମ୍ଭର ପୂର୍ବ ମୁହୂର୍ତ୍ତରେ ଜଗନ୍ନାଥଙ୍କୁ କ'ଣ ଭେଟିଦେବେ, ସେଥିପାଇଁ ଚିନ୍ତିତ ହୋଇପଡ଼ିଛନ୍ତି । ସୁଦାମାର ଖୁଦଭଜାରେ ପରିତୃପ୍ତ କହ୍ନାଠାକୁରଙ୍କୁ ଭକ୍ତିର ନୈବେଦ୍ୟ ରୂପେ ନିଜର ଗପଗୁଡ଼ିକୁ ସମର୍ପଣ କରିବେ ବୋଲି ସ୍ଥିର କରିଛନ୍ତି । ଭକ୍ତିପୂର୍ଣ୍ଣ ହୃଦୟରେ ଗୋଟିଏ ପତ୍ର ବା ଫୁଲ ବା ଫଳ ବା ଜଳ ତାଙ୍କୁ ସମର୍ପଣ କରାଗଲେ, ପବିତ୍ର ହୃଦୟର ସେହି ପ୍ରେମସିକ୍ତ ନୈବେଦ୍ୟକୁ ସେ ଗ୍ରହଣ କରନ୍ତି ବୋଲି କୁହାଯାଇଛି । (ଶ୍ରୀମଦ୍‌ଭଗବତ ଗୀତା,



Digitized by PPRACHIN, SOA

୯ :୨୬) ଏହି ଚେତନା ଦ୍ୱାରା ବୋଧହୁଏ ସେ ପ୍ରଭାବିତ ହୋଇଛନ୍ତି । ଏଠାରେ ତାଙ୍କର ନିଷ୍କପଟ ଭକ୍ତିମତ୍ତାର ପରିଚୟ ମିଳିଥାଏ । ପୁଣି ନୈବେଦ୍ୟ ସ୍ୱରୂପ ଗପଗୁଡ଼ିକୁ ଅର୍ପଣ କରୁଥିବାରୁ ସାହିତ୍ୟକୃତି ପ୍ରତି ତାଙ୍କର ଗଭୀର ମମତା ମଧ୍ୟ ଏଠାରେ ପରିଦୃଷ୍ଟ । ପ୍ରଚ୍ଛଦର ଅଭାବରୁ ପରିପୂର୍ଣ୍ଣ ରୂପ ନେଇପାରି ନଥିବା ଗଳ୍ପ ସଂକଳନଟିକୁ ଧରି ସେ କଟକରୁ ବାହାରିଛନ୍ତି ପୁରୀ ଅଭିମୁଖେ । ନୈବେଦ୍ୟ ରୂପେ ଭେଟିଦେବା ପାଇଁ ଆଣିଥିବା ଡମିଟିକୁ ସମର୍ପଣ କଲାବେଳେ ସ୍ଥିର କରିଛନ୍ତି କହିବା ଲାଗି, 'ଜଗାରେ' ସେଲଫର ବୁଢ଼ିଆଣୀ ଜାଲଘେରା ଟିଣଫଟୋର ତୋ ଆଖି ଦି'ଟାକୁ ଚାହିଁ ଆଉ ମୋ ପ୍ରିୟତମାକୁ ଝୁରି ଝୁରି, ଝିଅମାନଙ୍କୁ ଜନ୍ମ କରିଛି । ଗୋଟିଏ ନୁହେଁ, ଅଧେ ନୁହେଁ, ଛଅ ଛଅଟି । ସମସ୍ତଙ୍କ ରୂପ ତୋରି ପରି । କଳା କଳା ଡେବରା ଆଖିଆ ଲଙ୍ଗୁଳି ସମସ୍ତେ । ମୁଁ ଯଉତୁକ ଦେବି ନାହିଁ କି ନେବି ନାହିଁ । ନିଜକୁ ଭଣ୍ଡେ ନାହିଁ କି ଅନ୍ୟକୁ ଠକେ ନାହିଁ ଟେକାଟେକି କରି । ସେଇଥିପାଇଁ ଏ ଝିଅଙ୍କ ପୃଷ୍ଠପୋଷକ, ଅଭିଭାବକ ନଥିଲା ପରି ଗରାଖ ଜୁଟୁ ନାହାନ୍ତି । ତୋ ଦିହ ଛୁଇଁ କହୁଛି ଜଗା, ଏଗୁଡ଼ାକ ଦୋଚାରୁଣୀ ନୁହନ୍ତି, କୁଳଟା ନୁହନ୍ତି । ଆଙ୍ଗିକ ସୌନ୍ଦର୍ଯ୍ୟ ନଥିଲେ ବି ଆତ୍ମିକପବିତ୍ରତା ଓ ସତୀତ୍ୱ ଅଛି । ନେ ଏଇ ବଡ଼ ଟିକି । କୋଡ଼ିଏରୁ ବେଶୀ ବର୍ଷ ହେଲା ଘରେ ରହିଲାଣି । ଭଲ ପରିଚ୍ଛଦଟିଏ ଦେଇ ବିଦା କରି ଦେ ଯାକୁ ସତ୍ ପାତ୍ରରେ । ଚିହ୍ନରା ଗରାଖ ପାଖକୁ । ପାଞ୍ଚଜଣଙ୍କ ସ୍ତ୍ରୀ ଦୌପଦୀକୁ କୋଟି ବସ୍ତ୍ର ଦେଲୁ, ମୋତେ ରକ୍ଷା କର ତୋର ଶରଣ ଗଲି ।'' (ଅଲୌକିକ, ଅଜାଗା ଘାଆ ପୃ. ୪)

ପୁରୀରେ ପହଞ୍ଚିବା ପୂର୍ବରୁ, କିଛି ଦୂରରୁ ଶ୍ରୀମନ୍ଦିରର ଉପରିଭାଗ ଦେଖି ସେ ଆତ୍ମବିସ୍ମୃତ ହୋଇଯାଇଛନ୍ତି । ସେଇ ମୁହୂର୍ତ୍ତରୁ ସେ ନିଜର ଅସ୍ମିତା ହରାଇ ଆଉ କାହା ଦ୍ୱାରା ପରିଚାଳିତ ହେଉଥିବା ଭଳି ଅନୁଭବ କରିଛନ୍ତି । ମନ୍ଦିର ଭିତରେ ମହାପ୍ରସାଦ ଓ ଧୂପ-ଦୀପର ମହକ ଭିତରେ ସେ ଯାଇ ପହଞ୍ଚିଛନ୍ତି ରତ୍ନସିଂହାସନ ପାଖରେ । ସେତେବେଳେ ଏକ ଅଲୌକିକ ଜଗତରେ ବିଚରଣ କରୁଥିବାର ଅନୁଭୂତି ତାଙ୍କର ହୋଇଛି । ଦୈବୀ ସାନ୍ନିଧ୍ୟର ପରମ୍ପରା ତାଙ୍କୁ ଉଚ୍ଚକିତ କରିଛି । ପାଦରେ ଚାଲି ଚାଲି ଶହ ଶହ କୋଶ ପଥ ଅତିକ୍ରମ କରିବାର କଷ୍ଟ ବରଣ କରି ସେହି ରତ୍ନବେଦୀର ତଳେ ଠିଆହୋଇ ଜଗନ୍ନାଥଙ୍କୁ ଦର୍ଶନ କରିଥିବା ବାପା, ଜେଜେ, ଜେଜେମା ଆଦିଙ୍କ ସ୍ମୃତି ତାଙ୍କ ମାନସପଟରେ ଜାଗରିତ ହୋଇଛି । ପରିଶେଷରେ ତାଙ୍କର ହୋଇଛି ଅଲୌକିକ ଦିବ୍ୟାନୁଭୂତି । ''କୋହ ଉଠୁଥାଏ, ବିନା କାନ୍ଦରେ ଆଖିରୁ ଝର ଝର ଲୁହ ଝରୁଥାଏ । ମୁଁ କାହିଁକି, କେଉଁଠାକୁ ଆସିଛି, କ'ଣ କହିବି, କ'ଣ ମାଗିବି ସବୁ ସେ ମୁହୂର୍ତ୍ତରେ ଭୁଲିଗଲି । ଆବେଗ ଅନୁଭୂତିସର୍ବସ୍ୱ ମୋର ଗାଳ୍ପିକ ଆତ୍ମପୁରୁଷ ଅକ୍ସିଜେନଭରା ବେଲୁନ୍ ପରି ଊର୍ଦ୍ଧ୍ୱାକାଶରେ ବିଚରଣ କରୁଥାଏ ।'' (ଅଲୌକିକ, ଅଜାଗାଘାଆ, ପୃ.୫) ଉତ୍ସର୍ଗୀକୃତ ଭକ୍ତିର ପରିଣତି ଯେଉଁ ସଂପୂର୍ଣ୍ଣ ଆତ୍ମସମର୍ପଣ ଭାବକୁ ପ୍ରକଟିତ କରେ, ତାହା ହିଁ ଏଠାରେ ସଂଘଟିତ । ମନବାଞ୍ଛା ପୂର୍ଣ୍ଣ ହୋଇଯାଇଛି, ସତେ ଯେମିତି କେଉଁ ଅଦୃଷ୍ଟର ଇଙ୍ଗିତରେ । ଡମିଟି ଶ୍ରୀଅଙ୍ଗ ଲାଗି ହୋଇଛି । ରସିକ, ନିରପେକ୍ଷ ପାଠକ, ଜଗନ୍ନାଥଙ୍କ ପାଖରେ ପଢ଼ା ହୋଇଛି ଗୋଟିଏ ଗପର କିୟଦଂଶ । ଫେରିବା ବେଳକୁ ପଛପଟୁ କାହାର ଆଜ୍ଞାରେ ସୁଆର ଜଣେ ସ୍ପର୍ଶଶକ୍ତି ରହିତ ଥିବା ହାତ ପାପୁଲିରେ ଗରମ ମହାପ୍ରସାଦ ଗଣ୍ଡେ ରଖିଦେବା ମୁହୂର୍ତ୍ତରେ ପାପୁଲିଟି ପୁଣି ହୋଇଉଠିଛି ସ୍ପର୍ଶପ୍ରବଣ । ତୀର୍ଥରୁ ଫେରି ଘରେ



Digitized by PPRACHIN, SOA

ପହଞ୍ଚିବା ବେଳକୁ ଶ୍ରୀଅଙ୍ଗ ଲାଗି ହୋଇଥିବା ତମି ବହିଟି ଅପୂର୍ବ ପ୍ରଚ୍ଛଦ ବିମଣ୍ଡିତ ହୋଇ ପହଞ୍ଚି ସାରିଥିଲା ସେଠାରେ । ପୁଣି କିଏ କହିଦେବା ଭଳି ପ୍ରଚ୍ଛଦଟିରେ ଜଣେ ଅଭାଗିନୀ ଚକାଡୋଳା ଦୁଇଟି ଆଙ୍କୁଥିବାର ଚିତ୍ର ରହିଥିଲା ।

ଆତ୍ମୋତ୍ସର୍ଗ ଏବଂ ଆତ୍ମୋପଲବଧିର ଏହି ପରମ ସୁଖାହରଣ କେବଳ ନିଜ ଅନୁଭବରେ ସୀମିତ ରହିନାହିଁ । ତାଙ୍କୁ ପଥପ୍ରଦର୍ଶକ କରି ଗାଁର ଅପାଠୁଆ ସନ୍ତାନ ସନ୍ତତିବିହୀନ ଦି' ପ୍ରାଣୀ ମଧ ଦିବ୍ୟାନୁଭୂତିର ସ୍ପର୍ଶରେ ହୋଇପାରିଛନ୍ତି ଆନନ୍ଦ ବିହ୍ୱଳ । ବାହାର ଦୁନିଆ ବିଷୟରେ ଅଜ୍ଞ ମଉସା ମାଉସୀ ଦି' ଜଣ ତାଙ୍କ ସାଙ୍ଗରେ ବାହାରିଛନ୍ତି ଜଗନ୍ନାଥ ଦର୍ଶନକୁ । ରାତିବେଳେ ବାଲେଶ୍ୱର ଷ୍ଟେସନରେ ଦୂରରୁ ଆସୁଥିବା ଟ୍ରେନ୍‌ର ହେଡ୍‌ଲାଇଟ୍ ଦେଖି ତାକୁ ସୂର୍ଯ୍ୟ ମଣିଥିବା, ଟ୍ରେନ୍ ଚଢ଼ିବା ପୂର୍ବରୁ ବାରମ୍ବାର ପରିସ୍ରା କରିବାକୁ ଯାଉଥିବା ଦୁଇଜଣ ଅପଗଣ୍ଡଙ୍କୁ ଆଣି ସେ ଭାରି ଅସୁବିଧାରେ ପଡ଼ିଯାଇଛନ୍ତି ବୋଲି ମନେ କରିଛନ୍ତି । ସେ ଦୁହେଁ କିନ୍ତୁ ବାହାର ଜଗତକୁ ଦେଖିଛନ୍ତି ବିସ୍ଫାରିତ ନେତ୍ରରେ । ସବୁଥିରେ ଅନୁଭବ କରିଛନ୍ତି ସ୍ରଷ୍ଟାଙ୍କର, ବିଶ୍ୱନିୟନ୍ତାଙ୍କର ଅପାର କରୁଣାକୁ । ମନ୍ଦିର ଗାତ୍ରରେ ଯେଉଁ କାମୋଦ୍ଦୀପକ ନାରୀ ମୂର୍ତ୍ତି ଅନ୍ୟମାନଙ୍କୁ କାମ ଭାବରେ ପୀଡ଼ିତ କରିଛି, ସେହି ମୂର୍ତ୍ତିଟିକୁ ମଧ ସେ ଦୁହେଁ ଭକ୍ତି ଗଦ୍‌ଗଦ୍ ଚିତ୍ତରେ ଦେଖିଛନ୍ତି । କୌଣସି ଆବିଳତା ତାଙ୍କୁ ସ୍ପର୍ଶ କରିପାରି ନାହିଁ । ମନ୍ଦିରର ଶିଳ୍ପକଳାକୁ, 'ସବୁ ଠାକୁରଙ୍କ ଲୀଳା' ନ୍ୟାୟରେ ହୃଦୟଙ୍ଗମ କରି ସେମାନେ ଏକ ଅପାର୍ଥିବ ଜଗତରେ ବିଚରଣର ଅପାର ଆନନ୍ଦ ଲାଭ କରିଛନ୍ତି । ଆଧୁନିକ ଶିକ୍ଷିତ ସମାଜର ପ୍ରତିନିଧି, ଗଳ୍ପ ପୁରୁଷ (ଗାଳ୍ପିକ) ରତ୍ନ ସିଂହାସନ ପାଖରେ ଠିଆ ହୋଇ ମଧ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଦେଖିପାରି ନାହାନ୍ତି । ସେଠାରେ ପୂର୍ବର ନାରୀ ମୂର୍ତ୍ତିଟି ଥିବା ଭଳି ତାଙ୍କୁ ଦେଖାଯାଇଛି । ଅପର ପକ୍ଷରେ ସରଳ ବିଶ୍ୱାସୀ, ଅଶିକ୍ଷିତ ମଉସା ମାଉସୀ ଦୁହେଁ ଅଚେତ ହୋଇପଡ଼ିଛନ୍ତି ରତ୍ନ ସିଂହାସନ ସମ୍ମୁଖରେ । ସେ ଦୁହେଁ ଲାଭ କରିପାରିଛନ୍ତି ଦୈବୀସାନ୍ନିଧ । ମଉସା କହିଲେ, ''କେଜାଣି ଗୋ ବାବୁ କି ହେଲା ? ମୁଁ ଯେମିତି ସାଷ୍ଟାଙ୍ଗ ହୋଇପଡ଼ିଯାଇଛି, ମୋର ଦିହଟା ଗୁଟାଯାକ ଖାଲି ଥରିଲା, ଚେତା ବୁଡ଼ିଗଲା । ଅଳ୍ପ ଅଳ୍ପ ମନେପଡୁଛି, ଯେମିତି ଜଗନ୍ନାଥ ମୋ ଆଖି ଆଗରେ ଶ୍ରୀକୃଷ୍ଣ ପରି ନେଳିଆ ରଙ୍ଗର ପାହାଡ଼ ରକମ ହେଇଗଲେ । ଆଉ ସେଇ ପାହାଡ଼ଟା ଇମିତି ବଢ଼ିଲା ଯେ ବଢ଼ିଲା ଏକାବେଳକେ ତା' ଅଗଟା ମେଘରେ ନାଗିଗଲା, ଯିମିତି ନୀଳିଆ ସମୁଦରଟା ମେଘରେ ନାଗିଥିଲା ସକାଳେ । ମତେ ବଡ଼ ବଡ଼ ଆଖିରେ ଚାହିଁ ପାହାଡ଼ କହିଲା, 'ଗାଣ୍ଟୁରେ ଛୁଆ ଦରକାର ? ମତେ ଛୁଆ କରିନେ । ମର୍ ବଡ଼ଭାଇ ସେ ପାଖରେ ଅଛି, ତାକୁ ବି ନେ । ଆମର ଭଉଣୀକି ନେଇ ଝିଅ କର । ଦୁଇଭାଇ ଏକ ଭଉଣୀ, ହବନି ଏତିକିରେ ?' ମତେ ମରିଗଲା ରକମ ଖୁସି ନାଗିଲା ।'' ଠିକ୍ ସେମିତିକା ଅନୁଭୂତିର କଥା ମାଉସୀ ମଧ ବଖାଣିଛନ୍ତି । (ଦିବ୍ୟ ଅଦିବ୍ୟ, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପୃ.୬୧) ସନ୍ତାନସନ୍ତତିବିହୀନ ଦମ୍ପତିଙ୍କ ମନରେ ପିତୃତ୍ୱ ଓ ମାତୃତ୍ୱ ଲାଭର ଆତ୍ମସନ୍ତୋଷ ଭରିଯାଇଛି । ବାତ୍ସଲ୍ୟ ସ୍ନେହକାଙ୍ଗାଳ ମଉସା, ମାଉସୀ ଦି'ଜଣଙ୍କ ହୃଦୟ ବାତ୍ସଲ୍ୟ ମମତାରେ ପୂରିଯାଇଛି । ହୋଇଉଠିଛି ପୁଲକିତ । ପୁଣିଥରେ ମନ୍ଦିରକୁ ଯାଇ ଠାକୁରଙ୍କ ଆରତି ଦେଖିବା ସେମାନଙ୍କ ପାଇଁ ହୋଇପଡ଼ିଛି ଅନାବଶ୍ୟକ । ଟିଣ ପାତିଆରେ ବନ୍ଧା ତିନିଠାକୁରଙ୍କ ଫଟୋ ଧରି ଗାଁକୁ ଫେରିଯିବାକୁ ସେ ଦୁହେଁ ପ୍ରସ୍ତୁତ ହୋଇଯାଇଛନ୍ତି । ଦୈବୀ ସାନ୍ନିଧ ପାଇଁ, ଦିବ୍ୟାନୁଭୂତି ପାଇଁ,



Digitized by PPRACHIN, SOA

ଶିକ୍ଷା-ଦୀକ୍ଷା, କୁଳ-କୌଳିନ୍ୟଠାରୁ ସମ୍ପୂର୍ଣ୍ଣ ଆତ୍ମସମର୍ପଣ ଓ ନିଷ୍କପଟ ଭକ୍ତିପୂତ ଚିତ୍ତର ଆବଶ୍ୟକତା ଯେ ଅଧିକ, ତାହା ଏଠାରେ ହୋଇଛି ପ୍ରତିପାଦିତ । ଭକ୍ତି ପ୍ରାଧାନ୍ୟ ଲାଭ କରିଥିବା ଗୀତାର ବିଭିନ୍ନ ଶ୍ଳୋକରେ ହିଁ ଗଳ୍ପର ମୂଳବୀଜ ନିହିତ । (ଶ୍ରୀମଦ୍ ଭଗବଦ୍‌ଗୀତା, ୯-୩୨, ୧୧-୫୩-୪, ୧୨-୧ରୁ ୫) ଭଗବଦ୍ ଗୀତାନୁଯାୟୀ ଭକ୍ତି ହେଉଛି ପରମପୁରୁଷଙ୍କ ନିକଟରେ ପୂର୍ଣ୍ଣ ଆତ୍ମସମର୍ପଣ । ଈଶ୍ୱର ବିଶ୍ୱାସ, ଈଶ୍ୱର-ପ୍ରେମ, ଈଶ୍ୱରାନୁରକ୍ତି ଓ ଶରଣାଗତି ହିଁ ଭକ୍ତି । ଭକ୍ତି ହିଁ ଭକ୍ତର ଅନ୍ତିମ ପୁରସ୍କାର । ଏପରି ଭକ୍ତ, ଉତ୍କର୍ଷ ଜ୍ଞାନର ଅନୁଭବ ସହିତ ସିଦ୍ଧପୁରୁଷର ଶକ୍ତି ନିଜ ମଧ୍ୟରେ ଆବିଷ୍କାର କରେ । (S.Radhakrishnan, The Bhagabad Gita, p.66) ଭକ୍ତିର ତର୍ଜମା କରି ଯଥାର୍ଥରେ କୁହାଯାଇଛି, ବ୍ୟାଧର କ'ଣ ଭଲ ଅଭ୍ୟାସ ଥିଲା ? ଧ୍ରୁବର ବୟସ କେତେ ହୋଇଥିଲା ? ଗଜେନ୍ଦ୍ରର ଶିକ୍ଷା କ'ଣ ଥିଲା ? ଉଗ୍ରସେନର କି ବଳ ବିକ୍ରମ ଥିଲା ? କୁବ୍‌ଜାର ଅବା କି ସୌନ୍ଦର୍ଯ୍ୟ ଥିଲା ? ପୁଣି କେତେ ଧନ ସମ୍ପତି ଥିଲା ସୁଦାମାର ? ଭକ୍ତିକୁ ଆଶ୍ରା କରି ଏମାନେ ଈଶ୍ୱରଙ୍କର କୃପାଲାଭ କରିପାରିଛନ୍ତି । ସେ (ଈଶ୍ୱର) ଅନ୍ୟ ଦୋଷ/ଗୁଣ ନ ଧରି ଭକ୍ତିରେ ତୁଷ୍ଟ ହୋଇଥା'ନ୍ତି । (S.Radhakrishnan, The Bhagabad Gita, p.59) ଗୀତାର ଏହି ଧାରା ଜଗନ୍ନାଥ ଚେତନାରେ ଅଙ୍ଗୀଭୂତ ହୋଇ ଯେଉଁ ଭକ୍ତିର ସନ୍ଦେଶ ଉଦ୍‌ଘୋଷିତ କରିଥାଏ, ତାହାହିଁ ହୋଇଛି ଗଳ୍ପର ଅନ୍ତଃସ୍ୱର ।

ଅନ୍ୟ ଗୋଟିଏ ଗଳ୍ପରେ ବ୍ୟାଜସ୍ତୁତି ମାଧ୍ୟମରେ ଦୈବୀ ସାନ୍ନିଧ୍ୟ ଲାଭ ସମ୍ଭବ ହୋଇଛି । ରାଉରକେଲାରେ ପହଞ୍ଚି ସେଠାରେ ଜଗନ୍ନାଥ ମନ୍ଦିର ତୋଳା ଯାଇଥିବା କଥା ଶୁଣି ସେ ଉଚ୍ଚକିତ ହୋଇଛନ୍ତି ତାଙ୍କ ଦର୍ଶନ ପାଇଁ । ଜଗନ୍ନାଥଙ୍କର ସବୁ ବଡ଼ ଅର୍ଥାତ୍ ବଡ଼ଦେଉଳ, ବଡ଼ଠାକୁର, ବଡ଼ଦାଣ୍ଡ, ବଡ଼ଯାତ, ବଡ଼ବେତ ପ୍ରଭୃତି ତାଙ୍କୁ ଅନୁପ୍ରେରିତ କରିଛି । ସେ ଯାଇ ପହଞ୍ଚିଛନ୍ତି ଦେଉଳ ପାଖରେ । ଦେଉଳ ସମ୍ମୁଖରେ କୁଷ୍ଠୀମାନଙ୍କୁ ଦେଖି ସେମାନଙ୍କ ସମସ୍ୟା ସହିତ ଜଡ଼ିତ ହୋଇଯିବାକୁ ମନ ଡାକିଛି । ସାମିଲ ହୋଇଯାଇଛନ୍ତି ସେ ସେମାନଙ୍କ ସହ । ମନରୁ ଉଭେଇ ଯାଇଛି ଘୃଣାଭାବ, ସଙ୍କୋଚ, ଭୟ ଆଦି । କୁଷ୍ଠୀମାନଙ୍କ ଗହଣରେ ସେ ଅନୁଭବ କରିଛନ୍ତି ସେହି ଭକ୍ତଗଣଙ୍କର ଉପସ୍ଥିତିକୁ ଯେଉଁମାନଙ୍କର ଶାରୀରିକ ଅକ୍ଷମତା ସେମାନଙ୍କର କବିତ୍ୱ ସ୍ଫୁରଣରେ ବାଧକ ହୋଇ ନପାରି ଭକ୍ତିନିବେଦନର ଅପୂର୍ବ ସ୍ମାରକୀ ବହନ କରିଯାଇଛି ଏବଂ ଅନ୍ୟମାନଙ୍କୁ ଉଦ୍‌ବୁଦ୍ଧ କରୁଛି ଏ ଯାବତ୍ । ସେହି ସାଧକମାନଙ୍କର ଭକ୍ତିନୈବେଦ୍ୟ, ଭଜନ, ଜଣାଣ, ଚମ୍ପୂ, ଛାନ୍ଦ ଆଦିକୁ କୁଷ୍ଠୀମାନଙ୍କ ଠାରୁ ଶୁଣି ତାକୁ ତର୍ଜମା କରିଛନ୍ତି ଗାଳ୍ପିକ ନିଜର ସ୍ୱଭାବ ସୁଲଭ ହାସ୍ୟ ଓ ବ୍ୟଙ୍ଗର ଧାରାରେ । ତତ୍‌ସଙ୍ଗେସଙ୍ଗେ ସେମାନଙ୍କ ଭିତରେ କାବ୍ୟ ପୁରୁଷମାନଙ୍କର ସାନ୍ନିଧ୍ୟ ଲାଭ କରିଛନ୍ତି । ଶୁଣିଛନ୍ତି ସାଲବେଗଙ୍କର ଆକୁତି, ସରଳ, ଆକୁଳ ପ୍ରାଣରୁ ଝରିପଡ଼ିଥିବା ଭଜନ/ଜଣାଣ । ସେ ପୁଣି ଭଣିତାରେ ନିଜକୁ ଯବନ ବୋଲି ସ୍ୱୀକାର କରିବାରେ କାର୍ପଣ୍ୟ କରିନାହାନ୍ତି । ପରେ ଦୀନକୃଷ୍ଣଙ୍କ ବିରଚିତ କାମୋଦୀ ରାଗର ଛାନ୍ଦ କର୍ଣ୍ଣକୁହରରେ ଅନୁରଣିତ ହୋଇଛି । ତାହାପରେ ଶୁଣିପାରିଛନ୍ତି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଜୀବନ ସଙ୍ଗୀତ' । ଏମାନଙ୍କ ସହିତ ଜୀବିତ ସାହିତ୍ୟ ସାଧକ ଫତୁରାନନ୍ଦଙ୍କ ସାନ୍ନିଧ୍ୟ ମଧ୍ୟ ମିଳିଛି ସେମାନଙ୍କର ଭିତରେ । ଏହି କାବ୍ୟାମୋଦୀ ଭକ୍ତମାନେ ସମସ୍ତେ ଭୟଙ୍କର କୁଷ୍ଠରୋଗ ଦ୍ୱାରା ପୀଡ଼ିତ । ତଥାପି ସେମାନେ ଜଗନ୍ନାଥଙ୍କ ଗୁଣ କୀର୍ତ୍ତନରେ, ମହିମା ବର୍ଣ୍ଣନାରେ ଯେଉଁ ପାରଦର୍ଶିତା ପ୍ରଦର୍ଶନ କରିଯାଇଛନ୍ତି, ଯେଉଁ



Digitized by PPRACHIN, SOA

ଧାରା ପ୍ରବର୍ତ୍ତନ କରିଯାଇଛନ୍ତି, ତାହା ଅନନ୍ୟ । ସେମାନଙ୍କ ଦ୍ୱାରା ନିବେଦିତ ଭକ୍ତି ଅର୍ଘ୍ୟ ଦ୍ୱାରା ଗାଳ୍ପିକଙ୍କ ସମେତ ସେହି ପଙ୍‌କ୍ତିଗୁଡ଼ିକର ସବୁ ଶ୍ରୋତା ଏବଂ ପାଠକଙ୍କ ହୃଦୟ ଯେ କ୍ଷଣିକ ପାଇଁ ହେଲେ ବି ଭକ୍ତି ରସାପ୍ଳୁତ ହୋଇଯାଇଥାଏ, ଏକଥା ସ୍ୱୀକାର କରିବାରେ ଦ୍ୱିରୁକ୍ତି ନାହିଁ । ଭକ୍ତକୁ ଭଲ ପାଇ ତାଙ୍କରି ମାଧ୍ୟମରେ ପରମପୁରୁଷଙ୍କର ସନ୍ନିକଟ ହେବା ତଥା ସାନ୍ନିଧ ଲାଭ କରିବାର ପଥ ଏଠାରେ ହୋଇଛି ଅନୁସରିତ ।

ସେମାନଙ୍କ ଗହଣରେ ଗାଳ୍ପିକ ଆତ୍ମବିସ୍ମୃତ ହୋଇଯାଇଛନ୍ତି । "ଏ ଲୋକଗୁଡ଼ାକ ସାଙ୍ଗରେ ବହୁତ ସମୟ ବସିଗଲି । ୟାଙ୍କ ରୋଗଟା ଗୋଟାଏ ବଡ଼ରୋଗ ଦେଖୁଛି । ମୋ ଦେହରେ ପୁଲକ ଖେଳିଲା ତାଙ୍କ ଢଣାଣ, ଭଜନ, ସଙ୍ଗୀତ, ଚମ୍ପୂ ଶୁଣି ଶୁଣି । ସେମାନଙ୍କୁ ସମଧର୍ମୀ ଭାବି କୁଣ୍ଢେଇଲି, ଯିମିତି ସେମାନେ ମୋର ପୂର୍ବଜନ୍ମର ଆତ୍ମୀୟ ସୋଦର । ମୁଁ ନିଜକୁ ଏତେ ସେମାନଙ୍କ ସହିତ ମିଶାଇ ଦେଲି ଯେ ତାଙ୍କ ରୋଗ ମୋତେ ପୂରାପୂରି ଜାବୁଡ଼ି ଧରିଲା । ମୋର ସର୍ବାଙ୍ଗରେ ଏକ କମ୍ପନ ହେଲା, ଭୂମିକମ୍ପ କମ୍ପନ ପରି । କ୍ରମେ ଦିହଯାକ ବଧିରା ହୋଇଗଲା, ଶିରାପ୍ରଶିରା ଭିଡ଼ିମୋଡ଼ି ହୋଇ ଗୋଡ଼ହାତର ଆଙ୍ଗୁଳି, ନାକ, ପାଟି ବଙ୍କା ହୋଇଗଲା । କ୍ରମେ ଅଙ୍ଗପ୍ରତ୍ୟଙ୍ଗ ଛିଡ଼ିପଡ଼ିଲା, ଯେମିତି ସେଗୁଡ଼ାକ ରକ୍ତମାଂସରେ ତିଆରି ନହୋଇ କାଦୁଅରେ ତିଆରି ହୋଇଥିଲା । ଆତ୍ମୀୟସ୍ୱଜନ ସବୁ ଦୂରେଇ ଗଲେ, କହିଲେ ୟାକୁ ବଡ଼ରୋଗ ଧରିଛି ।" (ଜଗବନ୍ଧୁ ତୁମେ ବଡ଼, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପୃ.୪୯) କି ଚମତ୍କାର ପ୍ରତୀକ ପ୍ରୟୋଗ ! ଭକ୍ତି ନିବେଦନର କି ଅପୂର୍ବ ନିଦର୍ଶନ ! ଯେଉଁ ବଡ଼ ରୋଗଟା ଗ୍ରାସିଗଲା, କ'ଣ ତା'ର ସ୍ୱରୂପ ? ତାହା ଆଉ କିଛି ନୁହେଁ, ଭକ୍ତି । ଶୁଦ୍ଧପୂତ ଚିତ୍ତରେ ପରମପୁରୁଷଙ୍କ ଠାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ । ସେଇଆ ହିଁ ଥିଲା ସେହି ପୂର୍ବସୁରୀମାନଙ୍କ ମାର୍ଗ । ପୁଣି ସୃଜନଶୀଳ ଶକ୍ତି, ସ୍ରଷ୍ଟାମାନସ ଥିଲା ସେମାନଙ୍କର ସମ୍ବଳ । ଉଭୟର ଅଭୂତପୂର୍ବ ସମନ୍ୱୟ ସ୍ଥାପନ କରି ସେମାନେ ହୋଇଯାଇଛନ୍ତି ମୃତ୍ୟୁଞ୍ଜୟୀ, ଅମର । ପରମ୍ପରା ପ୍ରତି ଶ୍ରଦ୍ଧାଶୀଳ ଲେଖକ ଜଣେ ସୃଜନଶୀଳ ସ୍ରଷ୍ଟା ଭାବରେ ସେହି ସାହିତ୍ୟ ସାଧକମାନଙ୍କ ଉଦ୍ଦେଶ୍ୟରେ ନିବେଦନ କରିଛନ୍ତି ଶ୍ରଦ୍ଧା ସୁମନ । ସେମାନଙ୍କ ପଥ ଅନୁସରଣ କରି ନିବେଦନ କରିପାରିଛନ୍ତି ଐକାନ୍ତିକ ଭକ୍ତି । ଦୂରେଇ ଯାଇଛନ୍ତି ଆତ୍ମୀୟସ୍ୱଜନଙ୍କଠାରୁ । ଇନ୍ଦ୍ରିୟାନୁଭୂତିର କବଳରୁ ମୁକ୍ତ କରିପାରିଛନ୍ତି ନିଜକୁ । ଫଳରେ ଭକ୍ତିମାର୍ଗର ଚରମ ପରିଣତି ସନ୍ନ୍ୟାସରେ ହିଁ ଦୈବୀ ସାନ୍ନିଧ ଲାଭ କରିଛନ୍ତି ।

ଜଗନ୍ନାଥଙ୍କ ଦର୍ଶନ ଲାଭବେଳେ କବିସୂର୍ଯ୍ୟଙ୍କ ନ୍ୟାୟରେ ଭକ୍ତି ଅର୍ପଣ କରିବାକୁ ଯାଇ ତାଙ୍କୁ ବଡ଼ରୋଗୀ ବୋଲି ଆକ୍ଷେପ କରିଛନ୍ତି । କହିଛନ୍ତି, "ଆଉ ଗୋଟିଏ କାହିଁକି ତାଲିକାରୁ ବାଦ୍ ପଡ଼ିଯିବ ? ଜଗବନ୍ଧୁ, ତୁମେ ବଡ଼.... ତୁମର ରୋଗ, ବଡ଼ରୋଗ, ଦୁନିଆର ସବୁ ଖଣ୍ଡିଆରୋଗୀ ବଡ଼ରୋଗୀ । ଯେତେବେଳେ ତୁମେ ଦେଖିଲ ଏଗୁଡ଼ାଙ୍କୁ କେହି ଭଲ ପାଇଲେ ନାହିଁ, ପୂର୍ବଜନ୍ମର ଅଭିଶାପ ଭୋଗୁଛନ୍ତି କହିଲେ, ତୁ ତାଙ୍କୁ ଅଶ୍ୱାସନା ଦେବାପାଇଁ ତାଙ୍କରି ରୂପ ଧଇଲୁ ? ସମସ୍ତଙ୍କୁ ନିଜ ପାଖକୁ ଟାଣିନେଲୁ । କିନ୍ତୁ ଏତେ ଲୋକଙ୍କୁ ନିର୍ଯ୍ୟାତନା ଦେଇ ନିଜ ପ୍ରଶସ୍ତି ଶୁଣିବାର ଯେଉଁ ବ୍ୟବସ୍ଥାଟି କଲୁ, ତା'ର ଫଳ କ'ଣ ହେଲା ଦେଖିଲୁ ? ତୋ ନିଜ ପୁଅ (ଶାମ୍ବ)କୁ ସେଇ ରୋଗ ଧଇଲା ନା ?" (ଜଗବନ୍ଧୁ ତୁମେ ବଡ଼, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପୃ.୫୦-୫୧) ଏମିତି କହି ବୁଢ଼ା ରାଗିଯାଇଛି ଭାବି ତା'



Digitized by PPRACHIN, SOA

ଆଡ଼କୁ ଅନାଇ ଦେଖୁଛନ୍ତି, ମୁହଁରେ ଲାଗି ରହିଛି ସେଇ ହସ ଧାରକ । ଗଳ୍ପଟିର ଭିତ୍ତି 'ଗୀତା'ର 'ଜ୍ଞାନଯୋଗ'ର ସେହି ଶ୍ଳୋକ ଯେଉଁଥିରେ ପରମପୁରୁଷ କହିଛନ୍ତି, ''ଯେ ଯେଉଁପରି ଭାବରେ ମୋତେ ଉପାସନା କରନ୍ତି, ମୁଁ ସେମାନଙ୍କୁ ସେହି ଭାବରେ ହିଁ ଅନୁଗ୍ରହ କରେ ।'' (ଶ୍ରୀମଦ୍ ଭଗବଦ୍‌ଗୀତା, ୪ : ୧୧) ମନ୍ଦିରରୁ ବାହାରୁଥିବାବେଳେ ଲାଉଡ୍‌ସ୍ପିକର୍ ଦ୍ୱାରା ଉପରୋକ୍ତ ଶ୍ଳୋକଟି ଆବୃତ୍ତି କରାଯାଉଥିବାର ଅବତାରଣା ଗଳ୍ପରେ ମଧ୍ୟ କରାଯାଇଛି । ଶ୍ଳୋକଟି ଗୀତାର ବିଶ୍ୱତୋମୁଖୀ ଭାବ ଏବଂ ଧର୍ମର ସାର୍ବିକତାକୁ ହିଁ ପ୍ରତିପାଦନ କରେ । ଧର୍ମରେ ମାନବିକତାର ପ୍ରାଧାନ୍ୟକୁ ସ୍ୱୀକାର କରେ । କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଧାରାକୁ ଚିହ୍ନାଇ ଦେବା ପରିବର୍ତ୍ତେ ସବୁ ଧର୍ମ ସମ୍ପ୍ରଦାୟର ହେତୁ- ମଣିଷର ଈଶ୍ୱରପ୍ରାପ୍ତି ଆକାଂକ୍ଷା ଓ ଈଶ୍ୱରଙ୍କ ସହ ମଣିଷର ସମ୍ପର୍କକୁ ହୃଦୟଙ୍ଗମ କରିବା ନିମିତ୍ତ ଏହା ଅଭିପ୍ରେତ ।

'ଚାଉଳ' ଗଳ୍ପରେ ଲକ୍ଷ୍ମୀପ୍ରିୟା ଯାଇ ରହିଛି ଓଡ଼ିଶା ଓ ପଶ୍ଚିମବଙ୍ଗର ସୀମାନ୍ତ ଅଞ୍ଚଳରେ । ସ୍ଥାନଟି ପଶ୍ଚିମବଙ୍ଗ ରାଜ୍ୟର ସୀମାଭୁକ୍ତ । କେତେ ପୁରୁଷ ପୂର୍ବରୁ ସେମାନେ ଓଡ଼ିଶାରୁ ଉଠିଯାଇ ସେଠାରେ ବସବାସ କରୁଥିଲେ ବି ଛାଡ଼ିପାରି ନାହାନ୍ତି ଓଡ଼ିଆ ଘରର ପରମ୍ପରା, ପୁନିଅ-ପରବ । ଲକ୍ଷ୍ମୀପ୍ରିୟା ମାଣବସା କରେ । ତାଙ୍କ ଘରେ ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମଙ୍କ ରାମାୟଣ ଓ ସାରଳା ଦାସଙ୍କ ମହାଭାରତ ପୂଜା ହୁଏ । ଗୋଟିଏ ବର୍ଷ ଘୋର ଦୁର୍ଭିକ୍ଷ ପଡ଼ିବାରୁ ବିଧବା ଲକ୍ଷ୍ମୀପ୍ରିୟା ଭୀଷଣ ଅସୁବିଧାର ସମ୍ମୁଖୀନ ହୋଇଛି । ପରିଶେଷରେ ଘରୁ ଦାଣ୍ଡକୁ ଗୋଡ଼ କାଢ଼ିବାକୁ ବାଧ ହୋଇଛି । ଓଡ଼ିଶା ଯାଇ ନିଜର ଭୋକିଲା ପୁଅ ଦୁହିଁଙ୍କ ପାଇଁ ଏବଂ ଆଗକୁ ଆସୁଥିବା ମାଣବସା ପାଇଁ ଚାଉଳ ସଂଗ୍ରହ କରିବାକୁ ବାହାରିଛି । କିନ୍ତୁ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଚାଉଳ ଯାଇ ପାରିବ ନାହିଁ ନୀତିରେ ସେ ସଂଗ୍ରହ କରିଥିବା ଚାଉଳ ଧରପଗଡ଼ରେ ଚାଲିଯାଇଛି । ଅଧିକନ୍ତୁ ପୋଲିସର ବ୍ୟାଟେନ ଘୁଷିରେ ତା' ସାନପୁଅର ପେଟ ଦରଜ କରିଯାଇଛି । ସେହିଦିନ ରାତିରେ ଭୋକଉପାସରେ ଅସୁସ୍ଥ ହୋଇପଡ଼ିଥିବା ସେହି ପୁଅଟି ଚାଲିଯାଇଛି ଆରପାରିକୁ । ତା'ର ଶବକୁ ନିଜ ହାତରେ ପୋତିସାରି ଦେଖିଛି ଯେ ପୁଅ ସିନ୍ଧିରସ୍ତୁ ମଡ଼ାଇଥିବା ଖଡ଼ିଟି ଉପରେ ପଡ଼ିଛି । ଖଡ଼ିଟି ନେଇ ସେ ନିକଟସ୍ଥ ସୀମାଳି ପାହିଆ, ଓଡ଼ିଶା ଓ ପଶ୍ଚିମବଙ୍ଗର ସୀମା ଚିହ୍ନିତ କରୁଥିବା ପଥର ଖୁଣ୍ଟିରେ ଛବି ଆଙ୍କିଛି । ସୁଦଶାବ୍ରତର ଉଦ୍‌ଯାପନ, ମାଣବସା ପାଇଁ ଝୋଟି ବଦଳରେ ଆଙ୍କୁଥିଲା ସେ ଛବି । ଛବିଟି ରୂପ ନେଇଛି ଜଗନ୍ନାଥଙ୍କ ଦୁଇ ଆଖିର । ସୀମାଳି ପଥରରେ ଜଗନ୍ନାଥଙ୍କ ରୂପ ଅଙ୍କାଇ ମଣିଷ ଗଢ଼ା ପ୍ରାଚୀର/ସୀମା/ଭେଦାଭେଦକୁ ଦୂର କରିବାକୁ ଆହ୍ୱାନ ଦେଇଛନ୍ତି ଗାଳ୍ପିକ । ଜଗନ୍ନାଥ ସଂସ୍କୃତି ଯେଉଁ ସମନ୍ୱୟ ପାଇଁ ପ୍ରସିଦ୍ଧି ଲାଭ କରିଛି, ତାହାର ଫଳପ୍ରଦ ପ୍ରଚାର ଓ ପ୍ରସାର ଦ୍ୱାରା ଲକ୍ଷ୍ମୀପ୍ରିୟା ସମ୍ମୁଖୀନ ହୋଇଥିବା ସମସ୍ୟା, ଭୋଗ କରିଥିବା ଦୁଃଖ, ଯନ୍ତ୍ରଣାର ସମାଧାନ, ମାନବିକ ଦୃଷ୍ଟିକୋଣର ସହାୟତାରେ କରିବାପାଇଁ ସେ ଆହ୍ୱାନ ଦେଇଛନ୍ତି । ତେବେ ଏତେ ଅସୁବିଧାରେ ପଡ଼ି ମଧ ଲକ୍ଷ୍ମୀପ୍ରିୟା ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଛି । ଆଙ୍କିଛି ସେଇ ମୂର୍ତ୍ତି ଯିଏ କି ଅସୀମ, ସୀମାହୀନ । ''ସେଇ ସୀମାସୂଚକ ପଥରଟାକୁ ଅସୀମ କରିଦେଇ ମୁଣ୍ଡ ଭୂଇଁରେ ଲଗାଇ ଲକ୍ଷ୍ମୀପ୍ରିୟା ସୁଦଶାବ୍ରତ ଉଦ୍‌ଯାପନ କଲା ।'' (ଚାଉଳ, ଗଙ୍ଗା ଓ ଗାଙ୍ଗୀ, ପୃ୭୯)



Digitized by PPRACHIN, SOA

ବେଦ, ବେଦାନ୍ତ ଓ ଗୀତାରେ ଉଦାରବାଦୀ ଚେତନାର ପରିପ୍ରକାଶ ସଂଘଟିତ ହୋଇ ଭକ୍ତିମାର୍ଗକୁ ସଂପ୍ରସାରିତ ଏବଂ ବିଶ୍ୱତୋମୁଖ କରିପାରିଛି । ସର୍ବୋପରି ଶ୍ରୀମଦ୍ ଭଗବଦ୍‌ଗୀତା ଏକ ପରମ୍ପରା ପ୍ରତିଷ୍ଠା କରେ, ଯାହା ସମଗ୍ର ମାନବ ସମାଜର ଧର୍ମୀୟ ଜୀବନ ଧାରା ଉପରେ ଆଧାରିତ । ଏହି ପରମ୍ପରା ହିନ୍ଦୁଧର୍ମର କୌଣସି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ନୁହେଁ ବରଂ ଏହା ହିନ୍ଦୁତ୍ୱର ସମଗ୍ର ସତ୍ତା ଏବଂ ଧର୍ମର ସାର୍ବିକତା । ସ୍ଥାନ ବା କାଳର ଗଣ୍ଡିରେ ସୀମାବଦ୍ଧ ନ ହୋଇ ଏହା ସାମଗ୍ରିକ ମାନବୀୟ ଚେତନାରେ ହୋଇଛି ପରିପୂର୍ଣ୍ଣ । ଏହି ଧାରା ମୁଖ୍ୟତଃ ଜଗନ୍ନାଥ ଚେତନାରେ ପରିଲକ୍ଷିତ ସମନ୍ୱୟର ଭିତ୍ତି । ତାହା ହିଁ କଥାକାରଙ୍କ ଗଳ୍ପଗୁଡ଼ିକରେ ଆଧ୍ୟାତ୍ମଚେତନାର ମୂଳ ଆଧାର ହୋଇଛି । କୁହାଯାଇଛି, "ମନୁଷ୍ୟକୁ ଜଗନ୍ନାଥ ରୂପେ ଅନୁଭବ କରି ଆପଣାର ଚେତନାକୁ ଅନୁରୂପ ଭାବରେ ବିଶ୍ୱତୋମୁଖ ଏବଂ ବିଶ୍ୱପ୍ରସାରୀ କରିରଖିବା- ଏହାହିଁ ଯାବତୀୟ ସାଧନାର ଯଥାର୍ଥ ମାର୍ଗ, ଏହା ହିଁ ଯଥାର୍ଥ ଉତ୍ତୋଳନ । ଏଥିରେ ବ୍ୟକ୍ତି ହେଉଛି ଭୂମି, ମୂର୍ତ୍ତି ହେଉଛି ଆଲମ୍ବନ, ସାଧର୍ମ୍ୟ ହେଉଛି ମାର୍ଗାଚାର ଏବଂ ପୂର୍ଣ୍ଣୋପଲବ୍‌ଧି ଅର୍ଥାତ୍ ପୂର୍ଣ୍ଣ ଏକାତ୍ମକତା ହେଉଛି ଲକ୍ଷ୍ୟ ।" (ଚିତ୍ତରଞ୍ଜନ ଦାସ, ସନ୍ଥ (ଭକ୍ତି ସାହିତ୍ୟ) । ଏହି ମର୍ମ ଗାଳ୍ପିକଙ୍କ ସୃଷ୍ଟିରେ ଅଙ୍ଗୀଭୂତ ହୋଇ ଜଗନ୍ନାଥ ଚେତନାକୁ କରିଛି ଉଦ୍‌ଘୋଷିତ । ଆଧୁନିକ ଗଳ୍ପର ସମସ୍ତ ବିଭାବ ମଧ୍ୟଦେଇ ମାନବିକତାବୋଧର ପ୍ରତିଷ୍ଠା ନିମିତ୍ତ ଜଗନ୍ନାଥ ଚେତନାକୁ ଉତ୍‌କୀର୍ଣ୍ଣ କରିଛନ୍ତି କଥାକାର । ଏଥିପାଇଁ ଅବଲମ୍ବନ ହୋଇଛି ଭକ୍ତିମାର୍ଗ । କଥାକାରଙ୍କର ଏତାଦୃଶ ସାଫଲ୍ୟ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ସୃଷ୍ଟି ଓ ସ୍ରଷ୍ଟାପ୍ରେମୀ ପାଠକମାନଙ୍କ ନିକଟରେ ।

### ସହାୟକ ଗ୍ରନ୍ଥସୂଚୀ


୧. ବସନ୍ତ ଶତପଥୀ, ମେଜର ଅପରେସନ୍, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୯୧

୨. ବସନ୍ତ ଶତପଥୀ, ଅଜାଗା ଘାଆ, ଜଗନ୍ନାଥ ରଥ, କଟକ, ୧୯୮୩

୩. ବସନ୍ତ ଶତପଥୀ, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୨

୪. ବସନ୍ତ ଶତପଥୀ, ଗଙ୍ଗା ଓ ଗାଙ୍ଗୀ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୧

୫. ଚିତ୍ତରଞ୍ଜନ ଦାସ, ସନ୍ଥ (ଭକ୍ତି) ସାହିତ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୮୨

୬. The Bhagbad Gita, S.Radhakrishnan

୭. Bhagbad Gita with the commentary of Sankaracarya Translated by Swami Gambharinanda, Advaita Ashram, Calcutta 14, 1984


❑



Digitized by PPRACHIN, SOA

# ବିଷଣ୍ଣ ବିଦୂଷକ, ଜୀବନ ପ୍ରେମିକ : ବସନ୍ତ କୁମାର ଶତପଥୀ

ବିଭୂତି ପଟ୍ଟନାୟକ

ତାଙ୍କ ସହିତ ପରିଚୟ ଥିଲା, ଘନିଷ୍ଠତା ନଥିଲା । ଗୋଟିଏ ଅର୍ଥରେ ସେ ଥିଲେ ମୋ ପାଇଁ ଦୂରର ମଣିଷ; ଯଦିଓ, ଏକାନ୍ତ ଆପଣାର ପ୍ରିୟ ଲେଖକ । ସେ ବର୍ଷ ଫେବୃୟାରୀ ୧୯ତାରିଖ ଦିନ ରାଉରକେଲା ପୁସ୍ତକମେଳାରେ ଯୋଗ ଦେବାକୁ ଯାଇ ଶୁଣିଥିଲି ସେ ଅସୁସ୍ଥ ହୋଇ ସେଠାରେ ଚିକିତ୍ସିତ ହେଉଛନ୍ତି । କିନ୍ତୁ ତାଙ୍କର ଅସୁସ୍ଥତା ଯେ ଏତେ ଗୁରୁତର, ସେକଥା ମୋତେ ଜଣା ନଥିଲା । ରାଉରକେଲାରୁ ଫେରିବାର ଅଳ୍ପ ଦିନପରେ ଶୁଣିଲି ବସନ୍ତ କୁମାର ଶତପଥୀଙ୍କର ପରଲୋକ ହୋଇଯାଇଛି, ରାଉରକେଲାରେ ତାଙ୍କୁ ଦେଖି ଆସି ନଥିବାର ଦୁଃଖ ଓ ଅବଶୋଷରେ ମନ ବିଷଣ୍ଣ ହୋଇଗଲା ।

ବସନ୍ତବାବୁଙ୍କ ଗଳ୍ପ, ସମାଲୋଚନା ସହ ମୋର ଦୀର୍ଘ ଦିନର ଆତ୍ମୀୟତା, କିନ୍ତୁ ଦେଖାସାକ୍ଷାତ୍ ୧୯୮୦/୮୨ ମସିହାରେ । ଏକ ଅଦ୍ଭୁତ ପରିବେଶରେ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ବାଲେଶ୍ୱରଠାରେ ଗୋଟିଏ ସେମିନାର୍ ହୋଇଥିଲା । ବସନ୍ତବାବୁଙ୍କୁ ଗଳ୍ପ ସାହିତ୍ୟ ସମ୍ପର୍କରେ ଆଲୋଚନା କରିବାପାଇଁ ଆମନ୍ତ୍ରଣ କରାଯାଇଥିଲା । କହୁ କହୁ ସେ ଅଭିମାନରେ କହିପକାଇଲେ ମତେ ଆଧୁନିକ ଗଳ୍ପଲେଖକମାନଙ୍କୁ ତାଲିକାରୁ ବାଦ୍ ଦେଇ ଦିଆଗଲାଣି । ରେଡ଼ିଓ ଷ୍ଟେସନରୁ ଗଳ୍ପ ପଢ଼ିବା ପାଇଁ ମୋତେ ଆମନ୍ତ୍ରଣ ଆସେନାହିଁ, ଏପରିକି 'ଗଳ୍ପ' ପତ୍ରିକାରେ ଲେଖାଦେବାପାଇଁ ମୋତେ ଚିଠି ଆସେ ନାହିଁ । ମୁଁ ଯେ ଆଲୋଚନା ସଭାରେ ଉପସ୍ଥିତ ଅଛି- ସେକଥା ତାଙ୍କୁ ଜଣା ଥିଲା କି ନାହିଁ ମୁଁ ଜାଣିନ ଥିଲି, କିନ୍ତୁ ଅନିୟମିତ 'ଗଳ୍ପ' ପତ୍ରିକାରେ ଲେଖା ଦେବାପାଇଁ ତାଙ୍କୁ କେବେ ଚିଠି ଲେଖି ନଥିବାରୁ ସେ ଯେ ନିଜକୁ ଅବହେଳିତ ମନେ କରୁଛନ୍ତି, ଏକଥା ତାଙ୍କ ମୁହଁରୁ ଅପ୍ରତ୍ୟାଶିତ ଭାବରେ ଶୁଣି ମୋ ଦେହରେ ଏକ ଶିହରଣ ଖେଳିଯାଇଥିଲା !

ତାଙ୍କ ଭାଷଣ ଶେଷରେ ମୁଁ ତାଙ୍କ ପାଖକୁ ଯାଇ 'ଗଳ୍ପ' ଅନିୟମିତ ହୋଇଯାଇଥିବାରୁ ମୁଁ ତାଙ୍କୁ ଗଳ୍ପପାଇଁ ଲେଖି ନଥିଲି ବୋଲି ଦୁଃଖପ୍ରକାଶ କରିଥିଲି ଏବଂ 'ଗଳ୍ପ' ପରବର୍ତ୍ତୀ ସଂକଳନ ପାଇଁ ଗଳ୍ପଟିଏ ଦେବାଲାଗି ଅନୁରୋଧ କରିଥିଲି । ସେ ତତ୍‌କ୍ଷଣାତ ରାଜି ହୋଇଯାଇଥିଲେ । ଗଳ୍ପଟିଏ ମଧ୍ୟ ପଠାଇ ଦେଇଥିଲେ ଡାକରେ । ଗଳ୍ପଟିର ନାମ ଏହି ମୁହୂର୍ତ୍ତରେ ଠିକ୍ ମନେ ପଡୁନାହିଁ । ଖୁବ୍ ସମ୍ଭବତଃ ''ଏକ ବୃତ୍ତାନ୍ତ ସରସ୍ୱତୀ କୁଣ୍ଡୁର'' ?

ବୟସ ହୋଇଯାଇଥିଲା, କିନ୍ତୁ ତେଜ ମଉଳି ନଥିଲା, ସେଇ ଦୀର୍ଘ ଶୁଭ୍ର ଦେହ, ପାତଳା ଗଢ଼ଣ, ମୁହଁରେ ଏକ ହୀରକ କଠିନ ଦୀପ୍ତି । ଭାଷାରେ କବିତ୍ୱ, ଗଳ୍ପରେ ଜୀବନ ପ୍ରତି ଏକ ଶାଣିତ ତୀର୍ଯ୍ୟକ ଦୃଷ୍ଟିଭଙ୍ଗୀ । ବକ୍ତବ୍ୟରେ ନିଜ ଅନୁଭୂତିର ଦୁର୍ଲ୍ଲଭ ମୌଳିକତା । ଓଡ଼ିଆ କଥା ସାହିତ୍ୟରେ ଏକ ଅନନ୍ୟ ବ୍ୟକ୍ତିତ୍ୱ-ବସନ୍ତ କୁମାର ଶତପଥୀ ।



Digitized by PPRACHIN, SOA

ଓଡ଼ିଆ ସାହିତ୍ୟକୁ ସେ ଦେଇଯାଇଛନ୍ତି ଅନେକ । 'ଏଣ୍ଟି ରୋମାଣ୍ଟିକ୍', 'ଗଙ୍ଗା ଓ ଗାଙ୍ଗୀ'ଠାରୁ ଆରମ୍ଭ କରି 'ଗୋଟିଏ ଆଳୁ', 'ମେଜର ଅପରେସନ', ପର୍ଯ୍ୟନ୍ତ ଗଳ୍ପଗ୍ରନ୍ଥ, 'ଚମ୍ପା', 'ନବ ନାଟିକା' ଭଳି ନାଟକ, ନାଟିକା । ଫକୀରମୋହନଙ୍କ ଉପନ୍ୟାସର ସମାଲୋଚନା, ଅନେକ ସୁସ୍ୱାଦୁ ରମ୍ୟ ରଚନା, ଚାର୍ଲସ୍ ଲେମ୍ବଙ୍କ 'ସେକ୍ସପିୟର କାହାଣୀମାଳା'ର ଅନୁବାଦ । କିନ୍ତୁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବିଷୁବ ପୁରସ୍କାର ବ୍ୟତୀତ ସେ ଆଉ ପାଇଛନ୍ତି କ'ଣ ?

ମନେପଡୁଛି ୧୯୮୭ ମସିହାରେ ଶାରଳା ପୁରସ୍କାର ପ୍ରଦାନ ଉତ୍ସବରେ ଅନ୍ୟ ବୟୋବୃଦ୍ଧମାନଙ୍କ ସହ ଗୋଟିଏ ବର୍ଷ ତାଙ୍କୁ ମଧ୍ୟ ସମ୍ମାନିତ କରାଯାଉଥିଲା । ସେଠାରେ ସେ ସ୍ୱଭାବ ସୁଲଭ ଶ୍ଳେଷାତ୍ମକ ଭାଷାରେ କହିଥିଲେ- ଶାରଳା ପୁରସ୍କାର କମିଟି ତରଫରୁ ଚିଠି ଆସୁଥିବା ଦେଖି ଭାବିଥିଲି ମୋତେ ପୁରସ୍କାର ମିଳିଛି । ମନ ଆନନ୍ଦରେ ଭୁଲିଯାଇଥିଲା । କିନ୍ତୁ ଚିଠି ଖୋଲି ଦେଖିଲି, ପୁରସ୍କାର ମତେ ନୁହେଁ ଅନ୍ୟ ଜଣକୁ ଦିଆଯାଇଛି, ମତେ କେବଳ ଅଲଣା ସମ୍ମାନ; ବୃଦ୍ଧ ସାହିତ୍ୟିକମାନଙ୍କୁ ସମ୍ମାନିତ କରିବା ନାମରେ ଚଦର ଧରାଇ ଦେଇ ଅପେକ୍ଷାକୃତ ସ୍ୱଳ୍ପପ୍ରତିଭାବାନ୍ ଲେଖକମାନଙ୍କୁ ପନ୍ଦର ପଚିଶ ହଜାର ଟଙ୍କା ପୁରସ୍କାର ଦେବା ଦ୍ୱାରା ଯେ ପ୍ରକୃତରେ ବରିଷ୍ଠ ସାହିତ୍ୟିକମାନଙ୍କ ଅପମାନିତ କରାଯାଏ, ସେକଥା ସେଦିନ ତାଙ୍କ ଭାଷଣରେ ସ୍ପଷ୍ଟ ହୋଇଯାଇଥିଲା । ଏହା ଅନେକ ସମ୍ମାନିତ ଲେଖକ ଅନୁଭବ କରୁଥିଲେ ମଧ୍ୟ ତାହା ପ୍ରକାଶ କରିବା ପାଇଁ ସେମାନେ କୁଣ୍ଠିତ ହୁଅନ୍ତି । ବସନ୍ତବାବୁଙ୍କର ସେଭଳି କୁଣ୍ଠା ନଥିଲା, ତାଙ୍କର ଏହି ସ୍ପଷ୍ଟବାଦିତା ହିଁ ତାଙ୍କୁ ଅପରମାନଙ୍କଠାରୁ ଅଲଗା କରି ଚିହ୍ନାଇ ଦେଇଥିଲା ।

ବସନ୍ତବାବୁଙ୍କ ଗଳ୍ପର ବୈଶିଷ୍ଟ୍ୟ କ'ଣ ଥିଲା ? ରୋମାନ୍ସର ଯୁଗରେ ସେ କ'ଣ, ପ୍ରକୃତରେ ଏଣ୍ଟି-ରୋମାଣ୍ଟିକ୍ ଥିଲେ ? ନା- ସେ ରୋମାଣ୍ଟିସିଜିମ୍‌ର ଶାସ୍ତ୍ରୀୟ ବିଚାରକୁ ଅତିକ୍ରମ କରି ନୂତନ ରୋମାନ୍ସରେ ପାଠକମାନଙ୍କୁ ପୁଲକିତ, ଉଲ୍ଲସିତ କରିଥିଲେ ?

ତାଙ୍କର ରସିକ ପାଠକ ଓ ଉପର ଠାଉରିଆ ସମାଲୋଚକମାନେ ତାଙ୍କ ଗଳ୍ପରେ ହାସ୍ୟ, ବ୍ୟଙ୍ଗର ଉପାଦାନର ପ୍ରାଚୁର୍ଯ୍ୟ ଲକ୍ଷ୍ୟକରି ତାଙ୍କୁ ହାସ୍ୟ ରସିକ ଗାଳ୍ପିକ ଭାବରେ ଆଖ୍ୟାୟିତ କରୁଛନ୍ତି । କିନ୍ତୁ ପ୍ରକୃତରେ ସେ କ'ଣ କେବଳ ଜଣେ **ହାସ୍ୟଧର୍ମୀ କଥାକାର ?**

ଗୋଟିଏ ସାକ୍ଷାତକାରରେ ତାଙ୍କ ଗଳ୍ପରେ ହାସ୍ୟଧର୍ମିତା **ସମ୍ପର୍କ**ରେ ମତ ଦେଇ ସେ କହିଥିଲେ- ''ମୁଁ ଏପରି ରଚନା କରିବା ମୂଳରେ ଆଉ ଏକ କାରଣ ମଧ୍ୟ ଥାଇପାରେ । ଆମର ତିନି ପୁରୁଷର ଦାରିଦ୍ର୍ୟ ଓ ଦୁଃସମୟ ଜୀବନହିଁ ଏଥିପାଇଁ ବହୁଁପରିମାଣରେ ଦାୟୀ ।'' ଅଭାବ, ଅନଟନ, ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ହସିବା ପାଇଁ ମଣିଷ ଯେଉଁ ଉପାୟ ଖୋଜୁଥାଏ, ସେଥିପାଇଁ ବୋଧହୁଏ ମୋ ଲେଖାରସ୍ୱର ହାସ୍ୟଧର୍ମୀ ହୋଇଛି । ଏହି ହାସ୍ୟରସ ମଧ୍ୟରେ ଅନ୍ତଃସଲିଳା ଫଲ୍‌ଗୁ ପରି ପ୍ରବାହିତ ହୋଇ ରହିଛି ଏକ କାରୁଣ୍ୟର ଧାରା । ଦୁଃଖ, ଯନ୍ତ୍ରଣା, ବେଦନାବୋଧ ଓ କାରୁଣ୍ୟକୁ ଆଧାରିତ କରି ଉଠିଛି ହାସ୍ୟରସର ଜୁଆର ।''

ତାଙ୍କ ଗଳ୍ପର ହାସ୍ୟରୂପର ସ୍ୱରୂପ ସମ୍ପର୍କରେ ସେ ସେହି ସାକ୍ଷାତ୍‌କାରରେ ଅନ୍ୟ ଏକ ଜାଗାରେ କହିଛନ୍ତି ''ମୋ ହାସ୍ୟରସାତ୍ମକ ଗଳ୍ପର ସବୁଠୁଁ ବଡ଼ ବୈଶିଷ୍ଟ୍ୟ ହେଲା ପାଠକକୁ ଖେଞ୍ଚୁଥିବ ଅଥଚ କୁତୁରୁ କୁତୁରୁ କରୁଥିବ । ହସୁଥିବ ଅଥଚ ଦୁଇ ଆଖିରୁ ଲୁହ ଗଡ଼ି ପଡୁଥିବ । ମୁଁ ମୋ ଜୀବନରେ ଯାହା ଲେଖିଛି, ମୁଁ ଏମିତି କିଛି ଲେଖିନାହିଁ, ଯେଉଁଥିରେ ଏଇ ତିନିଟି



Digitized by PPRACHIN, SOA

ଉପାଦାନ ନାହିଁ । ଏହି ତିନିଟି ଉପାଦାନ ହେଲା- ହାସ୍ୟ, ବ୍ୟଙ୍ଗ ଓ କାରୁଣ୍ୟ ।'' I am nothing if not these. ଆନନ୍ଦର ପରିପୂର୍ଣ୍ଣ ବିକାଶହିଁ ହାସ୍ୟରସ । କିନ୍ତୁ ବସନ୍ତବାବୁଙ୍କ ଗଳ୍ପର ନାୟକ ନାୟିକାମାନଙ୍କ ଜୀବନର ଅପୂର୍ଣ୍ଣତାକୁ ଭୁଲିବା ପାଇଁ ହିଁ ହସିବାକୁ ଚାହାନ୍ତି । ଦୁଃଖୀ ମଣିଷର ମୁହଁରେ ଚିରୁଡ଼ାଏ ହସର ଆଲୁଅ ଝଲସେଇ ଦେବାପାଇଁ ସେ ଶ୍ଳେଷାତ୍ମକ ଶୈଳୀ ବ୍ୟବହାର କରନ୍ତି, ଜୀବନକୁ ଏକ ତୀର୍ଯ୍ୟକ୍ ଦୃଷ୍ଟିରେ ଦେଖି ଦେଖାଇବା ପାଇଁ ଭିତରେ ତାଙ୍କ ଗଳ୍ପ ଭିତରକୁ ହାସ୍ୟର ଅତ୍ୟୁଚ୍ଚ, ମୃଦୁତରଙ୍ଗ ପଶିଆସେ । କେବଳ ଲୋକଙ୍କୁ ହସାଇବା ପାଇଁ ସେ ଗଳ୍ପ ଲେଖନ୍ତି ନାହିଁ । ତାଙ୍କର କେତେକାଂଶ ଗଳ୍ପର ଥିମ୍ ହେଉଛି ଜୀବନ-ଯନ୍ତ୍ରଣା, ପ୍ରଥମେ ଦାରିଦ୍ର୍ୟ ପରବର୍ତ୍ତୀ ଜୀବନରେ ପତ୍ନୀ-ବିୟୋଗ ଓ ପୁତ୍ରଶୋକ ତାଙ୍କ ଜୀବନକୁ ଦୁଃଖମୟ କରିଦେଇଥିଲା । କିନ୍ତୁ ବିଡ଼ମ୍ବିତ ଭାଗ୍ୟ ପାଖରେ ନତଜାନୁ ହୋଇ ଅଶ୍ରୁତର୍ପଣ କରି ନାହାନ୍ତି । ସବୁ ଦୁଃଖ ଭିତରେ ବଞ୍ଚିରହିବାର ସ୍ୱପ୍ନ ତାଙ୍କୁ ବିହ୍ୱଳିତ କରିଛି ଏବଂ ନିଜେ କୁତୁ କୁତୁ କରି ସେ ହସିବାକୁ ଚେଷ୍ଟା କରିଚନ୍ତି । ତାଙ୍କର ଏହି ଜୀବନ-ଦର୍ଶନ ହିଁ ତାଙ୍କ ସବୁ ଗଳ୍ପରେ ପ୍ରତିଫଳିତ । ଚାକର ଟୋକା ଚଇତନ ତାଙ୍କର କିଶୋର ପୁତ୍ରର ବିୟୋଗ ଯନ୍ତ୍ରଣାକୁ ଭୁଲାଇ ଦେଇଥିଲା-''ଚଇତନ ଚେହେରାକୁ ଦେଖି ମୁଁ ବିହ୍ୱଳ ହୋଇଗଲି । ମୋର ଆକୁଳ ପ୍ରାର୍ଥନାରେ ଭଗବାନ ସନ୍ତୁଷ୍ଟ ହୋଇ ଚଇତନ ରୂପରେ ମୋ ଘରେ ସମ୍ଭବିଲେ ବା ଆବିର୍ଭୂତ ହେଲେ ଯିମିତି, ପଦେ ଦୁଇପଦ କଥା ପରେ ସେ ମୋତେ ବାପା ବୋଲି ସମ୍ବୋଧନ କଲା । ଆଠ ଦଶ ବର୍ଷ ଧରି ମନରେ ଯେଉଁ ହରଷ ବା ହସ ଉଭେଇ ଯାଇଥିଲା, ତାହା ଫେରିଲା ପରି ଲାଗିଲା ।'' ('ଚଇତନ ଚରିତାମୃତ') ଓ 'ଓଇ ଛେଲେଟା' ଗଳ୍ପରେ ଯେଉଁ ପୁତ୍ରଶୋକ ଗାଢ଼ହୋଇ ଅଶ୍ରୁବିନ୍ଦୁରେ ପରିଣତ ହୋଇଯାଇଥିଲା, 'ଚଇତନ ଚରିତାମୃତ' ଗଳ୍ପରେ ସେଇ ଅଶ୍ରୁବିନ୍ଦୁ ଚେନାଏ ହସରେ ରୂପାନ୍ତରିତ ହୋଇଗଲା ! ପାଠକକୁ ଖେଞ୍ଚିବା, କୁତୁକୁତୁ କରିବା ନାମରେ ସେ ନିଜକୁ କିପରି କୁତୁକୁତୁ କରିବାର କଳା-କୌଶଳ ଶିଖିଥିଲେ, ଏ ଦୁଇଟି ଗଳ୍ପରେ ହିଁ ତାହା ସ୍ପଷ୍ଟ ।

ବସନ୍ତବାବୁଙ୍କ ଗଳ୍ପଗୁଡ଼ିକ ଖୁବ୍ ସାଧାରଣ ଭାବରେ ଆରମ୍ଭ ହୁଏ, କିନ୍ତୁ ଧୀରେ ଧୀରେ ଭାବବସ୍ତୁ ଶାଖାପ୍ରଶାଖା ବିସ୍ତାର କରି ଏପରି ବିଶ୍ୱରୂପ ଧାରଣ କରେ ଯେ ତାହା ପାଠକର ବୋଧଶକ୍ତିକୁ ଆଚ୍ଛନ୍ନ କରି ଆଣେ । ଗୋଟିଏ ଦୃଷ୍ଟିରେ ସେ ଦେଖା ଯାଆନ୍ତି ମୋତେ ଯେପରି ଜଣେ ବିଷଣ୍ଣ ବିଦୂଷକ, ନିଜ ଆଖିର ଲୁଣି ଲୁହ ନିଜେ ପାନ କରି ପରାଜୟ ସତ୍ତ୍ୱେ ବଞ୍ଚିରହିବା ପାଇଁ ପାଠକମାନଙ୍କୁ ସ୍ୱପ୍ନ ଦେଖାଇଛନ୍ତି । 'ମେଜର ଅପରେସନ' ତାଙ୍କର ଏହିଭଳି ଏକ ଅସ୍ତିତ୍ୱବାଦୀ ଗଳ୍ପ, ଅସ୍ତ୍ରୋପଚାର ଟେବୁଲ୍‌କୁ ଯିବା ଅର୍ଥ ମୃତ୍ୟୁ- ଏହି ଚିନ୍ତା ଗଳ୍ପର ନାୟକକୁ ପ୍ରଥମଥର ଘରୋଇ ସେବା-ସଦନରୁ ଅସ୍ତ୍ରୋପଚାର ନକରି ଫେରି ଆସିବା ଲାଗି ପ୍ରଲୁବ୍ଧ କରିଛି, ଦ୍ୱିତୀୟଥର ଡାକ୍ତରଖାନାରେ ପୁଅବୋହୂଙ୍କ ଦ୍ୱାରା ପ୍ରେରିତ ହୋଇ ଅସ୍ତ୍ରୋପଚାର ଟେବୁଲ୍ ଉପରକୁ ବାଧ୍ୟ ହୋଇ ଗଲାବେଳେ ବଞ୍ଚିରହିବାର ବ୍ୟାକୁଳତାରେ ତାଙ୍କର ମନ ଓ ହୃଦୟ ଭରି ଉଠିଛି । ଏହି ବଞ୍ଚିରହିବାର ଆତ୍ମପ୍ରତ୍ୟୟହିଁ ତାଙ୍କୁ ମେଜର୍ ଅପରେସନ୍‌ରୁ ନୂତନଜୀବନ ଦେଇ ଡାକ୍ତରଖାନାର ପାଞ୍ଚ ନମ୍ବର କେବିନ୍‌ରୁ ଘରକୁ ଫେରାଇ ଦେଇଛି ।

ତାଙ୍କ ଗଳ୍ପର ନାୟକ, ନାୟିକା ଅଧିକାଂଶ ଅନ୍ତ୍ୟଜ ଶ୍ରେଣୀର ଲୋକ । ଗଳ୍ପର ସୂତ୍ରଧାର ଭାବରେ ସେ ସମାଜର ଏହି ନିମ୍ନବର୍ଗର ନର-ନାରୀମାନଙ୍କର ଜୀବନଚର୍ଯ୍ୟା



Digitized by PPRACHIN, SOA

ଅନ୍ତରଙ୍ଗତାର ସହିତ ସେ ନିଜ ଗଳ୍ପମାନଙ୍କରେ ଚିତ୍ରାୟିତ କରିଛନ୍ତି । 'ଗରିବ ହଟାଅ' ଗଳ୍ପରେ ଭଙ୍ଗା କାଚ, ପୁରୁଣା ଟିଣଡବା ଗୋଟାଇ ବଞ୍ଚିବାର ପାଥେୟ ସଂଗ୍ରହ କରୁଥିବା ଦୁଇ ନରନାରୀ, ଓଡ଼ିଆ ସୀମାନ୍ତ ଆରପଟେ ଅନାହାରରୁ ନିଜ ଦୁଇ ପୁଅଙ୍କୁ ବଞ୍ଚାଇବା ପାଇଁ ଓଡ଼ିଶା ସରକାରଙ୍କ ଚାଉଳ ଯୋଗାଣ ନୀତି ବିରୋଧରେ ଲଢ଼େଇ କରୁଥିବା 'ଚାଉଳ' ଗଳ୍ପର ନାୟିକା ଲକ୍ଷ୍ମୀପ୍ରିୟା କିମ୍ବା ତୁରୁଡ଼ା ଛକକୁ ପାଠ ପଢ଼ିବା ପାଇଁ ବସ୍‌ରେ ଉଠୁଥିବା 'ଅନ୍‌ପଢ଼୍' ଗଳ୍ପର ସେଇ ଝିଅଟି । ସମସ୍ତେ ଜୀବନ ସଂଗ୍ରାମ ଭିତରୁ ଜୀବନ୍ତ ରୂପ ଧରି ପାଠକମାନଙ୍କ ସାମ୍ନାରେ ଉଭା ହୋଇଯାଆନ୍ତି, ସେମାନଙ୍କ ଦେହରୁ ଧୂଳି ଝାଡ଼ି ଦେଇ, ଆଖିରୁ ଲୁହ ପୋଛି ଦେଇ କେତେ ଆଦର ଯତ୍ନରେ ନିଜ ଗଳ୍ପରେ ସେମାନଙ୍କ ପାଇଁ ସିଂହାସନ ସଜାଇ ଦିଅନ୍ତି ଗାଳ୍ପିକ ବସନ୍ତ କୁମାର ଶତପଥୀ !

ବଞ୍ଚିବା ପାଇଁ ରକ୍ତାକ୍ତ ସଂଗ୍ରାମରେ ଲିପ୍ତ ଥିବା ଲୋକଙ୍କୁ ବୁଝି ବୁଝାଇଥିବା ବେଳେ ଲେଖକ ଭୁଲି ଯାଆନ୍ତି ନିଜର ମଧ୍ୟବିତ୍ତ ନୈତିକତାବୋଧ, ପୁଅ ହେଲା ନାହିଁ ବୋଲି ତିନି ଝିଅର ବାପ ମାଆ ଆତ୍ମଗ୍ଲାନିରେ ଆତ୍ମହତ୍ୟା କରିବାକୁ ଯାଇ ପୋଲତଳେ ଅଭିଶପ୍ତ ଜୀବନଯାପନ କରୁଥିବା ସୁଖୀ କନ୍ୟା ସନ୍ତାନର ଜନକ/ଜନକୀକୁ ଦେଖି ଯେପରି ବଞ୍ଚିବାର ନୂତନ ଅର୍ଥ ଆବିଷ୍କାର କରନ୍ତି ('ପୁଅ ହେଉ ବା ଝିଅ ହେଉ'); ଅନାହାରର ଉପଦ୍ରବରୁ ନିଜକୁ ବଞ୍ଚାଇବା ପାଇଁ ସତୁରି ବର୍ଷର ମୂଲିଆ ବୁଢ଼ା ନିଜର ଦ୍ୱିତୀୟ ପତ୍ନୀ ନିଜ ଦେହ ବିକ୍ରି କରି ଚାଉଳ କିଣିବାକୁ ପଇସା ଆଣୁଥିବ ବୋଲି ଭାବି ଚୁଲି ଲଗାଇବାକୁ ଜାଳ ଓ ଦିଆସିଲି ସଜାଇ ସେହିପରି ଅପେକ୍ଷା କରି ବସି ରହିଥାଏ (ଗଙ୍ଗା ଓ ଗାଙ୍ଗୀ) । ଏମାନେ ବଞ୍ଚିରହିବା ପାଇଁ ନିଜକୁ ନିଃଶେଷ କରି କେବଳ ଲଢ଼େଇ କରି ଯାଆନ୍ତି; ସାମାଜିକ ଶୋଷଣ ଓ ଅର୍ଥନୈତିକ ବୈଷମ୍ୟ ବିରୋଧରେ ପ୍ରତିବାଦ କରି ଜାଣନ୍ତି ନାହିଁ । କାରଣ, ବସନ୍ତ ବାବୁଙ୍କ ଭାଷାରେ- ''ଶ୍ରେଣୀ ସଂଘର୍ଷ, ସମାଜବାଦ ବା ବିଦ୍ରୋହୀ ମନୋବୃତ୍ତି ନେଇ ସମାଜ ବଦଳ କରିବା ମନ୍ତ୍ର ଦୀକ୍ଷା ସେମାନେ ହର୍ତ୍ତା,କର୍ତ୍ତା ବିଧାତାଙ୍କ ଠାରୁ ପାଇନାହାନ୍ତି ଯାହା ତାଙ୍କ ପରବର୍ତ୍ତୀ ବଂଶଧର ପାଇବେ । ଜୀବନ ସ୍ରୋତରେ ସେମାନଙ୍କ ଆଉ ଫେଣ ନାହିଁ । ଅଛି ଗୋଟାଏ ପ୍ରକାର ମୂକ ଗ୍ରହଣଶୀଳତା ଅଧୀର ବିହ୍ୱଳତା ଓ ହୃଦ୍ୟ ବୈଚିତ୍ର୍ୟହୀନତା । ('ଗଙ୍ଗା ଓ ଗାଙ୍ଗୀ', ପୃଷ୍ଠା-୪୦)

ସମାଜର ଅବହେଳିତ ଓ ନିପୀଡ଼ିତ ଅନ୍ତ୍ୟଜ ଶ୍ରେଣୀର ନରନାରୀ ମାନଙ୍କର ଅନ୍ତରଙ୍ଗ ଜୀବନ ଚିତ୍ର, ଶୋଷଣ ବିରୋଧରେ ପ୍ରତିବାଦ ନକରି ଭାଗ୍ୟ ଓ ଭଗବାନ୍‌ଙ୍କ ପାଖରେ ସେମାନଙ୍କର ନିଃସର୍ତ୍ତ-ଆତ୍ମସମର୍ପଣ, ବ୍ୟଙ୍ଗାତ୍ମକ ତୀର୍ଯ୍ୟକ୍ ରଚନା ଶୈଳୀ ହଠାତ୍ ଫକୀର ମୋହନ ସେନାପତିଙ୍କ କଥା ହିଁ ସ୍ମରଣ କରାଇଦିଏ । ସେହି ଏକପ୍ରକାର ଜୀବନ ଦୃଷ୍ଟି, ଜୀବନ ଦର୍ଶନ, ରଚନା ଶୈଳୀ । ଫକୀରମୋହନ ଯଦି ବସନ୍ତବାବୁଙ୍କ ଭଳି ଇଂରାଜୀ ସାହିତ୍ୟରେ ଏମ୍.ଏ ପାସ୍ କରି ଚାର୍ଲସ୍ ଡିକେନ୍‌ସ, ଚାର୍ଲସ୍ ଲେମ୍ବ ଓ ଚେଷ୍ଟାର୍‌ଟୋନଙ୍କ ସାହିତ୍ୟ ପଢ଼ି ଆତ୍ମସ୍ଥ କରି ପାରି ଥାଆନ୍ତେ ଏବଂ ଏ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବଞ୍ଚିରହି ସମକାଳୀନ ସମାଜର ଚିତ୍ର ଅଙ୍କନ କରିଥାଆନ୍ତେ, ସେ ଚିତ୍ର କ'ଣ ବସନ୍ତବାବୁଙ୍କ ଗଳ୍ପର ଛବିଠାରୁ ଅଲଗା ହୋଇ ଥାଆନ୍ତା ? ସେଥିପାଇଁ ଭାବିବା ପାଇଁ ଭାରି ଲୋଭ ହୁଏ, ବସନ୍ତ କୁମାର ଶତପଥୀ ବାସ୍ତବରେ ଫକୀର ମୋହନଙ୍କ କଥା ସାହିତ୍ୟର ବଳିଷ୍ଠ ଉତ୍ତର-ସାଧକ; ତାଙ୍କର ଅନ୍ୟ ଏକ ଉନ୍ନତ ଅବତାର ।

❑



Digitized by PPRACHIN, SOA

# ପୁଅ ପାଇଁ ଝିଅ

କୁଞ୍ଜ ରାଏ

କଥାକାର ସ୍ୱର୍ଗତ ବସନ୍ତ କୁମାର ଶତପଥୀଙ୍କ ଅପ୍ରକାଶିତ ସମସ୍ତ ଗଳ୍ପ ଓ ଗୋଟିଏ ଛାୟାନୁସୃତ ଏକାଙ୍କିକାର ସମାହାର 'ପୁଅ ପାଇଁ ଝିଅ' ଗଳ୍ପ ସଂକଳନ । ତାଙ୍କର ଗଳ୍ପ ହସାଏ, କନ୍ଦାଏ, ଚିନ୍ତାଏ ଆଉ ରଗାଏ । ହସାଏ : ଆମର ଉପହାସାସ୍ପଦ ଅଜ୍ଞତା ଆଉ ଦୁର୍ବଳତାକୁ ଇଙ୍ଗିତ କରି । କନ୍ଦାଏ : ଅକ୍ଷମତା ଦେଖାଇ । ଚିନ୍ତାଏ : ମୂଲ୍ୟବୋଧଗୁଡ଼ିକର ଅବକ୍ଷୟ ଦେଖାଇ । ଆଉ ରଗାଏ ଏହି ଅଜ୍ଞତା, ଦୁର୍ବଳତା, ଅକ୍ଷମତା ଓ ଅବକ୍ଷୟର ପ୍ରତିରୋଧ ନକରି ସ୍ୱେଚ୍ଛାକୃତ କ୍ଳୀବତ୍ୱର ମର୍ଦ୍ଦଳ ପିଟି, କଳା ପ୍ରବଞ୍ଚଣତାର ପ୍ରଜ୍ଞାପନ ଛଳରେ ବାସ୍ତବିକତାକୁ ଆଡ଼େଇ ଚାଲିଛି ବୋଲି । ସେ ନିଜେ କିନ୍ତୁ ରାଗୁ ନଥିଲେ । ଯେତେ ଚିନ୍ତାକ୍ରାନ୍ତ ହୋଇଥିଲେ ବି ନିଦ୍ଦକ, ନିଶ୍ଚିନ୍ତ ଜଣାପଡୁଥିଲେ । କାନ୍ଦିଲେ ଧୋବ ଫରଫର୍ ହସର ରୁମାଲ ତଳେ ଲୁହ ଆଉ କୋହକୁ ଅଧାପକ ବିଚରାର ଅବସ୍ଥା ସ୍ମରଣ କରି ହସୁ ହସୁ ଆଖି ଜକେଇ ଆସେ ନାହିଁ କି ? ଶିକ୍ଷା ନାମରେ ଏ ଅଶିକ୍ଷା, କୁଶିକ୍ଷା ଆଉ କେତେଦିନ ଚାଲିବ ଭାବି ମୁଣ୍ଡ ଭାରାକ୍ରାନ୍ତ ହୋଇଯାଏ ନାହିଁ କି ?

'ଚଇତନ ଚରିତାମୃତ' ଗଳ୍ପର ଶେଷ ପରିଚ୍ଛେଦ, ''ଚଇତନ ଚାଲିଗଲା XXX ଏ' ତିନି ପେକେଟ ମୋ ସାଙ୍ଗରେ ଯିବ, ସେଇ ଦଶଟଙ୍କିଆ ନୋଟ ସହିତ''- ପାଠକକୁ ଚେତେଇ ଦିଏ ମଧ୍ୟବିତ୍ତ ସଂସାରୀ-ସୁଲଭ ହିସାବୀ-ନିଷ୍କରୁଣା ସହିତ ଗୋଟିଏ ସମ୍ବେଦନଶୀଳ ମାନସିକ ଆବେଗର ସଂଘାତ କେତେ ମର୍ମସ୍ପର୍ଶୀ ହୋଇପାରେ । 'ଚୁପ୍ ଛୁଆ ଶୋଇଛି' ଗଳ୍ପରେ ଜଣେ ଶିକ୍ଷିତ, ମଧ୍ୟବିତ୍ତ, କିନ୍ତୁ ପରମ୍ପରାବାଦୀ ପିତା ତାଙ୍କର ଉଚ୍ଚଶିକ୍ଷିତ ଓ ଉଚ୍ଚ ମଧ୍ୟବିତ୍ତ ଆଧୁନିକ ପୁତ୍ର, ପୁତ୍ର-ବଧୂ ଦାରିଦ୍ର୍ୟର ସୀମାରେଖାର ଅନେକ ତଳେ ସଢୁଥିବା ଦୁଇ ଛୁଆର ମା, ଗୋଟିଏ ଚାକରାଣୀର ଜୀବନବୋଧରେ ଲକ୍ଷଣୀୟ ପାର୍ଥକ୍ୟ ପାଠକ ମନରେ ଯୁଗପତ୍ ଏକକାଳୀନ କାରୁଣ୍ୟ ଓ କ୍ରୋଧର୍ ସଂଚାର କରେ । ''ଭାଲୁଶିକାର-୨'' ଗଳ୍ପଟିର ଶେଷ ବାକ୍ୟ ''ବର୍ଣ୍ଣବୋଧର-ଷୋଳ ପୃଷ୍ଠାରେ ଭାଲୁର ଛବି ଅଛି'' ବାକ୍ୟଟି ଅରଣ୍ୟ, ଅରଣ୍ୟ ସଂପଦ ଓ ଆରଣ୍ୟକ ଜୀବଜନ୍ତୁଙ୍କ ବିଲୋପ ପାଇଁ ସହରୀ ମଣିଷର ଅହମିକା ଓ ଲାଳସା କେତେ ପରିମାଣରେ ଦାୟୀ, ତା' ଉପରେ ଏକ ଟିପ୍ପଣୀ । ସଂକଳନର ଶୀର୍ଷକ ଗଳ୍ପ ''ପୁଅ ପାଇଁ ଝିଅ'' ଆମର ପୂର୍ବ (ଗାନ୍ଧିକଙ୍କ) ପ୍ରଜନ୍ମ, ଆମ ପ୍ରଜନ୍ମ (ଯାହା ମଧ୍ୟରେ ମାନସିକତାର ତାରତମ୍ୟ ନ୍ୟୂନତମ)ର ଅଙ୍ଗେ-ନିଭା କଥା । ଜାତକ-ଯୌତୁକକୁ ବିନ୍ଦୁ ମାତ୍ର ଗୁରୁତ୍ୱ ନଦେଇ କେବଳ ମାତ୍ର ଜାତି-କୌଳିନ୍ୟକୁ ଜଗି ମନ ମୁତାବକ ପୁଅ ପାଇଁ ଝିଅଟିଏ ବା ପ୍ରକାରାନ୍ତରେ ଝିଅ ପାଇଁ ପୁଅଟିଏ ଖୋଜି ପାଇବା ଯେ କେବଳ ଦୈବୀ ଆଶୀର୍ବାଦ (ଯେଉଁଥିପାଇଁ ଆର୍ଷ ବାକ୍ୟ : ଇଂରାଜୀରେ ''ମେରେଜେସ ଆର୍ ମେଡ୍ ଇନ୍ ହେଭେନ୍'' ଏବଂ ଆମ ଭାଷାରେ



Digitized by PPRACHIN, SOA

'ହାଣ୍ଡିରେ ଚାଉଳ' ବା 'ପ୍ରଜାପତି ନିବନ୍ଧ') ସେହି ତଥ୍ୟ/ପାରମ୍ପରିକ ପ୍ରତୀତୀର ଏକ ମନୋଜ୍ଞ ରସାଳ ପରିବେଷଣ । ଗଳ୍ପଟି ବେଶି ହସାଏ ସତ, କିନ୍ତୁ ଆମର ପରବର୍ତ୍ତୀ ପ୍ରଜନ୍ମର (ସ୍ୱାଧୀନତା ପରବର୍ତ୍ତୀ କାଳରେ ଓ ଆହୁରି ନିର୍ଦ୍ଦିଷ୍ଟଭାବେ କହିଲେ ଷାଠିଏ ଦଶକର କିଛି ପୂର୍ବରୁ ଓ ପରେ ଯେଉଁମାନଙ୍କର ଜନ୍ମ) ଅନୁଦାର, ଅବୁଝାପଣିଆ ଦର୍ଶାଇ ବେଳେ ବେଳେ ରଗାଏ ।

ତାଙ୍କର ପ୍ରାୟ ସବୁ ଗଳ୍ପର ନାୟକ, ଗଳ୍ପ କଥକ, ଅର୍ଥାତ୍ ସେ ନିଜେ । କାରଣ ତାଙ୍କ ଗଳ୍ପଗୁଡ଼ିକ ମୁଖ୍ୟତଃ ତାଙ୍କ ଅଙ୍ଗେ ନିଭା ଘଟଣା ଉପରେ ଆଧାରିତ । ସାଧାରଣ ଆଲୋଚନା ବେଳେ ଏହାକୁ ହୁଏତ କ୍ଳାନ୍ତିକର ପୁନଃ ପୌନିକତା କୁହାଯିବ । କିନ୍ତୁ ଯେତେବେଳେ ମନେପଡ଼େ ଯେ, ଗାଳ୍ପିକ ପଚାଶୋର୍ଦ୍ଧ୍ୱ ବର୍ଷ ବୟସରେ, ଅଧ୍ୟାପନା କର୍ମରେ ଜୀବନର ପ୍ରାୟ ତିନି ଦଶନ୍ଧି ବିତାଇବା ପରେ ଗଳ୍ପ ଲିଖନରେ ମନୋନିବେଶ କଲେ ସେତେବେଳେ ବୁଝିହୁଏ ତାଙ୍କ ଗଳ୍ପକୁଡ଼ିକ କେବଳ ସାଧାରଣ ମନୋରଂଜନଧର୍ମୀ ବା ଘଟଣା ଓ ଚରିତ୍ରମାନଙ୍କର ସରଳ ହେତୁବାଦୀ ବିଶ୍ଳେଷଣ ନୁହନ୍ତି, ତାହା ହେଉଛି, ଜଣେ ପ୍ରାଜ୍ଞ, ଜୀବନରସିକ ଆଚାର୍ଯ୍ୟଙ୍କର ତାଙ୍କର ବିମୂଢ଼ ଛାତ୍ରମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ରଚିତ କିଛି ଉପାଖ୍ୟାନ, ଯାହା ଛାତ୍ରକୁ ଘଟଣା ଓ ଚରିତ୍ରର ବିନ୍ୟାସ ସହିତ ପରିଚୟ କରାଇ ଦେବା ପରେ ନିଜସ୍ୱ ଉପସଂହାରରେ ପହଂଚିବାର ଅଖଣ୍ଡ ସ୍ୱାଧୀନତା ଦିଏ । ଏଠାରେ ହୁଏତ ପ୍ରଶ୍ନ ଉଠିପାରେ ତେବେ ତାଙ୍କର ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ବକ୍ତବ୍ୟ କ'ଣ ? ବୋଧହୁଏ ପାଠକକୁ ଏହି ସ୍ୱାଧୀନତା ଦେବା ହିଁ ତାଙ୍କର ଆଭିମୁଖ୍ୟ । ସ୍ରଷ୍ଟା ଯଦି ନିଜ ସୃଷ୍ଟିର କିମ୍ଭୂତ ଖେଳାଲୀଳା ଦେଖି ଦାରୁଭୂତ ହୋଇପାରନ୍ତି, ଦ୍ୱିତୀୟ ସ୍ରଷ୍ଟା ବା ଲେଖକଟିଏ (କବି/ଗାଳ୍ପିକ/ନାଟ୍ୟକାର ଓଗେର) ସେମିତି ନିଜ ପରିବେଶର ବିଚିତ୍ର ଚଳଚ୍ଚିତ୍ର ଦେଖି/ ଦେଖାଇ ବିମୂଢ଼ ଓ ହତବାକ୍ ହେବା କ'ଣ ଅସମ୍ଭବ ? ସେ ଯଦି ଏହି ଭାବପୋଷଣ କରେ ଯେ, ''ଦର୍ପଣଟି ଟେକି ଧରିଲିରେ ପାଠକ, ଏଥର ନିଜେ ଦେଖ, ହେଜ; ତୁ ନର କି ବାନର/ ଦେବ କି ଦାନବ ବା ତୁ କିଛି ନୁହେଁ, ଶୂନ୍ୟତାର ସାଗର ବକ୍ଷରେ ଶବ୍ଦର କ୍ଷୀଣଜୀବୀ ବୁଦ୍ ବୁଦ୍ ମାତ୍ର, କେବଳ ଅକ୍ଷର ମାଧ୍ୟମରେ ଯାହାର ଜୀବନ୍ୟାସ,'' ତା'ହେଲେ ତ୍ରୁଟି ରହିଲା କେଉଁଠି ?

❑



Digitized by PPRACHIN, SOA

# ଏଣ୍ଟି-ରୋମାଣ୍ଟିକ୍ ଗାଳ୍ପିକଙ୍କର ରୋମାଣ୍ଟିକ୍ ସ୍ୱର

**ବିରାଜ ମୋହନ ଦାସ**

ଉତ୍ତର ବୟସରେ ଗଳ୍ପ ଲେଖିବାକୁ ଆରମ୍ଭ କରିଥିଲେ ବି ଏଇ ଦୁଇ ଦଶନ୍ଧିର ପ୍ରତିଷ୍ଠିତ ଓଡ଼ିଆ ଗାଳ୍ପିକମାନଙ୍କ ମଧ୍ୟରେ ନିଜ ଆସନକୁ ବେଶ୍ ସୁଦୃଢ଼ କରିପାରିଛନ୍ତି, ବସନ୍ତ କୁମାର ଶତପଥୀ । ବିଶ୍ୱ ସାହିତ୍ୟର ଗୌରବ ଅର୍ଜନ କରିଥିବା ଇଂରାଜୀ ସାହିତ୍ୟ, ଭାରତୀୟ ସାହିତ୍ୟ ପରମ୍ପରାର ନିୟାମକ ସଂସ୍କୃତ ସାହିତ୍ୟ, ପଡ଼ୋଶୀ ଭାଷୀ ବଙ୍ଗଳା ସାହିତ୍ୟ ଏବଂ ସ୍ୱ ମାତୃଭାଷା ଓଡ଼ିଆ ସାହିତ୍ୟର ଗଭୀର ପାଣ୍ଡିତ୍ୟ ତାଙ୍କୁ ଏହି ସିଦ୍ଧି ଆଣି ଦେଇଛି । ଅନୁଭୂତି ରସାଣିତ ତାଙ୍କ ଗଳ୍ପଗୁଡ଼ିକ ପାଠକମନରେ ଗଭୀର ରେଖାପାତ କରେ । ଦୀର୍ଘ ଦିନଧରି ସାହିତ୍ୟର ପୃଷ୍ଠପୋଷକତା ('ଭଞ୍ଜପ୍ରଦୀପ' ଓ 'ମୟୂରଭଞ୍ଜ କ୍ରୋନିକ୍ଲ'ର ସମ୍ପାଦନା), ଲାମ୍ବଙ୍କ 'ସେକ୍ସପିଅର କାହାଣୀମାଳା' ଓ ରବୀନ୍ଦ୍ରନାଥଙ୍କ 'ରାଜା' ନାଟକ ଆଦିର ଓଡ଼ିଆ ଅନୁବାଦ, ଫକୀରମୋହନଙ୍କ ସାହିତ୍ୟିକ କୃତିର ଆଲୋଚନାକୁ ତାଙ୍କ ସ୍ରଷ୍ଟା ଜୀବନର ପ୍ରସ୍ତୁତିପର୍ବ ରୂପେ ବିଚାର କରାଯାଇପାରେ । ଫକୀରମୋହନ ଓ ପ୍ରହରାଜଙ୍କ ଶୈଳୀରେ ପ୍ରଭାବିତ ଏହି ଗାଳ୍ପିକ ନିଜର ଶୈଳୀ ବିଷୟରେ କହନ୍ତି, ସେ ଇଂରାଜୀ ସାହିତ୍ୟର ଅଧ୍ୟାପକ । ତେଣୁ ସର୍ବଦା ବକ୍ର ଦୃଷ୍ଟିକୋଣ ଶ୍ଳେଷ, ବ୍ୟଙ୍ଗ, ବିଦ୍ରୂପ, ବକ୍ରୋକ୍ତି ଆଦି ହାସ୍ୟ କରୁଣରସରେ ପରଷିବା ତାଙ୍କର ଅଭ୍ୟାସ, ପ୍ରକୃତି, ଧର୍ମ । (୧) ତାଙ୍କ ଗଳ୍ପର ଆଭିମୁଖ୍ୟ ହେଉଛି, ସାମାନ୍ୟରୁ ଅସାମାନ୍ୟ ମହାନ୍‌କୁ, ଇନ୍ଦ୍ରିୟରୁ ଇନ୍ଦ୍ରିୟାତୀତକୁ, ମେଣ୍ଟାଲରୁ ସୁପ୍ରମେଣ୍ଟାଲକୁ, ଅନ୍ଧାରରୁ ଆଲୋକକୁ, ଅଜ୍ଞାନରୁ ଜ୍ଞାନକୁ, ବର୍ତ୍ତମାନରୁ ଭବିଷ୍ୟତକୁ, ଏକ କଥାରେ ସେ 'ମରାମରା'ରୁ 'ରାମରାମ'କୁ ଗଳ୍ପ ଜରିଆରେ ଯିବାକୁ ଚାହାନ୍ତି (୨) ସେ ରୁଗ୍ଣ ରୋମାଣ୍ଟିକ୍ ଚେତନା, ଚିନ୍ତାଧାରା ଓ ରଣପା (stilted) ଶୈଳୀ ବିରୋଧରେ ଏବଂ ଅନୁଭୂତି-ଅନୁସନ୍ଧିତ୍ସାବିହୀନ ଶୁଷ୍କ-ନୀରସ ଯାଦୁ-ବିରହିତ ପରୀକ୍ଷା ନିରୀକ୍ଷା ସର୍ବସ୍ୱ ଗାଳ୍ପିକଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ପ୍ରତିଜ୍ଞାବଦ୍ଧ । (୩) ତାଙ୍କର ସାହିତ୍ୟିକ ଅଙ୍ଗୀକାର ହେଉଛି, ''ଏଭାରେଜ ମର୍ଟେଲ୍ ଏଭୋରେଜରେ ହିଁ ରହିବ । କେବଳ ସେମାନଙ୍କ (ନିଜର ବି) ଫୁଟାଣି, ଛୋଟଲୋକି ଓ ଭଣ୍ଡାମିର ମୁଖା ବୋଲି କୁହୁର କୁହୁର, ଚୁମୁଟା, ଚୁମୁଟି, ଖୁଆଖୁଆଁ, ଗାଳିଗୁଲଜ କରି ଅର୍ଥାତ୍ ଯେ କୌଣସିମତେ ମଣିଷଙ୍କ ପରି (ଅଧିକ ପଶୁସ୍ତରକୁ ଯିବାକୁ ନଦେଇ) ବଞ୍ଚୁ ହସ ଖୁସିରେ ଏପରିକି ସହାନୁଭୂତିରେ ଲୁହ ଝରାଇପାରିଲେ ସାହିତ୍ୟିକ ତା'ର ପ୍ରତିଶ୍ରୁତି ଅଙ୍ଗୀକାର ପାଳନ କଲାବୋଲି ଧରାଯିବ ।'' (୪) ସେ ନିଜକୁ ଆଣ୍ଟିରୋମାଣ୍ଟିକ୍ ଗାଳ୍ପିକ ରୂପେ ଅଭିହିତ କରନ୍ତି । ସ୍ୱକୀୟାପ୍ରୀତିର ମୂଳଉତ୍ସ ସ୍ତ୍ରୀଙ୍କ ମୃତ୍ୟୁ, ପରକୀୟା ପ୍ରୀତିପାଇଁ ଭୟାକୁଳତା, ନାରୀ ଲେଖିକାମାନେ ସେମାନଙ୍କ ଲେଖାରେ ସଙ୍କୋଚରେ ମନ ଖୋଲୁ ନଥିବାରୁ ସେ ନାରୀଚରିତ୍ରକୁ ଭଲ ଭାବରେ ଚିହ୍ନିପାରି ନାହାନ୍ତି । ତରୁଣ-ତରୁଣୀଙ୍କ



Digitized by PPRACHIN, SOA

ପ୍ରେମର ଆୟୁଷ ସ୍ୱଳ୍ପ ଏବଂ ବିବାହରେ ତା'ର ପରିସମାପ୍ତି ଘଟୁଥିବାରୁ ତାକୁ ମଧ୍ୟ ସେ ଗଳ୍ପରେ ସ୍ଥାନ ଦିଅନ୍ତି ନାହିଁ । ତେଣୁ ତାଙ୍କ ଗଳ୍ପର ହିରୋ-ହିରୋଇନ୍ ଆଣ୍ଟି ହିରୋ ପଦବାଚ୍ୟ । (୫)

ପ୍ରକୃତରେ କ'ଣ ଏହି ଗାଳ୍ପିକ ରୋମାଣ୍ଟିକ୍-ଚେତନା ବିମୁକ୍ତ ସୃଷ୍ଟି ସମ୍ପଦର ଅଧିକାରୀ ? ୱାର୍ଡସୱାର୍ଥ ଓ କଲିରିଜଙ୍କ ଲିଖିତ 'Lyrical Ballad's' ପୁସ୍ତକର ଦ୍ୱିତୀୟ ସଂସ୍କରଣରେ ୱାର୍ଡସୱାର୍ଥ ସେହି କବିତାଗୁଡ଼ିକର ନିର୍ଦ୍ଦିଷ୍ଟ ଆଭିମୁଖ୍ୟକୁ ଉପକ୍ରମଣିକାରେ ପ୍ରକାଶ କଲେ । ଏହା ରୋମାଣ୍ଟିକ୍-ଚେତନା ନାମରେ ପରିଚିତ ହେଲା । ପରବର୍ତ୍ତୀ କାଳରେ ଏହି ଚେତନା ସମାଲୋଚିତ ହେବା ସଙ୍ଗେ ସଙ୍ଗେ କବିତାର ଆବେଗ ଏହି ଚେତନା-ବିମୁକ୍ତ ହେଲା ବୋଲି ଘୋଷିତ ହେଲା ଓ କବିତାର ଅନ୍ତଃସ୍ୱର ପରିବର୍ତ୍ତିତ ହେଲା । ଏକ ନିର୍ଦ୍ଦିଷ୍ଟ ତତ୍ତ୍ୱରୂପେ ୱାର୍ଡ୍‌ସୱାର୍ଥ ଏହାର ସ୍ୱରୂପ ନିର୍ଦ୍ଧାରଣ କରିଥିଲେ ମଧ୍ୟ ଏହି ରୋମାଣ୍ଟିକ୍ ଚେତନା ପ୍ରାୟ ସାହିତ୍ୟ ସୃଷ୍ଟିର ପ୍ରାରମ୍ଭରୁ ଏ ଯାବତ୍ ରହିଆସିଛି । ମୁଖ୍ୟସ୍ୱର ରୂପେ ଏହି ଚିନ୍ତାଧାରା ରୂପାୟିତ ହେଉ ନଥିଲେ ମଧ୍ୟ ସାହିତ୍ୟରେ ଏବେ ମଧ୍ୟ ଏହି ଚେତନା ସ୍ପଷ୍ଟ ଅନୁଭୂତ ହୁଏ । ଓଡ଼ିଆ ସାହିତ୍ୟରେ ମଧ୍ୟ ଠିକ୍ ସେହିଭଳି ଭାବରେ ନିଜକୁ ରୋମାଣ୍ଟିକ୍ ଚେତନାର ବାହକ ରୂପେ ଦାବି କରୁଥିବା ସବୁଜ ସାହିତ୍ୟିକମାନଙ୍କ କାବ୍ୟ କବିତାର ବହୁପୂର୍ବରୁ ସାରଳା ଦାସଙ୍କ ମହାଭାରତଠାରୁ ଆରମ୍ଭ କରି ଅଭିମନ୍ୟୁ, ଗୋପାଳକୃଷ୍ଣ, ଉପେନ୍ଦ୍ର ଭଞ୍ଜ ଏପରିକି ଗଙ୍ଗାଧର, ମାନସିଂହ ଆଦିଙ୍କ କାବ୍ୟ କବିତାରେ ଏହି ଧାରା ଲକ୍ଷ୍ୟ କରାଯାଇଥାଏ ମାନୁଷୀ ପ୍ରେମକୁ ଜଡ଼ ଓ ଜୀବଜଗତକୁ ସମ୍ପ୍ରସାରିତ କରି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଚାଉଳ, ବରା, ଗୁଲୁଗୁଲା, ଅଙ୍ଗୁର, ବେଲା, ପାନିଆ ଓ ଘୁଷୁରି, ନେଉଳ, କୁତି, ବାଘ, କୁଆ ଆଦି ପଶୁପକ୍ଷୀଙ୍କ ଆଧାର କରି ଏବଂ ଉଚ୍ଚକୋଟୀର, ସୃଷ୍ଟି ନାମରେ ଅନ୍ତଃସାର ଶୂନ୍ୟ ଗଳ୍ପକୁ ଅନାବଶ୍ୟକ ଉପମା, ଚିତ୍ରକଳ୍ପ, ମିଥ୍ ପ୍ରଭୃତିର ଆଡ଼ମ୍ବରରେ ଘୋଡ଼ାଯାଇଥିବା ରଣପା-ଶୈଳୀରୁ ମୁକ୍ତ କରି ଗଳ୍ପ ଲେଖୁଥିବା ଗାଳ୍ପିକ ଶ୍ରୀଯୁକ୍ତ ଶତପଥୀ ନିଜକୁ ଆଣ୍ଟି-ରୋମାଣ୍ଟିକ୍ ବୋଲି ଦାବୀ କରୁଥିଲେ ବି ସେ ରୋମାଣ୍ଟିକ୍ ଚେତନା ବିମୁକ୍ତ ନୁହଁନ୍ତି । ରୋମାଣ୍ଟିକ୍ ଚେତନାର ଯେଉଁ ଧାରା ଅଦ୍ୟାବଧି ଆଧୁନିକ ଗଳ୍ପମାନଙ୍କରେ ପ୍ରବାହିତ, ତାହା ତାଙ୍କ ସୃଷ୍ଟି ବୈଚିତ୍ର୍ୟରେ ମଧ୍ୟ ଅମିଳ ନୁହେଁ ।

ପ୍ରକୃତିର ନୈସର୍ଗିକ ବୈଚିତ୍ର୍ୟ କେବଳ କବି ବା ଭାବୁକମାନଙ୍କୁ ନୁହେଁ ସାଧାରଣ ମଣିଷଙ୍କୁ ମଧ୍ୟ ତା' ରୂପର ବିଭିନ୍ନତାରେ ମୋହିତ କରେ, ଉଚ୍ଚାଟ କରେ, କ୍ଷଣକ ପାଇଁ ମନର ସୁଖଦୁଃଖ ଭୁଲାଇଦିଏ । ରୋମାଣ୍ଟିକ-ଚେତନାର ଏହି ବିଶିଷ୍ଟ ସତ୍ତା ଗାଳ୍ପିକଙ୍କ ଗଳ୍ପରେ ବେଶ୍ ଆକର୍ଷଣୀୟ । ବସନ୍ତର ଆଗମନ ପରେ ବଉଳିଛି ବହୁଦିନର ଗୋଟାଏ ପୁରୁଣା ଆମ୍ବଗଛ । ତା' ଦେହରେ ଏ ବୟସରେ ଏତେ ବଉଳ ଭରିଯିବାର କାରଣ କାଳେ ତା'ର ଛାୟାତଳେ ଆଶ୍ରୟ ନେଇଥିବା ଗୁଡ଼ାଏ ସର୍ବହରାଙ୍କୁ ଛାୟାଦାନ ସହ ଫଳଦାନର ପ୍ରବୃତ୍ତି ପ୍ରସୂତ । "ଶୀତ ଯାଇଛି କି ନାହିଁ ଝଙ୍କା ଝଙ୍କା ବଉଳ ମାଇଲ ମାଇଲ ମହୁଆ ମହକ ଓ ଆକାଶେ ଗୁଣୁଗୁଣିଆ ମହୁମାଛି ଗଛଟାରେ ଅଜାଡ଼ି ପଡ଼ିଲେ । ଅହଲ୍ୟାବାଈ ଅମଳର ଗଛଟାରେ ସତରେ ଏତେ ପ୍ରାଣଥିଲା ! ବୋଧହୁଏ ଗୁଡ଼ାଏ ଥୁଣ୍ଟା ଲୋକ ଗଛ ମୂଳରେ ଆଶ୍ରା ନେଲେ ବୋଲି ଛାଇ ସହିତ ଫଳ ଦେବାପାଇଁ ଗଛଟା ଜୀବନର ବାକିଥିବା ସବୁ ଶକ୍ତି ନେଇ ବଉଳି ଉଠିଲା ।"(୬)



Digitized by PPRACHIN, SOA

କେବଳ ପ୍ରକୃତିର ରୂପ ବର୍ଣ୍ଣନା ନୁହଁ ଏଠାରେ ପ୍ରକୃତିର ପ୍ରତିନିଧି ଆମ୍ବଗଛକୁ ଗାଳ୍ପିକ ମାନବୀୟ ସଦ୍‌ଗୁଣର ଅଧିକାରୀ କରି ମହାନ୍ କରିଦେଇଛନ୍ତି । ରଜ ସଂକ୍ରାନ୍ତିବେଳେ ପ୍ରକୃତିର ରୂପ, ‘‘ବିରାଟ ଗଛ, ପ୍ରଚୁର ଛାଇ, ପ୍ରଚୁର ଅନ୍ଧାର, ପ୍ରଚୁର ଫଳ । x x x ରଜ ସଂକ୍ରାନ୍ତି । ଆଷାଢ଼ର ପ୍ରଥମ ଦିବସ । ମନ୍ଦକ୍ରାନ୍ତା ଛନ୍ଦର ସେହିଦିନ ପରିପୂର୍ଣ୍ଣତା ଲଭିଥିବା ମେଘଦୂତର ଦିନ । ରଜସ୍ୱଳା ପୃଥିବୀରୁ କେମିତି ଗୋଟାଏ ମଦ ଗନ୍ଧ ବାହାରୁଥାଏ । ନରାଜ ପାହାଡ଼କୁ ଜାବୁଡ଼ି ଧରିଥାଏ ମେଘଟା । ଦେବଦାରୁଗଛର ଲମ୍ବା ଡାଳଗୁଡ଼ାକ ଥରକୁଥର ଝଙ୍କା ବରଗଛର ଓସାରିଆ ମେଲାପତ୍ରଗୁଡ଼ାକୁ ଆଲିଙ୍ଗନ କରୁଥାନ୍ତି ଭ୍ରମର ଶୁଣ୍ଢ ଦେଇ ଫୁଲକୁ ଛୁଇଁଲା ପରି ।’’(୭) ପ୍ରକୃତିର ଅପରୂପ ଲାବଣ୍ୟକୁ ମନଭରି ଉପଭୋଗ କରିବାକୁ ସେ ଚାହାନ୍ତି । ଶରତର କାକରଭିଜା ସକାଳର ରୂପ ମଧ୍ୟ ତାଙ୍କର କାମ୍ୟ । ସେତେବେଳ କଳା ମଚମଚ ପିଚୁରାସ୍ତାରେ ପଡ଼ିଥିବା ଧଳା ଟିକିଟିକି ଫୁଲଗୁଡ଼ାକ, ସକାଳର ଖରାରେ ଘାସ ଅଗରେ ନାକର ଗୁଣାପରି ଝଟକୁଥିବା କାକର ଟୋପା ତାଙ୍କ କାମନାକୁ ପରିପୂର୍ଣ୍ଣତାରେ ଭରି ଦେଇଛନ୍ତି । କଳା ପିଚୁରାସ୍ତା ଉପରେ ପଡ଼ିଥିବା ଧଳା ଟିକିଟିକି ଫୁଲ, ‘‘ସାରାରାତି ବିଶେଷତଃ ସକାଳର ଘଣ୍ଟାଟିଏ ସେମାନେ ସ୍ୱର୍ଗରୁ ତଳକୁ ଆସୁଛନ୍ତି, ଭଗବାନ୍‌ଙ୍କ ଆଶୀର୍ବାଦ ପରି ତଳର ଘନ କାଳିମାମୟ ଦୁନିଆକୁ । ପ୍ରକୃତିରାଣୀ ଯେମିତି ନିଃଶେଷ କରିଦେଇ ଆଶ୍ୱସ୍ତି ଖୋଜୁଛି । ଲମ୍ବା ଲମ୍ବା ଡେଙ୍ଗ ଅଗରେ ସୁଦୂରର ଟିକି ତରାପରି ପାଞ୍ଚ ପାଖୁଡ଼ିଆ ଫୁଲଟି ଲାଖି ରହିଛି, ସାନ୍ତାଳ ଯୁବତୀର ଟଭାଫଳ ପରି ଚୁଡ଼ାରେ ରୂପାକାଠିର ରୁଣ୍ଡୁଝୁଣିଆ ଝୁମ୍ପାପରି ।’’ (୮)

ସହରରେ ଦୃଶ୍ୟମାନ ପ୍ରକୃତି ତାଙ୍କ ମନର ଚାହିଦା ମେଣ୍ଟାଇପାରିନି । ସେ ଘୂରିବୁଲୁଛନ୍ତି, ପାହାଡ଼ଘେରା ଶିମିଳିପାଳ ଅରଣ୍ୟାନିର ସବୁଜିମା ଭିତରେ, ପୁଣି ପୁରୀ । ଛବିଟି ସମ୍ପୂର୍ଣ୍ଣ ହୋଇସାରିବାପରେ ଗଳ୍ପପୁରୁଷ କିଣିବାକୁ ଚାହିଁବାରୁ ସ୍ୱାଭିମାନୀ ଚିତ୍ରକରଙ୍କର ମନର ପ୍ରତିକ୍ରିୟା ପ୍ରକାଶ ପାଇଛି କାବ୍ୟିକ ରୂପନେଇ । ‘‘କେମିତି ଆପଣଙ୍କୁ ବୁଝାଇବି ଯେ ଏ ମନ୍ଦିରଟା ମନ୍ଦିର ନୁହେଁ । ଏହା ବି ବିଦେହୀ ଅସ୍ତିତ୍ୱ । x x x ଫୁଲର ସୌରଭପରି, ସଙ୍ଗୀତର ସ୍ୱର ଝଙ୍କାରପରି । ମହାକାବ୍ୟର ଆତ୍ମା ପରି ।’’ (୧୮) ପୋଷା ନେଉଳକୁ ସାନ୍ତାଳ ମାରିଦେଇଥିବାରୁ ନାୟକଙ୍କ ଆତ୍ମୀୟ ଘରେ ଯେଉଁ ନିସ୍ତବ୍ଧତା ବିରାଜିତ ହୋଇଥିଲା, ଯେଉଁ ଶୋକର ଛାୟା ଖେଳି ବୁଲୁଥିଲା ତାହା, ‘‘ଘରେ ଚୁପ୍‌ଚାପ୍ ଶୂନ୍‌ଶାନ୍ । ଗୁଡ଼ାଏ ଫୁଲ ଫୁଟିଛି, ଗୁଡ଼ାଏ ପ୍ରଜାପତି ଉଡୁଛନ୍ତି, କେହି ଖେଳୁ ନାହାନ୍ତି ତାଙ୍କ ସାଙ୍ଗରେ କେହି ଧରୁନାହାନ୍ତି ତାଙ୍କୁ ।’’ (୧୯) ଏହିପରି ଅନେକତ୍ର ରୂପ ନେଇଥିବ କାବ୍ୟିକ ପରିପ୍ରକାଶ, ‘ଅଭିଜ୍ଞାନ ଶକୁନ୍ତଳମ୍’, ‘ମେଘଦୂତମ୍’ ଆଦି ସଂସ୍କୃତ, ବଙ୍ଗଳା, ଇଂରାଜୀ ଓ ଓଡ଼ିଆ କାବ୍ୟ କବିତାର ପଦାବଳୀ ଅନେକ ଗଳ୍ପରେ ସ୍ଥାନ ପାଇ ଗଳ୍ପଗୁଡ଼ିକର କାବ୍ୟିକ ଆବେଗକୁ ବଢ଼ାଇ ଦେଇଛି । ‘ନୀଡ଼ାଶ୍ରୟୀ’ ଗଳ୍ପ ସଂକଳନର ପ୍ରାରମ୍ଭରେ ଇଉଜେନି ଇଉତୁଶେଙ୍କୋଙ୍କର ଗୋଟିଏ କବିତାର ଓଡ଼ିଆ ଅନୁବାଦ ଗାଳ୍ପିକ ଦେଇଛନ୍ତି । ଏହି କବିତାଟିର ଅନ୍ତଃସ୍ୱର ହିଁ ସଂକଳନରେ ସ୍ଥାନ ପାଇଥିବା ଗଳ୍ପଗୁଡ଼ିକର ଆତ୍ମା ।

ଅତୀତ ପ୍ରତି ମୋହ ରୋମାଣ୍ଟିକ୍ ଚେତନାର ଅନ୍ୟଏକ ପ୍ରବୃତ୍ତି । ‘ଚାଉଳ’ ଗଳ୍ପରେ ଓଡ଼ିଶାରୁ ଯାଇ ବଙ୍ଗ-ଓଡ଼ିଶା ସୀମାରେ ବସବାସ କରୁଥିବା କେତୋଟି ଓଡ଼ିଆ ପରିବାରର ଦୁର୍ଦ୍ଦଶାର ଚିତ୍ର ରୂପ ନେଇଛି । ବଙ୍ଗଦେଶରେ ଚାଉଳର ଦର ବଢ଼ିଥିବାରୁ କିଣିଖିଆ ଅଭାବୀ



Digitized by PPRACHIN, SOA

ଓଡ଼ିଆ ପରିବାରଗୁଡ଼ିକ ବାଲେଶ୍ୱର ଅଞ୍ଚଳରୁ ଚାଉଳ ନେଇ ଗୁଜୁରାଣ ମେଣ୍ଟାଉଥିଲେ, କିନ୍ତୁ ତାହା ବାଲେଶ୍ୱର ଷ୍ଟେସନରେ ସେଠାକାର ଓଡ଼ିଆମାନଙ୍କ ଦ୍ୱାରା ବାଧାପ୍ରାପ୍ତ ହୋଇଛି । ସେମିତି ଏକ ପରିବାରର ଜଣେ ଅସହାୟା ନାରୀ ଲକ୍ଷ୍ମୀପ୍ରିୟାକୁ ଓଡ଼ିଶା ବଙ୍ଗଳାର ସୀମାନିର୍ଦ୍ଧାରଣ କେମିତି ଅସ୍ୱାଭାବିକ ମନେ ହୋଇଛି । ଅତୀତର ମୋହ ମନରେ ସ୍ଥାନ ପାଇଛି । "ସେଇ ଜଗନ୍ନାଥ ରାସ୍ତା, ଏଇଠୁ ତ ଲମ୍ବି ଯାଇଛି ପୁରୀଧାମ ଯାକେ । ସେଇଠି ଭଦ୍ରଖ ଆର୍‌ପାରି ବାଉଦପୁରରେ ତା' ଜ୍ଞାତିକୁଟୁମ୍ବ ଏବେ ବି କ'ଣ ନାହାନ୍ତି ? ଜଗନ୍ନାଥଙ୍କ ମହାପ୍ରସାଦ ହାଣ୍ଡିରୁ ମାତ୍ର କେଇବର୍ଷ ପୂର୍ବେ ସମସ୍ତେ ତ ଏକାଠି ବସି ଖାଇଥିଲେ କାମରୂପରୁ କାଞ୍ଚି ପର୍ଯ୍ୟନ୍ତ ।"(୨୦) ପୁଣି ଅତୀତର ପରମ୍ପରା ତାକୁ ଜାଗ୍ରତ କରିଛି । ବଙ୍ଗଦେଶରେ ବାସ କରୁଥିଲେ ବି ଓଡ଼ିଆ ବୋହୂର ଆଚାର ଲକ୍ଷ୍ମୀପ୍ରିୟାକୁ ଆନ୍ଦୋଳିତ କରିଛି । ସୁଦଶାବ୍ରତଦିନ ମୃତ ଶିଶୁ ସନ୍ତାନର ଶରୀରକୁ ଶ୍ମଶାନରେ ସମାଧି ଦେଲା ପରେ ପୁଅ ଅକ୍ଷର ମଡ଼ାଉଥିବା ଖଡ଼ିଟି ପାଇ ସୀମା ନିର୍ଦ୍ଧାରଣ କରୁଥିବା ସୀମାଳି ପାହିଆ ପଥର ଉପରେ ଝୋଟିଚିତ୍ର ଆଙ୍କିଛି । "କଇଁ କଇଁ ହୋଇ ପାଗଳୀ ପରି ସେଇ ସୀମାଳି ପାହିଆ ପଥର ଉପରେ ଖଡ଼ି ଧରି ଛବି ଆଙ୍କିବାକୁ ଲାଗିଲା । ଚାଉଳ ନାହିଁ, ଝୋଟି ଆଙ୍କିବ କିମିତି ଏଇ ସୁଦଶାଦି୍‌ନରେ ? କେତେ ସମୟ ସେ ଆଙ୍କିଲା କେଜାଣି । ସେଇ ସୀମା ସୂଚକ ପଥରଟାକୁ ଅସୀମ କରିଦେଇ ମୁଣ୍ଡ ଭୂଇଁରେ ଲଗାଇ ଲକ୍ଷ୍ମୀପ୍ରିୟା ସୁଦଶାବ୍ରତ ଉଦ୍‌ଯାପନ କଲା ।" (୨୧) ଠିକ୍ ସେମିତି ଅତୀତପ୍ରତି ମୋହ ଦେଖିବାକୁ ମିଳେ 'ଡବ୍ଲିଂ/ଦୋହରି' ଗଳ୍ପରେ । ଆଦିବାସୀ ଦମ୍ପତି ସୁମି ଓ ସେଙ୍ଗେଲ ସହରୀ ଜୀବନପ୍ରତି ଆକୃଷ୍ଟ ହୋଇ ସହରକୁ ଆସିଛନ୍ତି । ଶେଷରେ ସେମାନେ ସହରୀ ଜୀବନ ସେମାନଙ୍କର କାମ୍ୟ ନୁହେଁ ବୋଲି ନିଷ୍ପତ୍ତି ନେଇଛନ୍ତି ଯେତେବେଳେ ସହରୀ ଜୀବନର ଚଞ୍ଚକତା ଯୋଗୁଁ ପରସ୍ପର ଭିତରେ ଘଟିଥିବା ଦୀର୍ଘଦିନର ବିଚ୍ଛେଦପରେ ପୁଣି ମିଳନର ମୁହୂର୍ତ୍ତ ଆସିଛି । ସେମାନେ ପୁଣି ଫେରିଯିବାକୁ ଚାହିଁଛନ୍ତି ଅତୀତର ସେହି ଶାଳ, ଅଶନ, ଅତଣ୍ଡିଘେରା ବାଘମାମୁ, ଭାଲୁ, ସମ୍ବର, ହରିଣ, ମୟୂର, ଶୁଆଶାରୀର ଦେଶକୁ । ଅରଣ୍ୟାନି ମଧ୍ୟରେ ସରଳତାର ସୁଖମୟ ଜୀବନଯାପନ କରିବାପାଇଁ । "ପଣ୍ଡୁପାଣି ମେଳାରେ ଏବଂ ତା'ପରେ ବୁରୁଂନାଲାରେ ଦୁହେଁ ଦିହିଁଙ୍କି ଯେମିତି ଆଖିରେ ଦେଖିଥିଲେ ପୁଣି ସେଇ ଆଖିରେ ଚାହିଁଲେ ଏବଂ ଚାଲିଲେ ପୁଣି ଶିମିଳିପାଳ ଗଡ଼କୁ ।" (୨୨)

ବ୍ୟକ୍ତିସତ୍ତାର ସ୍ୱରୂପ ତାଙ୍କ ଗଳ୍ପମାନଙ୍କରେ ସ୍ପଷ୍ଟ ଅନୁଭବ କରିହୁଏ । ବ୍ୟକ୍ତିସତ୍ତାକୁ ବାହ୍ୟିକ ଆବରଣର ଖୋଳ ବିମୁକ୍ତ କରି ତା'ର ସୁଖ-ଦୁଃଖ, ଆନନ୍ଦ ଯନ୍ତ୍ରଣା, ନିର୍ବିକାର ଚିତ୍ତବୃତ୍ତି-ପ୍ରତିକ୍ରିୟା ନିଛକ ନିଖୁଣ ଢଙ୍ଗରେ ଉପସ୍ଥାପିତ କରିଛନ୍ତି ସେ । ସେହି 'ମୁଁ'ର ଅଧିକାରୀ କୌଣସି ନିର୍ଦ୍ଦିଷ୍ଟ ବୃତ୍ତି ବା ସଂପ୍ରଦାୟର ନୁହେଁ । ସେ ମୟୂରଭଞ୍ଜର ଶାଳ, ଅତଣ୍ଡି, ଅଶନର ସବୁଜିମା ଭରା ଆଦିବାସୀ ଅଞ୍ଚଳର ଯୁବକ ଯୁବତୀ ସୁମି ଓ ସେଙ୍ଗେଲ ବା ଗୁଣ୍ଡଦୁଧ ଲୋଭରେ ମାରୁଓ୍ୱାଡ଼ି ଦୋକାନୀର ସପକ୍ଷରେ ଏବଂ ନିର୍ଦ୍ଦୋଷ ମ୍ୟୁନିସପାଲଟି କର୍ମଚାରୀଙ୍କ ବିରୋଧରେ ମତାମତ ଦେଇଥିବା ଅଧ୍ୟାପକ ବା ସହରରେ କାଠଚିରି ଜୀବିକା ନିର୍ବାହ କରୁଥିବା କାଠକଟାଳି ଆଦିବାସୀ ବା ମୃତଶିଳ୍ପୀ କାରିଗର ବିଶ୍ୱନାଥ/କୃତିବାସ ବା ପରକୀୟା ପ୍ରୀତିକାମୀ ଅଧ୍ୟାପକ ଡ. ରାୟ ବା ଜଗନ୍ନାଥ ଦର୍ଶନେଚ୍ଛୁ ନିଃସନ୍ତାନ ଗାଉଁଲି ମଉସା ମାଉସୀ ବା ଅନ୍ଧ ଭିକ୍ଷୁଣୀ ବା ପାହାଚ ଚଢ଼ିବା ପାଇଁ ଆଶାୟୀ ଏହି ସୁସଭ୍ୟ ଆଧୁନିକ ମଣିଷ ହୋଇପାରେ । ବିଭିନ୍ନ ବୃତ୍ତି ଓ



Digitized by PPRACHIN, SOA

ସଂପ୍ରଦାୟର ବ୍ୟକ୍ତିସତ୍ତାର ଆବେଗ, ପ୍ରତିକ୍ରିୟା, ଅନୁଭୂତି, ଆନ୍ଦୋଳିତ ଚିତ୍ତବୃତ୍ତିକୁ ସେ ଉପଲବ୍ଧି କରିପାରିବା ସଙ୍ଗେ ସଙ୍ଗେ ଗଳ୍ପରେ ବର୍ଣ୍ଣନା କରି ପାଠକମାନଙ୍କୁ ଚିହ୍ନାଇପାରିଛନ୍ତି । ସେହି ବ୍ୟକ୍ତିସତ୍ତାଟି ସମାଜ ବାହାରେ ନୁହେଁ, ସମାଜ ଭିତରର ସବୁ ସୁଖ ଦୁଃଖକୁ ଆଦରି ନେଉଥିବା ମଣିଷଟି ।

ଗାଳ୍ପିକ ଶତପଥୀ ଅସ୍ୱୀକାର କରନ୍ତି ଯେ, ସେ ଆଣ୍ଟି-ରୋମାଣ୍ଟିକ୍ ହୋଇଥିବାରୁ ତାଙ୍କ ଗଳ୍ପମାନଙ୍କରେ ନାରୀ ଚରିତ୍ରକୁ ସେ ରୋମାଣ୍ଟିକ୍ କରି ତୋଳନ୍ତି ନାହିଁ, କିନ୍ତୁ ରୋମାଣ୍ଟିକ୍-ପ୍ରାଣ ଗାଳ୍ପିକଙ୍କ ଅଲକ୍ଷ୍ୟରେ ହୁଏତ ନାରୀ ଚରିତ୍ର ସବୁ ତାଙ୍କ ସୃଷ୍ଟିରେ ବେଶ୍ ରୋମାଞ୍ଚ, ଶିହରଣ ସୃଷ୍ଟିକାରୀ । 'ଏକ ବୃତ୍ତାନ୍ତ ସରସ୍ୱତୀ କୁଣ୍ଡୁର' ଗଳ୍ପରେ ସେ ଜଣେ ଟ୍ରେନ୍ ଯାତ୍ରୀ । ଟ୍ରେନ୍ ଯାତ୍ରା ଅବସରରେ ଜଣେ ସହଯାତ୍ରିଣୀ ପ୍ରତି ସେ ଆକୃଷ୍ଟ ହୋଇଯାଇଛନ୍ତି । ଟ୍ରେନ୍‌ରେ ସହଯାତ୍ରିଣୀଙ୍କର ଆବିର୍ଭାବ ହେବାର ବହୁ ପୂର୍ବରୁ ଶକୁନ ମାଧ୍ୟମରେ ସୃଷ୍ଟି ହୋଇଛି ରୋମାଣ୍ଟିକ୍ ପରିବେଶ । ପ୍ରଥମେ ଓଜନ ଯନ୍ତ୍ରରେ ନିଜର ଓଜନ ସହ ଆସିଥିଲା ଭବିଷ୍ୟବାଣୀ, କୌଣସି ଏକ ବୈବାହିକ ସମ୍ପର୍କ ଆପଣଙ୍କୁ ଉଚ୍ଚସ୍ଥାନ ଦେବ ଯାହା ଏକାବେଳକେ ଅପ୍ରତ୍ୟାଶିତ । ତା'ପରେ ଖଡ଼ଗପୁରରେ ବାଲେଶ୍ୱର ଆସିବା ପାଇଁ ଟ୍ରେନ୍‌କୁ ଅପେକ୍ଷା କରିଥିବାବେଳେ 'ଶ୍ରୀଜଗନ୍ନାଥ ଏକ୍ସପ୍ରେସକୁ ଅପେକ୍ଷା କରୁଥାଏ, ଡାହାଣ ବାହୁ ଡେଇଁଲା, ଯେମିତି ଶକୁନ୍ତଳାକୁ ଦେଖିବା ପୂର୍ବରୁ ଦୁଷ୍ମନ୍ତଙ୍କ ଡାହାଣ ବାହୁ ସ୍ପନ୍ଦିତ ହୋଇଥିଲା । ବି. ଏ. କ୍ଲାସରେ ପଢ଼ିଥିବା 'ଅଭିଜ୍ଞାନ'ର ଟୀକାରେ ଥିଲା 'ବାମେତର ଭୁଜସ୍ପଦଃ ବର ସ୍ତ୍ରୀ ଲାଭସୂଚକ' । ଅର୍ଥାତ୍ ଡାହାଣ ବାହୁ ଡେଇଁଲା ଅର୍ଥ ବଢ଼ିଆ ସ୍ତ୍ରୀ ମିଳିଲା । (୨୩) ସେହି ସହଯାତ୍ରିଣୀଟିର ରୂପବିମୁଗ୍ଧ ଗାଳ୍ପିକଙ୍କର ରୋମାଣ୍ଟିକ୍ ପ୍ରବୃତ୍ତି ଖୁବ୍ ସୁନ୍ଦର ରୂପ ନେଇଛି ଯେତେବେଳେ ସହଯାତ୍ରିଣୀଟି କଥାବାର୍ତ୍ତା ଆରମ୍ଭ କରି ସେ ବଙ୍ଗଳା ବୁଝନ୍ତି କି ନାହିଁ ବୋଲି ପଚାରିଛି । ତା'ର ସାନ୍ନିଧ୍ୟ ପାଇଁ ଆତୁର ଗାଳ୍ପିକ ମନେମନେ ଭାବିଛନ୍ତି 'ସିଏ ବାଙ୍ଗଲା କାହିଁକି, ଲାଟିନ୍, ଗ୍ରୀକ୍, ଆଫ୍ରିକାନ୍ ସବୁ ଭାଷା ବୁଝିପାରିବେ ଯଦି ଯାତ୍ରିଣୀଜଣକ ସେ ଭାଷାରେ କହନ୍ତି ।' (୨୪) ନାରୀର ସାନ୍ନିଧ୍ୟକାମୀ ପୁରୁଷର ମନ ଓ ରୂପବର୍ଣ୍ଣନା 'ଏକ ବୃତ୍ତାନ୍ତ ସରସ୍ୱତୀ କୁଣ୍ଡୁର', 'ରୋମାଣ୍ଟିକ୍ ବା ଅବଗୁଣ୍ଠନବତୀ', 'ମୁରୁକି ହସ', 'ଦିବ୍ୟ ଅଦିବ୍ୟ', 'ଅପୂଜିତା' ଆଦି ଗଳ୍ପରେ ବହୁଳ ଭାବରେ ଦେଖିବାକୁ ମିଳେ । ଗାଳ୍ପିକଙ୍କ ଅବଚେତନ ମନରେ ରହିଛି ଯେ ଏ ଦୁନିଆରେ କେବଳ ସୁନ୍ଦରୀ ଯୌବନଭରା ନାରୀମାନେ ରହିଛନ୍ତି । ସେଇଥିପାଇଁ 'କୁଳିଗାଁର ଶ୍ରୀମତୀ ସରୋଜିନୀ ମହାନ୍ତି କେୟାର ଅଫ୍ ସୁଦାମ ମହାନ୍ତି' ଗଳ୍ପର ନାୟିକାଟି ଗୋଟିଏ ଅପ୍ରାପ୍ତ ବୟସ୍କା ବାଳିକା ହୋଇଥିଲେ ବି ତା' ଦେହରେ ଯୌବନ ସଞ୍ଚାର ନେତି ନେତି ନ୍ୟାୟରେ କରିଛନ୍ତି । ପୁଣି ପାଠକମାନଙ୍କ ସନ୍ଦେହ ମୋଚନ ନିମନ୍ତେ ସେ ଏହା କରିଛନ୍ତି ବୋଲି ସ୍ପଷ୍ଟ କରି ଦେଇଛନ୍ତି । ସେ ତରୁଣୀ ନୁହେଁ କି କିଶୋରୀ ନୁହେଁ, ଗାଉଁଲି ଝିଅ ବଳକଟେ । ଯାହା ଦିହରୁ ଲାଇନ କର୍ଭ ବାଲଜ କିଛି ସେ ଖୋଜି ପାଇନାହାନ୍ତି ଚିହ୍ନରା ରସିକଙ୍କୁ ଅର୍ପଣ କରିବା ପାଇଁ । (୨୫)

କେବଳ ନାରୀର ଅଙ୍ଗସୌଷ୍ଠବ ନୁହେଁ ସ୍ତ୍ରୀ-ପୁରୁଷଙ୍କ ରୋମାନ୍‌ସ ପାଇଁ ଅନୁକୂଳ ବାତାବରଣ ଓ ରୋମାଣ୍ଟିକ୍ ମୁହୂର୍ତ୍ତଗୁଡ଼ିକର ବର୍ଣ୍ଣନା ଦେଖିବାକୁ ମିଳେ ତାଙ୍କ ଗଳ୍ପରେ । ଗୋଟିଏ ଗଳ୍ପରେ 'ଏଇ ବସଟିର ଗଠନ ପ୍ରଣାଳୀ ବିଶେଷ କରି ବସିବା ସ୍ଥାନର ବିନ୍ୟାସ ଓ



Digitized by PPRACHIN, SOA

ବ୍ୟବସ୍ଥା ଏଇ ଧରଣର ପ୍ରେମ ପାଇଁ ଖୁବ୍ ପ୍ରଶସ୍ତ ଓ ଅନୁକୂଳ । ଏହାର ନୀଳରଙ୍ଗର ଝରକା ବନ୍ଦ କରିଦେଲେ ସାଇଡ୍ ସିଟ୍‌ରେ ମେଘ-ମେଦୁର ପରିବେଶ ସୃଷ୍ଟି ହୁଏ । ଯଦି ପ୍ରେମିକାର ସୌଭାଗ୍ୟକୁ ବାହାରେ ଆକାଶ ମେଘାଚ୍ଛନ୍ନ ଥାଏ ତେବେ ଦିନ ଚାରିଟାବେଳେ ବି ସମଗ୍ର ବସଟି ସ୍ତିମିତ ଆଲୋକିତ ବାସର ଘରର ଭ୍ରମ ସୃଷ୍ଟି କରିବ ।' (୨୬) 'ଦିବ୍ୟ ଅଦିବ୍ୟ', 'ଅବାଞ୍ଛିତ' ଆଦି ଗଳ୍ପରେ ମଧ୍ୟ ଏହିପରି ପ୍ରେମାନୁକୂଳ ପରିବେଶର ବର୍ଣ୍ଣନା ଦେଖିବାକୁ ମିଳେ ।

ସ୍ତ୍ରୀଙ୍କ ମୃତ୍ୟୁପରେ ଗାଳ୍ପିକଙ୍କ ସ୍ୱକୀୟା ପ୍ରୀତିର ମୂଳଉତ୍ସ ହୁଏତ ଶୁଖିଯାଇଛି । ମାତ୍ର ସ୍ତ୍ରୀ ଜୀବିତା ଥିବାବେଳେ ତାଙ୍କ ସହ କଟାଇଥିବା ଦିନ ଯେ ରୋମାନ୍ସ ଭରା ମୁହୂର୍ତ୍ତମାନଙ୍କରେ ଭରାଥିଲା ତାହା ଗାଳ୍ପିକଙ୍କ ଅଲକ୍ଷ୍ୟରେ ବୋଧହୁଏ ଗୁଡ଼ିଏ ଗଳ୍ପରେ ପ୍ରତିଫଳିତ ହୋଇଛି । ଗୋଟିଏ ଗଳ୍ପରେ ନାୟକଙ୍କର ନିଦ ସକାଳେ ଭାଙ୍ଗିଯିବା ପରେ ସେ ପଲଙ୍କ ଶାୟିତା ପତ୍ନୀଙ୍କର ହଳଦିଆ-ନାଲିରଙ୍ଗ ମିଶା ସୁଗୋଲ ଗୋଡ଼ ଦୁଇଟି ଏବଂ ଅଳତାରଞ୍ଜିତ ପାଦ ଦୁଇଟିକୁ ଦେଖି ଆତ୍ମବିଭୋର ହୋଇ ଉଠିଛନ୍ତି । ସଂସ୍କୃତ, ବଙ୍ଗଳା, ଓଡ଼ିଆ କବିମାନଙ୍କର ନାରୀ ଅଙ୍ଗ ଶୋଭା ବର୍ଣ୍ଣିତ ପଦାବଳୀ ବୋଲି, ଇଂରେଜୀ ଓ ସଂସ୍କୃତ ସାହିତ୍ୟରେ ରୂପ ନେଇଥିବା ପୁରୁଷମାନଙ୍କୁ ରୋମାଞ୍ଚିତ କରୁଥିବା ନାୟିକାମାନଙ୍କର ରୂପ ବର୍ଣ୍ଣନାକୁ ମନେପକାଇ କାବ୍ୟ ବର୍ଣ୍ଣିତ ରାଧାଙ୍କୁ କୃଷ୍ଣଙ୍କର ପ୍ରେମ ନିବେଦନ ରୀତିରେ ସ୍ତ୍ରୀଙ୍କୁ ଡ଼. ରାୟ ପ୍ରେମ ନିବେଦନ କରିଛନ୍ତି । (୨୭) 'ହୀରାକୁଦ କରେଣ୍ଟ' ଗଳ୍ପରେ ନାୟକଙ୍କର ପତ୍ନୀ ବିୟୋଗ ଏବଂ ନାୟକଙ୍କ ପ୍ରେମିକାଙ୍କର ପତି ବିୟୋଗ ଘଟିଛି । ପରସ୍ପରଙ୍କୁ ଭେଟିଥିବା ଏକ ମୁହୂର୍ତ୍ତରେ କଥୋପକଥନବେଳେ ନାୟକ କହିଛନ୍ତି, ''ବାଜେ କଥା, ମିଛକଥା, ନିପଟ ଭଣ୍ଡାମି । ସ୍ୱାମୀର ସ୍ତ୍ରୀ ନାହିଁ ତ ତା'ର ଦୁନିଆରେ କେହି ନାହିଁ । ଯେଉଁଗୁଡ଼ାକ ସ୍ୱାମୀ ସ୍ତ୍ରୀ ସମ୍ପର୍କ ଜାଣନ୍ତି ନାହିଁ, ସେମାନେ ତୁମପରି କହନ୍ତି ବାପ ମା' ପିଲାଝିଲା କଥା ।'' (୨୮) 'ରୋମାଣ୍ଟିକ୍ କମେଡ଼ି'ରେ ସ୍ତ୍ରୀଙ୍କସହ ଗୋଟିଏ ରାତ୍ରିଯାପନର ବର୍ଣ୍ଣନା ଓ 'କି ଜାତି ପଦାର୍ଥ'ରେ ବୁଢ଼ାବୁଢ଼ୀ ହେଲା ପରେ ବି ପତ୍ନୀ ବାପଘରକୁ ଯିବାରୁ ସ୍ୱାମୀଙ୍କର ବିରହ ଯନ୍ତ୍ରଣାସହ ସ୍ତ୍ରୀଙ୍କ ପଛେ ପଛେ ଯାଇ ଶ୍ୱଶୁରଙ୍କ ଘରେ ପହଞ୍ଚିବା ସ୍ୱକୀୟା ପ୍ରୀତିର ନିଖୁଣ ରୂପ ପ୍ରଦାନ କରେ ।

ସ୍ୱକୀୟା ପ୍ରୀତିର ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଗାଳ୍ପିକ ସ୍ୱାଭାବିକ ପୁରୁଷମନର ପରକୀୟା' ପ୍ରୀତିପାଇଁ ଆସକ୍ତିକୁ ମଧ୍ୟ 'ରୋମାଣ୍ଟିକ୍ ବା ଅବଗୁଣ୍ଠନବତୀ', 'ସାମାନ୍ୟ ଅଶ୍ଳୀଳ' ଆଦି ଗଳ୍ପରେ ପ୍ରକାଶ କରିଛନ୍ତି । 'ସାମାନ୍ୟ ଅଶ୍ଳୀଳ' ଗଳ୍ପରେ ଜନୈକା ସୁନ୍ଦରୀ ତରୁଣୀ ବେଶ୍ୟାର ରୂପ ବିମୁଗ୍ଧ ନାୟକ ଏକପତ୍ନୀ ବ୍ରତକୁ ଧିକ୍‌କାରିଛନ୍ତି । 'ସେ ବ୍ରତରେ କି ଲାଭ ? ରଙ୍ଗୀନ ଦୁନିଆ ଚାଲିଯାଉଥିବ ଅନ୍ୟମାନେ ଦେଖୁଥିବେ, ଭୋଗ କରୁଥିବେ । ତୁମେ ସାଦା ଧୋତି ପିନ୍ଧି ଆଖିବୁଜି ଗୀତା ଭାଗବତ ପାରାୟଣ କରୁଥିବ । ବଞ୍ଚି ଲାଭ କ'ଣ ଯଦି ଲାଲ ଟକ୍ ଟକ୍ ମାଛ ମାଂସ ଝୋଳ ବା ଖାଣ୍ଟି ସୋରିଷ ତେଲରେ ଛଣା ରାଗ ରାଗ ବିରିବରା ଖାଇ ନ ପାରିଲ । (୨୯) ଅନ୍ୟ ଏକ ଗଳ୍ପରେ ସହଯାତ୍ରିଣୀର ରୂପ ଲାବଣ୍ୟ ବିମୋହିତ ନାୟକ ସହ-ଯାତ୍ରିଣୀଙ୍କୁ ରାଜରାଣୀ କରିବାକୁ ଇଚ୍ଛା କରିଛନ୍ତି ; କିନ୍ତୁ ସ୍ତ୍ରୀଙ୍କ କଥା ମନେପଡ଼ିବାରୁ ସେହି କାମନାର ବାସ୍ତବରୂପ ପ୍ରତିହତ ହୋଇ ମନରେ ଘୋର ଅଶାନ୍ତି ସୃଷ୍ଟି ହୋଇଛି ।



Digitized by PPRACHIN, SOA

ଏକଦା ସୁନ୍ଦରୀ ରୂପେ ପରିଗଣିତା ହେଉଥିବା ନିଜର ପତ୍ନୀ ମନରେ କୁରୂପା ଭାବରେ ପ୍ରତିବିମ୍ବିତ ହୋଇଛନ୍ତି । ''ମୁଁ ବେଶ୍ ଦେଖିପାରିଲି ଦାନ୍ତହୀନା ପକ୍ୱକେଶା ଡାକିନୀ ସଦୃଶା ସ୍ତ୍ରୀଙ୍କୁ ଯାଙ୍କୁ ଦେଖିଲେ ସେ ନିଶ୍ଚୟ ଜୀବନରେ ମାରିଦେବେ । ମୋ ମୁହଁରେ ନିଆଁ ଖୁଣ୍ଟାବି ଛାଳିଦେବୋ ବୁଢ଼ୀଟା ମରୁନାହିଁ ଯେ କାହିଁକି ? ଡାହାଣୀ ବୁଢ଼ୀ ମୋ ଲହୁ ଲୁହ ଚୋଷି ଚୋଷି ଖାଇଗଲା ।'' (୩୦) ପୁରୁଷ ମନରେ ପରକୀୟା ପ୍ରୀତି ଉଦ୍ରେକ କରୁଥିବା ଖୋରାକ ଓ ମନରେ ଉତ୍ତେଜନା ସୃଷ୍ଟି କରୁଥିବା ଘଟଣାସବୁ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ଏହି ଗଳ୍ପଗୁଡ଼ିକରେ । ଏହି ମାନୁଷୀପ୍ରେମ ପ୍ରକୃତିର ବିଭିନ୍ନ ବୈଚିତ୍ର୍ୟ ନେଇ ମଧ୍ୟ ଅନେକତ୍ର ରୂପ ନେଇଛି ।

ବାତ୍ସଲ୍ୟପ୍ରେମ ଅପୂର୍ବ ଶ୍ରୀମଣ୍ଡିତ ହୋଇଛି 'ରୋମାଣ୍ଟିକ୍ କମେଡ଼ି' ଗଳ୍ପରେ ସନ୍ତାନସନ୍ତତି ଚାହୁଁ ନଥିବା ନାୟିକା, ସ୍ୱାମୀ, ଶାଶୂ ଓ ଶ୍ୱଶୁରଙ୍କ ସମସ୍ତ ଉପଦେଶକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଥରେ ବସ୍‌ଯାତ୍ରା ଅବସରରେ ଜଣେ ମାଆର ସନ୍ତାନକୁ କ୍ଷୀରପାନ କରାଇବାର ଦୃଶ୍ୟ ନାୟିକାଙ୍କ ଚିନ୍ତାରାଜ୍ୟରେ ଘୋର ଆଲୋଡ଼ନ ସୃଷ୍ଟି କରିଛି । ମନରେ ପରିବର୍ତ୍ତନ ଆଣିଛି । ମାତୃତ୍ୱ ତାଙ୍କର ମଧ୍ୟ କାମ୍ୟ ହୋଇଛି । ସେହି ସ୍ତନ ଦାନର ଦୃଶ୍ୟ ତାଙ୍କ ମନରେ ଯେଉଁ ଦିବ୍ୟାନୁଭୂତି ଆଣି ଦେଇଥିଲା, ''ଲକ୍ଷ୍ୟ କରି ନ ମୋର ଜ୍ଞାନୋଦୟ । ସେଇଠି ମୋର ତପସ୍ୟା ଫଳ ମିଳିଲା । ସେଇଠି ମୁଁ ଦୀକ୍ଷା ପାଇଲି ସେଇଠି ମୁଁ ଦେଖିଲି ବିଶ୍ୱମାତା ଜଗଜ୍ଜନନୀଙ୍କୁ । ମାତୃତ୍ୱର ସ୍ୱରୂପକୁ । ସେଇଠି ମୋର ଦିବ୍ୟଜ୍ଞାନ ଲାଭ । ନିଦରୁ ଉଠି କୋଡ଼ ପିଲାଟି କ୍ଷୀର ମାଗିଲା । ତା' ମାଆ ବିନାଦ୍ୱିଧା ବିନା ସଙ୍କୋଚରେ ଖାଲି ଛାତିର ଲୁଗାକୁ କାଢ଼ିନେଇ ସମ୍ପୂର୍ଣ୍ଣ ଟିମଟିମିଆ ଥନର ବେଣ୍ଟିଟାକୁ ଯେତେବେଳେ ତା' ମୁହଁରେ ପୂରାଇ ଦେଲା, ମୁଁ ଦେଖିଲି ଦିବ୍ୟ ଦୃଶ୍ୟଟିଏ । ଈର୍ଷାରେ ଥଣ୍ଡା ପାଗରେ ବି ମୋ କପାଳରୁ ଝାଳ ବାହାରି ପଡ଼ିଲା ।'(୩୧) ପ୍ରେମର ସ୍ୱରୂପ ତାଙ୍କ ସୃଷ୍ଟିରେ ବାସ୍ତବ । ସରସ୍ୱତୀଙ୍କୁ ସ୍ତ୍ରୀ ରୂପେ ଗ୍ରହଣ କରିବାପରେ ତାଙ୍କୁ ପାର୍ଥିବ ସୁଖ ପ୍ରଦାନ କରିଥିବା ନାୟକ ସରସ୍ୱତୀ ଜୀବନରେ ଆସିଥିବା ଚାରିଜଣ ପୁରୁଷଙ୍କ ମଧ୍ୟରୁ କାହାକୁ ସିଏ ଅଧିକ ଭଲପାଏ ବୋଲି ପଚାରିଛନ୍ତି । ସରସ୍ୱତୀ ପ୍ରଥମେ ବିଭା ହୋଇଥିବା ବ୍ୟକ୍ତି ଯିଏ ବାହାଘରର ଅଳ୍ପଦିନପରେ ତାଙ୍କୁ ଘରୁ ବାହାର କରି ଦେଇଥିଲା ସେଇ ହିଁ ତା' ପାଇଁ ସର୍ବୋତ୍ତମ ପୁରୁଷ ବୋଲି କହିଛି । (୩୨) ଶାଶ୍ୱତ ପ୍ରେମର ନିଦର୍ଶନ ଏଠାରେ ସ୍ପଷ୍ଟ ଅନୁଭୂତ ।

ସସୀମକୁ ଅସୀମରେ ପରିଣତ କରି ଅନେକ ଗଳ୍ପରେ ଗାଳ୍ପିକ ନିଜ ଶିଳ୍ପନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି । ଜଗନ୍ନାଥଙ୍କ ଦର୍ଶନ ନିମିତ୍ତ ଗାଳ୍ପିକଙ୍କ ସାଙ୍ଗରେ ଯାଇଥିବା ଗାଉଁଲି ନିଃସନ୍ତାନ ପୌଢ଼ ପୌଢ଼ା ଦୁଇଜଣ ସମୁଦ୍ରର ବେଳାଭୂମିରେ ସୂର୍ଯ୍ୟୋଦୟ ଦେଖି ଆତ୍ମବିଭୋର ହୋଇଉଠିଛନ୍ତି । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଦର୍ଶନ କରିବାପରେ ମନ୍ଦିର ଚଟାଣରେ ଲୁଡ୍‌ବୁଡ୍ ହୋଇ ପ୍ରଣାମ କରୁଥିବାବେଳେ ସେମାନଙ୍କର ଦିବ୍ୟାନୁଭୂତି ହୋଇଛି । ସେମାନେ ପୁନର୍ବାର ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ନ ଯାଇ ଘରକୁ ଫେରିବାକୁ ଚାହିଁଛନ୍ତି । ଦିବ୍ୟାନୁଭୂତିରେ ନିଃସନ୍ତାନ ଦମ୍ପତି ଉପଲବ୍ଧି କରିଛନ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ସେମାନଙ୍କର ସନ୍ତାନସନ୍ତତି ରୂପରେ । (୩୩) 'ଲାଙ୍ଗୁଳାଙ୍କ ସ୍ୱପ୍ନ' ଗଳ୍ପରେ ଗାଳ୍ପିକ ଚିତ୍ରକରଙ୍କ ପାଖରେ ଥିବାବେଳେ ଆକାଶରେ ଯାଉଥିବା ମେଘକୁ ଚିତ୍ରକରଙ୍କ ଛବିରେ ଅନୁଭବ କରି ପୁଲକିତ ହୋଇଛନ୍ତି ।



Digitized by PPRACHIN, SOA

''ଯେଉଁ ଚଲାମେଘ ଖଣ୍ଡି ପୂର୍ବ ଦିଗ୍‌ବଳୟରେ ଲୁଚି ଯାଇଥିଲା ତାହା ଆସି ଛବିରେ କେତେବେଳେ ଲାଖିଯାଇଛି । ଆହୁରି ଆଶ୍ଚର୍ଯ୍ୟ କଥା, ଛବିରେ ମେଘ ଚାଲିଛି, ଚକ ଘୂରୁଛି, ଘୋଡ଼ା ଛୁଟିଛନ୍ତି, ସୂର୍ଯ୍ୟଙ୍କ ବାରୁଣୀ-ଅଭିଯାନ ଅବ୍ୟାହତ ରହିଛି । ଯେଉଁ ଛବି ଦଣ୍ଡେ ଆଗରୁ ସ୍ଥିର ଓ ମୃତ ଥିଲା ତାହା ଚଞ୍ଚଳ, ଜୀବନ୍ତ ଏପରିକି ବାଙ୍ମୟ ହୋଇଯାଇଛି । ମୁହୂର୍ତ୍ତ ହୋଇଛି ଶାଶ୍ୱତ, ଚିରନ୍ତନ ଏବଂ ସୌନ୍ଦର୍ଯ୍ୟ ସତ୍ୟ ସନାତନରେ ପରିଣତ ହୋଇଛି । ଏଇତ ମୋ ଆଗରେ ସେଇ କୋଣାର୍କ ମନ୍ଦିର ଯାହା ସୂର୍ଯ୍ୟ ଦେବଙ୍କୁ ନେଇ ଆକାଶରେ ଉଡୁଛି ଅସ୍ତାଚଳ ଅଭିମୁଖରେ ।''(୩୪) 'ଅବାଞ୍ଛିତ', 'ଚାଉଳ', 'ଜଗବନ୍ଧୁ ତୁମେ ବଡ଼' ଆଦି ଗଳ୍ପରେ ମଧ୍ୟ ଏହି ଉତ୍ତରଣ ଦେଖିବାକୁ ମିଳେ ।

ରୋମାଣ୍ଟିକ୍ ଚେତନାର ଯେଉଁସବୁ ସତ୍ତା, ଏବେ ମଧ୍ୟ ଗଳ୍ପ କବିତା ଆଦିରେ ଅନୁଭୂତ ହୁଏ ଏବଂ ଯେଉଁ ସତ୍ତା ବିନା ସୃଷ୍ଟି ସ୍ୱୟଂସଂପୂର୍ଣ୍ଣ ହୁଅନ୍ତା ନାହିଁ ତାହାର ସ୍ପଷ୍ଟ ଚିତ୍ର ଗାନ୍ଧିକଙ୍କ ଗଳ୍ପଗୁଡ଼ିକରେ ଦେଖିବାକୁ ମିଳେ । ସବୁ ସ୍ଥାନରେ ଏଇ ସତ୍ତାଗୁଡ଼ିକର ରୂପାୟନ ବାସ୍ତବତାଭରା । ତେବେ ନିଜକୁ ଆଣ୍ଟି-ରୋମାଣ୍ଟିକ୍ ବୋଲି ଦାବି କରିବାର ଯଥାର୍ଥତା ମଧ୍ୟ ଗୁଡ଼ିଏ ଗଳ୍ପରେ ଅନୁଭବ କରାଯାଇଥାଏ । କିନ୍ତୁ 'ଆଣ୍ଟି' ଶବ୍ଦର ପ୍ରୟୋଗ ବିପରୀତ ଅର୍ଥବୋଧକ ନୁହେଁ- 'ପ୍ରତି' ଅର୍ଥବୋଧକ । କାରଣ ଯେଉଁ ପରିବେଶ, ବୟସସୀମା ଓ ପାତ୍ରପାତ୍ରୀଙ୍କ ମଧ୍ୟରେ ସାଧାରଣତଃ ରୋମାଣ୍ଟିକ୍ ସତ୍ତା ରୂପ ନେଇଥାଏ, ସେସବୁ ସରହଦ ବାହାରେ ଏହି ସତ୍ତା ଅନୁଭୂତ ହେଉଥିବାରୁ ଏଗୁଡ଼ିକୁ ଆଣ୍ଟି-ରୋମାଣ୍ଟିକ୍ କୁହାଯାଇପାରେ ।

'ଏଣ୍ଟିରୋମାଣ୍ଟିକ୍' ଗଳ୍ପରେ ରୋମାନ୍ସ ଏବଂ ରୋମାଣ୍ଟିକ୍ ସତ୍ତାର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୁଏ । ମାତ୍ର ସେହି ଗଳ୍ପର ଯେଉଁ ଚରିତ୍ର ଦୁଇଟି ମୁଖ୍ୟ ଭାବରେ ଚିତ୍ରିତ ହୋଇଛି ସେମାନେ ନାୟକ/ନାୟିକା କହିଲେ ଯେଉଁ ରୂପ ସାଧାରଣତଃ ମନରେ ସ୍ଥାନ ପାଏ ସେଭଳି ବିଭବର ଅଧିକାରୀ ନୁହଁନ୍ତି । ଜଣେ ଅନ୍ଧୁଣୀ ଓ ଅନ୍ୟଜଣେ ମାଦଳ କୁଷ୍ଠରୋଗୀ । ଆଷାଢ଼ର ସେଇ ପ୍ରଥମ ଦିନ, ଯେଉଁଦିନ ବସୁଧାମାତା ଦେହରେ ମଞ୍ଜିଟିଏ ପଡ଼ିଲେ ଅଙ୍କୁରିତ ହୋଇଯିବ ଠିକ୍ ସେମିତି ଏକଦିନରେ, ଅନ୍ଧପ୍ରାଣୀ ଏ ସବୁ କିଛି ଦେଖିପାରେନି, କିନ୍ତୁ କଦମ୍ବଫୁଲର ପୁଲକ ସେ ଦେହରେ ବେଶ୍ ଅନୁଭବ କରୁଥାଏ କିମିତି ଏକ ଅନାଗତ ଆଶାରେ । କୋଟରଗତ ବାଆଁ ଆଖିର ପତାଟା ବି ହଠାତ୍ ଡେଇଁ ଉଠିଲା । ପାଚେରି କାନ୍ଥ ପାଖରେ ବିଜୁଳିବତିଟାଏ ବୋଧହୁଏ ସେତେବେଳେ ଲିଭିଯାଇଥାଏ । ଗଛପତ୍ରର ଅନ୍ଧାର ସାଙ୍ଗକୁ ପୃଥିବୀଯାକର କିଟିମିଟିଆ ଅନ୍ଧାର ଭିତରେ ତା'ର ଅନ୍ଧାରୁଆ ଦେହଟାକୁ ଆଉ ଗୋଟିଏ ବହଳିଆ ଅନ୍ଧାରଖଣ୍ଡ ଯେମିତି ଘୁଞ୍ଚି ଘୁଞ୍ଚି ଆସି ଜାବୁଡ଼ି ଧରିଲା । ଅନ୍ଧାରଟା ବି ଏତେ ଉଷୁମ ଏତେ ଆରାମଦାୟକ । ସେହି ଅନ୍ଧାର ପାଖରେ ନିଜକୁ ସମର୍ପଣ କରିଦେଲା, ମିଶାଇ ଦେଲା ଅନ୍ଧୁଣୀ । ସେ ଗୋଟିକ ଦିନ ସେ ଜୀବନର ଆଲୋକ ଦେଖିଥିଲା ଅନ୍ଧାର ଭିତରେ ।(୩୫) ହେୟ ଘୃଣିତ ମଣିଷର ଏହି ଆଲୋକ- ଦର୍ଶନ କେତେ ବାସ୍ତବ ସତେ ! ଏହିଠାରେ ଲିଭିଯାଇ ନାହିଁ ସେହି ଆଲୋକ । ତାହା ଅନ୍ୟ ଢଙ୍ଗରେ ଅନ୍ୟ ଭାବରେ ପ୍ରଜ୍ୱଳିତ ହୋଇଛି । ସେ ଦୁହିଁଙ୍କ ଜୀବନରେ ଆସିଛି ପଦୁଅାଁ, ''ଗଛମୂଳର ଲୋକଟା ଓ ଏଇ ଅନ୍ଧୁଣୀ ଭିତରେ ପଦୁଅାଁ ଯିମିତି ମହାଶୂନ୍ୟର ଏକ ସେତୁ ।'' ପୁଣି ସେଦିନ ଯେଉଁ ଆଲୋକର ଅନୁଭବ କରିଥିଲା ଅନ୍ଧୁଣୀ ତାହା ଦିବ୍ୟାନୁଭୂତି ଆଣି ଦେଇଛି ତାକୁ । ତା' ପ୍ରେମର ଆଧାର ସେହି ମାଦଳ ମଣିଷଟି ଦେହରେ ଦେବତ୍ୱ



Digitized by PPRACHIN, SOA

ଆରୋପିତ ହୋଇଛି । ''ଏ ରାଷ୍ଟ୍ରର ସର୍ବମୟ କର୍ତ୍ତାଙ୍କର ଉଭୟ ହାତ ଓ ଗୋଡ଼ ନାହିଁ । କେବଳ ବଡ଼ବଡ଼ ଆଖି ଦି'ଟା ତାଙ୍କର ବିଶେଷତ୍ୱ । ଗୋଟାଏ କିରାସିନୀ ବାକ୍ସକୁ ସିଂହାସନ କରି ଆମ୍ବଗଛର ବକଳ ରଙ୍ଗ ସହିତ ଦେହ ରଙ୍ଗ ମିଶାଇ ଗଛଗଣ୍ଡିକୁ ଆଉଜି ବସିଥା'ନ୍ତି । ସୃଷ୍ଟି, ଲୟ ଏଇ ତିନି ରୂପରେ ତାଙ୍କରି ଇଙ୍ଗିତରେ ଦୁନିଆ ଚାଲିଛି । ଯାଙ୍କର ଛେରାପହଁରା, ପହୁଣ୍ଡି ବିଜେ, ମଣୋହି ସବୁ ଭାର ସେହି ଦେବଦାସୀ ଅନ୍ଧୁଣୀ ଉପରେ ।'' (୩୬) ଅରୂପରେ ରୂପସଞ୍ଚାର କରି, ସସୀମକୁ ଅସୀମରେ ପରିଣତ କରି, ଦେହରୁ ଦେହାତୀତ ଅତିନ୍ଦ୍ରିୟ ସ୍ତରକୁ ନେଇ ଗାଳ୍ପିକ ଆଣ୍ଟିରୋମାଣ୍ଟିକ୍ ପରିବେଶରେ ରୋମାଣ୍ଟିକ୍ ସତ୍ତାକୁ ଚିହ୍ନାଇ ଦେବାକୁ କ୍ଷମ ହୋଇଛନ୍ତି ।

ଠିକ୍ ଯେମିତି 'କି ଜାତି ପଦାର୍ଥ' ଗଳ୍ପରେ ଚରିତ୍ର ଦୁଇଟି ହେଉଛନ୍ତି ଅଶୀ-ଉତ୍ତର ବୟସର ବୃଦ୍ଧ ଏବଂ ଅଠସ୍ତରୀ ବୟସ୍କା ବୃଦ୍ଧା । ସେହି ବୟସରେ ମଧ ପତ୍ନୀ ବାପଘରକୁ ଯିବା କଥା ଶୁଣି ଯିବା ପୂର୍ବରୁ ଓ ପରେ ବୃଦ୍ଧ ନାୟକଜଣକ ବିରହ ଯାତନା ଭୋଗିଛନ୍ତି । ସ୍ତ୍ରୀ ବାପଘରେ ପହଞ୍ଚିବା ପରେ ପରେ ଯାଇ ସେଠାରେ ସେ ପହଞ୍ଚି ତାଙ୍କୁ ଫେରିବା ପାଇଁ ବାଧ୍ୟକରି ଅସଫଳ ହୋଇ ଫେରି ଆସିଛନ୍ତି । ସେଠାରେ ପରସ୍ପରର ପୋଷାକପତ୍ର ନେଇ ଆକ୍ଷେପ ନବବିବାହିତ ପତିପତ୍ନୀଙ୍କ ତିକ୍ତ-ମଧୁର ଆଳାପ ଭଳି ହୋଇଛି । ବୃଦ୍ଧଜଣକ ଶଶୁର ଘରୁ ଫେରିଆସି ଜଣେ ପୂର୍ବପରିଚିତା ବାନ୍ଧବୀଙ୍କ ସହ ରାତ୍ରିର କିଛି ସମୟ କଟାଇଛନ୍ତି ଓ ପରଦିନ ସକାଳେ ତାଙ୍କୁ ବସ୍ ଚଢ଼ାଇବାକୁ ଯାଇଛନ୍ତି । ଇତ୍ୟବସରରେ ପତ୍ନୀ ଫେରିଆସି ଘରେ ଥିବା ନାତୁଣୀଠାରୁ ନାୟକଙ୍କର ବାନ୍ଧବୀଙ୍କ ସାହଚର୍ଯ୍ୟ କଥା ଶୁଣି ରୁଷିଛନ୍ତି । ତା'ପରେ ଆରମ୍ଭ ହୋଇଛି ଅଭିମାନ-ଭଙ୍ଗର ପାଲା । ଶେଷରେ ପତ୍ନୀଙ୍କର ସମସ୍ତ ସର୍ତ୍ତକୁ ମାନି ନେଇଛନ୍ତି ବୃଦ୍ଧ ନାୟକ । ସର୍ତ୍ତରକ୍ଷା ପାଳନ ପାଇଁ ସେ ଦୁଇଜଣ ସନ୍ଧ୍ୟାବେଳେ ବୁଲିଛନ୍ତି ସହରସାରା । ''ଯା ପରେ ଜହ୍ନ ଉଠିଲା । ପାଗଳ ମାତାଲ ପରି ଲାଗିଲା ଆମକୁ । ଜହ୍ନ ଆଲୁଅରେ ଚରାଚର ଶୁଭ୍ରରୁ ଶୁଭ୍ରତର ଦିଶିଲା । ମଲ୍ଲୀ, ହେନା, ରଜନୀଗନ୍ଧାର ଭୁରୁଭୁରୁ ମହକ ଦକ୍ଷିଣା ପବନରେ ଭାସି ଆସୁଥାଏ । ରିକ୍ସା ଚାଲିଛି । ଏଇଟା କେଉଁ ସ୍ଥାନ ? ଏଇଟା ପୁଣି କେଉଁ ସ୍ଥାନ ? କୋଣାର୍କ ଏଇଟା ପୁରୀ, ଗୋପାଳପୁର ତା' ପରେ ? xxx'' (୩୭) ଏମତି ଏ ପୃଥିବୀର ବିଭିନ୍ନ ସ୍ଥାନରେ ବିଚରଣ କରୁ କରୁ ସେମାନେ ପହଞ୍ଚିଛନ୍ତି ଚନ୍ଦ୍ରଲୋକରେ । ଶେଷରେ ଘରେ ପହଞ୍ଚି ଶେଯ ଉପରେ ଶୋଇପଡ଼ିଛନ୍ତି । ସେମାନଙ୍କର ପ୍ରେମ, ଦେହରୁ ଦେହାତୀତକୁ ଚାଲିଯାଇ ଅସୀମରେ ଏକାକାର ହୋଇଯାଇଛି । ପ୍ରଥମେ ସେମାନେ ଶୋଇ ପଡ଼ିଛନ୍ତି ମଧୁଶଯ୍ୟା ରାତ୍ରିର ଶେଷଯାମରେ ଅଲଗା ଅଲଗା ହୋଇ ଶୋଇପଡ଼ିଥିବା ରତିତୃପ୍ତ ନବଦମ୍ପତିଙ୍କ ପରି, ପୁଣିଥରେ ପରସ୍ପରକୁ ଭିଡ଼ି ଧରିଛନ୍ତି । ''ପୃଥିବୀର ଆନନ୍ଦ ଛାଡ଼ି ଶୀଘ୍ର ଶୋଇବାକୁ ଚାହୁଁ ନଥିବା ଉଠିଆପିଠିଆ ଭାଇଭଉଣୀ ପରି ପରସ୍ପରକୁ ଚଟାପଟ କୁଣ୍ଢାଇ ଜାବୁଡ଼ି ଧରି ଯୋଡ଼ି ଯୋଡ଼ି ହୋଇ ଆମେ ଶୋଇଗଲୁ, ଯିମିତି ଅନ୍ଧାରବୁଢ଼ୀ କକବାୟା ଆମକୁ ଭିଡ଼ିଓଟାରି ଅଲଗା ଅଲଗା କରି ନପାରିବେ ।''(୩୮) ବାର୍ଦ୍ଧକ୍ୟରେ ଯୌବନର ରୋମାନ୍ସ ଓ ଶେଷରେ ଅସୀମକୁ ପ୍ରେମର ଉତ୍ତରଣ ଖୁବ୍ ସୁନ୍ଦରଭାବରେ ଏଠାରେ ପ୍ରତିଫଳିତ ।

ଏମିତି ଯେଉଁ ବୟସରେ ରୋମାଣ୍ଟିକ୍ ଚେତନା ଲୋପ ପାଇଯାଇଥାଏ ବୋଲି ସାଧାରଣତଃ ସମସ୍ତେ ଗ୍ରହଣ କରି ନେଇଥାନ୍ତି ଓ ଯେଉଁମାନଙ୍କର (ଅନ୍ଧୁଣୀ, କୁଷ୍ଠରୋଗୀ,



Digitized by PPRACHIN, SOA

ଭିକ୍ଷୁଣୀ) ରୂପଭେଦକୁ ଦେଖି ଘୃଣା ଛଡ଼ା ମନରେ ଆଉ କିଛି ସ୍ଥାନ ପାଏନାହିଁ, ସେହି ବୟସରେ ଏବଂ ସେହି ଚରିତ୍ରମାନଙ୍କର ରୋମାନ୍ସ, ରୋମାଣ୍ଟିକ୍ ପ୍ରବୃତ୍ତି ଆଦିକୁ ସେ ରୂପ ଦେଇଥିବାରୁ ନିଜକୁ ଆଣ୍ଟି-ରୋମାଣ୍ଟିକ୍ ବୋଲି ଦାବି କରିଥାନ୍ତି । ପୁଣି ବ୍ୟକ୍ତିଗତ ଜୀବନରେ ନିର୍ଦ୍ଦିଷ୍ଟ ବୟସରେ ସରହଦ ଡେଇଁବା ପରେ ବିପତ୍ନୀକ ଭାବରେ କାଳ କଟାଉଥିବାବେଳେ ଗଳ୍ପ ଲେଖୁଥିବାରୁ ବୋଧହୁଏ ସେ ଏହି ପରମ୍ପରାର ପୂଜାରୀଭାବରେ ନିଜକୁ ଉଦ୍‌ଘୋଷିତ କରନ୍ତି, କିନ୍ତୁ ପ୍ରକୃତରେ ସେ ହେଉଛନ୍ତି ଅତି ମାତ୍ରାରେ ରୋମାଣ୍ଟିକ୍ ଯେହେତୁ ତାଙ୍କର ରୋମାଣ୍ଟିକ୍ ଚେତନା କୌଣସି ସୀମା ସରହଦ ମଧ୍ୟରେ ଆବଦ୍ଧ ରହି ନାହିଁ । ଫକୀରମୋହନଙ୍କ ହାସ୍ୟ ରସର ସୂକ୍ଷ୍ମ ଧାରାକୁ ଆଧୁନିକ କ୍ଷୁଦ୍ରଗଳ୍ପରେ ପରିବର୍ତ୍ତନ କରି, ସମାଜଦ୍ୱାରା ଅବହେଳିତ ହୋଇ ଦୁଃଖ କଷ୍ଟରେ ଜୀବନଯାପନ କରୁଥିବା ଦୁଃଖୀମାନଙ୍କ ସମସ୍ୟା ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରାଇ, ଅନୁଭୂତି ରସାଣିତ ରସୋତ୍ତୀର୍ଣ୍ଣ ଗଳ୍ପ ସୃଷ୍ଟି କରି ଗାଳ୍ପିକ ବସନ୍ତ କୁମାର ଶତପଥୀ ଯେଉଁ ମାନବବାଦର ଆବେଗ ଓଡ଼ିଆ ଗଳ୍ପରେ ପ୍ରଦର୍ଶନ କରିଛନ୍ତି ସେଥିପାଇଁ ସେ ଅଭିନନ୍ଦନୀୟ ।

## ପାଦଟୀକା

୧- ବସନ୍ତ କୁମାର ଶତପଥୀ, ମୁଖବନ୍ଧ, ଗୋଟାଏ ଆଳୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୮୨, ପୃ-ଖ

୨- ତତ୍ରୈବ, ପୃ-ଚ

୩- ବସନ୍ତ କୁମାର ଶତପଥୀ, ମୁଁ କାହିଁକି ଲେଖେ, ହାଇଦ୍ରାବାଦ ଅଙ୍ଗୁର, ବିଦ୍ୟାପୁରୀ, କଟକ, ୧୯୮୨, ପୃ-୧୪୨-୧୪୩

୪- ତତ୍ରୈବ, ପୃ ୧୪୨

୫- ମୁଖବନ୍ଧ, ଗୋଟାଏ ଆଳୁ, ପୃ ଙ

୬- ବସନ୍ତ କୁମାର ଶତପଥୀ, ଏଣ୍ଟିରୋମାଣ୍ଟିକ୍, ଗୋଟାଏ ଆଳୁ, ପୃ-୬୪

୭- ତତ୍ରୈବ, ପୃ-୭୩

୮- ବସନ୍ତ କୁମାର ଶତପଥୀ, ଆକାଶୀ ଫୁଲ; ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୩, ପୃ-୧୬

୯- ବସନ୍ତ କୁମାର ଶତପଥୀ, ଅବାଞ୍ଛିତ; ହାଇଦ୍ରାବାଦ ଅଙ୍ଗୁର ପୃ-୨୭

୧୦- ବସନ୍ତ କୁମାର ଶତପଥୀ, ଅସମ୍ପୂର୍ଣ୍ଣ କାବ୍ୟ, ହାଇଦ୍ରାବାଦ ଅଙ୍ଗୁର ପୃ-୧୨୧

୧୧- ବସନ୍ତ କୁମାର ଶତପଥୀ, ଲାଙ୍ଗୁଳାଙ୍କ ସ୍ୱପ୍ନ; ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୨ ପୃ-୪୫



Digitized by PPRACHIN, SOA

୧୨- ବସନ୍ତ କୁମାର ଶତପଥୀ, ଜଗବନ୍ଧୁ ତୁମେ ବଡ଼, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପୃ-୪୫

୧୩- ବସନ୍ତ କୁମାର ଶତପଥୀ, ସନ୍ଧ୍ୟାଭାଷା, ଅଜାଗା ଘା, ଜଗନ୍ନାଥ ରଥ, କଟକ, ୧୯୮୩, ପୃ-୧୮

୧୪- ତତ୍ରୈବ, ପୃ-୨୨

୧୫- ବସନ୍ତ କୁମାର ଶତପଥୀ, ଅସମ୍ପୂର୍ଣ୍ଣ କାବ୍ୟ, ହାଇଦ୍ରାବାଦ ଅଙ୍କୁର ପୃ-୧୧୮

୧୬- ତତ୍ରୈବ, ପୃ-୧୧୯

୧୭- ବସନ୍ତ କୁମାର ଶତପଥୀ, ଶାନ୍ତି ପୁରସ୍କାର, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପୃ-୪୨

୧୮- ବସନ୍ତ କୁମାର ଶତପଥୀ, ଲାଙ୍ଗୁଳାଙ୍କ ସ୍ୱପ୍ନ, ତତ୍ରୈବ, ପୃ-୬୭

୧୯- ବସନ୍ତ କୁମାର ଶତପଥୀ, ନେଉଳ ଓ ସାନ୍ତାଳ, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପୃ-୯୬

୨୦- ବସନ୍ତ କୁମାର ଶତପଥୀ, ଚାଉଳ, ଗଙ୍ଗା ଓ ଗାଙ୍ଗୀ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୧, ପୃ-୬୭

୨୧- ତତ୍ରୈବ, ପୃ-୮୦

୨୨- ବସନ୍ତ କୁମାର ଶତପଥୀ, ଡବ୍ଲିଂ/ଦୋହରି, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପୃ-୧୧୯

୨୩- ବସନ୍ତ କୁମାର ଶତପଥୀ, ଏକ ବୃତ୍ତାନ୍ତ ସରସ୍ୱତୀ କୁଣ୍ଡୁର, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପୃ-୭୦

୨୪- ତତ୍ରୈବ, ପୃ-୭୩

୨୫- ବସନ୍ତ କୁମାର ଶତପଥୀ, କୁଳିଗାଁର ସରୋଜିନୀ ମହାନ୍ତି କେଆର-ଅଫ୍ ସୁଦାମ ମହାନ୍ତି, ଝଙ୍କାର; ୩୭ଶ ବର୍ଷ ଶାରଦୀୟ ସଂଖ୍ୟା ୧୯୮୫, ପୃ-୬୪୯

୨୬- ବସନ୍ତ କୁମାର ଶତପଥୀ, ଅସମ୍ପୂର୍ଣ୍ଣ କାବ୍ୟ, ହାଇଦ୍ରାବାଦ ଅଙ୍କୁର, ପୃ-୧୧୫

୨୭- ବସନ୍ତ କୁମାର ଶତପଥୀ, ରୋମାଣ୍ଟିକ୍ ବା ଅବଗୁଣ୍ଠନବତୀ, ନୀଡ଼ାଶ୍ରୟ ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ୧୯୮୩, ପୃ-୭୦

୨୮- ବସନ୍ତ କୁମାର ଶତପଥୀ, ହୀରାକୁଦ କରେଣ୍ଟ, ଗୋଟାଏ ଆଳୁ, ପୃ-୪୫

୨୯- ବସନ୍ତ କୁମାର ଶତପଥୀ, ସାମାନ୍ୟ ଅଶ୍ଳୀଳ, ହାଇଦ୍ରାବାଦ ଅଙ୍କୁର, ପୃ-୪୬



Digitized by PPRACHIN, SOA

୩୦- ବସନ୍ତ କୁମାର ଶତପଥୀ, ଏକ ବୃତ୍ତାନ୍ତ ସରସ୍ୱତୀ କୁଣ୍ଡୁର, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ, ପୃ-୭୪

୩୧- ବସନ୍ତ କୁମାର ଶତପଥୀ, ରୋମାଣ୍ଟିକ୍ କମେଡ଼ି, ଅଜାଗା ଘା, ପୃ ୧୭୩

୩୨- ବସନ୍ତ କୁମାର ଶତପଥୀ, ଉତ୍ତର ଚରିତ ସରସ୍ୱତୀ କୁଣ୍ଡୁର, ଅଜାଗା ଘା, ପୃ ୧୨୩

୩୩- ବସନ୍ତ କୁମାର ଶତପଥୀ, ଦିବ୍ୟ ଅଦିବ୍ୟ, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପୃ ୬୦-୬୧

୩୪- ବସନ୍ତ କୁମାର ଶତପଥୀ, ଲାଙ୍ଗୁଳାଙ୍କ ସ୍ୱପ୍ନ, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପୃ ୬୬ ଓ ୬୭

୩୫- ବସନ୍ତ କୁମାର ଶତପଥୀ, ଏଣ୍ଟିରୋମାଣ୍ଟିକ୍, ଗୋଟାଏ ଆଳୁ, ପୃ-୭୪

୩୬- ତତ୍ରୈବ, ପୃ-୬୫ ଓ ୬୬

୩୭- ବସନ୍ତ କୁମାର ଶତପଥୀ, କି ଜାତି ପଦାର୍ଥ, ଆକାଶୀଫୁଲ, ପୃ-୪୧

୩୮- ତତ୍ରୈବ, ପୃ-୪୨

❑



Digitized by PPRACHIN, SOA

# ଛ'ମାଣ ଆଠଗୁଣ୍ଠ ଓ ଚମ୍ପା

ସଂଘମିତ୍ରା ମିଶ୍ର

ବସନ୍ତ କୁମାର ଶତପଥୀ ଏକାଧାରରେ ଗାଳ୍ପିକ ରମ୍ୟରଚନା ଲେଖକ, ନାଟ୍ୟକାର, ନାଟ୍ୟରୂପ ପ୍ରଦାନକାରୀ, ଅନୁବାଦକ, ଆତ୍ମଜୀବନୀ ଲେଖକ ତଥା ଅଭିନେତା । ବୃତ୍ତିରେ ଇଂରାଜୀ ଅଧ୍ୟାପକ ଏହି ସ୍ରଷ୍ଟାପୁରୁଷ ଭାରତୀୟ ତଥା ପାଶ୍ଚାତ୍ୟ ସାହିତ୍ୟ ସଂପର୍କରେ ଗଭୀର ଅବଗାହୀ ଥିଲେ । ତେଣୁ ସାହିତ୍ୟର ଅନେକ କୋଟିକୁ ସ୍ପର୍ଶ କରି ସେ ନିଜର ସାମର୍ଥ୍ୟର ପରିଚୟ ଦେବା ସହିତ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ଏଣ୍ଟିରୋମାଣ୍ଟିକ, ଗଙ୍ଗା ଓ ଗାଙ୍ଗୀ, ହାଇଦ୍ରାବାଦ ଅଂଗୁର, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ, ଗୋଟାଏ ଆଳୁ, ନିଦ୍ରାଶ୍ରୟୀ, ଆକାଶୀ ଫୁଲ, ଅଜାଗା ଘାଆ, ମେଜର ଅପରେସନ, ପୁଅ ପାଇଁ ଝିଅ ତାଙ୍କର କ୍ଷୁଦ୍ରଗଳ୍ପ ସଂକଳନ । 'ନବନାଟିକା' ଶୀର୍ଷକରେ ସେ ଇଂରାଜୀରେ କେତୋଟି ନାଟିକା ଅନୁବାଦ କରିଛନ୍ତି । ୟୁଲିସେସଙ୍କ ଭ୍ରମଣକାହାଣୀର ଅନୁବାଦ ସେ କରିଛନ୍ତି । ଯାହାର ଶୀର୍ଷକ ହେଉଛି ଦୁଇଟି ଭ୍ରମଣ କାହାଣୀ । ପୁରାଣ ଯୁଗରୁ ସାଂପ୍ରତିକ ଯୁଗ ପର୍ଯ୍ୟନ୍ତ ପ୍ରତିନିଧି ସ୍ଥାନୀୟ ଓଡ଼ିଆ କବିତାର ସଂକଳନ 'ସଂଚୟନ' ସେ କେନ୍ଦ୍ରସାହିତ୍ୟ ଏକାଡେମୀ ଅନୁରୋଧରେ ପ୍ରସ୍ତୁତ କରିଛନ୍ତି । ଲେମ୍ବଙ୍କ ସେକ୍ସପିୟର କାହାଣୀମାଳାର ଅନୁବାଦ ତାଙ୍କୁ ଯଥେଷ୍ଟ ଲୋକପ୍ରିୟତା ଦେଇଛି । ରବୀନ୍ଦ୍ରନାଥ ଠାକୁରଙ୍କର 'ରାଜା' ନାଟକର ଅନୁବାଦ ମଧ୍ୟରେ କେନ୍ଦ୍ରସାହିତ୍ୟ ଏକାଡେମୀ ନିର୍ଦ୍ଦେଶରେ ପ୍ରସ୍ତୁତ କରିଛନ୍ତି । 'Phakirmohan /; his life and literature' ସେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ପ୍ରସ୍ତୁତ କରିଛନ୍ତି । ତାଙ୍କର ଆତ୍ମଜୀବନୀ 'ମନେମନେ' ଖୁବ୍ ସୁଖପାଠ୍ୟ ଓ ସେ ଜିଇଁଥିବା ସମୟର ନିଛକ ପ୍ରତିଛବି । ଏତଦ୍‌ବ୍ୟତୀତ ସେ 'ବାସନ୍ତୀ ରମ୍ୟ ରଚନାମାଳା-୨'ରେ 'ବୁଢ଼ାବାବୁ ଓ ଅନ୍ୟାନ୍ୟ', 'ବାସନ୍ତୀ ରମ୍ୟ ରଚନାମାଳା-୩'ରେ 'ଆଜ୍ଞା ଟିକେ ଦୟାକରି ଓ ଅନ୍ୟାନ୍ୟ' 'ବାସନ୍ତୀ ରମ୍ୟ ରଚନାମାଳା-୪'ରେ 'ଓଲଟ କଇଁଛ ଓ ଅନ୍ୟାନ୍ୟ' ଭଳି ରମ୍ୟରଚନାମାନ ଏକତ୍ର କରିଛନ୍ତି । ଏଥିଭିତରୁ କେତେକ ତାଙ୍କର ରେଡ଼ିଓ ଭାଷଣ, କେତେକ Statesman ପତ୍ରିକାର ସ୍ତମ୍ଭ Now and Againର ମୁକ୍ତ ଅନୁବାଦ । ଫକୀରମୋହନ ଓ ଅନ୍ୟ ସାତ ଜଣ ରଥୀ ତାଙ୍କର ସମାଲୋଚନାତ୍ମକ ନିବନ୍ଧ ପୁସ୍ତକ । ନାମକ ଛବିଳ ପୁସ୍ତକର ସେ ରଚୟିତା । 'ଏଣ୍ଟିରୋମାଣ୍ଟିକ' ଗଳ୍ପ ସଂକଳନ ପାଇଁ ସେ ୧୯୬୮ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ବିଳମ୍ବରେ ସାହିତ୍ୟ ସାଧନା ଆରମ୍ଭ କରି ମଧ୍ୟ ସେ ନିଜର ରସିକତା, କାରୁଣ୍ୟ ଓ ସମ୍ବେଦନଶୀଳତା ନେଇ ଓଡ଼ିଆ ପାଠକଙ୍କ ନିକଟରେ ପରମ ଆଦରଣୀୟ । ଜୀବନର ସବୁଠାରୁ ଶୋକାବହ ମୁହୂର୍ତ୍ତମାନଙ୍କରେ ସାହିତ୍ୟ ବଂଧୁ ବା ଗୁରୁଭଳି ତାଙ୍କ ନିକଟରେ ଠିଆ ହୋଇଛି । ଜୀବନର ସକଳ ଦୁଃସ୍ଥିତିକୁ ସିଏ ବ୍ୟଙ୍ଗ ବିଦ୍ରୂପର ଚାବୁକ ମାଡ଼ରେ ଜର୍ଜରିତ କରିଛନ୍ତି । ମଣିଷକୁ ଶ୍ରଦ୍ଧା



Digitized by PPRACHIN, SOA

କରୁଥିବା ଏହି ବ୍ୟକ୍ତିବିଶେଷ ଚଟୁଳ ହାସ୍ୟରସର ଆବେଗ ଭିତରେ ଅନେକ ଶୋକାବହ ପରିସ୍ଥିତିରେ ଧୈର୍ଯ୍ୟ କରିଛନ୍ତି । ତାଙ୍କର କ୍ଷତାକ୍ତ ସ୍ରଷ୍ଟା ମନ ହାସ୍ୟରସ ଭିତରେ ନିଜର ବ୍ୟକ୍ତିଗତ କ୍ଷତିର ପୂରଣ କରିବାକୁ ଚାହିଁଛି । ବସନ୍ତ କୁମାର ଶତପଥୀ ମହାଶୟ ପାଠକଙ୍କୁ କେବଳ ହସାଇ ନାହାଁନ୍ତି, ତାକୁ ସହାନୁଭୂତିରେ ଲୁହୁବୁହୁ ମଧ୍ୟ କରି ଦେଇଛନ୍ତି। ନିହାତି ଅଜଣା ଦୁଃଖୀ ମଣିଷଟି ପାଇଁ ତାଙ୍କର ସହାନୁଭୂତି ସହସ୍ର ଧାରାରେ ଝରିଯାଇଛି। ସେଥିପାଇଁ ତ ସେ ଓଡ଼ିଆ ଗଳ୍ପ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ବିନ୍ଧାଣି । ଆନନ୍ଦ ମଧ୍ୟରୁ ପ୍ରଚ୍ଛନ୍ନ ଦୁଃଖ, ଦୁଃଖ ମଧ୍ୟରୁ ଅଶ୍ରୁ ବା ଆନନ୍ଦ ଏସବୁ ତାଙ୍କ ଲେଖନୀରେ ଜୀବନ୍ତ ରୂପରେ ପରିବେଷିତ ହୋଇଛି । ଇଂରାଜୀ ଓ ବଙ୍ଗଳା ସାହିତ୍ୟରେ ରୁଚି ରଖୁଥିବା ଏହି ଅଧ୍ୟାପକ ମହୋଦୟ ଓଡ଼ିଆ ସାହିତ୍ୟ ପାଇଁ ନଇବନ୍ଧ ହୋଇ ପରିଣତ ବୟସରେ ଗଳ୍ପ, କବିତା ଲେଖିଛନ୍ତି । ମନୁଷ୍ୟର ଚରିତ୍ର ବିଶ୍ଳେଷଣରେ ସେ ଖୁବ୍ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ଅଶ୍ରୁ ଅନ୍ତରାଳରୁ ଅନୁରାଗ, କ୍ରୋଧ ଭିତରେ ଥିବା ଅସହାୟତା ତାଙ୍କୁ ଘାରିଛି । ତେଣୁ ଭାରତୀୟ ସାହିତ୍ୟର ସନ୍ଧିକ୍ଷଣରେ ଭୂମିଷ୍ଠ ଏହି ମହାନୁଭବ ଓଡ଼ିଆ ଗଳ୍ପ ସାହିତ୍ୟ ପାଇଁ ଅନେକ ଆଶା, ଆଶ୍ୱସନାର ବତୀଘର । ଏହି ନିବନ୍ଧରେ ଫକୀରମୋହନଙ୍କର ବିଶ୍ୱ ପ୍ରସିଦ୍ଧ ରଚନ୍ୟାମ୍ 'ଛ'ମାଣ ଆଠଗୁଣ୍ଠ' ଓ ତା'ର ଅବଲମ୍ବନରେ ବସନ୍ତ କୁମାର ଶତପଥୀ ରଚନା କରିଥିବା ନାଟକ 'ଚମ୍ପା'ର ବିଚାର ଆଲୋଚନା ଏଠାରେ କରାଯାଇଛି । ଚମ୍ପା ମଙ୍ଗରାଜ ପରିବାରର ଅନ୍ୟତମା କରିତ୍କର୍ମା ଦାସୀ । ତାକୁ ନାୟିକାଭାବେ ଚିତ୍ରଣ କରି ଶତପଥୀ ମହାଶୟ ଏକ ଦୁଃସାହସିକ କର୍ମ କରିଛନ୍ତି ବୋଲି କହିବାକୁ ହେବ ।

ସେ ଅଭିନେତା, ନାଟ୍ୟକାର ତଥା ନାଟକ ପ୍ରତି ଆଗ୍ରହୀ । ମୟୂରଭଂଜ ରାଜାଙ୍କ ଜନ୍ମଦିନ ପାଳନପାଇଁ ନାଟକ ପ୍ରତିଯୋଗିତା ହେବ ଓ ଶ୍ରେଷ୍ଠ ନାଟ୍ୟକାରଙ୍କୁ ଏକଶତଟଂକା ପୁରସ୍କାର ଦିଆଯିବ । ସେଦିନ ମୁଖ୍ୟ ନାଟକ 'ସବ୍ୟଶାଚୀ' ଅଭିନୀତ ହେବାପରେ ଅଭିନୀତ ହେଲା ନାଟକ 'ଗଜଡ଼ଧପ'- ଏହାର ନାଟ୍ୟକାର ଥିଲେ ନାରଦ ଓରଫ ରାଜାଙ୍କ ପବ୍ଲିସିଟି ଅଫିସର ବସନ୍ତ ଶତପଥୀ । ବ୍ରଜଗୋପାଲ ଘୋଷାଲ ଚରିତ୍ରରେ ବସନ୍ତ ଶତପଥୀଙ୍କର ଅଭିନୟ ଦେଖି ରାଜା ନିଜେ ଚମତ୍କୃତ ହୋଇଥିଲେ । ବୃତ୍ତିରେ ଇଂରାଜୀ ଅଧ୍ୟାପକ ବସନ୍ତବାବୁ ଅନେକ ଇଂରାଜୀ ନାଟକର ସଂଳାପ ମୁଖସ୍ଥ କରିଥିଲେ । ସେ 'ନବନାଟିକା' ଶୀର୍ଷକରେ ନଅଟି ଛୋଟନାଟକର ଅନୁବାଦ କରିଛନ୍ତି ୧୯୬୦ରେ । ରବୀନ୍ଦ୍ର ନାଥଙ୍କର ପଞ୍ଚନାଟକ ମଧ୍ୟରୁ 'ରାଜା' ଅନୁଦିତ ହୋଇ ପ୍ରକାଶିତ ହୋଇଛି ୧୯୭୯ରେ । 'ନବନାଟିକା'ର ଆବିଷ୍କାର Hermon Suldଙ୍କର 'The Discovery'ର ରୂପାନ୍ତର । 'ପିଲିସଜ' ନରମେଦ ମେକିନ୍‌ଲେ,ଙ୍କର 'The Bisop's candle stick'ର ରୂପାନ୍ତର । Berhad Gilbertଙ୍କର 'The old Bull'ର ରୂପାନ୍ତର ହେଉଛି 'ଲକ୍ଷ୍ମୀ' । J.D.Francieଙ୍କର 'Birds of a feather'ର ରୂପାନ୍ତର 'ସର୍ବେ ସମାନ' । ସେହିପରି Rbald Hadlingtonଙ୍କର 'Aba Hussan plays his dept' ର ରୂପାନ୍ତରର ନାମକରଣ ହୋଇଛି 'ପରିଶୋଧ' । W.W.Goccobs ଓ Horace Millଙ୍କ ରଚିତ 'Adminal Peters' ର ରୂପାନ୍ତର ହେଉଛି 'କର୍ଣ୍ଣେଲ ମହାନ୍ତି' । Herold Brighouseଙ୍କ The price of coalର ଅନୁସରଣରେ 'କୋଇଲାର ଦାମ' ରଚିତ । J.M.Syngଙ୍କ ନାଟିକା 'Riders to the sea'ର ଓଡ଼ିଆ ରୂପାନ୍ତର ହେଉଛି 'ସମୁଦ୍ରପଥେ' ଓ H.H Munroଙ୍କର



Digitized by PPRACHIN, SOA

'Death Trap'ର ରୂପାନ୍ତର ନାମ 'ମୃତ୍ୟୁଫାଶ' । ଏହି କ୍ରମରେ ନହେଲେ ମଧ୍ୟ ଏହି ସମସ୍ତ ନାଟକଠାରୁ ସ୍ୱତନ୍ତ୍ର ହେଉଛି ତାଙ୍କର 'ଚମ୍ପା' ଶୀର୍ଷକ ନାଟକ ଯାହା ଫକୀରମୋହନ ସେନାପତିଙ୍କର କାଳଜୟୀ ସୃଷ୍ଟି 'ଛ'ମାଣ ଆଠଗୁଣ୍ଠ'ର ନାଟ୍ୟରୂପ । ଯେଉଁ ଚମ୍ପାକୁ ଫକୀରମୋହନ ଗଢ଼ିଥିଲେ ତାହା ଦେହରେ ପୁନର୍ବାର ଜୀବନି ଶକ୍ତି ସଂଚାର ପାଇଁ ନାଟ୍ୟକାର ବସନ୍ତ ଶତପଥୀଙ୍କୁ ବହୁ ଆୟାସ ସ୍ୱୀକାର କରିବାକୁ ହୋଇଛି । 'ଛ'ମାଣ ଆଠଗୁଣ୍ଠ' ୧୮୯୭ରେ ରଚିତ ଓ 'ଚମ୍ପା' ୧୯୬୯ରେ ରଚିତ । ଫକୀରମୋହନ (୫୪ବର୍ଷ) ପରିଣତ ବୟସରେ 'ଛ'ମାଣ ଆଠଗୁଣ୍ଠ' ଲେଖିଥିଲେ ଓ ଶତପଥୀ ମଧ୍ୟ ୫୬ବର୍ଷ ବୟସରେ ଚମ୍ପାକୁ ପୁନର୍ବାର ରୂପାୟିତ କଲେ । ଏଠାରେ ପ୍ରଶ୍ନ ଉଠେ ଯେ ଉପନ୍ୟାସର ନାଟ୍ୟରୂପ ପ୍ରସ୍ତୁତ ହୁଏ କ'ଣ ପାଇଁ ? ଦୀର୍ଘ ୭୨ ବର୍ଷପରେ ଏହାର ଆବଶ୍ୟକତା ଥିଲା କି ?

(କ) ଏହାର ପ୍ରଥମ ଉଦ୍ଦେଶ୍ୟ ହେଉଛି ଗୋଟିଏ ଚିରାୟତ ସୃଷ୍ଟିକୁ ଦୃଶ୍ୟମାନ କରିବାର ଆଗ୍ରହ ଓ ଅଧିକ ଆଗ୍ରହୀ ଦର୍ଶକଙ୍କ ନିକଟରେ ତାକୁ ପରିବେଷଣ କରିବାର ମାନସିକତା ।

(ଖ) ହୁଏତ ସେହିଭଳି କଥାବସ୍ତୁ ବା ଚରିତ୍ର ଥିବା ନାଟକ ସେପର୍ଯ୍ୟନ୍ତ ରଚିତ ହୋଇ ନଥାଏ ।

ପାଠକଙ୍କୁ ଦର୍ଶକରେ ପରିଣତ କରିବାପାଇଁ ନାଟ୍ୟକାରଙ୍କୁ ଯଥେଷ୍ଟ ସଚେତନ ହେବାକୁ ପଡ଼ିଥାଏ । ପ୍ରଥମେ ସେ ନିର୍ଦ୍ଦିଷ୍ଟ ଗଳ୍ପ ଓ ଉପନ୍ୟାସକୁ ଶ୍ରଦ୍ଧା କରେ । ବାରମ୍ବାର ପଢ଼େ । ସେଭଳି ଚରିତ୍ର ସେ ପର୍ଯ୍ୟନ୍ତ ଆମ ସାହିତ୍ୟରେ ସୃଷ୍ଟି ହୋଇନାହିଁ ବୋଲି ଦୃଢ଼ନିଶ୍ଚିତ ହୁଏ । ଉପନ୍ୟାସ ବା ଗଳ୍ପ ଲେଖିଲାବେଳେ ସ୍ରଷ୍ଟା ସମ୍ମୁଖରେ ହୁଏତ କିଛି ଚରିତ୍ର ବା ଘଟଣା ଝାପ୍‌ସା ହୋଇ ରହିଥାଏ ମାତ୍ର ନାଟ୍ୟରୂପ ଦେଉଥିବା ସ୍ରଷ୍ଟା ପାଇଁ ଏହି ଦିଗଟି ଆଲୋକ ଉଜ୍ଜ୍ୱଳ । ତା' ସମ୍ମୁଖରେ ଉପନ୍ୟାସର ଚରିତ୍ରମାନେ ଚାଲବୁଲ କରୁଥାଆନ୍ତି । ସମୟ ମଧ୍ୟ ଯଥେଷ୍ଟ ଆଗେଇ ଯାଇଥାଏ ଏବଂ ଚରିତ୍ରମାନେ ଆହୁରି ଦୃଢ଼ଭାବରେ ନିଜର ବକ୍ତବ୍ୟ ଉପସ୍ଥାପନ କରିପାରନ୍ତି । ବର୍ଣ୍ଣନାକୁ ବ୍ୟଞ୍ଜନାରେ ପରିବର୍ତ୍ତିତ କରିବା ସମୟରେ ଉପନ୍ୟାସର କଳେବର ସୀମିତ ହୋଇଯାଏ ଓ ବକ୍ତବ୍ୟ ଶକ୍ତିଶାଳୀ ହୁଏ । ଅନୁରୂପ ଭାବରେ ପରିଣତି ମଧ୍ୟ ସଂକେତାତ୍ମକ ହୋଇଥାଏ । ଗୋପାଳ ଛୋଟରାୟ, ପ୍ରାଣବନ୍ଧୁକର, ନବକୁମାର ଦାସ ପ୍ରଭୃତି ଗଳ୍ପ ଉପନ୍ୟାସର ନାଟ୍ୟରୂପ ପ୍ରସ୍ତୁତ କରିବାରେ ଯଥେଷ୍ଟ ସାଫଲ୍ୟ ଅର୍ଜନ କରିଛନ୍ତି ।

ଏହିସବୁ ସ୍ୱାତନ୍ତ୍ର୍ୟକୁ ଦୃଷ୍ଟିରେ ରଖି ଆମେ 'ଚମ୍ପା' ନାଟକକୁ ଆଲୋଚନା କରିବା । ପ୍ରଥମରୁ ନାଟ୍ୟକାର ସ୍ପଷ୍ଟ କରିଛନ୍ତି ଯେ ''ଚମ୍ପା ରାଣୀ ନୁହେଁ, ଚାକରାଣୀ ଛାର କାମଚୁଣୀ ପୋଇଲୀ । ସେ ପୁଣି ହେବ ପୂର୍ଣ୍ଣାଙ୍ଗ ନାଟକର ନାୟିକା, ଯିମିତି କାମଚୁଣୀଗୁଡ଼ାକ ବାସ୍ତବ ଜୀବନର ବଡ଼ବଡ଼ ଘରେ ନାୟିକା ସ୍ତରକୁ ଆସନ୍ତି ନାହିଁ ! ଫକୀରମୋହନଙ୍କୁ ଶୁଣନ୍ତୁ, ''ଜାଣିଲା ଶୁଣିଲା ଲୋକେ ତାକୁ ଚାକରାଣୀ ବୋଲି ଜାଣନ୍ତି । ହେଲେ ନୂଆ ଲୋକ କେହି ଆସିଲେ ସାନ୍ତାଣୀ ବୋଲି ଡାକିପକାଏ ।'' ଚମ୍ପା ଚରିତ୍ର ଓଡ଼ିଆ ଉପନ୍ୟାସରେ ଅନନ୍ୟ ଚରିତ୍ର । ଏହାର ସୃଷ୍ଟି ମୂଳରେ ଫକୀରମୋହନଙ୍କ ଜେଜେବାପାଙ୍କ ଆଶ୍ରିତା କେତକୀ ରହିଥିବା ଜଣାଯାଏ ।



Digitized by PPRACHIN, SOA

ତାର ଚାଲିଚଳଣି, ଢ଼ଂଗଢାଂଗ ହୁଏତ ଫକୀରମୋହନଙ୍କୁ ଚମ୍ପା ସୃଷ୍ଟି ଦିଗରେ ପ୍ରେରଣା ଯୋଗାଇଛି । ଚମ୍ପା ଉପନ୍ୟାସର ନାୟିକା ନୁହେଁ ଅଣନାୟିକା । ଖଳନାୟିକା ବା ଏଣ୍ଟି-ନାୟିକା-ନାଟ୍ୟକାରଙ୍କ ଭାଷାରେ "ସେ ଅଗ୍ନିଦ-ବାଘସିଂହ ବଂଶର ଘର ପୋଡ଼ିଛି, ସେ ଧନାପହ୍ନ ମଂଗରାଜଙ୍କ ଧନ ଅପହରଣ କରିଛି, ସେ ବୃତ୍ତ୍ୟପହାରୀ- ଭଗିଆ ସାରିଆର ଜୀବିକା ନେଇଛି, ସେ ଦାରାପହାରୀ ନହୋଇ ହୋଇଛି ସ୍ୱାମୀ ଅପହାରିଣୀ- ସାଆନ୍ତାଣୀଙ୍କ ସ୍ୱାମୀଙ୍କି ଚୋରାଇଛି । ଏମିତି ଏକ ନାରକୀୟ ଜୀବକୁ ଫକୀରମୋହନ କେଡ଼େ ସ୍ୱାଦ୍ୟ ନାୟିକା କରିପାରିଛନ୍ତି ତାଙ୍କ ଉପନ୍ୟାସରେ, କେବଳ ବୌଦ୍ଧଧର୍ମର ସେଇ ମୂଳମନ୍ତ୍ର 'ପାପକୁ ଘୃଣାକର, ପାପୀକୁ ଘୃଣାକର ନାହିଁ' ଅନୁସରଣ କରି ଏବଂ ଅକୁଣ୍ଠ ସମ୍ବେଦନଶୀଳତା ବଳରେ ।"

ତିନିଅଂକ ବିଶିଷ୍ଟ ଏହି ନାଟକର ମୁଖାଶାଳା ପରେ ପ୍ରଥମ ଅଂକରେ ୪ଟି, ୨ୟ ଅଂକରେ ୫ଟି ଓ ତୃତୀୟ ଅଂକରେ ୭ଟି ଏହିପରି ଷୋହଳଟି ଦୃଶ୍ୟ ସନ୍ନିବିଷ୍ଟ । ଛମାଣ ଆଠଗୁଣ୍ଠ ଉପନ୍ୟାସରେ ୨୨ଟି ପରିଚ୍ଛେଦ ପରେ ଉପସଂହାର ରହିଛି । ଉପନ୍ୟାସର ୮ମ ପରିଚ୍ଛେଦର ଶେଖ ଦିଲ୍‌ଦାର ମିଆଁ ପ୍ରସଂଗ ମୁଖଶାଳା ଭାବରେ ନାଟକରେ ପ୍ରଯୁକ୍ତ ହୋଇଅଛି । ପ୍ରଥମ ଅଂକ ପ୍ରଥମ ଦୃଶ୍ୟରେ ସାଆନ୍ତାଣୀ ଭିକ ଦେବାକୁ ପଦାକୁ ଆସିବାବେଳେ ଚମ୍ପା ମୁହଁ ମୋଡ଼ିଛି । ମଙ୍ଗରାଜଙ୍କ କଚେରିଘର କାନ୍ଥରେ ଚମ୍ପା ଆଂକିଥିବା ଚିତ୍ର ନାଟକର ପୃଷ୍ଠଭୂମିକୁ ଦୃଢ଼ କରିପାରିଛି । ସାଆନ୍ତାଣୀଙ୍କ କଥା ଉପନ୍ୟାସରେ ବାରମ୍ବାର ପ୍ରସଙ୍ଗ କ୍ରମେ ଆସିଥିଲେ ହେଁ ୧୮ଶ ପରିଚ୍ଛେଦରେ ପାଠକ ତାଙ୍କୁ ଭେଟେ । ଦ୍ୱିତୀୟ ଦୃଶ୍ୟରେ ଯା ଦେବୀ ସର୍ବଭୂତେଷୁ ସହିତ ମଙ୍ଗରାଜଙ୍କୁ ବ୍ରାହ୍ମଣଙ୍କର ଆଶୀର୍ବାଦ, ଗୋବରା ଜେନା ଖବର, ଶିବୁ ପଣ୍ଡିତଙ୍କ ପାଠପଢ଼ା ଓ ନାନାପକ୍ଷୀ ଏକତ୍ର ଜମିଦାରଙ୍କ ଉଆସରେ ବସବାସ କରିବା ଘଟଣାକୁ ଏକାଠି କରିଦିଆଯାଇଛି । ସାରିଆ ଭଗିଆଙ୍କ କଥୋପକଥନ ଭିତରେ ସେମାନଙ୍କର ହୁଣ୍ଡାପଣର ଚିତ୍ର ସ୍ପଷ୍ଟ । ନେତ ଓ ଛ'ମାଣ ଆଠଗୁଣ୍ଠ ଜମି ପାଇଁ ଉଭୟଙ୍କର ଶ୍ରଦ୍ଧା ତଥା ସମସ୍ତଙ୍କ ପ୍ରତି ଉଦାରତା ଏହି ସାରିଆ ଭଗିଆ ଚରିତ୍ରର ବୈଶିଷ୍ଟ୍ୟ ।

ଚମ୍ପାର ରୂପ ବର୍ଣ୍ଣନାରେ ଫକୀରମୋହନ ଯେଉଁ କଳାକୁଶଳତାର ପ୍ରୟୋଗ କରିଥିଲେ ତା'ଠାରୁ ଶତପଥୀ ମହାଶୟ ଅଧିକ ସଚେତନ ହୋଇଛନ୍ତି । କାରଣ ନାଟକର ସୀମିତ ପରିସରରେ, ଫକୀରମୋହନ ଯେଉଁ ରୂପ ବର୍ଣ୍ଣନା କରିଥିଲେ ସେ ସବୁକୁ ଏକତ୍ର କରିଦେଇଛନ୍ତି । ଯେମିତି ଅର୍ଦ୍ଧବକ୍ଷ ଉଲଂଘିନୀ ମୁରୁକି ହାସିନୀ (ଚମ୍ପା ପୃ ୨୪), ତନ୍ୱୀଶ୍ୟାମାଶିଖରିଦଶନ, କଜ୍ଜ୍ୱଳପୂରିତ ଲୋଚନଭାଲେ (ଚମ୍ପା- ପୃ୨୪) ଇତ୍ୟାଦିକୁ ସେ ଚମ୍ପାର ବୈଶିଷ୍ଟ୍ୟ ଭାବରେ ବ୍ୟବହାର କରିଛନ୍ତି । ଚମ୍ପା ଭଗିଆ-ଶାରିଆଙ୍କ ବିଶ୍ୱାସ ଜିଣିବାକୁ ଭାଗବତର ପଦ ଭାବରେ **ଜିଙ୍କେ ଯୋଡ଼ି** ଫାନ୍ଦି ଗୀତ ଗାଇଛି । 'ଯାହାର ପିଲାଝିଲା ନାହିଁ ସକାଳୁ ତା' ମୁହଁ ଚାହିଁବି ନାହିଁ ଇତ୍ୟାଦି ।' 'ଟାଂଗୀମାଉସୀ' ବିଷୟ ଉତ୍‌ଥାପନପାଇଁ ଫକୀରମୋହନଙ୍କୁ ୧୫ଶ ପରିଚ୍ଛେଦ ଲେଖିବାଯାଏଁ ଅପେକ୍ଷା କରିବାକୁ ହୋଇଛି । କିନ୍ତୁ ନାଟ୍ୟକାର ପ୍ରଥମ ଅଂକ ୪ର୍ଥ ଦୃଶ୍ୟରେ ଟାଂଗୀମାଉସୀର ପୋଷାକ, କଥାବାର୍ତ୍ତା ଚତୁରତା ଓ ଶେଷରେ ବାହୁନା ଦେଖୁଦେଖୁ ବାଘସିଂହ ଘର ବଂଶ ଛାରଖାର ହୋଇଯାଇଛି । ବାବାଜୀ ଲଳିତା ଦାସ ବିଷୟ ଛ' ମାଣ ଆଠଗୁଣ୍ଠର ୨୬ଶ ପରିଚ୍ଛେଦରେ ରହିଥିବାବେଳେ ନାଟକର ପ୍ରଥମ ଅଂକ ୪ର୍ଥ ଦୃଶ୍ୟରେ ମଠୁଆ ଓ



Digitized by PPRACHIN, SOA

ଲଳିତା ଦାସ ପ୍ରସଂଗ ଉଦ୍‌ଥାପିତ ହୋଇଛି ମାତ୍ର ତାର ହରେକୃଷ୍ଣ ସ୍ମରଣ ଓ ତରଭୁଜ ଡେଙ୍ଗ୍‌ ଚୁଟ୍‌କି ଉପମାକୁ ସେ ଠିକ୍ ସେହିପରି ଗ୍ରହଣ କରିଛନ୍ତି । ଚମ୍ପା ନିଜେ ମରୁଆଠାରୁ ଉଚ୍ଚମାନର ଦାସୀ ବୋଲି ବାରମ୍ବାର ମଂଗରାଜଙ୍କ ନିକଟରେ ଜଣାଇ, ତାଙ୍କର ସହାନୁଭୂତି କାମନା କରିଛି ।

ଶିବୁ ପଣ୍ଡିତେ ଉପନ୍ୟାସରେ ଗୁରୁତ୍ୱହୀନ । ମାତ୍ର ଶିବୁ ଓ ତାଙ୍କ ସହିତ କେଳୁ ନାମକ ଦୁଇଜଣ ବ୍ରାହ୍ମଣଙ୍କୁ ନାଟ୍ୟକାର ଗୁରୁତ୍ୱ ଦେଇଛନ୍ତି ଓ ଉପନ୍ୟାସରେ ବର୍ଣ୍ଣିତ ଘଟଣା ସେମାନଙ୍କ ତୁଣ୍ଡରେ ସଂଳାପ ଭାବରେ ଶୁଣାଇଛନ୍ତି । ଉପନ୍ୟାସର ୧୩ଶ ପରିଚ୍ଛେଦରେ ପ୍ରଥମା ଓ ଦ୍ୱିତୀୟା ନାରୀଙ୍କ ମୁହଁରେ ଦିଆଯାଇଥିବା କଥା ଶୁଣିଆସି କେଳୁ ଡମିକୁ କହନ୍ତି : ''ଭାରି ତ ଫୁସ୍‌ଫାସ ଉଠିବ ପରା ବାସ ।'' (ଚମ୍ପା- ପୃ. ୮୯) ଏପରିକି କେଳୁ ମୁହଁରେ ଫକୀରମୋହନଙ୍କର ନିଜସ୍ୱ ଦର୍ଶନ ରୂପ ପାଇଛି । ସେ ଶିବୁକୁ କହନ୍ତି- ''x x ତୁମେ ଜାଣନି ଶିବୁ ! ସାଆନ୍ତଙ୍କ ଜୀବନରେ ଦୁଇଟି ନଦୀ ପ୍ରବାହିତ ହେଉଥିଲା । ଗୋଟିଏ ଅନ୍ତଃସ୍ରୋତା ପୂତ ସଲିଳା ଫଲ୍‌ଗୁ, ଅନ୍ୟଟି ଉତ୍ତାଳ ତରଙ୍ଗମୟୀ ସର୍ପ କୁମ୍ଭୀର ସଂକୁଳା କୂଳପ୍ଲାବିନୀ ଚର୍ମଣ୍ୱତୀ । ଫଲ୍‌ଗୁ ବିଦାୟ ନେଇଛି । ମଦ୍ୟପ ସମ୍ମୁଖରେ ଅଛି ଗିନାଏ ଜଳ ପରିବର୍ତ୍ତେ ଗିନାଏ ସୁରା ।'' (ଚମ୍ପା ପୃ.୯୩) ଏହି ଦର୍ଶନତତ୍ତ୍ୱ ଖୁବ୍ ବ୍ୟାପକ ଭାବରେ ଛ'ମାଣ ଆଠଗୁଣ୍ଠରେ ପରିବେଷିତ ହୋଇଛି ମାତ୍ର ନାଟକରେ ଏହା କିଞ୍ଚିତ୍ ପରିବର୍ତ୍ତିତ ହୋଇ ସୂକ୍ଷ୍ମ ଅଥଚ ଦୃଢ଼ ଭାବରେ ସାଆନ୍ତାଣୀ ତଥା ଚମ୍ପାର ଚାରିତ୍ରିକ ବୈଶିଷ୍ଟ୍ୟର କଥା କହିଛି ।

ଦ୍ୱିତୀୟ ଅଂକରେ ସାରିଆ 'ମୋ ଛ'ମାଣ ଆଠଗୁଣ୍ଠ ମୋ ନେତ' କହି ଆକୁଳ ହେବା କଥା ସାଆନ୍ତାଣୀ ସାଆନ୍ତଙ୍କୁ କହି ତା'ର ଜମି ଓ ଗାଈ ଫେରାଇ ଦେବାକୁ ଅନୁରୋଧ କରିଛନ୍ତି । ଉପନ୍ୟାସରେ ଉଭୟଙ୍କର ବାର୍ତ୍ତାଳାପ ବିଶେଷ ନାହିଁ କାରଣ ମଂଗରାଜଙ୍କ ନିରବତା ଓ ଚମ୍ପାର ଉଦ୍ଦେଶ୍ୟମୂଳକ ହୁଁ ଶବ୍ଦ ସାଆନ୍ତାଣୀଙ୍କୁ ନିରବ କରିଦେଇଛି । ନାଟକରେ କିନ୍ତୁ ସାଆନ୍ତାଣୀ ସାଆନ୍ତଙ୍କୁ ତାଙ୍କର କୃତକର୍ମ ସଂପର୍କରେ ସଚେତନ କରିଦେଇଛନ୍ତି । ସାଆନ୍ତାଣୀ ତାଙ୍କୁ ଖାଇବାକୁ ଡାକିବାକୁ ଆସିଥିଲେ । ଚମ୍ପା ସହିତ ମନ୍ତ୍ରଣାରତ ମଂଗରାଜ ସାଆନ୍ତାଣୀଙ୍କୁ କହିଛନ୍ତି- ''ଆଚ୍ଛା ମୁଁ ଯାଉଛି, ତୁମ୍ଭେ ବାହାରକୁ ଯାଅ-'' (ଚମ୍ପା ପୃ. ୬୪) ଯାହା ଉପନ୍ୟାସରେ ଲେଖକଙ୍କ ବିଚାରରେ ''x x ସହିଷ୍ଣୁତା ଗୁଣ ସ୍ତ୍ରୀମାନଙ୍କର ପୁରୁଷମାନଙ୍କଠାରୁ ଢେର ବେଶି, ସେମାନେ ଢେର ସହିପାରନ୍ତି । ମାତ୍ର ସ୍ୱାମୀର ଅନାଦର ଏବଂ ଅବିଶ୍ୱାସ ସତୀ ସ୍ତ୍ରୀମାନଙ୍କ ପକ୍ଷେ ଅସହ୍ୟ । ପୁଣି ସ୍ୱାମୀ ସାକ୍ଷାତରେ ଦାସୀକୃତ ଅବଜ୍ଞା ମରଣାଧିକ କଷ୍ଟକର ।'' (ଛ'ମାଣ ଆଠଗୁଣ୍ଠ- ୧୪ଶ ପରିଚ୍ଛେଦ- ପୃ.୫୯) ଏତେ ବର୍ଣ୍ଣନାପାଇଁ ନାଟ୍ୟକାରଙ୍କର ସୁଯୋଗ ନାହିଁ । ତେଣୁ 'ଅସୁରଦୀଘି' ଭଳି ପରିଚ୍ଛେଦକୁ ଯାହା ଉପନ୍ୟାସର ଅନ୍ୟତମ ଉଲ୍ଲେଖଯୋଗ୍ୟ ପରିଚ୍ଛେଦ ତାକୁ ନାଟକରେ ବାଦ୍ ଦିଆଯାଇଛି ।

ଠାକୁରାଣୀ ବୁଢ଼ୀ ମଂଗଳାଙ୍କ ପାଖରେ ସତ୍ୟ କରାଇ ଚମ୍ପା କୌଶଳରେ ସାରିଆ ଭଗିଆଙ୍କ ଜମି କଣ୍ଟକବଲା ଲେଖିନେଇଛି । ଉପନ୍ୟାସରେ ୭ମ ପରିଚ୍ଛେଦରେ ବୁଢ଼ୀ ମଂଗଳା ଗାଁର ଡାକ୍ତର ଓ ଓକିଲଙ୍କ କାମ ଏକାକୀ ଚଳାନ୍ତି କଥାଟି କୁହାଯାଇଛି ଯାହା ନାଟକରେ କେଳୁ ସନାକୁ କହିଛି । ନାଟକର ମୁଖଶାଳାରେ ମଂଗରାଜଙ୍କର ଚରିତ୍ର ସ୍ପଷ୍ଟ ହୋଇଯାଇଛି । ସେ



Digitized by PPRACHIN, SOA

ଚାଣକ୍ୟଶ୍ଳୋକର କଦର୍ଥ କରି ପିଲାଙ୍କୁ ପାଖପୂରାନ୍ତି ନାହିଁ କାରଣ ଷୋହଳ ବର୍ଷ ହେବାପରେ ପିଲାଙ୍କ ସହିତ ଖରାପ ଆଚରଣ କରିବା ଦରକାର ବୋଲି ସେ ବୁଝିଛନ୍ତି । ପିଲାମାନେ ମଧ୍ୟ ଗଞ୍ଜେଇ ଖାଇ ଗୋବରା ଚଢ଼େଇ ଧରି ଦିନ କାଟନ୍ତି । ତାଙ୍କ ଏକାଦଶୀ ପାରଣାରେ ମଧ୍ୟ ତାଙ୍କର ପରସ୍ୱାପହାରୀ ଚରିତ୍ର ଫୁଟିଉଠେ । ଚମ୍ପା ତାଙ୍କର ମନ୍ତ୍ରଣାଦାତ୍ରୀ । ସାଆନ୍ତାଣୀଙ୍କୁ ଚମ୍ପା ଅପମାନ ଦେଲେ ମଧ୍ୟ ସେ ତା'ର ପ୍ରତିବାଦ କରନ୍ତି ନାହିଁ । ତା'ରି ପ୍ରରୋଚନାରେ ବାଘସିଂହ ଘର ପୋଡ଼ିଦିଅନ୍ତି ଓ ସାରିଆ ଭଗିଆଙ୍କ ସଂସାରକୁ ତଳିତଳାନ୍ତ କରିଦିଅନ୍ତି । ଜମି ତଦାରଖରେ ଯାଇ ଗାମ ଗୋଛାଇତର ଜମିରୁ ତଳି ଉପାଡ଼ି ଆଣନ୍ତି । ମଂଗରାଜଙ୍କୁ 'ସ୍ୱନାମ ପୁରୁଷୋଧନ୍ୟଃ' କହି ଫକୀରମୋହନ ସୂଚନା ଦେଇଥିଲେ ଯେ ଅର୍ଥାଭାବରୁ ସେ ବାପାଙ୍କ କ୍ରିୟାକର୍ମ କରିପାରିନଥିଲେ । ଏହି କଥା ନାଟକରେ ଚମ୍ପା ମୁହଁରେ ନାଟ୍ୟକାର କୁହାଇଛନ୍ତି । ତାଙ୍କ ହୁକୁମ ଯେ 'ଚମ୍ପାକୁ କେହି ହରକଲା ବୋଲି କହିବ ନାହିଁ' । କଥାଟି ପରିହାସବ୍ୟଂଜକ ଭାବରେ ବାରମ୍ବାର ନାଟକରେ ବିଭିନ୍ନ ଚରିତ୍ରଙ୍କ ମୁଖରେ କୁହାଯାଇଛି । ଥରେ ସାଆନ୍ତାଣୀଙ୍କ ମୃତ୍ୟୁପରେ ସାଆନ୍ତେ ଶୋକ କରିଥିଲେ । ପୁନର୍ବାର ପୋଲିସ ତଦାରଖ ପରେ ଜେଲ୍ ଯାଇ ଅନୁତାପ କରିଛନ୍ତି । ଉପନ୍ୟାସରେ ମଂଗରାଜ ଜେଲ୍ ଗଲାବେଳେ ଚମ୍ପା ହାତକୁ ଭଣ୍ଡାରଘର କଞ୍ଚି ବଢ଼ାଇ ଦେଇଥିଲେ ମାତ୍ର ନାଟକର ଆରମ୍ଭରୁ ଦର୍ଶକ ଜାଣିଯାଏ ଯେ, ମଂଗରାଜଙ୍କ ଭଣ୍ଡାରଘର ନଳୀକଞ୍ଚି ଚମ୍ପାହିଁ କାରବାର କରେ । ସେହିପରି ନାଟକର ଆରମ୍ଭରେ ମଂଗରାଜଙ୍କ ଚରିତ୍ରର ''ଟଂକାସର୍ବାର୍ଥସାଧିକା'' କଥାଟି ଉପନ୍ୟାସର ପ୍ରାନ୍ତ ଭାଗରେ କୁହାଯାଇଛି । ଜେଲ୍‌ରେ ଭଗିଆ ପାଗଳ ହୋଇ ମଂଗରାଜଙ୍କ ନାକ କାମୁଡ଼ି ଦେଇଛି । ଜେଲ୍ ଖଟିସାରିବାପରେ ମଧ୍ୟ ମଂଗରାଜଙ୍କୁ ଘରକୁ ନେବାକୁ କେହି ଆସନ୍ତି ନାହିଁ । ଏକା ସାଆନ୍ତାଣୀଙ୍କ ଘରୁ ତାଙ୍କ ସାଂଗରେ ଆସିଥିବା ମକୁନ୍ଦା କୌଣସିମତେ ତାଙ୍କୁ ଜେଲ୍‌ରୁ ଘରକୁ ନେଇଛି । କୃତକର୍ମକୁ ଭୟ କରି ମଂଗରାଜ ଥ-ମାଁ ଆ ଗୁଁ କହି ମୃତ୍ୟୁବରଣ କରିଛନ୍ତି । ଉପନ୍ୟାସରେ ଯେମିତି କାବ୍ୟିକ ଢଂଗରେ ସାଆନ୍ତାଣୀଙ୍କର ଆବିର୍ଭାବ ହୋଇଛି, ନାଟକରେ ମଧ୍ୟ ବୃନ୍ଦାବତୀ ଚଉରା ମୂଳେ ଠିଆ ହୋଇ ସାଆନ୍ତାଣୀ ସତେ ଯେପରି ତାଙ୍କୁ ସ୍ନେହରେ କୋଳକୁ ନେଇଛନ୍ତି । ଏହା ଉପନ୍ୟାସରେ ବେଶ୍ କାବ୍ୟିକଶୈଳୀରେ ବର୍ଣ୍ଣିତ ଯାହାକୁ ଦୃଶ୍ୟମାନ କରି ପରିବେଷଣ କରିବାପାଇଁ ବସନ୍ତ ଶତପଥୀ ମହାଶୟ ଚେଷ୍ଟା କରିଛନ୍ତି । ଫକୀରମୋହନ ଭାଷାର ଯାଦୁକର । କଥିତ ସ୍ଥାନୀୟ ଭାଷା, କଚେରିର ପାର୍ସି ହିନ୍ଦୀ ମିଶ୍ରିତ ଭାଷା, ସଂସ୍କୃତାୟିତଶୈଳୀରେ ଲିଖିତ ଭାଷାକୁ ସେ ଖୁବ୍ ସାବଧାନତାରେ ପରିବେଶ ଉପଯୋଗୀ କରି ପରିବେଷଣ କରିଛନ୍ତି । 'ଚମ୍ପା'ରେ ଏହି ରୀତି ଆମୂଳାନ୍ତ ଅନୁସୃତ ହୋଇଛି ।

ଚମ୍ପା ତା'ର ଚେହେରା ବିଷୟରେ ସଚେତନ । ସାଆନ୍ତାଣୀଙ୍କ ମଙ୍ଗଳକୃତ୍ୟ ଦିନ ତା'ର ଏକୋଇଶିଆ ହୋଇଥିଲା ବୋଲି ସେ କହେ । ସାଆନ୍ତଙ୍କ ସହିତ ତା'ର ସଂପର୍କ ଭିତରେ ପରଧନ ଅପହରଣ ବ୍ୟାପାର ହିଁ ଗୁରୁତ୍ୱପୂର୍ଣ୍ଣ । ସେ ମାମୁର ଚିତ୍ରକଳା ନୁହେଁ ଯିଏ ବିଶାଖା ଦେବୀଙ୍କ ଓଲିପଣ ପାଇଁ ନାଚର ନଟବରଙ୍କୁ ସଂଗଦାନ କରେ । ଚମ୍ପା ନିଜ ସଂପର୍କରେ ଖୁବ୍ ସଚେତନ । ସାରିଆ ବାଂଝ ହେବ ଶୁଣି ହୁଏତ ସହିଥିବ ମାତ୍ର ଭଗୀଚନ୍ଦର ମୃତ୍ୟୁ ହେବ ବୋଲି ଶୁଣି ତା'କଥାରେ ରାଜି ହୋଇଥିବ । ଉପନ୍ୟାସରେ ଚମ୍ପାକୁ ଧୂର୍ତ୍ତା ଶୂକରୀ ଓ ସାରିଆକୁ



Digitized by PPRACHIN, SOA

ହୁଣ୍ଡା ମେଣ୍ଢା ସହିତ ତୁଳନା କରାଯାଇଛି । ପୋଲିସ ତଦାରଖ ସମୟରେ ସାରିଆର ମୃତ୍ୟୁର କାରଣ ଅନୁଧ୍ୟାନ କରାଯାଇଛି । କିନ୍ତୁ ଚତୁରୀ ଚମ୍ପା ପୋଲିସକୁ ଯେଉଁ ଜମାନବନ୍ଦି ଦେଇଛି ତାହା ତା'ର ଦାମ୍ଭିକତାର ପରିଚୟ ଦିଏ । ସେ ୭ନମ୍ବର ଗୁହା ଭାବରେ କହେ, 'ମୋ ନାମ ଚମ୍ପା, ବାପର ନାମ ଜଣା ନାହିଁ । ଏହି ଘର ମନୁଷ୍ୟ, ସା-ଗୋବିନ୍ଦପୁର, ଜି-କଟକ ।'

ଚମ୍ପାର କୃତକର୍ମ ପାଇଁ ଫକୀରମୋହନ ତାକୁ ଖୁବ୍ ଛଟପଟ କରି ମାରିଛନ୍ତି । ଗୋବିନ୍ଦା ଭଣ୍ଡାରି ସହିତ ଟଙ୍କା ପଇସା ସୁନାରୁପା ଧରି ସହରକୁ ଗଲାବେଳେ ଗୋପୀ ସାହୁର ଦୋକାନଘରେ ଗୋବିନ୍ଦା ଚମ୍ପାକୁ ହତ୍ୟା କରିଛି । ଅନ୍ଧାରରାତି, ଭୂତପ୍ରେତଙ୍କର ବିକଟ ଅଟ୍ଟହାସ୍ୟ ଭିତରେ ଚମ୍ପାକୁ ଏକାକୀ ଛାଡ଼ି ଗୋବିନ୍ଦା ସବୁ ଟଂକା ସୁନା ନେବାକୁ ଆଗ୍ରହୀ । ସେଥିପାଇଁ ଏତେ ବିଭତ୍ସ ଭାବରେ ଔପନ୍ୟାସିକ ତାକୁ ଚିତ୍ରଣ କରିଛନ୍ତି । ଗୋପୀ ସାହୁର ସଂଳାପରେ ନାଟ୍ୟକାର ସେହି ବିଭତ୍ସ ଦୃଶ୍ୟର ବର୍ଣ୍ଣନା ଦେଇଛନ୍ତି ।

କେତେକ କାବ୍ୟିକ ସଂଳାପ ଚମ୍ପାକୁ ବେଶ୍ ଚିନ୍ତାଶୀଳ କରିଛି । କେଲୁ ଓ ଶିବୁଙ୍କ କଥାବାର୍ତ୍ତାରେ-

ଶିବୁ- ତମେ ଜାଣିନ କେଳିଆନା !

ନାନାପକ୍ଷୀ ଏକ ବୃକ୍ଷରେ ବସାବାନ୍ଧିଲାପରି ମଂଗରାଜ ମହାବୃକ୍ଷକୁ ଆଶ୍ରା କରି କେତେ କେତେ ଲୋକ ଉଆସରେ ରହିଥାଆନ୍ତି- (ଚମ୍ପା-ପୃ-୧୬) ଏହି ଘଟଣା ଉପନ୍ୟାସର ପଞ୍ଚମ ପରିଚ୍ଛେଦରେ ପ୍ରଦତ୍ତ । ଖରାଦିନର ବର୍ଣ୍ଣନା କରି ଔପନ୍ୟାସିକ ଫକୀରମୋହନ ୧୬ଶ ପରିଚ୍ଛେଦରେ ଯାହାର ଦୀର୍ଘ ବର୍ଣ୍ଣନା କରିଛନ୍ତି ତାହା ନାଟକରେ ଏହିଭଳି-ଗୋବରା, ସନା ଓ କେଲୁଙ୍କ କଥାବାର୍ତ୍ତାରେ ଅଣସର ସମୟର ଗ୍ରୀଷ୍ମ ଉତ୍ତାପ ବର୍ଣ୍ଣନା-

ଗୋବରା- ଆଉ ଗଛ ଥାଉ, ଅଶ୍ୱତ୍ଥ ପତର ବି ଖସ୍ କରୁନି । ଦାଣ୍ଡବାଲିଗୁଡ଼ାକରେ ମୁଠାଏ ଧାନ ପକାଇ ଦେଲେ ଚଡ଼୍ ଚଡ଼୍ କରି ଖଇ ଫୁଟିଯିବ ।

ସନା- ପଡ଼ିଆରେ ଗୋରୁ ବାଛୁରିଟାଏ ବି ନାହିଁ ।

କେଲୁ- ବଇଷ୍ଣମାନେ ମାଳ ଝୁଲିଧରି ହରିନାମ ଭଜିଲା ପରି ପାକୁଳି କରୁଛନ୍ତି । ବାଟରେ ଦେଖିଲି ବୁଲାକୁତୀ କାଳିତିଜକୀ କୁତୀଟା ପୋଖରୀ ପଙ୍କରେ ପଡ଼ି ଲଟପଟ ହେଉଛି । ତେମେଁ ଜିଭଟା କାଢ଼ି ପକାଇ ଧକଉଚି । ଖୁଣ୍ଟାଗଛଗୁଡ଼ାକ ଜଗନ୍ନାଥଙ୍କ ଆଗରେ ଗରୁଡ଼ ଖମ୍ବ ପରି ଛିଡ଼ା ହେଇଛନ୍ତି ।

ଚମ୍ପାର ଅପମୃତ୍ୟୁ ପରେ ମଂଗରାଜଙ୍କୁ ପ୍ରାୟଶ୍ଚିତ୍ତ ପାଇଁ କିନ୍ତୁ ସୁଯୋଗ ମିଳିଛି । ନିଜେ ଔପନ୍ୟାସିକ ମଧ ମଂଗରାଜଙ୍କ ପାଇଁ ସହାନୁଭୂତିଶୀଳ ହୋଇଥିଲେ । ନାଟ୍ୟକାର ମଂଗରାଜଙ୍କୁ ସ୍ୱପ୍ନରେ ସାରିଆ ଭଗିଆଙ୍କୁ ଦେଖାଇ ପାଗଳ ଭଳି ପ୍ରଳାପ କରାଇଛନ୍ତି । ଶେଷରେ ଯେଉଁ ବୃନ୍ଦାବତୀମୂଳେ ସାଆନ୍ତାଣୀଙ୍କ ଜୀବନଦୀପ ଲିଭିଥିଲା ସେହିଠାରେ ନିଜର ପାପସ୍ୱୀକାର କରି ମୃତ୍ୟୁବରଣ କରିଛନ୍ତି ।



Digitized by PPRACHIN, SOA

ଫକୀରମୋହନଙ୍କ ସଂସ୍କୃତ ଶ୍ଳୋକ, ଲାଳିକା, ଶାସ୍ତ୍ରବଚନ ସବୁ ନାଟ୍ୟକାର ଶତପଥୀ ମହାଶୟ ସଯତ୍ନରେ ନିଜ ନାଟକରେ ଖଞ୍ଜିଛନ୍ତି । ତେଣୁ ବର୍ଣ୍ଣନାକୁ ସଂଳାପରେ ପରିଣତ କରିବା ସମୟରେ ଶିବୁ ଓ କେଳୁ ଚରିତ୍ରଦ୍ୱୟ ସ୍ପଷ୍ଟ ହୋଇଛନ୍ତି । 'ଶାଳଗ୍ରାମର ବସିବା ଶୋଇବା ସମାନ' ଯେଉଁ ନାରୀଙ୍କ ପାଇଁ ପ୍ରଯୁଜ୍ୟ ସେହି ସାଆନ୍ତାଣୀଙ୍କ ତୁଣ୍ଡରେ କଥା ଦେଇଛନ୍ତି । କେବେ କେମିତି ଗୋପିସାହୁ ମୁକୁନ୍ଦା, ସନା ପ୍ରଭୃତିଙ୍କ ସଂଳାପରେ ବର୍ଣ୍ଣନାର ଭାଷାକୁ ସିଧାସଳଖ କଥୋପକଥନର ଭାଷା କରି ଦେଇଛନ୍ତି । ଗୋବିନ୍ଦା ଚରିତ୍ର ଉପନ୍ୟାସର ଅନ୍ତିମ ପର୍ଯ୍ୟାୟରେ ସ୍ପଷ୍ଟ ହୋଇଥିବା ବେଳେ ନାଟକରେ ପ୍ରାରମ୍ଭରୁ ଦର୍ଶକ ଗୋବିନ୍ଦାର ଖୁର ଯେ ସାଂଘାତିକ ଏହାର ପରିଚୟ ପାଇଯାଏ । ଉପନ୍ୟାସଟି ଊନବିଂଶ ଶତାବ୍ଦୀର ଶେଷପାଦର ଓଡ଼ିଶାର ଜନଜୀବନର ଅସ୍ୱୀକୃତ ଦସ୍ତାବିଜ, ଯେଉଁଠି ଗ୍ରାମ୍ୟ ଚାଲିଚଳଣି, ଜମି ବିବାଦ, ଜମିଦାରୀ ଶାସନ, ବିଦେଶୀମାନଙ୍କର ମନୋଭାବ ଇତ୍ୟାଦି ଚିତ୍ରିତ । ନାଟ୍ୟକାରଙ୍କର କିନ୍ତୁ ଚମ୍ପା ଉପରେ ଗୁରୁତ୍ୱ ଅଧିକ । ନାୟିକା ଭାବରେ ତାକୁ ସେ ସ୍ୱୀକୃତି ଦେଇଛନ୍ତି ଓ ଫକୀରମୋହନଙ୍କ ଅନୁସରଣରେ ତା'ର ଚାରିତ୍ରିକ ବୈଚିତ୍ର୍ୟକୁ ରୂପାୟିତ କରିଛନ୍ତି । ଉପନ୍ୟାସର ଷଷ୍ଠ ପରିଚ୍ଛେଦ 'ଚମ୍ପା'ରେ ଫକୀରମୋହନ ଲେଖନ୍ତି ''କବି ଓ ଲେଖକମାନେ ଗୋଟିଏ ନାୟିକାକୁ ପାଇଲେ ଛେନାଗୁଡ଼ ପାଇଲା ପରି ସବୁ କଥାକୁ ପାସୋରିଯାଇ ତା'ର ରୂପ ବର୍ଣ୍ଣନା କରିବାକୁ ତରବର ହୋଇ ବସି ଯାଆନ୍ତି-'' (ଛ'ମାଣ ଆଠଗୁଣ୍ଠ- ପୃ-୧୩୬ । ଏହି କଥାଟି ନାଟ୍ୟକାର ନାଟକର ଉପୋଦ୍‌ଘାତରେ ପ୍ରଥମରୁ କହିଛନ୍ତି । ଚମ୍ପାକୁ 'ହରକଳା'ରେ ପରିଣତ କରି ଔପନ୍ୟାସିକ ତୁନି ହୋଇ ବସିନାହାନ୍ତି, ତାକୁ 'ମାମୁଁ'ରେ ପୁଣି ଚିତ୍ରକଳା କରି ବଂଚାଇଛନ୍ତି । ଗୋଟିଏ କଥାରେ କହିଲେ ସବୁ ଘୃଣା, କ୍ରୁରତା ନେଇ ଗଢ଼ିଥିବା ଚରିତ୍ରଟି ଔପନ୍ୟାସିକଙ୍କ ଅଜାଣତ ବା ଜାଣତରେ ତାଙ୍କର ଶ୍ରେଷ୍ଠ କୃତି ପାଲଟିଯାଇଛି, ନାଟ୍ୟକାର ବସନ୍ତ କୁମାର ଶତପଥୀ ଛ'ମାଣ ଆଠଗୁଣ୍ଠର ଚମ୍ପାକୁ ନାୟିକା ସଜାଇ ଦର୍ଶକ ଆଗରେ ପେସ୍ କରିଛନ୍ତି ।

ଶତପଥୀ ମହାଶୟ ଉପୋଦ୍‌ଘାତ 'ଚମ୍ପା'ରେ ମୂଳରୁ ସ୍ପଷ୍ଟ କରିଛନ୍ତି ଯେ, ଏକଦା 'ମାମୁଁ' ଉପନ୍ୟାସର ନାଟ୍ୟରୂପ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ରୂପେ ପ୍ରଚଳିତ ଥିଲେ ହେଁ ସେଥିରେ ମଞ୍ଚକଳାର ଅଭାବ ପରିଲକ୍ଷିତ ହୋଇଥିଲା । ତେଣୁ ନାଟ୍ୟକଳା ସୁରକ୍ଷିତ ରଖିବାପାଇଁ 'ଚମ୍ପା' ନାଟକରେ ସଚେତନ ଭାବରେ ସେ ଉଦ୍ୟମ କରିଛନ୍ତି । ତେଣୁ ବିଭିନ୍ନ ପରିଚ୍ଛେଦର କଥାବସ୍ତୁ ବିଭାଜନ ଆଗପଛ ହୋଇପାରିଛି । ମଂଗରାଜଙ୍କ ମୃତ୍ୟୁରେ ହିଁ 'ଚମ୍ପା' ନାଟକ ପରିଣତିରେ ପହଞ୍ଚିଛି । ସତେ ଯେମିତି ମଂଗରାଜଙ୍କୁ ଦଗା ଦେଇ ତାଙ୍କର ସମସ୍ତ ସମ୍ପତ୍ତି ଲୁଟି ନେଇଥିବା ଚମ୍ପା ଗୋବିନ୍ଦାର ରୋଷର ଶିକାର ହୋଇ ନିଜ ତ୍ରୁଟିର ପ୍ରାୟଶ୍ଚିତ୍ତ କରିଛି ।

ବସନ୍ତ ଶତପଥୀ ଗାଳ୍ପିକ ଭାବରେ ପ୍ରସିଦ୍ଧ । 'ଏଣ୍ଟିରୋମାଣ୍ଟିକ' ଭଳି ଗଳ୍ପର ସ୍ରଷ୍ଟା ଯେ 'ଚମ୍ପା'କୁ ନାୟିକା କରିପାରନ୍ତି, ଏଥିରେ ଦ୍ୱିମତ ନାହିଁ ।

❑



Digitized by PPRACHIN, SOA

# ବସନ୍ତ କୁମାର ଶତପଥୀ : ଜୀବନୀ ଓ ସାହିତ୍ୟ

ଦୁର୍ଗାପ୍ରସନ୍ନ ପଣ୍ଡା

ବସନ୍ତ କୁମାର ଶତପଥୀ ମୟୂରଭଞ୍ଜ ଜିଲ୍ଲାର ପାନ୍ଧଡ଼ା ଗ୍ରାମରେ ୨୬.୬.୧୯୧୩ରେ ଜନ୍ମ ଗ୍ରହଣ କରି ୨୦.୨.୧୯୯୪ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ପାନ୍ଧଡ଼ାର ପାରେଶ୍ୱର ମହାଦେବଙ୍କ ନାମରେ ନାମିତ ପାରେଶ୍ୱର ଅପର ପ୍ରାଇମେରୀ ସ୍କୁଲରୁ ସାରା ମୟୂରଭଞ୍ଜ ଷ୍ଟେଟ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ସେ ୧୯୨୪ରେ ପଞ୍ଚମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିଲେ। ସେତେବେଳେ ଅ : ପ୍ରା : ସ୍କୁଲରେ ଇଂରାଜୀ ପରୀକ୍ଷଣୀୟ ବିଷୟ ନଥିଲା । ଶତପଥୀ ମହାଶୟଙ୍କୁ ତାଙ୍କ ଶିକ୍ଷକ ଇଂରାଜୀ ଶିକ୍ଷା ଦେଇଥିଲେ ମଧ୍ୟ ମାର୍କସିଟ୍‌ରେ ସେହି ବିଷୟ ଉଲ୍ଲିଖିତ ହୋଇନଥିବାରୁ ଶୀର୍ଷା ଏମ୍.ଇ.ସ୍କୁଲର ପ୍ରଧାନଶିକ୍ଷକ ରଘୁନାଥ ରଣା ତାଙ୍କୁ ପୁନର୍ବାର ୫ମ ଶ୍ରେଣୀରେ ପଢ଼ିବାକୁ ବାଧ କରିଥିଲେ । ବାଳକ ବସନ୍ତ କୁମାର ନିରବରେ ଅଶ୍ରୁପାତ କରି ଭାଗ୍ୟକୁ ଆଦରି ନେଲେ ଏବଂ ସବୁଦିନେ ରଘୁ ରଣାକୁ ମନ ମଧ୍ୟରେ ଇତର ପ୍ରାଣୀ ଭାବେ ସ୍ଥାନ ଦେଲେ । ଶୀର୍ଷା ସ୍କୁଲରେ ପ୍ରାୟ ଛଅ ମାସ ଅଧ୍ୟୟନ କରିବା ଭିତରେ ମାରାତ୍ମକ ବ୍ୟାଧିରେ ପଡ଼ି ରଘୁ ରଣା ମୃତ୍ୟୁବରଣ କଲେ । ଶତପଥୀ ତାଙ୍କ ଆତ୍ମଜୀବନୀ 'ମନେପଡ଼େ'ରେ ଲେଖିଛନ୍ତି, ''ରଘୁ ରଣା ଯୁଗର ଅବସାନ ଘଟିଲା ।'' ରାଜତନ୍ତ୍ରରେ ଯିଏ ଯେଉଁ ପଦରେ ଥାଏ, ସେ ଅମାନୁଷିକ ନହେଲେ, ଲୋକେ ତାକୁ ଭୟ ଅଭାବରୁ ଭକ୍ତି କରି ନଥାନ୍ତି । ଓଡ଼ିଶାର ସ୍ୱନାମଧନ୍ୟ ଐତିହାସିକ ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ବାରିପଦା ହାଇସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ ବସନ୍ତ ଶତପଥୀ ଅଷ୍ଟମରେ ନାମ ଲେଖାଇଲେ । ଶୀର୍ଷା ସ୍କୁଲରୁ ସାରା ମୟୂରଭଞ୍ଜ ଷ୍ଟେଟ୍‌ରେ ପ୍ରଥମ ସ୍ଥାନ ଅଧିକାର ସେ ବାରିପଦାକୁ ଆସିଥିବାରୁ ଡ. ପାଣିଗ୍ରାହୀ ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ । ହାଇସ୍କୁଲରେ ଡ. ପାଣିଗ୍ରାହୀ ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ । ହାଇସ୍କୁଲରେ ଡ. ପାଣିଗ୍ରାହୀ, ଶତପଥୀଙ୍କୁ 'ଜାଗରଣ' ପତ୍ରିକାର ସଂପାଦନା ଦାୟିତ୍ୱ ଦେଇଥିଲେ । ୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ସାରା ମୟୂରଭଞ୍ଜ ଷ୍ଟେଟ୍‌ରେ ପ୍ରଥମ ଏବଂ ବିଶ୍ୱବିଦ୍ୟାଳୟରେ ପଞ୍ଚମ ସ୍ଥାନ ଅଧିକାର କରି ମାଟ୍ରିକୁଲେସନ୍ ପାଶ୍ କଲେ । ୧୯୩୨ରୁ ୧୯୩୮ ପର୍ଯ୍ୟନ୍ତ ଓଡ଼ିଶାର ଶ୍ରେଷ୍ଠ ପ୍ରଜ୍ଞାପୀଠରେ ପାଦଦେଇ 'ରେଭେନ୍‌ସାଭିଆନ୍' ହେବାର ଦୁର୍ଲ୍ଲଭ ସୁଯୋଗ ତାଙ୍କ ଭାଗ୍ୟରେ ଘଟିଥିଲା । ସେ ମୟୂରଭଞ୍ଜ ମହାରାଜାଙ୍କଠାରୁ ୧୮୦ ଟଙ୍କାର ସାହାଯ୍ୟ ପାଇଥିବାରୁ ଏବଂ ମେଧା-ବୃତ୍ତି ପାଇଥିବାରୁ କଲେଜ ହଷ୍ଟେଲରେ ରହିବାର କୌଣସି ଅସୁବିଧା ଭୋଗି ନଥିଲେ । ଇଣ୍ଟରମେଡ଼ିଏଟ୍‌ରେ ପାଟଣା ବିଶ୍ୱବିଦ୍ୟାଳୟର ମେଧା ତାଲିକାରେ ତାଙ୍କ ନାମ ଥିଲା ଦ୍ୱିତୀୟରେ । ବି.ଏ.ରେ ସେ ଇଂରାଜୀ ଅନର୍ସ ଏବଂ ସଂସ୍କୃତ ରଖିଥିଲେ । ଏମ୍.ଏ.ରେ ଇଂରାଜୀ ନ ନେବାକୁ ତାଙ୍କ ବଂଧୁମାନେ ତାଙ୍କୁ ଉପଦେଶ ଦେଇଥିଲେ । ମାତ୍ର ରଘୁ ରଣାଙ୍କର ଅତ୍ୟାଚାରକୁ ସ୍ମରଣ କରି



Digitized by PPRACHIN, SOA

ସେ ଇଂରାଜୀରେ ଏମ୍.ଏ. କଲେ ଏବଂ ଦ୍ୱିତୀୟ ଶ୍ରେଣୀ ମଧ୍ୟ ପାଇଲେ, ଯାହା ସେ କାଳରେ କ୍ୱଚିତ୍ ଦେଖିବାକୁ ମିଳୁଥିଲା । ପ୍ରାକ୍ ସ୍ୱାଧୀନତା କାଳରେ ଇଂରାଜୀରେ ଏମ୍.ଏ. କରିଥିବା ପିଲାକୁ ଡିପୋଟୀ ଚାକିରି ମିଳିଯାଉଥିଲା ।

୧୯୩୭ରେ ଶତପଥୀ ମହାଶୟଙ୍କୁ ସେ ସମୟର ଶିକ୍ଷା ବିଭାଗର କିମ୍ବଦନ୍ତୀ ପୁରୁଷ ଶ୍ୟାମଚରଣ ତ୍ରିପାଠୀ ବା ତ୍ରିପାଠୀ ସାହେବ All Round Scholar Certificate ପ୍ରଦାନ କରିଥିଲେ । ସେହି ବର୍ଷ ପରିଜା ସାହେବ (ଡ. ପ୍ରାଣକୃଷ୍ଣ ପରିଜା) ମଧ୍ୟ ଶ୍ରେଷ୍ଠ ମେଧାବୀ ଛାତ୍ର ଭାବେ ତାଙ୍କୁ ଆଉ ଏକ ପ୍ରମାଣପତ୍ର ନିଜ ଦସ୍ତଖତରେ ପ୍ରଦାନ କରିଥିଲେ । ଆତ୍ମଜୀବନୀ 'ମନେପଡ଼େ'ରେ ଅଧ୍ୟାପକ ଶତପଥୀ ଲେଖିଛନ୍ତି, "ତ୍ରିପାଠୀ ସାହେବ ମୋତେ ଯେଉଁ All Round Scholar Certificate ଦେଇଥିଲେ ତାକୁ ଆଖି ଆଗରେ ରଖି ମୁଁ ଲେଖୁଛି । କଲେଜ ଛାଡ଼ିବା ସମୟରୁ ତାଙ୍କର ଓ ପରିଜା ସାହେବଙ୍କ ସାର୍ଟିଫିକେଟ ଦୁଇଟି ସାଇତି ରଖିଛି । ଏ ଦୁଇ ସାର୍ଟିଫିକେଟ ମୋର ଗର୍ବ ଓ ଗୌରବର ଧନ । All Round Certificate ମୋ ହାତକୁ ଧରାଇ ଦେବାବେଳେ ତ୍ରିପାଠୀ ସାହେବ ମୋତେ ଗୋଟିଏ ପ୍ରଶ୍ନ କରିଥିଲେ, "To which side of the River Budhabalanga do you belong ?" ତାଙ୍କ ପ୍ରଶ୍ନର କ'ଣ ଉଦ୍ଦେଶ୍ୟ ବୁଝି ନ ପାରି ମୁଁ ସିଧା ଉତ୍ତର ଦେଇଥିଲି, "To the south of the river Subarnarekha," ମୋର ବିଲାତ ନ ଯିବା ମୂଳରେ ସେଇ ସାମାନ୍ୟ ପ୍ରଶ୍ନର ଉତ୍ତର ନିର୍ଭର କରୁଥିଲା । ୧୯୩୮ରେ ଏମ୍.ଏ. ପାସ୍ କରି ପ୍ର : ଶତପଥୀ ମୟୂରଭଞ୍ଜ ରାଜାଙ୍କ ଅଧୀନରେ କାର୍ଯ୍ୟକଲେ । ପ୍ରଥମେ କିଛିଦିନ ସେ ବାରିପଦା ହାଇସ୍କୁଲରେ ରହିଲେ ଏବଂ ସାମ୍ବାଦିକତା ସମ୍ପର୍କରେ ତାଲିମ ନେବାକୁ ଛଅମାସ କଲିକତାରେ ରହିଲେ । ସେଠାରୁ ଫେରି ସେ ରାଜାଙ୍କ ପି.ଆର୍. ଡିପାର୍ଟମେଣ୍ଟ ଅଧୀନରେ କାର୍ଯ୍ୟ କଲେ ଏବଂ 'ମୟୂରଭଞ୍ଜ କ୍ରନିକ୍ଲ' ଓ 'ଭଞ୍ଜପ୍ରଦୀପ'ର ସଂପାଦନା କଲେ ।

ସ୍ୱାଧୀନତା ଆସିବାମାତ୍ରେ ଅନେକ ରାଜୁଡ଼ା ଅଞ୍ଚଳ ଓଡ଼ିଶା ସହିତ ମିଶିଲା । ମୟୂର ଭଞ୍ଜ କିନ୍ତୁ ଏକ ସ୍ୱାଧୀନ ରାଜ୍ୟ ହୋଇ ରହିଲା । ସର୍ଦ୍ଦାର ପଟେଲଙ୍କ ନିର୍ଦ୍ଦେଶରେ ରାଜୁଡ଼ା ସ୍ୱାଧୀନ ଅଞ୍ଚଳ ଭାରତର ବିଭିନ୍ନ ରାଜ୍ୟରେ ମିଶିଗଲା । ମିଶ୍ରଣ ଚୁକ୍ତିରେ ମୟୂରଭଞ୍ଜ ରାଜା ସ୍ୱାକ୍ଷର କରିବା ପାଇଁ କିଛି ସମୟ ଚାହିଁଥିଲେ । ରାଜାଙ୍କ ତରଫରୁ ମୟୂରଭଞ୍ଜର ଉନ୍ନୟନ ମନ୍ତ୍ରୀ ମହେଶ୍ୱର ନାୟକଙ୍କ ନେତୃତ୍ୱରେ ଏକ 'ଡେଲିଗେଟ୍' ଦଳ ଏଥିପାଇଁ ଦିଲ୍ଲୀକୁ ପଟେଲଙ୍କୁ ଭେଟିବାକୁ ଯାଇଥିଲେ । ଏହି ଦଳ ଭିତରେ ଥିଲେ ଶ୍ରୀଯୁକ୍ତ ଶତପଥୀ । ପଟେଲ ପ୍ରତିନିଧିଦଳକୁ କହିଲେ, "What is Mayurbhanj ? A pocket. I say, go go merge with Orissa, swim in the sea. Don't be a frog in the well." ମୟୂରଭଞ୍ଜ ୧.୧.୧୯୪୯ରୁ ଓଡ଼ିଶାରେ ମିଶିଗଲା ।

ଅଧ୍ୟାପକ ଶତପଥୀଙ୍କୁ ଓଡ଼ିଶା ସରକାରଙ୍କର ଜନ-ସମ୍ପର୍କ ବିଭାଗର ନିର୍ଦ୍ଦେଶକଙ୍କ ପି.ଏ. ଭାବେ ଅବସ୍ଥାପିତ କରାଗଲା । ପୁରୀ କଲେଜରେ ଇଂରାଜୀ ଅଧ୍ୟାପକ ପଦ ଖାଲି ହେବାରୁ ତାଙ୍କୁ ସେଠାରେ ୧୩/୯/୧୯୪୯ରେ ଅଧ୍ୟାପକ ଭାବେ ନିଯୁକ୍ତ କରାଗଲା । ୧୯୪୯ରୁ ୧୯୭୦ ପର୍ଯ୍ୟନ୍ତ ସେ ଇଂରାଜୀ ବିଭାଗର ଅଧ୍ୟାପକ ଓ ରିଡର ଭାବେ କାର୍ଯ୍ୟକରି ଅବସର ଗ୍ରହଣ କଲେ ।



Digitized by PPRACHIN, SOA

ଅନୁବାଦରୁ ଅଧ୍ୟାପକ ଶତପଥୀ ତାଙ୍କ ସାରସ୍ୱତ ସାଧନା ଆରମ୍ଭ କରିଥିଲେ । ୧୯୪୧ରେ ସେ ପ୍ରଥମ ମୌଳିକ ଗଳ୍ପ 'ଛାୟା ଓ କାୟା' ରଚନା କରିଥିଲେ ତାଙ୍କ ଦ୍ୱାରା ସଂପାଦିତ 'ଭଞ୍ଜ ପ୍ରଦୀପ'ରେ । ଫକୀରମୋହନଙ୍କ ସମ୍ପର୍କରେ ମଧ୍ୟ ସେ ଏକ ସମାଲୋଚନା ଲେଖିଥିଲେ । ମାତ୍ର ଏଇ ଦୁଇଟି ପ୍ରାଥମିକ ରଚନା ଅଦ୍ୟାବଧି ସଂଗୃହୀତ ହୋଇ ପାରି ନାହ । ୨୦ ବର୍ଷ ପରେ ଝଂକାରରେ ପ୍ରକାଶ ପାଇଲା ତାଙ୍କର ଗଳ୍ପ 'କାଣିଚିଆଁ'' (ଝଂକାର ୧୯୬୧-୧୫/୨ ସଂଖ୍ୟା) । ରେଭେନ୍ସା କଲେଜ ଛାତ୍ରାବାସ ତରଫରୁ ଗୋଟିଏ ନାଟକ 'ଘଟକ' ମଞ୍ଚସ୍ଥ ହୋଇଥିଲା, ଯାହା ତାଙ୍କ ଦ୍ୱାରା ଲିଖିତ ହୋଇଥିଲା । ଏହା ଥିଲା 'କମେଡ଼ି ଅଫ୍ ମେର୍କାର୍ସ' ବା ବ୍ୟକ୍ତିଗତ ଆଚରଣର ଏକ ଲାଳିତ୍ୟୀୟ ବାଙ୍ମୟତାର ଅଭିବ୍ୟକ୍ତି । ଏ ନାଟକକାଳ-ଚର୍ଚ୍ଚିତ ହୋଇଥିବାରୁ ଏହା ଉପରେ ଅଧିକ ମନ୍ତବ୍ୟ ଦେବା ସମ୍ଭବ ନୁହେଁ । ଆତ୍ମଜୀବନୀରେ ପୁନଶ୍ଚ କୁହାଯାଇଛି, ସେ ମୟୂରଭଞ୍ଜ ମହାରାଜାଙ୍କ ଜନ୍ମ ଦିବସରେ ଜନ୍ମଜୟନ୍ତୀ କମିଟି ଦ୍ୱାରା ପ୍ରସ୍ତାବିତ ନାଟକର ମଞ୍ଚମୂଲ୍ୟ ଏବଂ ସାହିତ୍ୟିକ ମୂଲ୍ୟର ବିକଳତା ଲକ୍ଷ୍ୟ କରି ନିଜେ ଗୋଟିଏ ନାଟକ ଲେଖିବାକୁ ଚାହିଁଥିଲେ । ସେହି ନାଟକରେ ରାଜାଙ୍କ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜପରିଷଦଙ୍କୁ ମକ୍ ହିରୋ ଭାବେ ମଞ୍ଚରେ ଛାଡ଼ିଦିଆଯାଇଥିଲା । କଲିକତା, ବମ୍ବେ, କାଶ୍ମୀର ଏବଂ ବିଲାତରେ ମଞ୍ଚମାନଙ୍କରେ ଯେଉଁ ରାଜା ନାଟକ ଦେଖିବାର ସଉକ ରଖିଥିଲେ, ଜନ୍ମଦିନ କମିଟିର ନାଟକ-ଭେଟିକୁ ସେ ଉପଭୋଗ ନକରି ନିଦ୍ରିତ ହେବାର ବିରକ୍ତିବୋଧ ମଧ୍ୟରେ ରହିଥିଲେ । ବସନ୍ତ ଶତପଥୀଙ୍କ ଛୋଟ ନାଟକ ଆରମ୍ଭ ହେବା ମାତ୍ରେ ମହାରାଜା ତାଙ୍କର ନାଟ୍ୟାମୋଦୀ ବନ୍ଧୁ କ୍ଷେତ୍ରମୋହନଙ୍କୁ ଡାକି କହିଲେ, 'ଇଏ ତ ଆମ ବସନ୍ତ ?' ହାସ୍ୟର ପ୍ରଲେପଯୁକ୍ତ ବ୍ୟଙ୍ଗ-ନାଟକକୁ ରାଜା ଉପଭୋଗ କରୁଥିବାବେଳେ ଜୟନ୍ତୀ କମିଟି ପ୍ରଚଣ୍ଡ ଚିମୁଟା ଖାଉଥିଲେ । ଏ ନାଟକ ମଧ୍ୟ କାଳ ଗର୍ଭରେ ଲୀନ । ନାଟକର ଶୀର୍ଷକ ଥିଲା, 'ଗଜଡ଼ଧପ' ।

ବସନ୍ତବାବୁଙ୍କ ସାହିତ୍ୟ ହେଉଛି ପ୍ରଳୟ ପୟୋଧିରୁ ଜୀବନ ବେଦର ଉଦ୍ଧରଣ । ୧୯୬୧ରେ ତାଙ୍କର ପତ୍ନୀ ବିୟୋଗ ଘଟିଲା । ଅନ୍ନପୂର୍ଣ୍ଣାଙ୍କୁ ଯେତେବେଳେ ଛଅ ବର୍ଷ, ବସନ୍ତବାବୁ ତାଙ୍କୁ ୧୬ବର୍ଷ ବୟସରେ ବିବାହ କରିଥିଲେ । ଆତ୍ମଜୀବନୀରେ ତାଙ୍କ ସ୍ତ୍ରୀଙ୍କୁ ସେ କେବେ ଘରକୁ ଆଣିଲେ ତାହା ଲିଖିତ ହୋଇନାହିଁ । (ଆତ୍ମଜୀବନୀର ୧ମ ଖଣ୍ଡର ଡିଟିପି ମୁଁ ଦେଖିଛି । ୨ୟ ଖଣ୍ଡର ପତ୍ତା ମିଳୁ ନାହିଁ) ସମ୍ଭବତଃ ଏହା ସୁମନ୍ୟୁ ଶତପଥୀ ଏକାଧିକ ବାର କହିଛନ୍ତି, ଯଦି ତାଙ୍କର ସ୍ତ୍ରୀ ବିୟୋଗ ଘଟି ନଥା'ନ୍ତା ସେ ହୁଏତ ଲେଖକ ହୋଇପାରି ନଥାନ୍ତେ । ସେ କହିଛନ୍ତି, "Literature has saved my life". ଅର୍ଥାତ୍ ତାଙ୍କ ସର୍ଜନାତ୍ମକ ସାହିତ୍ୟ, ତାଙ୍କ ଜୀବନର ପ୍ରଳୟ-ବେଳାରେ ଆରମ୍ଭ ।

ସେ ଲେଖିଛନ୍ତି ଫକୀରମୋହନଙ୍କ ପରି ପରିଣତ ବୟସରେ ଗଳ୍ପଲେଖା ଆରମ୍ଭ କରିଛନ୍ତି, ''କାଳ ଦୁର୍ବିପାକର କଶାଘାତ ସମ୍ଭାଳିବା ପାଇଁ, ବଞ୍ଚିବା ପାଇଁ, ଘାଆ ମୋର ଅଦ୍ୟାପି କଞ୍ଚା ।'' ''ବଞ୍ଚିବା ପାଇଁ ବାଉନ୍ ବର୍ଷ ବୟସରେ ଲେଖକ ହେଲା ପରେ ଅବଶିଷ୍ଟ ଜୀବନ ଏମିତି ଗୁଡ଼ାଏ ତୋଷାମଦିଆ ବାକ୍ୟ ପାଇଁ ଅନ୍ତତଃ ଲେଖା ଲେଖି କରିବା ଉଚିତ । ଏ ସାର୍ଟିଫିକେଟ ସବୁ (ପାଠକମାନଙ୍କ ତରଫରୁ ପ୍ରଶସ୍ତିମୂଳକ ଚିଠି) ମୋ ପାଇଁ ହଜାରିକିଆ, ପାଞ୍ଚହଜାରିଆ, ଦଶହଜାରିଆ, ଲକ୍ଷେ ବିଭକ୍ତ ହୁଇ ଅର୍ଥ ପୁରସ୍କାରଠୁ ବେଶୀ ମୂଲ୍ୟବାନ ।



Digitized by PPRACHIN, SOA

ଲୋକଙ୍କୁ ହସାଇ ହେଲା, କନ୍ଦେଇ ହେଲା ଏବଂ ସେଇ ହସକାନ୍ଦ ବା ଅନ୍ୟ ରସ ମାଧ୍ୟମରେ ନିଜର କରିହେଲା । ଉନ୍ନତ କରିହେଲା, ସେଇ ଯେଉଁ ଲେଖକଙ୍କର କ୍ଷମତା, ତାଠୁ ବଡ଼ ସମ୍ପଦ କଣ ଲୋଡ଼ା ?'' (ହାଇଦ୍ରାବାଦ ଅଙ୍କୁର-ପୃ-୧୩୮)

''ମୋ ଗଳ୍ପର ହିରୋ ହିରୋଇନ୍ ଏଣ୍ଟି-ହିରୋ ପଦ ବାଚ୍ୟ । ମୋ ଗଳ୍ପରେ ବିଧବା ଅନ୍ତଃସତ୍ତ୍ୱା, ବୁଢ଼ୀ, ବେଶ୍ୟା ସ୍ଥାନ ପାଆନ୍ତି । ମୋର ବିଶ୍ୱାସ, ମୋଡ଼ ବୁଲି ପଡ଼ିଲେ ଗପଟିଏ, ଶୂନ୍ୟରୁ ବି ସଂଖ୍ୟା ସଂଗ୍ରହ କରିହେବ, ଖାଲି ବାଁ ପଟେ ଏକ ଦୁଇ ବସାଇ ଚାଲିଲେ । ଗଳ୍ପର ଦୈନ୍ୟ ଢାଙ୍କିବା ପାଇଁ ଭାଷାର ଭୂଷଣ ଆବଶ୍ୟକ ହୋଇଥାଏ । ମୁଁ ନିଚତା ଫୁଟାଣି ଓ ଭଣ୍ଡାମି ଘୃଣା କରେ, ଏବଂ ପିନ୍ କଣ୍ଟାମାରି ରବର ବେଲୁନ୍ ଫୁଟାଇବାକୁ ଭଲ ପାଏ । ଦୁନିଆକୁ ଯେମିତି ଚିହ୍ନିଛି, ଜାଣିଛି, ତାହାହିଁ ପାଠକଙ୍କୁ ଜଣାଇବାକୁ ଚାହେଁ । ସମାଜ ସଂସ୍କାର, ବାଦ, ନୀତି, ପ୍ରଚାର ମୋ ଗଳ୍ପର ଲକ୍ଷ୍ୟ ନୁହେଁ । ଅର୍ଥ ବା ଏୱାର୍ଡ୍ ମୋର ଧ୍ୟେୟ ନୁହେଁ । ସାମାନ୍ୟରୁ ଅସାମାନ୍ୟକୁ, ଇନ୍ଦ୍ରିୟରୁ ଅତିନ୍ଦ୍ରିୟକୁ, ମେଣ୍ଟାଲ୍‌ରୁ ସୁପ୍ରାମେଣ୍ଟାଲକୁ, ଅନ୍ଧାରରୁ ଆଲୋକକୁ, ଅଜ୍ଞାନରୁ ଜ୍ଞାନକୁ, ଏକ କଥାରେ 'ମରାମରା'ରୁ 'ରାମରାମ'କୁ ମୁଁ ଗଳ୍ପ ଜରିଆରେ ଯିବାକୁ ଚାହେଁ (ଗୋଟାଏ ଆଳୁ-ମୁଖବନ୍ଧ)

''କ୍ରମାଗତ ନିୟମାନୁଯାୟୀ ଲେଖା ମୋ ଦେଇ ହୁଏ ନାହିଁ । ମୁଁ ଏକ ମନୁଆ ଷଣ୍ଢ । ସାହିତ୍ୟିକ ଜୀବନର ପ୍ରଥମ ଭାଗରେ ମୌଳିକ ଲେଖା ବିରଳ ଅଧିକାଂଶ ଅନୁବାଦ । ଅନୁବାଦ ମୋତେ ଭଲ ଲାଗେ । ଏବେ ବି Statesmanର "Now and again" ଶୀର୍ଷକର କେତେକ ଅନୁବାଦ କରୁଛି । 'ନବ ନାଟିକା' ନଅଟି ବିଂଶ ଶତାବ୍ଦୀର ଶ୍ରେଷ୍ଠ ଇଂରାଜୀ ଏକାଙ୍କିକାର ମୁକ୍ତ ଅନୁବାଦ । 'ପିଲିସଇ' ତହିଁରୁ ଗୋଟିଏ । 'ଲ୍ୟାମ୍ବଙ୍କ ସେକ୍ସପିଅର କାହାଣୀମାଳା' ଅନ୍ୟଏକ ଅନୁବାଦ ଗ୍ରନ୍ଥ । ମୂଳରଚନା ନପଢ଼ି ସେକ୍ସପିଆରଙ୍କ ପ୍ରତିଭାର ଆଂଶିକ ମୂଲ୍ୟାୟନ ଏଇ ଅନୁବାଦ ବହିରୁ କରିହେବ । ଇଂରାଜୀରେ ଗୁଡ଼ାଏ ଲଳିତ ନିବନ୍ଧ ଏହି ସମୟରେ ଅନୂଦିତ ଏବଂ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ।'' (ହାଇଦ୍ରାବାଦ ଅଙ୍କୁର-ପୃ-୧୪୧)

ଅନୁବାଦରୁ ଅଧ୍ୟାପକ ଶତପଥୀଙ୍କ ସାହିତ୍ୟିକ ଜୀବନ ଆରମ୍ଭ ହୋଇଥିବାରୁ ତତ୍ ସମ୍ପର୍କରେ ଏଠାରେ କିଞ୍ଚିତ୍ ସୂଚନା ଦିଆଯାଇଛି । ବାରିପଦା ହାଇସ୍କୁଲରେ ପଢ଼ିବାବେଳେ 'ଜାଗରଣ' ନାମକ ସ୍କୁଲ ହଷ୍ଟେଲ୍‌ର ଗୋଟିଏ ପତ୍ରିକା ବାହାରୁଥିଲା । ସେହି ପତ୍ରିକାରେ The Piper ନାମକ କବିତାକୁ ସେ ଅନୁବାଦ କରି ପ୍ରକାଶ କରିଥିଲେ । ଏହାର ପ୍ରଥମ ପଦ ହେଲା,

ବଂଶୀବାଇ ଅଧିତ୍ୟକା ନିଛାଟିଆ ପଥେ
ଗାଉଁ ଗାଉଁ ସୁମଧୁର ଗାନ
ଦେଖିଲି ବଉଦ କୋଳେ ଏକ କ୍ଷୁଦ୍ରଶିଶୁ
ହସି ହସି ବୋଲଇ ବଚନ ।

(ମନେପଡ଼େ -ପ୍ରୁଫ୍ କପି- ପୃ-୬୭)



Digitized by PPRACHIN, SOA

ଏହି କବିତାର ପ୍ରକାଶ କାଳ ୧୯୨୯ । ପରବର୍ଷ ସେଇ ପତ୍ରିକାରେ ହୁଡ୍‌ଙ୍କ I remember I rememberର ଅନୁବାଦ ପ୍ରକାଶ ପାଇଲା, ଯାହାର ପ୍ରଥମ ସ୍ତବକଟି ଏହିପରି-

ମନେପଡ଼େ ମୋର ବାଉଁଶ ଝାଡଲୋ
କେଡ଼ ଉଚ୍ଚ ପୁଣି କେଡ଼େ ଅନ୍ଧାର
ମଣୁଥିଲି ତାର ସରୁଆ ଅଗଟି
ଛୁଇଁଥିବ ପରା ସରଗ ପୁର ।
ମାତ୍ର ସେଇ ସବୁ ଶିଶୁ କଳପନା
ଏବେ ଜାଣିଲି ମୁଁ ଦୁଃଖ ଅନ୍ତରେ
ପ୍ରଭୁଙ୍କଠୁ ମୁହିଁ ବାଲ୍ୟକାଳୁ ଏବେ
ପଡ଼ି ରହିଲିଣି ବହୁ ଦୂରରେ । (ତତ୍ରୈବ)

ଅଧ୍ୟାପକ ଶତପଥୀ 'Tales from Shakespeare' ଗ୍ରନ୍ଥର ମୋଟ କୋଡ଼ିଏଟି ଗଳ୍ପରୁ ୧୪ଟି "ଲ୍ୟାମ୍ବଙ୍କ ସେକ୍ସପିଅର କାହାଣୀ ମାଳା"ରେ ସ୍ଥାନିତ କରିଛନ୍ତି । ଏଇ ଚଉଦଟି ଅନୁବାଦ ହେଲା-

ରୋମିଓ ଓ ଜୁଲିଅଟ୍, ଚଇତି ରାତିର ସ୍ୱପ୍ନ (Mid summer Night's Dream), ଭେନିସ୍‌ର ସୌଦାଗର (Merchent of Venice), ତୁଚ୍ଛାକୁ ଏତେ (Much Ado, About Nothing), ଯାହାର ଯହିଁକି ମନ ଖୁସି (As you like it), ମଉଛବ ରାତି ବା ତୁମେ ଯାହା ଚାହଁ (Twelfth Night), ହେମ୍‌ଲେଟ୍, ଅଥେଲୋ, କିଙ୍ଗଲିଅର, ମାକ୍‌ବେଥ୍, ଶିମ୍ବେଲାଇନ୍, ଶୀତଦିନିଆ କାହାଣୀ (The winters Tale), The Tempest ଓ ଜୁଲିୟାସ୍ ସିଜାର୍ । ଏହି ଅନୁବାଦ ଗ୍ରନ୍ଥର ଏକ ଦୀର୍ଘ ମୁଖବନ୍ଧରେ ସେକ୍ସପିଅରଙ୍କ ନାଟକ ସମ୍ପର୍କରେ, ତାଙ୍କ ଜୀବନାୟନ, ଚାର୍ଲସ ଲ୍ୟାମ୍ ଏବଂ ମେରୀ ଲ୍ୟାମ୍‌ଙ୍କ ଜୀବନ କାହାଣୀ, ସେମାନଙ୍କ ଅନୁବାଦରେ ମୂଳ ନାଟକରୁ ବର୍ଜିତ ହୋଇଥିବା ଦୃଶାବଳୀ ଆଦି ଆଲୋଚିତ ହୋଇଛି । ଲ୍ୟାମ୍ବଙ୍କୁ କାହିଁକି ଅନୁବାଦ କଲେ, ସେ ପ୍ରସଙ୍ଗରେ କହିଛନ୍ତି, "ପନ୍ଦର ଷୋଳ ବର୍ଷର ଅଧ୍ୟାପକ ଜୀବନରୁ ମୋର ଏଇ ଧାରଣା ହେଲା ଯେ, ଯଦି କେହି ଇଂରାଜୀ ଅଧ୍ୟାପକ ଗବେଷଣାକରି ରାଶି ରାଶି ନିବନ୍ଧ ଭାରତରେ ଇଂରାଜୀରେ ଲେଖେ, ତାହା କେବେ ଇଂଲଣ୍ଡ ଆମେରିକାରେ ସ୍ଥାନ ପାଇବ ନାହିଁ । ତାଙ୍କ ଇଂରାଜୀ ଜ୍ଞାନ ଓ ପ୍ରୀତିର ଯଥାର୍ଥ ସଦ୍ ବ୍ୟବହାର ହେବ ଯେବେ ସେ ଲବ୍‌ଧ ଜ୍ଞାନର ଆବଶ୍ୟକ ଅଂଶଦ୍ୱାରା ନିଜ ମାତୃଭାଷାକୁ ପରିପୁଷ୍ଟ କରିପାରିବେ ।" (ଲ୍ୟାମ୍ବଙ୍କ ସେକ୍ସପିଅର କାହାଣୀମାଳା-୧୯୭୬-ମୁଖବନ୍ଧ) ଅଧ୍ୟାପକ ଶତପଥୀ ଏହି ଗ୍ରନ୍ଥରେ ଯାହା ସୂଚାଇଛନ୍ତି ସେଥିରୁ ଜଣାଯାଏ ଯେ, ସେକ୍ସପିଅର ୧୫୬୪ରେ ଜନ୍ମ ଗ୍ରହଣ କରି ୫୨ ବର୍ଷର ଜୀବନ କାଳମଧ୍ୟରେ ମୋଟ ୩୫ ଖଣ୍ଡି ନାଟକ ଲେଖିଥିଲେ । ନିଜର ଏଇ ଅନୁବାଦ ଗ୍ରନ୍ଥକୁ 'ଆକ୍ଷରିକ' କହି ଏଥିରେ ବାଘ (ସେକ୍ସପିଅର) ନ ଦେଖି ବିରାଡ଼ି (ତାଙ୍କର ଏକ ଖର୍ବୀକୃତ ରୂପ) ଦେଖିବା ସାର ହେବ ବୋଲି ଘୋଷଣା କରିଛନ୍ତି ।



Digitized by PPRACHIN, SOA

ଗୋଟିଏ ସାକ୍ଷାତ୍‌କାରରେ ଶତପଥୀ ମହାଶୟ କହିଛନ୍ତି- "ମୁଁ ଜାଣିପାରିଲି ମୋର Dramatic Intellect ଅଛି କିନ୍ତୁ Epic- Intellect ନାହିଁ ।" (ଚିରବସନ୍ତ- ୨୫.୫.୯୨ରେ ଲେଖକଙ୍କ ସହିତ ଗଣେଶ ପ୍ରସାଦ ଦାସ ଓ ବିରାଜ ମୋହନ ଦାସଙ୍କ ସାକ୍ଷାତ୍‌କାର (ପୃ. ୧୨୨) ତେଣୁ ସେ ନଅଗୋଟି ଛୋଟ ନାଟକର ଅନୁବାଦ ଆରମ୍ଭ କରିଥିଲେ । 'ନବନାଟିକା' (୧୯୬୦)ରେ ମୋଟ୍ ନଅ ଗୋଟି ଛୋଟ ନାଟକର ଅନୁବାଦ ସ୍ଥାନିତ । ଏଗୁଡ଼ିକ ହେଲେ-

The Discovery by Hermon Ould - 'ଆବିଷ୍କାର'

The Bishops Candle Stick - 'ପିଲିସଜ'

The Old Blue-by Bernard Gilbert - 'ଲକ୍ଷ୍ମୀ'

Birds of a Feather by J.D.Francis- 'ସର୍ବେ ସମାନ'

Abu Hassan pays his Debt by Hardlington - 'ପରିଶୋଧ'

Admiral Peters by Horace mills and Goccobs - 'କର୍ଣ୍ଣେଲ ମହାନ୍ତି'

The Price of Coal by H.Brighouse- 'କୋଇଲାର ଦାମ'

Riders to the Sea by J.M.Singe - 'ସମୁଦ୍ର ପଥେ'

Death Trap-by H.H.Munro - 'ମୃତ୍ୟୁଫାଶ'

'ନବ ନାଟିକା'କୁ ସେ "ମୁକ୍ତ ଅନୁବାଦ" ବୋଲି କହିବାର ତାତ୍ପର୍ଯ୍ୟ ହେଲା, ଅଧିକାଂଶ ଅନୁବାଦରେ ଉତ୍କଳୀୟ ପରିବେଶ, ଉତ୍କଳୀୟ ଚରିତ୍ର ଏବଂ ଉତ୍କଳ ଭୂଖଣ୍ଡ ଆରୋପିତ । 'ପିଲିସଜ' ଦୀର୍ଘଦିନ ଧରି ପାଠ୍ୟପୁସ୍ତକରେ ରହିଥିବାରୁ ଏବଂ ଏହା ହୃଦୟସ୍ପର୍ଶୀ ହୋଇଥିବାରୁ, ଏହାର ପ୍ରସାର ବ୍ୟାପକ । ଆମ ଉତ୍କଳୀୟ ପରିବେଶରୁ 'ପିଲିସଜ'ରେ ଆଚାର୍ଯ୍ୟ, ଚୋର, ସାବିତ୍ରୀ, କୁଣିଆ, ପୋଲିସ ଏସ୍ ଆଇ, କନେଷ୍ଟବଳଙ୍କୁ ସଂଗ୍ରହ କରି ମୂଳ ନାଟକକୁ ଉତ୍କଳୀୟ କରି ନାଟ୍ୟକାର ଉପସ୍ଥାପନ କରିଛନ୍ତି । ମନୁଷ୍ୟ ବାହ୍ୟତଃ ସାଧୁ ବା ଚୋର ହୋଇପାରେ ମାତ୍ର ତା'ର ଅନ୍ତସ୍ଥ ପ୍ରକୃତିରେ ଦେବତା ସମାସୀନ । ଭିନ୍ନ ପରିବେଶ, ଦେବତ୍ୱକୁ ନେଇ ଜନ୍ମ ହୋଇଥିବା ମଣିଷକୁ, ହୁଏତ କିଛି କୁକର୍ମ କରିବାକୁ ପ୍ରବର୍ତ୍ତାଇ ଥାଏ । ଏହାହିଁ ପିଲିସଜରେ କଥିତ ।

ସେ ଇଂରାଜୀରୁ ଏବଂ ବଙ୍ଗଳାରୁ ଓଡ଼ିଆକୁ ଅନୁବାଦ କରିଛନ୍ତି । ତାଙ୍କ ରମ୍ୟ ରଚନା ଅନୁବାଦରୁ ଆରମ୍ଭ ଏବଂ ଅନୁବାଦ କରୁ କରୁ ସେ ନିଜର ମୌଳିକ ସୃଷ୍ଟି ପ୍ରତି ସଚେତନ ହୋଇଛନ୍ତି । ଆମ୍ଭେମାନେ ତାଙ୍କ ଦ୍ୱାରା ସଂପାଦିତ ଏକ ଅମୂଲ୍ୟ ଗ୍ରନ୍ଥ "Phakir Mohan : his life and literature" ପାଇଛୁଁ- ଅଧୁନା ଏହି ଗ୍ରନ୍ଥ ଦୁର୍ମିଳ । ଏଥିରେ ସୁରେନ୍ଦ୍ର ମହାନ୍ତିଙ୍କ ମୁଖବନ୍ଧ, ଅଧାପକ ଶତପଥୀଙ୍କ ଫକୀରମୋହନଙ୍କ ରଚନାରୁ ପାଞ୍ଚଗୋଟି ଅନୁବାଦ, ଗୋଟିଏ ସମାଲୋଚନା, Dr. J.V. Boulton, Ka Naa Subramanyam, Dr Mayadhar Mansingha, Chittaranjan Das, Dr Khageswar Mohapatra, Samarballav Mahapatra, Dr. Janakiballav Mohanty, Dr Sitakanta Mohapatra, Samarendra Kundu, Jayanta Mohapatra ଆଦିଙ୍କର ଲେଖା ସ୍ଥାନ ପାଇଛି । ତାଙ୍କର ଇଂରାଜୀ ଅନୁବାଦ



Digitized by PPRACHIN, SOA

କିପରି ସାବଲୀଳ ତା'ର ସୂଚନା ଦେବା ଲକ୍ଷ୍ୟରେ ତାଙ୍କଦ୍ୱାରା ଅନୁଦିତ 'ଆତ୍ମଜୀବନ ଚରିତ' ଓ 'ଧୂଳିଆ ବାବା'ରୁ କିଛି ଅଂଶ ଉଦ୍ଧାର କରୁଛି ।

xxx. The present Mahant is Bandar Das Mahant Maharaj. No where on earth will anybody come across such a massive figure and gigantic personality. He is five hands tall, his cheeks and chin touch his chest. The neck is sceàrcely visible. His arms are as big as other people's thighs. The belly is like a huge pot capable of boiling five nouties (20kilo) of paddy. A stranger, at first sight,would think him to be nude. No, this is not the fact. He has undoubtedly put on a dark loin cloth, three feet long and six inches wide. But as his thighs touch each other and the belly protrudes down ward the loin cloth is scarcely noticed.

Immesurable and strong are the magical powers of this Mahant too. There are so many richly furnished beds in the tample chambers but the Mahant prefers rolling on the dust to sleeping on one of these. So he is always dusty all over. He neither bathes nor washes himself. So he is called the Dusty Fakir. Though the "Matha" is rich in wealth and delicious food, he touches nothing. Only ten seers of pure milk is boiled to reduce it to five till a thick reddish layer of cream settle on the top. This is offers to the Deity at noon and the Mahant lives on this little thing. All that he needs for the day is a tola of opium and a quarter seer of Ganja for his smoke. The smoking pipe or 'chillum' which is a hand-long, never leaves his hand.

(FakirMohan : His life & Literature-P36)

Rajasaheb of Daspalla and his Dewan

xxx As soon as I was seated, the Raja Saheb began to scrutinise my physical features from tip to be again and again. While his eyes were guided to my body, his fisted right hand was busy behind his back turning the thumb right and left. Furtively he cast significant glances at the admiring attendants and 'Padhans'. The Raja Saheb had a fantastic notion that all thin people were dull-writted and therefore, concluded that I was an idiot as I was lean and thin.So he advised me to take a good quantity of ghee to make myself intelligent. His argument was that ghee would increse my fat, and fatness, in its turn, would swell my wits. For a long time therefore, two seers of ghee were regularly supplied to me every day.



Digitized by PPRACHIN, SOA

x x x

Once the Raja Saheb had been pleased to pay an august visit to Cuttack. He came to know some how the existence of a college called the Ravenshaw college. His highness was immediately please to say, "We understand that there is a college at cuttack where students read and write. We would like to see what sort of thing it is." When the Raja Saheb arrived at the college, the Professors came out to receive him cordially and showed him round the classes and the buildings. Thereafter they seated him in the Library Room and placed before the distinguished guest the Visitors' Book, inkpot and quill-pen. The Raja Saheb saw the book and said, "What's all this ?" The reply made was, "Your Highness ! This is the Visitors'Book where, your Highness, if you so please, may record your impression. Pat came the reply, "Most certainly, we would like to pass orders on our behalf. Tell us where we shall write."

x x They had noticed the speed and fluent movement of his Highness' hand and thought that he had recorded many things. They sent for the local pandit to decipher the writings in Oriya. No wonder, all of them burst out into peals of Laughter when they came to know the contents."

(The Rajasaheb of Daspalla and his Dewan- Phakhirmohan : His life and literature p-2-22)

ଅନୁବାଦ ପ୍ରସଙ୍ଗରେ ଦୀର୍ଘ ଉଦ୍ଧୃତି ଦେବାର କାରଣ ହେଲା, ଅଧ୍ୟାପକ ଶତପଥୀଙ୍କ ସଂପାଦନାରେ ପ୍ରସ୍ତୁତ ଇଂରାଜୀ ଗ୍ରନ୍ଥଟି ବର୍ତ୍ତମାନ ଏକାନ୍ତ ଭାବେ ଦୁର୍ମିଳ । ଅଣ ଓଡ଼ିଆ ପାଠକମାନେ ଉଦ୍ଧୃତାଂଶକୁ ପଢ଼ି ଫକୀରମୋହନଙ୍କ ସମୟରେ ରାଜାମାନଙ୍କ ଚରିତ୍ର ସମ୍ପର୍କରେ ଏହି ଉଦ୍ଧୃତିରୁ କିଛି ଜାଣିପାରିବେ ।

ଅଧ୍ୟାପକ ଶତପଥୀ ଫକୀରମୋହନ କଲେଜରେ ଥିବା ବେଳେ 'The Fakir' ନାମକ କଲେଜର ମାଗାଜିନ୍ ଏଡିଟ୍ କରୁଥିଲେ । ସେ ବାଲେଶ୍ୱର ଜିଲା ସ୍କୁଲର ଏକ ପୁରୁଣା ମାଗାଜିନ୍ 'ଉଷା'ର ପ୍ରଚ୍ଛଦପଟରେ ଦେଖିଲେ, ଭାରତର ପ୍ରଖ୍ୟାତ ଚିତ୍ର ଶିଳ୍ପୀ ଗୋପାଳ କାନୁନ୍‌ଗୋଙ୍କ ର ଏକ ଚିତ୍ର ରହିଛି । ଏହି ଚିତ୍ରଟି ରାଧାନାଥ ରାୟଙ୍କ 'ନନ୍ଦିକେଶ୍ୱରୀ' କାବ୍ୟର ଏକ ଦୃଶ୍ୟ ଉପରେ ଆଧାରିତ । ନନ୍ଦିକା ନିଶାର୍ଦ୍ଧରେ ପିତା ସୁବର୍ଣ୍ଣ କେଶରୀଙ୍କ ମସ୍ତକରୁ ମଣି ଚୋରି କରି ଚୋଳ ଗଂଗଙ୍କ ଶିବିରକୁ ସହକାର ଦ୍ରୁମ ପରିପୂର୍ଣ୍ଣ ପ୍ରାନ୍ତର ଦେଇଯାଉଛି ।

କଲେଜ ମାଗାଜିନ୍‌ରେ ସେହି ଚିତ୍ରଟିକୁ ପ୍ରଚ୍ଛଦପଟରେ ସ୍ଥାନିତ କରି ସେ ରାଧାନାଥଙ୍କ କାବ୍ୟର (ନନ୍ଦିକେଶ୍ୱରୀ) ଏକ ଭାବାନୁବାଦ ପ୍ରସ୍ତୁତ କରିଛନ୍ତି । ଏଠାରେ ତାହାକୁ ଉଦ୍ଧାର କରିବାର



Digitized by PPRACHIN, SOA

ଇଚ୍ଛା ଥିଲେ ମଧ୍ୟ ବାହୁଲ୍ୟ ଭୟରେ ମୁଁ ତାହା ଦେଉ ନାହିଁ, ଗଦ୍ୟରେ 'ନନ୍ଦିକେଶ୍ୱରୀ'ର ମର୍ମ ପ୍ରସ୍ତାବିତ ହୋଇଥିଲେ ମଧ୍ୟ ତାହା କାବ୍ୟିକ ଧର୍ମରେ ଯେ ଦୀକ୍ଷିତ- ଏହା ଅବଶ୍ୟ କୁହାଯାଇପାରିବ ।

ବସନ୍ତ କୁମାର ଶତପଥୀ ତାଙ୍କ ଗଳ୍ପ ପାଇଁ ଯେତିକି ପ୍ରଶଂସାର୍ହ, ତାଙ୍କ ରମ୍ୟ ରଚନା ପାଇଁ ମଧ୍ୟ ସେତିକି ବିଖ୍ୟାତ । ସେ ଦୁଇପ୍ରକାର ରମ୍ୟରଚନାରେ ହାତ ଦେଇଛନ୍ତି- ଅନୁବାଦଭିତ୍ତିକ ଏବଂ ମୌଳିକ ।

ଅଧ୍ୟାପକ ବସନ୍ତ ଶତପଥୀଙ୍କ ରମ୍ୟ ରଚନାଗୁଡ଼ିକ 'ବାସନ୍ତୀ ରମ୍ୟ ରଚନା ମାଳା' ଶୀର୍ଷକରେ ପ୍ରକାଶିତ ହେବା ପାଇଁ ପ୍ରେସକୁ ସେ ବଞ୍ଚିଥିବା ବେଳେ ଯାଇଥିଲା । ଅଦ୍ୟାବଧି ତାହା ପ୍ରକାଶିତ ହୋଇନାହିଁ । ସେଗୁଡ଼ିକୁ ବିଭିନ୍ନ ପତ୍ରପତ୍ରିକା ପୃଷ୍ଠାରୁ ସଂଗ୍ରହ କରି ମୁଁ କେତୋଟି ପଢ଼ିଛି । ପ୍ରଫେସର ଶତପଥୀଙ୍କ ସହିତ ବ୍ୟାସବିହାରରେ କାର୍ଯ୍ୟ କରିବାବେଳେ ମୁଁ ମୋ ଗବେଷଣା ନିବନ୍ଧ 'ଓଡ଼ିଆ ସାହିତ୍ୟରେ ହାସ୍ୟରସର ଧାରା' ପ୍ରସ୍ତୁତ କରିବା ଅବସରରେ ତାଙ୍କୁ ସାକ୍ଷାତ୍ କରିଥିଲି । ସେ ମୋତେ ୧୯୮୨ ସୁଦ୍ଧା ପ୍ରକାଶିତ ତାଙ୍କର ରମ୍ୟ ରଚନାର ଯେଉଁଗୁଡ଼ାକ ଅନୁବାଦ ଅନୁସୃଜନ ସୂତ୍ରରେ ପ୍ରସ୍ତାବିତ ତତ୍ ସମ୍ପର୍କରେ କିଛି ସୂଚନା ଦେଇଥିଲେ । 'ବୁଢ଼ାବାବୁ' Max Been Bhomଙ୍କ Seeing people off, 'ଭୁଲାମନ' Lynd ଙ୍କ Forgetting, 'ଶିକ୍ଷା ସଂସ୍କାରର ଗୋଟିଏ ଦିଗ' Bellock ଙ୍କ On the need of educational reform, 'ମୋ କଲେଜ' 'Stephen Leacockଙ୍କର My college, 'ତର୍କ ବିତର୍କ' Lyndଙ୍କ On Arguing, 'ଚାଟୁ' Chestrtonଙ୍କ On the worship of the wealthy, 'ଆଜ୍ଞା ଟିକିଏ ଦୟାକରି' Gardiner ଙ୍କ On saying please, 'ଦୁଗ୍ଧ ପୋଷ୍ୟ', Dean ingeଙ୍କ Spoon feedingର ଅନୁସରଣରେ ଲିଖିତ ହୋଇଛି । 'ବୁଢ଼ାବାବୁ'କୁ ପରେ ସେ ତାଙ୍କର ମୌଳିକ ରମ୍ୟ ରଚନା ବୋଲି କହିଛନ୍ତି କାରଣ Max been Bhomଙ୍କ ମାର୍କେଟ ମଧ୍ୟରେ ଲୋକମାନଙ୍କଠାରୁ ବିଦାୟନେବା ପ୍ରସଙ୍ଗ ଦ୍ୱାରା ସେ କେବଳ 'ବୁଢ଼ାବାବୁ' ଲେଖିବାକୁ ପ୍ରେରଣା ମାତ୍ର ପାଇଛନ୍ତି ।

'ଝଂକାର'ରେ (୨୫/୭) ସଂଖ୍ୟା 'ବୁଢ଼ାବାବୁ' ପ୍ରକାଶ ପାଇବା ପରେ ତାଙ୍କୁ ଶ୍ରଦ୍ଧାରେ ତାଙ୍କ ସମବୟସ୍କ ବଂଧୁମାନେ 'ବୁଢ଼ାବାବୁ' ଡାକିଲେ ।

ଇଂରାଜୀରୁ ଅନୁସୃଜିତ ରମ୍ୟ ରଚନାଗୁଡ଼ିକୁ ସାମୂହିକ ଭାବେ ଆଲୋଚନା ନ କରି ଏଠାରେ ଦୁଇଟିର ତୁଳନାତ୍ମକ ବାଖ୍ୟା ଦେଉଛି । ରର୍ବଟ ଲିଣ୍ଡଙ୍କ 'I Tremble to think' ଗ୍ରନ୍ଥରେ Forgetting ପ୍ରବନ୍ଧ ରହିଛି । ଲିଣ୍ଡ (୧୮୭୯-୧୯୭୯)ଙ୍କ ଫର୍ଗେଟିଂ 'ଭୁଲାମନ'ରେ ସ୍ଥାନ, କାଳ, ପାତ୍ରର ସରହଦ ଭିନ୍ନତା ପ୍ରାପ୍ତ ହୋଇଛନ୍ତି । ପଦ୍ମଶ୍ରୀ ମନୋଜ ଦାସଙ୍କ 'ଦୂର ଦୂରାନ୍ତର' (୧୯୭୭) ଭ୍ରମଣ କାହାଣୀରେ 'ଗୀତାଞ୍ଜଳିଠାରୁ ଛତା ପର୍ଯ୍ୟନ୍ତ' ଶୀର୍ଷକ ରଚନାରେ କଥାକାର ଶତପଥୀଙ୍କ 'ଭୁଲାମନ'କୁ ସ୍ମରଣ କରି ପ୍ରଫେସର ଦାସ ଲେଖିଛନ୍ତି, 'ବାସ୍ତବିକ ଭୁଲାମନ ସହିତ ଛତାର ସମ୍ପର୍କ ଅବିଚ୍ଛେଦ୍ୟ ।' (ଦୂର ଦୂରାନ୍ତର (୧୯୮୭) ସଂସ୍କରଣ ପୃ.୨୫) ନିଜେ ମନୋଜ ଦାସ ତାଙ୍କର ଛତାଟିକୁ ଲଣ୍ଡନର କୌଣସି ଏକ ଟ୍ରେନ୍‌ରେ ଛାଡ଼ି ଆସି ବସନ୍ତ



Digitized by PPRACHIN, SOA

ଶତପଥୀଙ୍କ 'ଭୁଲାମନ'ରେ ଥିବା ପଙ୍‌କ୍ତିମାନ ସ୍ମରଣକୁ ଆଣିଥିଲେ । ୧୯୧୨ରେ ଲଣ୍ଡନ ଯାତ୍ରାବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଟ୍ରେନ୍‌ରେ 'ଗୀତାଞ୍ଜଳି'ର ପାଣ୍ଡୁଲିପି ଥିବା ସୁଟ୍‌କେସଟିକୁ ଛାଡ଼ି ଆସିଥିଲେ । ମାତ୍ର ସେତେବେଳେ ଲଣ୍ଡନର ଲୋକ ଚରିତ୍ର ସ୍ୱଚ୍ଛ ଥିବାରୁ 'ହୃତ୍ ସମ୍ପଦ ଅଫିସ' (Lost Luggage Office)ରୁ ତାହା ମିଳିଥିଲା । ମାତ୍ର ତାର ୫୦ ବର୍ଷ ପରେ ଜଣେ ଯୁବତୀ ମନୋଜଙ୍କ ଛତାଟିକୁ ପାଖରେ ରଖିନେଇଥିଲେ । ହୃତ୍ ସମ୍ପଦ ଅଫିସ୍‌ରେ ମନୋଜ ବାବୁ ସ୍ତୂପୀକୃତ ଛତାର ପାହାଡ଼କୁ ଦେଖି ପୃଥିବୀରେ କେତେ ଯେ ଭୁଲାମନ ଅଛନ୍ତି ତାହା ଭାବି ବିସ୍ମିତ ହୋଇଥିଲେ । ବସନ୍ତ ଶତପଥୀ ଲେଖିଛନ୍ତି, 'ଦୁନିଆରେ ଛତା ନ ହଜାଇଥିବା ଜଣେ ହେଲେ ନାହାନ୍ତି ।' ସେ ପୁନଶ୍ଚ ତାଙ୍କ 'ଭୁଲାମନ'ରେ ଲେଖିଛନ୍ତି, 'ଭୁଲିବା ଏକ ବିଭୁଦତ୍ତ ରକ୍ଷା କବଚ ।'

A.G. Gardiner (1865-1946)ଙ୍କର 'On Saying Please' ର ଅନୁସରଣରେ ଲେଖାଯାଇଛି 'ଆଜ୍ଞା ଟିକିଏ ଦୟାକରି ।' ମୂଳ ଲେଖାର ଆରମ୍ଭ ଏବଂ ବସନ୍ତ ଶତପଥୀଙ୍କ ଲେଖାର ଆରମ୍ଭ ଦୁଇଟିକୁ ତୁଳନା କରନ୍ତୁ । ଗାର୍ଡିନାର୍-The young liftman in a city office who threw a passenger out of his lift the other morning, and was fined for the offence, he was undoubtedly in the wrong, It was a question of 'please'. The complaint entering the lift said, 'Top', The liftman demanded, 'Top please'. ଏହାର ଅର୍ଥ- 'ନଗର ଦପ୍ତରରେ ଲିଫ୍ଟରେ ଲୋକମାନଙ୍କୁ ନେବା ଆଣିବା କରୁଥିବା ଲୋକଟି ଦିନେ ସକାଳେ ଜଣେ ଯାତ୍ରୀଙ୍କୁ ଲିଫ୍ଟରୁ ପେଲିଦେବାର ଅପରାଧରେ ଦଣ୍ଡିତ ହୋଇଥିଲା, କାରଣ ତଳକୁ ପେଲିଦେବା ନିଶ୍ଚିତଭାବେ ଏକ ଭୁଲ୍ କାମ । ଯଦି ଯାତ୍ରୀଜଣକ 'ଉପରତାଲା' ନ କହି 'ଦୟାକରି ଉପରତାଲାକୁ, କହିଥାନ୍ତା, ତେବେ ଏ ଅଘଟଣ ଘଟି ନଥାନ୍ତା ।'

ଲେଖକ ବସନ୍ତ ଶତପଥୀ-

ସେଦିନ ସେକ୍ରେଟେରିଏଟ୍‌ରେ ଯେଉଁ ଟୋକା ଲିଫ୍‌ଟବାଲାଟି କିରାଣିବାବୁଙ୍କୁ ଭିଡ଼ିଓଟାରି ଲିଫ୍‌ଟରୁ ବାହାର କରିଦେବା ଅପରାଧରେ ଜୋରିମାନା ଦଣ୍ଡ ଭୋଗିଲା ତାକୁ ଆମେ ଦୋଷୀ ବୋଲି ଅବଶ୍ୟ କହିବୁଁ । ମାନସମ୍ମାନ, ଭଦ୍ରତା, ଶିଷ୍ଟାଚାର ବା ଆଜ୍ଞା ଅବଧାନ ନେଇ ଦୁହିଁଙ୍କ ମଧ୍ୟରେ କଳି ଆରମ୍ଭ ହେଲା । କିରାଣିବାବୁ ଲିଫ୍‌ଟ ଭିତରକୁ ପଶିଯାଇ ହାକିମାତି ଦେଖାଇ କହିଲେ, 'ଉଠାଉପର ତାଲାକୁ' । ଲିଫ୍‌ଟବାଲା ରାଗିଯାଇ ତୁରନ୍ତ ଜବାବ ଦେଲା 'ଉଠାଓ ବୋଲି କହନ୍ତୁ ।' (ଝଂକାର ୧୭/୩) ବସନ୍ତବାବୁଙ୍କ ଲିଫ୍‌ଟବାଲାର ନାମ 'ରଘୁନାଥ' । ସେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସଭାପତି । 'କିରାଣି ବାବୁଙ୍କୁ ସେ ଡରିବ କାହିଁକି ?' କିରାଣିବାବୁ ତ ଦିନସାରା ରାଗ ତମତମ ।' ଘରକୁ ଫେରି ସେ କାହାକୁ ନିଜର ଟାଣ ପଣ ଦେଖାଇବେ ?

'ଶାଶୂ ମାରୁଥାଏ ବହୂକୁ,
ବୋହୂ ଛାର ହୋଇ କାହାକୁ ମାରିବ
ମାରୁଥାଏ ଚୁଲିମୁଣ୍ଡକୁ ।'



Digitized by PPRACHIN, SOA

(ଦ୍ୱିତୀୟ ଧାଡ଼ିରେ 'ଛାର ହୋଇ' ସ୍ଥାନରେ କେହି କହି କହନ୍ତି 'ରାଣ୍ଡଝିଅ' ।) ବଡ଼ବାବୁ ତାଙ୍କ ଅଫିସ୍‌ରେ ଅଫିସରଙ୍କଠାରୁ ଗାଳି ଖାଇବା, ବଡ଼ବାବୁ ତଳିଆ କିରାଣିମାନଙ୍କୁ ଗାଳିଦେବା ଆଦି କଥା ବସନ୍ତବାବୁ ଯାହା ଲେଖିଛନ୍ତି ତାହା ମୂଳ ଇଂରାଜୀ ପ୍ରବନ୍ଧରେ ନାହିଁ । ତେଣୁ ସେ ତାଙ୍କ ଅନୁବାଦକୁ 'ମୁକ୍ତ ଅନୁବାଦ' କହିଛନ୍ତି ।

ଗାର୍ଡିନାର ଦୁଇ ପ୍ରକାର ବସ୍ କଣ୍ଡକ୍ଟରଙ୍କ ସମ୍ପର୍କରେ ଲେଖିଛନ୍ତି । ସେ ଲେଖିଛନ୍ତି, "It is always fine weather on the polite conductor's bus and his own activity, his conciliatory dress and good humoured bearing infected his passengers. In lightening their spirits, he lightened his own task. His gaity was not a wasteful luxury, but a sound investment."

କଥାକାର ଶତପଥୀ ଭଲ କଣ୍ଡକ୍ଟରଙ୍କ ସମ୍ପର୍କରେ କହିଛନ୍ତି, ''ମୋ ବନ୍ଧୁ ସୁଶୀଳ କଣ୍ଡକ୍ଟରଙ୍କ କଥା ଉଲ୍ଲେଖ କରୁଛି । ମୋର ଏଇ ଧାରଣା ଯେ, ଦୁନିଆରେ ଯେତେସବୁ ଚାକିରି ଅଛି, ସେ ଭିତରେ ଏ ଚାକିରିଟି ସବୁଠାରୁ ବେଶୀ ଟାଣୁଆ, ଶକ୍ତ ଓ ବିରକ୍ତିକର । କେଉଁଠି କେମିତି ଗୋଟାଏ ଅଧେ ଘୋଡ଼ାମୁହାଁ କୁଳାଙ୍ଗାରଙ୍କୁ ଆମେ ଭେଟି ଥାଉଁ, ଯେଉଁମାନେ ଯାତ୍ରୀଙ୍କୁ ସ୍ୱାଭାବିକ ଶତ୍ରୁ ବୋଲି ଧରି ନେଇ ଭାବନ୍ତି ଯେ, ଯାତ୍ରୀଗୁଡ଼ାକ ସବୁ ଧୂର୍ତ୍ତ ଓ ଶଠ, ତାକୁ ଠକାଇବା ସେମାନଙ୍କ ମତଲବ ।''

ବସନ୍ତ ଶତପଥୀଙ୍କ ମୌଳିକ ରମ୍ୟ ପ୍ରବନ୍ଧରୁ କେତୋଟି ଉଦ୍ଧୃତି ଦେଉଛି । ଏଗୁଡ଼ିକରେ ତାଙ୍କର ହାସ୍ୟ ପ୍ରବଣତାର ସ୍ପର୍ଶ ରହିଛି । 'ପାନ'- ''ପାନ ହେଲା କାମାଗ୍ନି ସନ୍ଦୀପନଂ । ପାନ ଯେ କାମାଗ୍ନି ଉଦ୍ଦୀପନ କରେ ସେ ବିଷୟରେ କଣ ଆପଣଙ୍କ ସନ୍ଦେହ ଅଛି ? ଭାବି ଦେଖନ୍ତୁ ତ, ପାନ ଦୋକାନଗୁଡ଼ାକ ଥାଏ କେଉଁଠି ? ଯେଉଁଠି ପୁରୁଷ ସ୍ତ୍ରୀମାନଙ୍କ ବିହାର ଓ ସଙ୍ଗମସ୍ଥଳ, ସେଇଠି ପାନ କିଣା ବିକା, ଦିଆନିଆ । ହାଟ ବଜାର, ମେଳାମଉଛବ, ମସଜିଦ୍ ମନ୍ଦିରଠାରୁ ଆରମ୍ଭ କରି ସିନେମା ଛକ ଓ କଲେଜ ବିଶ୍ୱବିଦ୍ୟାଳୟ କେମ୍ପସ୍ ପର୍ଯ୍ୟନ୍ତ, ସବୁଠି ପାନ ଦୋକାନ ।'' (ଝଂକାର ୧୯/୨ ସଂଖ୍ୟା)

'ଆଧୁନିକ କେଶ ବିନ୍ୟାସଗୃହ'- 'କଲେଜ ଛକର ଉତ୍ତରପଟ ରାସ୍ତାକଡ଼ ଗୋଟିଏ ଘର ସାମନାରେ ଯେଉଁ 'ହେୟାର କଟିଂ ସେଲୁନ୍' ଲେଖାଥିଲା, ତାହା ଆଞ୍ଚଳିକ ଭାଷା ପ୍ରୀତି ଓ ଇଂରାଜୀ ବିଦ୍ୱେଷ ବନ୍ୟାରେ ନିଶ୍ଚିହ୍ନ ହୋଇ 'ଆଧୁନିକ କେଶ ବିନ୍ୟାସ ଗୃହ' ରୂପରେ ଆତ୍ମପ୍ରକାଶ କରିଛି । ପଞ୍ଚରଙ୍ଗୀ ପ୍ରଜ୍ଞାପନ ପଟାରେ ଏଇ ଅକ୍ଷର ସବୁ ନକ୍‌ସା କରା ଅକ୍ଷରରେ ଖୋଦେଇ ହୋଇ ବିଦ୍ୟୁତାଲୋକରେ ମନୋଜ୍ଞ ସବୁ କାଳେ ଆକ୍ଷେପ । ସେମାନଙ୍କ ବିଚାରରେ ବୁଢ଼ାମାନେ ପ୍ରତିକ୍ରିୟାଶୀଳ, ପ୍ରଗତି ବିରୋଧୀ । ମାତ୍ର ବୁଢ଼ା ହେବା ନ ହେବା ଆପଣଙ୍କ ମନର କଥା । ମନର ସ୍ଥିତି ସ୍ଥାପକତା ଅନୁସାରେ ଆପଣ ଜୀବନ ଯୌବନ ଉପଭୋଗ କରିବେ ।'

ପ୍ରାୟ ତିରିଶ ବର୍ଷ ଧରି ବସନ୍ତ ଶତପଥୀ ଗଳ୍ପରଚନା କ୍ଷେତ୍ରରେ ନିଜର ସର୍ଜନଶୀଳ ମେଧାକୁ ବିନିଯୋଗ କରିଆସିଛନ୍ତି । ସେ ପ୍ରଥମେ ଗାଳ୍ପିକ, ପରେ ଅନ୍ୟ କିଛି । ଗଳ୍ପ ସୃଷ୍ଟି କ୍ଷେତ୍ରରେ ବିବିଧତା ବା ଭେରାଇଟି ତାଙ୍କ ସ୍ରଷ୍ଟା ମାନସର ଏକ ବିଶେଷ ଉଲ୍ଲେଖଯୋଗ୍ୟ



Digitized by PPRACHIN, SOA

ବିଷୟ । ବରା, ଗୁଲୁଗୁଲାଠାରୁ ଘୁଷୁରିସାହିର ରାଜାଙ୍କ ପର୍ଯ୍ୟନ୍ତ, କୁଆ, କୁକୁରଠାରୁ ଅଜାଗା ଘା' ପର୍ଯ୍ୟନ୍ତ ବାପା, ଆଈବୁଢ଼ୀଙ୍କ ଠାରୁ ଜନ୍ମଦିନ ପର୍ଯ୍ୟନ୍ତ ଜୀବନବୀମାଠାରୁ ପ୍ରୀତ୍ୟୁପହାର ପର୍ଯ୍ୟନ୍ତ ନାନା ଧରଣର ଗଳ୍ପ ସେ ଲେଖିଛନ୍ତି । ତାଙ୍କର ବିଶ୍ୱାସ ହେଲା, ଗଳ୍ପ ତ ଗଳ୍ପ, ସେଥିରେ ପୁଣି ପରୀକ୍ଷାନିରୀକ୍ଷା କ'ଣ ? ସେ କହିଛନ୍ତି, ଗଳ୍ପରୁ ପ୍ଲଟ୍‌କୁ ବାଦଦେବା ଅନୁଚିତ । କିନ୍ତୁ ଅନେକ ଗଳ୍ପରେ ପ୍ଲଟ୍‌ର ଆରମ୍ଭ ବେଳକୁ ଗଳ୍ପ କଥନ ଶେଷ ହୋଇଥାଏ । (ତା' ଗଳ୍ପରେ କୌଣସି ପ୍ଲଟ୍ ନାହିଁ, କେବଳ ନିରୀକ୍ଷା ପ୍ରବଣତା ବା ଅବ୍‌ଜରଭେସନ୍ ।) ସେ ନିଜକୁ 'ରୋମାଣ୍ଟିକ୍' ବୋଲି ଘୋଷଣା କରନ୍ତି ଏବଂ ନିଜ ଗଳ୍ପରାଜିକୁ 'ଆଣ୍ଟିରୋମାଣ୍ଟିକ୍' ବୋଲି ଛାପାମାରନ୍ତି । ଦୁଇ ତିନୋଟି ଅତି ପ୍ରାଣସ୍ପର୍ଶୀ ରୋମାଣ୍ଟିକଧର୍ମୀ ଗଳ୍ପ ତାଙ୍କ ଦ୍ୱାରା ରଚିତ ହୋଇଥିବା କଥା ଆମେ ଅବଶ୍ୟ ସ୍ୱୀକାର କରିବୁଁ । ରୋମାଣ୍ଟିକ୍, ଆଣ୍ଟିରୋମାଣ୍ଟିକ୍, ବାସ୍ତବବାଦୀ, ବର୍ଣ୍ଣନାଧର୍ମୀ, ଆତ୍ମବିବୃତିମୂଳକ, ସଂପର୍କର ଆଲେଖ୍ୟଭିତ୍ତିକ ନାନା ଧରଣର ଗଳ୍ପ ତାଙ୍କ ଦ୍ୱାରା ରଚିତ । ପ୍ରାୟ ୧୧୫ଟି ଗଳ୍ପରେ କଥାକାର ଶତପଥୀ ନିଜ ଗାଳ୍ପିକମାନସର ପରିଚୟ ଦେଇଛନ୍ତି । ଏଣ୍ଟିରୋମାଣ୍ଟିକ୍ (୧୯୬୬), ଗଙ୍ଗା ଓ ଗାଙ୍ଗୀ (୧୯୮୧), ହାଇଦ୍ରାବାଦ ଅଙ୍ଗୁର (୧୯୮୨), ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ (୧୯୮୨), ଗୋଟାଏ ଆଳୁ (୧୯୮୨-ଏଣ୍ଟିରୋମାଣ୍ଟିକ୍‌ର ଦ୍ୱିତୀୟ ସଂସ୍କରଣ), ନୀଡ଼ାଶ୍ରୟୀ (୧୯୮୩), ମେଜର ଅପରେସନ୍ (୧୯୯୧) ପୁଅ ପାଇଁ ଝିଅ (୨୦୦୦), ଅଜାଗା ଘାଆ (୧୯୮୩), ଆକାଶୀଫୁଲ (୧୯୮୦) ଆଦି ଏଇ ସମସ୍ତ ଗ୍ରନ୍ଥରେ ପ୍ରାୟ ୧୧୫ଟି ଗଳ୍ପ ସଂକଳିତ ହୋଇଛି ।

'ଅଜାଗା ଘାଆ' ଗଳ୍ପ ସଂକଳନରେ ସେ ନିଜକୁ ଫକୀରମୋହନଙ୍କ ଉତ୍ତର ଦାୟାଦ ବୋଲି ଘୋଷଣା କରିଛନ୍ତି । ତାଙ୍କର 'ଛାୟା ଓ କାୟା' ମିଳୁନଥିବାରୁ 'କାଣିଚିଆଁ'କୁ ହିଁ ତାଙ୍କର ପ୍ରଥମ ଗଳ୍ପ କହିବା ଯଥାର୍ଥ । ଏହି ଗଳ୍ପରେ ଫକୀରମୋହନଙ୍କ ପ୍ରଭାବ ବାରି ହୁଏ ।

'କାଣିଚିଆଁ' ଚିଲଦ୍ୱାରା ଅପହୃତ ଗୋଟାଏ କୁକୁଡ଼ାଛୁଆ । ପ୍ରତୀକାତ୍ମକ ଦୃଷ୍ଟିରୁ ବିଚାର କଲେ, ସେହି କୁକୁଡ଼ାଛୁଆ ଏକ ଅତ୍ୟାଚାରିତ ଆତ୍ମାର ପ୍ରତିନିଧି । ଚିଲ ଅତ୍ୟାଚାରୀ । ବସ୍ତିର ସବୁ କୁକୁଡ଼ାଛୁଆଙ୍କୁ ଗର୍ଭସ୍ଥ କରି ସେ ବସ୍ତି-ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଛି । ବସ୍ତିକୁ ବିପର୍ଯ୍ୟୟରୁ ରକ୍ଷା କରିବାକୁ ଅଣ୍ଟାଭିଡ଼ିଛି ଶନି । ଶନି ଓ ତା'ର ସାନଭାଇ ପିତାଙ୍କ ଦ୍ୱାରା ନିଗୃହୀତ ହୋଇ ଗୃହତ୍ୟାଗ କରିଛନ୍ତି । ଦିନେ ସେ ବେପାର କରି କ୍ଷତି ସହିଛି ତା ବାପା ସେଥିପାଇଁ ତାକୁ ଘରୁ ବାହାର କରି ଦେଇଛନ୍ତି । ଶନିକୁ ପନ୍ଦରବର୍ଷ । ତା' ଭାଇ କୀର୍ତ୍ତି ମଧ୍ୟ ପିତାଙ୍କ ବିଚାରରେ ଅପାରଗ । ଏପରି ଦୁଇଟି ନିଗୃହୀତ ଚରିତ୍ରଙ୍କୁ ବସ୍ତିର ଅନ୍ତେବାସୀମାନେ ଅପାରଗ ମନେ କରିବା ସ୍ୱାଭାବିକ । ମାତ୍ର ଯେଉଁଦିନ ଗଳ୍ପର ପ୍ରୋଟାଗନିଷ୍ଟ ପ୍ରଥମ ପୁରୁଷଙ୍କ କାଣିଚିଆଁକୁ ଚିଲ ଆକ୍ରମଣ କଲା ସେ ଶନି ମଣ୍ଡଳକୁ ତାଙ୍କ ଦୁଃଖର କାହାଣୀଗୁଡ଼ାକ କହି ପକାଇଲେ । ଶନି ବସ୍ତିର ଦୁଃଖକୁ ନିଜର ଦୁଃଖ ବୋଲି ଧରି ନେଇ ଏକ 'ବିଶାଳ ଶାଳ୍ମଳୀ ତରୁ'ର ଶିଖର ଦେଶରେ କୁଳାୟ ରଚନା କରିଥିବା ଦୁଷ୍ଟ ଚିଲକୁ ନିପାତ କରିବା ପାଇଁ ବାହାରି ପଡ଼ିଲା । ଶନିର ଦୁଃସାହସିକ କର୍ମର ଯେଉଁ ଦୀର୍ଘ ବିବରଣୀ ଗାଳ୍ପିକ ଦେଇଛନ୍ତି ସେଇ ବିବରଣୀ ମଧ୍ୟରେ ପାଠକ ରାଣ୍ଡୀପୁଅ ଅନନ୍ତାର ଏକ ନୂତନ ସଂସ୍କରଣକୁ ଲକ୍ଷ୍ୟ କରନ୍ତି । ଶନି ଶିମୁଳିକଣ୍ଟାରେ କ୍ଷତାକ୍ତ । ଡାଳକୁ କାଟି କାଟି କାହାରି ବାରଣ ନ ମାନି ଉପରକୁ ଚାଲିଛି । କିଛି ଦୂର ଯିବା ପରେ ଦୁଇଟି ଚିଲ ସମ୍ମୁଆସି ଆକ୍ରମଣ ଆରମ୍ଭ କରି ତାକୁ ବ୍ୟସ୍ତ



Digitized by PPRACHIN, SOA

କରି ଦେଉଛନ୍ତି । ତା ଉପଦେଶ ମାନି କୀର୍ତ୍ତି ଏକ ବଡ଼ ବାଉଁଶ ଅଗରେ କିରାସିନି କନା ବାନ୍ଧି ସେଥିରେ ନିଆଁ ଲଗାଇ ଭାଇ ହାତକୁ ବାଉଁଶ ବଢ଼ାଇ ଦେଇଛି । ଶନି ମଶାଲ ନିଆଁରେ ଚିଲ ବସାକୁ ଜାଳି ଦେଇଛି । ଚିଲ ଦମ୍ପତି ଉଦ୍‌ବାସ୍ତୁ ହୋଇ ପଳାୟନ କରିଛନ୍ତି । ତଳକୁ ଆସିବା ବେଳକୁ ତା' ଦେହ ଚିଲଙ୍କ ଆକ୍ରମଣ ଓ ଶିମୁଳିକଣ୍ଟାରେ କ୍ଷତାକ୍ତ । ତା'ର କ୍ରୋଧାନ୍ଧ ରୂପରେ ଲେଖକ ଦେଇଛନ୍ତି ଏକ ଆତତାୟୀର ଆତ୍ମା; ତା'ର ଠାକୁରାଣୀଙ୍କୁ ଜୁହାର ହୋଇ ସ୍ୱର୍ଗାରୋହଣ ପର୍ବର ଅନ୍ତିମ କାଳରେ ସେ ବିଜୟଲକ୍ଷ୍ମୀଙ୍କୁ ଝିଙ୍କି ଆଣିଛି । ଚିଲମାନଙ୍କ ଦଗ୍ଧ ପିଣ୍ଡକୁ ସେ ତଳେ ପଡ଼ିଥିବାର ଦେଖି ତୃପ୍ତିର ହସ ହସିଛି । ମଣିଷର ବାହ୍ୟ ଜାନ୍ତବ ପ୍ରକୃତିର ଅନ୍ତସ୍ଥ ଦ୍ୱୈତ ରୂପକୁ ଲେଖକ ଆବିଷ୍କାର କରିଛନ୍ତି । 'କାଣିଚିଆଁ' ପ୍ରକାଶ ପାଇବାର ମାସକ ପରେ ପ୍ରକାଶ ପାଇଛି 'ଗୋଟାଏ ଆଳୁ' । 'ଇଣ୍ଡିଆ' ନାମକ ଅଣ୍ଡିରା ବାଛୁରିକୁ ଗାନ୍ଧିକଙ୍କ ମୁଖପାତ୍ର ମୁଁ ଜଣେ ଲୋକଙ୍କୁ ଦାନସୂତ୍ରରେ ହସ୍ତାନ୍ତର କରିଥିଲେ । ସେହି ବାଛୁରି ବଜାରରେ ବୁଲେ । ଦିନେ ସେ କୃଷ୍ଣ ଦୋକାନୀର ଏକ ଆଳୁକୁ ହାଟଭିତରୁ ଉଦରସାତ୍ କରିବାକୁ ଚେଷ୍ଟାକରି ପ୍ରହାରିତ ହୋଇଛି ଏବଂ ବାଛୁରୀଟି ମରିଯାଇଛି । ଗଳ୍ପର ନାୟକ ଭାବେ ଗାନ୍ଧିକ ଇଣ୍ଡିଆକୁ ହାସ୍ୟ-କରୁଣ ପରିବେଶରେ ଛାଡ଼ି ଦେଇଛନ୍ତି । କେବଳ ଆଳୁ ଦୋକାନୀ କୃଷ୍ଣ ନୁହେଁ, ମଣିଷର ଅନ୍ତସ୍ଥ ପଶୁକୁ ଗଳ୍ପରେ ଆବିଷ୍କାର କରାଇବାର ପ୍ରଚେଷ୍ଟା 'ଗୋଟାଏ ଆଳୁ'ର ମହତ୍ତ୍ୱ ଘୋଷଣା କରିଥାଏ ।

'ହାଇଦ୍ରାବାଦ ଅଙ୍କୁର' ଗଳ୍ପ ଗ୍ରନ୍ଥରେ 'ମୁଁ କାହିଁକି ଲେଖେଁ' ଶିରୋନାମାରେ ପ୍ରସ୍ତାବିତ ଆତ୍ମପକ୍ଷ ବିବୃତିର ଅଧ୍ୟାପକ ଶତପଥୀ କହିଛନ୍ତି, 'ମୁଁ ଲେଖକ ହେଲି ରୁଗ୍ଣ ରୋମାଣ୍ଟିକ୍ ଚେତନା, ଚିନ୍ତାଧାରା ଓ ରଣପା (stilted) ଶୈଳୀ ବିରୋଧରେ ସଂଗ୍ରାମ କରିବା ପାଇଁ, ଅନୁଭୂତି, ଅନୁସନ୍ଧିତ୍ସା ବିହୀନ ଶୁଷ୍କ ନିରସ ଯାଦୁ ବିରହିତ ପରୀକ୍ଷାନିରୀକ୍ଷା ସର୍ବସ୍ୱ ଗାନ୍ଧିକଙ୍କ ବିରୋଧରେ ସଂଗ୍ରାମ କରିବାପାଇଁ । ଯାହା ଜାଣେ ଲେଖେଁ । ପାଠକକୁ ବଡ଼ ବୋଲି ଭାବେ । କେହି ପଢ଼ିଛି, ପୂରାପୂରି, ଜାଣିଲେ ଖୁସି ହୁଏ । ସାମାନ୍ୟତମ ବିଷୟବସ୍ତୁ ଗପ ପାଇଁ ଯଥେଷ୍ଟ । ମୋ ଗପର ନାଆଁ ଗୋଟାଏ ଆଳୁ, ଚା, ମାଛ, ଚାଉଳ, ମାଂସ, ବରା, ଗୁଲୁଗୁଲା, ମନିଅର୍ଡର, କୁଆ କୁଇ- ନାଆଁରୁ ସବୁ ଜଣାଯିବ ।' (ହା : ଅ : -ପୃ ୧୪୨-୪୩)

ସେ ନିଜର ଅନୁଭୂତି ଓ ଚରିତ୍ରମାନଙ୍କ ସମ୍ପର୍କରେ ଉପଲବ୍‌ଧିକୁ ଗୁରୁତ୍ୱ ଅର୍ପଣ କରନ୍ତି । କଥା ଭାଗରେ ସମାସୀନ ଚରିତ୍ରମାନଙ୍କ ସମ୍ପର୍କରେ ତାଙ୍କର ଉପଲବ୍‌ଧି ତାଙ୍କ ନିଜର ନା ଚରିତ୍ରମାନଙ୍କର ? ପ୍ରଶ୍ନ ଉଠେ, ଲେଖକ ନିଜେ ଉଚ୍ଚ ଶିକ୍ଷିତ । ସେ ଦାମୀ ପୋଷାକ, ଦାମୀ ଅତର, ଦାମୀ ପାଉଡର ବ୍ୟବହାର କରନ୍ତି । କୋଠାରେ ଶୁଅନ୍ତି । ସେ ଯେତେବେଳେ ଆଦିବାସୀ, ନିମ୍ନବର୍ଗ, ବାରନାରୀ, ଚାହାବାଲା କଥା ଲେଖନ୍ତି, ଭିକ୍ଷୁକ ବାବୁଲିଙ୍କ କଥା ଲେଖନ୍ତି, ସେ ପ୍ରକୃତରେ କଣ ସେମାନଙ୍କ ଉପଲବ୍‌ଧିକୁ ଲେଖିପାରିବେ ? ଏ ସମ୍ପର୍କରେ ତାଙ୍କର ଉତ୍ତର ହେଉଛି, 'ଜଣେ ସାନ୍ତାକର ଉପଲବ୍‌ଧି ପ୍ରକୃତ । ଆମେ ଯେଉଁଟା ଦେଖାଉଛୁ ସେଇଟା ଦେଖାଣିଆ ।' (ଚିରବସନ୍ତ : ସାକ୍ଷାତ୍‌କାର- ପୃ ୧୩୨) ସେ ଦୀର୍ଘଦିନ ଧରି ଆଦିବାସୀ ଅଞ୍ଚଳରେ ରହିଛନ୍ତି । ସେମାନଙ୍କ ସମ୍ପର୍କରେ ଅଭିଜ୍ଞତା ଅର୍ଜନ କରିଛନ୍ତି । ଅଧ୍ୟାପକ ଶତପଥୀ କହନ୍ତି, 'ନିଛକ ଅଭିଜ୍ଞତାକୁ ଠିକ୍ ଭାବେ ପ୍ରକାଶ ନକରି ଅନେକ ଛଳନା ଓ କୃତ୍ରିମତାର ଆଶ୍ରୟ ନେଉଥିବାରୁ ତାହା ହୃଦୟସ୍ପର୍ଶୀ ନ



Digitized by PPRACHIN, SOA

ହୋଇ ବିରକ୍ତିକର ହେଉଛି ।' (ଆକାଶୀଫୁଲ- ପୃ୧୨୪) 'କାଠ' ଗଳ୍ପଟିକୁ ଏ ପ୍ରସଙ୍ଗରେ ବିଚାର କରାଯାଇପାରେ । ଜଣେ ଆଦିବାସୀ କାଠୁରିଆକୁ ଦୁଇ କ୍ୟାଣ୍ଟାଲ୍ ଗଡ଼ ଗାଳ୍ପିକଙ୍କ ପ୍ରୋଟାଗନିଷ୍ଟ 'ମୁଁ' କାଟିବାକୁ ଦେଇଛନ୍ତି । ତାଠାରୁ ଅଧିକ କାମ ଆଦାୟ କରିବା ପାଇଁ, ଯଥା କଟାକାଠକୁ ପୁଣି ଛୋଟ କରିବା ପାଇଁ, କାଠଗୁଡ଼ାକୁ ଘରେ ସଜାଇ ରଖିବା ପାଇଁ, ପ୍ରଥମ ପୁରୁଷ ତାକୁ କଥାରେ ଟେକାଟେକି କରି ଅସଲ ପ୍ରକୃତ ମୂଲ ଦେବାରେ କିଛି ଟାଳଟୁଳ ନୀତି ଧରିଛନ୍ତି ଏଥିରେ ଆଦିବାସୀ କାଠୁରିଆ ତା'ର ପ୍ରତିକ୍ରିୟାକୁ ଯଥା :- ତଥା ଭାଷାରେ ଲେଖକ କାଠ ଗଳ୍ପରେ ପ୍ରକାଶ କରିଛନ୍ତି । ଆଦିବାସୀର ପ୍ରତିକ୍ରିୟାପୂର୍ଣ୍ଣ ବାଣୀ ଭିତରେ ଶ୍ରୁତି ସଞ୍ଚୟନ ସହିତ କିଛି କଳ୍ପନା ମିଶିଛି । ନିଜେ ପ୍ରଥମ ପୁରୁଷ 'ମୁଁ'ର ବକ୍ତବ୍ୟ ଯେ ଛଳନାପୂର୍ଣ୍ଣ ଏହା ଲେଖକ ଅତି ସ୍ପଷ୍ଟ ଭାଷାରେ କହିଛନ୍ତି । ଅନେକ ସମୟରେ ଗାଳ୍ପିକଙ୍କ 'ମୁଁ'କୁ ତଥାକଥିତ ସମାଲୋଚକମାନେ ଠିକ୍‌ଭାବେ ବୁଝିପାରି ନାହାନ୍ତି । 'ତେରମିନିଟ' ଗଳ୍ପ ପ୍ରକାଶ ପାଇବା ପରେ ଜଣେ ଆଲୋଚକ ଲେଖିଲେ, 'ଅଧ୍ୟାପକ ବସନ୍ତ କୁମାର ଶତପଥୀ ଜଣେ କୃପଣ ବ୍ୟକ୍ତି । ସେ ରିକ୍ସାବାଲାକୁ ଯାହା ଭଡ଼ା ତୁଟାଇଥାନ୍ତି, ଦିଅନ୍ତି ନାହିଁ । ରିକ୍‌ସାବାଲାର ପଇସା ନ ଦେଇ ଟ୍ରେନ୍‌ରେ ଚାଲିଯାଆନ୍ତି ।' (ସାକ୍ଷାତ୍‌କାର-ଚିର ବସନ୍ତ- ପୃ. ୧୩୨)

'କାଠ' ଗଳ୍ପ ପଢ଼ିବା ପରେ ବିଜ୍ଞ ଆଲୋଚକ ହୁଏତ ମନ୍ତବ୍ୟ ଦେବେ, 'ବସନ୍ତ ଶତପଥୀ ପ୍ରକୃତରେ ଶଠପତି । ସେ ଆଚରଣରେ ଶଠତା ପ୍ରଦର୍ଶନ କରନ୍ତି ।' କାମ ଆଦାୟ କରିବାପାଇଁ ଜଣେ ଶ୍ରମିକ ପ୍ରତି କାଠଗଳ୍ପର 'ମୁଁ' ଯେଉଁ ଶଠତା ପ୍ରଦର୍ଶନ କରିଛନ୍ତି, ତା' ଭିତରେ ଆପଣ ଅଛନ୍ତି । ମୋ ପରି ଆଲୋଚକ ଅଛନ୍ତି, ଶତପଥୀ ମହାଶୟଙ୍କୁ 'ଜଣେ କୃପଣ ବ୍ୟକ୍ତି' ବୋଲି ଷ୍ଟାମ୍ପମାରିଥିବା ବିଶିଷ୍ଟ ଆଲୋଚକ ବି ଅଛନ୍ତି । ତାଙ୍କ 'ମୁଁ' ଏକାଧାରରେ ଆର୍ଟିଷ୍ଟ ଓ ଆର୍ଟିଷ୍ଟଙ୍କ ଚତୁଃପାର୍ଶ୍ୱରେ ଥିବା ବାହ୍ୟ ଜଗତର ବାସିନ୍ଦା । 'ମୁଁ' ଯେତେବେଳେ ଅସଂଖ୍ୟ ଲୌକିକ ଜଗତର ପ୍ରତିନିଧିତ୍ୱ କରେ ସେତେବେଳେ ତାହା ଚରିତ୍ର ଅର୍ଥାତ୍ 'କାଠ' ଗଳ୍ପର ଅଦିବାସୀ ଓ ଆଦିବାସୀକୁ ଲଗାଇଥିବା ମୁନିବ । ପୁନଶ୍ଚ 'ମୁଁ' ଯେତେବେଳେ ସ୍ରଷ୍ଟା, ସେ ଜଗତକୁ ନିଜ ଭିତରେ ଠୁଳୀ ଭୂତ କରିପାରୁଥିବା ଏକ ଦିବ୍ୟପୁରୁଷ । 'ମେଣ୍ଟାଲ୍‌ରୁ ସୁପ୍ରାମେଣ୍ଟାଲ' ବୋଲି ସେ ଯାହା କହନ୍ତି, ତାହା 'କାଠ' ଗପରେ ପାଇପାରିବେ । ଚରିତ୍ରମାନେ (ଆଦିବାସୀ ଓ ମାଲିକ) ଚିହ୍ନା ପୃଥିବୀର ବାସିନ୍ଦା । ଗଳ୍ପ ପଢ଼ିସାରିବା ପରେ ପାଠକ ସେଇ ପୃଥିବୀରେ ଅନ୍ୟାନ୍ୟ ସ୍ଥାନକୁ ଦରାଣ୍ଡି ପକାଏ ଏବଂ ଭାବେ ତା ନିଜ ମଧ୍ୟରେ ଆନ୍ତରିକତା ଓ ମାନବିକତାର ଏକ ଉତ୍ସ ଅଛି ନା ସିଏ ବି ଗୋଟାଏ କାଠ । ଆଦିବାସୀ କାଠୁରିଆକୁ ତା ମାଲିକ ମଣିଷ ଭାବେ ବିଚାରିଛି ନା ଭାବିଛି ସେଇଟା କାଠ ? ମତଲବୀ ମଣିଷର ଶ୍ରଦ୍ଧାପୂର୍ଣ୍ଣ ବକ୍ତବ୍ୟ ଭିତରେ କଅଣ ଥାଏ ? ଥାଏ ଛଳନା । ପାଠକ ଭାବେ ଅନେକଙ୍କ ଅନ୍ତର କାଠମୟ ।

ଲେଖକ କହିଛନ୍ତି, ସମସ୍ତେ ସବୁ ଜିନିଷ ସମାନ ଭାବେ ଦେଖିପାରନ୍ତି ନାହିଁ । ଆର୍ଟିଷ୍ଟ ଓ ସାଧାରଣ ମଣିଷ ସମ୍ପର୍କରେ ଏକ ଅଦ୍ଭୁତ କଳାକୁଶଳ ଗଳ୍ପ ହେଲା 'ଦିବ୍ୟ ଅଦିବ୍ୟ' । ଗାଳ୍ପିକ ପୁରୁଷ ଦୁଇ ବୁଢ଼ାବୁଢ଼ୀଙ୍କୁ ଧରି ଜଗନ୍ନାଥ ମନ୍ଦିରର ନିର୍ମାଣ କଳା ଦେଖିଛନ୍ତି । ପ୍ରୋଟାଗନିଷ୍ଟ ଦେଖିଛନ୍ତି ମନ୍ଦିର ଗାତ୍ରରେ ଅଶ୍ଳୀଳ ଯୌନ ଚିତ୍ର । କିନ୍ତୁ ବୁଢ଼ାବୁଢ଼ୀ ଦେଖିଛନ୍ତି ଦେବଦେବୀଙ୍କ ଲୀଳାମୟ ବିଗ୍ରହ । ବୁଢ଼ୀ ଗଳ୍ପ ନାୟକଙ୍କୁ କହୁଛି, 'ତୁମେ ଯାହା କୁହ, ମଣିଷ ଏହା କରିନି,



Digitized by PPRACHIN, SOA

ଯିଏ ଆମକୁ କରିଛି, ସେ ଏସବୁ କରିଛି । ଅବିକଳ ଆମରି ରକମ । ତେତିଶ କୋଟି ଦେବତା ଏ ସବୁ କରିଦେଇ ସରଗକୁ ଚାଲିଯାଇଛନ୍ତି ।'

(ଦିବ୍ୟଅଦିବ୍ୟ- ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ- ପୃ.୫୯)

ସେଇ ବୁଢ଼ାବୁଢ଼ୀ ଜଗନ୍ନାଥଙ୍କୁ ଦେଖି ମୂର୍ଚ୍ଛିତ ହେଲେ ଏବଂ ଦିବ୍ୟ ଲୋକରେ ଥାଇ ଜଗନ୍ନାଥଙ୍କର କଥା ଶୁଣିଲେ- ''ତୋର ଛୁଆ ଦରକାର, ମୋତେ ଛୁଆ କରିନେ ।'' ଜଣେ ଆର୍ଟିଷ୍ଟ ଏକ ମହାମୁହୂର୍ତ୍ତରେ ଦିବ୍ୟ ଚେତନାଯୁକ୍ତ ହୋଇ କଳା ସୃଷ୍ଟିକରେ । ଜଗନ୍ନାଥ ମନ୍ଦିର ହେଉ ବା କୋଣାର୍କ ହେଉ- ସର୍ବତ୍ର ଆର୍ଟିଷ୍ଟଙ୍କ ଦିବ୍ୟ ଭାବନା, କୌଣସି ଠାରେ ଅଦିବ୍ୟ ଭାବନା ନାହିଁ । ସାଧାରଣ ପାଠକ ପାଇଁ 'ଦିବ୍ୟ ଅଦିବ୍ୟ' ଏକ ରସାଳ ଗଳ୍ପ, ମାତ୍ର ଗଳ୍ପ ପାଠକରିବା ପରେ ଆର୍ଟିଷ୍ଟର ଚକ୍ଷୁକୁ ଚର୍ମ ଚକ୍ଷୁ ବୋଲି କହିବାକୁ ଇଚ୍ଛାହୁଏ ନାହିଁ, ତାହା ମର୍ମ ଚକ୍ଷୁ ।

ଗାଳ୍ପିକ ଶତପଥୀଙ୍କ ଖୁବ୍ ଶକ୍ତିଶାଳୀ ଗଳ୍ପଗୁଡ଼ିକରେ ନିମ୍ନବର୍ଗ ମଣିଷର ଏବଂ ନିଜ ସଂପର୍କୀୟଙ୍କର ଜୀବନଗାଥା ବିଶ୍ରୁତ ହୋଇଥାଏ । 'ମକର : ଘୁଷୁରିସାହିର', 'ଓଇ ଛେଲେଟା' ଆଦି ଏ ପ୍ରସଙ୍ଗରେ ବିଚାର୍ଯ୍ୟ ।

''ଆକାଶୀଫୁଲ'' ଗଳ୍ପ ଗ୍ରନ୍ଥରେ ''ମକର : ଘୁଷୁରିସାହିର'' ଏବଂ ''ରାଜା : ଘୁଷୁରିସାହିର'' ରେ ନିମ୍ନବର୍ଗର ଖଟିଖିଆ ଲୋକଙ୍କୁ ଗଳ୍ପର ପୃଷ୍ଠ ପଟକୁ ଅଣାଯାଇଛି । ମକର ଆସିଗଲେ ଆଦିବାସୀମାନେ ପବିତ୍ର ଭାବନା ନେଇ ନିଜନିଜର ଗଞ୍ଜା (ଅଣ୍ଡିଆ ଲଢୁଆ କୁକୁଡ଼ା)ମାନଙ୍କୁ ଚାଦର ଭିତରେ ଘୋଡ଼ାଇ ଲଢ଼େଇ ପାଇଁ ନିଅନ୍ତି । ଆଦିବାସୀମାନଙ୍କର ଏହା ଏକ ପାରମ୍ପରିକ ଖେଳ । ମକର ଆସିଗଲେ ସେମାନେ ଘୁଷୁରିମାନଙ୍କୁ ପାଳଧୁଆ କାଠରେ ପିଟନ୍ତି, କାରଣ ସେମାନଙ୍କର ବିଶ୍ୱାସ ପାଳଧୁଆ କାଠରେ ପିଟିଲେ ମାଂସ ନରମ ଓ ସ୍ୱାଦକର ହେବ । ଲେଖକ ଆଦିବାସୀଙ୍କ ମନର କଥା କହିବାକୁ ଯାଇ କହନ୍ତି,

> ''ମକର ଆସିଗଲା, ବାୟା ହୁଅ, ପାଗଳା ହୁଅ । ନାଚ,
>
> ଗାଅ, ମଦପିଅ । x x ମକର ଗଲେ ଠକର । ମକର
>
> ପରେ ଆଉ ଜୀବନ ନାହିଁ ।'' (ଆକାଶୀଫୁଲ- ପୃ ୧୦)

ଗାଳ୍ପିକ ଘୁଷୁରିସାହିର ଚଳଚଞ୍ଚଳ ହୋଇ ଉଠିଥିବା ମକର ପର୍ବର ଆଦିବାସୀଙ୍କ ଜୀବନକୁ ଅତି ଜୀବନ୍ତ ଭାବେ ବର୍ଣ୍ଣନା କରିଛନ୍ତି । ଘୁଷୁରିସାହିର ଝିଅମାନଙ୍କ ସମ୍ପର୍କରେ ଲେଖକଙ୍କ ମନ୍ତବ୍ୟ ହେଲା, ''ଘୁଷୁରିଆସାହିରେ ଯୌବନ ସଅଳ ଆସେ ।'' ଭିକା ଦୋକାନୀ ଯୌବନର ଉନ୍ମାଦନାକୁ ବୁଝେ, ବୁଝେ ପୁଣି ମକରରେ ଉପଭୋଗ ବାସନାକୁ । ଗଳ୍ପ ନାୟିକା ବେଙ୍ଗର ଦୈନ୍ୟକୁ ବୁଝି ତା ପାଇଁ ନୂଆ ଶାଢ଼ିର ବ୍ୟବସ୍ଥା କରି ଦେଇଛି । ଭିକା ଦୋକାନରେ ମସିଣା ଖଣ୍ଡିଏ ପଡ଼ିଥାଏ । ଦିନବେଳେ ସେଠି ଭି. ଆଇ. ପି ଗରାଖ ବସି ଗପସପ କରନ୍ତି । ସଞ୍ଜହେଲେ ସେ ସ୍ଥାନଟି ରିଜର୍ଭ ହୁଏ ଝିଅମାନଙ୍କ ପାଇଁ ।'' ଘୁଷୁରିସାହିର ଝିଅମାନେ କିପରି ପର୍ବଦିନ ଅବାଟକୁ ଯାଆନ୍ତି ତାର ଏକ ବାସ୍ତବ ଚିତ୍ର ଉପଲବ୍ଧ ହୋଇଥାଏ 'ମକର : ଘୁଷୁରିସାହିର'ରେ ।



Digitized by PPRACHIN, SOA

‘‘ରାଜା : ଘୁଷୁରିସାହିର’’ ଗଳ୍ପରେ ଜୀବନସାରା କୋଟିକୋଟି ଟଙ୍କା ଉପାର୍ଜନ କରିଥିବା ବ୍ୟକ୍ତି ବାର୍ଦ୍ଧକ୍ୟରେ କିପରି ଅସହାୟ ହୋଇ ଘୁଷୁରିସାହିରେ ଥିବା ତା’ର ଶ୍ରମିକ ଭାଇମାନଙ୍କୁ ଧ୍ୟାନ କରେ ତା’ର ଏକ ଯଥା-ତଥା ଚିତ୍ର ପ୍ରଦାନ କରାଯାଇଛି । ପୁଅ, ବୋହୂ, ନାତି, ନାତୁଣୀମାନେ ଔପଚାରିକ ଭାବେ ବୃଦ୍ଧ ରଙ୍ଗଲାଲଙ୍କ ପାଇଁ ନର୍ସ ଏବଂ ଚାକରମାନଙ୍କୁ ନିଯୁକ୍ତ କରିଛନ୍ତି । ସେ ଘୁଷୁରିସାହିକୁ ଚାହିଁ ଶାନ୍ତି ପାଆନ୍ତି । ସେଠାକାର ଝିଅଟିଏ ବୃଦ୍ଧଙ୍କୁ ପଚାରି ତାଙ୍କ ଭଲମନ୍ଦ ବୁଝୁଥିବା ହେତୁ ବୋହୂମାନଙ୍କଦ୍ୱାରା ଭର୍ତ୍ସିତା ହୁଏ, ପ୍ରହାରିତା ମଧ୍ୟ ହୁଏ । ତଥାପି ସେ ବୁଢ଼ାଙ୍କୁ ଲୁଚିଛପି ଦର୍ଶନ କରେ । ବୁଢ଼ାଙ୍କର ପଇସାରେ ଦିନେ ସେମାନେ ବସ୍ତିଟିଏ ପାଇଥିଲେ । ଘୁଷୁରିସାହିକୁ ରଙ୍ଗଲାଲ କଷ୍ଟରେ ଯାଇଥିଲେ । ପୁଅ ବୋହୂମାନେ ତାଙ୍କୁ ତିନିତାଲାକୁ ନେବାରୁ ସେ ଆଉ ଘୁଷୁରିସାହିର ତାଙ୍କ ପୂର୍ବ ପରିଚିତ ଶ୍ରମିକଙ୍କୁ ଦେଖା କରିପାରିଲେ ନାହିଁ । ବୁଢ଼ାଙ୍କ ଭିତରେ ତାଙ୍କ ବୋହୂ ଓ ନାତି ନାତୁଣୀମାନେ ଏକ ପ୍ରାଗୈତିହାସିକ ଜାନୁଆରକୁ ଦେଖିଲା ପରି ମନେକରି ଛିଟିକି ଯାଆନ୍ତି ଘୃଣାରେ । ଦିନେ ତାଙ୍କ ବେମାର ବଢ଼ି ପଡ଼ିଲାରୁ ପୁଅ ବୋହୂମାନେ ବନ୍ଧୁବାନ୍ଧବଙ୍କୁ ଶେଷ ଦର୍ଶନ ପାଇଁ ଡକାଇଲେ । ଶେଷ ଦର୍ଶନ ପର୍ବ ଖୁବ୍ ଧୁମଧାମରେ ପାଳିତ ହେଲା । ମାଂସ, ପଲଉ, ନାଚ, ଗୀତ- ଏଇ ଭିତରେ ବୃଦ୍ଧଙ୍କ ପ୍ରିୟ ଘୁଷୁରିସାହିର ଝିଅଟିକୁ ଆଶୀର୍ବାଦ ପ୍ରଦାନ କରି ରଙ୍ଗଲାଲ ଆଖି ବୁଜିଲେ । ମୃତ୍ୟୁ ପରେ ଚାଲିଲା ବୃଦ୍ଧଙ୍କର ସମ୍ପତ୍ତି ବିଭାଜନକୁ ନେଇ ପରିବାର ଭିତରେ ଦ୍ୱନ୍ଦ୍ୱ । ଏତିକିବେଳେ ଜଣେ ଓକିଲ ଆସି ବୃଦ୍ଧଙ୍କ ରେଜେଷ୍ଟ୍ରି ହୋଇଥିବା ଉଇଲ (ଇଚ୍ଛାପତ୍ର) ଦେଖାଇ କହିଲେ, ସମ୍ପତ୍ତିର ଅର୍ଦ୍ଧେକ ଘୁଷୁରିସାହି ପାଇଁ ପ୍ରଦତ୍ତ । ବାକି ଅଧକରୁ ସମାନ ଭାବେ ପାଇବେ ତାଙ୍କ ପୁଅ ବୋହୂମାନେ ଏବଂ ଶେଷ ଦର୍ଶନକୁ ଆସିଥିବା ଝିଅଟି ।’’ ପୁଅ ବୋହୂମାନେ ଏକ ସ୍ୱରରେ କହିଲେ, ‘‘ଶଳାବୁଢ଼ା, ଘୁଷୁରି, ଜାନୁଆର ।’’

(ଆକାଶୀଫୁଲ- ପୃ.୬୨)

ସ୍ୱାଧୀନତା ପରେ ମୟୂରଭଞ୍ଜର ଯୁବକ ଯୁବତୀ କିପରି କଣ୍ଟ୍ରାକ୍ଟରଙ୍କ ଦଲାଲିର ଶିକାର ହୋଇଛନ୍ତି ତା’ର ଏକ ଦୁଃଖଦ ଚିତ୍ର ରହିଛି ‘ଡବ୍‌ଲିଂ/ଦୋହରି’ ଗଳ୍ପରେ ।

‘ବାପା’, ‘ମୁଖାଗ୍ନି’, ‘‘ଜନ୍ମଦିନ’’, ମେଜର ଅପରେସନ୍’ ଆଦିରେ ଆତ୍ମଜୀବନୀ ବିବୃତ । ତଥାପି ଗାଳ୍ପିକଙ୍କ ‘ମୁଁ’ ଯାହା ଘୋଷଣା କରେ ତା’ ଭିତରେ ଅଗଣିତ ଲୋକଙ୍କର ସ୍ୱର ଶୁଣିହୁଏ । କାନ୍ଥରେ ଯଦି କଣ୍ଟାବିହୀନ ଘଡ଼ିଟିର ପେଣ୍ଡୁଲମ୍ ଚାଲୁଥାଏ ତେବେ ଘଣ୍ଟା ଚାଲୁଥିଲେ ମଧ୍ୟ ସମୟ ସ୍ଥିର ହୋଇଯାଏ । ବାପା ଗଳ୍ପରେ ସମୟକୁ ଏକ ସ୍ଥିର ବିନ୍ଦୁ ଉପରକୁ ଅଣାଯାଇଛି । ବାପା ହେଉଛନ୍ତି ଗଳ୍ପରେ ‘ଅତୀତ’ର ପ୍ରତୀକ । ପୁଅ ‘ବର୍ତ୍ତମାନ’ର ଏବଂ ନାତି ‘ଭବିଷ୍ୟତ’ର ପ୍ରତୀକ । ବୃଦ୍ଧପିତା (ଅତୀତ) ଶଯ୍ୟାରେ, ପୁତ୍ର (ବର୍ତ୍ତମାନ) ବୃଦ୍ଧଙ୍କର ଚିତ୍କାର ଶୁଣି ମଧ୍ୟ ନିଜ କର୍ମରେ ବ୍ୟସ୍ତ । ନାତି (ଭବିଷ୍ୟତ) ବୈଠକଖାନାରେ ସାଙ୍ଗମାନଙ୍କ ମେଳରେ ବସିଛି । କଲେଜ ପଢ଼ୁଆ ଏଇ ପିଲାମାନେ ସେମାନଙ୍କ ବାପାମାନଙ୍କୁ ଭର୍ତ୍ସନା କରୁଛନ୍ତି । ସେମାନଙ୍କ ବାପାମାନେ ନିଜନିଜ ବାପଙ୍କୁ ଅନୁରୂପ ଭାବରେ ଭର୍ତ୍ସନା କରୁଛନ୍ତି । । ଭବିଷ୍ୟତ କହୁଛି- ‘‘ବୁଢ଼ାର ପ୍ରକୃତି ଛାଡ଼ିଲାଣି, ଥଳିଟାଏ ଧରାଇ ଦେଇ କହିଲା ଯା’ କଣ୍ଟ୍ରୋଲ ଆଣିବୁ ମୋତେ ଗଧ ଭାବିଛି ।’ ‘‘ଆମ ବୁଢ଼ାର ବି ମଥା ଖରାପ : ଗୋଡ଼ରେ ଗୋଡ଼ ଦେଇ ଉପେନ୍ଦ୍ର ଭଞ୍ଜ, ବନମାଳୀ, ଗୋପାଳକୃଷ୍ଣ ଶୁଣୁଛି ।’’ ‘‘ଆମ ବୁଢ଼ା ବି ପାଗଳ, ଗୋଟେ ଜଗନ୍ନାଥ ଫଟୋ ରଖି ଧୂପ ଦେଇ ସକାଳ ସଂଧ୍ୟା ମାତିଛି ।’’ ‘‘ଆମ ବୁଢ଼ାର ଧର୍ମ ଛାଡ଼ିଲାଣି ।



Digitized by PPRACHIN, SOA

'ଶୋଲେ' ପରି ଛବି ଦେଖିବାକୁ ତିନି ଟଙ୍କା ଦେଲାନି ।'' (ହାଇଦ୍ରାବାଦ୍ ଅଙ୍କୁର-ବାପା-ପୃ୧୦୧)

ବର୍ତ୍ତମାନ କହୁଛି-

''ମୋର ସ୍ୱତନ୍ତ୍ର ଅସ୍ତିତ୍ୱ, ବ୍ୟକ୍ତିତ୍ୱ ବୋଲି କିଛି ନାହିଁ । ସେଇ ବାପା, ବାପା, ବାପା, ବାପା । ଏ ବୁଢ଼ାର ରକ୍ତ''--- । ମନେ ମନେ ପ୍ରଚଣ୍ଡ ଭାବେ ଉତ୍ତ୍ୟକ୍ତ ତେଣୁ ବର୍ତ୍ତମାନ ବା ବାପା କୁହନ୍ତି, ''ଜୀବନ ଯାକ ଆମକୁ ଏଇ ବାପା ନାମକ ଜାନୁଆର ବିରୋଧରେ ସଂଗ୍ରାମ କରିବାକୁ ପଡ଼ିବ ।'' 'ବାପା'ଙ୍କୁ ପୁଅ ଅସ୍ୱୀକାର କରିବା କିଛି ନୂଆ କଥା ନୁହେଁ ବୋଲି ଗାଳ୍ପିକ କହିଛନ୍ତି । ରାମଙ୍କ ବିରୋଧରେ ଲବକୁଶ ଯୁଦ୍ଧ କରିଥିଲେ । ଧରମା ତା' ବାପାକୁ ପରାସ୍ତ କରିଥିଲା । ଅତୀତକୁ ହତ୍ୟା କରିବା ସତେ ଯେମିତି 'ବର୍ତ୍ତମାନ'ର ଲକ୍ଷ୍ୟ କାରଣ 'ବାପା' ଏକ ମୃତ ଅତୀତ । ତଥାପି ସେଇ ଅତୀତ ବର୍ତ୍ତମାନକୁ କ୍ଷୀଣ କଣ୍ଠରେ କହୁଛି, ''ବାପାରେ, ପରମ୍ପରାକୁ ମାନ । 'ବର୍ତ୍ତମାନ' କ'ଣ ପରମ୍ପରାକୁ ମାନୁଛି ? ''ମୋର ଇଚ୍ଛା ହୁଏ ଏ ବୁଢ଼ାକୁ ସଫା କରି ଦିଅନ୍ତି ।'' ଗଳ୍ପରେ ରୋଗଶଯ୍ୟାରୁ ଆସୁଥିବା ଚିତ୍କାର ପ୍ରତି ଅମନୋଯୋଗୀ ପୁଅ ବାପାଙ୍କୁ ଦେଖା କରିବାକୁ ଯିବା ବେଳକୁ ବାପା ମରିଯାଇଛନ୍ତି । ପୁଅ କାନ୍ଦି କାନ୍ଦି କହୁଛି ''ମୁଁ ମୋ ବାପାଙ୍କୁ ମାରିଦେଇଛି। ମୁଁ ପିତୃହନ୍ତା, ମୋର ରକ୍ଷା ନାହିଁ ମୋର ପୁଅ ନାତିଙ୍କର ମଧ୍ୟ ମଙ୍ଗଳ ନାହିଁ । ମୋ ସାମ୍ରାଜ୍ୟର ପତନ ଏଇ ଆରମ୍ଭ ।'' (ବାପା-ହା : ଅ : ପୃ ୧୦୪) ବାପାଙ୍କ ସମ୍ପର୍କରେ କିଛି ଲେଖିବା ବେଳେ ଯେକେହି ବ୍ୟକ୍ତି ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । ମାତ୍ର ଲେଖକ ବୃଦ୍ଧ ବାପାଙ୍କ ପ୍ରତି ପାଠୁଆ ଲୋକେ କିପରି ବ୍ୟବହାର କରନ୍ତି ତାହା ପ୍ରକାଶ କରିବା ପାଇଁ ନିଜେ ଏକ ଚରିତ୍ର ପାଲଟିଯାଇ ଗଳ୍ପରେ ଆତ୍ମପକ୍ଷ ବିବୃତି ଦେଇ ଚାଲନ୍ତି ।

ବିଶ୍ୱରେ ଅସ୍ପୃଶ୍ୟତା ଏବଂ ମାନବିକ ଭେଦଭାବ ବିରୋଧରେ ସର୍ବପ୍ରଥମ ପ୍ରବକ୍ତା କିଏ ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ମହାତ୍ମା ଗାନ୍ଧୀଙ୍କୁ ହିଁ ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ପଡ଼ିବ । ମୁଲକରାଜ ଆନନ୍ଦ ଇଂରାଜୀରେ ଅସ୍ପୃଶ୍ୟତା ସମ୍ପର୍କରେ ଏକ ଉପନ୍ୟାସ ଲେଖିବା ପାଇଁ ଗାନ୍ଧିଜୀଙ୍କ ଆଶ୍ରମରେ ଗୋଟାଏ ମାସ ରହିଥିଲେ । ବିଶ୍ୱର ବଡ଼ ବଡ଼ ଲେଖକମାନେ ଗୋଟିଏ ସ୍ଥାନକୁ ଆସି ଲେଖା ପାଇଁ ଅନୁଭୂତି ଅର୍ଜନ କରନ୍ତି । କଥାକାର ଶତପଥୀ 'କଣ ଲେଖିବି'ର ସମାଧାନ ପାଇଁ ସାଇକେଲ ଖଣ୍ଡିଏ ଧରି ବିଭିନ୍ନ ସ୍ଥାନରେ ବୁଲିଛନ୍ତି । ଗୋଟିଏ ଧୋବା ପିଲାର ଆଚରଣ ଦେଖି ସେ ଲେଖିଛନ୍ତି, 'ଏଣୁ କପୋତ ଗୁରୁ ମୋର ।' ଟ୍ରେନ୍‌ରେ ବିଭିନ୍ନ ଚରିତ୍ରମାନଙ୍କୁ ସେ ତାଙ୍କ ଗଳ୍ପ ପାଇଁ ନିବିଡ଼ ଭାବେ ଅଧ୍ୟୟନ କରିଛନ୍ତି । 'ହାଇଦ୍ରାବାଦ ଅଙ୍କୁର' ଗଳ୍ପଟି ଟ୍ରେନ ଯାତ୍ରୀଙ୍କୁ ନେଇ ଲିଖିତ । 'ଏକ ବୃତ୍ତାନ୍ତ : ସରସ୍ୱତୀ କୁଣ୍ଡୁର' ଟ୍ରେନ ଯାତ୍ରା କାଳର ଅନୁଭୂତି ବହନ କରିଛି ।

ପ୍ରଫେସର ଶତପଥୀ ଜଣେ ହାସ୍ୟରସିକ । 'ଭାଲୁଶିକାର' ଗଳ୍ପରେ ସେ ନିଜକୁ 'ବିଦୂଷକ' ବୋଲି ଘୋଷଣା କରିଛନ୍ତି । ତାଙ୍କର ବକ୍ତବ୍ୟ ଭିତରେ ହାସ୍ୟ ସହିତ ଧୀ- ବିଳାସର ସଂଯୋଗ ଘଟିଥାଏ । ସେ ଅନେକ ଗଳ୍ପରେ ନିଜର ବ୍ୟଙ୍ଗ ପ୍ରବଣତାକୁ ନିଜ ଉପରେ ଆରୋପକରି ଗଳ୍ପ ଲେଖିଛନ୍ତି । ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରଖ୍ୟାତ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ତାଙ୍କୁ ଲେଖିଥିଲେ,



Digitized by PPRACHIN, SOA

''ଆପଣ ସାଂପ୍ରତିକ ଗଳ୍ପ ଲେଖକମାନଙ୍କ ମଧ୍ୟରେ ମୋତେ ଆପିଲ୍ କରନ୍ତି ବେଶୀ । ଆପଣଙ୍କ ଗଳ୍ପମାନଙ୍କରେ ମୁଁ ଦୁଇଟି ଜିନିଷ ଲକ୍ଷ୍ୟ କରିଥାଏଁ : ଶୁଦ୍ଧ ହାସ୍ୟରସ, ସିଏ ପୁଣି ନିଜକୁ କେନ୍ଦ୍ର କରି ଓ ଅବ୍‌ଜାର୍‌ଭେସନ୍‌ର ତୀକ୍ଷ୍ଣତା । ଏ ଦୁଇଟି ଯାକ ବସ୍ତୁ ଆଜି ଓଡ଼ିଆ ସାହିତ୍ୟରେ ବିରଳ । xx ଆପଣଙ୍କ ହାସ୍ୟରେ ମୁଁ ପାଇଥାଏ Jerome k-Jerone ଓ P. G. Woodhouseଙ୍କ ହାସ୍ୟରସର ସ୍ପର୍ଶ ।'' (ସୁରେନ୍ଦ୍ର ମହାନ୍ତିଙ୍କ ୧୬/୨/୮୭ ତାରିଖର ଚିଠି-ଚିରବସନ୍ତ, ଶେଷ ପୃଷ୍ଠା)

**ଉପସଂହାର-**

ବସନ୍ତ କୁମାର ଶତପଥୀଙ୍କ ସମ୍ପର୍କରେ କେତୋଟି ବିକ୍ଷିପ୍ତ କଥା ଏଥିରେ କୁହାଗଲା । ଏହି ପ୍ରବନ୍ଧ ଗବେଷଣାଧର୍ମୀ ନୁହେଁ, କଥାକାରଙ୍କ ସମ୍ପର୍କରେ ଏଥିରେ ଏକ ଶୂନ୍ୟ ସଂଚାରୀ ଦୃଷ୍ଟି ପ୍ରଦାନ କରାଯାଇଛି ।

❑



Digitized by PPRACHIN, SOA

# ଭାରତୀୟ ରେଳବାଇ ଓ ମକା

ମନୁ ଦାଶ

ଯେତେଦୂର ମନେପଡୁଛି ସେଦିନ ଥିଲା ରବିବାର । ୧୯୮୮ ମସିହାର ଖରାଦିନ । ଏବର ଅଂଶୁଘାତର ଆତଙ୍କ ଯଦିଓ ନଥିଲା ତେବେ ସେତେବେଳେ ଯେ ସୂର୍ଯ୍ୟଦେବ ନିର୍ଦ୍ଦୟ ନଥିଲେ ଏକଥା କହି ହେବନାହିଁ । ବାଲେଶ୍ୱରରୁ ଦିଲ୍ଲୀ ଯିବାର ଥାଏ ଏକ ବ୍ୟକ୍ତିଗତ କାମରେ । ଷ୍ଟେସନ୍‌ରେ ଟ୍ରେନ୍‌କୁ ଅପେକ୍ଷା କରିଥାଏ । ଡହଡହ ଖରା ସାଙ୍ଗକୁ ଝାଞ୍ଜି ପବନ ପିଟୁଥାଏ । ମଧ୍ୟବୟସ୍କ ଭଦ୍ରବ୍ୟକ୍ତିଜଣକ ପାଖକୁ ଆସି ମୋତେ ସ୍ୱାଗତ କରିବା ଭଙ୍ଗୀରେ କହିଲେ : ଆପଣଙ୍କ ଟ୍ରେନ୍‌ଟି ପାଞ୍ଚ ଘଣ୍ଟା ବିଳମ୍ବରେ ଆସିବ ।'

: 'ଆପଣ କିପରି ଜାଣିଲେ ମୁଁ କୋଉ ଟ୍ରେନ୍‌କୁ ଅପେକ୍ଷା କରିଛି ?' ମୁଁ ସନ୍ଦେହରେ ପ୍ରଶ୍ନ କଲି' । ଭଦ୍ରବ୍ୟକ୍ତିଜଣକ ହସିଲେ ଓ କହିଲେ : ନିର୍ଦ୍ଧାରିତ ଟ୍ରେନ୍‌ଟି ଆସିବାର ପ୍ରାୟ ଏକଘଣ୍ଟା କିମ୍ବା ଅଧଘଣ୍ଟା ପୂର୍ବରୁ ଯାତ୍ରୀମାନେ ପ୍ଲାଟ୍‌ଫର୍ମରେ ପହଞ୍ଚୁଥା'ନ୍ତି । ବର୍ତ୍ତମାନ ମଧ୍ୟାହ୍ନ ବାରଟା ଏବଂ ଗୋଟାଏ ବେଳେ ପହଞ୍ଚୁଥିବା ଡି.ଏମ୍.ୟୁ. ଛଡ଼ା ନିକଟ ଭବିଷ୍ୟତରେ ଏଠି କୌଣସି ଗାଡ଼ି ଅଟକିବ ନାହିଁ ।' ଏତକ କହି ସାରିବା ପରେ ଭଦ୍ରବ୍ୟକ୍ତି ତାଙ୍କର ପାନଖିଆ କଳାଦାନ୍ତଗୁଡ଼ିକ ଦେଖାଇ ହସିଲେ ନିଶବ୍ଦରେ ।

ଭଦ୍ରବ୍ୟକ୍ତିଙ୍କ ବୁଦ୍ଧିଦୀପ୍ତ ତର୍ଜମାକୁ ମୁଁ ଉପଭୋଗ କଲି ସତ ମାତ୍ର ଯେଉଁ ଦୁଃସମ୍ବାଦଟି ସେ ମୋତେ ପରିବେଷଣ କଲେ ସେଥିଯୋଗୁଁ ମୁଁ ବ୍ୟଥିତ ହେବା ଛଡ଼ା ଗତ୍ୟନ୍ତର ନଥିଲା । ଏହାଛଡ଼ା ଆଉ କ'ଣ କରାଯାଇପାରେ ? ଭାରତୀୟ ରେଳବାଇର ଟ୍ରେନ୍‌ଗୁଡ଼ିକ କାହିଁକି ଏପରି ଅହେତୁକ ବିଳମ୍ବରେ ଯାତାୟତ କରେ ତା'ର କାରଣ ଯଦିଓ ଏ ଲେଖକଙ୍କୁ ଊଣା ଅଧିକେ ଜଣା, ମାତ୍ର ତାହା ଯେ ଅସଲ ସମସ୍ୟାର ସମାଧାନ ପାଇଁ ଆଦୌ ସହାୟକ ହେବ ନାହିଁ ତାହାହିଁ ଦୁଃଖଦ ବ୍ୟାପାର । ଖବରକାଗଜମାନଙ୍କର ପୃଷ୍ଠା ମଣ୍ଡନ କରି ଅନେକ ସମୟରେ ଏଇ ବିଳମ୍ବଜନିତ ଟ୍ରେନ୍ ଯାତାୟତ ଯୋଗୁଁ ରେଳବାଇ କର୍ତ୍ତୃପକ୍ଷଙ୍କୁ କଟୁ ସମାଲୋଚନାର ଶରବ୍ୟ ହୋଇଥିବା ମଧ୍ୟ ଦୃଷ୍ଟିକୁ ଆସିଛି । ମାତ୍ର ମୋତେ ଯେତେ ମାଠିବୁ ମାଠ୍ ନ୍ୟାୟରେ ଘଟଣାଟି ଘଟିଚାଲିଛି ଓ ଚାଲିଥିବ ମଧ୍ୟ । ସରକାର କିମ୍ବା ତାଙ୍କର ନୀତି ବଦଳିବା ସହ ଏହାର (ବିଳମ୍ବ ହେବାର) ଯେପରି କୌଣସି ସଂପର୍କ ନାହିଁ । ତା'ଛଡ଼ା, ଏଇ ବିଳମ୍ବକୁ ଭାରତୀୟମାନେ ପ୍ରାୟତଃ ସହ୍ୟ କରିବା ସହ ଏହାକୁ ଜୀବନର ଗୋଟିଏ ସାଧାରଣ ଘଟଣା ଭାବେ ଧରି ନେଇଛନ୍ତି କେଉଁ କାଳରୁ ଯେମିତି ।



Digitized by PPRACHIN, SOA

ହାତ ଘଣ୍ଟାକୁ ଚାହିଁଲି । ଖୁବ୍ କମ୍‌ରେ ସାଢ଼େ ପାଞ୍ଚଘଣ୍ଟା କ'ଣ କରାଯାଇପାରେ ଏ ଅସହ୍ୟ ଗରମରେ ? ମଗଜରେ ଆଇଡିଆଟେ ଢୁକିଲା । ଅଗତ୍ୟା ଷ୍ଟେସନ୍ ବାହାରକୁ ଆସି ରିକ୍ସାଟିଏ ଧରିଲି ଓ ସହଦେବ ଖୁଣ୍ଟାରେ ପହଞ୍ଚିଲି । ରିକ୍ସାବାଲାକୁ 'କେଉଁ ଜାଗାରେ ନିର୍ଦ୍ଦିଷ୍ଟ ଭାବେ ଓହ୍ଲାଇବି' ବୋଲି ପଚାରିଲା ମାତ୍ର ମୋତେ ନିର୍ଦ୍ଦିଷ୍ଟ ଠିକଣାଟି ହିଁ ଜଣାଇଥିଲା । ବାଧ ହୋଇ ଗୋଟେ ଛକ ଉପରେ ଓହ୍ଲାଇ ରିକ୍ସାଟିକୁ ବିଦା କଲି । ଛତାଟିଏ ଧରି ଜଣେ ଯୁବକ ଆସୁଥିଲେ । ତାଙ୍କୁ ପଚାରିଲି ଟିକିଏ ଥତ୍‌ମତ୍ ହୋଇ-

: ଏଇଟା ସହଦେବଖୁଣ୍ଟା ତ ?

: ହଁ । ସେ ମୁଣ୍ଡ ନାଡ଼ିଲେ ଓ ମୋତେ ଓଲଟା ପ୍ରଶ୍ନ କରି ବସିଲେ : କୋଉଠିକି ଯିବେ ?

: 'ବସନ୍ତ ଶତପଥୀଙ୍କ ଘରକୁ' । ମୁଁ କହିଲି- ଯୁବକଜଣକ ଟିକିଏ ଭାବିଲେ ଓ ପୁଣି କହିଲେ :

: ସେ କ'ଣ କରନ୍ତି ଓ ଆଉ ଦେଖିବାକୁ କେମିତି ?

ବସନ୍ତ ଶତପଥୀଙ୍କୁ ମୁଁ ଆଗରୁ କେବେ ଦେଖିନାହିଁ । କେବଳ ତାଙ୍କ ଗଳ୍ପ ଓ ଆଲୋଚନା ପଢ଼ିଛି ଯାହା । ବାଧ ହୋଇ ଯୁବକଙ୍କୁ ସେ କଥାହିଁ କହିଲି । ଏଠାରେ କୌଣସି ଗାଳ୍ପିକଙ୍କୁ ସେ ଜାଣନ୍ତି ନାହିଁ ଅଥବା ସେପରି ବ୍ୟକ୍ତି ଏ'ଠି କେହି ନାହାଁନ୍ତି ବୋଲି କହି ଯୁବକ ତାଙ୍କ ବାଟ ଧରିଲେ । ମାତ୍ର କଥା ଛଳରେ ସୂଚନା ଦେଲେ ଯେ ସେ ମଧ ସହଦେବଖୁଣ୍ଟାରେ ଦୀର୍ଘ ବର୍ଷ ଧରି ରହୁଛନ୍ତି ।

ମାତ୍ର ମୁଁ ତାଙ୍କୁ ବିଶ୍ୱାସ କଲି ନାହିଁ । କାରଣ ସମସ୍ତ ସମ୍ଭ୍ରାନ୍ତ ଓଡ଼ିଆ ପତ୍ରପତ୍ରିକାରେ ବସନ୍ତ ଶତପଥୀଙ୍କ ପ୍ରତିଟି ପ୍ରକାଶିତ ଗଳ୍ପ ଶେଷରେ ସହଦେବଖୁଣ୍ଟାର ଠିକଣା ହିଁ ରହୁଥିଲା । ଯା' ହେଉ ଦୁଇ ତିନିଜଣଙ୍କୁ ପଚାରି ପଚାରି ମୁଁ ଶେଷରେ ବସନ୍ତ ଶତପଥୀଙ୍କ ଘର ପାଇଗଲି । ଗୋଟିଏ ଭଡ଼ାଘରେ ନିଜ ଚାକିରିଆ ପୁଅଙ୍କ ପାଖରେ ସେ ରହୁଥିଲେ । ସଦ୍ୟ ଚୂନ ଧଉଳା ଲମ୍ବା ଘରଟି ବାହାରୁ ଗୋଟିଏ ସ୍କୁଲ ପରି ପ୍ରତୀୟମାନ ହେଉଥିଲା । କବାଟ ଓ ଝରକାମାନଙ୍କରେ ଶୁଆପକ୍ଷୀ ପରି ନୀଳ ରଙ୍ଗ ବୋଳା ଯାଇଥିଲା । ପରିଚାରକଟି ଡ୍ରଇଂରୁମ୍‌ରେ ବସାଇ ଦେଇ ଚାଲିଗଲା ଘର ଭିତରକୁ । ଅଳ୍ପ ସମୟ ପରେ ବସନ୍ତ ଶତପଥୀ ଆସି ପହଞ୍ଚିଲେ । ଅନୁମାନ ବୟସ ପଞ୍ଚଷଠି ଉପରେ । ପତଳା ଚେହେରା ସାଙ୍ଗକୁ ଶ୍ୱେତବର୍ଣ୍ଣ ଶରୀର । ମୁଁ ନମସ୍କାର କରି ମୋର ପରିଚୟ ଦେବାମାତ୍ରେ ଧାରେ ହସ ତାଙ୍କ ଓଠ ଉପରେ ଖେଳିଗଲା, କାରଣ ତିନି ବର୍ଷ ତଳେ ବସନ୍ତବାବୁଙ୍କ ସହ ମୋର କିଛି ଚିଠିପତ୍ର ଆଦାନ ପ୍ରଦାନ ହୋଇଥିଲା ଓ ମୁଁ ସେତେବେଳେ ତାଙ୍କ ଗଳ୍ପ 'ଭାଲୁ ଶିକାର'କୁ ବେତାର ନାଟ୍ୟରୂପ ଦେଇଥିଲି ଯାହା ପରବର୍ତ୍ତୀ ସମୟରେ ୧୯୮୬ ମସିହାରେ ଆକାଶବାଣୀରୁ ପ୍ରସାରିତ ହୋଇଥିଲା । ଗଳ୍ପଟିର ଅନ୍ତଃସ୍ୱର ମୁଁ ଠିକ୍ ଧରିପାରିଥିବା ସ୍ୱୀକାର କରି ଏକ ପତ୍ର ଲେଖିଥିଲେ ସେ । ପରେ ଉକ୍ତ ଗଳ୍ପଟି ଜ୍ଞାନପୀଠ ପ୍ରକାଶନ ତରଫରୁ ହିନ୍ଦୀରେ ଅନୁଦିତ ହୋଇ ପ୍ରକାଶ ପାଇଥିଲା ବୋଲି ଶ୍ରୀ ଶତପଥୀ ପ୍ରକାଶ କଲେ । ବସନ୍ତ ଶତପଥୀଙ୍କ ଗଳ୍ପରେ କେବଳ ଯାଦୁ ନଥିଲା, କଥା



Digitized by PPRACHIN, SOA

କହିବା ବେଳେ ତାଙ୍କ ଦ୍ୱାରା ଶାଣିତ ବ୍ୟଙ୍ଗୋକ୍ତି ପ୍ରୟୋଗ ବେଶ୍ ଆହ୍ଲାଦିତ କରେ ଶ୍ରୋତାକୁ । ଏକଥା ତାଙ୍କୁ ଥରେ ଯିଏ ମିଶିଚି, ସେ ଅନୁଭବ କରିଛି ।

ଗୋଟାଏ ଲହସରେ ସେ ଗପ ପରେ ଗପ କହିପାରନ୍ତି । ଏ ସଂପର୍କରେ ଅନେକବାର ପୂର୍ବରୁ ସୂଚନା ପାଇଥିଲି ବିଶିଷ୍ଟ କବି ବ୍ରଜନାଥ ରଥ ଏବଂ ନାଟ୍ୟକାର କୁଞ୍ଜ ରାଏଙ୍କଠାରୁ । ଗପ କହିବାବେଳେ ଆଦୌ ଥକି ପଡ଼ନ୍ତି ନାହିଁ ସେ । ଫକୀରମୋହନଙ୍କ ପରି ପରିଣତ ବୟସରେ ଲେଖାଲେଖି ଆରମ୍ଭ କରିଥିଲେ ସେ । ସେଦିନ ମଧ୍ୟାହ୍ନରେ ସେ ମୋତେ ଶୁଣାଇଲେ ରସାଳ ଗପଟିଏ : ଯାହାର ନାଁ ଥିଲା 'ମକା' । ଚାକିରିରୁ ଅବସର ପରେ ଗଳ୍ପର ନାୟକଟି (ସମ୍ଭବତଃ ବସନ୍ତବାବୁ ନିଜେ ହିଁ ତା'ର ଚରିତ୍ର ଥିଲେ) କିପରି ପିଲାଦିନର ସ୍ମୃତିରେ ମଗ୍ନ ହୋଇ ମକା ଖାଇବାର ଅନୁଭବଟିକୁ ଦୋହରାଇବାକୁ ଯାଇ ସହରରୁ ନିଜ ଗାଁରେ ପହଞ୍ଚିଛି (ମୟୂରଭଞ୍ଜର ପାନ୍ଧଡ଼ା ଲେଖକଙ୍କ ଗାଁ) ଓ ଗାଁର ଭିନ୍ନ ଭିନ୍ନ ଚରିତ୍ର ସଂସ୍ପର୍ଶରେ ଆସିଛି, ଏପରିକି ନିଜ ଭାଉଜଙ୍କ ସହ ଥଟ୍ଟା ତାମସା ବେଳେ ମକାକୁ ଯୌନପ୍ରତୀକ ଭାବେ ଗ୍ରହଣ କରି ରଙ୍ଗରସ କରିଛନ୍ତି ତା'ର ମାର୍ମିକ ବର୍ଣ୍ଣନା କରି ଚାଲିଥା'ନ୍ତି ଶ୍ରୀ ଶତପଥୀ । ଗଳ୍ପର ଶେଷ ଆଡ଼କୁ କିପରି ନାୟକଙ୍କ ଘର ପୁରୁଣା ଚାକର ଆଣି ତାଙ୍କୁ 'ମକା' ଦେଇଛି ଓ ଗଳ୍ପର ଚରିତ୍ର ଖୁସିରେ ନାଚି ଉଠିଛନ୍ତି-ତାହାହିଁ କହୁଥା'ନ୍ତି ସେ । ତିନିଘଣ୍ଟାକାଳ ତାଙ୍କ ସହ ମୋର ଆଲୋଚନା । ତାହାହିଁ ବସନ୍ତବାବୁଙ୍କ ସହ ଥିଲା ପ୍ରଥମ ଓ ଶେଷ ସାକ୍ଷାତ୍‌କାର । ଜାଣେନା, ତାଙ୍କର ମକା ଗଳ୍ପଟି ସେ ଲେଖିଥିଲେ ନା ନାହିଁ । ଅଥବା ତାହା ପ୍ରକାଶିତ ହେଲା କି ନାହିଁ । ତେବେ ଭାରତୀୟ ରେଳବାଇକୁ ସେଦିନ ମୁଁ କୃତଜ୍ଞତା ଜଣାଇଲି ଏପରି ଏକ ଜୀବନ୍ତ ଗଳ୍ପର ଗନ୍ତାଘରକୁ ଭେଟିଥିବା ଯୋଗୁଁ ।

ସୌଜନ୍ୟ : ପ୍ରିୟ ଗଣକ

❑



Digitized by PPRACHIN, SOA

# ବସନ୍ତ ଶତପଥୀ ଓ ସମକାଳୀନ କେତେକ ଗାଳ୍ପିକ

ବିଚିତ୍ରନାଥ ସାହୁ

ଓଡ଼ିଆ କ୍ଷୁଦ୍ରଗଳ୍ପ ଇତିହାସରେ ଊନବିଂଶ ଶତାବ୍ଦୀର ଷଷ୍ଠ ଦଶକୋତ୍ତର କାଳ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । କାରଣ ଏହି ସମୟରେ ଓଡ଼ିଆ କ୍ଷୁଦ୍ରଗଳ୍ପର ଭୂୟସୀ ବିକାଶ ଘଟିଛି । ବହୁ ପ୍ରତିଭାଧର ଗାଳ୍ପିକଙ୍କ ଏହି ସମୟରେ ଗଳ୍ପ ଜଗତରେ ଆବିର୍ଭାବ ଘଟିଛି । ଗଳ୍ପ ସାହିତ୍ୟରେ ଯାହାକୁ ମଧ୍ୟବିତ୍ତ ଇଣ୍ଟେଲେକ୍‌ଚୁଆଲିଜିମ୍ କୁହାଯାଏ ତାହାର ଗୁରୁତ୍ୱ ଏହି ସମୟର ଓଡ଼ିଆ ଗଳ୍ପ ସାହିତ୍ୟରେ ପ୍ରକାଶ ପାଇଛି । ଆଙ୍ଗିକ ଓ ଆତ୍ମିକ ଉଭୟ କ୍ଷେତ୍ରରେ ଓଡ଼ିଆ ଗଳ୍ପ ସାହିତ୍ୟରେ ବହୁ ନୂତନତ୍ୱ ଏହି ସମୟରେ ଦେଖା ଦେଇଛି । ଅନ୍ୟାନ୍ୟ ଭାରତୀୟ ସାହିତ୍ୟ ତଥା ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା ଏହି ସମୟରେ ଓଡ଼ିଆ ଗଳ୍ପ ସାହିତ୍ୟ ପ୍ରଭାବିତ ହେବା ସ୍ୱାଭାବିକ । ପୁଣି ପରିବର୍ତ୍ତିତ ସାମାଜିକ ମୂଲ୍ୟବୋଧ, ରାଜନୈତିକ ସଚେତନତା ତଥା ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଏହି ଦଶନ୍ଧି ଏବଂ ପରବର୍ତ୍ତୀ କାଳରେ ଲେଖକମାନଙ୍କର ଦୃଷ୍ଟିଭଙ୍ଗୀକୁ ବଦଳାଇ ଦେଇଥିଲା । ବାସ୍ତବିକ ୧୯୬୦ ଠାରୁ ୧୯୮୦ ଏହି କୋଡ଼ିଏ ବର୍ଷ ଭିତରେ ଓଡ଼ିଆ ଗଳ୍ପ ସାହିତ୍ୟ ଯେପରି ବହୁ ନୂତନ ଆଙ୍ଗିକ ଦ୍ୱାରା ଋଦ୍ଧିମନ୍ତ ହେଲା, ଭାବ ପ୍ରକାଶର ବିଭିନ୍ନତାରେ ତା'ର ଆତ୍ମିକ ରୂପ ସେହିଭଳି ଐଶ୍ୱର୍ଯ୍ୟଶାଳୀ ହୋଇଥିଲା ।

ଗାଳ୍ପିକ ବସନ୍ତ ଶତପଥୀଙ୍କର ଗାଳ୍ପିକ ଜୀବନ ଷାଠିଏ ଉତ୍ତର ଦଶକରେ ହିଁ ବିକାଶ ଲାଭ କରିଥିଲା । ସେତେବେଳକୁ ତାଙ୍କର ବୟସ ପରିପକ୍ୱ । ସଂସାରୀ ଭାବରେ ତାଙ୍କର ଅଭିଜ୍ଞତା ମଧ୍ୟ ପୋଖତ । ଜଣେ ପ୍ରବୀଣ ଅଧ୍ୟାପକ ଭାବରେ ଇଂରାଜୀ ସାହିତ୍ୟରେ ତାଙ୍କର ଦକ୍ଷତା ମଧ୍ୟ ପ୍ରତିଷ୍ଠିତ ହୋଇ ସାରିଥିଲା । ପତ୍ନୀ ଓ ପୁତ୍ର ବିଯୋଗ ଜନିତ ଦୁଃଖରେ ଯେତେବେଳେ ତାଙ୍କ ମନ ଭାରାକ୍ରାନ୍ତ, ଠିକ୍ ସେତିକିବେଳେ ବନ୍ଧୁଙ୍କ ଅନୁରୋଧରେ ତାଙ୍କର ସହଜାତ ଗାଳ୍ପିକ ପ୍ରତିଭାର ଉନ୍ମେଷ ଓ ବିକାଶ ।

ସମକାଳୀନ ଗଳ୍ପ ସାହିତ୍ୟରେ ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଯୁଗ ରୁଚିର କେତେକ ସାମ୍ୟ ପରିଦୃଷ୍ଟ ହେଲେ ମଧ୍ୟ ପ୍ରତ୍ୟେକ ସ୍ରଷ୍ଟାର ନିଜସ୍ୱ ସୃଷ୍ଟି ଶୈଳୀ ଥାଏ । ଏହାହିଁ ତା'ର ବୈଶିଷ୍ଟ୍ୟ ପ୍ରତିପାଦନ କରେ । ସମକାଳୀନ କେତେକ ପ୍ରତିଷ୍ଠିତ ଗାଳ୍ପିକଙ୍କ ସଂଗେ ବସନ୍ତ ଶତପଥୀଙ୍କ ରଚନାର ତୁଳନାତ୍ମକ ଆଲୋଚନା କଲେ ତାଙ୍କର ବୈଶିଷ୍ଟ୍ୟ ପ୍ରତିପାବିତ ହୋଇଥାଏ । ଆଙ୍ଗିକ ଦୃଷ୍ଟିରୁ ଓ ଆତ୍ମିକ ଭାବରୁ ଯେଉଁ ଗାଳ୍ପିକଗଣ ଏ ଦିଗରେ ଆଲୋଚନା ପରିସରକୁ ଆସନ୍ତି ସେମାନଙ୍କ ମଧ୍ୟରେ ଫତୁରାନନ୍ଦ (୧୯୧୫) ଏବଂ ମହାପାତ୍ର ନୀଳମଣି ସାହୁ (୧୯୨୬) ଅନ୍ୟତମ ।



Digitized by PPRACHIN, SOA

ରମ୍ୟରଚନା ଶୈଳୀରେ ଗଳ୍ପ ଲେଖିବାରେ ଓଡ଼ିଆ ସାହିତ୍ୟରେ ଫତୁରାନନ୍ଦ ହିଁ ଅଗ୍ରଗଣ୍ୟ । ଗାଳ୍ପିକ ଶତପଥୀଙ୍କ ଭଳି ଫତୁରାନନ୍ଦ ମଧ୍ୟ ଫକୀରମୋହନଙ୍କୁ ନିଜର ଗୁରୁ ମାନିଛନ୍ତି। ତାଙ୍କ ନିଜ ଭାଷାରେ "ଫକୀରମୋହନଙ୍କ ଦ୍ୱାରା ସବୁଠାରୁ ମୁଁ ବେଶି ପ୍ରଭାବିତ ହୋଇଛି । କାନ୍ତକବି ଲକ୍ଷ୍ମୀକାନ୍ତ ଓ ଗୋଦାବରୀଶ ମହାପାତ୍ର ମଧ୍ୟ ମୋତେ ଯଥେଷ୍ଟ ପ୍ରଭାବିତ କରିଛନ୍ତି । ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଦ୍ୱାରା ମଧ୍ୟ ଊଣା ଅଧିକେ ପ୍ରଭାବିତ ହୋଇଛି" ବୋଲି ସେ ନିଜେ ସ୍ୱୀକାର କରିଛନ୍ତି ।

ହାସ୍ୟ- ବ୍ୟଙ୍ଗ-କରୁଣର ତ୍ରିବେଣୀ ଧାରା ଉଭୟ ଫତୁରାନନ୍ଦ ଓ ଶତପଥୀଙ୍କ ଗଳ୍ପ ସୃଷ୍ଟିକୁ ରସସିକ୍ତ କରିଛି । ମନୁଷ୍ୟ ନିଜ ଜୀବନର ଚରମ ଦୁଃଖଦ ମୁହୂର୍ତ୍ତରେ ମଧ୍ୟ ହସିପାରେ- ଏହା ଫତୁରାନନ୍ଦଙ୍କ ଜୀବନ ଓ ସାହିତ୍ୟ ସୃଷ୍ଟିକୁ ଦେଖିଲେ ଯେଭଳି ପ୍ରମାଣିତ, ଠିକ୍ ସେହିଭଳି ଗାଳ୍ପିକ ଶତପଥୀଙ୍କ ଜୀବନର ଘଟଣାବଳୀକୁ ଅନୁଧ୍ୟାନ କଲେ ମଧ୍ୟ ଏହି ଏକା ସତ୍ୟରେ ଉପନୀତ ହେବାକୁ ହୁଏ । ଶ୍ରୀ ଶତପଥୀଙ୍କ ଗଳ୍ପର ନାମକରଣ ଯେପରି ରମ୍ୟ ରଚନାଧର୍ମୀ ଏବଂ ଅନନ୍ୟ ସାଧାରଣ, ଫତୁରାନନ୍ଦଙ୍କ ଗଳ୍ପଗୁଡ଼ିକର ନାମକରଣରେ ମଧ୍ୟ ସେହିଭଳି ସମତା ଦେଖାଯାଏ । ଗାଳ୍ପିକ ଶତପଥୀଙ୍କ ଗଳ୍ପର ନାମକରଣ ନେଉଳ ଓ ସାନ୍ତାଳ, ମାଛ ଧର୍ ଧର୍ ବେଙ୍ଗଟା ଧର, ମେଜର ଅପରେସନ୍, କୁକୁର, ଖୁଚୁରା, ଗୋଟାଏ ଆଳୁ, କାଣୀଚିଆଁ, ଏଣ୍ଟିରୋମାଣ୍ଟିକ୍, ଭି. ଆଇ.ପି., କୁଆ, କ୍ଲାସିକାଲ କମେଡି, ଭଦ୍ରାମି ଓ ଛେନାପୋଡ଼ ଇତ୍ୟାଦି । ଫତୁରାନନ୍ଦ ମଧ୍ୟ ହେରେସା, ବିଦୂଷକ, ବୃହଦ୍‌ଭାଣ୍ଡ, ଅମୃତ ବେହିଆ, ସାହିତ୍ୟ ଚାଷ, ସମାଲୋଚନା, ଭାଲୁକବି, ଝାଡୁଦାର, ଗାଡୁଆ ମୂଷା, ଷଣ୍ଢ ଲଢ଼େଇ ଇତ୍ୟାଦି ଗଳ୍ପର ହାସ୍ୟୋଦ୍ଦୀପକ ନାମକରଣ କରିଛନ୍ତି । ବିଷୟବସ୍ତୁ ନିର୍ବାଚନରେ ଉଭୟ ଗାଳ୍ପିକଙ୍କର ଦୃଷ୍ଟିଭଙ୍ଗୀ ସମାନ । ଯେକୌଣସି ବିଷୟ ଉପରେ ଗଳ୍ପ ରଚନା କରି ପାଠକର ମନୋରଞ୍ଜନ କରିବାରେ ଉଭୟ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଫତୁରାନନ୍ଦଙ୍କ ଗଳ୍ପଗୁଡ଼ିକ ନିରୋଳା ହାସ୍ୟରସ ସୃଷ୍ଟି କରିଥାଏ, କିନ୍ତୁ ବସନ୍ତ ଶତପଥୀଙ୍କ ରଚନାରେ ହାସ୍ୟ-ବ୍ୟଙ୍ଗ-କରୁଣ ଭାବ ମୁଖ୍ୟ ଉପଜୀବ୍ୟ ହେଲେ ହେଁ ଜୀବନର ଅନ୍ୟ ଉପାଦାନଗୁଡ଼ିକୁ ରୂପ ଦେବାରେ ମଧ୍ୟ ଗାଳ୍ପିକଙ୍କର କଲମ ସମାନ ଦକ୍ଷତା ପ୍ରଦର୍ଶନ କରିଥାଏ । 'ଆକାଶୀଫୁଲ' ଗଳ୍ପରେ ଆମେ ଯେଉଁ ଗାଳ୍ପିକ ଶତପଥୀଙ୍କୁ ଭେଟୁ ସେ ହାସ୍ୟପ୍ରିୟ ନିଶ୍ଚୟ, କିନ୍ତୁ ପ୍ରକୃତି ବର୍ଣ୍ଣନାରେ ତାଙ୍କର ରସଗ୍ରାହିତା ଅମଳିନ ହୋଇ ଫୁଟିଉଠିଛି । ସହଜ ସାବଲୀଳ ଭାଷା ଏଠି ଉପମା ପ୍ରୟୋଗର ଅନନ୍ୟତା ନିମ୍ନୋକ୍ତ ବାକ୍ୟରୁ ପ୍ରତିପାଦିତ ହୁଏ ।

"ଲମ୍ବା ଲମ୍ବା ଡେମ୍ଫ ଅଗରେ ସୁଦୂରର ଟିକି ତାରା ପରି ପାଞ୍ଚପାଖୁଡ଼ିଆ ଫୁଲଟି ଲାଖି ରହିଛି, ସାନ୍ତାଳ ଯୁବତୀର ଟଭାଫଳ ପରି କୁଡାରେ ରୁପାକାଠିର ରୁଣୁଝୁଣିଆ ଝୁମ୍ପା ପରି ।"

'କାଣିଚିଆଁ' ଗଳ୍ପରେ ସେହିଭଳି ଚିଲ ଖୁମ୍ପାରେ କୁକୁଡ଼ା ଚିଆଁର ବିଦୀର୍ଣ୍ଣ ପରର ବର୍ଣ୍ଣନା ଦେଇ ଗାଳ୍ପିକ ସୁନ୍ଦର ଉଦାହରଣ ଦେଇ ଲେଖିଛନ୍ତି, "ଖୁବ୍ ଉଚ୍ଚ ଶିମୁଳିଗଛର ଅଗରେ ଥିବା ଫଟା ଶିମୁଳିଫଳରୁ ଦମକା ପବନରେ ଯେମିତି ଗୋଛାଏ ତୁଳା ଉଡ଼ିଯାଏ ସେମିତି ଛୋଟ ଛୋଟ ପରର ରୋଷଣି ଆକାଶରେ ଖେଳିଗଲା ।" ଶାଗୁଣା ବସାକୁ ସମ୍ପୃକ୍ତ



Digitized by PPRACHIN, SOA

ଧ୍ୱଂସ କରିବାପାଇଁ ଜ୍ୱଳନ୍ତ ମଶାଲ ନେଇ ଶିମୁଳିଗଛରେ ଉଠିଥିବା ଶନିମଣ୍ଡଳର ବର୍ଣ୍ଣନା ଦେବାକୁ ଯାଇ କେତେବେଳେ ତାକୁ କୈଳାଶର ତ୍ରିଶୂଳ ଧାରଣ କରିଥିବା ଶିବଙ୍କ ସଂଗେ, କେତେବେଳେ ନାଲି ନେତଧରି ଜଗନ୍ନାଥ ମନ୍ଦିର ଚୂଡ଼ାକୁ ଉଠୁଥିବା ମଣିଷ, କେତେବେଳେ କ୍ରୁଦ୍ଧ ଚାଣକ୍ୟତ କେତେବେଳେ ଏଭେରେଷ୍ଟ ଶୃଙ୍ଗ ଆରୋହୀ ତେନ୍‌ସିଂ ସଂଗେ ତୁଳନା କରିଛନ୍ତି । 'ନୀଡ଼ାଶ୍ରୟୀ' ଗଳ୍ପରେ ଅଭିନବ ଶୈଳୀ ପ୍ରୟୋଗ କରି କେବଳ ସ୍ୱାମୀ ସ୍ତ୍ରୀଙ୍କ କଥୋପକଥନ ଛଳରେ ମାଆ ମନର ସୁନ୍ଦର ଚିତ୍ରଟିଏ ଦେଇଛନ୍ତି । ଯେଉଁଠି ଘର ଚଟିଆ ଏବଂ ମଣିଷ ଗୋଟିଏ ଅନୁଭୂତିରେ ଛନ୍ଦି ହୋଇଯାଇଛନ୍ତି । ଗାଳ୍ପିକଙ୍କ ଭାଷାରେ, ''ଦୁଇ ମାଆ ଚାରିଛୁଆଙ୍କୁ ଧରି ଏକାପରି ଏକାଠି ଜାଗର ଜାକିଲୁଁ 'ଏକା' ମନ୍ଦିରରେ ଓ ଏକା ଉଦ୍ଦେଶ୍ୟ ରଖି ।'' ଫତୁରାନନ୍ଦଙ୍କ ଗଳ୍ପ ନାରୀ ଚରିତ୍ର ବର୍ଜ୍ଜିତ । ଡ. କବିତା ବାରିକ୍‌ଙ୍କ ଭାଷାରେ, ''ଯୁବକ ଯୁବତୀଙ୍କ ପ୍ରେମକୁ ବାଦ୍ ଦେଲେ ନାରୀ ଚରିତ୍ର ବିନା ଯେ ହାସ୍ୟରସ ସୃଷ୍ଟି କରାଯାଇପାରେ ଏହି ଧାରଣାର ସେ ପ୍ରତିଷ୍ଠା କରିପାରିଛନ୍ତି ।'' (ଡ. କବିତା ବାରିକ୍- 'ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ- ୧୮୯୮-୧୯୯୮) - ପୃ-୮୩) ବସନ୍ତ ଶତପଥୀଙ୍କ ଗଳ୍ପଗୁଡ଼ିକରେ ମଧ୍ୟ ନାରୀ ଚରିତ୍ରର ବିଶେଷ ପ୍ରାଧାନ୍ୟ ନାହିଁ । ସେ ନିଜେ ମଧ୍ୟ ଏକ ସାକ୍ଷାତ୍‌କାରରେ ତାହା ସ୍ୱୀକାର କରିଛନ୍ତି । (ଡ. ବିରାଜ ମୋହନ ଦାସ- (ସଂ)- 'ଚିରବସନ୍ତ'- ପୃ-୧୨୪) ତେବେ ନାୟିକା ଭାବରେ ତାଙ୍କ ଗଳ୍ପଗୁଡ଼ିକରେ ନାରୀ ଚରିତ୍ର ପ୍ରାଧାନ୍ୟ ଲାଭ କରିନଥିଲେ ମଧ୍ୟ ସଂପୂର୍ଣ୍ଣ ନାରୀ ଚରିତ୍ର ବିବର୍ଜ୍ଜିତ ନୁହେଁ । ତାଙ୍କର ବିଶେଷତ୍ୱ ହେଉଛି, ତାଙ୍କ ଗଳ୍ପରେ କାମ କରୁଥିବା ଚାକରାଣୀ 'ଆଈବୁଢ଼ୀ' ଠାରୁ ଆରମ୍ଭ କରି ସାମାନ୍ୟ ଗାଉଁଲି ଝିଅ ବକଟେ କୁଳିଗାଁର 'ଶ୍ରୀମତୀ ସରୋଜିନୀ ମହାନ୍ତି' ଯାଏଁ ସମସ୍ତେ ସମାନ ଆଦରରେ ସ୍ଥାନ ପାଇଛନ୍ତି । ବିହାରୀ ରୁଟିବାଲୀ ଏବଂ ମେହେନ୍ତରାଣୀ ଯୁବତୀ ବାସନ୍ତୀ ଗାଳ୍ପିକଙ୍କ କଲମରେ ରସୋତ୍ତୀର୍ଣ୍ଣ ହୋଇ ଫୁଟି ଉଠିଛନ୍ତି । ତାଙ୍କ ନିଜ ଭାଷାରେ, ''ଅନ୍ତଃସତ୍ତ୍ୱା', ବୃଦ୍ଧା, ବିଧବା ଏମାନଙ୍କ କଥା ଲେଖିବାକୁ ମୋତେ ଆଗ୍ରହ ଲାଗେ ।'' ନାରୀର ମାତୃରୂପ ହିଁ ଗାଳ୍ପିକ ଶତପଥୀଙ୍କ ରଚନାରେ ବାରମ୍ବାର ଶ୍ରଦ୍ଧାର୍ଘ୍ୟ ପାଇଛି । ଏହାହିଁ ତାଙ୍କର ବିଶେଷତ୍ୱ । ଏହି ଭାବ ତାଙ୍କର 'ଧରିତ୍ରୀ' ଗଳ୍ପରେ ଅତି ନିଖୁଣ ସୁନ୍ଦର ଭାବରେ ପ୍ରକାଶିତ । ଗାଳ୍ପିକ ଏହି ଗଳ୍ପରେ ଚିରନ୍ତନ ଶିଶୁଟିଏ ହୋଇ ଧରିତ୍ରୀ ରୂପା ଆଦିବାସୀ ଯୁବତୀ ମା'ର ସ୍ତନ୍ୟପାନ କରି ଯୁଗ ଯୁଗ କ୍ଷୁତ୍‌ପିପାସା ମେଣ୍ଟାଇ ଶୋଇଯିବାକୁ ଚାହିଁଛନ୍ତି । ପ୍ରାଦେଶିକ, ଜାତିଆଣ ଭାବରୁ ଊର୍ଦ୍ଧ୍ୱକୁ ଉଠି ରୁଟିବାଲୀ ଭିତରେ ସେ ଦେଖିଛନ୍ତି ନିଜ ମା'କୁ । ''ନାକରେ ସେଇ ଗୁଣା, କପାଳରେ ସିନ୍ଦୂରବିନ୍ଦୁ, ଝୁରୁମୁରୁ ମୁଣ୍ଡରେ ଦି' ଆଙ୍ଗୁଳି ଓଢ଼ଣା, ପତଳା ମୁହଁ, ସରୁ ନାକ, ତରଳ ଆଖି ବାତ୍ସଲ୍ୟରେ ଛଳ ଛଳ ।''

ଅନ୍ୟତମ ଗାଳ୍ପିକ ମହାପାତ୍ର ନୀଳମଣି ସାହୁଙ୍କ ଗଳ୍ପରେ ଜୀବନଯୁଦ୍ଧରେ ଅବତୀର୍ଣ୍ଣ କ୍ଷତ ବିକ୍ଷତ ଆଧୁନିକ ନାରୀ ଚରିତ୍ରର ଚିତ୍ର ମିଳେ । ସୁମିତ୍ରା, ରାନୁଅପା, ପିଙ୍ଗଳା ପ୍ରଭୃତି ରିକ୍ତ ନାରୀ ଚରିତ୍ରଗୁଡ଼ିକୁ ଯେଉଁଭଳି ଅଶ୍ରୁଳ ସହାନୁଭୂତି ସହକାରେ ଗାଳ୍ପିକ ଚିତ୍ରଣ କରିଛନ୍ତି ତାହା ବାସ୍ତବିକ୍ ତାଙ୍କ ମନର ଶ୍ରଦ୍ଧା ଓ ସମ୍ବେଦନାର ପରିଚୟ ଦିଏ । ଫତୁରାନନ୍ଦଙ୍କ ରଚନାରେ ଯେପରି ସ୍ୱେଚ୍ଛାକୃତ ଭାବରେ ନାରୀ ଚରିତ୍ରକୁ ବାଦ୍ ଦିଆଯାଇଛି, ବସନ୍ତ ଶତପଥୀଙ୍କ ଗଳ୍ପରେ



Digitized by PPRACHIN, SOA

ତାହା ଘଟିନାହିଁ । ତେବେ ବସନ୍ତ ଶତପଥୀ ନାରୀର ପ୍ରେମିକା ରୂପ ନୁହେଁ, ମାତୃ ରୂପକୁ ଅତ୍ୟନ୍ତ ଉଜ୍ଜ୍ୱଳ ଓ ମାର୍ମିକ ଭାବରେ ନିଜ ଗଳ୍ପରେ ଫୁଟାଇ ପାରିଛନ୍ତି । ସ୍ୱାମୀ ବେଶ୍ୟା ନିକଟରୁ ଫେରିଆସି ପତ୍ନୀ ଆଗରେ ଅକପଟରେ ନିଜର ଦୋଷ ସ୍ୱୀକାର କରିବା ପରେ ତା' ଠାରୁ ସାନ୍ତ୍ୱନା ପାଇ ଛୋଟପିଲାଟିଏ ପରି ନିଶ୍ଚିନ୍ତ ହୋଇ ଶୋଇଯାଇଛି । ଏଠାରେ ସ୍ତ୍ରୀ କ୍ଷମାଶୀଳା ବରାଭୟ ଦାୟିନୀ ମା' ପାଲଟି ଯାଇଛନ୍ତି । ବସନ୍ତଙ୍କ ଗଳ୍ପରେ ଆଦିବାସୀ ସ୍ତ୍ରୀଲୋକଟି ସନ୍ତାନକୁ ବକ୍ଷର ଅମୃତ ଦାନ କରି ଲେଖକଙ୍କ ଆଖିରେ କେବଳ ଆଦିମାତାର ଗୌରବ ଲାଭ କରିନାହିଁ, ଅଧିକନ୍ତୁ ଲେଖକ ନିଜେ ସ୍ତନ୍ୟପାୟୀ ଶିଶୁଟିଏରେ ପରିଣତ ହୋଇଯାଇଛନ୍ତି । ପୁଲିସ୍ ଦାରୋଗାର ସ୍ତ୍ରୀ ଓ ସନ୍ତାନ ଗୁଣ୍ଡଦୁଧ ଆୟୋଜନର କୃତ୍ରିମତା ପ୍ରତି ଗାଳ୍ପିକଙ୍କର ଅଶ୍ରଦ୍ଧାକୁ ସ୍ପଷ୍ଟ କରିଛି ।

ବସନ୍ତ ଶତପଥୀ ଓ ଫତୁରାନନ୍ଦଙ୍କ ଗଳ୍ପଗୁଡ଼ିକ ଆମରି ନିତିଦେଖା ପାରିବାରିକ ଜୀବନରୁ ସଂଗୃହୀତ ହୋଇଥିବା ସ୍ଥଳେ କଥାକାର ମହାପାତ୍ର ନୀଳମଣି ସାହୁଙ୍କର ଗଳ୍ପର ଚରିତ୍ରମାନଙ୍କ ସାଂସାରିକ ଜୀବନରେ ଆଧ୍ୟାତ୍ମିକ ଉତ୍ତରଣ ଚିତ୍ରମିଳେ । ବାଦ ବା ଇଜମ୍ ପ୍ରତି କୌଣସି ପ୍ରବଣତା ଫତୁରାନନ୍ଦ କିମ୍ବା ବସନ୍ତ ଶତପଥୀଙ୍କ ରଚନାରେ ନାହିଁ । ଗାଳ୍ପିକ ମହାପାତ୍ର ନୀଳମଣି ସାହୁଙ୍କ ରଚନାରେ ଆଧ୍ୟାତ୍ମିକ ବାଦର ପ୍ରକାଶ ଘଟିଛି । ଏସବୁ ସତ୍ତ୍ୱେ ଏହି ଗାଳ୍ପିକଗଣ ସମାଜ ସଚେତନ । ଅଥଚ ସମାଜକୁ କୌଣସି ମେସେଜ୍ ଦେବା ଉଦ୍ଦେଶ୍ୟରେ ଏମାନେ ଗଳ୍ପ ଲେଖି ନାହାଁନ୍ତି । ଯାହା ଦେଖିଛନ୍ତି, ଯାହା ଅନୁଭବ କରିଛନ୍ତି ତାହାହିଁ ଲେଖିଛନ୍ତି । ପାଠକ ନିଜର ବୋଧଶକ୍ତି ଅନୁସାରେ ସେମାନଙ୍କ ଗଳ୍ପର ଚରିତ୍ର, ଘଟଣା ଓ ପରିଣତିକୁ ଗ୍ରହଣ କରିବ । ତହିଁରେ ପ୍ରତିଫଳିତ ହୋଇଥିବା ସତ୍ୟକୁ ନିଜ ଜୀବନର ଅନୁଭୂତିରୁ ପରୀକ୍ଷା କରିବ । ଫତୁରାନନ୍ଦ ନିଚ୍ଛକ ହାସ୍ୟ ରସର ସ୍ରଷ୍ଟା । ତାଙ୍କ ଗଳ୍ପଗୁଡ଼ିକ ପଢ଼ିବା ବା ବୁଝିବାପାଇଁ ଶାଣିତ ବୌଦ୍ଧିକତାର ଆବଶ୍ୟକ ନାହିଁ । ଗାଳ୍ପିକ ଶତପଥୀଙ୍କ ଗଳ୍ପରେ ଅନେକ ସମୟରେ ହସ ଓ ବ୍ୟଙ୍ଗର ସ୍ୱରକୁ ବୁଡ଼ାଇ ଦେଇ କରୁଣ ରାଗିଣୀଟିଏ ଅତି ସ୍ପଷ୍ଟ ଭାବରେ ଶୁଣାଯାଏ । ମହାପାତ୍ର ନୀଳମଣି ସାହୁଙ୍କ ରଚନାରେ କାରୁଣ୍ୟ ରସ ହିଁ ଅଗ୍ର ପ୍ରାଧାନ୍ୟ ଲାଭ କରିଛି । ସେ ନିଜେ ସ୍ୱୀକାର କରିଛନ୍ତି ଯେ, ବ୍ୟଙ୍ଗ ବିଦ୍ରୂପ ଦ୍ୱାରା ସମସ୍ୟାର ସମାଧାନ କରିବା ସମ୍ଭବ ନୁହେଁ । ସମାଜର ଦୋଷ ଦୁର୍ବଳତାକୁ କ୍ଷମାଶୀଳ ଭାବରେ ଦେଖିବା ଦ୍ୱାରା ତାଙ୍କ ରଚନାର ସ୍ୱର ବଦଳି ଗଲା । ସୁମିତ୍ରାର ଉତ୍ତାଳହସ ଅନ୍ତରାଳରେ ତା' ହୃଦୟର ହା' ହା' କାର ଓ କରୁଣ ରୋଦନ ପାଠକ ମନକୁ ସହାନୁଭୂତିରେ ଆର୍ଦ୍ର କରିଦିଏ । ଆଜିର ବସ୍ତୁବାଦୀ ସ୍ୱାର୍ଥ ସର୍ବସ୍ୱ ଦୁନିଆରେ ସୁମିତ୍ରା ସତେ ଯେପରି ବଞ୍ଚିତା ନାରୀ ଜୀବନର ପ୍ରତୀକ ଭାବରେ ମହାପାତ୍ର ନୀଳମଣି ସାହୁଙ୍କ ଲେଖନୀରେ ଜୀବନ୍ତ ହୋଇ ଉଠିଛି ।

ଆଧୁନିକ ଗଳ୍ପରେ ମଣିଷ ମନର ଯୌନ ଚେତନା ସ୍ଥାନ ପାଇଥାଏ । କିନ୍ତୁ ଗାଳ୍ପିକ ଶତପଥୀଙ୍କ ରଚନାରେ ଯୌନ ଚେତନାର ବର୍ଣ୍ଣନା ନଗଣ୍ୟ । ସମାଜରେ ଦୁଃଖ, ଦୁର୍ଦ୍ଦଶା, ଭ୍ରଷ୍ଟାଚାର, ଶଠତା, ଭଣ୍ଡାମି ଆଦି ବର୍ଣ୍ଣନା କରିବାରେ ତାଙ୍କ ଲେଖନୀ ଅଧିକ ଆଗ୍ରହୀ । ଆଧୁନିକ ଜୀବନର ଚଳଣିରେ ଯେଉଁ ବିରୋଧାଭାସ ତା'ର ବର୍ଣ୍ଣନା ଶ୍ରୀ ଶତପଥୀଙ୍କ ଗଳ୍ପରେ ବହୁଳ ଭାବରେ ରହିଛି । ଯେଉଁ କେତୋଟି ଗଳ୍ପରେ ଯୌନ ଆବେଦନର ବର୍ଣ୍ଣନା ରହିଛି,



Digitized by PPRACHIN, SOA

ତାହା ମଧ୍ୟ ଏହି ବିରୋଧାଭାସକୁ ଦେଖାଇ ଦେବା ଲାଗି ଉଦ୍ଦିଷ୍ଟ । 'ଏଣ୍ଟିରୋମାଣ୍ଟିକ୍' ଗଳ୍ପରେ ମାଦଳ କୁଷ୍ଟୀକୁ ଆଲିଙ୍ଗନ କରି ଅନ୍ଧୁଣୀ ପାଞ୍ଚବର୍ଷ ତଳର ସ୍ମୃତିଚାରଣ କରିବା ଅବସରରେ ଗାଳ୍ପିକ ଲେଖିଛନ୍ତି, ''ନରାଜ ପାହାଡ଼କୁ ଜାବୁଡ଼ି ଧରିଥଏ ମେଘଟା, ଦେବଦାରୁଗଛର ଲମ୍ଵାଡାଳ ଗୁଡ଼ାକ ଥରକୁଥର ଝଙ୍କା ବରଗଛର ଓସାରିଆ ମେଲା ପତ୍ରଗୁଡ଼ାକୁ ଆଲିଙ୍ଗନ କରୁଥାନ୍ତି ଭ୍ରମର ଶୁଣ୍ଢ ଦେଇ ଫୁଲକୁ ଛୁଇଁଲା ପରି । ଅଥଚ ପରିବେଶ ଓ ପାତ୍ରର ବିକଳାଙ୍ଗତ୍ୱ, ଏହି ବର୍ଣ୍ଣନାରେ ଯୌନ ଆବେଦନକୁ ଦେଇଛି ବିରୋଧାଭାସ । 'ସାମାନ୍ୟ ଅଶ୍ଳୀଳ' ଗଳ୍ପର ପରିଣତି ଗଳ୍ପର ସମସ୍ତ ଅଶ୍ଳୀଳତାକୁ ଧୋଇ ନିର୍ମଳ କରିଦେଇଛି । 'ଦିବ୍ୟ ଅଦିବ୍ୟ' ଗଳ୍ପରେ ଗାଳ୍ପିକ ଶତପଥୀ ପୁରୀ ମନ୍ଦିରରେ ଉତ୍କୀର୍ଣ୍ଣ ପଥର ମୂର୍ତ୍ତିର ବର୍ଣ୍ଣନା କରିଛନ୍ତି । ଏହି ମୂର୍ତ୍ତିରେ କାମାତୁରା ନାରୀ ନିଜର ଜନନେନ୍ଦ୍ରିୟକୁ ଦୁଇହାତରେ ବିଦୀର୍ଣ୍ଣ କରି ସତେ ଯେପରି ପଥିକ, ଦର୍ଶନେଚ୍ଛୁମାନଙ୍କୁ ରତି ଆଶ୍ଳେଷ ପାଇଁ ଆହ୍ୱାନ କରୁଛି । କିନ୍ତୁ ଗାଳ୍ପିକ ଶତପଥୀଙ୍କ ଦୃଷ୍ଟିଭଙ୍ଗୀରେ ଏହି ଆହ୍ୱାନ ଯୌନ ଲାଳସା ପରିପୂର୍ଣ୍ଣ ପାଇଁ ନୁହେଁ, ଏ ଆହ୍ୱାନ ସତେ ଯେପରି ସନ୍ତାନ ଧାରଣ କରିବାର ଶାଶ୍ୱତ ଇଚ୍ଛାରୁ ଜାତ । ଏଇଠି ପୁଣି ଗାଳ୍ପିକ ନାରୀର ନାୟିକା ରୂପଠାରୁ ମାତୃ ରୂପ ଏବଂ ତା'ର ସୃଷ୍ଟିକାରିଣୀ ଶକ୍ତିକୁ ଅଧିକ ମହିମାନ୍ୱିତ କରନ୍ତି । ମଣିଷର ଯୌନ ଚେତନାକୁ ପ୍ରକାଶ କରିବାରେ ଫତୁରାନନ୍ଦଙ୍କ ଗଳ୍ପରେ କୌଣସି ଅବକାଶ ନଥିବା ସ୍ଥଳେ ମହାପାତ୍ର ନୀଳମଣି ସାହୁଙ୍କର ବାଘର ବିଳାପ, ସୁମିତ୍ରାର ହସ, ମନମତ୍ତ ଦୁହାଁଳ ଗାଈ ଆଦି କେତେକ ଗଳ୍ପରେ ଏହାର ପ୍ରକାଶ ଘଟିଛି । 'ସୁମିତ୍ରାର ହସ' ଭିତରେ ନାରୀର ବିଫଳ ଯୌନାକାଂକ୍ଷାର ପ୍ରକାଶ ଘଟିଥିଲାବେଳେ 'ମନମତ୍ତ ଦୁହାଁଳ ଗାଈ' ଗଳ୍ପରେ ସମାଜର ଭଦ୍ରମୁଖାତଳେ ଲୁଚିରହିଥିବା ବିକୃତ ଯୌନ କାମନାକୁ ଅନାବୃତ୍ତି କରିଦିଆଯାଇଛି ।

ଷାଠିଏ ଉତ୍ତର ଦଶକରେ ପଶୁପକ୍ଷୀ ପ୍ରଭୃତି ମାନବେତର ପ୍ରାଣୀ ପୁଣି କାଠ, ପଥର ଆଦି ନିଷ୍ପ୍ରାଣ ବସ୍ତୁ ଗଳ୍ପରେ ସ୍ଥାନ ପାଇଛନ୍ତି । ବସନ୍ତ ଶତପଥୀଙ୍କ ଗଳ୍ପରେ ପଶୁ, ପକ୍ଷୀ ଆଦି ଚରିତ୍ର ମଣିଷର ପରମ ଅନ୍ତରଙ୍ଗ ଭାବରେ ଚିତ୍ରିତ ''ହଳେ ବଳଦ, ଯୋଡ଼ାଏ ଖାସି ଓ ଦୁଇଟି ପ୍ରାଣୀ'' ଗଳ୍ପରେ ନିଃସନ୍ତାନ ଦମ୍ପତି ଅନାବିଳ ସନ୍ତାନ ଦମ୍ପତି ଅନାବିଳ ସନ୍ତାନ ସ୍ନେହ ଛେଳି ଓ ଛଡ଼ା ଉପରେ ଅଜାଡ଼ି ଦେଇଛନ୍ତି । ଗ୍ରାମ୍ୟ ବ୍ୟାଙ୍କର ଫିଲ୍ଡ ଅଫିସରଙ୍କୁ ଦମ୍ଭର ସହିତ କହିଛନ୍ତି, ''ମଣିଷଠୁ ପଶୁର ବେଶୀ ଦାମ୍ ଯେବେ ଜାଣିବୁ ମୋ ପାଖକୁ ଆସିବୁ ଛେଳି ମୂଲାଇବା ପାଇଁ ।'' 'କୁକୁର' ଗଳ୍ପରେ ମଧ୍ୟ ମାଲିକ କେଡ଼େ ଦମ୍ଭର ସହିତ କହିଛି, ''ମୋତେ ସ୍ୱର୍ଗର କୁଣ୍ଡା ଦେଲେ ବି ମୁଁ ରାଜି ନୁହେଁ । ବ୍ଲାକି କ'ଣ କୁକୁର ଅଛି ? ସେ ଅନେକ ଦିନରୁ ମଣିଷ ହୋଇଗଲାଣି ।'' ''ନୀଡ଼ାଶ୍ରୟୀ'' ଗଳ୍ପରେ ଘରଚଟିଆ ମାଟି ମଣିଷ ମାଟିର ଦୁଃଖରେ ଅଂଶୀଦାର ହୋଇଛି, ଠିକ୍ ମା' ପେଟର ଭଳି, ସେହିଭଳି 'କାଠ' ଗଳ୍ପରେ କାଠକୁ ଆଧୁନିକ ମଣିଷର ସ୍ୱାର୍ଥ ସର୍ବସ୍ୱ ସନ୍ଦେହୀ ମନର ରୂପକ ଭାବରେ ଗ୍ରହଣ କରିଛନ୍ତି ଲେଖକ । ଗାଳ୍ପିକ ରାଜକିଶୋର ପଟ୍ଟନାୟକ (୧୯୧୨)ଙ୍କ 'ଡାମରା କାଉ' ଗଳ୍ପରେ କୁଆକୁ ମଣିଷର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ଡାମରା କାଉ ଏଠାରେ ବୟସ୍କ ସଂପ୍ରଦାୟର ପ୍ରତୀକ । ଏହି 'ଡାମରା କାଉ' ଗଳ୍ପରେ ଯୁବପିଢ଼ିକୁ ନିର୍ଭୀକ ଭାବରେ ଚିତ୍ରଣ କରାଯାଇଛି, ଯେ କି ଦରକାର ପଡ଼ିଲେ ବିପ୍ଳବର ନିଆଁରେ ନିଜ ଜୀବନକୁ ସ୍ୱାହା କରିବାକୁ ପ୍ରସ୍ତୁତ । ଅତି ସାବଧାନ ବୟସ୍କ ସଂପ୍ରଦାୟ ଯେଉଁମାନେ କି ଘଡ଼ି କଲମ ନକଲି ଦାନ୍ତ ସଞ୍ଚୟ, ବୀମା ଆଦି ଅସ୍ତ୍ରରେ ନିଜକୁ ତାଳୁରୁ ତଳିପାଯାଏଁ ସଜାଇ ରଖି ଯୁବପିଢ଼ିକୁ



Digitized by PPRACHIN, SOA

ଉପଦେଶ ଦେଉଛନ୍ତି, ସେମାନଙ୍କୁ ଯୁବପିଢ଼ିର ପ୍ରତିନିଧି 'କୁମାର' ସମାଲୋଚନା କରିଛି । କାରଣ ସେମାନଙ୍କର ସାବଧାନତା ଯୁବସଂପ୍ରଦାୟର ଉଦାମତାର ବାଟ ଓଗାଳୁଛି, ଗାଳ୍ପିକ ବସନ୍ତ ଶତପଥୀଙ୍କର 'କୁଆ' ଗଳ୍ପରେ ତାକୁ ମେହନତୀ ଜାତିର ଏବଂ କୋଇଲି ପୁଞ୍ଜିବାଦୀ ଶ୍ରେଣୀରେ ପ୍ରତୀକ ଭାବରେ ଚିତ୍ରଣ କରିଛନ୍ତି । ବସନ୍ତବାବୁ ତାଙ୍କ ସ୍ୱଭାବ ସୁଲଭ ହାସ୍ୟ- ବ୍ୟଙ୍ଗ ଶୈଳୀରେ ଲେଖିଛନ୍ତି ''ମାନୁଛି, କୁଆ ସୁନ୍ଦର ନୁହେଁ, ତା'ର ଦୃଷ୍ଟି ବକ୍ର, ଶ୍ଳେଷାତ୍ମକ କିନ୍ତୁ ଯଥାର୍ଥ ବିଚାର କଲେ ସେ ଏକ ମୁଖ୍ୟ କ୍ଲାସିସିଜମ୍‌ର ପ୍ରତୀକ । ଆମ କଳା ବଡ ଡାକୁରକୁ ବଳି କି ଏ ବେଶି କ୍ଲାସିକ୍ ହୋଇପାରିବ ।''

ଗାଳ୍ପିକ ମହାପାତ୍ର ନୀଳମଣି ସାହୁ 'କଇଁଛ' ଗଳ୍ପରେ ଆପଣା ଖୋଳପା ଭିତରେ ଆତ୍ମଗୋପନ କରିଥିବା କଇଁଛକୁ ଅଧ୍ୟାପକ କୃଷ୍ଣପ୍ରସାଦଙ୍କ ବ୍ୟକ୍ତିତ୍ୱର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ଯେଉଁ କୃଷ୍ଣପ୍ରସାଦ ଜୀବନସାରା କାନ୍ଦକୁ ଦୁର୍ବଳତାର ଚିହ୍ନ ଭାବି ଘୃଣା କରି ଆସିଥିଲେ, ଶ୍ରେଣୀଗୃହରେ କେଶବ କୋଇଲି ପଢାଇଲା ବେଳେ ଯଶୋଦାଙ୍କର ପୁତ୍ର ବିଚ୍ଛେଦ ଜନିତ ଦୁଃଖରେ ଅଶ୍ରୁ ସମ୍ଭରଣ କରିପାରିଲେ ନାହିଁ । ଆଦ୍ୟ ଯୌବନ କାଳରୁ ବିସ୍ମୃତ ହୋଇଥିବା ନିଜର ଖୁଡୀଙ୍କର ବ୍ୟର୍ଥ ଜୀବନ ଓ ମାତୃ ପ୍ରତିମ ସ୍ନେହ ତାଙ୍କର ଚକ୍ଷୁକୁ ବାରମ୍ବାର ଆର୍ଦ୍ର କରି ଦେଇଥିଲା । ତାଙ୍କର ଆଘାତ କଠୋର ବ୍ୟକ୍ତିତ୍ୱ ଭିତରୁ କୋମଳ ମନଟି ଠିକ୍ କଇଁଛ ପରି ଆତ୍ମ ପ୍ରକାଶ କଲା ।

ରାଜକିଶୋର ପଟ୍ଟନାୟକଙ୍କ ରଚିତ 'ପଶୁ', ଯୁଗଧର୍ମ, ରାଜକିଶୋର ରାୟ (୧୯୧୪)ଙ୍କର 'ବଉଳୀ' ଆଦି ଗଳ୍ପଗୁଡ଼ିକରେ ଏହିଭଳି ପଶୁ ଓ ମଣିଷଙ୍କର ଅନ୍ତରଙ୍ଗତାର ଚିତ୍ର ରହିଛି । କେଉଁଠାରେ ମାନବେତର ଚରିତ୍ରଗୁଡ଼ିକ ଚିତ୍ରକଳ୍ପ ଭାବରେ ଓ କେଉଁଠାରେ ପ୍ରତୀକ ଭାବରେ ଚିତ୍ରିତ ହୋଇଛି । ଫତୁରା ନନ୍ଦ 'ଭାଲୁକବି' ଗଳ୍ପରେ ନଛୋଡ଼ବନ୍ଧା 'ଭାନୁ' କବିଙ୍କୁ ଭାଲୁ କବି କହିବା ମୂଳରେ ଏହି ମନୋଭାବ କାମ କରିଛି ।

ସମାଜ ସଚେତନତା ଏହି ଯୁଗର ଗାଳ୍ପିକମାନଙ୍କୁ କରିଛି ସତ୍ୟଶୀଳ । ସମାଜର ଅବକ୍ଷୟକୁ ଦେଖାଇ ଦେବାଲାଗି ଏମାନେ ଯେତିକି ନିର୍ଭୀକ, ନିଜ ଚରିତ୍ରର ଅନ୍ଧକାର ଦିଗକୁ ଖୋଲି କହିବାରେ ମଧ୍ୟ ସେତିକି ଅକୁଣ୍ଠ । ମହାପାତ୍ର ନୀଳମଣି ସାହୁଙ୍କର ଗଳ୍ପ 'ମନମତ୍ତ ଦୁହାଁଳ ଗାଈ' ଗଳ୍ପରେ ସମାଜର ଅବକ୍ଷୟର ଚିତ୍ର ଅତି ସ୍ୱଷ୍ଟ ଭାବରେ ବର୍ଣ୍ଣିତ । ବସନ୍ତ ଶତପଥୀଙ୍କ ବହୁ ଗଳ୍ପରେ ସମାଜର ଅଜାଗା ଘା'ର ବର୍ଣ୍ଣନା ରହିଛି । 'ସାନ୍ଧ୍ୟଭାଷା' ଗଳ୍ପରେ ଆଧୁନିକ ଦେହବାଦୀ ଯୁବକ ଯୁବତୀଙ୍କ ସ୍ଥୂଳ ପ୍ରେମର ବର୍ଣ୍ଣନା ମେଷପାଳକ ବୁଢ଼ାର ଭାଷାରେ ଯେତେ କର୍କଶ ଲାଗୁପଛକେ ତାହାକୁ ଅସ୍ୱୀକାର କରିବାର ଉପାୟ ନାହିଁ । ମଣିଷ କିପରି ଆତ୍ମ ସର୍ବସ୍ୱ ହୋଇପଡ଼ିଛି ତା'ର ଚିତ୍ର ମିଳେ ଗାଳ୍ପିକଙ୍କର 'ହାଇଦ୍ରାବାଦ ଅଙ୍କୁର' ଗଳ୍ପରୁ । ଫତୁରାନନ୍ଦଙ୍କର ଗଳ୍ପଗୁଡ଼ିକରେ ଅନାବିଳ ହାସ୍ୟଛଟା ମଧ୍ୟରେ ସମାଜର ବିଭିନ୍ନ ଦିଗର ବିଶଦ ଚିତ୍ର ରହିଛି । ଏଠାରେ ସାହିତ୍ୟ ଚାଷ ଠାରୁ ଭୋଟଚାଷ ପର୍ଯ୍ୟନ୍ତ ସବୁ ଚିତ୍ର ମିଳେ । ରାଜକିଶୋର ରାୟଙ୍କ ଭଳି ଜଣେ ଲବ୍ଧ ପ୍ରତିଷ୍ଠିତ ରୋମାଣ୍ଟିକ୍ ଗାଳ୍ପିକ 'କ୍ଷମାପ୍ରାର୍ଥନା' ଗଳ୍ପରେ ଛାତ୍ର-ଶିକ୍ଷକ ସଂପର୍କରେ ଅବକ୍ଷୟର ଚିତ୍ର ଦେଇଛନ୍ତି, ଯେଉଁଠି ଦେଶର ଭବିଷ୍ୟତ ନାଗରିକ ଗଢ଼ିବା ବ୍ରତ ନେଇଥିବା ସଂସ୍କୃତଜ୍ଞ ପଣ୍ଡିତ ଶେଷରେ



Digitized by PPRACHIN, SOA

ଅନୁଭବ କରିଛନ୍ତି ଗୁରୁ ଆଜି ଗୋରୁ ହୋଇଯାଇଛନ୍ତି । ବସନ୍ତ ଶତପଥୀଙ୍କର 'ତସ୍ମୈଶ୍ରୀ ଗୁରବେ' ଗଳ୍ପରେ ମଧ୍ୟ ଗୁରୁପୂଜାର ଆୟୋଜନର ଅନ୍ତ ହୋଇଛି ଗୁରୁଜୀଙ୍କର ଗୋ ଅନ୍ୱେଷଣରେ । ଗୁରୁପତ୍ନୀ ସ୍ୱାମୀଙ୍କର ଶୁଖିଲା ମୁହଁ ଦେଖି ସବୁ ବୁଝିଗଲେ ଏବଂ କହିଲେ, ''ଆସ ଏଥର ଗୋରୁ ଦିବସ ତ ସରିଲା, ଆଉ ଡେରି କାହିଁକି ? ଗଣ୍ଡିଏ ଖାଇ ଶୋଇ ପଡ଼ିବ ଆସ ।'' ଠିପି ନଥିବା ପୁରୁଣା ଲଣ୍ଠନର ଲାଲି ଶିଖାଟି ଭଳି ଆଦର୍ଶର ଶେଷବତି ସତେ ଯେପରି ଦପ୍ କରି ଲିଭିଗଲା ।

ନଗ୍ନ ବାସ୍ତବତାର ଅବିମିଶ୍ର ଚିତ୍ରଣ ଆଧୁନିକ ଗଳ୍ପରେ ସ୍ଥାନ ପାଇଛି । ଗାଳ୍ପିକ ଶତପଥୀଙ୍କ ଗଳ୍ପରେ ମଧ୍ୟ ଆମେ କଠୋର ବାସ୍ତବତାକୁ ସାମ୍ନା କରୁ । ଆଦର୍ଶବାଦର ଅଳୀକ ଚିତ୍ରଣ ତାଙ୍କ ଗଳ୍ପରେ ନାହିଁ । ତଥାପି ମାନବିକତା ବୋଧରେ ତାଙ୍କ ରଚନା ଉଦାର, କ୍ଷମାଶୀଳ, ଈର୍ଷା, ଦ୍ୱେଷ, ସ୍ୱାର୍ଥାନ୍ଧତା ସତ୍ତ୍ୱେ ମଣିଷ ଭିତରେ ଥିବା ସୁପ୍ତ ମନୁଷ୍ୟତ୍ୱ ଯେ ତାକୁ ସକଳ ଦୁର୍ବଳତାରୁ ରକ୍ଷା କରିବ ଏହି ସତ୍ୟ ତାଙ୍କର 'ହାଇଦ୍ରାବାଦ ଅଙ୍ଗୁର' ଭଳି ବହୁ ଗଳ୍ପରେ ପ୍ରତିପାଦିତ । ମହାପାତ୍ର ନୀଳମଣି ସାହୁଙ୍କର 'ଅନ୍ଧରାତିର ସୂର୍ଯ୍ୟ' ଗଳ୍ପରେ ଆମେ ମଣିଷ ଜାତିର ଭବିଷ୍ୟତ ପ୍ରତି ସେହି ଆସ୍ଥା ପ୍ରକାଶ ପାଇଥିବାର ଦେଖୁଁ । ମାଂସାଶୀ ଝଡ଼ ସଂଧ୍ୟାରେ ଅବସାନ ପରେ ଯେତେବେଳେ ମୃତ୍ୟୁଞ୍ଜୟବାବୁ ନିଜକୁ ମଳିନ ଛୋଟିଆ ଘରଟିରେ ନିରୀହ, ନିଷ୍ପାପ ଦରିଦ୍ର ପରିବାରର ଆନନ୍ଦ କଳରବ ମଧ୍ୟରେ ନିଜକୁ ଆବିଷ୍କାର କରିଛନ୍ତି ସେତେବେଳେ ସେ କହିଛନ୍ତି ''ମଣିଷ ନୁହେଁ- ତା' ଭିତରର ସୁପ୍ତ ମନୁଷ୍ୟତା ହିଁ ଦିନେ ଏ ପୃଥିବୀକୁ ରକ୍ଷା କରିବ ।'' (ମହାପାତ୍ର ନୀଳମଣି ସାହୁ- 'ଅନ୍ଧରାତିର ସୂର୍ଯ୍ୟ'- ଅନ୍ଧରାତିର ସୂର୍ଯ୍ୟ'- ପୃ- ୧୬୨) ସତେ ଯେପରି ମୃତ୍ୟୁଞ୍ଜୟ ନାମ ଭିତରେ ମଣିଷର ଅମୃତତ୍ୱର ସନ୍ଧାନ ଦେଇଛନ୍ତି ଲେଖକ ।

ଆଧୁନିକ ଗଳ୍ପରେ ବ୍ୟକ୍ତି, ସମାଜ ଉପରେ ନିଜର ବ୍ୟକ୍ତିତ୍ୱର ସ୍ଥିତିକୁ ଜାହିର କରିପାରିଛି । ବସନ୍ତଙ୍କ ଗଳ୍ପରେ ସେହି ବ୍ୟକ୍ତିସତ୍ତା ହୋଇଛି ଗଳ୍ପନାୟକ । ମୁଁ ମଣିଷର ଆଶା, ନିରାଶା, ହସ, କାନ୍ଦ, ଦୁର୍ବଳତା, ଲୋଭ, ସ୍ୱାର୍ଥପରତା ପୁଣି କ୍ଷମାଶୀଳତା, ନିର୍ଲୋଭତା, ନିସ୍ୱାର୍ଥପରତା, ଆତ୍ମବିଶ୍ୱାସ ବସନ୍ତ ଗଳ୍ପର 'ମୁଁ' କାର ଭିତରେ ପ୍ରକଟିତ । ଏହି ବ୍ୟକ୍ତି 'ମୁଁ' ହିଁ ଗାଳ୍ପିକ ବସନ୍ତ ଶତପଥୀଙ୍କର ଭାବସତ୍ତାର ପ୍ରକାଶ । ସମଗ୍ର ମାନବ ଜାତିର ପ୍ରତୀକ ଏଇ 'ମୁଁ' ଗାଳ୍ପିକ ରାଜକିଶୋର ରାୟଙ୍କ ଅନେକ ଗଳ୍ପରେ ଏହିଁ ନାୟକ 'ମୁଁ' ଦେଖିବାକୁ ମିଳେ ।

ଆଧୁନିକ ଗଳ୍ପରେ ସାଧାରଣ ଲୋକଙ୍କର କଥିତ ଭାଷାକୁ ମାଧ୍ୟମ ଭାବରେ ଗ୍ରହଣ କରିନେବାରେ କୌଣସି ପ୍ରତିବନ୍ଧକ ନାହିଁ । ବସ୍ତୁତଃ ଫକୀରମୋହନଙ୍କ ଲେଖନୀରେ ଓଡ଼ିଶାର ଜନଗଣଙ୍କ ଭାଷା କେବଳ ମାନ୍ୟତା ପାଇ ନଥିଲା ବରଂ ଏହା ସମ୍ରାଟଙ୍କର ଅମର ରଚନାକୁ ଅନନ୍ୟ କରି ତୋଳିଥିଲା । ତାଙ୍କର ଅନୁଗାମୀ ଭାବରେ ନିଜକୁ ପରିଚିତ କରିଥିବା ହାସ୍ୟରସିକ ଫତୁରାନନ୍ଦ ତଥା ହାସ୍ୟ- ବ୍ୟଙ୍ଗ- କରୁଣ ତ୍ରିବେଣୀ ଧାରାର ସୃଷ୍ଟିକର୍ତ୍ତା ଗାଳ୍ପିକ ଶତପଥୀଙ୍କ ରଚନାରେ ମଧ୍ୟ ଲୌକିକ ଭାଷାର ପ୍ରୟୋଗ ତାଙ୍କ ଗଳ୍ପଗୁଡ଼ିକୁ ପାଠକର ଅନ୍ତରଙ୍ଗ କରିଦିଏ ।



Digitized by PPRACHIN, SOA

ଏ ବିଷୟରେ ଶ୍ରୀଯୁକ୍ତ ଶତପଥୀ କୁହନ୍ତି, ''ଗପ ଲେଖିଲା ବେଳେ ମୁଁ ଭାବେ ଯେଉଁ ଭାଷାରେ ମୁଁ କଥା କହୁଛି, ସେଇ ଭାଷାରେ ନିଛକ ଗପ ଲେଖିହେବ ।'' ତାଙ୍କ ଗଳ୍ପରେ ସ୍ଥାନେ ସ୍ଥାନେ କିନ୍ତୁ କବି ସତ୍ତାର ପ୍ରକାଶ ଘଟିଛି, ଯେପରି 'ଆକାଶୀଫୁଲ', 'ଏଣ୍ଟିରୋମାଣ୍ଟିକ୍' ଇତ୍ୟାଦି । ଏଭଳି ଅନେକ ସ୍ଥାନରେ ତାଙ୍କ ଭାଷାରେ କାବ୍ୟିକତାର ଛଟା ଦେଖିବାକୁ ମିଳେ । ତାଙ୍କର ଉପମାଗୁଡ଼ିକ ମଧ୍ୟ ସାଧାରଣ ଜନ ଜୀବନରୁ ଗୃହୀତ କିନ୍ତୁ ବ୍ୟଞ୍ଜନାଧର୍ମିତା ଯୋଗୁଁ ଏହାର ପ୍ରୟୋଗ ଗଳ୍ପଗୁଡ଼ିକୁ ରସୋତ୍ତୀର୍ଣ୍ଣ କରିଛି । ଶ୍ରୀଯୁକ୍ତ ଶତପଥୀ ଉତ୍ତର ଓଡ଼ିଶାର ଲୌକିକ ଭାଷା ବ୍ୟବହାର କରି ସାହିତ୍ୟରେ ଏହାର ପ୍ରୟୋଗାତ୍ମକ ସାର୍ଥକତା ପ୍ରତିପାଦନ କରିଛନ୍ତି ।

❑



Digitized by PPRACHIN, SOA

## ବସନ୍ତ ଶତପଥୀଙ୍କ ସୃଜନ ସମ୍ଭାର : ବିହଙ୍ଗମ ଦୃଷ୍ଟି

| | ବହିରନାମ | ପ୍ରକାଶକ | ପ୍ରକାଶ କାଳ | ମନ୍ତବ୍ୟ |
|---|---|---|---|---|
| ୧. | ନବନାଟିକା | ନିଉଷ୍ଟୁଡେଣ୍ଟସ୍ ଷ୍ଟୋର | ୧୯୬୦ | ଶ୍ରେଷ୍ଠ ଇଂରାଜୀ ଏକାଙ୍କିକାର ସାବଲୀଳ ଅନୁବାଦ |
| ୨. | ଏଣ୍ଟିରୋମାଣ୍ଟିକ୍ | ମଡର୍ଣ୍ଣ ବୁକ୍ ଷ୍ଟୋର | ୧୯୬୬ | ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ, ୧୯୬୮ ଅଧୁନା Out of print |
| ୩. | ଚମ୍ପା | ସାଥୀ ପ୍ରକାଶନୀ, କଟକ-୨ | ୧୯୭୦ | ଫକୀରମୋହନ ସେନାପତିଙ୍କ ଛ'ମାଣ ଆଠଗୁଣ୍ଠର ନାଟ୍ୟରୂପ |
| ୪. | ଦୁଇଟି ଭ୍ରମଣ କାହାଣୀ | ଓରିଏଣ୍ଟ ଲଙ୍ଗମେନ୍ସ ଲିମିଟେଡ୍ କଲିକତା | ୧୯୭୦ | ଇଉଲିସେସ୍‌ଙ୍କ ଭ୍ରମଣ କାହାଣୀ ମାନ ଚେ଼ସେନ୍ ଙ୍କ |
| ଭ୍ରମଣ କାହାଣୀ | | | | (ଶିଶୁ ସାହିତ୍ୟ) (ଅନୁବାଦ) |
| ୫. | ସଞ୍ଚୟନ | ସାହିତ୍ୟ ଏକାଡେମୀ ନିଉଦିଲ୍ଲୀ | ୧୯୭୪ | ପୁରାଣ ଯୁଗରୁ ସାମ୍ପ୍ରତିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ କବିତା |
| ସଂକଳନ | | | | |
| ୬. | ଲେମ୍ବଙ୍କ ସେକ୍‌ସପିଅର କାହାଣୀମାଳା | ଅଗ୍ରଦୂତ କଟକ-୨ | ୧୯୭୭ | ଭାରତୀୟ ଭାଷାର ପ୍ରଥମ ପ୍ରକାଶନ, (ଅନୁବାଦ) |
| ୭. | ରାଜା (ରବୀନ୍ଦ୍ରନାଥ ଠାକୁର) | ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀ | ୧୯୭୯ | ପଞ୍ଚକନ୍ୟା ପୁସ୍ତକର ଏକ କନ୍ୟା (ଅନୁବାଦ) |
| ୮. | ଗଙ୍ଗା ଓ ଗାଙ୍ଗୀ | ଓଡ଼ିଶା ବୁକ୍ ଷ୍ଟୋର ବିନୋଦ ବିହାରୀ, କଟକ-୨ | ୧୯୮୧ | ବାରଟି ଗଳ୍ପର ସଙ୍କଳନ |
| ୯. | ହାଇଦ୍ରାବାଦ ଅଙ୍କୁର, | ବିଦ୍ୟାପୁରୀ ବାଲୁବଜାର, କଟକ-୨ | ୧୯୮୨ | ଚଉଦଟି ଗଳ୍ପର ସଙ୍କଳନ |
| ୧୦. | ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ, | ଓଡ଼ିଶା ବୁକ୍ ଷ୍ଟୋର ବିନୋଦ ବିହାରୀ, କଟକ-୨ | ୧୯୮୨ | ବାରଟି ଗଳ୍ପର ସଙ୍କଳନ |
| ୧୧. | ଗୋଟାଏ ଆକୁ, | ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨ | ୧୯୮୨ | ବାରଟି ଗଳ୍ପର ସଙ୍କଳନ |



Digitized by PPRACHIN, SOA

| | | | |
|---|---|---|---|
| ୧୨. ନୀଡ଼ାଶ୍ରୟୀ | ପ୍ରେଣ୍ଡସ୍ ପବ୍ଲିଶର୍ସ<br>ବିନୋଦ ବିହାରୀ, କଟକ-୨ | ୧୯୮୩ | ବାରଟି ଗଳ୍ପର ସଙ୍କଳନ |
| ୧୩. ଆକାଶୀଫୁଲ | ଓଡ଼ିଶା ବୁକ୍ ଷ୍ଟୋର<br>ବିନୋଦ ବିହାରୀ, କଟକ-୨ | ୧୯୮୩ | ତେରଟି ଗଳ୍ପର ସଙ୍କଳନ |
| ୧୪. ଅଜାଗା ଘାଆ | ଜଗନ୍ନାଥ ରଥ<br>ବିନୋଦ ବିହାରୀ, କଟକ-୨ | ୧୯୮୩ | ବାରଟି ଗଳ୍ପର ସଙ୍କଳନ |
| ୧୫. Fakir Mohan : His life & Literature | ବିନୋଦ ବିହାରୀ, କଟକ-୨ | ୧୯୮୪ | ଫକୀରମୋହନଙ୍କ ସମ୍ପର୍କରେ ଗୋଟିଏ ନିବନ୍ଧ ଛଅଟି ଗଳ୍ପର ଇଂରାଜୀ ଅନୁବାଦ |
| ୧୬. ମେଜର | ପ୍ରେଣ୍ଡସ୍ ପବ୍ଲିଶର୍ସ,<br>ବିନୋଦ ବିହାରୀ, କଟକ-୨ | | ଏଗାରଟି ଗଳ୍ପର ସଂକଳନ |
| ୧୭. ପୁଅ ପାଇଁ ଝିଅ | ଜଗନ୍ନାଥ ରଥ ପ୍ରକାଶିତ ଓ<br>ବିଶ୍ୱବିହାରୀ, କଟକ-୨ | | ନଅଟି ଗଳ୍ପର ସମାହାର |
| ୧୮. ବାସନ୍ତୀ ରମ୍ୟ ରଚନାମାଳା (୧)<br>ଅକାଳେ ସକାଳେ | ପୁସ୍ତକ ଆକାରରେ ଅପ୍ରକାଶିତ | | ଲଳିତ ନିବନ୍ଧ ମୁକ୍ତ ଅନୁବାଦ |
| ୧୯. ବାସନ୍ତୀ ରମ୍ୟ ରଚନାମାଳା (୨)<br>ବୁଢ଼ାବାବୁ ଓ ଅନ୍ୟାନ୍ୟ | ପୁସ୍ତକ ଆକାରରେ ଅପ୍ରକାଶିତ | | Stateman ପତ୍ରିକାର ଅନାଧାରିତ |
| ୨୦. ବାସନ୍ତୀ ରମ୍ୟ ରଚନାମାଳା (୩)<br>ଆଜ୍ଞା ଟିକିଏ ଦୟାକରି ଓ ଅନ୍ୟାନ୍ୟ | ପୁସ୍ତକ ଆକାରରେ ଅପ୍ରକାଶିତ | | ଅନୁବାଦ ଆଧାରିତ |
| ୨୧. ବାସନ୍ତୀ ରମ୍ୟ ରଚନାମାଳା (୪)<br>ଓଲଟ କଇଁଛ ଓ ଅନ୍ୟାନ୍ୟ | ପୁସ୍ତକ ଆକାରରେ ଅପ୍ରକାଶିତ | | ରେଡ଼ିଓ ଟକ୍ |
| ୨୨. ଫକୀରମୋହନ, ଓ ଅନ୍ୟ ସାତଜଣ ରଥୀ | ପୁସ୍ତକ ଆକାରରେ ଅପ୍ରକାଶିତ | | ସମାଲୋଚନା ମୂଳକ ନିବନ୍ଧ |
| Sir Roger at Test Cricket | Sunday Hindustan Standard Feb7, | 1960 | Sir Rogers Dr coverly |



Digitized by PPRACHIN, SOA

| | | | |
|---|---|---|---|
| (illustrated) | | | Papers ଅନୁସରଣରେ |
| (a) Nil Shaila | | | |
| (b) One or two outstanding books | Sahitya Academi Regional office Calcutta | 1969-1970 | articles of literary interest |
| (c) Neither Bang nor whimper | | | |
| (d) Much Paper more poverty | | | |

❑



Digitized by PPRACHIN, SOA

### ମନୁ ଦାଶ

ଓଡ଼ିଆ ଓ ଇଂରାଜୀ କବି । ସାହିତ୍ୟର ଅନ୍ୟ ବିଭାଗରେ ମଧ୍ୟ ସୃଷ୍ଟିଶୀଳ । ସଂପ୍ରତି ଓରିଏଣ୍ଟ୍ ପେପର ମିଲ୍ସ (ମଧ୍ୟପ୍ରଦେଶ)ରେ ବରିଷ୍ଠ ପ୍ରବନ୍ଧକ (ପ୍ରଶାସନ) ଭାବେ ଅବସ୍ଥାପିତ ।

### ଡ. ଅଶୋକ କୁମାର ଚୌଧୁରୀ

ଓଡ଼ିଆ ଓ ଇଂରାଜୀରେ ଉଚ୍ଚକୋଟୀର ସମାଲୋଚନା ଓ ସନ୍ଦର୍ଭ ଭାରତର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି । ସଂପ୍ରତି କେନ୍ଦ୍ର ସାହିତ୍ୟ ଅକାଦମି, ନୂଆଦିଲ୍ଲୀରେ କାର୍ଯ୍ୟରତ ।

### ସୁମନ୍ୟୁ ଶତପଥି

ଉଚାଙ୍ଗ ସମାଲୋଚନା ଦେଶ ବିଦେଶର ବିଭିନ୍ନ ଜର୍ଣ୍ଣାଲ୍‌ରେ ପ୍ରକାଶିତ ଓ ପ୍ରଶଂସିତ । ଉତ୍ତର-ପୂର୍ବାଞ୍ଚଳର ସାହିତ୍ୟର ଅନୁଶୀଳନରେ ସିଦ୍ଧହସ୍ତ । ସଂପ୍ରତି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଇଂରାଜି ବିଭାଗରେ ଅଧ୍ୟାପନା ରତ ।

ISBN-13 978-81-89593-46-9

Digitized by PPRACHIN, SOA